# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୪/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, October 24/2019 | ★★★★★★

୪୫ଶ ଭାଗ ୩୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ପୁସ୍ତକ ରଚନା କରିବେ ସାରା**

ଅଭିନେତ୍ରୀ ସାରା ଅଲି ଖାଁଙ୍କୁ ଶୁଟିଂରୁ ମିଳିଛି ବ୍ରେକ୍ । ତେବେ ସେ ଏହି ଅବସରରେ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ସହ ପୁସ୍ତକ ରଚନା କରିବାକୁ ଯୋଜନା କରିଛନ୍ତି। ୧୬

୧୯ **ଗାଙ୍ଗୁଲି ନୂଆ ସଭାପତି**

ବିସିସିଆଇର ୩୯ତମ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କଲେ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି।



# ଧାନ ଏମ୍ଏସ୍‌ପି ବଢ଼ିଲାନି

## ଗହମ ୮୫, ଡାଲି ୩୨୫ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ,୨୩।୧୦

କେନ୍ଦ୍ର ସରକାର ୨୦୧୯-୨୦ ଅମଳ ବର୍ଷ ଲାଗି ଗହମ, ଡାଲି ଓ ଅନ୍ୟାନ୍ୟ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ବୃଦ୍ଧି କରିଥିଲାବେଳେ ଧାନ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। କୃଷକମାନଙ୍କ ଆୟ ବୃଦ୍ଧି ଲାଗି ସରକାର ରବି ଫସଲର ଏମ୍ଏସ୍‌ପି ବଢ଼ାଇଥିଲାବେଳେ ଧାନଚାଷୀ ନିରାଶ ହୋଇଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ) ବୈଠକ ବସି ଗହମ କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ ୮୫ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଗହମ ଏମ୍ଏସ୍‌ପି ୧୯୨୫ ଟଙ୍କା ହୋଇଛି। ସେହିପରି ଡାଲି ଏମ୍ଏସ୍‌ପି ୩୨୫ ଟଙ୍କା ବଢ଼ିଛି। ଏହିସବୁ ଫସଲର ସହାୟକ ମୂଲ୍ୟ ବୃଦ୍ଧି ଲାଗି ସରକାରଙ୍କ କୃଷି ଉତ୍ପାଦନ ମୂଲ୍ୟ ଉପଦେଷ୍ଟା କମିଟି (ସିଏସିପି) ସୁପାରିସ କରିଥିଲା।

ମୁଖ୍ୟ ରବି ଫସଲ ଗହମ ଏମ୍ଏସ୍‌ପି ଗତବର୍ଷ ୧୮୪୦ ଟଙ୍କା ଥିଲାବେଳେ ଏଥର ୧୯୨୫ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ବାର୍ଲି ଏମ୍ଏସ୍‌ପି ୮୫ ଟଙ୍କା ବୃଦ୍ଧି ପାଇ କୁଇଣ୍ଟାଲ ପ୍ରତି ଦାମ୍ ୧୫୨୫ ଟଙ୍କା ହୋଇଛି। ଡାଲି ଉତ୍ପାଦନ ବୃଦ୍ଧି ଲାଗି ଚାଷୀଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ମସୁର ଡାଲିର ଏମ୍ଏସ୍‌ପି ସର୍ବାଧିକ ୩୨୫ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ସରକାର ଚଳିତ ବର୍ଷ କୁଇଣ୍ଟାଲ ୪୮୦୦ ଟଙ୍କାରେ ମସୁର କିଣିବେ। ଗତବର୍ଷ ଏହା ୪୪୭୫ ଟଙ୍କା ଥିଲା। ସେହିପରି ମୁଗ ଡାଲି ଏମ୍ଏସ୍‌ପି ୨୫୫ ଟଙ୍କା ବୃଦ୍ଧି ପାଇ ୪୮୭୫ ଟଙ୍କା ହୋଇଛି। ତୈଳବୀଜ ମଧ୍ୟରେ ସୋରିଷର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୨୫ ଟଙ୍କା ବୃଦ୍ଧି ପାଇ ୪୪୨୫ ଟଙ୍କା ହୋଇଥିଲାବେଳେ ସୂର୍ଯ୍ୟମୁଖୀ ଏମ୍ଏସ୍‌ପି ୨୭୦ ଟଙ୍କା ବଢ଼ି ୫୨୧୫ଟଙ୍କା ହୋଇଛି। ଏମ୍ଏସ୍‌ପି ବୃଦ୍ଧି ଦ୍ୱାରା ଚାଷୀଙ୍କୁ ହାରାହାରି ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ମିଳିବ। ଏନେଇ ୨୦୧୮-୧୯ କେନ୍ଦ୍ର ବଜେଟରେ ଘୋଷଣା କରାଯାଇଥିଲା।

## ବିଏସ୍ଏନ୍ଏଲ୍-ଏମ୍‌ଟିଏନ୍ଏଲ୍ ଲାଗି ୬୮,୭୫୧ କୋଟିର ପୁନରୁଦ୍ଧାର ପ୍ୟାକେଜ୍

ନୂଆଦିଲ୍ଲୀ,୨୩।୧୦

ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍ଏନ୍ଏଲ୍) ଏବଂ ମହାନଗର ଟେଲିଫୋନ ନିଗମ ଲିମିଟେଡ(ଏମ୍‌ଟିଏନ୍ଏଲ୍)ର ପୁନରୁଦ୍ଧାର ଲାଗି ସରକାର ୬୮,୭୫୧ କୋଟି ଟଙ୍କାର ପ୍ୟାକେଜକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହା ମଧ୍ୟରେ ୨ କମ୍ପାନୀକୁ ୪ଜି ସ୍ପେକ୍ଟ୍ରମ ଆବଣ୍ଟନ, କର୍ମଚାରୀଙ୍କ ସ୍ୱେଚ୍ଛାକୃତ ଅବସର ଯୋଜନା, ଦୁଇ କମ୍ପାନୀର ମିଶ୍ରଣ ଭଳି ବିଭିନ୍ନ ପ୍ରକ୍ରିୟା ରହିଛି। ଦୁଇ କମ୍ପାନୀର ମିଶ୍ରଣକୁ ଅନୁମୋଦନ ପ୍ରଦାନ କରାଯାଇଛି। ଏମ୍‌ଟିଏନ୍ଏଲ୍ ବିଏସ୍ଏନ୍ଏଲ୍‌ର ଏକ ସହାୟକ କମ୍ପାନୀ ଭାବେ କାର୍ଯ୍ୟ କରିବ ବୋଲି କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ରବିଶଙ୍କର ପ୍ରସାଦ ସୂଚନା ଦେଇଛନ୍ତି।

(ସବିଶେଷ ରିପୋର୍ଟ: ପୃଷ୍ଠା-୧୭)

## ଡି.ଏସ୍. କୁଚେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ



ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ବରିଷ୍ଠ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ଧୀରେନ୍ଦ୍ର ସାମ୍ଭାଜି କୁଟେଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବଭାବେ ନିଯୁକ୍ତି ଦିଆଯାଇଛି। କୁଟେଙ୍କ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ବୁଧବାର ଗଣମାଧ୍ୟମକୁ ଅବଗତ କରାଯାଇଛି। ୧୯୯୭ ବ୍ୟାଚ୍‌ର ଏହି ଆଇପିଏସ୍ ଅଧିକାରୀ ୨୦୧୭ ଏପ୍ରିଲରୁ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି (ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି) ଭାବେ କାର୍ଯ୍ୟ କରିଆସୁଥିଲେ। ରାଜ୍ୟ ଶୀର୍ଷ ପ୍ରଶାସନରେ କୁଟେ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛନ୍ତି।

## ଟ୍ରକ୍ କଣ୍ଟେନରରେ ୩୯ ମୃତଦେହ



ମୃତଦେହ ଥିବା ଟ୍ରକ୍ କଣ୍ଟେନର।

- ମୃତଦେହ ଜବତ, ହତ୍ୟା ସନ୍ଦେହରେ ଡ୍ରାଇଭର ଗିରଫ
- ବୁଲଗେରିଆରୁ ୱେଲ୍ସ ଦେଇ ବ୍ରିଟେନକୁ ଆସିଛି ଟ୍ରକ୍

ଲଣ୍ଡନ,୨୩।୧୦(ପି.ଟି.)

ବ୍ରିଟେନ ରାଜଧାନୀ ଲଣ୍ଡନର ଶିଳ୍ପାଞ୍ଚଳରେ ବୁଧବାର ସମସ୍ତଙ୍କୁ ଚମକାଇ ଦେବା ଭଳି ଏକ ଘଟଣା ଦେଖିବାକୁ ମିଳିଛି। ବୁଲଗେରିଆରୁ ଆସିଥିବା ଏକ ଟ୍ରକ୍ କଣ୍ଟେନରରୁ ପୋଲିସ ୩୯ ଜଣଙ୍କ ମୃତଦେହ ଜବତ କରିଛି। ଏହାସହ ଉକ୍ତ ଟ୍ରକ୍‌ର ଚାଳକଙ୍କୁ ହତ୍ୟା ସନ୍ଦେହରେ ଗିରଫ କରି ଜେରା କରୁଛି। ଏହି ଘଟଣାକୁ ନେଇ କେବଳ ବ୍ରିଟେନ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

**ବିଚିତ୍ର ଆଖି**

## ଆଜିର ମନ୍ତବ୍ୟ

"ଆତଙ୍କବାଦୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭାବେ ଚିତ୍ରଣ କରାଯିବା ଯୋଗୁ ଆତଙ୍କବାଦ ନିରୋଧୀ ଲଢ଼େଇ ଜଟିଳ ହେଉଛି।"

**-ମେଜର ଜେନେରାଲ ୱାଙ୍ଗ୍ ଜିଙ୍ଗୱୁ, ଚାଇନା ପ୍ରତିରକ୍ଷା ବିଶେଷଜ୍ଞ**


Vencobb Fresh Chicken — Taste the difference!

23.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 63 | 110 | 120 |
| DKL | 63 | 110 | 120 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 66 | 114 | 124 |
| BHM | 59 | 105 | 115 |

*Conditions Apply

Issued in the Interest of Consumers


## ■ ବିଜେପୁର ଉପନିର୍ବାଚନ

# ଆଜି ଭୋଟ ଗଣତି

- ସକାଳ ୮ଟାରୁ ଗଣତି ଆରମ୍ଭ
- ୧୪ଟି ଟେବୁଲରେ ହେବ ଗଣତି
- ୨୨ ରାଉଣ୍ଡରେ ଗଣନା ସରିବ

ବରଗଡ଼ ଅଫିସ,୨୩।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ଗୁରୁବାର ଭୋଟ ଗଣତି ହେବ। ପଦ୍ମପୁର ଆରଏମ୍‌ସି ଗୋଦାମ ପରିସରରେ ଥିବା ଏକ ହଲ୍‌ରେ ସକାଳ ୮ଟାରୁ ଗଣତି ଆରମ୍ଭ ହେବ । ମୋଟ୍ ୧୪ଟି ଟେବୁଲରେ ଭୋଟ ଗଣତି କରାଯିବ ଏବଂ ୨୨ ରାଉଣ୍ଡରେ ତାହା ଶେଷ ହେବ। ଗଣତି ପରେ ଫଳାଫଳ ଘୋଷଣା କରାଯିବ। ମତଦାନ ଭଳି ଭୋଟ ଗଣନା ପାଇଁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଭୋଟ ଗ୍ରହଣ କେନ୍ଦ୍ରରୁ ଇଭିଏମ୍, ଭିଭିପିଏଟି ପହଞ୍ଚିବା ପରେ ସେଗୁଡିକ ପୋଲିସ ସୁରକ୍ଷା ବଳୟରେ ରହିଛି। ଭୋଟ ଗଣନା ପାଇଁ ପର୍ଯ୍ୟାପ୍ତ ପୋଲିସ ବ୍ୟବସ୍ଥା କରାଯାଇଛି। ଏହି ଉପନିର୍ବାଚନରେ ୫ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ସେମାନଙ୍କ ମଧ୍ୟରେ ବିଜେଡିର ରୀତା ସାହୁ, କଂଗ୍ରେସର ଦିଲୀପ କୁମାର ପଣ୍ଡା, ଭାଜପାର ସନତ କୁମାର ଗଡ଼ତିଆ, ହିନ୍ଦୁ ମହାସଭାର ଅଶୋକ କୁମାର ମିଓଲ ଏବଂ ସ୍ୱାଧୀନ ପ୍ରାର୍ଥୀ ବୃନ୍ଦାବନ ପୁରୋହିତ ରହିଛନ୍ତି । ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ୨ଲକ୍ଷ ୩୨ହଜାର ୨୬୪ ଭୋଟର ଅଛନ୍ତି । ଗତ ୨୧ତାରିଖରେ ଅନୁଷ୍ଠିତ ମତଦାନରେ ମୋଟ ୧ଲକ୍ଷ ୮୩ହଜାର ୭୨୯ଜଣ ଅର୍ଥାତ୍ ୭୯.୧୭ ପ୍ରତିଶତ ଭୋଟର ମତାଧିକାର ସାବ୍ୟସ୍ତ କରିଥିଲେ ।

# ହଂକଂ ପ୍ରତ୍ୟର୍ପଣ ବିଲ୍ ପ୍ରତ୍ୟାହୃତ




- ତଥାପି ଥମୁନି ବିକ୍ଷୋଭ
- 'ଗୋଟିଏ ନୁହେଁ, ସମସ୍ତ ୫ ଦାବି ପୂରଣ କର'

ହଂକଂ,୨୩।୧୦(ଏଏଫ୍‌ପି)

ହଂକଂରେ ୫ ମାସ ଧରି ବିକ୍ଷୋଭର କାରଣ ସାଜିଥିବା ବିବାଦୀୟ ପ୍ରତ୍ୟର୍ପଣ ବିଲ୍‌କୁ ବୁଧବାର ପ୍ରତ୍ୟାହାର କରାଯାଇଛି। ଲେଜିସ୍‌ଲେଟିଭ୍ କାଉନ୍‌ସିଲରେ ଏହି ନିଷ୍ପତ୍ତି ନିଆଯାଇଥିଲେ ହେଁ ବିକ୍ଷୋଭକାରୀଙ୍କ ଆନ୍ଦୋଳନ ଥମିବାର ନାଁ ନେଉନାହିଁ। କାରଣ ପ୍ରତ୍ୟର୍ପଣ ବିଲକୁ ପ୍ରତ୍ୟାହାର କରିବା ହେଉଛି ଗଣତନ୍ତ୍ର ସପକ୍ଷବାଦୀଙ୍କ ୫ ଦାବି ମଧ୍ୟରୁ ମାତ୍ର ଗୋଟିଏ। ସରକାରଙ୍କ ନିଷ୍ପତ୍ତି ପରେ ଚାଇନା ଶାସିତ ଏହି ସହରରେ ବିକ୍ଷୋଭକାରୀମାନେ ରାସ୍ତାକୁ ପୁଣି ଓହ୍ଲାଇଛନ୍ତି। ☞ପୃଷ୍ଠା-୪

## କେରି ଲାମ୍‌ଙ୍କୁ ବିଦା କରିବ ଚାଇନା

ବେଜିଂ,୨୩।୧୦(ଏଏଫ୍‌ପି)



ଗଣତନ୍ତ୍ର ସପକ୍ଷବାଦୀଙ୍କ ପକ୍ଷରୁ ୫ ମାସ ଧରି ଚାଲିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ହଂକଂ ଚିଫ୍ ଏକ୍‌ଜିକ୍ୟୁଟିଭ୍ କେରି ଲାମ୍‌ଙ୍କୁ ବିଦା କରିବା ପାଇଁ ଚାଇନା ଯୋଜନା କରୁଛି। ବର୍ତ୍ତମାନ ଯାଏ ଚାଇନା କେନ୍ଦ୍ର ସରକାର ବିକ୍ଷୋଭକାରୀଙ୍କୁ ଦଙ୍ଗାକାରୀ ଭାବେ ଅଭିହିତ କରି କେରିଙ୍କୁ ଓ ହଂକଂ ପୋଲିସକୁ ସମର୍ଥନ କରିଆସିଛି। ତେବେ ବେଜିଂ ସପକ୍ଷବାଦୀ ଏହି ନେତ୍ରୀ ହଂକଂରେ ପ୍ରବଳ ବିରୋଧର ସମ୍ମୁଖୀନ ହେଉଛନ୍ତି। ସେ ଏହି ବିବାଦର ରାଜନୈତିକ ସମାଧାନ ବାହାର କରିବାରେ ବିଫଳ ହୋଇଛନ୍ତି। ତେଣୁ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଅନ୍ତରୀଣ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ନିଯୁକ୍ତ କରିବା ପାଇଁ ବେଜିଂ ଚିନ୍ତା କରୁଥିବା ଜଣାପଡ଼ିଛି।

# ଆହୁରି ୨ଦିନ ବର୍ଷା

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

**ଲଘୁଚାପ**
- ପୁରୀରେ ସର୍ବାଧିକ ୯୫.୨ମିମି ବର୍ଷା
- ୫ଜିଲାକୁ ଅରେଞ୍ଜ, ୯ଜିଲାକୁ ୟେଲୋ ୱାର୍ନିଂ

ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ବୁଧବାର ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ତେବେ ଦୀପାବଳିକୁ ବର୍ଷା ଫିକା କରିବ ନାହିଁ। କାରଣ ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଥିବାବେଳେ ୨୭ରେ ପାଗ ଶୁଖିଲା ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ଲଘୁଚାପ ପ୍ରଭାବରେ ବୁଧବାର ସକାଳୁ ସାରା ରାଜ୍ୟରେ ଝିପି ଝିପି ବର୍ଷା ଆରମ୍ଭ ହୋଇଯାଇଥିଲା। କେତେକ ସ୍ଥାନରେ ଅପରାହ୍ନ ସମୟରେ ପ୍ରବଳ ବର୍ଷା ହୋଇଥିବାବେଳେ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଗଞ୍ଜାମ, ପୁରୀ, ଗଜପତି, ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ପୁରୀ ଜିଲାରେ ସର୍ବାଧିକ ୯୫.୨ମିଲିମିଟର ବର୍ଷା ହୋଇଛି। ଗୋପାଳପୁରରେ ୪୯,ବାଲେଶ୍ୱର ୩୪.୮, ଭୁବନେଶ୍ୱର ୩୦.୫, ପାରାଦୀପ ୨୬.୧, ☞ପୃଷ୍ଠା-୪

## ■ ଜିଲାପାଳଙ୍କ ଗୁଣିଗାରେଡ଼ି ଚାଲେଞ୍ଜ

# ଭୂତର ପ୍ରମାଣ ଦେଲେ ୫୦ ହଜାର

- ସଚେତନତା ସୃଷ୍ଟି ପାଇଁ ଅଭିନବ ଉପାୟ
- ଅନ୍ଧବିଶ୍ୱାସ ନ କରିବାକୁ ଜିଲାପାଳଙ୍କ ଅନୁରୋଧ



ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ

ଛତ୍ରପୁର,୨୩।୧୦(ଡି.ଏନ.ଏ.)

କୌଣସି ବ୍ୟକ୍ତି ଭୂତ ଥିବା ନେଇ ପ୍ରମାଣ ଦେଲେ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ। ଏଭଳି ଘୋଷଣା କରିଛନ୍ତି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ। ଗୁଣିଗାରେଡି ବିରୋଧରେ ସଚେତନତା ସୃଷ୍ଟି ପାଇଁ ଜିଲାପାଳ ଏଭଳି ଚାଲେଞ୍ଜ ଦେଇଛନ୍ତି। ପୁରସ୍କାର ବାବଦ ଅର୍ଥ ନିଜ ପକେଟରୁ ଦେବେ ବୋଲି ଜିଲାପାଳ କହିଛନ୍ତି।

ଗଞ୍ଜାମ ଜିଲାରେ ଭୂତ, ପ୍ରେତ, ଗୁଣିଗାରେଡ଼ିକୁ ନେଇ ଜନସାଧାରଣଙ୍କ ମନରେ ଅହେତୁକ ଆବେଗ ରହୁଛି। ଫଳରେ ରୋଗ ବ୍ୟାଧି ପାଇଁ ଲୋକେ ଡାକ୍ତରଖାନା ନ ଯାଇ ଗୁଣିଗାରେଡି ପ୍ରତି ଆଗ୍ରହ ଦେଖାଉଛନ୍ତି। କାହାର କୌଣସି ପାରିବାରିକ ଅସୁବିଧା ହେଲେ ପାଖପଡିଶା ଗୁଣି କରୁଛନ୍ତି ବୋଲି ଭ୍ରାନ୍ତଧାରଣାକୁ ନେଇ ଜିଲାରେ ଗଣ୍ଡଗୋଳର ସୂତ୍ରପାତ ହେଉଛି। ଏପରିକି ବେଳେବେଳେ ହତ୍ୟାକାଣ୍ଡ ମଧ୍ୟ ଘଟୁଛି। ଏହା ଜିଲା ପ୍ରଶାସନ ଓ ପୋଲିସର ମୁଣ୍ଡବ୍ୟଥା ବଢାଇ ଦେଇଛି। ଲୋକମାନେ ନିଜର ସମ୍ପତ୍ତି ବୃଦ୍ଧି ଓ ପାରିବାରିକ ଅଶାନ୍ତି ଦୂର କରିବା, ପରିବାର ଲୋକଙ୍କ ରୋଗ ଭଲ କରିବା ଆଦି କାର୍ଯ୍ୟ ପାଇଁ ଗୁଣିଆଙ୍କ ଦ୍ୱାରସ୍ଥ ହେଉଛନ୍ତି। ଏପରିକି ଗୁଣିଆଙ୍କ ପ୍ରରୋଚନାରେ କେତେଜଣ ନିଜର ଜ୍ଞାତିକୁଟୁମ୍ବଙ୍କୁ ମଧ୍ୟ ବଳି ଦେଉଛନ୍ତି। ଅପରପକ୍ଷରେ ଗୁଣିଆ ମଧ୍ୟ ବିଭିନ୍ନ ମନଗଢା କଥା କହି ଲୋକଙ୍କୁ ବିଭ୍ରାନ୍ତ କରିବା ସହ ଆର୍ଥିକ ଶୋଷଣ କରୁଛନ୍ତି। ଗୁଣିଗାରେଡ଼ିକୁ ଗୁରୁତ୍ୱ ନ ଦେବା ଓ ଏ ବାବଦରେ ଅନ୍ୟକୁ ଦୋଷାରୋପ ନ କରିବା ପାଇଁ ବୁଧବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ କୁଲାଙ୍ଗେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଗୁଣିଗାରେଡି, ଭୂତପ୍ରେତ ବାବଦରେ ଜିଲାରେ କୌଣସି ବ୍ୟକ୍ତି ବଳିଷ୍ଠ ପ୍ରମାଣ ଦେଲେ ତାଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି କହିଛନ୍ତି। ଅପରପକ୍ଷରେ ଏପରି ଗୁଣିଗାରେଡି ସମ୍ପର୍କରେ ପ୍ରଶାସନ, ତହସିଲଦାର, ବିଡିଓ, ଜିଲା ଅଭିଯୋଗ ଶୁଣାଣି ନମ୍ବରକୁ ଫୋନ୍ କରି ଜନସାଧାରଣଙ୍କୁ ଜଣାଇବାକୁ କୁହାଯାଇଛି । ବୁଗୁଡା ବ୍ଲକର ଏକ ସ୍କୁଲ ପିଲାମାନେ ଏ ସବୁକୁ ବିଶ୍ୱାସ କରୁଥିବାରୁ ସେଠାକୁ ଟିମ୍ ପଠାଯାଇ ସେମାନଙ୍କର କାଉନସେଲିଂ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି । ଗୁଣିଗାରେଡି ଉପରେ ଲୋକଙ୍କ ବିଶ୍ୱାସ ଯୋଗୁ ପରିବାର ଓ ଲୋକଙ୍କୁ ବାସନ୍ଦ କରାଯାଉଥିବା ଘଟଣା ବିଭିନ୍ନ ସମୟରେ ପଦାକୁ ଆସୁଥିବା ସେ କହିଛନ୍ତି। ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନତାର ଆବଶ୍ୟକତା ରହିଛି। ସ୍କୁଲ ଛାତ୍ରୀଛାତ୍ର, ଅଙ୍ଗନୱାଡ଼ିକର୍ମୀ, କଲେଜ ଛାତ୍ରୀଛାତ୍ର, ସାମାଜିକ କର୍ମୀଙ୍କୁ ସାମିଲ କରାଯାଇ ଏମାନଙ୍କ ଦ୍ୱାରା ଲୋକଙ୍କୁ ସଚେତନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି ।





| MARAZZO | XUV500 | TUV300 | SCORPIO | KUV100 | ALTURAS | XUV300 | THAR | BOLERO |
|---|---|---|---|---|---|---|---|---|
| BENEFITS UPTO ₹47,000* | BENEFITS UPTO ₹64,000* | BENEFITS UPTO ₹69,500* | BENEFITS UPTO ₹55,000* | BENEFITS UPTO ₹73,000* | BENEFITS UPTO ₹2,00,000* | BENEFITS UPTO ₹55,000* | BENEFITS UPTO ₹6,000* | BENEFITS UPTO ₹64,000* |

ଅଫର 31 ଅକ୍ଟୋବର 2019 ପର୍ଯ୍ୟନ୍ତ ସୀମିତ ।

ମହିନ୍ଦ୍ରା ପ୍ଲାଟିନମ୍ ଉତ୍ସବ ପାଳନରେ ଅଂଶ ଗ୍ରହଣ କରନ୍ତୁ ଏବଂ ଏକ ଭବ୍ୟ ପୁରସ୍କାର ଭାବରେ ସଦ୍ୟ ନୂତନ ମହିନ୍ଦ୍ରା XUV300 ଜିତିବାର ସୁଯୋଗ ପାଆନ୍ତୁ ।

ଅଧିକ ଜାଣିବା ପାଇଁ ଆଜିହିଁ www.mahindraauto.com/contest କୁ ଲଗ୍ ଅନ୍ କରନ୍ତୁ ।

with you hamesha 1800-209-6006 | XMart EXCHANGE OR BUY WITH TRUST. | Mahindra Subscription Operated by revv www.mahindrasyouv.com/mahindra-subscription

For Corporate/ Fleet/ CSD & CPC enquiries, write to us at sales.corporate@mahindra.com 'Credit at sole discretion of Bank. *Subject to credit approval from the Bank / Finance Company. All other terms & conditions will apply. Offer valid on select models till stocks last. This offer cannot be clubbed with any other offer. Offer mentioned is the maximum benefit available inclusive of insurance, exchange, loyalty, corporate as applicable. Offer will vary depending on the brand and model purchased and may vary from city to city. Contact your nearest Mahindra dealer for exact details. Terms of the offer may be altered/ amended/ withdrawn without prior notice. Accessories shown are not part of standard equipment. For more information please visit: www.mahindraauto/nearestdealership. T&C Apply. For Corporate/Fleet/CSD & CPC enquiries writes to us at sales.corporate@mahindra.com

UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, JAJPUR, KENDRAPARA, PURI, NAYAGARH, KHURDA: 7574808551 | ADITYA MOTORS: CUTTACK, JAGATSINGHPUR, KENDRAPARA, PURI, NAYAGARH, KHURDA: 7873999010, JAJPUR, PANIKOILI: 7873999027

# TCL Festive SALE

Till 31[ST] Oct.

**3 Years Warranty**

## Bring Home Next Generation Smart



| Google Certified 32 S6500 Android TV | 65 P8 4K AI TV | Google Certified 43 S6500 Android TV |
| --- | --- | --- |
| OFFER ₹11,990* | OFFER ₹49,990* | OFFER ₹21,990* |

## C2



4K UHD, Google Certified Andriod TV

Wide Color GAMUT | harman/kardon | androidtv | HDR PRO | YouTube | NETFLIX

Available in 189cm(75)

**BEST BUY: ₹ 149,990/-***

## C6



4K UHD, Google Certified Andriod TV

Wide Color GAMUT | ONKYO | androidtv | HDR PRO | YouTube | NETFLIX | MICRO DIMMING

Available in 165.10cm(65)

**BEST BUY: ₹ 82,990/-***

## P8E Elite



4K UHD, Google Certified Andriod TV

AI-IN TCL AI-IN | androidtv P Android P 9.0 | Google Assistant | 4K ULTRA HD 4K UHD | HDR HDR 10 | METALLIC FRAME Metallic Frame

Available in 165.10cm(65), 138.6cm(55) 125.73cm(50)

**RANGE STARTS FROM: ₹ 29,990/-***

## P8



4K UHD, Google Certified Andriod TV

AI-IN TCL AI-IN | androidtv P Android P 9.0 | Google Assistant | 4K ULTRA HD 4K UHD | HDR HDR 10 | Dolby Audio

Available in165.10cm(65), 138.6cm(55) 125.73cm(50),107.95(43)

**RANGE STARTS FROM: ₹ 23,990/-***

## S6500 Series



2K,Google Certified Andriod TV

androidtv | HDR | YouTube | NETFLIX | AI-IN

Available in 123cm(49), 107cm(43), 100cm(40), 79cm(32)

**RANGE STARTS FROM: ₹ 11,990/-***

## G300 Series



FullHD**

True Color | HDMI | USB | Super Narrow | STEREO Stereo Box Speaker

Available in 100cm(40), 79cm(32)

**RANGE STARTS FROM: ₹ 9,990/-***

**Conditions apply. All models are subject to stock availability. All prices are subjected to change without any prior notice.

www.tcl.com | https://www.facebook.com/TheCreativeLifeIndia | Toll free : 1800 419 0622 | 07289874664

Available At Reliance digital | Great Eastern The Trusted One

**DISTRIBUTOR - S.A. INFOSYS PVT. LTD. - 7894403848**

Finance Partner BAJAJ FINSERV | HDB FINANCIAL SERVICES

**BANKI:** PRILIN ENTERPRISES 9437508064, **BHAPUR:** DEVEE ENTERPRISERS 8847855299, **BHUBANESWAR:** JK AGENCY 9437160950, KALINGA SALES 9437005448, MAHARATHI ELECTRONICS 9937071379, SPECTRA VISION 9937071777, **CUTTACK:** BINAYAK SALES & SERVICE 9938204211, L. P. ELECTRONICS 9437027291, M/S MAHAVIR ELECTRONICS 9776809909, MAHALAXMI ELECTRONICS 9938398413, PANDA ENTERPRISES 9938277678, PUSPANJALI ELECTRONICS 9937140972, S.P. AGENCY 9937097078, S.T. ENTERPRISES 9437183163, SALILA SALES ENTERPRISE 9337221313, SHIVAM ELECTRONICS 9437097201, **KHORDHA:** HOME CARE 9938947576, MAA DAKHINESWARI ENTERPRISERS 9938967293, MAHALAXMI ENTERPRISES 9437354210, SONGYUKTA ELECTRONICS 9338388880, **JAGATSINGHPUR:** ASUDEV FURNITURE 8908001233, FRIZEE POINT AND SERVICE 9777830122, M/S SONU ELECTRONICS 9937777761, **JAJPUR:** DEVI ELECTRONICS 9777233122, LAXMI ELECTRONICS 9937272738, LAXMI TRADERS 9777271795, MAA SHAKTI ENTERPRISES 9437128049, MAHAVIR ELECTRONICS 9437168566, MARUTI TRADERS 8908220750, SUBHAM ELECTRONICS 9668539196, **KENDRAPARA:** ABHIRAM ENTERPRISERS 9937491967, JAGANNATH ELECTRONICS 9937078727, **MIMAPARA:** PRABHU ELECTRONICS 9438542462, **NAYAGARH:** BULU ELECTRINICS 9556209149, **PURI:** ARMAN ELECTRONICS 9937749456, GANGESWARI HOME APPLIANCES 9437066351, GHARA SANSAR 9338545653, GITANJALI METALS 8917412631, MAA DAKHINAKALI ELECTRICAL & ELECTRONICS 7749924377, OM SAI ENTERPRISES 9090924277, OMM SALES AGENCY 9439752633, PRIYANKA SALES 9348206981

**For Corporate, Brand Shop, Dealer Inquiry Call Branch Manager - Abhishek Kumar - 8697900100**

**Trade Inquiry - 7894403848, 7894404120**



ଜୟପୁରରେ ପୋଲିସ ୭ ବିଏସ୍‌ପି କର୍ମୀଙ୍କୁ ଗିରଫ କରିଛି। ଦଳର ଦୁଇ ନେତାଙ୍କ ମୁହଁରେ କଳାକାଳି ବୋଳିବା ସହ ଗଧ ପିଠିରେ ବସାଇ ଏମାନେ ବୁଲାଇଥିଲେ ବୋଲି କୁହାଯାଇଛି। ଭିଡିଓ ଫୁଟେଜ୍‌କୁ ଆଧାର କରି ପୋଲିସ ଏମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ବିଏସ୍‌ପି ନେତା ସମ୍ରାଧ୍ ସିଂଙ୍କ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।




# କଟକରେ ଜମି ଜାଲିଆତି

- କ୍ରାଇମବ୍ରାଞ୍ଚରେ ମାମଲା
- ପୂର୍ବତନ ତହସିଲଦାରଙ୍କ ସମେତ ୯ ପକ୍ଷଭୁକ୍ତ

**କଟକ ଅଫିସ, ୨୩।୧୦:** କଟକ ସହରରେ ପୁଣି ଜମି ଜାଲିଆତି ସାମ୍ନାକୁ ଆସିଛି। ୨ ଏକରରୁ ଉର୍ଦ୍ଧ୍ୱ ସିଲିଂ ବହିର୍ଭୂତ ଜମିକୁ ବେଆଇନ ଉପାୟରେ ଜଣେ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଯାଇଛି। ଏହାକୁ ନେଇ କ୍ରାଇମବ୍ରାଞ୍ଚରେ କଟକ ସଦର ତହସିଲର ଜଣେ ପୂର୍ବତନ ତହସିଲଦାରଙ୍କ ସମେତ ମୋଟ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହା ପରେ ସମ୍ପୃକ୍ତ ପକ୍ଷଭୁକ୍ତଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ ପ୍ରସ୍ତୁତ କରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଜମି ଜାଲିଆତି ସଦର ତହସିଲ ଅଧୀନ ତୁଳସୀପୁର ମୌଜାରେ ଘଟିଛି। ଉକ୍ତ ମୌଜାରେ ଥିବା ୨ ଏକର ୨୨୧ ଡେସିମିଲ ଜମିକୁ ସିଲିଂ ବହିର୍ଭୂତ ଜମି ଭାବେ ଘୋଷଣା କରାଯାଇଥିଲା। ମାତ୍ର ବନ୍ଦୋବସ୍ତ ସମୟରେ ଏହି ଜମି ସରକାରୀ ଖାତାଭୁକ୍ତ ହୋଇପାରି ନ ଥିଲା। ଫଳରେ ଉକ୍ତ ଜମିର ମାଲିକାନା ଜଣେ ଘରୋଇ ବ୍ୟକ୍ତିଙ୍କ ନାମରେ ରହିଥିଲା। ଯଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ଏଥିରୁ ଫାଇଦା ହାତେଇବା ପାଇଁ ଜମିର ମାଲିକାନା ସ୍ୱତ୍ୱ (ଆର୍‌ଓଆର୍) ଦାବି କରିଥିଲେ। ଏ ନେଇ ସଦର ତହସିଲରେ ଏକ ମ୍ୟୁଟେଶନ କେସ୍ ମଧ୍ୟ ରୁଜୁ ହୋଇଥିଲା। ତେବେ ଏହାର ଫଇସଲା କରି ସଦର ତହସିଲର ଜଣେ ପୂର୍ବତନ ତହସିଲଦାର ଉକ୍ତ ଜମିକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରିଦେଇଥିଲେ। ନିଜ ନାମରେ ଜମି ହେବା ପରେ ସମ୍ପୃକ୍ତ ବ୍ୟକ୍ତି ଏହାକୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ପରବର୍ତ୍ତୀ ସମୟରେ ବିକ୍ରି କରିଥିଲେ। ଏହାପରେ ଏ ନେଇ ଖୋଳତାଡ଼ ହୋଇଥିଲା। ମାମଲାର ତଦନ୍ତ ନିମନ୍ତେ ସରକାର କ୍ରାଇମବ୍ରାଞ୍ଚକୁ ସୁପାରିସ କରିଥିଲେ। କ୍ରାଇମବ୍ରାଞ୍ଚ ଏକ ମାମଲା ରୁଜୁ କରିଥିଲା। ମାମଲାରେ ତହସିଲଦାରଙ୍କ ସମେତ ତତ୍କାଳୀନ ସେଟଲମେଣ୍ଟ ଅଫିସର, ସହକାରୀ ସେଟଲ୍‌ମେଣ୍ଟ ଅଫିସର, ସଦର ତହସିଲର ତତ୍କାଳୀନ ଅତିରିକ୍ତ ତହସିଲଦାର, ଆର୍‌ଆଇ ଏବଂ ଜିଲା ସବ୍‌ରେଜିଷ୍ଟ୍ରାରଙ୍କୁ ମିଶାଇ ମୋଟ ୯ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଥାଉ କି, କେବଳ ଏହି ଗୋଟିଏ ନୁହେଁ ଏଥିପୂର୍ବରୁ କଟକ ସହରରେ ସରକାରୀ ଜମିକୁ ନେଇ ଅନେକ କେଳେଙ୍କାରୀ ଘଟିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବର୍ତ୍ତମାନ ମଧ୍ୟ କଟକ ସହରର ଆଉ ଏକ ସ୍ଥାନରେ ଏକ ଶିଲିଂ ସରପ୍ଲସ୍ ଜମିକୁ ନିଜ ନାମରେ କରିନେବାକୁ ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଉଦ୍ୟମ ଚଳାଇଛନ୍ତି। ସେହିପରି ଏକ ଖାସମାହାଲ କିସମର ଜମିକୁ ହାତେଇବା ପାଇଁ ଜିଲାର ଅନ୍ୟ ଜଣେ ବରିଷ୍ଠ ଅଧିକାରୀ ଉଦ୍ୟମ ଅବ୍ୟାହତ ରଖିଛନ୍ତି।

# ଓଡ଼ିଶା ଭୂତଳ ଜଳ ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

ଓଡ଼ିଶା ଭୂତଳ ଜଳ(ନିୟନ୍ତ୍ରଣ, ବିକାଶ ଓ ପରିଚାଳନା)ବିଲ୍-୨୦୧୧କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ମିଳିଛି। ଚଳିତ ମାସ ୫ତାରିଖରେ ଏହାକୁ ଅନୁମୋଦନ କରାଯାଇଥିଲା। ରାଜ୍ୟପାଳଙ୍କ ସଚିବାଳୟ ପକ୍ଷରୁ ବୁଧବାର ଗଣମାଧ୍ୟମକୁ ଏ ନେଇ ଅବଗତ କରାଯାଇଛି। ୨୦୧୨ ଡିସେମ୍ବର ୫ରେ ଏହି ବିଲ୍‌ଟି ଓଡ଼ିଶା ବିଧାନସଭାରେ ଗୃହୀତ ହୋଇଥିଲା। ଏଥିସହିତ ପରବର୍ତ୍ତୀ ସମୟରେ ପୁନର୍ବିଚାର କରାଯିବା ସହ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୦୧ରେ ଚଳିତ ବର୍ଷ ସେପ୍ଟେମ୍ବର ୧୮ରେ ଆବ୍ୟଶକ ସଂଶୋଧନ କରାଯାଇଥିଲା।

■ ରାତିରେ ରାଜଧାନୀ ରାଜପଥରେ ରୋଡ୍ ରୋମିଓଙ୍କ ଉତ୍ପାତ

# ଅଭିନେତ୍ରୀଙ୍କୁ ପିଛାକରି ଆତଙ୍କ ଖେଳାଇଲେ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

- ୧୦୦କୁ କଲ୍ କରିଥିଲେ ମଧ୍ୟ ଠିକ୍ ସମୟରେ ପହଞ୍ଚିଲାନି ପିସିଆର୍
- ଥାନାରେ ଅଭିଯୋଗ ପରେ ପରାମର୍ଶ ଦେଲା ପୋଲିସ

ଅସୁରକ୍ଷିତ ହେଉଛି ରାଜଧାନୀର ରାତି। ରାଜପଥଠାରୁ ଆରମ୍ଭ କରି ସହରର ମୁଖ୍ୟ ରାସ୍ତା ଓ ଗଳିକନ୍ଦିରେ ଉତ୍ପାତ କରୁଛନ୍ତି ଅପରାଧୀ। ମଙ୍ଗଳବାର ବିଳମ୍ବିତ ରାତିରେ ସହରଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ରୋଡ୍ ରୋମିଓ ଆତଙ୍କ ଖେଳାଇଛନ୍ତି। ଶୁଟିଂ ସାରି କାର୍‌ରେ ଫେରୁଥିବା ଜଣେ ଅଭିନେତ୍ରୀ ଓ ସହଯୋଗୀଙ୍କ ପିଛା କରି ୩ କିମି ଧରି ନାନା ହଇରାଣ କରିଛନ୍ତି। ଅଶ୍ଳୀଳ ଇଙ୍ଗିତ, ଗାଳିଗୁଲଜ କରିବା ସହ ମଦ ବୋତଲରେ ନିଆଁ ଲଗାଇ ଧମକ ଦେଇଥିବା ଦୃଶ୍ୟ ଏବେ ଭାଇରାଲ ହୋଇଛି। ତେବେ ଅଭିଯୋଗ ସତ୍ତ୍ୱେ ନୟାପଲ୍ଲୀ ଥାନା ପୋଲିସ କେବଳ ପରାମର୍ଶ ଦେଇ ବିଦା କରିଦେଇଥିବାରୁ ଅଭିନେତ୍ରୀ ଜଣକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁସାରେ, ଅଭିନେତ୍ରୀ ଓ ତାଙ୍କ ଟିମ୍‌ର ସଦସ୍ୟମାନେ ଶୁଟିଂ ସାରି ରାତିରେ ଫେରୁଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ବରମୁଣ୍ଡାରୁ ଓଭର ବ୍ରିଜ୍ ତଳ ବାମପାର୍ଶ୍ୱ ସର୍ଭିସ ରୋଡ୍ ଦେଇ ନୟାପଲ୍ଲୀ ଅଭିମୁଖେ ଯାଉଥିଲେ। ତଳ ରସ୍ତାରେ ପ୍ରବେଶ କରିବାର କିଛି ବାଟ ଯିବା ପରେ ହଠାତ୍ ଏକ ବାଇକ୍‌ରେ ୨ଜଣ ଯୁବକ ତାଙ୍କ କାର୍‌କୁ ପିଛା କରି ଗାଳିଗୁଲଜ କରୁଥିବା ଦେଖିଥିଲେ। ସେମାନେ କେତେବେଳେ କାର୍ ପାର୍ଶ୍ୱରେ ଅତି ନିକଟତର ହୋଇ ଯାଉଥିଲେ ତ ପୁଣି ଆଉ କେତେବେଳେ ସମ୍ମୁଖରେ ବାଟ ଓଗାଳିବାକୁ ଚେଷ୍ଟା କରୁଥିଲେ। ବାଇକ୍ ପଛରେ ବସିଥିବା ଯୁବକ ଶାର୍ଟ ଖୋଲି ହାତରେ ମଦ ବୋତଲ ଧରି ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏପରି କି କିଛିବାଟ ଯିବା ପରେ ମଦ ବୋତଲରେ ନିଆଁ ଲଗାଇ ଆତଙ୍କ ସୃଷ୍ଟି କରିଥିଲେ। ଏସବୁ କାର୍‌ନାମା ଦେଖି ଅଭିନେତ୍ରୀଙ୍କ ସମେତ କାର୍‌ରେ ଥିବା ଅନ୍ୟମାନେ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଥିଲେ। ସେମାନେ ୧୦୦କୁ କଲ କରିଥିଲେ ମଧ୍ୟ ବହୁ ବିଳମ୍ବରେ ପିସିଆର୍ ପୋଲିସ ପହଞ୍ଚିଥିଲା। ସେତେବେଳକୁ ଉତ୍ପାତ କରୁଥିବା ଦୁଇ ରୋଡ୍ ରୋମିଓ ଉଭାନ ହୋଇଯାଇଥିଲେ। ପରେ ସେମାନେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ସେମାନଙ୍କୁ ସୁରକ୍ଷା ଯୋଗାଇବା ବଦଳରେ ଉକ୍ତ ବାଇକ୍ ଦେଖିଲେ ଟୋଲ୍ ଫ୍ରି ନମ୍ବରରେ ଫୋନ୍ କରି ଜଣାଇବାକୁ ପରାମର୍ଶ ଦେଇଥିଲେ। ପୋଲିସ ନିକଟରୁ ସନ୍ତୋଷଜନକ ଉତ୍ତର ନ ପାଇ ଶେଷରେ ଅଭିନେତ୍ରୀ ଓ ଅନ୍ୟମାନେ ଥାନାରୁ ଫେରି ଆସିଥିଲେ ବୋଲି ସେମାନେ ଗଣମାଧ୍ୟମକୁ କହିଛନ୍ତି। ଘଟଣା ସଂକ୍ରାନ୍ତରେ ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି, ଅଭିଯୋଗ ଅନୁଯାୟୀ ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସେ ଜଣାଇଛନ୍ତି।






## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଆର୍ଟ, କ୍ରାଫ୍ଟ ଟୁରିଜମ୍‌ର ପ୍ରସାର ଉଦ୍ୟମ

# କାଇଁଚ କାମ, ଲୁଗାବୁଣା ଶିଖିବେ ପର୍ଯ୍ୟଟକ



ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ଓଡ଼ିଶାରେ ୫୦ରୁ ଉର୍ଦ୍ଧ୍ୱ ପାରମ୍ପରିକ ହସ୍ତଶିଳ୍ପ ଥିବାବେଳେ ଉତ୍କୃଷ୍ଟ ହସ୍ତତନ୍ତର ସମ୍ଭାର ରହିଛି। ଏହି ହସ୍ତତନ୍ତ ଓ ହସ୍ତଶିଳ୍ପ ଅଞ୍ଚଳକୁ କ୍ଲଷ୍ଟରଭାବେ ବିକଶିତ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ରାଜ୍ୟ ସରକାର ପ୍ରଚେଷ୍ଟା କରୁଥିବାବେଳେ ଏପଟେ କିଛି ଟ୍ରାଭେଲ ଓ ଟୁରିଜମ୍ ସଂସ୍ଥା ଏହାର ପ୍ରଚାର ପ୍ରସାର ପାଇଁ ଅଣ୍ଟା ଭିଡ଼ିଛନ୍ତି। ହସ୍ତତନ୍ତ ଓ ହସ୍ତଶିଳ୍ପ କର୍ମଶାଳା, ହ୍ୟାଣ୍ଡଲୁମ୍ ଓ ହ୍ୟାଣ୍ଡିକ୍ରାଫ୍ଟ ଟ୍ରେଲ୍ ଆଦି ମାଧ୍ୟମରେ ରାଜ୍ୟ ଏବଂ ରାଜ୍ୟ ବାହାର ପର୍ଯ୍ୟଟକଙ୍କୁ ଓଡ଼ିଶାର ଉତ୍କୃଷ୍ଟ କଳାକୃତିର ଝଲକ ଦେଖାଇବାକୁ କେତେକ ଯୁବପିଢ଼ି ମିଶି ଏକ ଅଭିନବ ପଦକ୍ଷେପ ନେଇଛନ୍ତି। ହସ୍ତତନ୍ତ ପାଇଁ ଲୋକପ୍ରିୟତା ଅର୍ଜନ କରିଥିବା ଜଗତସିଂହପୁର ଜିଲାର ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଜଇପୁର ଗ୍ରାମକୁ ରାଜ୍ୟ ସରକାରଙ୍କ ଦ୍ୱାରା 'ବୟନ ଗ୍ରାମ'ଭାବେ ଘୋଷଣା କରାଯାଇଛି। ଏହି ଗ୍ରାମର ପ୍ରତ୍ୟେକ ଘର ଏକ କାରିଗରଙ୍କ ଘର ହୋଇଥିବାବେଳେ ଏଠାରେ ସମସ୍ତେ କୌଣସି ନା କୌଣସି ହସ୍ତତନ୍ତ କିମ୍ବା ହସ୍ତଶିଳ୍ପ ସହ ଜଡ଼ିତ। ଦଶନ୍ଧି-ଦଶନ୍ଧି ଧରି ରହିଆସିଥିବା ଏହି ଗ୍ରାମର ପାରମ୍ପରିକ ହସ୍ତକଳା ଓ ବୟନକଳାକୁ ଲୋକଲୋଚନକୁ ଆଣିବାକୁ 'ଟ୍ରିପ୍ ଫର୍ ଫନ୍' ପକ୍ଷରୁ ଆସନ୍ତା ନଭେମ୍ବର ୩ରେ ଏଠାରେ ଏକ ୱାର୍କଶପ୍‌ର ଆୟୋଜନ କରାଯାଇଛି। ସ୍ଥାନୀୟ ବୁଣାକାର ସମବାୟ ସମିତି ସହ 'ଟ୍ରିପ୍ ଫର୍ ଫନ୍' ଯୋଡ଼ି ହୋଇଥିବାବେଳେ ଏହି ପ୍ରକଳ୍ପ ଦ୍ୱାରା ୯୦ ବୁଣାକାର ପରିବାରର ୪୫୦ରୁ ଉର୍ଦ୍ଧ୍ୱ ମହିଳା ବୁଣାକାର ଉପକୃତ ହେବେ। ବୁଣାକାରମାନଙ୍କ ସ୍ୱତନ୍ତ୍ର ବୟନଶୈଳୀକୁ ଏଥିରେ ଅଂଶଗ୍ରହଣ କରିବାକୁ ଥିବା ବ୍ୟକ୍ତି ତଥା ପର୍ଯ୍ୟଟକମାନେ ଦେଖିବା ସହ ସ୍ଥାନୀୟ ଅଞ୍ଚଳ ବୁଲିବେ ଏବଂ ପାରମ୍ପରିକ ଓଡ଼ିଆ ଖାଦ୍ୟର ମଜା ନେଇପାରିବେ। ଏହି ଦିନିକିଆ କର୍ମଶାଳାରେ ମହିଳା ବୁଣାକାରମାନଙ୍କ ଠାରୁ ପର୍ଯ୍ୟଟକମାନେ ହସ୍ତତନ୍ତ ପ୍ରସ୍ତୁତ କରିବାର କୌଶଳ ମଧ୍ୟ ଶିଖିପାରିବେ। ଏହାସହ କାଇଁଚ ତଥା ଗୋଲ୍‌ଡେନ୍ ଗ୍ରାସ୍‌ରେ କିଭଳି ବିଭିନ୍ନ ଘରକରଣା ଓ ଘରସଜ୍ଜା ସାମଗ୍ରୀ ପ୍ରସ୍ତୁତ କରାଯାଏ ତାହା ମଧ୍ୟ ଶିଖିପାରିବେ। ଏଭଳି କର୍ମଶାଳା ଦ୍ୱାରା ଆମ ପାରମ୍ପରିକ କଳାକୁ ଏକ ପରିଚୟ ମିଳିବ ବୋଲି ବୁଣାକାର ସମିତି ଯୁଗ୍ମ ସଭାପତି ମମତା ପୃଷ୍ଟି କହିଥିବାବେଳେ ଓଡ଼ିଶାର ହଜିଯାଉଥିବା କଳାକୁ ପୁଣିଥରେ ଲୋକପ୍ରିୟ କରାଇବା ପାଇଁ ଏଭଳି ଟୁର୍ ଓ ୱାର୍କଶପ୍‌ର ଆୟୋଜନ କରାଯାଉଥିବା ଏହାର ସଂଯୋଜକ ସଂଗ୍ରାମ ଛୋଟରାୟ କହିଛନ୍ତି।

## ଟ୍ରକ୍ କଣ୍ଟେନରରେ ୩୯ ...

ନୁହେଁ, ବରଂ ସାରା ବିଶ୍ୱରେ ଚାଞ୍ଚଲ୍ୟ ଖେଳିଯାଇଛି। ଏସେକ୍ସ ପୋଲିସର କହିବା ଅନୁଯାୟୀ, ବୁଧବାର ଭୋର ସକାଳେ ସେମାନଙ୍କ ନିକଟକୁ ଏକ ଜରୁରୀ ଫୋନ୍ କଲ ଆସିଥିଲା। କଲ୍ ପାଇବା ପରେ ପୋଲିସ ଦକ୍ଷିଣ-ପୂର୍ବ ଇଂଲଣ୍ଡର ଇଷ୍ଟର୍ନ ଆଭିନ୍ୟୁସ୍ଥିତ ୱାଟରଗ୍ଲେଡ୍ ଇଣ୍ଡଷ୍ଟ୍ରିଆଲ ପାର୍କକୁ ଧାଇଁଥିଲା। କେନ୍ଦ୍ରୀୟ ଲଣ୍ଡନରୁ ୨୦ ମାଇଲ ଦୂରରେ ଅବସ୍ଥିତ ଗ୍ରେଜ୍ ଶିଳ୍ପାଞ୍ଚଳରେ ଥିବା ଏକ ଲାଲରଙ୍ଗର ଟ୍ରକ୍ ସହ ସେଥିରୁ ୩୯ ମୃତଦେହ ଜବତ କରିଥିଲା। ମୃତକଙ୍କ ମଧ୍ୟରୁ ୩୮ ବୟସ୍କ ହୋଇଥିବାବେଳେ ଜଣେ ସ୍ୱଳ୍ପବୟସ୍କ ରହିଛନ୍ତି। ସେମାନଙ୍କ ମଧ୍ୟରୁ କାହାର ପରିଚୟ ମିଳିପାରିନାହିଁ। ବୁଲଗେରିଆରୁ ଆସିଥିବା ଉକ୍ତ ଟ୍ରକ୍ ଉତ୍ତର ୱେଲ୍ସସ୍ଥିତ ହୋଲିହେଡ୍ ବନ୍ଦର ଦେଇ ଶନିବାର ବ୍ରିଟେନରେ ପ୍ରବେଶ କରିଥିବା କୁହାଯାଉଛି। ଏହାର ୨୫ ବର୍ଷୀୟ ଡ୍ରାଇଭର ହେଉଛନ୍ତି ନର୍ଦ୍ଦର୍ନ ଆୟର୍ଲାଣ୍ଡ ନିବାସୀ। ତାଙ୍କୁ ପୋଲିସ ଗିରଫ କରି ହାଜତକୁ ନେଇଛି। ଏହାସହ ସମ୍ପୃକ୍ତ ଅଞ୍ଚଳର ସମସ୍ତ ପ୍ରବେଶପଥକୁ ସିଲ୍ କରିଦେଇଛି। ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ କହିଛନ୍ତି, ଏହି ବିଷୟ ଜାଣିବା ପରେ ସେ ଚକିତ ହୋଇଯାଇଛନ୍ତି। ଘଟଣା ସମ୍ପର୍କରେ ସେ ସବିଶେଷ ତଥ୍ୟ ସଂଗ୍ରହ କରୁଛନ୍ତି। ସତ ପଦାକୁ ଆଣିବା ପାଇଁ ପୋଲିସ ତନାଘନା କରୁଥିବା ବୋରିସ୍ ଟୁଇଟ୍ କରିଛନ୍ତି। ସ୍ୱରାଷ୍ଟ୍ର ସଚିବ ପ୍ରୀତି ପଟେଲ ମଧ୍ୟ ଏନେଇ ବିସ୍ମୟ ପ୍ରକାଶ କରିଛନ୍ତି। ଟ୍ରକ୍‌ଟି ବୁଲଗେରିଆରୁ ଯାତ୍ରା ଆରମ୍ଭ କରିଥିଲା କି ନାହିଁ ସେନେଇ ଦେଶର ବହିର୍ବ୍ୟାପାର ମନ୍ତ୍ରଣାଳୟ ପାଖରେ ସୂଚନା ନାହିଁ। ବ୍ରିଟିଶ୍ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ ଯାଞ୍ଚ କରାଯାଉଛି ବୋଲି ମନ୍ତ୍ରଣାଳୟ ମୁଖପାତ୍ର ସ୍ୱେତାନା କ୍ରାଷ୍ଟେଭା କହିଛନ୍ତି। ବେଆଇନ ପ୍ରବାସୀମାନଙ୍କୁ ଟ୍ରକ୍‌ରେ ଚାଲାଣ କରାଯାଉଥିବାବେଳେ ସେମାନଙ୍କ ପ୍ରତି ସୃଷ୍ଟି ହେଉଥିବା ବିପଦକୁ ଏହି ଘଟଣା ସୂଚାଉଛି। ଏଭଳି ବିପଜ୍ଜନକ ବ୍ୟବସାୟରେ ସମ୍ପୃକ୍ତ ଲୋକଙ୍କୁ ଆଇନର କାଠଗଡ଼ାକୁ ଅଣାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପ୍ରକାଶ ଯେ, ବେଆଇନ ପ୍ରବାସୀମାନେ ଟ୍ରକ୍ ପଛପଟେ ବୁହାହୋଇ ଦୀର୍ଘଦିନ୍‌ବର୍ଷ ଧରି ବ୍ରିଟେନରେ ପହଞ୍ଚିବା ପାଇଁ ଉଦ୍ୟମ କରିଆସୁଛନ୍ତି। ବ୍ରିଟେନର ସବୁଠୁ ବଡ଼ ବେଆଇନ ପ୍ରବାସୀଙ୍କ ଟ୍ରାଜେଡି ଦେଖିବାକୁ ମିଳିଥିଲା ୨୦୦୦ରେ। ସେତେବେଳେ ବ୍ରିଟିଶ ସୀମାଶୁଳ୍କ ଅଧିକାରୀମାନେ ଡୋଭର ବନ୍ଦରରେ ଏକ ଟମାଟୋ ଟ୍ରକ୍‌ରୁ ୫୮ ଚାଇନା ନାଗରିକଙ୍କ ମୃତଦେହ ଠାବ କରିଥିଲେ।

## ହଂକଂ ପ୍ରତ୍ୟର୍ପଣ...

ସେମାନେ ବିଭିନ୍ନ ସ୍ଥାନରେ ପେଟ୍ରୋଲ ବୋମା ଫିଙ୍ଗିବା ସହ ବ୍ୟାପକ ପୋଡ଼ାଜଳା କରିଛନ୍ତି। ସ୍ଲୋଗାନ ଦେଇଛନ୍ତି, 'ଗୋଟିଏ ନୁହେଁ, ସମସ୍ତ ୫ ଦାବି ପୂରଣ କର'। ହଂକଂ ନେତା କେରି ଲାମ୍ କହିଛନ୍ତି, ପ୍ରତ୍ୟର୍ପଣ ବିଲ୍ ଏକ ଭଲ ବିଧେୟକ ହୋଇଥିଲେ ହେଁ ଏହାକୁ ପ୍ରତ୍ୟାହାର କରାଯାଇଛି। ସମସ୍ତ ସାବାଳକଙ୍କୁ ମତଦାନ ଅଧିକାର ଓ ଦଙ୍ଗା ଅଭିଯୋଗରେ ଗିରଫ ହୋଇଥିବା ବିକ୍ଷୋଭକାରୀଙ୍କୁ ରାଜକ୍ଷମା ଭଳି ଅନ୍ୟ ଦାବିଗୁଡ଼ିକୁ ପୂରଣ କରିବା ତାଙ୍କ ନିୟନ୍ତ୍ରଣ ବାହାରେ। ସେହିପରି ରାଜରାସ୍ତାରେ ଖଣ୍ଡଯୁଦ୍ଧ ବେଳେ ପୋଲିସର ନିର୍ମମ ଆଚରଣ ବିରୋଧରେ ନିରପେକ୍ଷ ତଦନ୍ତ ପାଇଁ ମଧ୍ୟ ଆନ୍ଦୋଳନକାରୀ ଦାବି କରିଛନ୍ତି। ପ୍ରତ୍ୟର୍ପଣ ବିଲ୍‌କୁ ପ୍ରତ୍ୟାହାର କରିନେବା ବଡ଼ କଥା ନୁହେଁ। ବହୁ ବିଳମ୍ବରେ ଏକ ଛୋଟ ଦାବିକୁ ସରକାର ମାନିନେଇଛନ୍ତି। ଏଥିଯୋଗୁ ବିଶେଷ କିଛି ଫରକ ପଡ଼ିବ ନାହିଁ ବୋଲି ୨୭ ବର୍ଷୀୟ ବିକ୍ଷୋଭକାରୀ କୋନିଏ କହିଛନ୍ତି। ପ୍ରକାଶ ଯେ, ୧୯୯୭ରେ ବ୍ରିଟେନର ଉପନିବେଶ ସହର ହଂକଂକୁ

## ପ୍ରଥମ ପୃଷ୍ଠାରୁ...

ଚାଇନାକୁ ହସ୍ତାନ୍ତର କରାଯାଇଥିଲା। ସେବେଠୁ ହଂକଂ ଚାଇନାର ଏକ ଅର୍ଦ୍ଧସ୍ୱୟଂଶାସିତ ଅଞ୍ଚଳ ଭାବେ ପରିଗଣିତ ହୋଇଆସୁଛି ଏବଂ ଏହାର ଏକ ମିନି ସମ୍ବିଧାନ ରହିଛି। ହଂକଂର ସ୍ୱତନ୍ତ୍ର ନ୍ୟାୟିକ ବ୍ୟବସ୍ଥା ଥିବାବେଳେ ହଂକଂର ରାଜନୈତିକ ବନ୍ଦୀ, ଅଧିକାର କର୍ମୀ ଓ ଅନ୍ୟ ଅପରାଧୀଙ୍କୁ ମାମଲାର ବିଚାର ପାଇଁ ଚାଇନାକୁ ପ୍ରତ୍ୟର୍ପଣ କରାଯିବା ଲାଗି ଗତ ଏପ୍ରିଲରେ ଏକ ବିଲ୍ ଅଣାଯାଇଥିଲା। ହଂକଂ ଓ ତାଇୱାନ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷର ହୋଇ ନ ଥିଲା। ତାଇୱାନର ଜଣେ ହତ୍ୟା ଅଭିଯୁକ୍ତଙ୍କୁ ତାଙ୍କ ଦେଶକୁ ପଠାଇବା ସମ୍ଭବ ନ ହେବାରୁ ମୁଖ୍ୟ କାର୍ଯ୍ୟନିର୍ବାହୀ କେରି ଲାମ୍ ଉକ୍ତ ସମସ୍ୟାର ସମାଧାନ ପାଇଁ ବିଲ୍‌ରେ କେତେକ ସଂଶୋଧନ ଆଣିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ହଂକଂବାସୀ ଏହାକୁ ନେଇ ଭୟଭୀତ ହୋଇଯାଇଥିଲେ। ହଂକଂର ସ୍ୱାଧୀନତା ଛଡ଼ାଇନେବା ପାଇଁ ଏହା ବେଜିଂର ଏକ ଉଦ୍ୟମ ବୋଲି ସ୍ଥାନୀୟ ଲୋକେ ବିକ୍ଷୋଭ କରିଥିଲେ। ଅଦ୍ୟାବଧି ୨୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଥିବାବେଳେ ପୋଲିସ କାର୍ଯ୍ୟାନୁଷ୍ଠାନରେ ଶତାଧିକ ଆହତ ହୋଇଛନ୍ତି।

## ଆହୁରି ୨ଦିନ ...

ବାରିପଦା ୧୮, କଟକ ଓ ଦାରିଙ୍ଗବାଡ଼ି ୧୪, ଅନୁଗୋଳରେ ୧୦ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି। ଏହାଛଡ଼ା ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, ହୀରାକୁଦ, ତାଳଚେର, ବଲାଙ୍ଗୀର, ଫୁଲବାଣୀ, ଟିଟିଲାଗଡ଼, ମାଲକାନଗିରି, ସୋନପୁର ଆଦି ଜିଲାରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି। ଆସନ୍ତା ଦୁଇଦିନ ସାରା ରାଜ୍ୟରେ ବର୍ଷା ଲାଗି ରହିବ। ଗୁରୁବାର ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, ଦେବଗଡ଼ ଓ କେନ୍ଦୁଝର ଆଦି ୫ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏ ସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ସୂଚନା ରହିଛି। ସେହିପରି ସୋନପୁର, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ଅନୁଗୋଳ, କନ୍ଧମାଳ, ବୌଦ୍ଧ ଓ ମୟୂରଭଞ୍ଜ ଆଦି ୯ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଏ ସମସ୍ତ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଆଦି ୪ଜିଲାରେ ପ୍ରବଳ ବର୍ଷା ହେବ। ଏ ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ଦୁଇଦିନ ଧରି ବର୍ଷା ଲାଗି ରହିବାର ସମ୍ଭାବନା ଥିବାରୁ ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଅନ୍ୟପଟେ ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ପାଇଁ ଓୟୁଏଟି ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ପାଚି ଯାଇଥିବା ସଅଳ ଓ ମଧ୍ୟମ କିସମ ଧାନକୁ ତୁରନ୍ତ କାଟି ନେଇ ସୁରକ୍ଷିତ ସ୍ଥାନରେ ରଖିଦେବା ପାଇଁ କୁହାଯାଇଛି। ଧାନ ଜମିରୁ ବଳକା ପାଣି ବାହାରି ଯିବା ପାଇଁ କର ନାଳୀ କରିବା ଓ ନାଳୀ ମୁହଁ ଖୋଲା ରଖିବା, ବର୍ଷା ଛାଡ଼ିଗଲା ପରେ ପଡ଼ିଯାଇଥିବା ପନିପରିବା ଗଛର ମୂଳକୁ ମାଟି ଦେଇ ଠିଆ କରାଇବାକୁ ପରାମର୍ଶ ଦିଆଯାଇଛି। ସେହିପରି ପାଣି ଛାଡ଼ିଗଲା ପରେ ଧାନ, ପନିପରିବା ଓ ଡାଲିଜାତୀୟ ଫସଲରେ କେତେକ ରୋଗ ପୋକ ଲାଗିବାର ସମ୍ଭାବନା ରହିଛି। ତେଣୁ ଏଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି।

# ରାଜସ୍ୱ ପ୍ରଶାସନରେ ଅଦଳବଦଳ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ କାର୍ଯ୍ୟରତ ୨୯ ଅଧିକାରୀଙ୍କୁ ବୁଧବାର ନୂତନ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ନାକଟିଦେଉଳ ତହସିଲଦାର ସମୀର କୁମାର ବିଲୁଙ୍ଗ ସୁନ୍ଦରଗଡ ଡେପୁଟି କଲେକ୍ଟରଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ମନୋରମା ଜାଲିଙ୍କୁ ଭଦ୍ରକ, ସ୍ନିଗଧାଛାୟା ମହାପାତ୍ରଙ୍କୁ ବାଲେଶ୍ୱର ଡେପୁଟି କଲେକ୍ଟରଭାବେ ଦାୟିତ୍ୱ ମିଳିଛି। ରଘୁନାଥପୁର ତହସିଲଦାର ଦେବାଶିଷ ପାତ୍ରଙ୍କୁ କଟକସ୍ଥିତ ସର୍ଭେ ଓ ମ୍ୟାପ ପବ୍ଲିକେଶନର ଅତିରିକ୍ତ ନିର୍ଦ୍ଦେଶକ ପଦରେ ଅବସ୍ଥାପିତ କରାଯାଇଛି। ଏହି ଅଧିକାରୀମାନେ ହେଉଛନ୍ତି- କ୍ଷୀତିଶ ବେହେରା, ଇନ୍ଦିରା ସାହୁ, ସୁନୀଲ କୁମାର ମେହେର, ଅମୀୟ କୁମାର ରାଉତ, ସଞ୍ଜୟ କୁମାର ରାଉତ, ଭିକାରୀ ସାହୁ, ଆଶିଷ କୁମାର ମହାପାତ୍ର, ଜନକ କୁମାର ନାୟକ, ଅରୁଣ କୁମାର ଖଣ୍ଡା, ବିଚିତ୍ରାନନ୍ଦ ନାୟକ, ନେହେରୁ ମାଝୀ, କିଶୋର କୁମାର ପଣ୍ଡା ଏବଂ ସୁକାନ୍ତ କୁମାର ନାୟକ ପ୍ରମୁଖ।

# କନିଷ୍ଠଯନ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଦଶପଲ୍ଲା, ୨୩।୧୦ (ଡି.ଏନ.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ବିଦ୍ୟୁତ୍ କାର୍ଯ୍ୟାଳୟ (ଫିଡ୍‌କୋ)ରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ଦେବଦତ୍ତ ସ୍ୱାଇଁଙ୍କ ଝୁଲନ୍ତା ମୃତଦେହ ବୁଧବାର ସେ ରହୁଥିବା ଭଡାଘରୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ଦେବଦତ୍ତ ଓ ଟେକ୍ନିସିଆନ୍ ଦେବେନ୍ଦ୍ର ସାହୁ ବାରପୁରିକିଆ ସ୍କୁଲ ସମ୍ମୁଖ ଏକ ଭଡ଼ା ଘରେ ରହିଆସୁଥିଲେ। ସକାଳ ପ୍ରାୟ ୯ଟାରେ ରୁମ୍‌ମେଟ୍ ସାହୁ ତାଙ୍କସହ କଥା ହୋଇ ଘରୁ ବାହାରି ଆସିଥିଲେ। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ପର୍ଯ୍ୟନ୍ତ ଦେବଦତ୍ତ କାର୍ଯ୍ୟାଳୟକୁ ନ ଆସିବାରୁ ଅନ୍ୟ କର୍ମଚାରୀ ଫୋନ କରିଥିଲେ। ସେ ଫୋନ ରିସିଭ ନ କରିବାରୁ ରୁମ୍‌ମେଟ୍ ଓ ସାଥୀ କର୍ମଚାରୀ ତାଙ୍କ ଘରକୁ ଯାଇ କବାଟ ବନ୍ଦ ଥିବା ଦେଖିଥିଲେ। ସ୍କାଏ ଲାଇଟ୍ ଦେଇ ଦେଖିବା ବେଳକୁ ସେ ଫ୍ୟାନରେ ଝୁଲୁଥିବା ଜଣାପଡିଥିଲା। ରୁମମେଟ୍ ସାହୁ ଦଶପଲ୍ଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି କବାଟ ଭାଙ୍ଗି ମୃତଦେହ ଜବତ କରିଥିଲା। ଏ ନେଇ ଥାନାରେ ୩୦/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୋବାଇଲ ଫୋନ ଓ ଅନ୍ୟାନ୍ୟ କିଛି ସାମଗ୍ରୀ ଜବତ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଦେବଦତ୍ତଙ୍କ ଘର ଯାଜପୁର ଜିଲା ଚଣ୍ଡୀଖୋଲର ପଦ୍ମଲାଭପୁର ଗ୍ରାମରେ।

## ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ, ଯୁବକ ମୃତ

ଶେରଗଡ଼/ ଧରାକୋଟ, ୨୩।୧୦,(ଡି.ଏନ.ଏ.)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ବାଦଗଡ଼ ଗ୍ରାମ ଶିବ ମନ୍ଦିର ରାସ୍ତାରେ ବୁଧବାର ଖଣ୍ଡା ଚୋଟରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବାବୁ ପ୍ରଧାନ। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ପୋଲିସ ଘଟଣା ତଦନ୍ତ ଚଳାଇଛି। ପ୍ରକାଶ ଯେ, ବାବୁ କିଛି ଦିନ ହେଲା ଜେଲରେ ସଜା କାଟି ଫେରିଥିଲେ। କିନ୍ତୁ ସେ ଗ୍ରାମରେ ରହୁ ନ ଥିଲେ। କୋଠିଶାଳା ଯାତ୍ରା ଦେଖିବା ପାଇଁ ସେ ଗାଁକୁ ଆସିଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ବାବୁ ଗ୍ରାମ ସ୍ଥିତ ଶିବ ମନ୍ଦିର ରାସ୍ତାରେ ଯାଉଥିବା ବେଳେ ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ଖଣ୍ଡାରେ ତାଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଶେରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବ ଶତ୍ରୁତାରୁ ଏହି ହତ୍ୟା କାଣ୍ଡ ଘଟିଥାଇପାରେ ବୋଲି ଧରାକୋଟ ଥାନାଧିକାରୀ ସନ୍ତୋଷ କୁମାର ବେହେରା କହିଛନ୍ତି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

### କିଛି ତଥ୍ୟ

ଭାରତ ଏବଂ ସ୍ୱିଡେନ ମଧ୍ୟରେ ୨୦୧୮-୧୯ରେ ୨.୧୧ ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଛି।
–ବାଣିଜ୍ୟ ମନ୍ତ୍ରଣାଳୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଏକାଧାରରେ କାର୍ଯ୍ୟସିଦ୍ଧି ସାଙ୍ଗକୁ ହସଖୁସିରେ ସମୟ ଅତିବାହିତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଦୂରାଗତ ବନ୍ଧୁଙ୍କର କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବା ସହ ଆର୍ଥିକ ସମସ୍ୟାର ବିକଳ୍ପ ବ୍ୟବସ୍ଥା କରିପାରନ୍ତି।

**ବୃଷ** କଥା ଚାତୁରି ମାଧ୍ୟମରେ ଭାଇ,ବନ୍ଧୁ ତଥା ଅଜଣା ଅଶୁଣା ଲୋକମାନଙ୍କୁ ମନେଇବାରେ ସଫଳ ହେବେ ଯାହାକି ଆଗାମୀ ସମୟ ପାଇଁ କାମରେ ଆସିବ। ଅଫିସରେ କେତେକ ଅଟକି ରହିଥିବା ଫାଇଲ୍ କାମ ତାହାର କାରଣ ହୋଇପାରେ। ଶିଳ୍ପ ଓ ବାଣିଜ୍ୟ, ଗୃହାରମ୍ଭ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ଅର୍ଥନୈତିକ ପ୍ରଗତି ସହ ସାମାଜିକ ପ୍ରତିଷ୍ଠା ମନୋବଳ ବୃଦ୍ଧିରେ ସହାୟକ ହେବ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ଅଫିସ୍‌ରେ କିମ୍ବା ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେଇପାରନ୍ତି।

**କର୍କଟ** ପରିବାରରେ ସାମୟିକ ଭୁଲ୍ ବୁଝାମଣା କାରଣରୁ ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ନୂତନ ପ୍ରକଳ୍ପାରମ୍ଭ ସକାଶେ ବ୍ୟୟ ଅଟକଳ କରିବେ ଏବଂ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ବନ୍ଧୁମାନଙ୍କ ସାହାଯ୍ୟ ଲାଭକରି ପୁଷ୍ୟା ନକ୍ଷତ୍ର କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ।

**ସିଂହ** ଆଜି ଯେଉଁ କାମ କରନ୍ତୁନା କାହିଁକି ବହୁ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡ଼ିବ। କୌଣସି ବନ୍ଧୁ ରାଗ ଶୁଝାଇବାକୁ ଯାଇ କର୍କଶ ଭାଷାରେ ମରମ କଥା କହି ଠିକଣା ସମୟରେ ପ୍ରତିଶୋଧ ନେବେ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ପରିବାରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମକଲେ ଉପକୃତ ହେବେ।

**କନ୍ୟା** ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ି ବଢ଼ିଯାଉଥିବାରୁ ଦୁର୍ଭାବନା ବଢ଼ିଚାଲିବ। ପରୋକ୍ଷ ଶତ୍ରୁତାରୁ ବାରମ୍ବାର ବିଫଳତା କାରଣରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି।

**ତୁଳା** ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ନିକଟବର୍ତ୍ତୀ ଭଲ ସମ୍ପର୍କ ଥିବା ବ୍ୟକ୍ତିମାନଙ୍କ ସାହାଯ୍ୟରେ ହଠାତ୍ ହୋଇଯିବ। ସତର୍କତା ରକ୍ଷା ନ କଲେ ନିଜ ଲୋକମାନେ ବିଶ୍ୱାସଘାତକତାରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବା ସାଙ୍ଗକୁ ବିଭିନ୍ନ ପ୍ରକାର ସମସ୍ୟା ରହିଥିଲେ କାମ କରିବାକୁ ପଛାଇବେ ନାହିଁ।

**ବିଛା** ଦିନସାରା ଦୃଢ଼ ମନୋବଳ ନେଇ କାମ କରିବେ ଓ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାରେ ସମର୍ଥ ହେବେ। ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି, ଯାହାକି କେତେକ ଆକସ୍ମିକ ସମସ୍ୟା ସୃଷ୍ଟି କରିବ। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**ଧନୁ** ଆକସ୍ମିକ ଭାବରେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, ତଥାପି ଶେଷ ସମୟରେ ତାହା ସ୍ଥଗିତ ରଖିବାକୁ ବାଧ ହେବେ। ବାହାରେ ଥିବା ସମୟରେ କୌଣସି ଅପ୍ରୀତିକର ଖବର ପାଇ ସକାଳୁ ମନଟା ବିଗିଡ଼ିଯାଇପାରେ। ଏହା ସାଙ୍ଗକୁ ଘରେ ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସ୍ଥଗିତ କାମକୁ ସମ୍ପୂର୍ଣ୍ଣ କରିବେ।

**ମକର** ଯାତ୍ରା ସମୟରେ ଅନ୍ୟମନସ୍କଜନିତ ଚୋରି, ପକେଟମାର ଅଥବା ଅସାବଧାନତା କାରଣରୁ ଧନହାନି ଅବଶ୍ୟମ୍ଭାବୀ। ମାନସିକ ଅସ୍ଥିରତା କାରଣରୁ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅବଶ୍ୟ ଶ୍ରବଣା ନକ୍ଷତ୍ର ଜାତ ବ୍ୟକ୍ତିମାନଙ୍କର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** ବିଭିନ୍ନ ପ୍ରକାର ବ୍ୟତିକ୍ରମ ମଧ୍ୟରେ ଗତି କରୁଥିବାରୁ ଚିନ୍ତିତ ରହିବେ, ଅତୀତକୁ ଧରିବସିଲେ ବର୍ତ୍ତମାନକୁ ହରାଇବାକୁ ପଡ଼ିପାରେ। ତୀର୍ଥସ୍ଥଳରେ କିମ୍ବା ପ୍ରବାସରେ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି। ଦୀର୍ଘପଥ ଭ୍ରମଣ ହେତୁ କ୍ଳାନ୍ତି ଦେଖାଦେଇପାରେ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହୋଇପାରନ୍ତି।

**ମୀନ** ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ ରହିବ ଏବଂ ଆଜି ଆପଣ ଯାହା ଓ ଯେମିତି ଚାହୁଁଛନ୍ତି ତାହା ଅବଶ୍ୟ ପାଇପାରିବେ। ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟିରୁ ମନ ଖୁସି ରହିବା ସହ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଋଣ ପରିଶୋଧ,ବକେୟା ପ୍ରାପ୍ତି, ସ୍ଥଗିତ କାମ, ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଆତ୍ମତୃପ୍ତି ଲାଭ କରିପାରନ୍ତି।

ଆଜି କାର୍ତ୍ତିକ କୃଷ୍ଣପକ୍ଷର ରମା ଏକାଦଶୀ ଗୁରୁବାର, ଅକ୍ଟୋବର ୨୪ ତାରିଖ, ଜାତିସଂଘ ଦିବସ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର- ମଘା/ସିଂହ, ଦିବା ଘ୧।୧୫ମି. ଗତେ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଘ୭।୧୯ମି. ମଧ୍ୟେ ଘ୧।୨୪ମି. ଗତେ, ଘ୨।୫୬ମି. ମଧ୍ୟେ ଅମୃତବେଳା। ଦିବା ଘ୧୧।୫୧ମି. ଗତେ ଘ୧।୨୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୨।୫୬ମି. ଗତେ ଘ୨।୨୨ମି. ମଧ୍ୟେ ରାହୁକାଳ।

## classifieds Everyday
0674-2580101, 2549302

### real estate SALE

ଭୁବନେଶ୍ୱର ଗୁଡ଼ିଆପୋଖରୀଛକ ନିକଟରେ ଘରବାଡି, ଇଲେକ୍‌ଟ୍ରି, ପାଚେରି, ୩୦ଫୁଟ ରୋଡଥାଇ ପ୍ଲଟ ବିକ୍ରିହେବ। ଦୀପାବଳି ପୂର୍ବରୁ ବୁକିଙ୍ଗ୍‌କଲେ 5ଗ୍ରାମ Gold ମାଗଣା- 7653060821, 8917527308. ସର୍ତ୍ତାବଳୀ ଲାଗୁ। D-67092

Gated plotting project near Sum Hospital and Janla Infovally square. 7008818121. D-66796

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

ସୁନ୍ଦରପଦା Indus Engineering କଲେଜ backsideରେ ଘରବାରି ପ୍ଲଟ୍ sqft. 229/- ମିଳୁଅଛି। 8594954102. D-68408

ଭୁବନେଶ୍ୱର ଗ୍ୟାରେଜ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। Possession, Registration immediate 9178660666. D-14854

ନିଜସ୍ୱ ସ୍ଥିତିବାନ ବାସୋପଯୋଗୀ 60' ପିଚୁରାସ୍ତାକୁ ଲାଗି ହଂସପାଳ 9937816565, 9937568585. D-68133

ଭୁବନେଶ୍ୱର ପଟିଆ ବିଗ୍‌ବଜାର, ରଘୁନାଥପୁର Royal Lagoon, Patia station, ଫୁଲନଖରା ନିକଟରେ Simplex, Duplex, 1, 2, 3BHK flat ମିଳୁଛି. 9658122456, 8327785834. D-68406

Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826. D-68407

BDA Yellow zone plot near Pitapalli Square, 200mtr from NH. Ready for construction. 9437827966, 7978441564. D-14873

Duplex and plot for sale at heart of Bhubaneswar. 7681894885, 7327886295. D-14894

### GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404

### healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Full body herbal massage with refreshment expert therapist. 7381239385, 06742540855. D-68138

Experience full body massage with us (expert). Call: 7377048581, 06742597822. D-68139

Herbal full body massage by smart / expert therapist. Contact: 8338067247. D-68140

Summer special mesmerizing offer expert therapeutic refreshing massage appointment. 9668374480. D-68141

Newly open full body massage by ladies, gents therapist. 8018656899 D-60844

Ayurvedic full body massage by ladies, gents therapist. 7008773793 D-60845

Refresh your mind and soul with best therapy at Orchid Salon/Spa. 9937287222. D-66983

Escort service Bhubaneswar Spa new open Ayurvedic full body massage, Refresh by Expert ladies/gents therapist. Home service also available. Contact: 8018467469. D-67243

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

I, Rishab Kumar Sahukar, S/o- Sri Ravi Kumar Sahukar declared vide affidavit my correct name is Rishab Kumar Sahukar but wrongly mentioned in my passport is Rishabh Kumar Sahukar. Henceforth, I shall be known as Rishab Kumar Sahukar for all purpose. D-14899

ମୁଁ, କାର୍ତ୍ତିକ ପରିଡ଼ା, ପିତା- ସୁବାସ ପରିଡ଼ା, ଗ୍ରା- ଫୁଲେଶ୍ୱର ସାହି, ପୋ- ବାହାଡାଖୋଲା, ଥା- ଓଡ଼ଗାଁ, ଜି- ନୟାଗଡ ସତ୍ୟପାଠ କରି ଆଜିଠାରୁ ମୋର ପୂର୍ବନାମ କାର୍ତ୍ତିକ ପରିଡ଼ାକୁ ବଦଳାଇ ଗଣେଶ୍ୱର ପରିଡ଼ା ନାମରେ ପରିଚିତ ହେବି। ଧ-୧୪୮୯୮

Affidavit before Executive Magistrate, Jajpur Road, 14.10.19, my name has changed from Nalinee Pattanaik, W/o- Jogendra Mohanty to Nalini Mohanty, W/o- Jogendra Mohanty, Vill- Rampas, P.O.- F.C. Project, P.S.- Jajpur Road, Dist- Jajpur for Reliance Nippon Life Insurance Policy No. 52905954 & all legal purpose. D-14900



ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ଭାଜପା ଅଧ୍ୟକ୍ଷ ଅମିତ୍ ଶାହ ସୋସିଆଲ ନେଟୱର୍କ ସାଇଟ୍ ଇନ୍‌ଷ୍ଟାଗ୍ରାମରେ ସାମିଲ ହୋଇଛନ୍ତି। ଶାହଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ୫୧୩ ପୋଷ୍ଟ ଓ ୨ ନିୟୁତ ଫଲୋୟର୍ସ ଦେଖାଉଥିବାବେଳେ ମାତ୍ର ୨ଜଣ ତାଙ୍କ ସହ ଯୋଡ଼ିହୋଇଛନ୍ତି। ଶାହ ନିଜର ଟୁଇଟର ହ୍ୟାଣ୍ଡେଲରେ ଟୁଇଟ୍ ପୋଷ୍ଟ କରି ଏହା ଜଣାଇଛନ୍ତି।



# ଘାତକ ହେଉଛି ବାୟୁ ପ୍ରଦୂଷଣ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

**ତାଲିକାରେ ରାଜ୍ୟର ୭ ସହର**
- ଉଦ୍‌ବେଗ ବ୍ୟକ୍ତ କଲେ ଏନ୍‌ଜିଟି
- ୬ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- ୨୦୧୭ରେ ଯାଇଛି ୧୨.୪୦ ଲକ୍ଷ ଜୀବନ
- ୬ ସହର ପାଇଁ ଆକ୍ସନ ପ୍ଲାନ୍

ଘାତକ ହେଉଛି ବାୟୁ ପ୍ରଦୂଷଣ। ଏଥିଯୋଗୁ ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ ବହୁ ମୂଲ୍ୟ ଜୀବନ ଚାଲିଯାଉଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ୨୦୧୭ରେ ଦେଶରେ ୧୨ ଲକ୍ଷ ୪୦ ହଜାର ଲୋକଙ୍କ ବାୟୁ ପ୍ରଦୂଷଣ ଯୋଗୁ ମୃତ୍ୟୁ ଘଟିଛି। ବାୟୁ ପ୍ରଦୂଷଣ ମନୁଷ୍ୟର ହାରାହାରି ବଞ୍ଚିବା ବୟସକୁ ୨୦ ମାସ କମ୍ କରିଦେଉଛି। ଏଥିରୁ ବାଦ୍ ପଡ଼ିନି ଓଡ଼ିଶା। ବିଶେଷକରି ଶିଳ୍ପଭିତ୍ତିକ ସହରାଞ୍ଚଳରେ ପରିସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ଦେଶର ୧୦୬ ସହର ମଧ୍ୟରୁ ରାଜ୍ୟର ୭ଟି ଅତି ପ୍ରଦୂଷଣ ତାଲିକାଭୁକ୍ତ ହୋଇଛି। ତନ୍ମଧ୍ୟରେ ରହିଛି ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ, ରାଉରକେଲା, ତାଳଚେର ଏବଂ କଳିଙ୍ଗନଗର। ସହରାଞ୍ଚଳଗୁଡ଼ିକର ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ନଭେମ୍ବର ୬ ସୁଦ୍ଧା ପ୍ରଦୂଷଣ ହ୍ରାସ କରିବା ନେଇ କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏନ୍‌ଜିଟି।

ଅନ୍ୟପଟେ ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ, ରାଉରକେଲା ଏବଂ ତାଳଚେର ସହର ପାଇଁ ସମନ୍ୱିତ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛି। ତେବେ କଳିଙ୍ଗନଗରକୁ ଏଥିରେ ସାମିଲ କରାଯାଇନାହିଁ। ଜଙ୍ଗଲ ଓ ପରିବେଶ ବିଭାଗ, ଶକ୍ତି ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ ଆକ୍ସନ ପ୍ଲାନକୁ କାର୍ଯ୍ୟକାରୀ କରିବେ। ଜଙ୍ଗଲ ଓ ପରିବେଶ ବିଭାଗ ବିଭାଗ ପକ୍ଷରୁ ଜନ ସଚେତନତା ସୃଷ୍ଟି କରାଯିବ। ସହର ଓ ଖଣି ଅଞ୍ଚଳଗୁଡିକରେ ସବୁଜ ବଳୟ ସୃଷ୍ଟି ଲାଗି ବ୍ୟାପକ ଚାରା ରୋପଣ ହେବ। ସହରାଞ୍ଚଳ ଜଙ୍ଗଲ ନୀତି ପ୍ରସ୍ତୁତ କରାଯିବ। ପ୍ରଦୂଷଣ ହଟ୍‌ସ୍ପଟ ଚିହ୍ନଟ କରାଯିବା ସହ ପ୍ରଦୂଷଣ ଯୋଗୁ କେଉଁ ଅଞ୍ଚଳରେ ସ୍ୱାସ୍ଥ୍ୟ ଉପରେ କି ପ୍ରକାର ପ୍ରଭାବ ପଡୁଛି ତାହାର ସମୀକ୍ଷା କରାଯିବ। ଏହି ସମସ୍ତ କାର୍ଯ୍ୟ ୧୨ରୁ ୨୪ ମାସ ମଧ୍ୟରେ କରିବାକୁ ଆକ୍ସନ ପ୍ଲାନରେ ବ୍ୟବସ୍ଥା ହୋଇଛି। ଏହାଛଡ଼ା ସହରାଞ୍ଚଳ ହୋଟେଲଗୁଡିକରେ କୋଇଲା ଏବଂ ଅନ୍ୟାନ୍ୟ ଧୂଆଁ ଉତ୍ପନ୍ନକାରୀ ଜାଳେଣି ବ୍ୟବହାର ଉପରେ କଟକଣା ଲଗାଯିବ।

ଶକ୍ତି ବିଭାଗ ପକ୍ଷରୁ ସମସ୍ତ ସହରକୁ ଏଲ୍‌ପିଜି ଓ ପାଇପ ନାଚୁରାଲ ଗ୍ୟାସ୍ (ପିଏନଜି) ଯୋଗାଇ ଦିଆଯିବ। ସୌରଶକ୍ତି ଉତ୍ପାଦନ ପାଇଁ ବିଭାଗ ପ୍ରୋତ୍ସାହନ ଯୋଗାଇବ। ସହରାଞ୍ଚଳ ବସ୍‌ଗୁଡିକୁ ବାୟୋଗ୍ୟାସ ଇନ୍ଧନଯୁକ୍ତ କରାଯିବ। ଇଲେକ୍ଟ୍ରିକ ଯାନଗୁଡିକୁ ଅଧିକ ପ୍ରୋତ୍ସାହିତ କରିବାକୁ ବ୍ୟବସ୍ଥା ହୋଇଛି। ଏ ସମସ୍ତ କାର୍ଯ୍ୟ ୨ ବର୍ଷ ମଧ୍ୟରେ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଶିଳ୍ପ ଓ ସହରାଞ୍ଚଳଗୁଡିକରେ ବାୟୁ ପ୍ରଦୂଷଣକୁ ମାପିବା, ଏହାକୁ ନିୟମିତ ପ୍ରକାଶ କରିବା ଏବଂ ପ୍ରଦୂଷଣ ସୃଷ୍ଟିକାରୀ ଶିଳ୍ପ ସ୍ଥାପନ ପାଇଁ ଅନୁମତି ନ ଦେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଦାୟିତ୍ୱ ଦିଆଯାଇଛି।

ଆଗାମୀ ଦିନରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସହରାଞ୍ଚଳରେ ଚିମିନୀ ଭାଟିକୁ ଅନୁମତି ମିଳିବ ନାହିଁ। ପାୱାର ପ୍ଲାଣ୍ଟଗୁଡ଼ିକ ପାଇଁ ୨୦୨୨ ସୁଦ୍ଧା ଥର୍ମାଲ ପାୱାର ପ୍ଲାଣ୍ଟ ଷ୍ଟାଣ୍ଡାର୍ଡ ପ୍ରସ୍ତୁତ କରାଯିବ। ସହରାଞ୍ଚଳରୁ କ୍ରଶର ହଟିବ। ଜେନେରେଟର ଉପରେ ମଧ୍ୟ କଟକଣା ଲାଗିବ। ଯାନବାହନଜନିତ ପ୍ରଦୂଷଣକୁ ରୋକିବାକୁ ଅପମିଶ୍ରଣ ଉପରେ କଡ଼ା ନଜର ରଖାଯିବ। ଏ ସମସ୍ତ କାର୍ଯ୍ୟକୁ ୬ରୁ ୧୨ ମାସ ଭିତରେ କରିବା ନେଇ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହରାଞ୍ଚଳରେ ଡିଜେଲଚାଳିତ ଯାନବାହନ୍ନୁ ନିଷେଧ କରାଯିବ। ପୁରୁଣା ଗାଡ଼ିଗୁଡ଼ିକୁ ହଟାଇବା ପାଇଁ ସ୍କ୍ରାପେଜ ପଲିସି କାର୍ଯ୍ୟକାରୀ ହେବ। ଯାନବାହନର ଫିଟନେସ୍, ପ୍ରଦୂଷଣ ଯାଞ୍ଚ କରିବା ପାଇଁ ମଡର୍ନ ସେଣ୍ଟ୍ରାଲାଇଜ୍‌ଡ ଭେହିକିଲ ଇନ୍‌ସପେକ୍ସନ ସେଣ୍ଟର ସ୍ଥାପନ କରାଯିବ। ଏହାଛଡ଼ା ରାଜସ୍ତରୀୟ ଇଲେକ୍ଟ୍ରିକ୍ ଯାନ ନୀତି କାର୍ଯ୍ୟକାରୀ କରାଯିବ। ଉକ୍ତ ସହରାଞ୍ଚଳକୁ ଯେପରି ପରିବହନ ଟ୍ରକ୍ ପ୍ରବେଶ ନ କରିବ ସେ ଦିଗରେ ପୂର୍ତ୍ତ ବିଭାଗ ପଦକ୍ଷେପ ନେବ। ପୋଲିସ ପକ୍ଷରୁ ସହର ପାଇଁ ଟ୍ରାଫିକ୍ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବା ସହ ଏହାକୁ ସବୁ ସମୟରେ ମନିଟରିଂ କରାଯିବ। ସ୍ଥାନୀୟ ପୌର ସଂସ୍ଥାଗୁଡିକ କୃଷି କ୍ଷେତ୍ରରେ ଯେପରି କେହି ଧାନ କିମ୍ବା ଆଖୁମୂଳି ନ ଜଳାଇବେ ତା' ଉପରେ ଧ୍ୟାନ ଦେବେ। ଏଥିସହିତ ଟ୍ରାଫିକ୍ ଗହଳି କମାଇବା ସହ ଧୂଳିଜନିତ ପ୍ରଦୂଷଣକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ତେବେ କଳିଙ୍ଗନଗର ପାଇଁ ଏକ ସମନ୍ୱିତ ଆକ୍ସନ ପ୍ଲାନ ପ୍ରସ୍ତୁତି ଚାଲିଛି। ଆସନ୍ତା ନଭେମ୍ବର ୬ରେ ଏନ୍‌ଜିଟିଙ୍କ ନିକଟରେ ଏହାକୁ ଉପସ୍ଥାପନ କରାଯିବ ବୋଲି ପରିବେଶ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

**ଅଭିନେତା ସବ୍ୟସାଚୀଙ୍କ ସହ ମନଖୋଲା କଥା**






ହିରୋ ନ ହୋଇଥିଲେ ହିରୋଇନ ହୋଇଥାନ୍ତି

ଦେଖନ୍ତୁ ଭିଡିଓ

YouTube /dharitrilive

## ଜିଲ୍ଲା ଚିଠି
## ମାଲକାନଗିରି



# ମଧ୍ୟାହ୍ନଭୋଜନ ଚାଉଳ

ମାଲକାନଗିରି ଜିଲାରେ ଅନେକ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡୁଛନ୍ତି। ଅଧିକାଂଶ ଛାତ୍ରୀଛାତ୍ର ସ୍କୁଲକୁ ଆସୁନାହାନ୍ତି । ଏହି ଛାତ୍ରୀଛାତ୍ରଙ୍କ ପାଇଁ ସରକାର ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରିଥିଲେ ମଧ୍ୟ ସେ ବାବଦ ଚାଉଳ ହରିଲୁଟ ହେଉଛି। ଚାଉଳ ଯୋଗାଣ ଲାଗି ସରକାର ୫୦ କେଜିର ବସ୍ତା ବ୍ୟବସ୍ଥା କରିଛନ୍ତି। ପ୍ରତିବସ୍ତାରେ ୫୦ କେଜି ଚାଉଳ ସହ ବସ୍ତା ଓଜନ ବାବଦରେ ଅଧିକ ୧ କେଜି ଏପରି ୫୧ କେଜି ରହିବା କଥା । ତେବେ ମାଲକାନଗିରି ଜିଲାର ବିଦ୍ୟାଳୟଗୁଡିକୁ ଯେଉଁ ଚାଉଳ ବସ୍ତା ଆସୁଛି ସେଥିରେ ଚାଉଳ କମ୍ ରହୁଛି। ପ୍ରତି ବସ୍ତାରେ ୫ କେଜିରୁ ଊର୍ଦ୍ଧ୍ୱ ଚାଉଳ କମ୍ ରହୁଥିବା ଅନେକ ସମୟରେ ଶିକ୍ଷକମାନେ ଅଭିଯୋଗ କରୁଛନ୍ତି। ଅଭିଯୋଗର ପ୍ରତିକାର ବଦଳରେ ପରୋକ୍ଷରେ ଶିକ୍ଷକମାନଙ୍କ ଉପରେ ଚାପ ପକାଯାଉଛି। ତୁମ ସ୍କୁଲରେ ଶତ ପ୍ରତିଶତ ଛାତ୍ରୀଛାତ୍ର ନାହାନ୍ତି। ଖାତାରେ ଅଧିକ ଦେଖାଉଛ। ଅନେକ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ନ ଖାଇ ଘରକୁ ଯାଇ ଖାଉଛନ୍ତି। ଏ ବିଷୟରେ ଜିଲା ପ୍ରଶାସନ ଦୃଷ୍ଟିକୁ ଆଣି ତୁମ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି। ଜିଲାରେ ୨୦୧୭-୧୮ରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୯୩ହଜାର ୬୭୫ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜିଲା ଶିକ୍ଷା ବିଭାଗ ୨୧ ହଜାର ୪୯୧ କୁଇଣ୍ଟାଲ ୨୪ କେଜି ଚାଉଳ ଏବଂ ୨୦୧୮-୧୯ ରେ ୩୧ହଜାର ୧୫୬ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୧୨ହଜାର ୮୦୪ କୁଇଣ୍ଟାଲ ୬୦ କେଜି ଚାଉଳ ଯୋଗାଣ ହୋଇଛି। ଜିଲା ପଣ୍ୟାଗାରରୁ ଯୋଗାଣ ବିଭାଗ ଦ୍ୱାରା ଏହି ଚାଉଳ ପରିବହନ ଏଜେଣ୍ଟମାନଙ୍କୁ ପ୍ରଦାନ କରାଯାଉଛି। ଏଥିପାଇଁ ମାଥିଲି, ଖଇରପୁଟ, କୁଡୁମୁଲୁଗୁମ୍ମା ବ୍ଲକରେ ଥିବା ବିଦ୍ୟାଳୟଗୁଡିକୁ ମାଥିଲି ଡିପୋରୁ ଚାଉଳ ଯାଉଥିବା ବେଳେ ମାଲକାନଗିରି ଡିପୋରୁ ମାଲକାନଗିରି, କୋରୁକୋଣ୍ଡା, କାଲିମେଳା, ପଡ଼ିଆ ବ୍ଲକକୁ ଚାଉଳ ଯୋଗାଣ ହେଉଛି। ଚାଉଳ ଓଜନ ସମୟରେ ଶିକ୍ଷା ବିଭାଗ ପକ୍ଷରୁ ଜଣେ ସହକାରୀ ବ୍ଲକ ଶିକ୍ଷାଧିକାରୀ ଏବଂ କେତେଜଣ ଶିକ୍ଷକଙ୍କୁ ଦେଖିବା ପାଇଁ ରଖାଯାଇଛି। ଏହା ସତ୍ତ୍ୱେ କିପରି ଚାଉଳ ବସ୍ତାରେ ୫ରୁ ୭ କେଜି ଚାଉଳ କମ୍ ରହୁଛି ଏବଂ ଓଜନ ବେଳେ ସେଠାରେ ଥିବା ବ୍ଲକ ଶିକ୍ଷା ଅଧିକାରୀ ଓ ଶିକ୍ଷକ କିପରି ଜାଣିପାରୁନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡିପୋରେ ଚାଉଳ ଯଦି ଗୋଟିଏ ବସ୍ତାରେ ୫୦ କେଜି ଓଜନ ହୋଇଥାଏ, ତେବେ ବିଦ୍ୟାଳୟରେ ପହଞ୍ଚିଲା ବେଳକୁ ୫ କେଜିରୁ ଊର୍ଦ୍ଧ୍ୱ ଚାଉଳ ଯାଉଛି କୁଆଡ଼େ। ଏହି ୨ ବର୍ଷ ମଧ୍ୟରେ ପ୍ରତି ବସ୍ତା ପିଛା ଯଦି ୫ କେଜି ଚାଉଳ କମ୍ ହେଲା ତେବେ ମୋଟ ୩୪୩୦ କୁଇଣ୍ଟାଲ ଚାଉଳ ବାଟମାରଣା ହୋଇଛି। ଏହାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଲେ ଏହି ଦୁର୍ନୀତିକୁ ରୋକାଯାଇ ପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

– ଦୁର୍ଯ୍ୟୋଧନ ପାତ୍ର

# 'ପ୍ରୋପା ଲେଡି'ରେ ଦୂତି

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**




ପ୍ରଥମେ 'କୌନ୍ ବନେଗା କରୋଡ୍‌ପତି'ର ହଟ୍ ସିଟ୍ ଆଉ ତା'ପରେ ଭୋଗ୍ 'ସ୍ପୋର୍ଟସ୍ ମ୍ୟାନ୍ ଅଫ୍ ଦି ଇୟର୍'। ଆଉ ଏବେ ପ୍ୟୁମାର ବହୁଚର୍ଚ୍ଚିତ ଆଡ୍ କ୍ୟାମ୍ପେନ୍ 'ପ୍ରୋପା ଲେଡି'ରେ ନଜର ଆସିଛନ୍ତି ଧାବିକା ଦୂତି ଚାନ୍ଦ। ବିଶ୍ୱ ଦରବାରରେ ଭାରତର ନାମକୁ ଉଚ୍ଚ କରିଥିବା ଦୂତି ଏବେ ପାଲଟିଛନ୍ତି ଫେସ୍ ଅଫ୍ ଦି ନେଶନ୍। କ୍ରୀଡା କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିବା ଏହି ଦ୍ରୁତତମ ଧାବିକା ଜର୍ମାନ୍ ମଲ୍ଟି ନ୍ୟାଶନାଲ କମ୍ପାନୀ 'ପ୍ୟୁମା'ର ନୂଆ ଇଣ୍ଡିଆନ୍ କ୍ୟାମ୍ପେନ୍‌ରେ ଏକ ନୂଆ ରୂପରେ ନଜର ଆସିଛନ୍ତି। ମହିଳାଙ୍କ ପାଇଁ ଥିବା ସାମାଜିକ ପ୍ରତିବନ୍ଧକକୁ ଖାତିର ନ କରି ସେ କିଭଳି ଆଗକୁ ବଢ଼ିଛନ୍ତି ଓ ନିଜର ସମଲିଙ୍ଗୀତ୍ୱକୁ ସ୍ୱୀକାର କରିଛନ୍ତି ତାହା ତାଙ୍କ ବୋଲ୍ଡନେସ୍‌ର ପ୍ରମାଣ ଦେଇଥିବାବେଳେ 'ପ୍ୟୁମା'ର ଏହି ନୂଆ ଆଡ୍ କ୍ୟାମ୍ପେନ୍ ତାହା ଦର୍ଶାଇଛି।

ପ୍ରପୋର ନୁହେଁ ପ୍ରୋପା। ଅର୍ଥାତ୍ ଠିକ୍‌ଭାବେ ବସ, ଧୀରେ କଥାକୁହ, ସିଧା ଚାଲ ଭଳି ମହିଳାଙ୍କ ପାଇଁ ରହିଥିବା ଚିରାଚରିତ ସାମାଜିକ ପ୍ରଥାକୁ ଖାତିର ନ କରି ନିଜ ଅଧିକାରକୁ ଉପଭୋଗ କର। ଦୃଢ଼ ମନୋବଳ ସହ ଆଗକୁ ବଢ଼, ନିଜ ସ୍ୱପ୍ନକୁ ସାକାର କର। ଏଭଳି ବାର୍ତ୍ତାନେଇ ଗ୍ଲୋବାଲ୍ ସ୍ପୋର୍ଟସ୍ ବ୍ରାଣ୍ଡ 'ପ୍ୟୁମା' ପକ୍ଷରୁ ପ୍ରସ୍ତୁତ ହୋଇଥିବା ନୂଆ ଆଡ୍ କ୍ୟାମ୍ପେନ୍ 'ପ୍ରୋପା ଲେଡି'ରେ ମହିଳାଙ୍କ ସ୍ୱାଧୀନତାକୁ ସେଲିବ୍ରେଟ୍ କରାଯାଇଥିବାବେଳେ ଏଥିରେ ଅଲିମ୍ପିକ୍ ବକ୍ସର ମ୍ୟାରି କମ୍, ଓଡ଼ିଶା ଜନ୍ମିତ ଧାବିକା ଦୂତି ଚାନ୍ଦ, ଟ୍ରାନ୍ସଜେଣ୍ଡର ମଡେଲ ଅଞ୍ଜଳୀ ଲାମା ଏବଂ ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ନଜରକୁ ଆସିଛନ୍ତି। ମହିଳାମାନେ ଚିରାଚରିତ ପ୍ରଥା ବିରୋଧରେ ଯାଇ କିଭଳି ନିଜ ଇଚ୍ଛା ଓ ସ୍ୱପ୍ନକୁ ବାସ୍ତବ ରୂପ ଦେଇଛନ୍ତି, ତାହା ଏଥିରେ ଦେଖିବାକୁ ମିଳିଛି। କ୍ରୀଡ଼ାରୁ ଆରମ୍ଭ କରି ଫିଲ୍ମ ଦୁନିଆ ପର୍ଯ୍ୟନ୍ତ, ବିଭିନ୍ନ କ୍ଷେତ୍ରରେ ସେମାନେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। କିନ୍ନର ହୋଇ ମଧ୍ୟ ଅଞ୍ଜଳୀ ଲାମା ଜଣେ ସୁପର୍‌ମଡେଲର ଆଖ୍ୟା ଅର୍ଜନ କରିଛନ୍ତି। ନିଜ ପ୍ରତିଭା ଓ ଦକ୍ଷତା ବଳରେ ମାତ୍ର ଅଳ୍ପ କିଛିଦିନ ମଧ୍ୟରେ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ବଲିଉଡ୍‌ରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି ଓ କାହାକୁ ଖାତିର୍ ନ କରି ନିଜ ମତକୁ ସର୍ବଦା ଦୃଢ଼ତ୍ୱର ସହ ଉପସ୍ଥାପନ କରିଛନ୍ତି। ସେହିଭଳି ମ୍ୟାରି କମ୍ ଓ ଦୂତି ଚାନ୍ଦ କେବଳ କ୍ରୀଡ଼ା କ୍ଷେତ୍ରରେ ବିଶ୍ୱସ୍ତରରେ ପ୍ରତିଷ୍ଠା ଅର୍ଜନ କରିନାହାନ୍ତି କି ଭାରତକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିନାହାନ୍ତି, ବରଂ ସାମାଜିକ ପ୍ରତିବନ୍ଧକକୁ ଖାତିର ନ କରି ନିଜ ବ୍ୟକ୍ତିଗତ ମତ ଓ ବିଷୟକୁ ଖୋଲାଖୋଲିଭାବେ ସ୍ୱୀକାର କରିଛନ୍ତି। ଦେଶର ପ୍ରଥମ ସମଲିଙ୍ଗୀ କ୍ରୀଡ଼ାବିତ୍ ଦୂତି ନିଜ ପ୍ରେମ ସମ୍ପର୍କକୁ ସର୍ବସମ୍ମୁଖରେ ସ୍ୱୀକାର କରି ଇତିହାସ ରଚିଛନ୍ତି, ଯାହାକୁ ସେ ଏହି କ୍ୟାମ୍ପେନ୍ ମାଧ୍ୟମରେ ଦର୍ଶାଇଛନ୍ତି। ଦୂତୀଙ୍କୁ ଏଥିରେ ଗୋଲାପୀ ରଙ୍ଗର ପ୍ୟୁମା ଟ୍ରାକ୍ ସୁଟ୍ ଓ ଜୋତା ପିନ୍ଧି ୱାର୍କଆଉଟ୍ କରିବା ସହ ହ୍ୱିସିଲ ମାରିବାର ଦେଖିବାକୁ ମିଳିଛି। ଏହି ଭିଡ଼ିଓ ବିଭିନ୍ନ ପ୍ଲାଟଫର୍ମରେ ବିପୁଳ ସମର୍ଥନ ଲାଭ କରିଥିବାବେଳେ ସବୁସ୍ତରରେ ପ୍ରଶଂସା ସାଉଁଟିଛି।

▪ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ

# ୨୯୯ଜଣଙ୍କୁ ଦିଆଯିବ ଅଧ୍ୟାପକ ନିଯୁକ୍ତି

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକରେ ଖାଲିପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯାଇଛି। ଏଥିପାଇଁ ବିଭାଗ ଦ୍ୱାରା ରାଜ୍ୟ ସିଲେକ୍‌ଶନ୍ ବୋର୍ଡକୁ ୮୩୩ ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ଏନେଇ ପ୍ରକ୍ରିୟା ଜାରି ରହିଥିବାବେଳେ ଇତି ମଧ୍ୟରେ ୯ ବିଭାଗରେ ୨୯୯ ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ଚୟନ ପ୍ରକ୍ରିୟା ଚୂଡ଼ାନ୍ତ ହୋଇଛି। ଯୋଗ୍ୟ ବିବେଚିତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ଦିଆଯିବ। ନବନିଯୁକ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ପାଇଁ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେବେ। ଶୁକ୍ରବାର ସକାଳ ୧୦ଟାରେ ଆୟୋଜିତ ଏହି ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସଭାପତିତ୍ୱ କରିବେ। କାର୍ଯ୍ୟକ୍ରମରେ ନୃତତ୍ତ୍ୱ ବିଭାଗର ୨ ଜଣ, ଉଦ୍ଭିଦ ବିଜ୍ଞାନର ୩୩ ଜଣ, ବାଣିଜ୍ୟର ୩୬ ଜଣ, ରସାୟନ ବିଜ୍ଞାନର ୫୪ ଜଣ, ଅର୍ଥଶାସ୍ତ୍ରର ୭୦ ଜଣ, ଭୂତତ୍ତ୍ୱର ଜଣେ, ଭୂଗୋଳର ୨ ଜଣ, ରାଜନୀତି ବିଜ୍ଞାନର ୬୨ ଜଣ ଏବଂ ତର୍କ ଓ ଦର୍ଶନ ଶାସ୍ତ୍ରର ୩୪ ଜଣ ନବନିଯୁକ୍ତ ଅଧ୍ୟାପକ ଯୋଗଦେବେ।

# ଜଙ୍ଗଲରୁ ଦନ୍ତାହାତୀର ମୃତଦେହ ଉଦ୍ଧାର

**ରେଢାଖୋଲ,୨୩।୧୦ (ଡି.ଏନ.ଏ)**



ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡ ଅଧୀନ ବଡମାଳ ବନାଞ୍ଚଳର ଭାଲିଆକଟା ପଞ୍ଚାୟତ ବଡପାଟି ଗ୍ରାମ୍ୟ ଜଙ୍ଗଲରେ ଥିବା ଏକ ନାଳରୁ ବୁଧବାର ଦନ୍ତାହାତୀର ଗଳିତ ମୃତଦେହକୁ ବନ ବିଭାଗ ଠାବ କରିଛି। ବନବିଭାଗ କର୍ମଚାରୀ ମଙ୍ଗଳବାର ରାତିରେ ଖବର ପାଇବା ପରେ ଜଙ୍ଗଲରେ ଜଗି ରହିଥିଲେ। ବୁଧବାର ସକାଳୁ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା, ରେଞ୍ଜ ଅଧିକାରୀ ରମେଶ ପ୍ରସାଦ କର୍ଣ୍ଣଙ୍କ ସମେତ ବନ କର୍ମଚାରୀ ପହଞ୍ଚି ଥିଲେ। ରେଢାଖୋଲ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ମୋହନ ମାଣିଆ ବ୍ୟବଚ୍ଛେଦ କରିବା ପରେ ମୃତଦେହକୁ ସେଠାରେ ପୋତି ଦେଇଛନ୍ତି । ମୃତ ହାତୀର ବୟସ ଆନୁମାନିକ ୨୦ ବର୍ଷ ଭିତରେ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କେଉଁ ପରିସ୍ଥିତିରେ ହାତୀର ମୃତ୍ୟୁ ଘଟିଛି ଜଣାପଡିନାହିଁ । ଆନ୍ଥ୍ରାକ୍ସ ଯୋଗୁ ମୃତ୍ୟୁ ଘଟିଥାଇପାରେ ବୋଲି ବନ ବିଭାଗ କହିଛି। ସୂଚନାଯୋଗ୍ୟ, ଗତ ରବିବାର ନାକଟିଦେଉଳ ବନାଞ୍ଚଳ ଅଧୀନ ରାଇଲ ସେକ୍ସନରେ ଏକ ଅସୁସ୍ଥ ଦନ୍ତାହାତୀର ମୃତ୍ୟୁ ଘଟିଥିଲା।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସଂଯୁକ୍ତା ମହାପାତ୍ର
ଆବିର୍ଭାବ: ୦୧।୧୦।୧୯୫୪
ତିରୋଧାନ: ୨୧।୧୦।୨୦୧୯
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର:
ସ୍ୱାମୀ– ଗୋପାଳ ମହାପାତ୍ର
ପିତା– ଲେଖକ ସ୍ୱର୍ଗତ ଯମେଶ୍ୱର ମିଶ୍ର
ଆଠମଲ୍ଲିକ
ଧ-୧୪୮୭

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଭୁବନେଶ୍ୱର ହୋତା (ଶିକ୍ଷକ)
କମାଶାସନ
ଆବିର୍ଭାବ: ୧୯୩୮
ତିରୋଧାନ: କାର୍ତ୍ତିକ ଏକାଦଶୀ
କେତେ ସ୍ନେହ ଢାଳୁଥିଲ ଆପଣା ଶିରରେ
ସେଥିପାଇଁ ଲୁହ ଝରେ ସବୁରି ଆଖିରେ ।
କର୍ମ ହିଁ ଭଗବାନ। ଆପଣଙ୍କ ଏହି ମନ୍ତ୍ର ହିଁ ଆମ୍ଭର ପ୍ରେରଣା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ
ଧ-୬୪୦୯୫

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା
କବିରାଜ ଭବନ, ଆସିକା, ଗଞ୍ଜାମ
ଆବିର୍ଭାବ: ମହାଶିବରାତ୍ରି, ୧୯୧୪
ତିରୋଧାନ: କାର୍ତ୍ତିକ କୃଷ୍ଣପକ୍ଷ ଏକାଦଶୀ, ୨୦୦୬
ଆପଣଙ୍କ ଆଦର୍ଶ ଆମମାନଙ୍କର ପାଥେୟ।
ଶୋକସନ୍ତପ୍ତ:
ପୁତ୍ର-ପ୍ରଶାନ୍ତ, ବୋହୂ-ବିଜୟଲକ୍ଷ୍ମୀ, ଝିଅ-ରଞ୍ଜିତା, ଜ୍ୱାଇଁପୁଅ-ଏନ୍.ସି. ପାଢ଼ୀ ଓ ବନ୍ଧୁବର୍ଗ।
ଧ-୧୪୮୫

**ନବମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ମନମୋହନ ପଟ୍ଟନାୟକ
ମହୁଲପାଳ, କାମାକ୍ଷାନଗର, ଢେଙ୍କାନାଳ
ଆବିର୍ଭାବ: ତା.୦୭।୦୬।୧୯୨୬
ତିରୋଧାନ: ତା.୦୨।୧୧।୨୦୧୦
ଆପଣଙ୍କ ଅମରାତ୍ମାର ସଦ୍‌ଗତି ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୬୮୨୭

# ୩୧ରେ ବସିବ ପଦୋନ୍ନତି କମିଟି ବୈଠକ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

- ଏସ୍‌ଓରୁ ଡିଓ ହେବେ କର୍ମଚାରୀ
- ବିଭିନ୍ନ ଭତ୍ତା ବୃଦ୍ଧି ପାଇଁ ଦାବି

ରାଜ୍ୟ ଲୋକସେବା ଭବନରେ କାର୍ଯ୍ୟରତ ଉପବିଭାଗ ଅଧିକାରୀ(ଏସ୍‌ଓ)ଙ୍କ ପଦୋନ୍ନତି ହେବାକୁ ଯାଉଛି। ଏଥିପାଇଁ ଚଳିତ ମାସ ୩୧ରେ ଏକ ବୈଠକ ବସିବ। ୨୦୧୯ ବର୍ଷ ପାଇଁ କାର୍ଯ୍ୟରତ ଏସ୍‌ଓଙ୍କୁ ଡେସ୍କ ଅଫିସର(ଡିଓ) ପଦବୀକୁ ଉନ୍ନୀତ କରାଯିବ। ଏହିପରି ଭାବେ ପ୍ରାୟ ୩୦୦ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ଦ୍ୱାରା ଏହି ପ୍ରକ୍ରିୟା ସମ୍ପାଦନ କରାଯିବ। ୧୯୮୪-୮୫ ଏବଂ ୧୯୯୧-୯୨ ବ୍ୟାଚ୍ କର୍ମଚାରୀମାନେ ପଦୋନ୍ନତି ପାଇବେ ବୋଲି ଜଣାପଡିଛି।

ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ସଂରକ୍ଷଣକୁ ନେଇ ମଧ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ଏ ନେଇ ଜଣେ ଅଧିକାରୀ କହିଛନ୍ତି, ପ୍ରାୟ ୧୫ ବର୍ଷ ପୂର୍ବରୁ ସଂରକ୍ଷିତ ସମ୍ପର୍କିତ ସମସ୍ତ ମାମଲା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଫଇସଲା ହୋଇ ସାରିଛି। ତେଣୁ ସାଧାରଣ ବର୍ଗ, ତଫସିଲଭୁକ୍ତ ବର୍ଗର କର୍ମଚାରୀ ନିଜ ନିଜ ବର୍ଗରେ ପଦୋନ୍ନତି ପାଇବେ। ଏହା ସାରା ଦେଶରେ ପାଳନ କରାଯାଉଛି। ହେଲେ ଅତୀତରେ କେତେକ କ୍ଷେତ୍ରରେ ଏହାର ଉଲ୍ଲଂଘନ କରାଯାଇଥିବା ଜଣାପଡିଛି। ଚଳିତ ଥର ଏହାର ଯେପରି ପୁନରାବୃତ୍ତି ନ ହେବ, ସେ ଦିଗରେ ଦୃଷ୍ଟି ଦିଆଯାଇଛି।

ସେହିଭଳି ସପ୍ତମ ବେତନ କମିଶନ ସୁପାରିସ ଆଧାରରେ ରାଜ୍ୟ ସରକାରୀ କର୍ମଚାରୀ ପାଖାପାଖି ୨ ବର୍ଷ ହେବ ଦରମା ପାଇ ଆସୁଛନ୍ତି। ହେଲେ ସେହି ଆଧାରରେ ସରକାର ଘରଭଡ଼ାର ନୂଆ ହାର୍ ନିର୍ଦ୍ଧାରଣ କରିନାହାନ୍ତି। ଘରଭଡ଼ା ବାବଦକୁ ଭତ୍ତା ମିଳୁଥିଲେ ବି ତାହା ପ୍ରକୃତ ମୂଲ୍ୟଠାରୁ ବହୁତ କମ୍। ଏପରି କି ଦୈନିକ ଭତ୍ତାର ମୂଲ୍ୟ ମଧ୍ୟ ନିର୍ଦ୍ଧାରଣ କରାଯାଇନାହିଁ। ସେହିପରି ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ଓଡ଼ିଶା ସରକାରଙ୍କ କର୍ମଚାରୀଙ୍କ ମହାନଗର ଭତ୍ତା, ଗମନାଗମନ ଭତ୍ତା, ଘରଭଡ଼ା ବାବଦକୁ ଭତ୍ତା ନୂତନ ଦରମା ଆଧାରରେ କରାଯାଇନାହିଁ। ତେଣୁ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଉ ବୋଲି ମତ ପ୍ରକାଶ ପାଇଛି।

# ବ୍ୟାଙ୍କ ଆକାଉଣ୍ଟରେ ମିଳିବ ଭତ୍ତା ଟଙ୍କା

## ସବୁ ଜିଲାପାଳଙ୍କୁ ରାଜ୍ୟ ସରକାରଙ୍କ ଚିଠି

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଓ ମଧୁବାବୁ ପେନସନ ଯୋଜନାର ହିତାଧିକାରୀମାନଙ୍କୁ ଏଥର ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ମାସିକ ଭତ୍ତା ପ୍ରଦାନ କରାଯିବ। ଆସନ୍ତା ମାସରୁ ସହରାଞ୍ଚଳର ସମସ୍ତ ହିତାଧିକାରୀଙ୍କୁ ଏବଂ ଡିସେମ୍ବରରୁ ବ୍ଲକ ମୁଖ୍ୟାଳୟସ୍ଥିତ ପଞ୍ଚାୟତଗୁଡିକରେ ଏହି ବ୍ୟବସ୍ଥା ଲାଗୁହେବ। ଏହି ବ୍ୟବସ୍ଥା ଲାଗୁ କରିବା ପୂର୍ବରୁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଅପଡେଟ୍ କରିବା ପାଇଁ ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଯେଉଁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନ ଥିବ ଆସନ୍ତା ୧୫ ତାରିଖ ସୁଦ୍ଧା ଖୋଲିବାକୁ କୁହାଯାଇଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ସଚିବ ଭାସ୍କରଜ୍ୟୋତି ଶର୍ମା ବୁଧବାର ସମସ୍ତ ଜିଲାପାଳଙ୍କୁ ଏନେଇ ଚିଠି କରିଛନ୍ତି। ସହରାଞ୍ଚଳ ହିତାଧିକାରୀଙ୍କୁ ନଭେମ୍ବର ୩୦ ସୁଦ୍ଧା ଏବଂ ଡିସେମ୍ବର ୩୧ ପରେ ପଞ୍ଚାୟତଗୁଡିକରୁ ଭତ୍ତା ନେଉଥିବା ହିତାଧିକାରୀଙ୍କୁ ଏହି ସୁବିଧା ମିଳିବ।

ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ - ଯାହା ନ କହିବା ଉଚିତ ସେସବୁ କହିପକାଏ - ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ। -ଶ୍ରୀମା

# ବିଚିତ୍ର ଆଖି



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଭାବନ୍ତୁ ତ, ଯଦି ଆପଣଙ୍କ ନାକ ମୁଣ୍ଡ ଉପରେ ରହିବ, ପାକସ୍ଥଳୀ ଉପରେ ରହିବ, ଆଖି ଓ ମୁହଁ ରହିବ ପାଦ ଉପରେ ତେବେ ଆପଣଙ୍କ ଆକାର କେମିତି ହେବ! କିନ୍ତୁ ମୁଁ ନିଶ୍ଚିତ, ଏମିତିକା ଜୀବ କେଉଁଠି ନା କେଉଁଠି ଅଛନ୍ତି। କାରଣ, ବିଚିତ୍ର ଜୀବ ସୃଷ୍ଟି କରିବାରେ ପ୍ରକୃତି କୌଣସି ସଂଯୋଗକୁ ହାତଛଡ଼ା କରିନି। ସ୍କଟ୍‌ଲାଣ୍ଡରେ ଏବେ ୪ ମିଲିମିଟରର ଆମ୍ପାରେଟ୍ ଓକୁଲିସିରାଟା ନାମକ ଏକ ସାମୁଦ୍ରିକ କୃମି ଆବିଷ୍କୃତ ହୋଇଛି। ମୁହଁ ପାଖରେ ନିଶ ରହିଥିବା ଏହି କୃମିର ଅତିଛୋଟ ଓ ଉଜ୍ଜ୍ୱଳ ଆଖି ଏହାର ପୃଷ୍ଠଭାଗରେ ବାହାରକୁ ବାହାରିଛି। ଏମିତି ଜୀବମାନଙ୍କର ସବୁଠୁ ଜଟିଳ ଓ ବିସ୍ମୟକର ଆଖି ରହିଛି। ଛଅ ଆଖିଆ ବୁଢିଆଣୀଠାରୁ ଆରମ୍ଭ କରି ଝିଟିପିଟି ମଣିଷଠାରୁ ୩୫୦ ଗୁଣ ଭଲ ଦେଖିପାରନ୍ତି। ମଣିଷ ଦେଖିପାରୁ ନ ଥିବା ତରଙ୍ଗ ଓ ଅତିବାଇଗଣୀ ରଶ୍ମିକୁ ଦେଖିପାରୁଛନ୍ତି କିଛି ଜୀବ। ହିଂସ୍ର ଜନ୍ତୁଙ୍କୁ ଭୟଭୀତ କରିବା ପାଇଁ କେତେକ ଜୀବ ସେମାନଙ୍କ ଆଖିକୁ ମଧ୍ୟ ବ୍ୟବହାର କରନ୍ତି। ପ୍ରଜାପତି ଭଳି ଜୀବ ତା'ଠାରୁ ବଡ଼ ଜୀବଙ୍କ ଆଖିର ଅବିକଳ ନକଲ ତା' ଶରୀର ଉପରେ ଉତାରିପାରେ। ଏହି ଭଳି ବହୁ ବିସ୍ମୟକର ଆଖି ଆମ ପୃଥିବୀରେ ରହିଛି।

* ଗିଟାରଫିଶ୍‌ର ଆଖିପତା ନାହିଁ। କିନ୍ତୁ ସେମାନଙ୍କ ଆଖିର ମାଂସପେଶୀ ରହିଛି ଯାହା ଆଖିକୁ ମୁଣ୍ଡ ଭିତରକୁ ୧.୬ ଇଞ୍ଚ ନେଇଯାଏ। ସମୁଦ୍ର ତଳେ ଶିକାର କରିବାରେ ଓ ତା' ଆଖିକୁ ବାଲିରୁ ରକ୍ଷା କରିବା ପାଇଁ ଏହା ତା' କାମରେ ଆସିଥାଏ।

* କାମେଲିୟନ (ବହୁରୂପୀ ଏଣ୍ଡୁଅ)ର କୋନ୍ ଆକାରର ଆଖି ମୁଣ୍ଡରୁ ବାହାରକୁ ବାହାରି ରହେ। ଆଖିର ଚାରିପାଖରେ ଥିବା ଗୋଲାକାର ଆଖିପତା ମଧ୍ୟରେ କେବଳ ପିନ୍‌ହୋଲ ଆକାରର ଛିଦ୍ର ମାଧ୍ୟମରେ ତାହା ଦେଖିପାରେ। ଆଖି ସ୍ୱାଧୀନ ଭାବେ ଗତିକରେ ଓ ୩୬୦ ଡିଗ୍ରୀରେ ବୁଲିପାରେ। ଏହାଦ୍ୱାରା ଏହି ଜୀବ ଏକ ସାଙ୍ଗରେ ବିଭିନ୍ନ ଦିଗରୁ ସବୁ ଜିନିଷକୁ ଦେଖିବା ସହ ପରିବେଶକୁ ମଧ୍ୟ ସ୍କାନ୍ କରିପାରେ। ଯେତେବେଳେ ବହୁରୂପୀ କୌଣସି କୀଟକୁ ଦେଖେ ସେତେବେଳେ ତା' ଦୁଇ ଆଖିକୁ ଏକା ଦିଗରେ କେନ୍ଦ୍ରିତ କରି ଜିଭ କୀଟ ଆଡ଼କୁ ନେଇ ଶିକାର କରିଥାଏ। ବହୁରୂପୀ ତା'ର ତୀକ୍ଷ୍ଣ ଦୃଷ୍ଟିଶକ୍ତି ବଳରେ ଅତିବାଇଗଣୀ ରଶ୍ମିକୁ ମଧ୍ୟ ଦେଖିପାରେ।

* ପୃଥିବୀରେ ସବୁଠାରୁ ବଡ଼ ଆଖି କୋଲୋସଲ ସ୍କ୍ୱିଡ୍‌ର। ଏକ ଫୁଟବଲ ଭଳି ଦେଖିବାକୁ ୧୧ ଇଞ୍ଚ ଆଖିର ଲେନ୍ସ ଏକ କମଳାଲେମ୍ବୁ ଆକାରର। ପ୍ରତି ଆଖିର ଫଟୋଫୋରସ (ଏକ ପ୍ରକାର ଲାଇଟ୍ ଅର୍ଗାନ ଯାହା ହେଡ୍‌ଲାଇଟ ଭଳି କାମ କରେ) ରହିଛି ଯେଉଁଥିରୁ ଆଲୋକ ବିଚ୍ଛୁରିତ ହୋଇଥାଏ। ଏହାଦ୍ୱାରା ସେ ଅନ୍ଧାରରେ ସହଜରେ ଦେଖିପାରେ। ଏହି ଜୀବ ସମୁଦ୍ରର ୨୦୦୦ ମିଟର ତଳେ ଶିକାର କଲାବେଳେ ଏହି ଆଲେକ ସ୍କ୍ୱିଡ୍‌କୁ ସାହାଯ୍ୟ କରିଥାଏ।

* ଡ୍ରାଗନ୍‌ଫ୍ଲାଏ ବା କଂକିର ଆଖି ହଜାର ହଜାର କ୍ଷୁଦ୍ର ହେକ୍ସାଗୋନାଲ (ଷଟ୍‌କୋଣୀୟ) ଆଖିର ସମାହାର। ଏହାଦ୍ୱାରା ସେମାନେ ୩୬୦ ଡିଗ୍ରୀରୁ ସବୁ ଦେଖିପାରନ୍ତି। ଆଖିମୁଣ୍ଡର ଅନେକ ଅଂଶକୁ ଆବୃତ୍ତ କରିଥାଏ। ଏହା ୩୦,୦୦୦ ଭିଜୁଆଲ ୟୁନିଟ୍ (ଓମାଟିଡିଆ)କୁ ନେଇ ଗଠିତ। ପ୍ରତିଟିରେ ଏକ ଲେନ୍ସ ଓ ଅନେକ ଆଲୋକ ସମ୍ବେଦନଶୀଳ କୋଷ ରହିଛି। ସେମାନେ ଅତିବାଇଗଣୀ ଓ କେନ୍ଦ୍ରୀକୃତ ଆଲୋକକୁ ମଧ୍ୟ ଦେଖିପାରନ୍ତି। ଏମାନଙ୍କର ଆଉ ତିନୋଟି ଛୋଟ ଆଖି ରହିଛି ଯାହାକୁ କୁହାଯାଏ ଓସେଲ୍। ଏହା ମାଧ୍ୟମରେ ଗତିବିଧିକୁ ଠଉରାଇ ଗୋଟେ ସେକେଣ୍ଡ ଭିତରେ ପ୍ରତିକ୍ରିୟା ପ୍ରକାଶ କରିପାରେ।

* ଦି ଲିଫ୍ ଟେଲ୍‌ଡ ଗେକୋ (ପତ୍ରାକୃତି ଲାଞ୍ଜବିଶିଷ୍ଟ ଝିଟିପିଟି)ର ଭର୍ଟିକାଲ ଆଖିର ଆଖିପତା ନାହିଁ। ଏହାର ଭର୍ଟିକାଲ ଡୋଳାରେ ରହିଥିବା ଅନେକ ଛୋଟ ଛିଦ୍ର ରାତିରେ ସମ୍ପ୍ରସାରିତ ହୋଇଥାଏ। ଏହାଦ୍ୱାରା ଏହି ଜୀବ ରାତିରେ ଦେଖିପାରେ। ଏହା ମଣିଷଠାରୁ ୩୫୦ ଗୁଣ ଭଲ ଦେଖିପାରେ। ଆଖି ଉପରେ ଥିବା ଏକ ପ୍ରକାର ସୂକ୍ଷ୍ମ ଝିଲ୍ଲି ଆଖିକୁ ସୁରକ୍ଷା ଦିଏ। ଆଖି ଉପରେ ଏହା ଘୋଡାଇ ହୋଇ ରହିଲେ ବି ତା' ମାଧ୍ୟମରେ ଦେଖିପାରେ। ଦରକାର ପଡିଲେ ଝିଟିପିଟି ତାହାକୁ ଜିଭ ଦ୍ୱାରା ସଫା କରିଦିଏ।

* ମଣିଷ ୧୬୦ରୁ ୨୧୦ ଡିଗ୍ରୀ କୋଣରୁ ଦେଖିବାକୁ ସକ୍ଷମ ହେଉଥିବାବେଳେ ଛେଳି ତା' ଆୟତାକାର ଡୋଳା ମାଧ୍ୟମରେ ୩୨୦ରୁ ୩୪୦ ଡିଗ୍ରୀରେ ଥିବା ଜିନିଷକୁ ଦେଖିପାରେ। ଗୋଟିଏ ଜାଗାରେ ରହି ଚାରିଆଡ଼କୁ ଦେଖିପାରେ। ଛେଳି ରାତିରେ ବି ଭଲ ଭାବେ ଦେଖିପାରେ।

* ୬ ଆଖିଆ ଓଗର୍-ଫେସ୍‌ଡ ସ୍ପାଇଡର୍ ଏକ ପ୍ରକାର ବୁଢିଆଣୀ ଯାହା ରାତିରେ ଚଳପ୍ରଚଳ ହୋଇ ଭଲ ଭାବେ ଦେଖିପାରେ। ଆମଠାରୁ ୧୦୦ ଗୁଣ ଭଲ ଦେଖିବାରେ ଏହି ଜୀବ ସକ୍ଷମ। ତା' ଆଖିକୁ ଲାଇଟ୍ ସେନ୍‌ସିଟିଭ ସେଲ୍ ଆବୃତ୍ତ କରି ରଖିଥିବାରୁ ଏହା ସମ୍ଭବ ହେଉଛି। ଆଖିର ଝିଲ୍ଲି ବା ପରଦା ଏତେ ସୂକ୍ଷ୍ମ ଯେ ଏହା ସକାଳୁ ନଷ୍ଟ ହୋଇଯାଏ ଓ ପୁଣି ରାତିରେ ତାହା ସୃଷ୍ଟି ହୋଇଯାଏ।

* ପୃଥିବୀର ସବୁଠାରୁ ଜଟିଳ ଆଖି ରହିଥିବା ମଣ୍ଟିସ୍ ସ୍ରିମ୍ପ୍ (ଏକ ପ୍ରକାର ଚିଙ୍ଗୁଡ଼ି) ଏହାର ଶତ୍ରୁମାନଙ୍କ ପ୍ରତି ଭାରି ପ୍ରତିଶୋଧପରାୟଣ। ମଣିଷ ଆଖିରେ ତିନୋଟି କଲର୍ ରିସେପ୍ଟର ରହିଥିବା ବେଳେ ଏମାନଙ୍କର ଦୁଇଟି ଗୁଗ୍‌ଲି ଆଖିରେ ରହିଛି ୧୨ଟି କଲର୍ ରିସେପ୍ଟର। ଏହା ଅତିବାଇଗଣୀ ଓ ଧ୍ରୁବୀକୃତ ଆଲୋକକୁ ଦେଖିପାରେ। ଏହାର ଟ୍ରାଙ୍ଗୁଲାର ଭିଜନ ମଧ୍ୟ ରହିଛି। ତିନୋଟି ଅଂଶରେ ବିଭକ୍ତ ଆଖିର ପ୍ରତିଟି ଅଂଶରେ ତାହା ଭଲଭାବେ ଦେଖିପାରେ। ଯଦି କୌଣସି କାରଣରୁ ଗୋଟିଏ ଅଂଶ ନଷ୍ଟ ହୋଇଯାଏ ତେବେ ଅନ୍ୟ ଆଖି ପାଣିର ଗଭୀରତା ତଥା ଦୂରତାରେ ଥିବା ଜିନିଷକୁ ଦେଖିବାରେ ସକ୍ଷମ ହୋଇଥାଏ। ଏହାର ପ୍ରତିଟି ଆଖିରେ ୧୦,୦୦୦ ଓମାଟିଡିଆ ଧାଡି ଧାଡି ହୋଇ ରହିଛି। ପ୍ରତ୍ୟେକ ଧାଡିର କାର୍ଯ୍ୟ ବି ଭିନ୍ନ। ଏହା ୭୦ ଡିଗ୍ରୀରେ ଘୂରିପାରେ। ଆଶ୍ଚର୍ଯ୍ୟର କଥା ହେଉଛି କୌଣସି ଜିନିଷ ଦେଖିବା ପରେ ତା' ସମ୍ବନ୍ଧୀୟ ତଥ୍ୟର ପ୍ରୋସେସିଂ ଆଖିରେ ହିଁ ହୁଏ, ମସ୍ତିଷ୍କରେ ନୁହେଁ।

* ସ୍ପୁକ୍‌ଫିଶ୍ ଏକ ପ୍ରକାର ମାଛ ଯାହାର ୪ଟି ଆଖି। ପୃଥିବୀର ଅଧିକାଂଶ ଜୀବ ଦେଖିବା ପାଇଁ ଆଖିର ଲେନ୍ସ ଉପଯୋଗ କରୁଥିବାବେଳେ ସ୍ପୁକ୍‌ଫିଶ୍ କିନ୍ତୁ ପୂରା ଭିନ୍ନ। ପ୍ରତିଟି ଆଖିରେ ସ୍ୱେଲିଂ ବା ଫୁଲିବା ଭଳି ଅଂଶ ରହିଛି ଯାହାକୁ କୁହାଯାଏ ଡାଇଭର୍ଟିକୁଲମ୍। ଏହା ମୁଖ୍ୟ ଆଖିରୁ ଏକ ଝିଲ୍ଲି ଦ୍ୱାରା ପୃଥକ୍ ହୋଇଥାଏ। କିନ୍ତୁ ଆଖିର ମୁଖ୍ୟ ଅଂଶରେ ଲେନ୍ସ ରହିଥାଏ। ଡାଇଭର୍ଟିକୁଲମ୍‌ର ସ୍ତର ସ୍ତର ହୋଇ ଗଠିତ ହୋଇଥିବା ଗ୍ୱାନିନ୍ କ୍ରିଷ୍ଟାଲ୍‌ର ଏକ ବକ୍ର ମିରର୍ ରହିଛି। ଏହି ମିରର୍‌ରେ ଆଲୋକ ପ୍ରତିଫଳନ ହୋଇ ରେଟିନାରେ କେନ୍ଦ୍ରିତ ହେବା ଦ୍ୱାରା ସ୍ପୁକ୍‌ଫିଶ୍ ଏକା ସାଙ୍ଗରେ ଊର୍ଦ୍ଧ୍ୱ ଓ ନିମ୍ନରୁ ସବୁ ଦେଖିପାରେ।

* ସି' ଷ୍ଟାର୍ କିମ୍ବା ଷ୍ଟାର୍‌ଫିଶ୍‌ର ପାଞ୍ଚଟି ଆଖି। ଏହା ଆଲୋକ ଓ ଅନ୍ଧାର ପ୍ରତି ସମ୍ବେଦନଶୀଳ। ଏହି ଜୀବର ପ୍ରତ୍ୟେକ ଭୁଜର ଶେଷରେ ଗୋଟିଏ ଲେଖା ଆଖି ରହିଛି। ଏହାବାଦ୍ ଟ୍ରସିୟର (ଗୁଣ୍ଡୁଚିମୂଷା ଆକାରର ମାଙ୍କଡ଼)ର ତା' ଶରୀର ଆକାରର ଆଖି ଦେଖିବାକୁ ମିଳେ। ସେମାନେ ଆଖିକୁ ଚାରିଦଗକୁ ବୁଲାଇ ପାରନ୍ତିନି। ଆହାର ଖୋଜିବା ପାଇଁ ମୁଣ୍ଡକୁ ୧୮୦ ଡିଗ୍ରୀ ବୁଲାଇବାକୁ ପଡ଼େ। ଏମାନଙ୍କ ଆଖିର ଓଜନ ମସ୍ତିଷ୍କଠାରୁ ବି ବେଶି। ଏହି ଜୀବ ରାତିରେ ଭଲଭାବେ ଦେଖିପାରେ। ଅତିବାଇଗଣୀ ଆଲୋକକୁ ବି ଏମାନେ ଦେଖିବାରେ ସକ୍ଷମ।

* ନଦୀ, ହ୍ରଦ କିମ୍ବା ପୋଖରୀର ମଧୁର ଜଳରେ ବି ଚାରି ଆଖିଆ ମାଛ ରହିଛନ୍ତି। ଏମାନେ କୀଟ ଶିକାର କରି ଖାଆନ୍ତି। ପାଣି ଉପରେ ବେଶି ସମୟ ପହଁରନ୍ତି। ଏହି ମାଛକୁ ଚାରି ଆଖିଆ ମାଛ କୁହାଯାଉଥିଲେ ବି ବାସ୍ତବରେ ଏହାର ଦୁଇଟି ଆଖି। ଏହି ଆଖି ଦୁଇଟି ଏକ ତନ୍ତୁ ଦ୍ୱାରା ଦୁଇ ଭାଗରେ ବିଭକ୍ତ ହୋଇଛି। ପ୍ରତ୍ୟେକ ଭାଗରେ ଏକ ପଟଳ ରହିଛି। ଆଖିର ଉପର ଭାଗ ପାଣି ଉପରେ ଦେଖିପାରେ ଓ ଆଖିର ନିମ୍ନ ଭାଗ ପାଣିରେ ଦେଖିପାରେ। କିନ୍ତୁ ଦୁଇଟି ଆଖିର ଗୋଟିଏ ଲେନ୍ସ ରହିଛି।

* ଷ୍ଟକ୍ ଆଏଡ୍ ଫ୍ଲାଇଜ୍ ବା ଶୁଣ୍ଡଆଖିଆ ମାଛିର ମୁଣ୍ଡ ଦୁଇ ପାଖରେ ଥିବା ଲମ୍ବା ଷ୍ଟକ୍ ବା ଶୁଣ୍ଡରେ ଆଖି ରହିଛି। ମାଈ ମାଛି ତୁଳନାରେ ଅଣ୍ଡିରା ମାଛିର ଲମ୍ବା ଶୁଣ୍ଡଆଖି ଦେଖିବାକୁ ମିଳେ। ମେଟିଂ ସମୟରେ ଲମ୍ବା ଶୁଣ୍ଡଆଖିଆ ଅଣ୍ଡିରା ମାଛି ମାଈ ମାଛିର ପସନ୍ଦ। ବହୁ ସମୟରେ ମୁହାଁମୁହିଁ ହୋଇ ଏହି ଆଖିର ଲମ୍ବ ମାପକରନ୍ତି। ଯାହାର ଆଖିର ପୁତୁଳା ବଡ଼ ସେ ହିଁ ଜିତିଥାଏ। ଅଣ୍ଡିରା ମାଛି ତା'ର ଆଖିଥିବା ଶୁଣ୍ଡକୁ ବଢାଇବା ପାଇଁ ପାଟି ମାଧ୍ୟମରେ ବାୟୁ ଶୋଷି ତାହାକୁ ମୁଣ୍ଡରେ ଥିବା ସୂକ୍ଷ୍ମ ନଳୀ ମାଧ୍ୟମରେ ଆଖି ଭିତରକୁ ଛାଡନ୍ତି। ଏହାକୁ ସେମାନେ ମେଟିଂ ସମୟରେ ବେଶି କରିଥାନ୍ତି। ପରବର୍ତ୍ତୀ ପ୍ରବନ୍ଧରେ କାହିଁକି ଓ କିପରି ସେମାନଙ୍କର ଆଖି ବିକଶିତ ହୋଇଛି ସେ ସମ୍ବନ୍ଧରେ ଅନୁଧ୍ୟାନ କରି ପ୍ରକାଶ କରିବି।

Email: gandhim@nic.in

## ମୁରବିହୀନ ସମାଜ



ହରିହର ତ୍ରିପାଠୀ

ସମାଜରେ ଗୁରୁଜନ କହିଲେ ଆମେ ସାଧାରଣତଃ ବୟସ୍କ ବ୍ୟକ୍ତିମାନଙ୍କୁ ବୁଝୁ; ଯେଉଁମାନଙ୍କ ଅନୁଭୂତି, ଅଭିଜ୍ଞତା ସମାଜ ନିମନ୍ତେ ଅତ୍ୟନ୍ତ ମୂଲ୍ୟବାନ। ଏଭଳି ବ୍ୟକ୍ତିମାନଙ୍କୁ କନିଷ୍ଠମାନେ ସମ୍ମାନ ପ୍ରଦର୍ଶନ କରିବା, ଏମାନଙ୍କ କଥା ଶୁଣିବା, ଅଭିଜ୍ଞତା ଗ୍ରହଣକରିବା ଏକ ସୁସ୍ଥ ସମାଜର ଲକ୍ଷଣ। ଏହାଦ୍ୱାରା ଆମର ସମାଜ ସମୃଦ୍ଧ ହୁଏ, ଆମର ଉତ୍ତରପିଢିରେ ଉତ୍ତମଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ସୃଷ୍ଟି ହୁଅନ୍ତି। ମାତ୍ର ଦେଖାଯାଉଛି ଗୁରୁଜନମାନେ ଏବେ ଅସହାୟ ହୋଇପଡୁଛନ୍ତି। ବୟସର ଅପରାହ୍ଣରେ ସେମାନଙ୍କ କଥା ଶୁଣିବାକୁ କେହି ନାହାନ୍ତି, ସେମାନଙ୍କ ହାତଧରି ପାଦେ ଚାଲିବାକୁ ମଧ୍ୟ ପାଖରେ ଆତ୍ମୀୟମାନେ ନାହାନ୍ତି। କେବଳ ସେତିକି ନୁହେଁ; ଏହି ପ୍ରବୀଣ, ବୟସ୍କମାନଙ୍କୁ ତରୁଣ, ଯୁବକମାନଙ୍କ ଦ୍ୱାରା ଅପମାନିତ ହୋଇ ବଞ୍ଚିବାକୁ ପଡୁଛି।

ବିଜ୍ଞାନ ଓ ପ୍ରଯୁକ୍ତି ଆମ ଭିତରର ଦୂରତାକୁ କମାଇ ଦେଇଛି ବୋଲି ଆମେ ଦାବି କରୁଛୁ। ମାତ୍ର ବାସ୍ତବରେ ତାହା ହୋଇନି। ବରଂ ବିଜ୍ଞାନର ଅଗ୍ରଗତି ଆମ ସମ୍ପର୍କଭିତରେ ଫାଟ ସୃଷ୍ଟି କରିଛି। ଗୋଟିଏ ଘରେ ରହି ବି ଆଜି ବାପାର ପୁଅ ସହ ସମ୍ପର୍କ ନାହିଁ, ଭାଇ ଭଉଣୀ କଥା ବୁଝୁନି, ଜେଜେବାପା, ଜେଜେମାଆମାନେ ଅବହେଳିତ। ପରିବାର ଭାଙ୍ଗିଯାଉଥିଲା ବେଳେ ବାହାର ଲୋକଙ୍କ ସମ୍ପର୍କ ବିଷୟରେ ବା କ'ଣ କହିବା? ସମସ୍ତେ ଆତ୍ମମନସ୍କ। କାହା ବିଷୟରେ କାହାର ମୁଣ୍ଡଖେଳାଇବାକୁ ସମୟ ନାହିଁ। ଦିନ ଥିଲା ସମାଜରେ ବୟସ୍କ ଲୋକମାନଙ୍କୁ ସମ୍ମାନ ମିଳୁଥିଲା। ସେମାନଙ୍କୁ କୁହାଯାଉଥିଲା ମୁରବି। ସେମାନଙ୍କ ପ୍ରତିଟି କଥାକୁ କନିଷ୍ଠମାନେ ମାନୁଥିଲେ। କେବଳ ବାପା, ବଡବାପା, ଦାଦା ବା କକା ନୁହନ୍ତି ଗାଁର ସବୁଲୋକଙ୍କୁ ପିଲାମାନେ ଓ ଯୁବକମାନେ ସମ୍ମାନ ଦେଉଥିଲେ। ସେମାନଙ୍କ ପ୍ରତି ମନରେ ଭୟଥିଲା। ଆଜି ଏସବୁ ନାହିଁ। ବୟସ୍କମାନଙ୍କୁ ଆଜିର ପିଲାଏ ଥଟ୍ଟାପରିହାସ କରିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। କିଶୋର ବୟସ ବା ତା'ଠାରୁ ସାମାନ୍ୟ ଅଧିକ ବୟସର ପିଲାଏ ଖୁବ୍‌ଶୀଘ୍ର ନିଶାର କବଳକୁ ଆସିଯାଉଥିବାରୁ ସମାଜରେ ଏଭଳି ବିକୃତି ଦେଖାଦେଇଛି। ଯେଉଁମାନେ ନିଶା ଖାଉ ନାହାନ୍ତି ସେମାନଙ୍କୁ ମତୁଆଲା କରୁଛି ସ୍ମାର୍ଟଫୋନ୍‌ର ନିଶା। ସ୍ମାର୍ଟଫୋନ ହାତରେ ଥିଲେ ଚାରିପାଖର ପରିବେଶକୁ ଆଜିକାଲିର ପିଲାଏ ସମ୍ପୂର୍ଣ୍ଣ ଭୁଲିଯାଉଛନ୍ତି। ଏକ ସର୍ଭେ ଅନୁସାରେ ମଣିଷ ଯେତିକି ସମୟ ବିନାନିଦ୍ରାରେ କାଟୁଛି ସେହି ସମୟର ୮୦ ପ୍ରତିଶତରୁ ଅଧିକ ସମୟ ସେ ସ୍ମାର୍ଟଫୋନ୍‌ରେ ବା ସୋସିଆଲ ମିଡିଆରେ ଦେଉଛି। ବଜାରଘାଟ, ବସ୍‌ଷ୍ଟପ, ରେଳଷ୍ଟେଶନ ବା ସେହିଭଳି ଜାଗାରେ ଅପେକ୍ଷା କରିବାକୁ ଆଉ ଲୋକଙ୍କୁ ବାଧୁନି। କାରଣ ସମସ୍ତେ ନିଜ ନିଜର ସ୍ମାର୍ଟଫୋନ୍‌କୁ ନେଇ ବ୍ୟସ୍ତ ରହୁଛନ୍ତି। ଲୋକଙ୍କ ଭିତରେ ସାମାଜିକ ଭାବ ବିନିମୟ ଏବେ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

ଦିନ ଥିଲା ସକାଳୁ ଘରୁ ବାହାରିଲା ମାତ୍ରେ ଅନେକ ଅନାବଶ୍ୟକ ପ୍ରଶ୍ନ କାନରେ ପଡୁଥିଲା- କୁଆଡେ ବାହାରିଲେ, ବହୁଦିନ ହେଲା କ'ଣ ଦେଖା ନାହିଁ, ଆଉ କେମିତି ଅଛନ୍ତି ଇତ୍ୟାଦି। ବଜାର ହାଟ, ଛକଜାଗାମାନଙ୍କରେ କିଛି କାମ ନ ଥିଲେ ବି ଅଧିକାଂଶ ଲୋକ ଭିଡ ଜମାଉଥିଲେ କେବଳ ଟିକେ ଗପସପ ଆଶାରେ। ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି। ଘରୁ ବାହାରିଲା ପରେ କେହି ଆଉ କାହା ସହିତ କଥା ହେଉ ନାହାନ୍ତି ବରଂ ସମସ୍ତେ ବ୍ୟସ୍ତ ରହୁଛନ୍ତି ଦୂରବନ୍ଧୁ ସହିତ ଫୋନ୍ ଜରିଆରେ ଅଥବା ନିଜ ନିଜର ସ୍ମାର୍ଟଫୋନ୍‌କୁ ନେଇ। ଏମିତି କି ଘର ଭିତରେ ନିଜର ଭାଇଭଉଣୀଙ୍କୁ କୌଣସି ବାର୍ତ୍ତା ଦେବାକୁ ଥିଲେ ନିକଟବର୍ତ୍ତୀ ରୁମ୍‌କୁ ନ ଯାଇ ପିଲାମାନେ ମେସେଜ ବା ଫୋନ୍ କରୁଛନ୍ତି। ଏଭଳି ସ୍ଥିତିରେ ମୁରବିମାନଙ୍କ ଉପସ୍ଥିତିକୁ ସେମାନେ ଅଣଦେଖା କରିବାରେ କୌଣସି ଅସ୍ୱାଭାବିକତା ନାହିଁ।

ପ୍ରକୃତରେ ମଣିଷ ଏବେ ବାସ୍ତବ ଜୀବନ ଅପେକ୍ଷା କାଳ୍ପନିକ ଜୀବନରେ ବଞ୍ଚିବାକୁ ଅଧିକ ଭଲ ପାଉଥିବାରୁ ମୁରବିମାନଙ୍କ ପରାମର୍ଶ ତୁଳନାରେ ଫେସ୍‌ବୁକ୍, ହ୍ୱାଟ୍‌ସଆପ୍ ଆଦିରେ ଉପଲବ୍ଧ ପରାମର୍ଶ, ସୂଚନାକୁ ଅଧିକ ଗ୍ରହଣ କରୁଛି। ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟର ପରିଭାଷା ବଦଳି ଗଲାଣି। ବାପାମାଆମାନେ ସେମାନଙ୍କ ପ୍ରତି କରିଥିବା ତ୍ୟାଗକୁ ସେମାନଙ୍କ ଦାୟିତ୍ୱ କହି ପିଲାମାନେ ଅତି ସହଜରେ ଭୁଲିଯିବାକୁ ଚେଷ୍ଟା କରୁଛନ୍ତି। ପାଶ୍ଚାତ୍ୟାଭିମୁଖୀ ଆମର ସାଂପ୍ରତିକ ସମାଜ ବ୍ୟବସ୍ଥା ଗୁରୁଜନଙ୍କୁ ସମାଜର ବୋଝ ଭାବୁଥିଲା ବେଳେ ଯୁବପିଢି ଏବେ ଆଉ ସେମାନଙ୍କୁ ସହିବାକୁ ନାରାଜ।

ଏଥିଲାଗି ଆମର ପିଲାମାନେ ଯେତେ ଦାୟୀ ନୁହନ୍ତି ତତୋଽଧିକ ଦାୟୀ ବୋଧହୁଏ ଅଭିଭାବକମାନେ। ଅଭିଭାବକମାନେ ହିଁ ସଂସ୍କାର ଭୁଲିଯାଇଛନ୍ତି। ବୟସ୍କମାନଙ୍କୁ ଅବଜ୍ଞା ପ୍ରଥମେ ସେମାନେ ହିଁ କରିଛନ୍ତି, ଯାହା ଉତ୍ତରାଧିକାରୀ ସୂତ୍ରରେ ଆମର ପିଲାମାନଙ୍କ ନିକଟକୁ ଯାଉଛି। ଯେଉଁଠି ଘରେ ବୃଦ୍ଧ ବାପାମାଆମାନେ ଅବହେଳିତ, ଅପାଂକ୍ତେୟ ସେଠି ସାହି ବା ଗାଁର ମୁରବିଙ୍କୁ ପଚାରେ କିଏ? ଏକ ମୁରବିହୀନ ସମାଜରେ ଆଦର୍ଶ, ନୀତି, ନୈତିକତା ଆଦୌ ନାହିଁ। ସବୁଠାରେ କେବଳ ଉପଭୋଗ ଲାଗି ପ୍ରତିଯୋଗିତା। ବସ୍ତୁବାଦର ମୋହରେ ଆମର ଏ ଦୌଡ ଆମକୁ ଶେଷରେ ଏମିତି ଏକ ଜାଗାରେ ନେଇ ଛିଡା କରାଇବ, ଯେଉଁଠାରୁ ଆଉ ସମାଜକୁ ସୁଧାରିବା କଷ୍ଟକର ହୋଇପଡ଼ିବ।

ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା,
ମୋ-୯୪୩୯୯୦୩୨୨୦

## ଏଇ ଭାରତରେ

ପୋଲିସ ଉପରୁ ଭରସା ତୁଟିଗଲା ପରେ ଚୋରି ରୋକିବା ପାଇଁ ଏକ ଭିନ୍ନ ଉପାୟ ଆପଣାଉଥିବା ଘଟଣା ସାମ୍ନାକୁ ଆସିଛି ଛତିଶଗଡ଼ରେ। ସ୍କାର୍ଫ ଲଗାଇ ଗାଁରେ ପ୍ରବେଶ କରିବା ପାଇଁ ବାରଣ କରାଯାଇଛି ଓ ନ ମାନିଲେ ଦେବାକୁ ପଡୁଛି ଜରିମାନା। ଧମତରି ଜିଲାର ମୁଖ୍ୟାଳୟଠାରୁ ୬୦ କିଲୋମିଟର ଦୂର ଚିଖଲି ପଞ୍ଚାୟତର ଗାଁଗୁଡ଼ିକରେ ଲାଗୁ କରାଯାଇଛି ଏପରି ଅଜବ କଟକଣା। ଏହି ଗାଁଗୁଡିକରେ ଲଗାତର ଚୋରି ହେଉଛି। ଏହି ଘଟଣା ସମ୍ବନ୍ଧରେ ଥାନାକୁ ଅବଗତ କରାଗଲେ ବି କିଛି ସୁଫଳ ମିଳୁନାହିଁ। ଚୋର ବି ଧରାପଡୁନାହାନ୍ତି। ଥାନା ଉପରୁ ଲୋକଙ୍କ ଭରସା ତୁଟିଯିବା ପରେ ଚୋର କବଳରୁ ରକ୍ଷା ପାଇବା ପାଇଁ କେହି ସ୍କାର୍ଫ ଲଗାଇ ଗାଁରେ ପ୍ରବେଶ କରିପାରିବେ ନାହିଁ ବୋଲି କଟକଣା ଲଗାଯାଇଛି। ଏହି କଟକଣା ଲଗାଇବା ପାଇଁ ପଞ୍ଚାୟତର ସବୁ ଗାଁର ସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ମୁହଁରେ ସ୍କାର୍ଫ ଗୁଡାଇ ହୋଇ ଆସିଲେ କିଏ ଚୋର କିଏ ଗ୍ରାମବାସୀ ତାହା ଜଣାପଡୁ ନ ଥିବାରୁ ଏଭଳି କଟକଣାର ଆବଶ୍ୟକତା ରହିଛି ବୋଲି କୁହନ୍ତି ଗ୍ରାମବାସୀ। ପଞ୍ଚାୟତର ନିଷ୍ପତ୍ତିକୁ ଅମାନ୍ୟ କରି ଯେଉଁମାନେ ସ୍କାର୍ଫ ଲଗାଇ ଗାଁରେ ପ୍ରବେଶ କରିବେ ସେମାନେ ୫୦୦ ଟଙ୍କା ଜରିମାନା ଦେବେ ବୋଲି କୁହାଯାଇଛି। ଚୋରି ବନ୍ଦ କରିବାର ଏହି ଉପାୟ ଏବେ ଧମତରି ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଚିରନ୍ତନୀ

ସବୁ ଅରଗଳ ଆଜି କରିଦିଅ ବନ୍ଦ,
ଏକାକୀ ଏ କକ୍ଷେ ମୁହିଁ ରହିଥିବି ଅନ୍ଧ
ଏକା ଘୋର ଅନ୍ଧକାରେ
ପଖାଳେଁ ଲୋତକ ଧାରେ
ସବୁ ମୋର ସକରୁଣ ଆଶା ନିରାନନ୍ଦ
ଲୁଚାଇବି ହୃଦତଳେ ବେଦନାର ଛନ୍ଦ।

(ବନ୍ଦୀର ବିଳାପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | | 1 | 0 | | | 6 | | E | | 5 | |
| | 2 | 5 | | | 3 | 7 | | | | | | | | |
| 3 | | 1 | | 9 | C | 4 | | | | | A | | 8 | |
| | 8 | | | E | 6 | | | | 2 | C | 5 | 7 | | |
| | | B | | | 4 | | | A | | 9 | | 2 | | C |
| | | | | C | | | | | | | 0 | | 7 | |
| | | C | | 6 | | 1 | 0 | | | E | 9 | | | |
| B | 5 | | 1 | | D | | | | | | | C | | 6 |
| | | D | | | | | | B | 8 | 7 | | | | 4 |
| 1 | | | 2 | 3 | 9 | | | | | B | 6 | | | D |
| | | | | | | | 6 | | | | 7 | 3 | | |
| D | | 4 | | | | | | | | 2 | | | | 9 |
| 0 | | 2 | | D | | | | | C | | 4 | | 6 | 8 |
| | C | 7 | | | | | | 4 | | | D | | A | |
| | | 8 | 5 | B | | | | | E | | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 8 | C | 3 | D | 4 | 0 | 1 | 2 | B | 6 | 5 | E | A | 9 |
| 9 | 1 | D | 5 | 0 | 6 | E | 8 | 7 | 4 | C | A | B | 2 | 3 |
| 2 | B | 5 | 1 | C | 7 | 3 | 4 | A | E | 9 | D | 0 | 8 | 6 |
| 4 | 0 | E | 9 | A | 8 | B | 6 | C | 2 | 3 | 1 | 5 | D | 7 |
| 3 | 6 | A | B | 2 | E | 9 | D | 5 | 8 | 7 | 0 | 1 | 4 | C |
| 6 | 7 | 1 | 8 | E | 9 | A | C | 0 | 3 | 4 | B | D | 5 | 2 |
| D | 3 | 2 | 0 | 4 | 5 | 8 | B | 6 | C | 1 | 9 | A | 7 | E |
| 8 | 4 | 0 | A | 6 | C | D | 5 | 1 | 7 | 2 | E | 3 | 9 | B |
| E | 5 | B | 7 | 1 | 2 | 4 | 3 | 9 | A | D | 8 | 6 | C | 0 |
| C | A | 9 | D | 3 | B | 7 | 2 | E | 0 | 5 | 6 | 8 | 1 | 4 |
| B | 2 | 3 | E | 8 | 0 | C | 9 | D | 1 | A | 7 | 4 | 6 | 5 |
| 1 | E | 6 | 4 | B | D | 5 | 7 | 3 | 9 | 8 | C | 2 | 0 | A |
| 5 | C | 4 | 2 | 7 | A | 1 | E | 8 | 6 | 0 | 3 | 9 | B | D |
| 0 | D | 7 | 6 | 9 | 1 | 2 | A | B | 5 | E | 4 | C | 3 | 8 |
| A | 9 | 8 | C | 5 | 3 | 6 | 0 | 4 | D | B | 2 | 7 | E | 1 |

ଗତକାଲିର ଉତ୍ତର

## ସବୁଜ ଦୀପାବଳି: ଆଜିର ଆବଶ୍ୟକତା



ଡ. ଆଶୁତୋଷ ଦେବତା

ଦୀପାବଳି ହେଉଛି ଆନନ୍ଦ ଓ ଆଲୋକର ପର୍ବ। ସଂସ୍କୃତି ଓ ଆଧ୍ୟାତ୍ମିକତା ଉପରେ ଆଧାରିତ ଏହି ପର୍ବ ପାଳନ କରିବାରେ ଏକ ସ୍ୱତନ୍ତ୍ରତା ରହିଛି। ସମ୍ପ୍ରତି ବିଶ୍ୱରେ ପରିବେଶ ପ୍ରଦୂଷଣ ଏକ ବିରାଟ ସମସ୍ୟା ଭାବେ ଉଭା ହୋଇଛି। ଏହାକୁ ଦୃଷ୍ଟିରେ ରଖି 'ସବୁଜ ଦୀପାବଳି' ପାଳନ ଏକ ନିରାପଦ, ସୁସ୍ଥ ବିଶ୍ୱର ଆବଶ୍ୟକତା ତଥା ଉଚ୍ଚତର ଆଧ୍ୟାତ୍ମିକ ବିଚାରବୋଧର ପ୍ରତୀକ। ବାସ୍ତବରେ ଆସୁରିକ ଶକ୍ତି ଉପରେ ଆଧ୍ୟାତ୍ମିକ ଶକ୍ତିର ବିଜୟ ଏବଂ ୧୪ ବର୍ଷ ବନବାସ ପରେ ପ୍ରଭୁ ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମ୍ପର୍କିତ ସଂସ୍କୃତି ଓ ଆଧ୍ୟାତ୍ମିକ କଥନ ଏହି ଉତ୍ସବ ସହିତ ଯୋଡ଼ିହୋଇ ରହିଛି। ଆଧୁନିକତାର ଦ୍ୱାହିଦେଇ ଦୀପାବଳି ପାଳନରେ ବିଷାକ୍ତ ଗ୍ୟାସ୍ ସୃଷ୍ଟିକାରୀ ଆତସବାଜି ବ୍ୟବହାରରୁ ବାୟୁ, ଜଳ, ସ୍ଥଳ ତଥା ଶବ୍ଦ ପ୍ରଦୂଷଣ ହେବା ସଙ୍ଗେ ଜଳବାୟୁ ପରିବର୍ତ୍ତନରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ସାଧାରଣତଃ ବିସ୍ଫୋରକ ଶବ୍ଦ ସୃଷ୍ଟିକାରୀ ଫୋଟକା ଜାତୀୟ ଆତସବାଜିରେ ଦହନଶୀଳ କଳାରଙ୍ଗର ବାରୁଦ ବ୍ୟବହୃତ ହୁଏ, ଯେଉଁଥିରେ ଅଙ୍ଗାର, ସଲଫର୍ ଓ ପୋଟାସିୟମ୍ ନାଇଟ୍ରେଟ୍ ମିଶ୍ରିତ ହୋଇଥାଏ। ଏହି ପ୍ରକାର ବିସ୍ଫୋରକ ୧୪୦ ଡେସିବେଲରୁ ଅଧିକ ତୀବ୍ରତାବିଶିଷ୍ଟ ଶବ୍ଦ ସୃଷ୍ଟି କରିଥାଏ। ଅପରନ୍ତୁ ୬୫ ଡେସିବେଲ ମାତ୍ରାର ଶବ୍ଦ ମଣିଷ ଶରୀର ପାଇଁ ସହନୀୟ। ଗୋଟିଏ ଦିନ ଏହି ଉତ୍ସବ ପାଳନ ଅବକାଶରେ ଯେତିକି ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ ହୁଏ, ୫୦୦୦ ଗଛ ତାହାର ଜୀବନକାଳ ମଧ୍ୟରେ ସେତିକି କାର୍ବନ ନିର୍ଗମନକୁ ଶୋଷଣ କରିବାରେ ସକ୍ଷମ ହୋଇ ନ ପାରେ। ସେହିପରି ଗୋଟିଏ ଦିନରେ ଷାଠିଏ ହଜାର ମେଟ୍ରିକ ଟନ୍‌ର ଜୈବବିଘଟନ ଅଯୋଗ୍ୟ ଅଳିଆ ରାସ୍ତା ଓ ପଡ଼ିଆରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ଜଳ ଓ ସ୍ଥଳ ପ୍ରଦୂଷଣ ବେଶି ମାତ୍ରାରେ ସୃଷ୍ଟି କରୁଛି। ଦୁଇ ନିୟୁତ ବର୍ଷ ପୂର୍ବେ ଚାଇନାରେ ପ୍ରଥମେ ବାରୁଦର ଉଦ୍ଭାବନ ହୋଇଥିଲା। ଏକ ହଜାର ଖ୍ରୀଷ୍ଟାବ୍ଦରେ ଚାଇନାର 'ଲି ଟାନ୍' ନାମକ ଜଣେ ସାଧୁ ବାଉଁଶନଳୀ ଉପରେ ବାରୁଦ ରଖି ଆତସବାଜିର ବ୍ୟବହାର ଆରମ୍ଭ କରିଥିଲେ। ଊନବିଂଶ ଶତାବ୍ଦୀରେ ଐତିହାସିକ ପି.କେ. ଗୋଡେ ଭାରତରେ ବିସ୍ଫୋରକ ବ୍ୟବହାର ବିଷୟରେ ଜଣାଇଥିଲେ। ମହାରାଜା ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ ସମୟରେ ଓଡ଼ିଶାରେ ବିସ୍ତାରିତ ଭାବରେ ଆତସବାଜିର ବିକ୍ରୟ ପରିଦୃଷ୍ଟ ହୋଇଥିଲା। ବର୍ତ୍ତମାନ ଦୀପାବଳି ପୂର୍ବଦିନ ଓ ପରବର୍ତ୍ତୀ ସମୟରେ ବିଭିନ୍ନ ବିଷାକ୍ତ ବାଣ ବ୍ୟବହାର ଯୋଗୁ ବାୟୁମଣ୍ଡଳରେ ଓଜୋନ କ୍ଷୟକାରୀ ନାଇଟ୍ରୋଜେନ୍ ଅକ୍ସାଇଡ, ସଲଫର ଡାଇଅକ୍ସାଇଡ ପରିମାଣ ଦୁଇରୁ ତିନିଗୁଣ ଅଧିକ ହେଉଛି ବୋଲି ସର୍ବେକ୍ଷଣରୁ ପ୍ରତୀୟମାନ। ବାଣଫୁଟାରୁ ନିର୍ଗତ ସୂକ୍ଷ୍ମ ଧୂଳିକଣିକା ବାୟୁମଣ୍ଡଳରେ ଅଧିକ ରହୁଛି। ବିଭିନ୍ନ ରଙ୍ଗ ସୃଷ୍ଟିକାରୀ ଆତସବାଜିରେ ବେରିୟମ୍ ନାଇଟ୍ରେଟ୍, ଆଣ୍ଟିମୋନି, ଆଲୁମିନିୟମ୍, କପର୍, ଲିଥିୟମ୍, ଷ୍ଟ୍ରୋନସିୟମ୍ ପ୍ରଭୃତି ରାସାୟନିକ ପଦାର୍ଥର ଦହନ ଫଳରେ ନିର୍ଗତ ବିଷାକ୍ତ ବାଷ୍ପ ବାୟୁମଣ୍ଡଳରେ ଏକପ୍ରକାର ଘନ କୁହୁଡ଼ି ସୃଷ୍ଟି କରୁଛି। ପ୍ରତି ଦୀପାବଳି ଉତ୍ସବରେ ବେରିଅମ୍ ଓ ଆର୍ସେନିକ୍ ବ୍ୟବହୃତ ଶସ୍ତା ବାଣ ଫୁଟାଇବା ଦ୍ୱାରା ସହରରେ ଗୋଟିଏ ଗ୍ୟାସ୍ ପ୍ରକୋଷ୍ଠ ସୃଷ୍ଟି ହେଲାଭଳି ଭ୍ରମ ସୃଷ୍ଟି ହେଉଛି। ଏହାଛଡ଼ା ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଫୋଟକା ବ୍ୟବହାର ଫଳରେ ରୋଗୀ, ବୟସ୍କ ଓ ଗର୍ଭବତୀମାନଙ୍କର ଶାରୀରିକ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି ହେଉଛି। ବିଶେଷଭାବରେ ଶ୍ୱାସ, ଫୁସ୍‌ଫୁସ୍, ହୃଦ୍‌ରୋଗ, ଟି.ବି., ଆଲର୍ଜି, ମାନସିକ ଅସନ୍ତୁଳନ ରୋଗର ମାତ୍ରା ବଢ଼ିଚାଲିଛି। ଏତଦ୍‌ବ୍ୟତୀତ ବାଣର ବେପରୁଆ ବ୍ୟବହାର ଫଳରେ ଶତକଡା ୬୧ ଭାଗ ପୁରୁଷ ଓ ୩୯ ଭାଗ ସ୍ତ୍ରୀ ଆଘାତପ୍ରାପ୍ତ ହେଉଛନ୍ତି। ୧୫ ବର୍ଷରୁ କମ୍ ବୟସର ପିଲା ଆକ୍ରାନ୍ତ ହୋଇ ଜରୁରିକାଳୀନ ଚିକିତ୍ସାଧୀନ ହେଉଛନ୍ତି। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ପ୍ରତି ଏକ ଘଣ୍ଟା ଫୋଟକା ଫୁଟାଇବା ଫଳରେ ବାୟୁମଣ୍ଡଳରେ ଷ୍ଟ୍ରୋନ୍‌ସିଅମ୍ ୧୨୦ ଗୁଣ, ମାଗ୍ନେସିୟମ୍ ୨୨ ଗୁଣ, ବେରିୟମ୍ ୧୨ ଗୁଣ, ପୋଟାସିୟମ୍ ୧୧ ଗୁଣ ଓ କପର୍ ୬ ଗୁଣ ଅଧିକ ରହୁଛି। ଫଳରେ ହାଡ଼ର କ୍ଷତି, ରକ୍ତ ଜମାଟ ବାନ୍ଧିବା ରୋଗ ଦେଖାଦେଉଛି। ଏପରିକି ବିସ୍ଫୋରକ ଫୋଟକା ଫୁଟାଇବା ଫଳରେ ବୃକ୍ଷ ଓ ପ୍ରାଣିଜଗତ, ବିଶେଷ କରି ଗୃହପାଳିତ ପଶୁମାନେ ମଧ୍ୟ ଆକ୍ରାନ୍ତ ହେଉଛନ୍ତି। ଦୀପାବଳିରେ ରାସାୟନିକ ରଙ୍ଗ ବ୍ୟବହାର ନ କରି ଚାଉଳ, ଅଟା, ଡାଲି ଜାତୀୟ ଶସ୍ୟ, ଅବିର, ଫୁଲଗଛ ପତ୍ରଗୁଣ୍ଡ, ହଳଦୀ ଇତ୍ୟାଦିରେ ରଙ୍ଗୋଲି ତିଆରି କରିବା ଉଚିତ। ଏକ ସୁସ୍ଥ ତଥା ସହନୀୟ ପରିବେଶକୁ ବଜାୟ ରଖିବାରେ ସବୁଜ ଦୀପାବଳି ପାଳନ ଏକ ଅଭିନବ ତଥା ଆଧ୍ୟାତ୍ମିକତାର ଉଚ୍ଚତର ସୋପାନ। ଜଙ୍ଗଲ ଓ ପରିବେଶ ବିଭାଗର ସେଣ୍ଟର ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଷ୍ଟଡିଜ୍ ତରଫରୁ ସଚେତନତା ଅଭିଯାନର ଅଂଶସ୍ୱରୂପ ବିଭିନ୍ନ ବର୍ଗର ନାଗରିକଙ୍କ ପକ୍ଷରୁ ପାରିବେଶିକ ପ୍ରଦୂଷଣର ପରିମାଣ ହ୍ରାସ ପାଇଁ ସବୁଜ ଓ ସୁସ୍ଥ ଦୀପାବଳି ପାଳନର ଆବଶ୍ୟକତା ଉପରେ ଇକୋ କ୍ଲବ୍ ଓ ଶିକ୍ଷାନୁଷ୍ଠାନ ମାଧ୍ୟମରେ ବିହିତ ସଚେତନତା ଓ ସବୁଜ ଶପଥ ଗ୍ରହଣ କରିବାର ବ୍ୟବସ୍ଥା ହେଉଛି। ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବିଷାକ୍ତ ରାସାୟନିକ ପଦାର୍ଥ ନିହିତ ଆତସବାଜି ବ୍ୟବହାର ନ କରିବା, ଗବେଷଣା ଉପଲବ୍ଧ ପରିବେଶ ସହନୀୟ ଅନୁମୋଦିତ ଆତସବାଜି ଯଥା ଫ୍ଲାୱାର ପଟ୍, ପେନ୍‌ସିଲ ବାଣ, ଚକ୍ରି, ଫୁଲଝରି ପ୍ରଭୃତି ଲାଇସେନ୍ସ ପ୍ରାପ୍ତ ବାଣ ଦୋକାନରୁ କିଣି ବ୍ୟବହାର କରିବା ଫଳରେ ବାୟୁମଣ୍ଡଳରେ କ୍ଷୁଦ୍ରାତିକ୍ଷୁଦ୍ର ଧୂଳିକଣାର ମାତ୍ରା ଶତକଡା ୩୦ ଭାଗ କମାଇବା ଓ ଶତକଡ଼ା ୧୦ ଭାଗ ସବୁଜଗୃହ ଗ୍ୟାସ ନିର୍ଗମନ ରୋକିବା ପାଇଁ ସନ୍ଦେଶ ଦିଆଯାଇଛି। ଜନପଦରୁ ଦୂରରେ ଏକ ଖୋଲା ଜାଗାରେ ନିୟମାନୁସାରେ ସବୁଜ ଆତସବାଜି ଫୁଟାଇବା ପାଇଁ ଆହ୍ୱାନ ଦିଆଯାଉଛି। ସୁପ୍ରିମ୍‌କୋର୍ଟ ମଧ୍ୟ ଦିଲ୍ଲୀ ଓ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଦୀପାବଳି ପାଳନରେ ସାବଧାନତା ଅବଲମ୍ବନ ନିମନ୍ତେ ଆଦେଶ ଦେଇଛନ୍ତି। ଦୀପାବଳିରେ ମାଟିଦୀପ ଓ ଗୃହ ପ୍ରସ୍ତୁତ କ୍ୟାଣ୍ଡେଲ ଜାଳିବା, ଘର ଭିତରେ ଫୋଟକା ନ ଫୁଟେଇବା, ଅଫୁଟା ବାଣରେ ଅଗ୍ନି ସଂଯୋଗ ନ କରିବା, ଇନ୍ଧନ ବ୍ୟବହୃତ ଗାଡ଼ି ପାଖରେ ବାଣ ନ ଫୁଟେଇବା, ବାଣ ଫୁଟାଉଥିବା ସମୟରେ ସୂତାଲୁଗା ପିନ୍ଧିବା, ସର୍ବଦା ପାଣି ବାଲ୍‌ଟି ପାଖରେ ରଖିବା, ମାଉଥ୍ ମାସ୍କ ବ୍ୟବହାର କରିବା, ବାଣ ଫୁଟିବା ସମୟରେ ଧୂଆଁ କିମ୍ବା ବାରୁଦ ଆଖିରେ ପଡ଼ିଲେ ସଙ୍ଗେ ସଙ୍ଗେ ଆଖିକୁ ଭଲଭାବେ ପାଣିରେ ଧୋଇବା, ଗର୍ଭବତୀ ମହିଳା ବାଣ ନ ଫୁଟାଇବା, ବାଣ ଫୁଟାଇବା ପରିଧି ମଧ୍ୟରେ କବାଟ, ଝରକା ବନ୍ଦ ରଖି ଫିଲଟରଯୁକ୍ତ ଏୟାର ପରିଶୋଧକ ବ୍ୟବହାର କରିବା, ବାଣ ଫୁଟାଉଥିବା ସମୟରେ ଆଘାତପ୍ରାପ୍ତ ହେଲେ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟରେ ଚିକିତ୍ସିତ କରାଇବା ପ୍ରଭୃତି ସାବଧାନତା ଅବଲମ୍ବନ କରିବା ଉଚିତ।

ନିର୍ଦ୍ଦେଶକ, ସେଣ୍ଟର ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଷ୍ଟଡିଜ୍,
ଜଙ୍ଗଲ ଓ ପରିବେଶ ବିଭାଗ,
ଓଡ଼ିଶା, ମୋ- ୯୯୩୮୯୩୨୬୭୧

## ପାଠକ ଶ୍ରେଷ୍ଠ ବିଚାରକ

### ଚିକିତ୍ସାରେ ତ୍ରୁଟି

ମହାଶୟ,

ଧରିତ୍ରୀ(୧।୧୦) ଫୁର୍‌ସତ୍ ପୃଷ୍ଠାରେ ଏକ ମର୍ମାନ୍ତକ ପ୍ରସଙ୍ଗ ସ୍ଥାନ ପାଇଛି। ଜେନେଭାଠାରେ ଏ ନେଇ ସର୍ବେକ୍ଷଣ ପରେ ଏହା ଜଣାପଡିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରକାଶ ଯେ, ପ୍ରତିବର୍ଷ ପୃଥିବୀର ୧୩ କୋଟି ୮୦ ଲକ୍ଷରୁ ଅଧିକ ଲୋକ ଚିକିତ୍ସାରେ ତ୍ରୁଟି ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ପଡୁଛନ୍ତି। ରୋଗ ଚିହ୍ନଟରେ ଭୁଲ୍, ଆବଶ୍ୟକ ଔଷଧ ଦେବାରେ ଅବହେଳା ଓ ଅନାବଶ୍ୟକ ବ୍ୟବହାର ଦ୍ୱାରା ସମସ୍ୟା ସୃଷ୍ଟି ହେଉଛି। ବିକଶିତ ରାଷ୍ଟ୍ରରେ ପ୍ରତି ୧୦ଜଣରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏହାଦ୍ୱାରା ବର୍ଷକୁ ୪୨ ଶହ କୋଟି ଡଲାର କ୍ଷତି ହେଉଛି। ତେବେ ଏହି ମର୍ମାନ୍ତକ ତଥା ଚିନ୍ତା ଉଦ୍ରେକକାରୀ ପ୍ରସଙ୍ଗକୁ ବର୍ତ୍ତମାନର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଧ୍ୟାନ ଦେବା ଓ ସାବଧାନ ହେବା ଜରୁରୀ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତି ଅବହେଳା

ପୁରୀ ଜିଲାର ପଞ୍ଚସଖାଙ୍କ କର୍ମକ୍ଷେତ୍ର ଭାବେ ପରିଚିତ ବକୁଳବନଠାରେ ମୁଖ୍ୟମନ୍ତ୍ରୀ ଏକ ବର୍ଷ ପୂର୍ବେ ଶିଳାନ୍ୟାସ କରିବା ସତ୍ତ୍ୱେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇନାହିଁ। ଓଡ଼ିଆମାନଙ୍କ ସ୍ୱାଭିମାନ ପ୍ରତି ଗୁରୁତ୍ୱ ଦିଆଯାଉ। ଆମ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ଆଉ ପଛେଇବା ଅନୁଚିତ। ସ୍ୱତନ୍ତ୍ର ଓଡ଼ିଶା ଗଠନ ୧୯୩୬ରୁ ହୋଇଥିଲେ ମଧ୍ୟ ସର୍ବତ୍ର ଓଡ଼ିଆ ବ୍ୟବହାର କରୁନାହୁଁ। ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ପରେ ଆମେ ଏ ଦିଗରେ ପଛୁଆ ହେବା ଅନୁଚିତ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଅକ୍ଟୋବର ୧୯୯୪

- ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ ମାରାତ୍ମକ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ହୋଇ କିଛି ସପ୍ତାହ ମଧ୍ୟରେ ୨୦୦୦ ଲୋକଙ୍କ ମୃତ୍ୟୁ।
- ଆଲଜେରିଆର ନିରାପତ୍ତାବାହିନୀ ଗୁଳିକରି ୪୫ ଜଣ ସଶସ୍ତ୍ର ମୁସ୍‌ଲିମ ଗେରିଲାଙ୍କୁ ହତ୍ୟା କରିଛନ୍ତି।



ବେକାରି, ଆର୍ଥିକ ମାନ୍ଦାବସ୍ଥା, ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି, କୃଷକ ଆତ୍ମହତ୍ୟା, ବ୍ୟାଙ୍କିଙ୍ଗ ସିଷ୍ଟମର ଅଧୋଗତି ଆଦି ପ୍ରସଙ୍ଗକୁ ନେଇ ନଭେମ୍ବର ୫ରୁ କଂଗ୍ରେସ ଦେଶବ୍ୟାପୀ ବିକ୍ଷୋଭ କରିବାକୁ ଯାଉଛି। କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ଲୋକଲୋଚନକୁ ଅଣାଯିବ ବୋଲି ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି।

# ଟ୍ରକ୍ ପଛରେ ପିଟି ହୋଇ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି/ସାଲେପୁର, ୨୩।୧୦(ସ୍ୱ.ପ୍ର./ଡି.ଏନ.ଏ.)**

କଟକ ଜିଲା ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଛତରକଣ୍ଠା ନିକଟରେ ବୁଧବାର ରାତି ପ୍ରାୟ ୮ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ୧୦ ଚକିଆ ଟ୍ରକ୍ ପଛପଟେ ବାଇକ୍ ପିଟି ହେବାରୁ ଘଟଣାସ୍ଥଳରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ନାଦୋଳ ଗ୍ରାମର ଏସ୍‌କେ ଅମିରଙ୍କ ପୁଅ ଏସ୍‌କେ ଫିରୋଜ ଉଦ୍ଦିନ(୨୪), ସେକ୍ ଜମିନ ଉଦ୍ଦିନଙ୍କ ପୁଅ ସେକ୍ ହାଫିଜ ଉଦ୍ଦିନ(୨୨) ଓ ନିଜାମୁଦ୍ଦିନ ଖାନ୍‌ଙ୍କ ପୁଅ ରିହାନ ଖାନ(୨୬)।

ସୂଚନା ଅନୁସାରେ, ମୃତକମାନେ ଏକ ବାଇକ୍ ଯୋଗେ କେନ୍ଦ୍ରାପଡ଼ା ଯାଇ ଫେରୁଥିଲେ। ଏହି ସମୟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାର ତୀବ୍ରତା ଏତେ ଥିଲା ଯେ, ଘଟଣାସ୍ଥଳରେ ହିଁ ସମସ୍ତଙ୍କ ମୃତ୍ୟୁ ହୋଇ ଯାଇଥିଲା। କିଛି ସମୟ ପରେ ଖବର ପାଇ ସାଲେପୁର ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ପିସିଆର ଭ୍ୟାନ୍ ଯୋଗେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। କେତେଜଣ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଟ୍ରକ୍‌ଟି ଦୁର୍ଘଟଣାସ୍ଥଳରେ ଠିଆ ହୋଇଥିଲା। ଏହି ସମୟରେ ସମ୍ପୃକ୍ତ ଯୁବକମାନେ ଏକ ୟାମା ବାଇକ୍ ଯୋଗେ ଦ୍ରୁତଗତିରେ ଆସି ଟ୍ରକ୍ ପଛରେ ପିଟି ହୋଇଥିଲେ। ଦୁର୍ଘଟଣା ପରେ ଟ୍ରକ୍ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଏହି ଖବର ପ୍ରଚାରିତ ହେବାପରେ ମୃତକଙ୍କ ପରିବାର ଓ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଡ଼ ଜମାଇଥିଲେ। ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଉତ୍ତେଜନା ଦେଖାଦେବା ଆଶଙ୍କାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଖବର ଲେଖାହେବାବେଳକୁ ଥାନାରେ ଅଭିଯୋଗ ହୋଇ ନ ଥିଲା।

# ୧୧ ସ୍ୱେଚ୍ଛାକୃତ ଜମିଦାତା ପରିବାରଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀଙ୍କ ଗହଣରେ ଜମି ଦେଇଥିବା ପରିବାରର ସଦସ୍ୟମାନେ।

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିରର ସୁରକ୍ଷା ଓ ଶ୍ରୀକ୍ଷେତ୍ରର ଐତିହ୍ୟ ଜୋନ୍ ବିକାଶ ପାଇଁ ସ୍ୱେଚ୍ଛାକୃତ ଭାବେ ଜମି ଦେଇଥିବା ୧୧ଟି ପରିବାରକୁ ସମ୍ବର୍ଦ୍ଧିତ କରିଛନ୍ତି। ସ୍ଥାନୀୟ ଲୋକସେବା ଭବନରେ ବୁଧବାର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଉପହାର ଆକାରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରୁପା ତାରକସି ପ୍ରତିମୂର୍ତ୍ତି ଓ ଉତ୍ତରୀୟ ପ୍ରଦାନ କରିଥିଲେ। ବୃହତ୍ତର ସ୍ୱାର୍ଥ ପାଇଁ ସେହି ୧୧ ପରିବାରଙ୍କ ତ୍ୟାଗ ଓ ଅବଦାନକୁ ମୁଖ୍ୟମନ୍ତ୍ରୀ ଉଚ୍ଚପ୍ରଶଂସା କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତ୍ୟାଗ କରିଥିବା ପରିବାରମାନଙ୍କ ଅବଦାନ ପାଇଁ ଓଡ଼ିଶାବାସୀ ସେମାନଙ୍କ ନିକଟରେ ଚିର ଋଣୀ। ଶ୍ରୀମନ୍ଦିରର ସୁରକ୍ଷା ଶ୍ରୀକ୍ଷେତ୍ରର ବିକାଶ ପାଇଁ ସେମାନଙ୍କ ତ୍ୟାଗକୁ ଆମର ଭବିଷ୍ୟତ ପିଢ଼ି ସବୁଦିନ ପାଇଁ ମନେରଖିବ। ଅନ୍ୟମାନେ ମଧ୍ୟ ରାଜ୍ୟ ସରକାରଙ୍କ ପ୍ୟାକେଜକୁ ଗ୍ରହଣ କରି ଶ୍ରୀଜଗନ୍ନାଥଙ୍କ ସେବା ପାଇଁ ସ୍ୱେଚ୍ଛାରେ ଜାଗା ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିବେଦନ କରାଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ତାଙ୍କ ଅନୁରୋଧକୁ ରକ୍ଷା କରି ଜାଗା ଦେଇଥିବାରୁ ସେ ସମସ୍ତଙ୍କୁ ଅନ୍ତରରୁ ଧନ୍ୟବାଦ ଦେଉଛନ୍ତି। ଶ୍ରୀମନ୍ଦିର ଓଡ଼ିଆ ଜାତିର ଅମୂଲ୍ୟ ସମ୍ପତ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ବଡ଼ ପରିଚୟ। ମହାପ୍ରଭୁଙ୍କ ପାଇଁ, ତାଙ୍କ ମନ୍ଦିରର ସୁରକ୍ଷା ଲାଗି ଆମେ କିଛି କରିପାରିଲେ ଆମ ଜୀବନ ଧନ୍ୟ ହେବ।

## ଶ୍ରୀମନ୍ଦିର ସୁରକ୍ଷା ଓ ଐତିହ୍ୟ ଜୋନ୍ ବିକାଶ

ସେହିପରି ଯେଉଁମାନେ ଶ୍ରୀମନ୍ଦିର ସୁରକ୍ଷା ପାଇଁ ଜମି ଦେଉଛନ୍ତି ସେମାନଙ୍କ ପାଇଁ ରାଜ୍ୟ ସରକାର ବହୁତ ଭଲ ପ୍ୟାକେଜ କରିଛନ୍ତି। ଖୁସିର କଥା, ୧୧ ଜଣ ବନ୍ଧୁ ଆଜି ଏହି ପ୍ୟାକେଜର ସୁଯୋଗ ନେଇଛନ୍ତି। ଅନ୍ୟମାନେ ମଧ୍ୟ ଏହାକୁ ମହାପ୍ରଭୁଙ୍କ ସେବା ଭାବି ଏହାର ସୁଯୋଗ ନିଅନ୍ତୁ ଓ ଶ୍ରୀମନ୍ଦିର ସୁରକ୍ଷା ପରି ମହାନ କାର୍ଯ୍ୟରେ ସହଯୋଗ କରନ୍ତୁ। ଆପଣମାନଙ୍କ ଏହି ମହାନ ତ୍ୟାଗ ମହାପ୍ରଭୁଙ୍କ ସେବାରେ ନୂଆ ଇତିହାସ ସୃଷ୍ଟି କରିବ। ଓଡ଼ିଆ ଜାତିର ଭବିଷ୍ୟତ ପିଢ଼ି ଆପଣମାନଙ୍କ ତ୍ୟାଗକୁ ସବୁଦିନ ପାଇଁ ମନେରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମ୍ବର୍ଦ୍ଧିତ ହୋଇଥିବା ପରିବାରର ସଦସ୍ୟମାନେ ହେଲେ ସଂଯୁକ୍ତା ସାମଲ, ଚନ୍ଦ୍ରକାନ୍ତି ଦାସ, କୁମୁଦିନୀ ଗୁରୁ, ରମାଦେବୀ ଶର୍ମା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ବ୍ରଜକିଶୋର ପଣ୍ଡା, ଗଦାଧର ପାଢ଼ୀ, କଳୀଯୁଗ ଗୋପାଳଚନ୍ଦ୍ର ପ୍ରତିହାରୀ, ରାଜକିଶୋର ସାହୁ ଏବଂ ଶଶିଭୂଷଣ ଦାସ ପ୍ରମୁଖ।

### ସମ୍ବଲପୁର ଜିଲା ଓକିଲ ସଂଘ ବୈଠକ

# ହାଇକୋର୍ଟ ଓକିଲଙ୍କ ଦୁର୍ବ୍ୟବହାରକୁ ନିନ୍ଦା

**ସମ୍ବଲପୁର, ୨୩।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ବୁଧବାର ଏକ ବୈଠକ ବସି ହାଇକୋର୍ଟ ଓକିଲଙ୍କ ଦୁର୍ବ୍ୟବହାରକୁ ନନ୍ଦା କରାଯାଇଛି। ସଂଘର ସଭାପତି ବିଜିତେନ୍ଦ୍ରିୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ନିକଟରେ ହାଇକୋର୍ଟ ଫୁଲ୍ କୋର୍ଟ ବୈଠକ ବସିଥିଲା। ହେଲେ ସେଥିରେ ଉପସ୍ଥିତ ସମ୍ବଲପୁର ଜିଲା ଓକିଲ ସଂଘର ବରିଷ୍ଠ ସଦସ୍ୟ ସୁରେଶ୍ୱର ମିଶ୍ରଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ନିଜ ପକ୍ଷ ରଖିବା ସମୟରେ ଏଭଳି ଘଟଣା ଘଟିଥିଲା। ଏହି ଘଟଣାକୁ ଜିଲା ଓକିଲ ସଂଘ ନିନ୍ଦା କରିଛି। ଆଗାମୀ ଦିନରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ଘଟେ ସେ ଦିଗରେ ଧ୍ୟାନ ଦେବାକୁ ସଂଘ ଚେତବନୀ ଦେଇଛି। ଏଭଳି ଘଟଣା ଆଇନଜୀବୀଙ୍କ ଉପରେ ଖରାପ ପ୍ରଭାବ ପକାଇବ। ଭଲ ସମ୍ପର୍କରେ ତିକ୍ତତା ସୃଷ୍ଟି ହେବ। ଏକତା ଭଙ୍ଗ ହେବ ବୋଲି ମତ ପ୍ରକାଶ ପାଇଛି। ବୈଠକ ଶେଷରେ ସୁରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ ବହିଦାର, ପ୍ରବୀଣ ସିଂଦେଓ, ରବି ପୂଜାରୀ, ପ୍ରମୋଦ ସାହୁ ଆଲୋଚନାରେ ଭାଗ ନେଇଥିଲେ।

ସୂଚନାଯୋଗ୍ୟ, ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ସମ୍ବଲପୁର ଜିଲାର ସମସ୍ତ କୋର୍ଟ କଚେରି ବନ୍ଦ ରହିଛି। ଏହାକୁ ନେଇ ହାଇକୋର୍ଟ ପକ୍ଷରୁ ନୋଟିସ ଜାରି କରାଯାଇ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅକ୍ଟୋବର ୨୧ ତାରିଖ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଉପସ୍ଥିତିରେ ଫୁଲ୍ କୋର୍ଟ ବସିଥିଲା। ଏଥିରେ ୩୦ଟି ଜିଲାର ଓକିଲ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ସମ୍ବଲପୁର ଜିଲାରୁ ସୁରେଶ୍ୱର ମିଶ୍ର, ସତ୍ୟନାରାୟଣ ପଣ୍ଡା, ବିଜୟ କୁମାର ପୁରୋହିତ ମଧ୍ୟ ଉପସ୍ଥିତ ଥିଲେ। ହେଲେ ସୁରେଶ୍ୱର ପକ୍ଷ ରଖିବା ବେଳେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିଲା।

# ଭୂତ ଭୟ, ୮ ଛାତ୍ରୀ ଅସୁସ୍ଥ

**ରାଉରକେଲା ଅଫିସ, ୨୩। ୧୦**

ଲାଠିକଟା ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ଛାତ୍ରୀ ଭୂତପ୍ରେତ ଭୟଜନିତ କାରଣରୁ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କ ଅସ୍ୱାଭାବିକ ଆଚରଣ ଯୋଗୁ ବୁଧବାର ପୂର୍ବାହ୍ନ ୧୧ଟାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କୁ ଛାଡି ଦିଆଯାଇଛି। ଅନ୍ୟ ୫ଜଣ ଡାକ୍ତରଖାନାରେ ଅଛନ୍ତି। ସଂପୃକ୍ତ ଛାତ୍ରୀମାନେ ହେଲେ ୭ମ ଶ୍ରେଣୀର ଅମିଷା ବରୁଆ, ଅର୍ଚ୍ଚନା ଟିଗା, ଅମିତା ଭଗତ, ମୁସ୍କାନ ଗୁଡିଆ ଓ ଅନିତା ମୁର୍ମୁ। ସୂଚନା ଅନୁଯାୟୀ, ଓଡ଼ିଶା ଆର୍ଦଶ ବିଦ୍ୟାଳୟର ଏହି ୮ ଛାତ୍ରୀ ସବୁ ଦିନ ଭଳି ବୁଧବାର ପୂର୍ବାହ୍ନ ୧୦ଟାରେ ଭାତ, ଡାଲି ଓ ଅଣ୍ଡା ଖାଇସାରି ସ୍କୁଲକୁ ଆସିଥିଲେ। ଶ୍ରେଣୀ କକ୍ଷରେ ବସିବାର କେଇ ମିନିଟ ପରେ ଜଣଙ୍କ ପରେ ଜଣେ ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଦେହହାତ ଥରିବା ସହ ହାତଗୋଡ ମୋଡି ହୋଇ ଯାଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରାଥମିକ ଚିକିତ୍ସା କରିଥିଲେ ହେଁ ସୁଫଳ ମିଳି ନ ଥିଲା। ପରେ ଅସୁସ୍ଥ ଛାତ୍ରୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ଅଣାଯାଇଥିଲା। ଖାଦ୍ୟ ଜନିତ ସମସ୍ୟା ଯୋଗୁ ଏଭଳି ଘଟିଥିବା ଅନୁମାନ କରାଯାଉ ଥିଲା। ଅସୁସ୍ଥ ଛାତ୍ରୀଙ୍କୁ ପରୀକ୍ଷା ନିରୀକ୍ଷା କରାଯାଇଛି। ଏଥିରେ ଖାଦ୍ୟ ଜନିତ ସମସ୍ୟା ନ ଥିବା ବିଭାଗୀୟ ଡାକ୍ତର ପ୍ରଶାନ୍ତ ପାତ୍ର କହିଛନ୍ତି। କେବଳ ଡର ଏହାର ଏକମାତ୍ର କାରଣ ହୋଇଥାଇପାରେ। ଗତ କିଛିଦିନ ହେବ ଏହି ଛାତ୍ରୀମାନେ ଭୂତପ୍ରେତ ଜନିତ ପ୍ରଭାବ ନେଇ ନିଜ ଭିତରେ ଆଲୋଚନା କରି ଆସୁଥିଲେ। ଯାହାର ଫଳ ସ୍ୱରୂପ ତାହା ଛାତ୍ରୀମାନଙ୍କୁ ମାନସିକ ଭାବେ ପ୍ରଭାବିତ କରିଛି ବୋଲି ଡାକ୍ତର ପାତ୍ର ଅନୁମାନ କରିଛନ୍ତି।

# ଝାରସୁଗୁଡ଼ାରୁ ବେଙ୍ଗାଲୁରୁକୁ ଏବେ ଉଡ଼ିବନି ବିମାନ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ଅନିଶ୍ଚିତତା ଭିତରେ ରହିଯାଇଛି ଝାରସୁଗୁଡ଼ା-ବେଙ୍ଗାଲୁରୁ ବିମାନ ସେବା। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଘରୋଇ ବିମାନ ଚଳାଚଳର ଶୀତକାଳୀନ ସମୟ ସୂଚୀ ପ୍ରକାଶ କରିଛି। ଏଥିରେ ଝାରସୁଗୁଡ଼ା-ବେଙ୍ଗାଲୁରୁ ବିମାନ ଚଳାଚଳ ସମୟ ସୂଚୀ ଉଲ୍ଲେଖ ନାହିଁ। ଫଳରେ ଝାରସୁଗୁଡ଼ାରୁ ବେଙ୍ଗାଲୁରୁକୁ ଏବେ ବିମାନ ଉଡ଼ିବନି ବୋଲି ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ପୂର୍ବରୁ ଝାରସୁଗୁଡ଼ା ଓ ବେଙ୍ଗାଲୁରୁ ମଧ୍ୟରେ ବିମାନ ଚଳାଚଳ କରିବାକୁ ଯୋଜନା କରାଯାଇଥିଲା। ଗତ ସେପ୍ଟେମ୍ବରରେ ଉଡ଼ାନ ଯୋଜନାର ସମୀକ୍ଷାବେଳେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଘୋଷଣା କରିଥିଲେ। ସ୍ପାଇସ ଜେଟ୍ ଏହି ବିମାନ ସେବା ପ୍ରଦାନ କରିବ ବୋଲି ଯୋଜନା କରାଯାଇଥିଲା। ତେବେ ଏଥିପାଇଁ ଡିଜିସିଏରୁ ଅନୁମତି ମିଳି ନ ଥିବାବେଳେ ଖୁବ୍‌ଶୀଘ୍ର ବିମାନ ଚଳାଚଳ ପାଇଁ ପ୍ରକ୍ରିୟା ଚାଲିଛି। ଆସନ୍ତା ନଭେମ୍ବର ତୃତୀୟ ସପ୍ତାହ କିମ୍ବା ଡିସେମ୍ବର ସୁଦ୍ଧା ବେଙ୍ଗାଲୁରୁକୁ ବିମାନ ଉଡ଼ିବ ବୋଲି ସୂଚନା ମିଳିଛି।

# ଡ୍ରୋନ୍‌ରୁ ଉତ୍ତୋଳିତ ଶ୍ରୀମନ୍ଦିର ଚିତ୍ର ଭାଇରାଲ

**ପୁରୀ ଅଫିସ, ୨୩।୧୦:** ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ଫଟୋ ଉଠାଇବା କିମ୍ବା ଭିଡିଓ ଉତ୍ତୋଳନ କରିବା ନେଇ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ଏହାସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେବା ଭଳି ସୋସିଆଲ ମିଡିଆରେ ପୁଣି ଶ୍ରୀମନ୍ଦିରର ଫଟୋ ଭାଇରାଲ ହୋଇଛି। ଡ୍ରୋନ୍ ସାହାଯ୍ୟରେ ବଡ଼ଦେଉଳର ଚିତ୍ର କଏଦ କରାଯାଇଛି। ଏପରି କି ଭିତର ବେଢାର ସମ୍ପୂର୍ଣ୍ଣ ଦୃଶ୍ୟ ସୋସିଆଲ ମିଡିଆରେ ଘୂରିବୁଲୁଛି। ଫଳରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ଉଠିଛି ପ୍ରଶ୍ନବାଚୀ।

ବର୍ତ୍ତମାନ ସୋସିଆଲ ମିଡିଆରେ ବୁଲୁଥିବା ଫଟୋକୁ ଦେଖିଲେ ଶ୍ରୀମନ୍ଦିରଠାରୁ ସମୁଦ୍ରକୂଳ ପର୍ଯ୍ୟନ୍ତ ଏହି ଡ୍ରୋନ୍ ଉଡ଼ିଛି। ହାଇ ରିଜଲ୍ୟୁଶନ ଡ୍ରୋନ୍ କ୍ୟାମେରାରେ କଏଦ ହୋଇଛି ଶ୍ରୀମନ୍ଦିର ଏବଂ ଚତୁଃପାର୍ଶ୍ୱର ଦୃଶ୍ୟ। ସବୁଠୁ ବଡ଼ କଥା ହେଉଛି କିଏ ଏହି ଡ୍ରୋନ୍ ଉଡ଼ାଇଛି। କିଏ ଦେଇଛି ଅନୁମତି? କାହିଁକି ଫଟୋ ଉତ୍ତୋଳନ କରି ସୋସିଆଲ ମିଡିଆରେ ଛଡ଼ାଯାଇଛି? ଏହି ଫଟୋ କୌଣସି ମନ୍ଦ ଉଦ୍ଦେଶ୍ୟ ପାଇଁ ବ୍ୟବହାର ହେବନି ତ? ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଗତ ୮ ତାରିଖ ସକାଳେ ଏକ ଡ୍ରୋନ୍ ମନ୍ଦିର ଉପରେ ଉଡୁଥିଲା। କିଛି ଭକ୍ତ ଦେଖିବା ପରେ ଏହା ପୋଲିସ ଏବଂ ସେବାୟତଙ୍କ ନଜରକୁ ଆସିଥିଲା। ସେତେବେଳେ ଡ୍ରୋନ୍ ଭିତର ବେଢ଼ା ଅଞ୍ଚଳ ଉପରେ ଉଡୁଥିଲା। ଏହାକୁ ଅନୁସରଣ କରିବା ଲାଗି ଜଣେ ପୋଲିସ ଅଧିକାରୀ ଉତ୍ତର ଦ୍ୱାର ବାଟେ ବାହାରକୁ ଆସିଥିଲେ। ହେଲେ ଡ୍ରୋନ୍‌ଟି ଦକ୍ଷିଣ ଦ୍ୱାର ଉପର ଦେଇ ହରଚଣ୍ଡୀସାହି ଆଡ଼କୁ ଉଡ଼ିଯାଇଥିଲା। ଫଳରେ ପୋଲିସ ତା'ର ଟେର୍ ପାଇପାରି ନ ଥିଲା। ଏହି ଡ୍ରୋନ ଶ୍ରୀମନ୍ଦିର ଉପରେ ଉଚ୍ଚରେ ଉଡୁଥିଲା। ହୋ ହଲ୍ଲା ହେବାପରେ ଡ୍ରୋନ୍‌ଟି ହରଚଣ୍ଡୀସାହି ଆଡ଼କୁ ପଳାଇଥିଲା। ଫଳରେ ଏହାକୁ ଠାବ କରାଯାଇ ପାରି ନ ଥିଲା। ଏନେଇ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି ଆଗକୁ ଏପରି ଘଟଣା ଏଡ଼ାଇବା ପାଇଁ ଜାମର ବ୍ୟବସ୍ଥା କରାଯିବ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ପୂର୍ଣ୍ଣିମା ନାୟକ



ସୁକାନ୍ତ କୁମାର ଶ୍ରୀଚନ୍ଦନ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଗୋପାଳପୁର, ୨୩।୧୦**

ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ ଗୋଳନ୍ଥରା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ଯୁବକ ଚକୋଲେଟ ଦେବା ବାହାନାରେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଘରକୁ ଡାକି ନେଇ ବଳାତ୍କାର କରିଛନ୍ତି। ବୁଧବାର ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଦେବାନନ୍ଦ ଦାସ। ଅପରାହ୍ନରେ ବ୍ରହ୍ମପୁର ବଡ଼ ମେଡିକାଲରେ ପୀଡ଼ିତା ଛାତ୍ରୀ ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ଗୁରୁବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଛାତ୍ରୀଙ୍କ ବୟାନ ରେକର୍ଡ କରାଯିବ। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଛାତ୍ରୀଙ୍କ ବାପା ବାହାର ରାଜ୍ୟରେ ଶ୍ରମିକ ଭାବେ କାମ କରୁଛନ୍ତି। ମା' ମଧ୍ୟ ଗାଁରେ କାମ କରିବାକୁ ଯାଇଥିଲେ। ୧୮ ତାରିଖ ସନ୍ଧ୍ୟାରେ ଛାତ୍ରୀ ଜଣକ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଦେବାନନ୍ଦ ତାଙ୍କୁ ଏକୁଟିଆ ଦେଖି ଚକୋଲେଟ ଦେବା ବାହାନାରେ ନିଜ ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାରିକୁ ନ କହିବା ପାଇଁ ତାଙ୍କୁ ଧମକ ଦେଇଥିଲେ। ଛାତ୍ରୀ ଜଣକ କାନ୍ଦି କାନ୍ଦି ଘରକୁ ଯାଇ ଏ ସମ୍ପର୍କରେ ମା' ଓ ଜେଜେ ମା'ଙ୍କୁ କହିଥିଲେ। ଛାତ୍ରୀଙ୍କ ପରିବାର ଦଳିତ ଶ୍ରେଣୀର ହୋଇଥିବାରୁ ଦେବାନନ୍ଦଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ସାହସ ଜୁଟାଇ ପାରି ନ ଥିଲେ। ପୂର୍ବରୁ ବିଭିନ୍ନ ସମୟରେ ଦେବାନନ୍ଦ କୌଣସି ନା କୌଣସି କାରଣକୁ ନେଇ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ସହ ଟେକାପଥର ମାଡ଼ କରୁଥିଲେ। ମଙ୍ଗଳବାର ସକାଳେ ସେ ଏପରି ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଇତିମଧ୍ୟରେ ଛାତ୍ରୀଙ୍କୁ ବଳାତ୍କାର ଘଟଣା ଗ୍ରାମରେ ପ୍ରଚାରିତ ହୋଇଯାଇଥିଲା। ଗ୍ରାମବାସୀ ଏ ନେଇ ଗୋଳନ୍ଥରା ଥାନାରେ ଜଣାଇଥିଲେ। ପୋଲିସ ବୁଧବାର ଅଭିଯୁକ୍ତ ଦେବାନନ୍ଦଙ୍କୁ କାବୁ କରି ପଚରାଉଚୁରା ଜାରି ରଖିଛି। ପୀଡ଼ିତା ଛାତ୍ରୀଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପ୍ରକାରେ ପୋଲିସ ନଂ. ୨୬୫/୧୯ରେ ଏକ ପୋକ୍‌ସୋ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMBBS 2019049, ତା.21.10.2019ରିଖ

**କାର୍ଯ୍ୟର ନାମ :** 02 ବର୍ଷ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ରେଳ ବିହାର ଠାରେ ଏବଂ ଉତ୍ତର ବ୍ଲକ୍, ରେଳ ସଦନ, ଭୁବନେଶ୍ୱର ଠାରେ ମୁଖ୍ୟ ପ୍ରଶାସନିକ ଅଧିକାରୀ / ନିର୍ମାଣ / ଭୁବନେଶ୍ୱର ଅଧୀନସ୍ଥ ସର୍ଭିସ୍ ବିଲ୍ଡିଙ୍ଗଗୁଡ଼ିକର ଦେଖାଶୁଣା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 78.45 ଲକ୍ଷ, EMD (ଟଙ୍କାରେ) : 1,56,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.11.2019 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଭୁବନେଶ୍ୱର
PR-65/CC/19-20

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**

ଫାଇଲ ନଂ.DRM/Engg/KUR/19-20/ E-Tender/38, ତା.17.10.2019ରିଖ

1. ଟେଣ୍ଡର ସଂ.e-Tender-SOUTH-KUR-260-2019, ତା.11.10.2019ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ) ପରିସୀମା ଅଧୀନରେ ପ୍ରଚଳିତ ଗାର୍ଡ଼ ରେଲଗୁଡ଼ିକର ପ୍ରସ୍ତାବିତ ନବୀକରଣ, ବାଲାଷ୍ଟେଡ୍ ଡେକ୍ ବ୍ରିଜ୍ ଏବଂ ଫୁଟ୍ ଓଭର ବ୍ରିଜ୍ ଠାରେ ଗାର୍ଡ଼ ରେଲ୍ ଲଗାଇବା, ସିଲ୍ଡ ରେଲ୍ ସ୍କ୍ରୁ ଏବଂ ERC ର ନିଷ୍କାଶ, ସ୍ଲାଇଡ୍ ଚେୟାରଗୁଡ଼ିକର ୱେଲ୍ଡିଙ୍ଗ୍ ଏବଂ ଅନ୍ୟ ସଂରକ୍ଷା ସମ୍ବନ୍ଧୀୟ P.Way କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 160.25 ଲକ୍ଷ, EMD (ଟଙ୍କାରେ) : 2,30,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 12 (ବାର) ମାସ।

2. ଟେଣ୍ଡର ସଂ.e-Tender-NORTH-KUR-261-2019, ତା.11.10.2019ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ଅନ୍ୟ ସଂରକ୍ଷା ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକ ସହିତ ଟ୍ରାକ୍ର ଲିଫ୍ଟିଙ୍ଗ୍ ଏବଂ ପ୍ୟାକିଙ୍ଗ୍, ସ୍ଲିପରଗୁଡ଼ିକର କାଜୁଆଲ ନବୀକରଣ, ବାଲାଷ୍ଟ (Ballast) ର ବକ୍ସିଙ୍ଗ୍ (Boxing) ଏବଂ ERCs ର ଗ୍ରୀସିଙ୍ଗ୍ ଭଳି ବିବିଧ P.Way କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 174.81 ଲକ୍ଷ, EMD (ଟଙ୍କାରେ) : 2,37,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 10 (ଦଶ) ମାସ।

3. ଟେଣ୍ଡର ସଂ.e-Tender-CEN KUR-262-2019, ତା.11.10.2019ରିଖ
**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ / ଭୁବନେଶ୍ୱର ପରିସୀମା ଅଧୀନସ୍ଥ ଭୁବନେଶ୍ୱର ଷ୍ଟେସନ ଠାରେ ଷ୍ଟେସନ ବିଲ୍ଡିଙ୍ଗ୍ ଏବଂ ସର୍ଭିସ ବିଲ୍ଡିଙ୍ଗଗୁଡ଼ିକର ବିବିଧ ମରାମତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 196.61 ଲକ୍ଷ, EMD (ଟଙ୍କାରେ) : 2,48,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 10 (ଦଶ) ମାସ।

4. ଟେଣ୍ଡର ସଂ.e-Tender-EAST-KUR-263-2019, ତା.11.10.2019ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-II, କଟକ ଅଧୀନରେ ବଗଦିଆ(ପିଏଚ), ବନବିହାରୀ ଗୁଆଳିପୁର (ପିଏଚ), ବଡ଼ଖଣ୍ଡାଏତା, ଝଙ୍କଡ଼ ସାରଳା ରୋଡ଼ (ପିଏଚ), ମଉଗଜପୁର (ପିଏଚ) ଏବଂ ବଡ଼ବନ୍ଧ (ସଂପ୍ରସାରଣ) ଠାରେ ପ୍ରଥମ ଫୁଟ୍ ଓଭର ବ୍ରିଜ୍‌ର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 534.43 ଲକ୍ଷ, EMD (ଟଙ୍କାରେ) : 4,17,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 11 (ଏଗାର) ମାସ।

5. ଟେଣ୍ଡର ସଂ.e-Tender-EAST-KUR-264-2019, ତା.11.10.2019ରିଖ
**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/ II / କଟକ ପରିସୀମା ଅଧୀନସ୍ଥ ପାରାଦ୍ୱୀପ ଏକ୍ସଚେଞ୍ଜ ୟାର୍ଡ଼ ଠାରେ ପାଥୱେ (Pathway)ର ପ୍ରସ୍ତାବିତ ମରାମତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 105.04 ଲକ୍ଷ, EMD (ଟଙ୍କାରେ) : 2,02,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 08 (ଆଠ) ମାସ।

6. ଟେଣ୍ଡର ସଂ.e-Tender-EAST-KUR-265-2019, ତା.11.10.2019ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ-ପାରାଦ୍ୱୀପ ସେକ୍ସନରେ 11 ଗୋଟି ଲେଭେଲ କ୍ରସିଙ୍ଗ୍ ଫାଟକଠାରେ ସ୍ୱୟଂକ୍ରିୟ ସିଗନାଲିଙ୍ଗ୍ କାର୍ଯ୍ୟଗୁଡ଼ିକ ନିମନ୍ତେ ଇଣ୍ଟରଲକିଙ୍ଗ ସମ୍ବନ୍ଧୀୟ ସଂକେତ ଏବଂ ଦୂରସଂଚାର ଗୁମଟିଗୁଡ଼ିକର ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 212.83 ଲକ୍ଷ, EMD (ଟଙ୍କାରେ) : 2,56,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 08 (ଆଠ) ମାସ।

7. ଟେଣ୍ଡର ସଂ.e-Tender-NORTH-KUR-266-2019, ତା.16.10.2019ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବସନ୍ତପୁର ଏବଂ ସୀତାବିଞ୍ଜି ଷ୍ଟେସନ ମଧ୍ୟରେ ୱିଲ୍ ୱାୟର ରୋପ୍ ନେଟିଙ୍ଗ୍ ଦ୍ୱାରା କଟିଙ୍ଗ୍ ସାଇଡ୍ ସ୍ଲୋପଗୁଡ଼ିକର ସୁଦୃଢ଼ୀକରଣଜନିତ ଟ୍ରାକ୍‌ର ରକ୍ଷଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 194.17 ଲକ୍ଷ, EMD (ଟଙ୍କାରେ) : 2,47,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ।

8. ଟେଣ୍ଡର ସଂ.e-Tender-ESTATE-KUR-267-2019, ତା.15.10.2019ରିଖ
**ବିବରଣୀ :** ରେଳ ଡବା ମରାମତି କାରଖାନା / ମଞ୍ଚେଶ୍ୱର ଠାରେ ଏୟାର କମ୍ପ୍ରେସର ଏବଂ ଦୁଇ ଚକିଆ / ସାଇକେଲ ଷ୍ଟାଣ୍ଡ ନିମନ୍ତେ (12mx8m) ଆକାର ବିଶିଷ୍ଟ 02 ଗୋଟି କଭର ସେଡ଼ର ନିର୍ମାଣ, LHB କୋଚ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ମୂଳଭିତ୍ତିର ଉନ୍ନୟନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 168.49 ଲକ୍ଷ, EMD (ଟଙ୍କାରେ) : 2,34,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 10 (ଦଶ) ମାସ।

9. ଟେଣ୍ଡର ସଂ.eTender-HQ-KUR-269-2019, ତା.16.10.2019ରିଖ
**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ) / ଖୋର୍ଦ୍ଧା ରୋଡ୍ ସେକ୍ସନରେ ସିନିୟର ସେକ୍ସନ ଇଂଜିନିୟର (W/WW) / ଖୋର୍ଦ୍ଧା ରୋଡ୍ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ଠାରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଫିଲ୍ଟର ହାଉସ୍ ଏବଂ RCC ଓଭର ହେଡ୍ ଟାଙ୍କିରେ ପମ୍ପ ଡେଲିଭରି (Delivery) ଲାଇନ୍ ଏବଂ ଦୟା ପମ୍ପ ହାଉସ୍ ଠାରୁ ଫିଲ୍ଟର ହାଉସ୍ ପର୍ଯ୍ୟନ୍ତ ପାଣି ଲାଇନ୍‌କୁ ଉପରକୁ ଉଠାଇବାଜନିତ ରକ୍ଷଣାବେକ୍ଷଣ ସହିତ ଖୋର୍ଦ୍ଧା ରୋଡ୍ ସେଟେଲମେଣ୍ଟର ବିଭିନ୍ନ ଜୋନ୍ ପର୍ଯ୍ୟନ୍ତ ଜଳ ଯୋଗାଣ, ରେଳ ଷ୍ଟେସନର ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ଦୟା ପମ୍ପ ହାଉସ୍ RCC OH ପାଣି ଟାଙ୍କିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସହିତ ବିଭିନ୍ନ ପ୍ରକାର ଜଳ ଯୋଗାଣ କାର୍ଯ୍ୟର ମରାମତି, ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 95.81 ଲକ୍ଷ, EMD (ଟଙ୍କାରେ) : 1,91,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 30.06.2020।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ) :** ତା.06.11.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ) ଖୋର୍ଦ୍ଧା ରୋଡ୍
PR-449/K/19-20

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ବିଜ୍ଞପ୍ତି**
[ରୁଲ୍-୮(୧)] (ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟେରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା / ଜାମିନଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗୀକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା / ଜାମିନଦାରମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସ ର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତି ଗୁଡ଼ିକୁ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା / ଜାମିନ୍‌ଦାରଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନ ଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଗାୟତ୍ରୀ ଷ୍ଟୋନ୍ କଟିଂ ଆଣ୍ଡ୍ ପଲିସିଂ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ୪ ଟି. ବିଶ୍ୱନାଥମ୍, ଜାମିନଦାରମାନେ: (୧) ଶ୍ରୀମତୀ ଟି. ସୁନ୍ଦରମ୍ମା,** ସ୍ୱାମୀ: ୪ ଟି. ବିଶ୍ୱନାଥମ୍, **(୨) ଶ୍ରୀ ଟି. ବିଘେଶ୍ୱର ରାଓ,** ପିତା: ୪ ଟି ବିଶ୍ୱନାଥମ, ସମସ୍ତଙ୍କ ଠିକଣା ସା./ପୋ.: ତାଟିପାଟି, ଥାନା: ଗୁରାଣ୍ଡି, ଜିଲ୍ଲା: ଗଜପତି। | **୧) ଶ୍ରୀ ତାମଡ଼ା ବିଶ୍ୱନାଥମ୍‌ଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶ ବିଶେଷ ଯାହାର ମୌଜା.: ତାଟିପାଟି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଖାତା ନଂ.: ୪୩୮/୩୮୫, ପ୍ଲଟ୍ ନଂ.: ୫୨୫, ୫୨୬, ୫୨୨, ୫୨୦, ୫୨୭, ୫୨୧, ୫୨୪, ୫୧୯/୧୬୦୩, **ସମୁଦାୟ କ୍ଷେତ୍ର:ଏକର ୧.୨୪୯ଡ଼ିସିମିଲି,** କିସମ: ଘରବାରି। **୨) ଶ୍ରୀ ତାମଡ଼ା ବିଶ୍ୱନାଥମ୍‌ଙ୍କ** ନାମରେ ଥିବା ଜାମିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ତାଟିପାଟି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଖାତା ନଂ.: ୨୬୪, ପ୍ଲଟ୍ ନଂ.: ୧୮୭, କ୍ଷେତ୍ର:ଏକର ୦.୦୫୬୭ଡ଼ିସିମିଲି, କିସମ: ଘରବାରି। | ୨୭.୧୧.୨୦୧୮ / ୨୨.୧୦.୨୦୧୯ | ୨୬.୧୧.୨୦୧୮ ପର୍ଯ୍ୟନ୍ତ ଅର୍ଜିତ ସୁଧ ସହିତ ଟ.୧୫,୮୦,୧୪୯/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |
| **ଋଣଗ୍ରହୀତା: ମେସର୍ସ ବାସୁଦେବ ଷ୍ଟୋନସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ,** ସା:ଇଡ୍‌କୋ, ପ୍ଲଟ ନଂ. ୯୧/୧/ବି, ଆଇଆଇଡି ସେଣ୍ଟର, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, **ଜାମିନଦାର: ଶ୍ରୀ ବିଧୁ ଭୂଷଣ ପଟ୍ଟନାୟକ,**ସା: ଫ୍ଲାଟ୍ ନଂ.: ଇ/୩୧୨, ଟ୍ରାଇଡେଣ୍ଟ ଗ୍ୟାଲେକ୍ସି ଆପାର୍ଟମେଣ୍ଟ, କଳିଙ୍ଗ ନଗର ଭୁବନେଶ୍ୱର-୭୫୧୦୦୩। | **ମେସର୍ସ ବାସୁଦେବ ଷ୍ଟୋନସ୍** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ମୁକୁନ୍ଦପ୍ରସାଦ, ତହସିଲ/ଥାନା: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ରେଭିନ୍ୟୁ ଖାତା ନଂ.: ୫୩୧/୧, ପ୍ଲଟ ନଂ.: ୨୩୦୩ (ଅଂଶ), ଅନୁରୂପ ଇଡ୍‌କୋ ପ୍ଲଟ ନଂ.:୯୦/୧/ବି,କ୍ଷେତ୍ର: ଏକର୦.୩୪୪ଡିସିମିଲି, ଚୌହଦି ଉତ୍ତର: ପ୍ଲଟ ନଂ.୯୦/୧, ଦକ୍ଷିଣ: ପ୍ଲଟ ନଂ.୯୦, ପୂର୍ବ: ରାସ୍ତା, ପଶ୍ଚିମ: ଇଡ୍‌କୋ ପ୍ଲଟ ନଂ.୨୩୦୩ (ଅଂଶ)। | ୦୭.୦୬.୨୦୧୯ / ୨୩.୧୦.୨୦୧୯ | ୦୬.୦୬.୨୦୧୯ସୁଦ୍ଧା ସୁଧ ସହିତ ଟ.୫୨,୦୯,୨୦୫.୦୪ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁଷଙ୍ଗିକ ଖର୍ଚ୍ଚ |

ତାରିଖ : ୨୩.୧୦.୨୦୧୯
ସ୍ଥାନ : ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଖାଦ୍ୟ ପ୍ରକ୍ରିୟାକରଣ: ପୁଞ୍ଜିନିବେଶ ପାଇଁ ଆହ୍ୱାନ




ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ଭାରତର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଆସନ୍ତା ବର୍ଷେ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାର ସମକକ୍ଷ ହେବାକୁ ଯାଉଛି। ମାତ୍ର ଏକବର୍ଷ ମଧ୍ୟରେ ଭାରତର ଖାଦ୍ୟ ପ୍ରକ୍ରିୟାକରଣ ବଜାର ୫୩୦ ବିଲିୟନ୍ ଡଲାର ଅର୍ଥାତ୍ ପ୍ରାୟ ୩୭୫୮ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ଓଡ଼ିଶାକୁ ଏକ ପ୍ରମୁଖ ଅଂଶରେ ପରିଣତ କରିବା ଏବଂ ଏ କ୍ଷେତ୍ରରେ ଅଧିକରୁ ଅଧିକ ପୁଞ୍ଜିନିବେଶ କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଶିଳ୍ପ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରାଧାନ୍ୟ ଦେବା ଲାଗି ରହିଥିବା ନୀତି ବିଷୟରେ ଶିଳ୍ପୋଦ୍ୟୋଗୀମାନଙ୍କ ସହ ଆଲୋଚନା ସମୟରେ ମିଶ୍ର ଏନେଇ ସୂଚନା ଦେଇଥିଲେ।

ସମଗ୍ର ପୂର୍ବ ଭାରତରେ ଓଡ଼ିଶାର ପ୍ରାକୃତିକ ପରିବେଶ ଏବଂ ଜଳବାୟୁ ଫଳ, ପନିପରିବା ଚାଷ, କୃଷି ଭିତ୍ତିକ ଉତ୍ପାଦନ ସାଙ୍ଗକୁ ସାମୁଦ୍ରିକ ଦ୍ରବ୍ୟ ଉତ୍ପାଦ ପାଇଁ ଏକ ଉତ୍କୃଷ୍ଟ ସ୍ଥାନ। ଏହାର ସୁଯୋଗ ନେଇ ନିବେଶକମାନେ ତାହାର ଉଚିତ ଫାଇଦା ଉଠାଇବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ଶିଳ୍ପ ଓ ଏମ୍ଏସ୍ଏମ୍ଇ ସଚିବ ହେମନ୍ତ ଶର୍ମା, ଉଠା ଜଳସେଚନ ନିଗମ ପରିଚାଳନା ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକ, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ନୀତିନ ଜାୱଲେ, ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସ୍ୱତନ୍ତ୍ର ସଚିବ ଦେବୀଦତ୍ତ ବିଶ୍ୱାଳ, ଶିଳ୍ପ ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ଏସ୍.କେ. ହୋତା ପ୍ରମୁଖ ଯୋଗ ଦେଇ ଓଡ଼ିଶାରେ ରହିଥିବା ସୁଯୋଗ ସମ୍ପର୍କରେ ଉପସ୍ଥାପନ କରିଥିଲେ।

# ଅନିଶ୍ଚିତତା ଭିତରେ କୋଷ୍ଟାଲ ହାଇୱେ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ଉପକୂଳ ରାଜପଥ(କୋଷ୍ଟାଲ ହାଇୱେ) ପ୍ରକଳ୍ପର ଭାଗ୍ୟ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଉପକୂଳ ପରିଚାଳନା ଜୋନ୍(ସିଆର୍‌ଜେଡ) ମଞ୍ଜୁରୀ ଦେଉ ନ ଥିବାରୁ ଏହି ପ୍ରକଳ୍ପ ଆଗେଇ ପାରୁନାହିଁ।

ଓଡ଼ିଶା ମଧ୍ୟଦେଇ ଯାଉଥିବା ୪୫୨ କିମି ଉପକୂଳ ରାଜପଥ ନିର୍ମାଣ ଆରମ୍ଭ ହୋଇପାରୁନାହିଁ। ସିଆର୍‌ଜେଡ୍ ମଞ୍ଜୁରୀ ନ ମିଳିବା ଏହି ପ୍ରକଳ୍ପ ପାଇଁ ଏକ ବିରାଟ ଅନ୍ତରାୟ ଭାବେ ଛିଡା ହୋଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍ଏଚଏଆଇ) କେବଳ ଏହି ପ୍ରକଳ୍ପକୁ କାଗଜ କଲମ ମଧ୍ୟରେ ସୀମିତ କରିଦେଇଛି। ଏନ୍ଏଚଏଆଇ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ପ୍ରସ୍ତାବିତ ଉପକୂଳ ରାଜପଥ ଜୈବ ବିବିଧତା ଓ ଜଳଚର ଜୀବ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ନେଇ ଜାତୀୟ ଉପକୂଳ ଜୋନ୍ ପରିଚାଳନା କର୍ତ୍ତୃପକ୍ଷ(ଏନ୍‌ସିଜେଡ୍ଏମଏ) ଆପତ୍ତି ଉଠାଇଛି। ଏଥିଯୋଗୁ ମନ୍ତ୍ରଣାଳୟ ଏହି ପ୍ରକଳ୍ପ ପାଇଁ ସିଆରଜେଡ୍ ମଞ୍ଜୁରୀ ଦେଉନାହିଁ। ଏହି ଉପକୂଳ ରାଜପଥ ଛତ୍ରପୁରରୁ ସାତପଡ଼ା, କୋଣାର୍କ, ଅସ୍ତରଙ୍ଗ, ନୂଆଗାଁ, ପାରାଦ୍ୱୀପ, ରତନପୁର ସାତଭାୟା, ଧାମରା , ବାସୁଦେବପୁର, ଚାନ୍ଦିପୁର, ଚନ୍ଦନେଶ୍ୱର ଏବଂ ଦୀଘା ପର୍ଯ୍ୟନ୍ତ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। ପୁରୀ ଜିଲା ସାତପଡ଼ା ନିକଟରେ ଚିଲିକା ଉପରେ ନିର୍ମାଣ ହେବାକୁ ଥିବା ସେତୁକୁ ମଧ୍ୟ ମନ୍ତ୍ରଣାଳୟ ବିରୋଧ କରିଛି। ଏହି ସେତୁ ନିର୍ମାଣ ହେଲେ ଡଲଫିନ୍ ଭଳି ବିରଳ ଜଳଚର ଜୀବଙ୍କ ବାସସ୍ଥଳୀ ଉପରେ ପ୍ରତିକୂଳ ପ୍ରଭାବ ପଡିବାର ଯଥେଷ୍ଟ ଆଶଙ୍କା ରହିଛି। ଏହି ପ୍ରସ୍ତାବିତ ରାଜପଥ ପ୍ରକଳ୍ପକୁ ମଧ୍ୟ ଜୈବ ବିବିଧତା ଥିବା ଜଳଭାଗ ଯଥା ଲୁଣା ନଦୀ, ଭିତରକନିକା ଅଭୟାରଣ୍ୟ ଏବଂ ଋଷିକୁଲ୍ୟା ନଦୀଠାରୁ ଦୂରରେ ନିର୍ମାଣ କରିବା ପାଇଁ ମଧ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିବା ଏନ୍ଏଚଏଆଇର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ଉପକୂଳ ରାଜପଥକୁ ସମଗ୍ର କୂଳ ନିକଟ ଦେଇ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ମାତ୍ର ଏହି ପ୍ରକଳ୍ପ ପାଇଁ ସିଆରଜେଡ୍ ମଞ୍ଜୁରୀ ଦେଉନାହିଁ। ଏ ବିଷୟରେ ଏନ୍ଏଚଏଆଇ ମୁଖ୍ୟ କାର୍ଯ୍ୟାଳୟକୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଏନ୍ଏଚଏଆଇର ଏକ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କ ସହ ପ୍ରକଳ୍ପର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିବେ ବୋଲି ଏନ୍ଏଚଏଆଇର ଅଧିକାରୀ କହିଛନ୍ତି। ଯଦି ପ୍ରସ୍ତାବିତ ପ୍ରକଳ୍ପରେ କୌଣସି ପରିବର୍ତ୍ତନ ଆବଶ୍ୟକ ପଡ଼େ ତେବେ ପ୍ରକଳ୍ପର ସମ୍ପୂର୍ଣ୍ଣ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରିଥିବା ସଂସ୍ଥାକୁ ପୁଣିଥରେ ଏକ ନୂଆ ଡିପିଆର ପ୍ରସ୍ତୁତ କରିବା ଲାଗି କୁହାଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୫ ଏପ୍ରିଲରେ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ପିପିଲି ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଉପକୂଳ ରାଜପଥ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରିଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ କୁଟୁଣୀ କୁଟା କାଟେ**
**ଝିଅ ମୁଣ୍ଡରେ ଟାହିଆ ଫୁଟେ ।**

ଘରର ଆର୍ଥିକ ଅବସ୍ଥା ଶୋଚନୀୟ ବାହାରେ କିନ୍ତୁ ଝିଅର ଚାତୁରୀ କାହିଁରେ କେତେ। ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କ ପକ୍ଷେ ଏପରି ଆତ୍ମବଡ଼ିମା ଶୋଭାପାଉ ନ ଥାଏ। ଗରିବ, ନିଃସ୍ୱ ବ୍ୟକ୍ତି ନିଜ ଆର୍ଥିକ ସ୍ୱଚ୍ଛଳତା ପ୍ରତି ଦୃଷ୍ଟି ନ ରଖି ବେଶ୍ ପରିପାଟୀ ହୋଇ ବାହାରେ ବୁଲି ନିଜକୁ ଦେଖେଇ ହେବା ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମଚ୍ଛ ମୁଦିଟିଏ ପାଇଲି**
**ସେ ତ ହାତକୁ ନିଦା**
**ବଡ଼ ବୃକ୍ଷ ବୋଲି ଧଇଲି**
**ସେ ତ ବାସଙ୍ଗ ବୁଦା ।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ହାତରେ ଥିବା ସୁନା ମଧ୍ୟ ମାଟି ପାଲଟି ଯାଇଥାଏ। ଭାଗ୍ୟର ବିଡ଼ମ୍ବନା। କର୍ମଗୁଣେ ଭାଗ୍ୟ ଫଳେ ଓ ସେହି ଅନୁସାରେ ଫଳ ଭୋଗ ହୋଇଥାଏ। ହେଲେ ଭାଗ୍ୟରେ ଯାହାର ସୁଖଫଳ ଭୋଗ ହେବାର ନ ଥାଏ ସେ ଯେତେ ମୁଣ୍ଡ ପିଟିଲେ ମଧ୍ୟ ଆଉ କିଛି ମିଳି ନ ଥାଏ। ଫଳସ୍ୱରୂପ ମଣିଷ ନିଜ ଭାଗ୍ୟକୁ ଦୋଷ ଦେବା ଛଡ଼ା ଆଉ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ■ ସିଆରଏମ୍ ଟିମ୍‌ର ପ୍ରଶଂସା
# ସ୍ୱାସ୍ଥ୍ୟସେବାକୁ କ୍ରିୟାଶୀଳ କରିବ ୫-ଟି

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ରାଜ୍ୟ ସରକାର ଲୋକଙ୍କୁ ବିନା ମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି କାର୍ଯ୍ୟକ୍ରମ ଯୋଗୁ ଏହା ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି କେନ୍ଦ୍ରୀୟ ଅନୁଧ୍ୟାନ ମିଶନ(ସିଆରଏମ୍) ଟିମ୍ ମତ ଦେଇଛନ୍ତି। ଡା. ହିମାଂଶୁ ଭୂଷଣଙ୍କ ଅଧ୍ୟକ୍ଷତାରେ ଏହି ଟିମ୍ ଓଡ଼ିଶା ଗସ୍ତରେ ଆସି ଗତ ୧୭ ତାରିଖରୁ କନ୍ଧମାଳ ଓ ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳ ବୁଲି ସେଠାକାର ସ୍ୱାସ୍ଥ୍ୟସେବା ସଂକ୍ରାନ୍ତରେ ଅନୁଧ୍ୟାନ କରିଥିଲେ। ବୁଧବାର ସ୍ଥାନୀୟ ହୋଟେଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେମାନେ ନିଜ ପର୍ଯ୍ୟବେକ୍ଷଣ ଓ ମନ୍ତବ୍ୟକୁ ଉପସ୍ଥାପନ କରିଥିଲେ। ଏହି ଗସ୍ତ କାଳରେ ଟିମ୍ ସମ୍ପୃକ୍ତ ଜିଲାର ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ହେଲ୍‌ଥ ୱେଲନେସ୍ ସେଣ୍ଟର, ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିଲେ। ଡାକ୍ତର, ପାରାମେଡିକ୍, ଆଶା ଓ ଅଙ୍ଗନୱାଡ଼ି କର୍ମୀ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟମାନଙ୍କ ସହିତ ଆଲୋଚନା କରିବା ସଙ୍ଗେ ସଙ୍ଗେ ଗ୍ରାମସଭାରେ ମଧ୍ୟ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ରୋଗୀଙ୍କୁ ବିନା ମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ଉଦ୍ୟମକୁ ଟିମ୍ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ଡା. ପ୍ରମୋଦ କୁମାର ମେହେର୍ଦ୍ଦା କହିଛନ୍ତି, ଟିମ୍ ସଦସ୍ୟମାନେ ଯେଉଁସବୁ ଦିଗ ଉପରେ ମତାମତ ଦେଇଛନ୍ତି ସେ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅନୁଶୀଳନ କରାଯାଇ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଜାତୀୟ ସ୍ୱାସ୍ଥ୍ୟମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି ସିଆରଏମ୍ ଟିମ୍‌ର ମତାମତ ଆଗାମୀ ଦିନରେ ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ସହାୟକ ହେବ।

## ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା
# ୨୬ରେ ଜିଲାର ସବୁ ଥାନାରେ ଏତଲା ଦେବ ଭାଜପା


ଭାଜପା ପ୍ରତିନିଧିମାନେ ଗୃହ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାଶପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟିଥିବା ଗେଷ୍ଟ ହାଉସରେ ଘଟଣା ସମୟରେ ରୂପେଶ ଭଦ୍ରଙ୍କ ବ୍ୟତୀତ ଅନ୍ୟ ୨ଜଣ ବିଜେଡି ନେତା ଏବଂ ଏକ ସିମେଣ୍ଟ କମ୍ପାନୀର ଜଣେ ଅଧିକାରୀ ଥିଲେ। ସେମାନଙ୍କୁ ଏପର୍ଯ୍ୟନ୍ତ ପୋଲିସ କାହିଁକି ଗିରଫ କରିନାହିଁ ବୋଲି ଭାଜପା ପ୍ରଶ୍ନ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି, ସରକାର ୫ଟି କଥା କହୁଥିବାବେଳେ ଏକ ସରକାରୀ ମହିଳାଙ୍କ ମୃତ୍ୟୁପରେ ଜଣେ ମଧ୍ୟ ସରକାରୀ ଅଧିକାରୀ ତାଙ୍କ ପରିବାରକୁ ନ ଭେଟିବା ଅତ୍ୟନ୍ତ ନିନ୍ଦନୀୟ। ଯାଜପୁର ଏସ୍‌ପି ଘଟଣାକୁ ଚପାଇବା ପାଇଁ ବିଭିନ୍ନ ପ୍ରକାର ଅପଚେଷ୍ଟା କରିଛନ୍ତି। ଏପରିକି ଘଟଣାକୁ ନେଇ ଯାଜପୁର ଏସ୍‌ପି ଦେଇଥିବା ବୟାନକୁ ବିରୋଧ କରି ଆସନ୍ତା ୨୬ରେ ଜିଲାର ସମସ୍ତ ଥାନାରେ ଏସ୍‌ପିଙ୍କ ନାମରେ ଭାଜପା ପକ୍ଷରୁ ମାମଲା ରୁଜୁ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଗେଷ୍ଟ ହାଉସକୁ ପୋଲିସ ଏପର୍ଯ୍ୟନ୍ତ ସିଲ୍ କରିନାହିଁ। ସ୍ମିତାରାଣୀଙ୍କ ବ୍ୟକ୍ତିଗତ ଜୀବନକୁ ଛାଡି ବୃତ୍ତିଗତ ଦିଗକୁ ନେଇ କାହିଁକି ତଦନ୍ତ ହେଉନାହିଁ। ସେ କାର୍ଯ୍ୟରେ ଥିବାବେଳେ ଏହା ହୋଇଛି। ଧର୍ମଶାଳା ବିଡିଓ ଏ ପର୍ଯ୍ୟନ୍ତ କାହିଁକି ମାମଲା ରୁଜୁ କରିନାହାନ୍ତି। ତୃଣମୂଳସ୍ତରର ସରକାରୀ କର୍ମଚାରୀଙ୍କ ଉପରେ ଏଭଳି ଅତ୍ୟାଚାର ଘଟଣାରେ ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ଦାବିକରି ମୃତ ସ୍ମିତାରାଣୀଙ୍କୁ ନ୍ୟାୟ ଦେବା ଭାଜପାର ଏକ ପ୍ରତିନିଧି ଦଳ ଗୃହ ସଚିବଙ୍କୁ ଭେଟିଛନ୍ତି।

# ବାଙ୍କୀ ଆହାର କେନ୍ଦ୍ରରେ ଖାଇଲେ ରାଜସ୍ୱ ମନ୍ତ୍ରୀ

ବାଙ୍କୀ (ସ୍ୱ.ପ୍ର.)/ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶର ଦିନକ ପରେ ମନ୍ତ୍ରୀମାନେ ଜିଲା ଗସ୍ତ କରିବାବେଳେ ସ୍କୁଲ, ଅନାଥାଶ୍ରମରେ ଖାଦ୍ୟ ଖାଇବା ଆରମ୍ଭ କରିଛନ୍ତି। ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ବାରଙ୍ଗ ତହସିଲ୍, ବାଙ୍କୀ ତହସିଲ୍, ମୁଣ୍ଡୁ ମୁହାଣ ନୋଡାଲ୍ ସ୍କୁଲ ଓ ବାଙ୍କୀସ୍ଥିତ ଆହାର କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କଟକ ଜିଲାର ବାରଙ୍ଗ ଓ ବାଙ୍କୀ ତହସିଲ୍ ପରିଦର୍ଶନ କରି ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ସମୀକ୍ଷା କରିଛନ୍ତି। ବସୁନ୍ଧରା ଅନ୍ତର୍ଗତ ଘରଡ଼ିହ ପଟ୍ଟା ଆବଣ୍ଟନ, ମ୍ୟୁଟେଶନ୍ କେସ୍ ଫଇସଲା, ବିଭିନ୍ନ ପ୍ରମାଣ ପତ୍ର ଯୋଗାଇବା, ସରକାରୀ ଜମି ସୁରକ୍ଷା ଆଦି କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସ୍କୁଲରେ ପ୍ରଦାନ କରାଯାଉଥିବା ଶିକ୍ଷା ଓ ମଧ୍ୟାହ୍ନ ଭୋଜନର ମାନ ଉପରେ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିଛନ୍ତି । ମଧ୍ୟାହ୍ନ ଭୋଜନର ଗୁଣବତ୍ତା ପରୀକ୍ଷା କରିବା ପାଇଁ ମନ୍ତ୍ରୀ ନିଜେ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ଖାଇଛନ୍ତି। ବାଙ୍କୀ ଆହାର କେନ୍ଦ୍ରରେ ମଧ୍ୟ ମନ୍ତ୍ରୀ ଖାଦ୍ୟ ଖାଇ ମାନ ଯାଞ୍ଚ କରିଛନ୍ତି।

# ୯ ପର୍ଯ୍ୟଟନ ସର୍କିଟର ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ରାଜ୍ୟରେ ୯ଟି ପର୍ଯ୍ୟଟନ ସର୍କିଟ ଏବଂ ୧୩ ପର୍ଯ୍ୟଟନସ୍ଥଳୀର ବିକାଶ କରାଯିବ। ଉଭୟ ପୁରାତନ ଓ ନୂତନ ପର୍ଯ୍ୟଟନସ୍ଥଳୀର ପ୍ରଚାର ପ୍ରସାର ପାଇଁ ଚେଷ୍ଟା କରାଯିବ। ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟାରେ ଯେପରି ଆଶାତୀତ ବୃଦ୍ଧି ହେବ ସେଥିପାଇଁ ଖସଡ଼ା ପ୍ରସ୍ତୁତି କରାଯାଇଛି। ସ୍ଥାନୀୟ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏ ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। 'ମୋ ସରକାର'କୁ ପର୍ଯ୍ୟଟନ ବିଭାଗରେ ମଧ୍ୟ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ପର୍ଯ୍ୟଟକଙ୍କ ମତାମତ ସଂଗ୍ରହ ନେଇ ନିଷ୍ପତ୍ତି ନିଆଯାଇଛି।

ବିଶେଷ ଭାବେ ରମ୍ଭା ଟୁରିଜମ୍ କ୍ଲଷ୍ଟର, କଣ୍ଟିଲୋ କ୍ଲଷ୍ଟର, ଗାନ୍ଧୀ ସର୍କିଟ, କୋଣାର୍କ ସୂର୍ଯ୍ୟମନ୍ଦିର, ବୌଦ୍ଧ ସର୍କିଟ, ଦାରିଙ୍ଗବାଡି କମ୍ପ୍ଲେକ୍ସ, ଶାମୁକା ବେଳାଭୂମି, ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ ଇକୋ-ରିଟ୍ରିଟ୍, ବିଭିନ୍ନ ସ୍ଥାନରେ ନୌକା ଚାଳନା, ପୁରୀରେ ସର୍ଫିଙ୍ଗ ଫେଷ୍ଟିଭାଲ ଏବଂ ଡାକବଙ୍ଗଳା ଟ୍ରେଲକୁ ଗୁରୁତ୍ୱ ଦିଆଯିବ। ବୈଠକରେ ପର୍ଯ୍ୟଟନ ସଚିବ ବିଶାଳ ଦେବ ବିଭିନ୍ନ ପ୍ରକଳ୍ପ ସମ୍ପର୍କିତ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ବିଶାଳ ଦେବ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ଚିଲିକା ଏବଂ ଭିତରକନିକାରେ ନୌବିହାର ଉପରେ ଗୁରୁତ୍ୱ ଦିଆଯିବ। ଘରୋଇ ଅପରେଟରଙ୍କ ଦ୍ୱାରା ଏହା ଚାଲିବ। ସେହିପରି ସର୍ଫିଙ୍ଗ ଫେଡେରେଶନ ଅଫ୍ ଇଣ୍ଡିଆ ସହ ମିଳିତ ହୋଇ ପୁରୀରେ ସର୍ଫିଙ୍ଗ ଫେଷ୍ଟିଭାଲ ଆୟୋଜନ କରାଯିବ। ସେହିପରି ଓଡ଼ିଶା ପର୍ଯ୍ୟଟନ ବିକାଶ ପାଇଁ ଦିଲ୍ଲୀ, କୋଚି, କୋଲକାତା, ଗୁଆହାଟୀ, ବାଙ୍ଗାଲୋର ଏବଂ ହାଇଦ୍ରାବାଦରେ ରୋଡ୍ ଶୋ' କରାଯିବ ବୋଲି ସଚିବ କହିଛନ୍ତି। ଓଡ଼ିଶାକୁ ବାର୍ଷିକ ୧.୫ କୋଟି ଘରୋଇ ଏବଂ ପ୍ରାୟ ଏକଲକ୍ଷ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ତେଣୁ ଏହି ସଂଖ୍ୟା ବୃଦ୍ଧି ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ମୁଖ୍ୟ ଶାସନ ସଚିବ ବିଶେଷଭାବେ ଚେନ୍ନାଇ, ଅହମ୍ମଦାବାଦ, ବାରାଣସୀ, ରାୟପୁର, ସୁରଟ ଏବଂ ଜୟପୁରରେ ରୋଡ୍ ଶୋ' କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଥଇଥାନ ଗୃହ କମିଟିର ବୈଠକ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ରାଜ୍ୟରେ ଜଳସେଚନ, ଶିଳ୍ପ ଓ ଖଣି ପ୍ରକଳ୍ପଗୁଡ଼ିକର ସ୍ଥାପନ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକମାନଙ୍କ ସମସ୍ୟାର ସମାଧାନ ଓ ସେମାନଙ୍କର ଥଇଥାନ ନିମନ୍ତେ ଗଠିତ ଗୃହ କମିଟି ବୈଠକ ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଛି। ବିଧାନସଭା ପ୍ରକୋଷ୍ଠ ନଂ. ୫୪ରେ ଅନୁଷ୍ଠିତ ଏହି କମିଟି ବୈଠକରେ ରାଜ୍ୟରେ ଶିଳ୍ପ ପ୍ରକଳ୍ପଗୁଡ଼ିକର ସ୍ଥାପନ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକମାନଙ୍କ ସମସ୍ୟାର ସମାଧାନ ଓ ଥଇଥାନ ସମ୍ପର୍କରେ ଆଲୋଚନା ହୋଇଛି । ସେହିପରି ବିଭାଗୀୟ ସ୍ଥାୟୀ କମିଟି-୭ର ଷଷ୍ଠ ବୈଠକ ମଧ୍ୟ ଅଧ୍ୟକ୍ଷ ପ୍ରଦୀପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଧାନସଭା ପ୍ରକୋଷ୍ଠ ନଂ .୫୫ରେ ଅନୁଷ୍ଠିତ ଏହି କମିଟି ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଛି। ପରିବହନ ବିଭାଗ ପକ୍ଷରୁ ଟ୍ରାଫିକ ନିୟମ ସମ୍ପର୍କିତ କାର୍ଯ୍ୟକ୍ରମର ଅଗ୍ରଗତି ସହିତ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିବା ଜଣାପଡିଛି।

# ଲୋକଙ୍କୁ ତହସିଲ ଦେଉଥିବା ସୁବିଧାର ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମରାଣ୍ଡି ଖୋର୍ଦ୍ଧା ଜିଲା ଅନ୍ତର୍ଗତ ତହସିଲଗୁଡ଼ିକର ବୁଧବାର ସମୀକ୍ଷା କରିଛନ୍ତି । ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ୫'ଟି' ମନ୍ତ୍ର ଆଧାରରେ ଜନସାଧାରଣଙ୍କୁ ତହସିଲ୍ ଅନ୍ତର୍ଗତ ସରକାରୀ ସେବା ପ୍ରଦାନର କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି । ପଡ଼ାକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ଆବଶ୍ୟକୀୟ ସୀମା ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ । ଫନୀ କ୍ଷତିଗ୍ରସ୍ତ ଲୋକଙ୍କୁ ଗୃହନିର୍ମାଣ ସହାୟତା ରାଶି ବଣ୍ଟନର ଅଗ୍ରଗତି, ଓଡ଼ିଶା ଜନସେବା ଅଧିକାର ଅନ୍ତର୍ଗତ ବସୁନ୍ଧରା ଯୋଜନା, ଭୂମି ଅଧିକାର ସମେତ ବିଭିନ୍ନ ପ୍ରମାଣପତ୍ର ଯୋଗାଇ ଦେବା ପାଇଁ ଇ-ମ୍ୟୁଟେଶନ୍, ଇ-ରେଜିଷ୍ଟ୍ରେଶନ୍ ଓ ସର୍ଭିସ୍ ପ୍ଲସ୍ ପରି ବୈଷୟିକ ପ୍ରୟୋଗଗୁଡ଼ିକ ଉପରେ ମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

# ରବି ଫସଲ ଏମ୍ଏସ୍‌ପି ବୃଦ୍ଧିକୁ ରାଜ୍ୟ ଭାଜପାର ପ୍ରଶଂସା

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ମୋଦି ସରକାର ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି । କେନ୍ଦ୍ର କ୍ୟାବିନେଟର ଏହା ଐତିହାସିକ ନିଷ୍ପତ୍ତି । ଗହମ କୁଇଣ୍ଟାଲ ପିଛା ୧୮୪୦ରୁ ୧୯୨୫ ଟଙ୍କାକୁ ବୃଦ୍ଧି ହୋଇଛି। ସେହିପରି ବାଜରା କୁଇଣ୍ଟାଲ ପିଛା ଦର ୧୪୪୦ରୁ ୧୫୨୫ ଟଙ୍କା ଧାର୍ଯ୍ୟ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଚାଷୀଙ୍କ ବିକାଶ ପାଇଁ ମୋଦି ସରକାର ସର୍ବଦା ବଦ୍ଧପରିକର। ଚାଷୀଙ୍କ ପାଇଁ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି । ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କରିବା ନିଷ୍ପତ୍ତି ଯୋଗୁ ସାରା ଦେଶର ଚାଷୀଙ୍କ ସମେତ ଓଡିଆ ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିପାରିବ ବୋଲି ସେ କହିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Everyday)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165




!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
ଆପଣଙ୍କ ସ୍ୱପ୍ନଗୁଡ଼ିକୁ ସାକାର କରନ୍ତୁ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
72899-99543
72899-48952
SCO-106, Second Floor, Vishal Tower, Cannaught Place, Delhi.

ଦୀପାବଳିର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
CAPITAL ONE FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9354297908
H.No. 12, Sohana Distt. Mohali

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

DIWALI DHAMAKA
NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ
କମ୍ ସୁଧ ଅଧିକ ରିହାତୀ।
ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9896736154
7988366521




ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154




ଦୀପାବଳିର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

FINANCE
ସରକାରୀ ଜନକଲ୍ୟାଣ ଯୋଜନା ଅନ୍ତର୍ଗତ ଦ୍ୱାରା ମାର୍କସିଟ, ସମ୍ପତି, ଆଧାରକାର୍ଡ, ବ୍ୟବସାୟ ଓ BPL, ବ୍ୟକ୍ତିଗତ ଋଣ (1ରୁ 90 Lakh) ପର୍ଯ୍ୟନ୍ତ ମାତ୍ର ୧୩୫୦/- ଟଙ୍କାରେ ୪୮ ଘଣ୍ଟାରେ ପାଆନ୍ତୁ। ବାର୍ଷିକ 1% ସୁଧ 40% ଛାଡ
Ashoka Finance
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7900883466
8743042068

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851




ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିର୍ବୋଧମାନଙ୍କ କ୍ଷେତ୍ରରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ଥାଏ।

- ନେପୋଲିୟନ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରାଜ୍ୟ ଯୁବ ସାମ୍ମୁଖ୍ୟ ସମିତି ପକ୍ଷରୁ ଜାତିସଂଘ ଦିବସ ଅବସରରେ ଶାନ୍ତି ପଦଯାତ୍ରା, କଳିଙ୍ଗ ହସ୍ପିଟାଲ ଛକ, ପୂର୍ବାହ୍ନ ୯ଟା ୩୦।
- ୪୦ତମ ମହାକାଳୀ ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ, ବରମୁଣ୍ଡା ଗ୍ରାମସ୍ଥ ମା' ଦକ୍ଷିଣକାଳୀ ପୀଠ, ଅପରାହ୍ନ ୨ଟାରୁ ୪ଟା।
- କେକ୍ ମିକ୍ସିଂ ଉତ୍ସବ, ହୋଟେଲ ମେ ଫେୟାର ଲାଗୁନ, ଅପରାହ୍ନ ୩ଟା ୩୦।
- ସଂସ୍କୃତି ଚର୍ଚ୍ଚା, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।
- ଜେକେ ଯୋଗ ଇଣ୍ଡିଆ ପକ୍ଷରୁ ଜ୍ଞାନପ୍ରଦ ପ୍ରବଚନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟାରୁ ରାତି ୮ଟା ୩୦।
- ଜାତୀୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା, ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।

**କଟକ**

- ରୋଟାରୀ କ୍ଲବ ଅଫ୍ କଟକ ସେଣ୍ଟ୍ରାଲ ପକ୍ଷରୁ ବିଶ୍ୱ ପୋଲିଓ ଦିବସ ପାଳନ, ରଘୁନାଥଜୀଉ ଉଚ୍ଚ ବିଦ୍ୟାପୀଠ, ଦେଉଳସାହି, ଅପରାହ୍ନ ୩ଟା।

**ପୁରୀ**

- ୧୭ତମ ଲୋକ କଳା ଓ ୧୦ତମ କୃଷି ମେଳା, ମୁକ୍ତାକାଶ ରଙ୍ଗମଞ୍ଚ, ଶରଧାବାଲି, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ଶ୍ରୀନିକୁଞ୍ଜବିହାରୀ ଦେବଙ୍କ ସ୍ଥାପନାର ଶତବାର୍ଷିକୀ ପାଳନ ଅବସରରେ ଭାଗବତ ଗୀତା ପାରାୟଣ ଓ ଯଜ୍ଞ, ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର, ସକାଳ ୮ଟା। ପ୍ରବଚନ, ରାତି ୭ଟା।

### କାଜୁ ଜଙ୍ଗଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ଘଟଣା

# ଗୁଣିଗାରେଡ଼ି ସନ୍ଦେହରେ ହୋଇଥିଲା ହତ୍ୟା

**ଅଭିଯୁକ୍ତ ଗିରଫ**

**ଚୌଦ୍ୱାର, ୨୩।୧୦(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଗୋଡଧୁଆ ଗ୍ରାମ ନିକଟ କାଜୁ ଜଙ୍ଗଲରୁ ଘନ ସୋରେନ(୬୫)ଙ୍କ ମୃତଦେହ ଉଦ୍ଧାର ଘଟଣାର ଚୌଦ୍ୱାର ପୋଲିସ ବୁଧବାର ପର୍ଦ୍ଦାଫାଶ କରିଛି। ଘନଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ଘନ ଚମ୍ପିଆ। ତାଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଶାବଳ ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୧୨ତାରିଖରେ ଘନ ସୋରେନ ସମଟିକିରା ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ତାଙ୍କ ପୁଅ ଭଜଗ ସୋରେନ ୧୩ତାରିଖରେ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ୧୪ତାରିଖ ସକାଳେ ଘନ ସୋରେନଙ୍କ ମୃତଦେହ ଜଙ୍ଗଲରେ ପଡ଼ିଥିବା ଦେଖି ଜଣେ ଗୋରୁ ଜଗୁଆଳି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ. ୩୯୨/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତରୁ ଉକ୍ତ ଗ୍ରାମର ଘନ ଚମ୍ପିଆ ହତ୍ୟା କରିଥିବା ଜଣାପଡିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।



ଗିରଫ ଅଭିଯୁକ୍ତ।

ଅଭିଯୁକ୍ତ ଘନଙ୍କ ବୟାନ ଅନୁଯାୟୀ, ମୃତ ଘନ ସୋରେନ୍ ଗ୍ରାମରେ ଗୁଣି ଗାରେଡ଼ି ଓ ତନ୍ତ୍ରମନ୍ତ୍ର କରୁଥିଲେ। ଏଥିପାଇଁ ଲୋକେ ତାଙ୍କ ପାଖକୁ ଆସୁଥିଲେ। ତାଙ୍କ ସ୍ତ୍ରୀ ଦୀର୍ଘଦିନ ଧରି ରୋଗାକ୍ରାନ୍ତ ହୋଇଥିବାରୁ ସେ ଅନ୍ୟ ଏକ ଗ୍ରାମରୁ ଜଣେ ଗୁଣିଆଙ୍କୁ ଡାକି ତାଙ୍କ ସ୍ତ୍ରୀର ଝଡ଼ାଫୁଙ୍କା କରାଉଥିଲେ। ହେଲେ ତାଙ୍କ ସ୍ତ୍ରୀ ଭଲ ହେବା ପରିବର୍ତ୍ତ ରୋଗ ଅଧିକ ବଢ଼ିବାରେ ଲାଗିଲା। ସେ ବାହାରୁ ଗୁଣିଆ ଡକାଇ ଥିବାରୁ ଘନ ସୋରେନ ପ୍ରତିଶୋଧ ପରାୟଣ ହୋଇ ପାଲଟା ଗୁଣି କାରିଥିବାରୁ ତାଙ୍କ ସ୍ତ୍ରୀର ରୋଗ ବଢୁଛି ବୋଲି ସନ୍ଦେହ କରିଥିଲେ। ୧୨ତାରିଖ ରାତିରେ ସୋରେନ୍ ସମ୍ପର୍କୀୟଙ୍କ ଘରୁ ଫେରୁଥିବାବେଳେ ରାସ୍ତାରେ ଏକୁଟିଆ ପାଇ ସେ ଏକ ଶାବଳରେ ତାଙ୍କୁ ହତ୍ୟା କରିବା ସହିତ ମୃତଦେହକୁ ନେଇ ଜଙ୍ଗଲରେ ଫିଙ୍ଗି ଦେଇଥିବା ଘନ ଚମ୍ପିଆ ପୋଲିସ ଆଗରେ ସ୍ୱୀକାର କରିଥିଲେ।

### ଦୀପାବଳି ପାଇଁ କମିଶନରେଟ ପୋଲିସର ନିର୍ଦ୍ଦେଶାନାମା ଜାରି

# ରାତି ୮ରୁ ୧୦ଟା ପର୍ଯ୍ୟନ୍ତ ଫୁଟିବ ବାଣ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ଦୀପାବଳି ପାଇଁ କମିଶନରେଟ ପୋଲିସ ପକ୍ଷରୁ ବୁଧବାର ନିର୍ଦ୍ଦେଶନାମା ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଦୀପାବଳି ଦିନ ରାତି ୮ରୁ ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଯିବ। ୧୨୫ ଡେସିବଲ୍‌ରୁ ଅଧିକ ଶବ୍ଦ କରୁଥିବା ବାଣର ବିକ୍ରି ଓ ଫୁଟାଇବା ପରେ ନିଷେଧାଦେଶ ଜାରି କରାଯାଇଛି। କେବଳ ଲାଇସେନ୍ସପ୍ରାପ୍ତ ବିକ୍ରେତାଙ୍କଠାରୁ ବାଣ କିଣିବାକୁ ପରାମର୍ଶ ଦିଆଯାଇଛି। ରେଶମ ଓ ପଶମ ବସ୍ତ୍ର ପିନ୍ଧି ବାଣ ନ ଫୁଟାଇବାକୁ କୁହାଯିବା ସହ ପାଖରେ ଆଶୁ ଚିକିତ୍ସା ବାକ୍ସ ରଖିବା ଆବଶ୍ୟକ। ସାମୂହିକ କାର୍ଯ୍ୟକ୍ରମ ଆୟୋଜନ କଲେ ଜନବସତିଠାରୁ ଦୂରରେ ଥିବା ଖୋଲା ପଡିଆରେ ବାଣ ଫୁଟାଇବା ଜରୁରୀ। ଚାଇନା ବାଣ ମାଳରେ ଫୁଟାଇବା ସମ୍ପୂର୍ଣ୍ଣ ନିଷେଧ ଥିବାବେଳେ ବାଣ ଫୁଟାଇବା ପରେ ଅବଶେଷଗୁଡିକୁ ପାଣିରେ ବୁଡାଇବା ଆବଶ୍ୟକ। ବାଣକୁ ହାତରେ ଧରି ନ ଫୁଟାଇବା ଓ ଅଗ୍ନି ସଂଯୋଗ ପରେ ନିରାପଦ ଦୂରତାରେ ନିଜକୁ ରଖିବାକୁ କୁହାଯାଇଛି। ସେହିପରି ହସ୍ପିଟାଲ, ଶିକ୍ଷା ଅନୁଷ୍ଠାନ, କୋର୍ଟ, ଧାର୍ମିକ ସ୍ଥାନ, କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ସମ୍ବେଦନଶୀଳ, ନୀରବ ଓ ନିଷିଦ୍ଧ ସ୍ଥାନରେ ବାଣ ଫୁଟାଇବା ସମ୍ପୂର୍ଣ୍ଣ ବର୍ଜନୀୟ। ନିରୀହ ପଶୁଙ୍କ ଉପରେ ଆତସବାଜି ପ୍ରୟୋଗ ନ କରିବା ଓ ଜରୁରୀ ପରିସ୍ଥିତିରେ ସହାୟତା ପାଇଁ ପୋଲିସ କଣ୍ଟ୍ରୋଲ ରୁମ୍ ନଂ.୧୦୦ କିମ୍ବା ଦମକଳ କେନ୍ଦ୍ର ନଂ.୧୦୧କୁ ଫୋନ କରୁବାକୁ କମିଶନରେଟ ପୋଲିସ ପରାମର୍ଶ ଦେଇଛି।



ଭୁବନେଶ୍ୱରର ବାପୁଜୀନଗରସ୍ଥିତ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ବୁଧବାର ଅନୁଷ୍ଠିତ ସିନ୍ଦୂର ଖେଳରେ ଭାଗନେଇଥିବା ମହିଳା।

## କଟକ: ୧୯ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

**କଟକ ଅଫିସ, ୨୩।୧୦**

ଗତ ୫ଦିନରେ କଟକ ସହରରେ ମୋଟ ୧୯ ଡେଙ୍ଗୁ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ମୋଟ ୭୦ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୬୫ଜଣଙ୍କୁ ୱାର୍ଡରେ ଓ ୫ଜଣଙ୍କୁ ଆଇସିୟୁରେ ଚିକିତ୍ସା କରାଯାଉଛି। ବୁଧବାର ୧୩୮ଜଣଙ୍କଠାରୁ ରକ୍ତନମୁନା ସଂଗ୍ରହ କରାଯାଇଥିବା ବେଳେ ୩୨ ନମୂନାରୁ ଡେଙ୍ଗୁପଜିଟିଭ ମିଳିଛି। ଏମାନଙ୍କ ମଧ୍ୟରେ କଟକ ଜିଲାର ୫ଜଣ ରୋଗୀ ରହିଛନ୍ତି।

### ଆସିଲା ଆଇନଜୀବୀଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ

# ଆତ୍ମହତ୍ୟା କରିଛନ୍ତି ଦୀପାଳି

**ପୁରୁଣା ଭୁବନେଶ୍ୱର, ୨୩।୧୦ (ଡି.ଏନ୍.ଏ.)**

ମହିଳା ଆଇନଜୀବୀ ଦୀପାଳି ପ୍ରିୟଦର୍ଶିନୀ ଜେନା ମୃତ୍ୟୁ ଘଟଣାରେ ବ୍ୟବଚ୍ଛେଦ ରିପୋର୍ଟ ବୁଧବାର ପୋଲିସର ହସ୍ତଗତ ହୋଇଛି। ସେ ଆତ୍ମହତ୍ୟା କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଧଉଳି ଥାନା ଅଧିକାରୀ ବିଶ୍ୱଜିତ ଜୟଦୀପ କହିଛନ୍ତି, ଦୀପାଳିଙ୍କୁ ହତ୍ୟା କରାଯାଇନାହିଁ। ଆତ୍ମହତ୍ୟା କରିଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଏଥିପାଇଁ ତାଙ୍କ ପୁରୁଷବନ୍ଧୁ ପରୋକ୍ଷରେ ଦାୟୀ କି ନୁହେଁ ତାହାର ତଦନ୍ତ ଜାରି ରହିଛି। ସେ ଧରାପଡ଼ିବା ପରେ ରହସ୍ୟ ପଦାକୁ ଆସିବ। ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜୟଦୀପ କହିଛନ୍ତି।

ସୂଚନା ଥାଉକି, ଦୀପାଳିଙ୍କ ଘର ଭଦ୍ରକରେ ହୋଇଥିବାବେଳେ ସେ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ବିଜୟବିହାରସ୍ଥିତ ଏକ ଭଡ଼ା ଘରେ ରହି ଓଜେଏସ୍ ପାଇଁ ପ୍ରସ୍ତୁତ ହେଉଥିଲେ। ଏଥିସହ ଭୁବନେଶ୍ୱର କୋର୍ଟରେ ପ୍ରାକ୍ଟିସ କରୁଥିଲେ। ଗତ ୨୦ ତାରିଖରେ ତାଙ୍କର ଝୁଲନ୍ତା ମୃତଦେହକୁ ପୋଲିସ ଭଡ଼ାଘରୁ ଉଦ୍ଧାର କରିଥିଲା। ଘଟଣାପରଠାରୁ ପୁରୁଷବନ୍ଧୁ ବା ପ୍ରେମିକ ଫେରାର ରହିଥିବାବେଳେ ତାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହାକୁ ନେଇ ସସ୍‌ପେନ୍ସ ଲାଗି ରହିଥିଲା।

## ଭିତରକାଠରେ ରକ୍ତ ଛିଟା ମହାପ୍ରଭୁଙ୍କ ହେଲା ବଡ଼ ମହାସ୍ନାନ

**ପୁରୀ ଅଫିସ, ୨୩।୧୦:** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଛି। ଭିତରକାଠ ଅଞ୍ଚଳରେ ରକ୍ତଛିଟା ପଡିଥିବାରୁ ବଡ଼ ମହାସ୍ନାନ ହୋଇଥିବା ଜଣାପଡିଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଅପରାହ୍ନ ୪ଟା ୩୫ରେ ପଚ୍ଛ ଭୋଗମଣ୍ଡପ ବଢ଼ିଥିଲା। ଏହାପରେ ଠାକୁରଙ୍କ ବନକଲାଗି ହେବାର ଥିଲା। ହେଲେ ଏହି ସମୟରେ ଭିତରକାଠ ଅଞ୍ଚଳରେ ରକ୍ତଛିଟା ପଡିଥିବା ସେବକ ଏବଂ ଶ୍ରୀମନ୍ଦିର କର୍ମଚାରୀ ଦେଖିବାକୁ ପାଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ବଡ଼ ମହାସ୍ନାନ ପୂଜା ବିଧି। ଅପରାହ୍ନ ୫ଟା ୫୦ରେ ମହାସ୍ନାନ ପୂଜା ସରିଥିଲା। ଏହାପରେ ସନ୍ଧ୍ୟା ୬ଟାରେ ପହୁଡ ଆଳତି କରାଯାଇ ୬ଟା ୧୫ରେ ବନକଲାଗି ନୀତି ଆରମ୍ଭ ହୋଇଥିଲା। ଏଥିପାଇଁ ପ୍ରାୟ ଦେଢ ଘଣ୍ଟାରୁ ଊର୍ଦ୍ଧ୍ୱ ନୀତି ବିଳମ୍ବ ହୋଇଥିଲା। ତେବେ ଭିତରକାଠ ଅଞ୍ଚଳରେ ରକ୍ତଛିଟା କେମିତି ପଡିଲା ତାହା ଜଣାପଡି ନାହିଁ। କାହାର ଗୋଡ ଖଣ୍ଡିଆ ହୋଇ ରକ୍ତ ଲାଗିଥାଇପାରେ ବୋଲି ଅନୁମାନ କରାଯାଉଛି।

## ବାଲିଯାତ୍ରାକୁ ଜାତୀୟ ଐତିହ୍ୟ ମାନ୍ୟତା ଦାବି

**କଟକ ଅଫିସ, ୨୩।୧୦**

ପ୍ରଥମ ରାଜଧାନୀ ତଥା ହଜାରେ ବର୍ଷର ସହର କଟକ ଏବଂ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଏକ ସର୍ବପୁରାତନ ଅଂଶ ଐତିହାସିକ ବାଲିଯାତ୍ରା। ତେଣୁ କଟକ ବାଲିଯାତ୍ରାକୁ ଜାତୀୟ ଐତିହ୍ୟ ଓ ସରକାରୀ ମାନ୍ୟତା ଦାବି କରିଛି ଭାରତୀୟ ଜନତା ପାର୍ଟି (ଭାଜପା)। ଏ ନେଇ ବରିଷ୍ଠ ନେତା ସମୀର ଦେଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ହୋଇଛି ଯେ, ପ୍ରତ୍ୟେକ କଟିକିଆ ବାଲିଯାତ୍ରାକୁ ନେଇ ଗର୍ବ କରେ। ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଏହି ଯାତ୍ରା ଅସ୍ତିତ୍ୱ ହରାଇବାକୁ ବସିଲାଣି। ବାଲିଯାତ୍ରାର ଐତିହ୍ୟକୁ ପୁନଃସ୍ଥାପିତ କରିବା ତଥା ଏହାକୁ ଜାତୀୟ ପର୍ବର ମାନ୍ୟତା ଦେବାକୁ ନିବେଦନ କରାଯାଇଛି।



କଟକ ଏମ୍‌ପିଙ୍କୁ ଭାଜପା ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଗ୍ରୀନ୍ ଇଣ୍ଡିଆ ଚିଟ୍‌ଫଣ୍ଡ ମାମଲାରେ ଚାର୍ଜସିଟ ଦାଖଲ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ):** ଗ୍ରୀନ୍ ଇଣ୍ଡିଆ ଚିଟଫଣ୍ଡ ଠକେଇ ମାମଲାରେ ସିବିଆଇ ପକ୍ଷରୁ ବୁଧବାର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଜମାକାରୀଙ୍କୁ ଶସ୍ତାରେ ଫ୍ଲାଟ ଓ ଜମି ଦେବା ଆଳରେ କମ୍ପାନୀ ୬୯ କୋଟି ୪୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରି ଫେରାର ହୋଇଯାଇଥିଲା। ୨୦୧୩ରେ ପ୍ରଥମେ କେତେଜଣ ଜମାକାରୀ ବ୍ରହ୍ମପୁର ଟାଉନ ଥାନାରେ ଅଭିଯୋଗ କରିବା ପରେ ୧୫୨/୧୩ରେ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୦୧୪ରେ ସିବିଆଇ ଏହି ମାମଲାର ତଦନ୍ତ ଭାର ହାତକୁ ନେଇଥିଲା। ସିବିଆଇ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜିଂ ଡାଇରେକ୍ଟର ପ୍ରଦୀପ କୁମାର ସିଂଙ୍କ ସମେତ ଅନ୍ୟ ସହଯୋଗୀ ଡାଇରେକ୍ଟର ସୁନୀଲ କୁମାର ପଣ୍ଡା ଓ ଜିତେନ୍ଦ୍ର ମିଶ୍ରଙ୍କୁ ଗିରଫ କରିଥିଲା।

## 'ଭଗବତୀ ଚରଣ ହେଉଛନ୍ତି ଓଡ଼ିଶାର ଲେନିନ୍'

**କଟକ ଅଫିସ, ୨୩।୧୦**

ଓଡ଼ିଆ ସାହିତ୍ୟରେ ଭଗବତୀ ଚରଣ ପାଣିଗ୍ରାହୀ ସାମ୍ୟବାଦୀ ଚେତନାର ଆଦ୍ୟ ପ୍ରବର୍ତ୍ତକ ଥିଲେ। ସାହିତ୍ୟରେ ନବଚେତନତାର ପ୍ରକାଶ ପାଇଁ ସେ ଗଢିଥିଲେ ନବଯୁଗ ସାହିତ୍ୟ ସଂସଦ। ଭଗବତୀ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ବିରୋଧ କରି ସତ୍ୟତା ପ୍ରତିପାଦନ କରିଥିଲେ। ସେ ମାନବସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ବିପ୍ଳବୀ କବି ରବି ସିଂ ଓଡ଼ିଶାର ଲେନିନ ଭାବେ ଭଗବତୀଙ୍କୁ ଆଖ୍ୟାୟିତ କରିଛନ୍ତି। ଭାରତୀୟ କମ୍ୟୁନିଷ୍ଟ ପାର୍ଟିପକ୍ଷରୁ ବୁଧବାର ଅନୁଷ୍ଠିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବକ୍ତାମାନେ ଉପରୋକ୍ତ ମତ ରଖିଛନ୍ତି। ସତୀଚଉରା ଶ୍ମଶାନସ୍ଥ ଭଗବତୀ ଚରଣଙ୍କ ସମାଧିପୀଠଠାରେ କଟକ ସହରର ବୁଦ୍ଧିଜୀବୀ, ପ୍ରଗତିଶୀଳ ସାମାଜିକ କାର୍ଯ୍ୟକର୍ତ୍ତା, ବିଭିନ୍ନ ରାଜନୈତିକ ଦଳର



ଭଗବତୀ ଚରଣ ପାଣିଗ୍ରାହୀଙ୍କ ସମାଧିପୀଠରେ ଉପସ୍ଥିତ ଅତିଥି।

ନେତୃବୃନ୍ଦ, ସାହିତ୍ୟିକ, ଶ୍ରମିକ, ଯୁବକ, ଛାତ୍ର ସମବେତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସଭାରେ ସିପିଆଇ କଟକ ଜିଲା ସମ୍ପାଦକ ଅମରେନ୍ଦୁ ମହାନ୍ତି ସଭାପତିତ୍ୱ କରିଥିଲେ। ବରିଷ୍ଠ ଖବରଦାତା ଡ. ସତ୍ୟ ରାୟ, ସିପିଆଇ(ଏମ୍)ର ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ, ସାମାଜିକ କର୍ମୀ ଡ. ରବିରଞ୍ଜନ ସାହୁ, ସିପିଆଇ ରାଜ୍ୟ ସହସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର, ସ୍ୱାଧୀନତା ସଂଗ୍ରାମୀ ଫୋରମର ପ୍ରଶାନ୍ତ ଦାସ, ପ୍ରଫୁଲ୍ଲ ତ୍ରିପାଠୀ, ସୁଶାନ୍ତ ମହାପାତ୍ର, ଭ୍ରମରବର ସାହୁ, ବିପିନ ବିହାରୀ ପାଢୀ, କୃଷ୍ଣପ୍ରିୟା ମହାପାତ୍ର ପ୍ରମୁଖ ଭଗବତୀ ଚରଣଙ୍କ ସ୍ମୃତି ଚାରଣ କରିଥିଲେ। ନଗର ସମ୍ପାଦକ ବିନୋଦ ବେହେରା ଧନ୍ୟବାଦ ଦେଇଥିଲେ।

## ରାଜକିଶୋର ମିଶ୍ର ପାଇବେ ଗୋଦାବରୀଶ ମିଶ୍ର ସମ୍ମାନ

**କଟକ ଅଫିସ, ୨୩।୧୦:** ବିଶିଷ୍ଟ ସାହିତ୍ୟିକ ପ୍ରଫେସର ରାଜକିଶୋର ମିଶ୍ରଙ୍କୁ ଚଳିତବର୍ଷ ନିମନ୍ତେ ମର୍ଯ୍ୟାଦାଜନକ ଗୋଦାବରୀଶ ମିଶ୍ର ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୨୯ତାରିଖରେ ବିଜୁ ପଟ୍ଟନାୟକ ଛକସ୍ଥିତ ଶାରଳା ଭବନରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ମିଶ୍ରଙ୍କୁ ଏହି ସମ୍ମାନ ସହ ୨୫ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଫେସର ମିଶ୍ର ୧୯୪୧ ମସିହାରେ ଜଗତସିଂହପୁର ଜିଲା ଆଳିପିଙ୍ଗଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପ୍ରାବନ୍ଧିକ, ସାହିତ୍ୟ ସମାଲୋଚକ ଓ ଭାଷାବିତ୍ ଭାବେ ସେ ଖ୍ୟାତି ଅର୍ଜନ କରିଛନ୍ତି। ସେ ବିଭିନ୍ନ କଲେଜରେ ଇଂଲିଶ ଅଧାପକ ଭାବେ କାର୍ଯ୍ୟ କରିଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଏବଂ ଓଡିଶା ରିଭ୍ୟୁର ମୁଖ୍ୟ ସମ୍ପାଦକ ଥିଲେ। ଶ୍ରୀଜଗନ୍ନାଥ ଭଜନ ସାର ସଂଗ୍ରହ, ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର ମରମ କଥା, ଉତ୍କଳ ଗୌରବ ମଧୁସୂଦନ ଦାସ, ଚାଖି ଖୁଣ୍ଟିଆ, ଭାଷାଭିତ୍ତିକ ଉତ୍କଳ ପ୍ରଦେଶ ଗଠନ, ପ୍ରଶାସନ ଶବ୍ଦକୋଷ ପ୍ରଭୃତି ଉଲ୍ଲେଖନୀୟ ଗ୍ରନ୍ଥ ସେ ରଚନା କରିଛନ୍ତି।

# ଭିଜିଲାନ୍ସ ଟାର୍ଗେଟରେ ଦୁର୍ନୀତିଗ୍ରସ୍ତ ଅଧିକାରୀ

### ୧୦ ହଜାର ଟଙ୍କା ଲାଞ୍ଚ ମାମଲା

## ପୋଲିସ ଇନ୍ସପେକ୍ଟରଙ୍କୁ ୫ବର୍ଷ ଜେଲ୍, ଜରିମାନା

**କଟକ ଅଫିସ, ୨୩।୧୦:** ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବୁଧବାର ଏକ ଲାଞ୍ଚ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଅଭିଯୁକ୍ତ ପୋଲିସ ଇନ୍ସପେକ୍ଟରଙ୍କୁ ୫ବର୍ଷ ସଶ୍ରମ ଜେଲ୍ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅଭିଯୁକ୍ତଙ୍କୁ ଅଧିକ ୬ମାସ ସଶ୍ରମ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ପୋଲିସ ଇନ୍ସପେକ୍ଟର ଜଣକ ହେଉଛନ୍ତି ରାୟଗଡ଼ା ଜିଲା ବିଷମକଟକ ଥାନାର ପୂର୍ବତନ ଇନ୍ସପେକ୍ଟର ନଳିନୀକାନ୍ତ ମହାପାତ୍ର। ଏବେ ମହାପାତ୍ର ମୟୂରଭଞ୍ଜ ଜିଲା ଆଇୟୁସିଏଡବ୍ଲ୍ୟୁ(ଇନ୍‌ଭେଷ୍ଟିଗେଟିଂ ୟୁନିଟ୍ସ ଅନ୍ କ୍ରାଇମ ଏଗେନ୍‌ଷ୍ଟ ଓମେନ)ରେ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ ଥାନାରେ କେସ୍ ନଂ. ୪୪/୨୦୧୦ ରୁଜୁ ହୋଇଥିଲା। ମାମଲାର ବିବରଣୀ ଅନୁଯାୟୀ, ଇନ୍ସପେକ୍ଟର ମହାପାତ୍ର ବିଷମକଟକ ଅଞ୍ଚଳର ରାଧାକାନ୍ତ ଦାସଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ରାଧାକାନ୍ତଙ୍କ ବିରୋଧରେ ଥାନାରେ ଏକ ଆପରାଧିକ ମାମଲା ରୁଜୁ ନ କରିବା ପାଇଁ ଇନ୍ସପେକ୍ଟର ମହାପାତ୍ର ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଏମ୍. ବାଲାଜୀ ରାଓ ମାମଲା ପରିଚାଳନା କରୁଥିଲେ।

## ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଚଢ଼ାଉ

**କଟକ ଅଫିସ, ୨୩।୧୦:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଳସମ୍ପଦ ବିଭାଗର ନିର୍ବାହୀଯନ୍ତ୍ରୀ ତଥା ଉପନିର୍ଦ୍ଦେଶକ ବାଲେଶ୍ୱର ଭାସ୍କରଗଞ୍ଜର ସର୍ବେଶ୍ୱର ସେନାପତିଙ୍କ ବାସଭବନ, ଅଫିସ, ଶ୍ୱଶୁରଘର ଓ ସମ୍ପର୍କୀୟଙ୍କ ଘର ସମେତ ମୋଟ ୬ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢାଉ କରାଯାଇଛି। ବୁଧବାର ପୂର୍ବାହ୍ନରେ ଭିଜିଲାନ୍ସ ଟିମ୍ ବିଭିନ୍ନ ଦଳରେ ବିଭକ୍ତ ହୋଇ ଭୁବନେଶ୍ୱରସ୍ଥିତ ୟୁନିଟ ୮ସ୍ଥିତ ସେନାପତିଙ୍କ ସରକାରୀ ବାସଭବନ, ଅଫିସ, ଭିପୁଲ୍ ଗାର୍ଡେନ୍ ଆପାର୍ଟମେଣ୍ଟରେ ଥିବା ଫ୍ଲାଟ, ବାଲେଶ୍ୱର ସହରସ୍ଥ ଭାସ୍କରଗଞ୍ଜର ୩ମହଲା କୋଠାଘର, ରେମୁଣା ବ୍ଲକ ବାହାର୍ଦ୍ଦା ଗ୍ରାମର ପୈତୃକ ଘର ଏବଂ ବାଲେଶ୍ୱର ରାଣୀପାଟଣାସ୍ଥିତ ସମ୍ପର୍କୀୟଙ୍କ ଘର ଉପରେ ଭିଜିଲାନ୍ସ ଟିମ୍ ଚଢାଉ କରିଥିଲେ। ବାଲେଶ୍ୱର ଜିଲାର ୩ଟି ସ୍ଥାନକୁ ଭିଜିଲାନ୍ସ କର୍ମଚାରୀମାନେ ଜଗି ରହିଛନ୍ତି। ଭୁବନେଶ୍ୱରରେ ଚଢାଉ ଶେଷ ହେବା ପରେ ସେନାପତିଙ୍କୁ ବାଲେଶ୍ୱର ଅଣାଯାଇ ଏଠାକାର ୩ଟି ସ୍ଥାନରେ ଚଢାଉ କରାଯିବ ବୋଲି ସୂଚନା ମିଳିଛି। ଯନ୍ତ୍ରୀଙ୍କ ଦଖଲରେ ଥିବା ସମ୍ପତ୍ତିର ହିସାବ ଚଳାଇଛି ଭିଜିଲାନ୍ସ। ସମ୍ପୂର୍ଣ୍ଣ ହିସାବ ମିଳିବା ପରେ ଏ ସମ୍ପର୍କରେ ତଥ୍ୟ ଦିଆଯିବ ବୋଲି ବିଭାଗର ଜଣେ ଅଧିକାରୀ କହିଛନ୍ତି।

## ସଦର କନିଷ୍ଠଯନ୍ତ୍ରୀ ଗିରଫ

**ପୁରୀ ଅଫିସ, ୨୩।୧୦:** ପୁରୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ସଦର ବ୍ଲକ କନିଷ୍ଠଯନ୍ତ୍ରୀ ଗଗନ କୁମାର ବିନ୍ଧାଣୀ। ଏକ ୱାର୍କ ଅର୍ଡର ଫାଇନାଲ ବିଲ୍ ପାସ ଲାଗି ୪ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ରାତିରେ ବସଷ୍ଟାଣ୍ଡ ପଛପଟ ତାଙ୍କ ବାସଭବନରୁ ଧରାପଡିଛନ୍ତି। ତାଙ୍କ ଠାରୁ ଟଙ୍କା ଜବତ କରାଯାଇଥିବା ଭିଜିଲାନ୍ସ ଡିଏସ୍‌ପି ହର ନାରାୟଣ ପତି କହିଛନ୍ତି। ଗଗନଙ୍କ ନିଜ ଘର ମୟୁରଭଞ୍ଜ ଜିଲା ବେତନଟିରେ ହୋଇଥିବାବେଳେ ସେ ପୁରୀ ସଦର ବ୍ଲକରେ ଜେଇ ଭାବେ କାର୍ଯ୍ୟରତ ଅଛନ୍ତି।

ମିଳିଥିବା ସୂଚନା ପ୍ରକାରେ ନିମାପଡା ଥାନା ଅନ୍ତର୍ଗତ ସଲଙ୍ଗ ଗ୍ରାମର ଠିକାଦାର ଜନ୍ମେଜୟ ବାରିକ ସଲଙ୍ଗରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରିଥିଲେ। ଏହି ସମୟରେ ଗଗନ ନିମାପଡା ବ୍ଲକରେ ଜେଇ ଭାବେ କାର୍ଯ୍ୟରତ ଥିଲେ। ପରବର୍ତ୍ତୀ ସମୟରେ ସେ ସେଠାରୁ ପୁରୀ ସଦର ବ୍ଲକକୁ ବଦଳି ହୋଇ ଆସିଥିଲେ। ଜନ୍ମେଜୟ ଏହି ବିଲ୍ ପାସ କରିବା ଲାଗି ଗଗନଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ସମ୍ପୃକ୍ତ ଜେଇ ଏହି ବିଲ୍ ବାବଦକୁ ୪ହଜାର ଟଙ୍କା ଦାବି କରିଥିଲେ। ଜନ୍ମେଜୟ ଏ ସମ୍ପର୍କରେ ପୁରୀ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ଗଗନ ବସଷ୍ଟାଣ୍ଡ ପଛପଟ ତାଙ୍କ ବାସଭବନରେ ଜନ୍ମେଜୟଙ୍କଠାରୁ ଏହି ଲାଞ୍ଚ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କ ଗିରଫ କରିଥଲା। ତାଙ୍କୁ ଅଧିକ ପଚରାଉଚୁରା ଲାଗି ଭୁବନେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି।

### ଘରୋଇ ମେଡିକାଲ ଓ ନର୍ସିଂହୋମ୍ ପ୍ରତିଷ୍ଠାନର ସ୍ୱାସ୍ଥ୍ୟ ମନ୍ତ୍ରୀ ସହ ଆଲୋଚନା

## ସମସ୍ୟା ସମାଧାନ ପାଇଁ ମିଳିଲା ପ୍ରତିଶ୍ରୁତି

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ଘରୋଇ ମେଡିକାଲ ଓ ନର୍ସିଂହୋମ୍ ପ୍ରତିଷ୍ଠାନଗୁଡ଼ିକର ଏକ ପ୍ରତିନିଧି ଦଳ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସେମାନଙ୍କର ମୁଖ୍ୟ ଦାବିଗୁଡ଼ିକ ମଧ୍ୟରୁ ଘରୋଇ ମେଡିକାଲ ଓ ନର୍ସିଂହୋମ୍‌ର ପଞ୍ଜୀକରଣ ଓ ନବୀକରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସେବା ବାବଦରେ ବକେୟା ପ୍ରାପ୍ୟ ପ୍ରଦାନ, ୩୦ ଶଯ୍ୟାବିଶିଷ୍ଟ ନର୍ସିଂହୋମ୍ ପାଇଁ ଉଚ୍ଚତା ୧୨ ମିଟର ଥିବାବେଳେ ଏହାକୁ ୧୫ ମିଟରକୁ ବୃଦ୍ଧି କରିବା ଇତ୍ୟାଦି ଅନ୍ତର୍ଭୁକ୍ତ। ଏହି ଦାବିଗୁଡ଼ିକ ଉପରେ ମନ୍ତ୍ରୀ ଦାସ ଆଲୋଚନା କରି ସମସ୍ୟାଗୁଡ଼ିକର ସମାଧାନ ପନ୍ଥା ନିର୍ଦ୍ଧାରଣ ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପ୍ରଚଳିତ ନିୟମକୁ କୋହଳ କରିବା ଦିଗରେ ଉଦ୍ୟମ କରିବେ ବୋଲି କହିଥିଲେ। ଆଲୋଚନାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ, ଗୃହ ବିଭାଗ, ନଗର ଉନ୍ନୟନ ବିଭାଗ, ଅଗ୍ନିଶମ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚପଦସ୍ଥ ଅଧିକାରୀ ଏବଂ ଘରୋଇ ମେଡିକାଲ ଓ ନର୍ସିଂହୋମ୍ ପ୍ରତିଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ପ୍ରତିନିଧି ଦଳ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ସହ ଆଲୋଚନା କରୁଛନ୍ତି।



ମେକ୍‌ଅପ୍‌ରେ ସୁନ୍ଦରତା ନ ଥାଏ। ଦୁନିଆର ସବୁ ମହିଳା ସୁନ୍ଦରୀ।
- କାଟ୍ରିନା କୈଫ୍, ବଲିଉଡ୍ ଅଭିନେତ୍ରୀ



# ୫ ଦିନ ପୂର୍ବରୁ ବାହାଘର ଭାଙ୍ଗିଥିଲେ ସଲ୍‌ମାନ

**ମୁମ୍ବାଇ:** ସବୁବେଳେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ସଲ୍‌ମାନ ଖାନ୍ ବେଶ୍ ଚର୍ଚ୍ଚାରେ ରହିଥାନ୍ତି। ବଲିଉଡ୍‌ର ମୋଷ୍ଟ ଏଲିଜିବଲ୍ ବ୍ୟାଚେଲର୍ ହୋଇ ବି ୫୩ ବର୍ଷ ବୟସରେ କୁଆଁରା ଅଛନ୍ତି ସଲ୍‌ମାନ। ହେଲେ ଏବେ ତାଙ୍କ ବାହାଘର ସମ୍ପର୍କରେ ଏକ ଅଜଣା କଥା ପ୍ରକାଶ କରିଛନ୍ତି ତାଙ୍କ ସାଙ୍ଗ ତଥା ଫିଲ୍ମ ପ୍ରଯୋଜକ ସାଜିଦ୍ ନାଦିଆଡ୍‌ୱାଲା। ସେ କହିଛନ୍ତି, ୧୯୯୯ରେ ସଲ୍‌ମାନଙ୍କ ବାହାଘର ହେବାର ଥିଲା। ସଲ୍‌ମାନଙ୍କ ବାପାଙ୍କ ଜନ୍ମଦିନ ନଭେମ୍ବର ୧୮ ତାରିଖରେ ହିଁ ବାହାଘର ଫିକ୍ସ ହୋଇଥିଲା। ଏପରି କି ବନ୍ଧୁବାନ୍ଧବଙ୍କୁ କାର୍ଡ ବଣ୍ଟା ସରିଥିଲା। କିନ୍ତୁ ଏହାର ୫-୬ ଦିନ ପୂର୍ବରୁ ସଲ୍‌ମାନଙ୍କ ମନ ବଦଳି ଯିବାରୁ ସେ ବାହା ହେବେନି ବୋଲି ମନା କରିଦେଇଥିଲେ ବୋଲି ସାଜିଦ୍ କହିଛନ୍ତି। ନୂଆ ଫିଲ୍ମ 'ହାଉସ୍‌ଫୁଲ୍-୪'ର ପ୍ରମୋଶନ ପାଇଁ ପୂରା ଟିମ୍ ସହ ସାଜିଦ୍ କପିଲ୍ ଶର୍ମା ଶୋ'କୁ ଆସିଥିବା ବେଳେ ସଲ୍‌ମାନଙ୍କ ବାହାଘରକୁ ନେଇ ଏହି ମଜାଦାର ଉତ୍ତର ଦେଇଥିଲେ। ସାଜିଦ୍‌ଙ୍କ ପ୍ରଯୋଜିତ 'ହାଉସ୍‌ଫୁଲ୍-୪' ଫିଲ୍ମରେ ଖିଲାଡି ଅକ୍ଷୟ କୁମାର, ରିତେଶ ଦେଶମୁଖ, ବବି ଦେଓ୍ୱଲ, କ୍ରିତି ସାନନ୍, କ୍ରିତି ଖରବନ୍ଦା, ପୂଜା ହେଗ୍‌ଡେ ଓ ଚଙ୍କି ପାଣ୍ଡେ ପ୍ରମୁଖ ଚରିତ୍ରରେ ଅଭିନୟ କରିଛନ୍ତି। ଫିଲ୍ମଟି ଦୀପାବଳି ଅବସରରେ ମୁକ୍ତିଲାଭ କରିବ। ଅନ୍ୟପଟେ ସାଜିଦ୍‌ଙ୍କ ଦ୍ୱାରା ପ୍ରଯୋଜିତ ସଲ୍‌ମାନଙ୍କ ସିକ୍ୱେଲ୍ ଫିଲ୍ମ 'ଦବଙ୍ଗ-୩'ର ଟ୍ରେଲର୍ ଲଞ୍ଚ ଇଭେଣ୍ଟ ବୁଧବାର ମୁମ୍ବାଇଠାରେ ଅନୁଷ୍ଠିତ ହୋଇଯାଇଛି।



୧୯୯୯ ନଭେମ୍ବର ୧୮ରେ ହୋଇଥାନ୍ତା ବାହାଘର

## ଚର୍ଚ୍ଚାରେ ଅର୍ଜୁନ-ମଲ୍ଲାଇକାଙ୍କ ପ୍ରେମ

**ମୁମ୍ବାଇ:** ବଲିଉଡ୍ ଛୈୟାଁ ଛୈୟାଁ ଗର୍ଲ ମଲ୍ଲାଇକା ଅରୋରା ଅକ୍ଟୋବର ୨୩ ଅର୍ଥାତ୍ ବୁଧବାର ନିଜର ଜନ୍ମଦିନ ପାଳିଛନ୍ତି। ମଲ୍ଲାଇକାଙ୍କ ୪୫ତମ ଜନ୍ମଦିନ ଅବସରରେ ସୋସିଆଲ ମିଡିଆରେ ଶୁଭେଚ୍ଛା ଓ ଶୁଭକାମନାର ସୁଅ ଛୁଟୁଛି। ଏହାସହ ମଙ୍ଗଳବାର ରାତିରେ ମଲ୍ଲାଇକା ବାର୍ଥ-ଡେ' ପାର୍ଟିର ଆୟୋଜନ କରିଥିଲେ, ଯେଉଁଥିରେ ବି-ଟାଉନର କିଛି ଖାସ୍ ସେଲିବ୍ରିଟିମାନେ ଯୋଗ ଦେଇଥିଲେ। ବୟଫ୍ରେଣ୍ଡ୍ ଅର୍ଜୁନଙ୍କ ସମେତ କରୀନା କପୁର ଖାନ୍, ଜାହ୍ନବୀ କପୁର, ଅନନ୍ୟା ପାଣ୍ଡେ, ଅକ୍ଷୟ କୁମାର, ଟ୍ୱିଙ୍କଲ୍ ଖନ୍ନା, ତାରା ସୁତାରିଆ, କରଣ ଜୋହର, ଅମୃତା ଅରୋରା ଓ ଅର୍ଜୁନ ରାମପାଲ ଓ ତାଙ୍କ ଗର୍ଲଫ୍ରେଣ୍ଡ୍ ପ୍ରମୁଖ ଏହି ସେଲିବ୍ରେଶନରେ ସାମିଲ ହୋଇଥିଲେ।

ତେବେ ମଲ୍ଲାଇକାଙ୍କ ଜନ୍ମଦିନରେ ଅର୍ଜୁନ କପୁର ସୋସିଆଲ ମିଡିଆରେ ଶେୟାର କରିଥିବା ଏକ ଫଟୋ ଏବେ ଚର୍ଚ୍ଚାରେ ରହିଛି। ଯାହାକୁ ନେଇ ଫ୍ୟାନ୍‌ମାନେ ଭଳି କି ଭଳି କମେଣ୍ଟ ଦେବାସହ ପ୍ରଶ୍ନ ମଧ୍ୟ ପଚାରୁଛନ୍ତି। ଫଟୋରେ ଉଭୟଙ୍କ ଭିତରେ ଥିବା ଗଭୀର ପ୍ରେମ ସ୍ପଷ୍ଟ ବାରି ହୋଇପଡୁଛି, ଯାହାକୁ ନେଇ ୟୁଜର୍ସ ସିଧା ସିଧା ସେମାନଙ୍କ ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପ୍ରକୃତରେ ଅର୍ଜୁନ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ମଲ୍ଲାଇକାଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ମଲ୍ଲାଇକାଙ୍କ ମୁଣ୍ଡରେ କିସ୍ କରୁଥିବା ଦେଖିବାକୁ ମିଳିଛି। ଫଟୋରେ ଉଭୟେ ଏକ ପର୍‌ଫେକ୍ଟ କପଲ୍ ଭଳି ପୋଜ୍ ଦେଇଛନ୍ତି। ଏକ ହୃଦୟର ଇମୋଜି ସହ ଅର୍ଜୁନ ଫଟୋଟି ଶେୟାର କରିଛନ୍ତି। ଦୁହେଁ ଏକାଠି ଖୁବ୍ ସୁନ୍ଦର ଦେଖାଯାଉଥିବାବେଳେ ଲୋକେ ମଧ୍ୟ ଫଟୋଟିକୁ ଖୁବ୍ ପସନ୍ଦ କରିଛନ୍ତି।

ଅର୍ଜୁନ-ମଲ୍ଲାଇକାଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ବହୁ ପୁରୁଣା ହୋଇଥିବାବେଳେ ଅନେକ ଦିନ ହେବ ସେମାନଙ୍କ ବିବାହ ଗୁଜବ ଶୁଣିବାକୁ ମିଳୁଥିଲା। ଏହାରି ଭିତରେ ଏଭଳି ଫଟୋ ଗୁଜବକୁ ସତ କଲାଭଳି ଜଣାପଡୁଛି। ଫଟୋଟି ଦେଖିଲେ ଯିଏ କେହି ବି କହିବ, ସେମାନେ ନିଜ ସମ୍ପର୍କକୁ ନେଇ କେତେ ଗମ୍ଭୀର। ଏହା ପୂର୍ବରୁ ଅର୍ଜୁନଙ୍କ ଜନ୍ମଦିନ ଅବସରରେ ଦୁହେଁ ନ୍ୟୁୟର୍କରେ ସେଲିବ୍ରେଶନ କରିଥିଲେ। ଅନ୍ୟପଟେ ମଲ୍ଲାଇକାଙ୍କଠାରୁ ଅର୍ଜୁନ ପ୍ରାୟ ୧୨ବର୍ଷ ବୟସରେ ସାନ। ମଲ୍ଲାଇକା ପୂର୍ବରୁ ଖାନ୍ ପରିବାର ବୋହୂ ତଥା ସଲମାନ୍ ଖାନ୍‌ଙ୍କ ଭାଇ ଅର୍‌ବାଜ୍ ଖାନ୍‌ଙ୍କ ପତ୍ନୀ ଥିଲେ। ଉଭୟଙ୍କ ଛାଡ଼ପତ୍ର ହୋଇସାରିଛି।



ଫଟୋ ଶେୟାର କଲେ ଅର୍ଜୁନ

## ଷଣ୍ଢ ଖାଇଗଲା ୪୦ ଗ୍ରାମର ସୁନାଗହଣା

**ଚଣ୍ଡିଗଡ଼:** ବୁଲା ଷଣ୍ଢ ୪୦ ଗ୍ରାମର ସୁନା ଗହଣା ଖାଇଦେଇଛି। ଏହା ଶୁଣି ଆପଣମାନେ ଆଶ୍ଚର୍ଯ୍ୟ ହେଉଥିବେ ନିଶ୍ଚୟ। ହେଲେ ଏହା ଏକ ସତ ଘଟଣା। ହରିୟାଣାରେ ଏଭଳି ଘଟଣା ଘଟିବା ପରେ ପରିବାର ଲୋକେ ୩ ଦିନ ହେଲା ଷଣ୍ଢକୁ ଜଗି ରହିଛନ୍ତି। ତାକୁ ସ୍ୱାଦିଷ୍ଟ ଖାଦ୍ୟ ଦେବା ସହ ଜଗିରହିଛନ୍ତି। କେତେବେଳେ ଷଣ୍ଢ ମଳତ୍ୟାଗ କରିବ ଓ ସେମାନେ ସୁନା ଗହଣା ପାଇବେ, ତାକୁ ସେମାନେ ଅପେକ୍ଷା କରିଛନ୍ତି। ଅଳିଆ ଆବର୍ଜନା ସହ ଅଜାଣତରେ ଏହାକୁ ଫିଙ୍ଗି ଦିଆଯାଇଥିଲା। ପରେ ବହୁ ଖୋଜାଖୋଜି କରି ନିକଟରେ ଥିବା ସିସିଟିଭି ଫୁଟେଜ୍‌ର ସହାୟତା ନିଆଯାଇଥିଲା। ଜନକରାଜ୍ ନାମକ ଜଣେ ସ୍ଥାନୀୟ ଯୁବକ ସୁନାଗହଣାକୁ ରୋଷେଇ ଘରେ ରଖିଥିବାବେଳେ ଏହାକୁ ଅଳିଆ ଭାବି ଫିଙ୍ଗିଦେଇଥିଲେ ବୋଲି ଜଣାପଡ଼ିଛି। ଫିଙ୍ଗାଯାଇଥିବା ସ୍ଥାନରୁ ଏକ କାନଫୁଲ ମଧ୍ୟ ମିଳିଛି। ସେହି ସ୍ଥାନରେ ଏକ ଷଣ୍ଢ କିଛି ଖାଉଥିବାର ଦୃଶ୍ୟ ସିସିଟିଭିରେ ଦେଖିବା ପରେ ସୁନାଗହଣାକୁ ସେ ଖାଇଥିବା ଜଣାପଡ଼ିଥିଲା। ଉକ୍ତ ଷଣ୍ଢକୁ ଖୋଜିବା ଲାଗି ସେମାନଙ୍କୁ ପ୍ରାୟ ୫ ଘଣ୍ଟା ସମୟ ଲାଗିଥିଲା। ପରିବାର ଲୋକେ ଷଣ୍ଢଟିକୁ ଆଣି ଘରେ ରଖିଛନ୍ତି। ଷଣ୍ଢ ମଳତ୍ୟାଗ କଲେ ସୁନାଗହଣା ମିଳିଯିବ ବୋଲି ଭାବି ସେମାନେ ତାକୁ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ଦେଉଛନ୍ତି।



## ହୋଟେଲରେ ଚମକୁଛି ଏଭରେଷ୍ଟ ବର୍ଜ୍ୟ

**କାଠମାଣ୍ଡୁ:** କାଠମାଣ୍ଡୁର ଏକ ପଞ୍ଚତାରକା ହୋଟେଲରେ ସମୟ ଅତିବାହିତ କରୁଥିବା କେତେଜଣ ପର୍ଯ୍ୟଟକଙ୍କୁ ଚମକୁଥିବା ରଙ୍ଗିନ ପାତ୍ର, ଗ୍ଲାସ୍‌ରେ ପରଷାଗଲା ଖାଦ୍ୟପେୟ। ଯେତେବେଳେ ପର୍ଯ୍ୟଟକଙ୍କୁ କୁହାଗଲା ସେମାନେ ବ୍ୟବହାର କରିଥିବା ବାସନ ଏଭରେଷ୍ଟରୁ ସଂଗୃହୀତ ବର୍ଜ୍ୟରୁ ପ୍ରସ୍ତୁତ, ସେତେବେଳେ ସେମାନେ ପରସ୍ପର ମୁହଁକୁ ଆବାକାବା ହୋଇ ଚାହିଁ ରହିଲେ। ସବୁଠାରୁ ବଡ଼ କଥା ଯେ, ବର୍ଜ୍ୟବସ୍ତୁରୁ ତିଆରି ଫୁଲଦାନି, ଲ୍ୟାମ୍ପ, ଗ୍ଲାସ, ଦୀପ ଏବଂ ବାସନକୁସନର ଆଞ୍ଚଳିକ ବଜାରରେ ଖାସ୍ ଚାହିଦା ରହିଛି। ଆବର୍ଜନାକୁ ପୁନଃ ବ୍ୟବହାରଯୋଗ୍ୟ ବା ରିସାଇକ୍ଲିଂ କରୁଥିବା 'ବ୍ଲୁ ୱେଷ୍ଟ ଟୁ ଭ୍ୟାଲ୍ୟୁ' ସଂସ୍ଥାର ନବୀନ ମହାରଞ୍ଜନ କୁହନ୍ତି, ଆବର୍ଜନାକୁ ଅଦରକାରୀ ବୋଲି ଭାବିବା ଅନୁଚିତ। ଏଭରେଷ୍ଟରୁ ଆଲୁମିନିୟମ କେନ୍, କାଚ ବୋତଲ, ପ୍ଲାଷ୍ଟିକ ବ୍ୟାଗ୍, ଲୁହା ଭଳି ହଜାର ହଜାର କେଜି ଆବର୍ଜନା ସଂଗ୍ରହ କରାଯାଇଛି। ସେଥିରୁ ଅଧିକାଂଶର ପୁନଃଚକ୍ରଣ ସମ୍ଭବ। ଆବର୍ଜନାକୁ ଉପଯୋଗ କରି ଘରସଜା ସାମଗ୍ରୀ ପ୍ରସ୍ତୁତ କରୁଥିବା କମ୍ପାନୀ 'ମୋବାରେ ଡିଜାଇନ୍ସ'ର ଉଜେନ ଲେପଚାଙ୍କ କହିବା କଥା, ଲୋକମାନେ ଏପରି ଉତ୍ପାଦ ଦେଖି ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ସେମାନେ ପଚାରୁଛନ୍ତି କ'ଣ ବର୍ଜ୍ୟରୁ ଏପରି ସାମଗ୍ରୀ ପ୍ରସ୍ତୁତ ସମ୍ଭବ। ସୂଚନାଯୋଗ୍ୟ, ପୃଥିବୀର ଏହି ସର୍ବୋଚ୍ଚ ଗିରିଶୃଙ୍ଗ ଶିଖରରେ ପାଦ ଥାପିବା ଅଧିକାଂଶ ଦୁଃସାହସିକ ପର୍ବତାରୋହୀଙ୍କ ସ୍ୱପ୍ନ। ଅଭିଯାନ ଶେଷ ହେଉ ହେଉ ପର୍ବତାରୋହୀଙ୍କ ନାମ ଯୋଡ଼ି ହୋଇଯାଏ ଇତିହାସ ପୃଷ୍ଠାରେ। ହେଲେ ଏଭରେଷ୍ଟ ଶିଖରରେ ଆଉ ଯାହା ବାକି ରହିଯାଏ ତାହା ହେଉଛି କୁଢ଼ କୁଢ଼ ଆବର୍ଜନା। ଖାସ୍ ଏହି କାରଣରୁ ଏଭରେଷ୍ଟ ଏବେ ପରିଣତ ହୋଇଛି ଆବର୍ଜନା କୁଣ୍ଡରେ, ଯାହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ନେପାଳ ସରକାର। ଏହି କ୍ରମରେ ଏଭରେଷ୍ଟକୁ ବର୍ଜ୍ୟମୁକ୍ତ କରିବାକୁ ବଛା ବଛା ପର୍ବତାରୋହୀଙ୍କୁ ନେଇ ଆରମ୍ଭ ହୋଇଛି ସ୍ୱଚ୍ଛତା କାର୍ଯ୍ୟକ୍ରମ 'କ୍ଲିନ୍ ଏଭରେଷ୍ଟ'। ୬ସପ୍ତାହ ଧରି ଚାଲିଥିବା ଏକ ଅଭିଯାନରେ ୧୧ ଟନ୍‌ରୁ ଊର୍ଦ୍ଧ୍ୱ ବର୍ଜ୍ୟ ସଂଗ୍ରହ କରାଯାଇଛି। ସେସବୁକୁ ପୁନଃବ୍ୟବହାର କରିବାକୁ ଏବେ ଉଦ୍ୟମ ଆରମ୍ଭ ହୋଇଛି।





## ଚନ୍ଦ୍ରଯାନ-୨ ବିକ୍ରମ ଲ୍ୟାଣ୍ଡରର ଉଭାନ୍

**ଟେର୍ ପାଉନି ନାସା**

**ୱାଶିଂଟନ:** ଭାରତର ବହୁ ପ୍ରତୀକ୍ଷିତ ଚନ୍ଦ୍ରଯାନ-୨ ବିକ୍ରମ ଲ୍ୟାଣ୍ଡରର ପତ୍ତା ମିଳୁନାହିଁ। ବହୁ ପ୍ରୟାସ ସତ୍ତ୍ୱେ ନାସା ଫେଲ୍ ମାରିଛି। ଏହାର ଫଟୋ ଉଠାଇବା ଲାଗି ପ୍ରୟାସ କରାଯାଇଥିଲେ ହେଁ ଟେର୍ ମିଳୁନାହିଁ। ଗତ ସେପ୍ଟେମ୍ବର ୭ରେ ଭାରତର ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପକ୍ଷରୁ ଚନ୍ଦ୍ରର ଦକ୍ଷିଣ ମେରୁରେ ବିକ୍ରମ ଲ୍ୟାଣ୍ଡରର ସଫ୍ଟ ଲ୍ୟାଣ୍ଡିଂ ନେଇ ଆଶା କରାଯାଇଥିବାବେଳେ ଏହା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଚନ୍ଦ୍ର ସର୍ବେକ୍ଷଣ ଅର୍ବିଟର ଗତ ୧୪ ତାରିଖରେ ବିକ୍ରମ ଲ୍ୟାଣ୍ଡରର ଫଟୋ ଉଠାଇବା ଲାଗି ତଲାସି କରିଥିବାବେଳେ ଚନ୍ଦ୍ରପୃଷ୍ଠରୁ ଖାଲିହାତରେ ଫେରିଥିଲା। ଲ୍ୟାଣ୍ଡରର କୌଣସି ସନ୍ଧାନ ନ ମିଳିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା ପାଲଟିଛି ବୋଲି ପ୍ରୋଜେକ୍ଟ ସାଇଣ୍ଟିଷ୍ଟ ନୋହ ଏଡ୍‌ୱାର୍ଡ ପେଟ୍ରୋ ପ୍ରକାଶ କରିଛନ୍ତି। କ୍ୟାମେରା ଟିମ୍ ସଯତ୍ନ ଲ୍ୟାଣ୍ଡିଂ ଏରିଆ ସର୍ଚ୍ଚ କରିଥିବା ସେ କହିଛନ୍ତି। ହାର୍ଡ ଲ୍ୟାଣ୍ଡିଂ ପରେ ବିକ୍ରମ କେଉଁଆଡ଼େ ଛିଟିକି ପଡ଼ିଥିବା ସନ୍ଦେହ କରାଯାଉଛି। କିମ୍ବା ସର୍ଚ୍ଚ ଅପରେଶନ ବାହାରେ ଏହା ରହିଛି। ସେପ୍ଟେମ୍ବର ୧୭ରେ ମଧ୍ୟ ହାଇ ରିଜୋଲ୍ୟୁଶନ ଇମେଜ୍ ଅଣାଯାଇଥିଲେ ବି କିଛି ସଫଳତା ମିଳିନାହିଁ। ଏନେଇ ଅଧିକ ଅନୁଧ୍ୟାନ କରାଯିବାର ଆବଶ୍ୟକତା ରହିଥିବା ପେଟ୍ରୋ କହିଛନ୍ତି।

## ନ୍ୟୁୟର୍କରୁ ସିଡ୍‌ନୀ ୧୯ ଘଣ୍ଟା ଲଗାତର ବିମାନ ଯାତ୍ରା

**ନ୍ୟୁୟର୍କ:** ଘଣ୍ଟାଏ ନୁହେଁ କି ଦୁଇଘଣ୍ଟା ନୁହେଁ ଲଗାତର ୧୯ ଘଣ୍ଟା ୧୬ ମିନିଟ୍‌ର ବିମାନ ଯାତ୍ରା। ନ୍ୟୁୟର୍କରୁ ସିଡ୍‌ନୀକୁ କ୍ୱାଣ୍ଟାସ୍ ବିମାନ ଯାତ୍ରୀ ଏଭଳି ଦୀର୍ଘ ସମୟ ଉଡ଼ାଣ କରି ଇତିହାସ ରଚନା କରିଛନ୍ତି। ଦୀର୍ଘ ୧୬,୨୦୦ କିଲୋମିଟରର ବିମାନ ଯାତ୍ରା ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଛନ୍ତି କ୍ୱାଣ୍ଟାସ୍ ମୁଖ୍ୟ ଆଲାନ୍ ଜଏସ୍। ଏଭଳି ଯାତ୍ରା କରିବା ପୂର୍ବରୁ ମାନସିକ ପ୍ରସ୍ତୁତ ଓ ଅଭ୍ୟାସ କରିବାକୁ ପଡ଼ିଥାଏ ବୋଲି ସେ କହିଛନ୍ତି। ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନଟି ନ୍ୟୁୟର୍କର ଜନ୍ ଏଫ୍. କେନେଡି ବିମାନବନ୍ଦରରୁ ଉଡ଼ାଣ କରିଥିଲା। ଦୀର୍ଘ ଯାତ୍ରା ପରେ ଏଥିରେ ଥିବା ପ୍ରାୟ ୫୦ ଯାତ୍ରୀ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡ଼ିଥିଲା। ଦୀର୍ଘ ଉଡ଼ାଣ ପୂର୍ବରୁ ୩ ସପ୍ତାହ ଧରି ବିମାନ ଯାତ୍ରୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିବା ଜଏସ୍ ପ୍ରକାଶ କରିଛନ୍ତି। କ୍ୱାଣ୍ଟାସ୍ ୨୦୨୨ରୁ ନ୍ୟୁୟର୍କରୁ ସିଡ୍‌ନୀକୁ ବିମାନ ଚଳାଚଳ ଆରମ୍ଭ କରିବା ନେଇ ବିଚାର କରୁଥିବା ଜଣାପଡ଼ିଛି। ନ୍ୟୁୟର୍କରୁ ସିଡ୍‌ନୀ ପୁଣି ଏଭଳି ଦ୍ୱିତୀୟ ଦୀର୍ଘ ବିମାନଉଡ଼ାଣ କରାଯିବ ଓ ଏହା ପରେ ଲଣ୍ଡନରୁ ସିଡ୍‌ନୀକୁ ଏହି ବିମାନ ଉଡିବ ବୋଲି କ୍ୱାଣ୍ଟାସ୍ ପକ୍ଷରୁ କୁହାଯାଇଛି। ଏହା ସମ୍ଭବ ହୋଇପାରିଲେ ବ୍ୟବସାୟିକ ଦୃଷ୍ଟିକୋଣରୁ ଏହା ବେଶ୍ ସଫଳତା ଆଣିପାରିବ ବୋଲି ସିଡ୍‌ନୀ ବିଜ୍‌ନେସ୍ ଚାମ୍ବର୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କାଥେରିନ୍ ଓରେଗାନ୍ ମତ ଦେଇଛନ୍ତି।



୧୬,୨୦୦ କି.ମି. ଯାତ୍ରା କରି ରେକର୍ଡ

## ପ୍ଲାଷ୍ଟିକ ସାଜିଛି ମୃତ୍ୟୁଯନ୍ତା

**ଚେନ୍ନାଇ:** ପ୍ଲାଷ୍ଟିକ ଦ୍ରବ୍ୟ ସହ ପଲିଥିନ୍‌ର ବହୁଳ ବ୍ୟବହାର ଯୋଗୁ କେବଳ ପରିବେଶ ନଷ୍ଟ ହେଉଛି ବୋଲି ଭାବିବା ଠିକ୍ ନୁହେଁ। ଏହାଦ୍ୱାରା ପ୍ରାଣୀଜଗତ ମଧ୍ୟ ପ୍ରଭାବିତ ହେଉଛନ୍ତି। ବାହାରେ ଫିଙ୍ଗାଯାଉଥିବା ପ୍ଲାଷ୍ଟିକ ଓ ପଲିଥିନ ଖାଇ ଅନେକ ଗାଈଗୋରୁ ମୃତ୍ୟୁବରଣ କରୁଛନ୍ତି। ଏହା କେତେ ମାରାତ୍ମକ ତାହା ଚେନ୍ନାଇର ଏକ ଘଟଣାରୁ ଜଣାପଡ଼େ। ମାଡ୍ରାସର ପ୍ରାଣୀ ଚିକିତ୍ସାଳୟରେ ଏକ ଗାଈ ପେଟରୁ ୫୨ କିଲୋ ଓଜନର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବାହାରିବା ସମସ୍ତଙ୍କ ଆଖି ଖୋଲିଦେଇଛି। କେବଳ ସେତିକି ନୁହେଁ ଗାଈପେଟରୁ ସିରିଞ୍ଜି ଛୁଞ୍ଚି, ନଖ, ଆଲୁମିନିୟମ୍ ପାତ ଓ କଣ୍ଟା, କଏନ୍ ଆଦି ବାହାରିଛି। ଅପରେଶନ ଦ୍ୱାରା ଡାକ୍ତର ଏଗୁଡ଼ିକୁ ଗାଈ ପେଟରୁ ବାହାର କରିଛନ୍ତି। ଏବେ ସଚେତନ ହେବାର ବେଳ ଆସିଛି। ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବାହାରେ ଫିଙ୍ଗିଲେ ଜୀବଜଗତ କିଭଳି ପ୍ରଭାବିତ ହେବ, ତାହା ଏଥିରୁ ଅନୁମେୟ।

ପ୍ରାଣୀଙ୍କ ଲାଗି ସାଜିଛି କାଳ



### ଜାତିସଂଘ ଦିବସ

# ସାମାଜିକ ଅର୍ଥନୈତିକ ବିକାଶରେ ଜାତିସଂଘ

୧୯୪୫ ଜୁନ୍ ୨୬ରେ ୫୦ଟି ଦେଶ ଜାତିସଂଘ ଅଧିକାରପତ୍ରରେ ସ୍ୱାକ୍ଷର କରିବା ପରେ ଜାତିସଂଘ ଅକ୍ଟୋବର ୨୪, ୧୯୪୫ରେ ସ୍ଥାପିତ ହୋଇଥିଲା। ଏହି ସମୟରେ ଚାଇନା ୟୁନାଇଟେଡ୍ ଷ୍ଟେଟ୍, ଫ୍ରାନ୍ସ, ସଂଯୁକ୍ତ ରାଜ୍ୟ, ୟୁନାଇଟେଡ୍ କିଙ୍ଗଡମ୍ ଓ ସୋଭିଏତ୍ ସଂଘ ଏହାକୁ ସ୍ୱୀକୃତି ଦେଇଥିଲେ। ୧୯୪୮ରେ ଜାତିସଂଘ ସାଧାରଣ ପରିଷଦ ଜାତିସଂଘର ଲକ୍ଷ୍ୟ ଓ ଉପଲବ୍ଧି ତଥା ଲୋକମାନଙ୍କର ସମର୍ଥନ ସମ୍ବନ୍ଧରେ ସୂଚନା ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୨୪କୁ ଜାତିସଂଘ ଦିବସ ଭାବେ ପାଳନ କରାଯିବା ପାଇଁ ଘୋଷଣା କରିଥିଲା। ବିଶ୍ୱର ବିଭିନ୍ନ ଦେଶରେ ଥିବା ଜାତିସଂଘ ସୂଚନା କେନ୍ଦ୍ରଗୁଡିକ ଦ୍ୱାରା ଜାତିସଂଘ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହା ୬୩ଟି ଦେଶରେ ରହିଛି। ଭାରତରେ ୧୯୪୭ରୁ ଏହା କାର୍ଯ୍ୟ କରୁଛି। ଏହି କେନ୍ଦ୍ର ମାଧ୍ୟମରେ ଜାତିସଂଘ ତା'ର ବାର୍ତ୍ତା ବିଭିନ୍ନ ଦେଶରେ ପ୍ରସାର କରିବା ସହ ବିଶ୍ୱର ସବୁ ଲୋକଙ୍କୁ ଯୋଡିବାରେ ଲାଗିଛି। ଜାତିସଂଘ ଏହି କେନ୍ଦ୍ର ସାହାଯ୍ୟରେ ଦେଶର ନିର୍ବାଚିତ ପ୍ରତିନିଧି, ସରକାରୀ ଅଧିକାରୀ, ଗଣମାଧ୍ୟମ, ସମାଜସେବୀ ତଥା ବୁଦ୍ଧିଜୀବୀ, ଛାତ୍ର, ଶିକ୍ଷକ ଓ ବୈଜ୍ଞାନିକଙ୍କୁ ନୂଆ ସୂଚନା ପ୍ରଦାନ କରିଥାଏ। ଜାତିସଂଘ ଦିବସ ପାଳନ ଅବସରରେ ଏହାର ସଫଳତା ଓ କାର୍ଯ୍ୟଧାରାକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ଏମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏହାର ବିଭିନ୍ନ କାର୍ଯ୍ୟଧାରା ଉପରେ ସେମିନାର ମଧ୍ୟ ଆୟୋଜନ କରାଯାଏ।

ଜାତିସଂଘ ବିଶ୍ୱରେ ୮୦ଟି ଦେଶରେ ୮୦ ମିଲିୟନ ଲୋକଙ୍କୁ ଖାଦ୍ୟ ଯୋଗାଇବା ସହ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବା ଦିଗରେ କାର୍ଯ୍ୟ କରୁଛି। ବିଶ୍ୱରେ ପିଲାମାନଙ୍କ ପାଇଁ ଆବଶ୍ୟକ ହେଉଥିବା ମୋଟ୍ ଟିକାର ୪୫ ପ୍ରତିଶତ ଯୋଗାଉଛି। ଏହାଦ୍ୱାରା ଜାତିସଂଘ ବର୍ଷକୁ ୩ ମିଲିୟନ ପିଲାଙ୍କ ଜୀବନ ବଞ୍ଚାଇପାରୁଛି। ଯୁଦ୍ଧ ଓ ପ୍ରାକୃତିକ ବିପର୍ଯ୍ୟୟ ଓ ଉତ୍ପୀଡନ ଦ୍ୱାରା ପ୍ରଭାବିତ ୬୫.୩ ମିଲିୟନ ଲୋକଙ୍କୁ ଜାତିସଂଘ ସାହାଯ୍ୟ ଓ ସହଯୋଗ ବି କରିଆସୁଛି। ବିଶ୍ୱତାପନ କିପରି ହ୍ରାସ ପାଇବ ସେଥିପାଇଁ ୧୯୫ଟି ଦେଶ ସହ ମିଶି କାର୍ଯ୍ୟ କରୁଛି। ୪ଟି ଦେଶରେ ୧୫ଟି ଅପରେଶନ୍‌ରେ ୧,୧୭,୦୦୦ ଶାନ୍ତିଦୂତଙ୍କ ସହଯୋଗରେ ଶାନ୍ତି ଆଣିବାର ଚେଷ୍ଟା ଜାରି ରଖିଛି। ଜାତିସଂଘ ଦାରିଦ୍ର୍ୟ ବିରୋଧରେ ଲଢେଇ କରୁଛି ଓ ୧.୧ ବିଲିୟନ ଲୋକଙ୍କ ଜୀବନରେ ସୁଧାର ଆଣିବା ପାଇଁ ସହଯୋଗ କରୁଛି। ବିଶ୍ୱରେ ୮୦ଟି ଚୁକ୍ତିନାମା ବା ଘୋଷଣାପତ୍ର ମାଧ୍ୟମରେ ମାନବ ଅଧିକାରର ସୁରକ୍ଷା ଓ ପ୍ରସାର କରିବାରେ ମୁଖ୍ୟ ଭୂମିକା ନିଭାଉଛି। ଜାତିସଂଘ ୯୩.୫ ମିଲିୟନ ଲୋକଙ୍କ ଆବଶ୍ୟକତା ପୂରଣ କରିବାର ଆଗ୍ରହ ପ୍ରକାଶ କରି ୨୨.୫ ବିଲିୟନ ଆମେରିକୀୟ ଡଲାର୍‌ର ଯୋଗାଡ କରିବା ଏହାର ବିଶ୍ୱମୁଖୀ କାର୍ଯ୍ୟଧାରାର ଏକ ଉଦାହରଣ। ବିଶ୍ୱସ୍ତରରେ ଦେଖାଯାଉଥିବା ବିଭିନ୍ନ ବିବାଦର ସମାଧାନ କରିବା ପାଇଁ କୂଟନୀତି ସ୍ତରରେ ସମାଧାନ କରିବାରେ ଏହା ମୁଖ୍ୟ ଭୂମିକା ନେଉଛି। ମାଟରନାଲ ହେଲ୍‌ଥର ବିକାଶ ଲାଗି କାର୍ଯ୍ୟ କରିବା ସହ ମାସକୁ ୧ ମିଲିୟନ ମହିଳାଙ୍କୁ ଗର୍ଭଧାରଣ ଜନିତ ବିପଦରୁ ମୁକ୍ତ କରିପାରୁଛି। ସମ୍ପ୍ରତି ବିଶ୍ୱରେ ସାମାଜିକ, ଅର୍ଥନୈତିକ ତଥା ସୁରକ୍ଷା କ୍ଷେତ୍ରରେ ସୁଧାର ଆଣିବା ପାଇଁ ଜାତିସଂଘର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହୁଏ।



## ଚାଇନା ସୀମା ଜଗିବେ ଅଧିକ ଯବାନ

ଚାଇନା ସହ ରହିଥିବା ୩୪୮୮ କି.ମି. ଦୀର୍ଘ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)କୁ ଜଗୁଥିବା ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ (ଆଇଟିବିପି)ରେ ବଡ଼ ପରିବର୍ତ୍ତନ ହେବ। ସୀମାରେ ଆଇଟିବିପିର ଦୁଇଟି ନୂଆ କମାଣ୍ଡ ମୁତୟନ ହେବେ। ଏଥିସହ ବହୁସଂଖ୍ୟାରେ ନୂଆ ପଦବୀ ସୃଷ୍ଟି କରି ଅନେକ ଅଫିସର ଓ ଯବାନଙ୍କୁ ପଦୋନ୍ନତି ଦିଆଯିବ ବୋଲି ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି।

**ସଂକ୍ଷେପରେ**

## ସୁଭାଷ ଚୋପ୍ରା ଦିଲ୍ଲୀ କଂଗ୍ରେସ ସଭାପତି

ନୂଆଦିଲ୍ଲୀ,୨୩।୧୦(ପି.ଟି.)-ସୁଭାଷ ଚୋପ୍ରାଙ୍କୁ ବୁଧବାର ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି (ଡିପିସିସି) ସଭାପତି ନିଯୁକ୍ତ କରାଯାଇଛି। ସେହିପରି ଭାଜପାର ପୂର୍ବତନ ଏମ୍ପି କୀର୍ତ୍ତି ଆଜାଦଙ୍କୁ ଦଳର ଦିଲ୍ଲୀ ୟୁନିଟ୍ ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସେମାନଙ୍କୁ ନିଯୁକ୍ତି ଦେଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। କାଲ୍କାଜୀରୁ ୩ ଥର



ବିଧାୟକ ହୋଇଥିବା ସୁଭାଷ ପୂର୍ବରୁ ଦିଲ୍ଲୀ କଂଗ୍ରେସ ମୁଖ୍ୟ ଥିଲେ। ଏହା ବ୍ୟତୀତ ସେ ଦିଲ୍ଲୀ ବିଧାନସଭାରେ ବାଚସ୍ପତି ମଧ ଥିଲେ। ଶୀଲା ଦୀକ୍ଷିତଙ୍କ ଦେହାନ୍ତ ପରେ ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି ସଭାପତି ପଦ ଖାଲିପଡିଥିଲା। ଆଗକୁ ବିଧାନସଭା ନିର୍ବାଚନ ଥିଲାବେଳେ ମତପାର୍ଥକ୍ୟ ଭୁଲି ସମସ୍ତଙ୍କୁ ଏକାଠି କରିବା ଦାୟିତ୍ୱ ନବନିଯୁକ୍ତ ଡିପିସିସି ଅଧ୍ୟକ୍ଷଙ୍କୁ ନିର୍ବାହ କରିବାକୁ ପଡିବ।

## ହରିଶ୍ ରାୱତଙ୍କ ବିରୋଧରେ ସିବିଆଇ ମାମଲା

ନୂଆଦିଲ୍ଲୀ,୨୩।୧୦(ପି.ଟି.)-ଘୋଡ଼ାବେପାର ଅଭିଯୋଗ ନେଇ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ୍ ରାୱତଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଛି। ୨୦୧୬ରେ ଉତ୍ତରାଖଣ୍ଡରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲାବେଳେ ଏକ ଭିଡିଓ ରେକର୍ଡିଂ ପଦାକୁ ଆସିଥିଲା। କ୍ଷମତାକୁ ଫେରିବା ଲାଗି ହରିଶ୍ ଭାଜପାରେ ମିଶିଥିବା କେତେକ ଅସନ୍ତୁଷ୍ଟ କଂଗ୍ରେସ ବିଧାୟକଙ୍କୁ ଟଙ୍କା ଦେଇ କିଣିବା ପାଇଁ ଆଲୋଚନା କରୁଥିବା ଏହି ଭିଡିଓରେ ରେକର୍ଡିଂ ହୋଇଥିଲା। ଏହି ଘଟଣାର ତଦନ୍ତ କରିବା ସହ ହରିଶ୍‌ଙ୍କ ବିରୋଧରେ ଏତଲା ଦାୟର ପାଇଁ ନିକଟରେ ଉତ୍ତରାଖଣ୍ଡ ହାଇକୋର୍ଟ ସିବିଆଇକୁ ଅନୁମତି ଦେଇଥିଲେ। ସିବିଆଇ ଏହାର ପ୍ରାଥମିକ ତଦନ୍ତ ରିପୋର୍ଟ ଜଉମୁଦା ଲଫାପାରେ ହାଇକୋର୍ଟରେ ଦାଖଲ କରିଥିଲା।



## ୩ ଆତଙ୍କବାଦୀଙ୍କୁ ଧରାଇଲେ ୩୦ ଲକ୍ଷ

ଜମ୍ମୁ,୨୩।୧୦(ପି.ଟି.)-୩ ହିଜ୍‌ବୁଲ ମୁଜାହିଦିନ ଆତଙ୍କବାଦୀଙ୍କୁ ଧରାଇଦେଲେ ୩୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ବୁଧବାର ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ସେମାନେ ହେଲେ ମହମ୍ମଦ ଆମିନ ଓରଫ ଜହାଁଙ୍ଗିର୍ ସରୁରୀ ଏବଂ ତାଙ୍କ ଦୁଇ ଘନିଷ୍ଠ ସହଯୋଗୀ ରିୟାଜ୍ ଅହମଦ ଓରଫ ହଜାରି ଓ ମୁଦାସିର ହୁସେନ। ଏହି ଆତଙ୍କବାଦୀମାନେ ଅନେକ ଆକ୍ରମଣରେ ସମ୍ପୃକ୍ତ ବୋଲି ପୋଲିସ ଜାଣିବାକୁ ପାଇଛି।

# ଜାଲ୍ ସାର୍ଟିଫିକେଟରେ ଚାକିରି ହଡ଼ପ

ନୂଆଦିଲ୍ଲୀ,୨୩।୧୦(ଆଇଏଏନ୍ଏସ୍)

**ୟୁପିରେ ଖୋଲୁଛି ଗୁମର**

- ଆଦିବାସୀ ପରିଚୟ ଦେଇ ସରକାରୀ ନିଯୁକ୍ତି
- ଏସ୍‌ପି, ବିଏସ୍‌ପି ଶାସନରେ ଚାଲିଥିଲା ଦୁର୍ନୀତି

ଉତ୍ତରପ୍ରଦେଶରେ ଅନୁସୂଚିତ ଜନଜାତିଙ୍କ ଲାଗି ସଂରକ୍ଷିତ ହଜାର ହଜାର ସରକାରୀ ଚାକିରି ହଡ଼ପ ହୋଇଛି। ଜିଲାପାଳଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନର ଜ୍ଞାତସାରରେ ଚାଲିଥିଲା ଏଭଳି ଦୁର୍ନୀତି। ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଚାକିରି ପାଇବା ପାଇଁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ବର୍ଗର ଅନେକ ପ୍ରାର୍ଥୀ ନିଜକୁ ଆଦିବାସୀରେ ବଦଳାଇଛନ୍ତି। ଜାଲ୍ ଆଦିବାସୀ ପ୍ରମାଣପତ୍ର ଯୋଗାଇଦେବାରେ ସ୍ୱତନ୍ତ୍ର ର୍‌ୟାକେଟ ସହାୟତା କରୁଥିଲେ। ସମାଜବାଦୀ ପାର୍ଟି (ଏସ୍‌ପି) ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଶାସନ କାଳରେ ଏହିସବୁ ର୍‌ୟାକେଟ ସକ୍ରିୟ ଥିଲେ।

ଏହି ଜାଲିଆତି ଘଟଣା ଲୋକଲୋଚନକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ସୁବିଧାର ଅପବ୍ୟବହାର କରାଯାଇଥିବା ଉତ୍ତରପ୍ରଦେଶ ଅନୁସୂଚିତ ଜାତି ଓ ଜନଜାତି କମିଶନ ଅଧ୍ୟକ୍ଷ ବ୍ରିଜ୍‌ଲାଲ ଅଭିଯୋଗ କରିବା ସହ ତିନୋଟି ପ୍ରମୁଖ ଅନୁସୂଚିତ ଜନଜାତି ଖରୱାର, ଗୋଣ୍ଡ ଓ ଚେରୋମାନଙ୍କ ଆଦିବାସୀ ପ୍ରମାଣପତ୍ର ଯାଞ୍ଚ କରିବା ଲାଗି ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ଓବିସି ପ୍ରାର୍ଥୀମାନେ ଜାଲିଆତି କରି ମିଥ୍ୟା ପ୍ରମାଣପତ୍ର ଦେଇ ଏସ୍‌ସି କିମ୍ବା ଏସ୍‌ଟିଙ୍କ ପାଇଁ ଉଦ୍ଦିଷ୍ଟ ନିଯୁକ୍ତି ହଡପ କରିଥିବାର ଅନେକ ଅଭିଯୋଗ ମିଳିଥିବା ବ୍ରିଜ୍‌ଲାଲ୍ କହିଛନ୍ତି। ରାଜ୍ୟର ବିଭିନ୍ନ ସେକ୍ଟର ଓ ଅଞ୍ଚଳରେ ଏଭଳି ଜାଲିଆତି ବର୍ଷ ବର୍ଷ ଧରି ଚାଲିଥିଲା। ଏଥିରେ ଜିଲାପାଳମାନଙ୍କ ସମ୍ପୃକ୍ତିକୁ ଏଡାଇ ଦିଆଯାଇ ନ ପାରେ। କାରଣ ଅନୁସୂଚିତ ଜାତି ଓ ଜନଜାତି ପ୍ରମାଣପତ୍ର ପ୍ରଦାନ କରିବା କ୍ଷମତା ସେମାନଙ୍କୁ ମିଳିଥିଲା। କେତେସଂଖ୍ୟାରେ ଚାକିରି ହଡ଼ପ ହୋଇଛି ତାହା ଯଦିଓ ନିର୍ଦ୍ଦିଷ୍ଟ ଭାବେ ଜଣାପଡିନି ତେବେ ଏହା ବହୁ ହଜାର ହେବ ବୋଲି ଅନୁମାନ କରାଯାଉଛି। ସୋମବାର ଗୋରଖପୁରଠାରେ ଉଚ୍ଚ ସରକାରୀ ଅଧିକାରୀମାନଙ୍କର ଏକ ବୈଠକ ଡାକି ବ୍ରିଜ୍ ଲାଲ୍ ଉକ୍ତ ର୍‌ୟାକେଟ ବିରୋଧରେ ତଦନ୍ତ ଲାଗି ୟୁପିର ଏହି ପୂର୍ବତନ ପୋଲିସ ଡିଜି ପରାମର୍ଶ ଦେଇଛନ୍ତି। ଏହି ଜାଲ୍ ସାର୍ଟିଫିକେଟ ର୍‌ୟାକେଟ ପଛରେ ରାଜନୈତିକ ପୃଷ୍ଠପୋଷକ ରହିଥିବା ପୂର୍ବତନ ଆଇପିଏସ୍ ଅଫିସର କହିଛନ୍ତି। ୨୦୦୪ରେ ମୁଲାୟମ ସିଂ ଯାଦବ ୟୁପି ମୁଖ୍ୟମନ୍ତ୍ରୀ ଥିଲାବେଳେ କେତେକ ଓବିସିଙ୍କୁ ଅନୁସୂଚିତ ଜାତି/ଜନଜାତିରେ ପରିବର୍ତ୍ତନ କରିବା ଲାଗି ସରକାରୀ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ କେନ୍ଦ୍ର ସରକାରଙ୍କ ଅନୁମୋଦନ ସହିତ ପାର୍ଲାମେଣ୍ଟରେ ସଂରକ୍ଷଣ ଆଇନରେ ସଂଶୋଧନ ଆଣିବା ଆବଶ୍ୟକ। ସେଭଳି କିଛି ହୋଇ ନ ଥିବାରୁ ମୁଲାୟମ ସରକାରଙ୍କ ଉପରୋକ୍ତ ନିର୍ଦ୍ଦେଶନାମାର କୌଣସି ଆଇନଗତ ବୈଧତା ନ ଥିଲା। କିନ୍ତୁ ମୁଲାୟମଙ୍କ ନିର୍ଦ୍ଦେଶନାମା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜାତି ପରିବର୍ତ୍ତନ ର୍‌ୟାକେଟ ସକ୍ରିୟ ହୋଇ ଉଠିଥିଲେ। ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି, ଗୋଣ୍ଡ, ଖରୱାର ଓ ଚେରୋ ସମ୍ପ୍ରଦାୟର ମିଛ ପରିଚୟ ଦେଇ ବାଲିଆ, ଦେଓରିଆ, କୁଶିନଗର, ମହାରାଜଗଞ୍ଜ, ସିଦ୍ଧାର୍ଥନଗର ଓ ଗୋରଖପୁର ଜିଲା ପ୍ରଶାସନରୁ ବହୁସଂଖ୍ୟାରେ ଛାତ୍ରୀଛାତ୍ର ଆଦିବାସୀ ପ୍ରମାଣପତ୍ର ହାତେଇଛନ୍ତି। ଏହିସବୁ ଜିଲାରେ ପ୍ରକୃତରେ ଏଭଳି ଆଦିବାସୀ ସମ୍ପ୍ରଦାୟ ନ ଥିବା ଜଣାପଡିଛି। ଗୋଣ୍ଡ ଓ ଖରୱାର ସମ୍ପ୍ରଦାୟ ସୋନଭଦ୍ର, ମିର୍ଜାପୁର, ଓ ଚନ୍ଦାଉଲି ଜିଲାରେ ସୀମିତ। ରାଜସ୍ୱ ରେକର୍ଡ ଅନୁଯାୟୀ ଉତ୍ତରପୂର୍ବ ୟୁପିରେ ଏହି ଦୁଇ ସମ୍ପ୍ରଦାୟ ନାହାନ୍ତି। ପଛୁଆ ବର୍ଗରେ ଯାଉଥିବା କହର, କୁମ୍ଭାର, ଭୁର୍ଜି ଜାତିର ପ୍ରାର୍ଥୀମାନେ ନିଜକୁ ଗୋଣ୍ଡ ଓ ଖରୱାରରେ ପରିବର୍ତ୍ତନ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଚାକିରିକୁ ହଡ଼ପ କରିଥିବା ଜଣେ ସରକାରୀ ଅଧିକାରୀ କହିଛନ୍ତି।



ଫେସ୍‌ବୁକ୍ ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ନୂଆ କ୍ରିପ୍ଟୋକରେନ୍ସି ଲିବ୍ରା ସମ୍ପର୍କିତ ଯୋଜନା ନେଇ ଆଲୋଚନା ପାଇଁ ୱାଶିଂଟନର କେପିଟଲ ହିଲ୍ସରେ ହାଉସ୍ ଫାଇନାନ୍ସିଆଲ ସର୍ଭିସ କମିଟି ଆଗରେ ହାଜର ହେବାବେଳେ ତାଙ୍କୁ ଫଟୋଗ୍ରାଫରମାନେ ଘେରିରହିଛନ୍ତି।

## ମହାରାଷ୍ଟ୍ର, ହରିୟାଣା ଭୋଟ ଫଳ ଆଜି

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇବ। ସକାଳ ୮ଟାରୁ ବିଭିନ୍ନ କେନ୍ଦ୍ରରେ ଭୋଟଗଣତି ଆରମ୍ଭ ହେବ । ଏଥିସହିତ ଓଡ଼ିଶାର ବିଜେପୁର ଆସନ ସମେତ ୧୭ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୫୧ ବିଧାନସଭା ଆସନ ଓ ଦୁଇଟି ଲୋକ ସଭା ଆସନ ଲାଗି ହୋଇଥିବା ଉପନିର୍ବାଚନ ଫଳାଫଳ ମଧ ଗୁରୁବାର ପ୍ରକାଶ ପାଇବା ଆଶା କରାଯାଉଛି। ଗତ ସୋମବାର ଏହିସବୁ ରାଜ୍ୟରେ ଭୋଟଗ୍ରହଣ ହୋଇଥିଲା। ମହାରାଷ୍ଟ୍ର ଓ ହରିୟାଣାରେ ଭାଜପା କ୍ଷମତା ବଜାୟ ରଖିବ ବୋଲି ଏକ୍‌ଜିଟ୍ ପୋଲ୍‌ରେ ପୂର୍ବାନୁମାନ କରାଯାଇଥିଲା। ଭାଜପା-ଶିବସେନା ମେଣ୍ଟ ମହାରାଷ୍ଟ୍ର ବିଧାନସଭାରେ ୨୨୦ରୁ ଅଧିକ ଆସନ ଜିତିବ ବୋଲି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଆଶାବ୍ୟକ୍ତ କରିଛନ୍ତି। ମହାରାଷ୍ଟ୍ରର ୨୬୯ଟି କେନ୍ଦ୍ରରେ ଭୋଟଗଣତି ହେବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ସେହିପରି ହରିୟାଣାର ୯୦ ଆସନ ଲାଗି ପ୍ରତି ନିର୍ବାଚନମଣ୍ଡଳୀରେ ଗଣତି କେନ୍ଦ୍ର ହେବା ସହ ଗୁରୁଗ୍ରାମର ବାଦଶାହପୁରରେ ଅତିରିକ୍ତ କେନ୍ଦ୍ର ଖୋଲାଯାଇଥିବା ରାଜ୍ୟର ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଇନ୍ଦର ଜିତ୍ କହିଛନ୍ତି। ଭୋଟଗ୍ରହଣରେ ବ୍ୟବହୃତ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଏବଂ ଭିଭିପିଏଟି ମେଶିନ୍‌କୁ ୫୯ଟି ସ୍ଥାନରେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି। ସେଠାରେ ତିନିଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ହରିୟାଣାରେ ଏଥର ୬୮ ପ୍ରତିଶତ ମତଦାନ ହୋଇଥିଲା।



ଭାଟିକାନ୍ ସିଟିର ପିଟର୍ସ ସ୍କୋୟାରରେ ଏକ ଶିଶୁକୁ ଚୁମ୍ବନ ଦେଉଛନ୍ତି କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍।

## ଜମ୍ମୁ-କଶ୍ମୀରରେ ବିଡିସି ଭୋଟ ଆଜି

ଜମ୍ମୁ,୨୩।୧୦(ପି.ଟି.)

ଜମ୍ମୁ-କଶ୍ମୀର ବ୍ଲକ୍ ଉନ୍ନୟନ ପରିଷଦ (ବିଡିସି) ନିର୍ବାଚନ ଗୁରୁବାର ଅନୁଷ୍ଠିତ ହେଉଛି। ଏଥିରେ ୧୦୬୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୩୧୦ଟି ମତଦାନ କେନ୍ଦ୍ରରେ ଭୋଟଗ୍ରହଣ କରାଯିବ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ଏହା ପ୍ରଥମ ନିର୍ବାଚନ। ତେବେ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ଏନ୍‌ସି ଏବଂ ପିଡିପି ନିର୍ବାଚନକୁ ବର୍ଜନ କରିଛନ୍ତି। ବିଡିସି ଅଧ୍ୟକ୍ଷ ନିର୍ବାଚନରେ ୨୬,୬୨୯ ସରପଞ୍ଚ ଓ ୱାର୍ଡମେମ୍ବର ଭୋଟ ଦେବେ। ଭୋଟକେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜମ୍ମୁ-କଶ୍ମୀରରେ ୩୧୬ ବ୍ଲକ୍ ମଧ୍ୟରୁ ୩୧୦ଟିରେ ଏହି ନିର୍ବାଚନ ହେଉଛି। ପ୍ରତିଦ୍ୱନ୍ଦ୍ୱିତାରେ ୮୫୩ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ୧୦୯୨ ଜଣ ଅବତୀର୍ଣ୍ଣ ହୋଇଥିଲେ। ସେଥିରୁ ୨୭ ଜଣ ବିଡିସି ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ବାଲଟ ବାକ୍ସ ବ୍ୟବହାର କରାଯାଉଛି। ପ୍ରଶାସନର ମନୋଭାବରେ ପରିବର୍ତ୍ତନ ଆସି ନ ଥିବାରୁ ଏହାର ପ୍ରତିବାଦରେ କଂଗ୍ରେସ ନିର୍ବାଚନକୁ ବର୍ଜନ କରିଛି।

## ଜାକିର ମୁସାଙ୍କ ଉତ୍ତରାଧିକାରୀ ନିହତ

ଶ୍ରୀନଗର,୨୩।୧୦(ପି.ଟି.)

ଜମ୍ମୁ-କଶ୍ମୀରରେ ଏକଦା ଆତଙ୍କ ଖେଳାଇଥିବା ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଜାକିର ମୁସାଙ୍କ ଉତ୍ତରାଧିକାରୀ ହମିଦ୍ ଲେଲ୍‌ହାରି ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ଏହାସହ ଉପତ୍ୟକାରୁ ଆତଙ୍କବାଦୀ ସଙ୍ଗଠନ ଅଲ୍ କାଏଦା ସଫା ହୋଇଯାଇଛି। ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲବାଗ୍ ସିଂ ବୁଧବାର ଏହି ସୂଚନା ଦେଇଛନ୍ତି।

ଏକ ଖବରଦାତା ସମ୍ମିଳନୀରେ ଦିଲବାଗ୍ କହିଛନ୍ତି, ପୁଲୱାମା ଜିଲା ତ୍ରାଲ ଅଞ୍ଚଳରେ ମଙ୍ଗଳବାର ଏନ୍‌କାଉଣ୍ଟର କରାଯାଇଥିଲା। ଏଥିରେ ଅନ୍‌ସାର ଗଜୱତ୍-ଉଲ୍ ହିନ୍ଦ୍ (ଏଜିଏଚ୍) ପ୍ରତିଷ୍ଠାତା ଜାକିର ମୁସାଙ୍କ ଉତ୍ତରାଧିକାରୀ ହମିଦ୍



ହମିଦ୍ ଲେଲ୍‌ହାରି

ଲେଲ୍‌ହାରି ଓ ଅନ୍ୟ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ନୱିଦ୍ ଅହମଦ ଟାକ୍ ଓ ଜୁନୈଦ ରସିଦ ଭଟ୍ଟ। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍ କଶ୍ମୀରରେ ଆକ୍ରମଣ ପାଇଁ ଏଜିଏଚ୍ ସହ ସମନ୍ୱୟ ରଖିଥିଲା। ଅଲ୍ କାଏଦା ପ୍ରତି ଆନୁଗତ୍ୟ ପ୍ରକାଶ କରୁଥିବା ମୁସା ଗତ ମେ'ରେ ଏକ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ।

## ମୋଦିଙ୍କୁ ଆତ୍ମଘାତୀ ଆକ୍ରମଣ ଧମକ ଦେଲେ ପାକ୍ ଗାୟିକା

ନୂଆଦିଲ୍ଲୀ,୨୩।୧୦

ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟୁଇଟର୍ ମାଧ୍ୟମରେ ସରୀସୃପ ଆକ୍ରମଣର ଧମକ ଦେଇଥିଲେ ପାକିସ୍ତାନୀ ଗାୟିକା ରାବି ପିର୍‌ଜାଦା। ଏହାର ମାସକ ପରେ ସେ ମୋଦିଙ୍କୁ ଆତ୍ମଘାତୀ ଆକ୍ରମଣ ଧମକ ଦେଇଛନ୍ତି। ଧମକପୂର୍ଣ୍ଣ ବାର୍ତ୍ତା ସହ ମଙ୍ଗଳବାର ତାଙ୍କୁ ସୋସିଆଲ ମିଡିଆରେ କଳାରଙ୍ଗର ଆତ୍ମଘାତୀ ପୋଷାକ ପରିଧାନ କରିଥିବାର ଦେଖାଯାଇଥିଲା, ଯେଉଁଥିରେ ଡିନାମାଇଟ୍ ଷ୍ଟିକ୍ ସହ ଏକ ଟାଇମର୍ ରହିଛି। ଫଟୋ କ୍ୟାପ୍‌ସନରେ ସେ ନିଜକୁ 'କଶ୍ମୀର କନ୍ୟା' ବୋଲି ଲେଖିବା ସହ ମୋଦିଙ୍କୁ ହିଟ୍‌ଲର କହିଛନ୍ତି। ତାଙ୍କର ଏହି ଟୁଇଟର୍ ପୋଷ୍ଟ ଭାଇରାଲ ହୋଇଛି। ଏହାକୁ ୧୯୦୦ରୁ ଅଧିକ ଲାଇକ୍ କରାଯାଇଥିବାବେଳେ ଅନେକ ରିଟୁଇଟ୍ କରାଯାଇଛି। ଏହାକୁ ନେଇ ସୋସଆଲ ମିଡିଆରେ ଉତ୍ତେଜନା ଦେଖାଦେଇଛି। ସେ ବ୍ୟବହାର କରିଥିବା ପୋଷାକକୁ ପାକିସ୍ତାନ ଜାତୀୟ ପୋଷାକ ଭାବେ ଘୋଷଣା କରୁ ବୋଲି ଟୁଇଟର୍ ବ୍ୟବହାରକାରୀ ଲେଖିଛନ୍ତି। ଏପରିକି ପାକିସ୍ତାନୀମାନେ ମଧ ତାଙ୍କର ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଧମକ ଦେବାରେ ସୋସିଆଲ ମିଡିଆକୁ ବ୍ୟବହାର କରିଥିବାରୁ ଲାହୋରର ଏହି ଗାୟିକାଙ୍କୁ ଅନେକ ସମାଲୋଚନା କରିଛନ୍ତି। ସେ ବିଶ୍ୱରେ ପାକିସ୍ତାନର ଭାବମୂର୍ତ୍ତି ଖରାପ କରୁଥିବା ଅଭିଯୋଗ ହୋଇଛି। ଗତ ମାସରେ ସେ ଟୁଇଟରରେ ୧୫ ସେକେଣ୍ଡର ଏକ କ୍ଲିପ୍ ପୋଷ୍ଟ କରିଥିଲେ, ଯେଉଁଥିରେ ତାଙ୍କୁ ସାପ ସହ ପୋଜ୍ ଦେଉଥିବା ଦେଖାଯାଇଥିଲା। କଶ୍ମୀରୀ ବିରୋଧୀ ପଦକ୍ଷେପ ଲାଗି ମୋଦିଙ୍କ ଉପରେ ସାପ ଛାଡ଼ିବେ ବୋଲି ପିର୍‌ଜାଦା ଧମକ ଦେଇଥିଲେ। ବନ୍ୟପ୍ରାଣୀ ଆଇନର ଉଲ୍ଲଂଘନ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପଞ୍ଜାବ ବନ୍ୟପ୍ରାଣୀ ସୁରକ୍ଷା ବିଭାଗ ପକ୍ଷରୁ ଦାବି ହୋଇଥିଲା। ଲାହୋରର ଏକ କୋର୍ଟ ପିର୍‌ଜାଦାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ।



ରବି ପିର୍‌ଜାଦା

## କମଲେଶଙ୍କୁ ୧୫ ଥର ଛୁରି ଭୁସିଥିଲେ ହତ୍ୟାକାରୀ

ଲକ୍ଷ୍ନୌ,୨୩।୧୦(ପି.ଟି.)

ହିନ୍ଦୁବାଦୀ ନେତା କମଲେଶ ତିୱାରୀଙ୍କୁ ହତ୍ୟାକାରୀ ୧୫ ଥର ଛୁରି ଭୁସିବା ସହ ମୁହଁକୁ ଗୁଳି କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଜଣାପଡିଛି। ତିୱାରୀଙ୍କ ଗାଲ ତଳେ ଗୁଳି ଅଟକି ରହିଥିବାବେଳେ ୧୫ ସ୍ଥାନରେ ଛୁରିଭୁସା ଓ କଟା ଚିହ୍ନ ରହିଛି। ହତ୍ୟାକାରୀ ତାଙ୍କୁ କିଭଳି ବର୍ବରତା ସହ ଆକ୍ରମଣ କରିଥିଲେ ତାହା ଏଥିରୁ ସ୍ପଷ୍ଟ ହୋଇଛି। ହତ୍ୟାକାରୀ ପ୍ରଥମେ ଗୁଳି କରିବା ପରେ ଛୁରି ଓ ଅନ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ ମଙ୍ଗଳବାର ଦୁଇ ସନ୍ଦିଗ୍ଧ ହତ୍ୟାକାରୀଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଗୁଜରାଟ-ହରିୟାଣା ସୀମାନ୍ତ ଶାମଲାଜୀରୁ ଗିରଫ କରାଯାଇଥିବା ପୋଲିସ କହିଛି। ସେମାନଙ୍କ ନାଁ ଆଶ୍‌ଫାକ୍‌ହୁସେନ ଜାକିରହୁସେନ ଶେଖ୍ (୩୪) ଓ ମୋଇନୁଦ୍ଦିନ ଖୁର୍ଶିଦ ପଠାନ (୨୭) ଓ ଘର ସୁରଟ ବୋଲି ଜଣାପଡିଛି।



**୧୫ ଲକ୍ଷର ସହାୟତା ଘୋଷଣା କଲେ ୟୁପି ମୁଖ୍ୟମନ୍ତ୍ରୀ**

କମଲେଶଙ୍କ ସ୍ତ୍ରୀଙ୍କୁ ୧୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ତୁରନ୍ତ ଯୋଗାଇଦେବା ଲାଗି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ମଞ୍ଜୁର କରିଛନ୍ତି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ତାଙ୍କ ପରିବାର ନିମନ୍ତେ ସୀତାପୁର ଜିଲାର ମେହମୁଦାବାଦ ତହସିଲରେ ଏକ ଘର ମଞ୍ଜୁର କରିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇନ୍ତି। କମଲେଶଙ୍କୁ ଗତ ଶୁକ୍ରବାର ତାଙ୍କ ବାସଭବନରେ ହତ୍ୟା କରାଯାଇଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା, ଘଡ଼ଘଡ଼ି ସହ ଥଣ୍ଡା ଅନୁଭବ ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୬ | ୨୩.୨ |
| ଚାନ୍ଦବାଲି | ୩୧.୨ | ୨୫.୬ |
| କଟକ | ୨୮.୪ | ୨୩.୦ |
| ପାରାଦ୍ୱୀପ | ୩୦.୧ | ୨୬.୦ |
| ଭୁବନେଶ୍ୱର | ୨୫.୮ | ୨୪.୦ |
| ଗୋପାଳପୁର | ୨୬.୦ | ୨୩.୯ |
| ପୁରୀ | ୨୬.୨ | ୨୨.୮ |
| ଅନୁଗୋଳ | ୨୮.୧ | ୨୧.୦ |
| ବାରିପଦା | ୩୦.୦ | ୨୪.୪ |
| ଝାରସୁଗୁଡ଼ା | ୨୯.୮ | ୨୪.୪ |
| କେନ୍ଦୁଝର | ୨୮.୨ | ୨୧.୦ |
| ସମ୍ବଲପୁର | ୩୦.୧ | ୨୪.୦ |
| ସୁନ୍ଦରଗଡ଼ | ୨୬.୦ | ୧୫.୦ |
| ହୀରାକୁଦ | ୨୯.୩ | ୨୪.୭ |
| ତାଳଚେର | ୨୯.୬ | ୨୨.୭ |
| ଭବାନୀପାଟଣା | ୨୯.୦ | ୨୩.୫ |
| ବଲାଙ୍ଗୀର | ୩୦.୦ | ୨୫.୦ |
| କୋରାପୁଟ | ୨୬.୦ | ୧୬.୮ |
| ଫୁଲବାଣୀ | ୨୬.୪ | ୨୨.୫ |
| ଟିଟିଲାଗଡ଼ | ୩୧.୦ | ୨୦.୬ |
| ମାଲକାନଗିରି | ୨୭.୦ | -- |
| ସୋନପୁର | ୩୧.୨ | ୨୧.୪ |
| ଦାରିଙ୍ଗିବାଡ଼ି | ୨୨.୦ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

**ଇତିହାସର ଆଇନାରେ**

**ଅକ୍ଟୋବର ୨୪ର ପ୍ରମୁଖ ଘଟଣା**

୧୯୬୦ ଅକ୍ଟୋବର ୨୪ରେ ଋଷିଆର ବୈକାନୁର ଟେଷ୍ଟ ରେଞ୍ଜରେ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଲଞ୍ଚପ୍ୟାଡ୍‌ରେ ବିସ୍ଫୋରଣ ହେବା ଫଳରେ ପ୍ରାୟ ୧୦୦ ଜଣ ମୃତ୍ୟୁବରଣ କରିଥିଲେ। ବହୁ ଟେକ୍ନିକାଲ ଓ ମିଲିଟାରୀ କର୍ମଚାରୀଙ୍କ ଏଥିରେ ମୃତ୍ୟୁ ହୋଇଥିଲା। ଶର୍ଟସର୍କିଟ ଯୋଗୁ ନିଆଁ ଲାଗି ଏଭଳି ବିସ୍ଫୋରଣ ହୋଇଥିଲା। କାର୍ଯ୍ୟରେ ନିୟୋଜିତ ପ୍ରାୟ ୧୨୦ କର୍ମଚାରୀ ଆହତ ହୋଇଥିଲେ।

୨୦୦୫ ଅକ୍ଟୋବର ୨୪ରେ ଆମେରିକାର ଫ୍ଲୋରିଡ଼ାରେ ଭୟଙ୍କର ସାମୁଦ୍ରିକ ଝଡ଼ବାତ୍ୟା 'ୱିଲ୍‌ମା' ତାଣ୍ଡବ ରଚିଥିଲା। ଏଥିରେ ୮୭ ଜଣଙ୍କ ପ୍ରାଣହାନି ଘଟିଥିଲା। ଘଣ୍ଟାକୁ ୨୯୫ କି.ମି. ବେଗରେ ପବନ ବହିବା ସହ ଏହି ଝଡ଼ବାତ୍ୟା ବ୍ୟାପକ ଘରଦ୍ୱାର ଭାଙ୍ଗି ଦେଇଥିଲା। ପ୍ରାୟ ୨୭.୪ ବିଲିୟନ ଡଲାରର କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି।

## ୪୦ ଲକ୍ଷଙ୍କୁ ମିଳିବ ମାଲିକାନା ଅଧିକାର

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ଦିଲ୍ଲୀର ଅନଧିକୃତ କଲୋନିଗୁଡ଼ିକରେ ରହୁଥିବା ୪୦ ଲକ୍ଷ ଲୋକଙ୍କୁ ମାଲିକାନା ଅଧିକାର ମିଳିବ। ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଏଭଳି ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି। ଜାତୀୟ ରାଜଧାନୀରେ ଅନଧିକୃତ କଲୋନିଗୁଡିକରେ ରହୁଥିବା ଲୋକମାନଙ୍କୁ ଆଶ୍ୱସ୍ତି ମିଳିବାକୁ ଯାଉଛି। ଏନେଇ ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଏକ ବିଲ୍ ଆସିବ ବୋଲି କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି। ଆସନ୍ତାବର୍ଷ ପ୍ରଥମ ଭାଗରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଥିବାରୁ ଲୋକଙ୍କୁ ଆକୃଷ୍ଟ କରିବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି।

**ଦିଲ୍ଲୀର ଅନଧିକୃତ କଲୋନୀରେ ରହୁଥିବା ଲୋକଙ୍କ ପାଇଁ କେନ୍ଦ୍ରର ବଡ଼ ନିଷ୍ପତ୍ତି**



ଦିଲ୍ଲୀର ୧୭୫ ବର୍ଗ କିଲୋମିଟରରୁ ଊର୍ଦ୍ଧ୍ୱ ଅଞ୍ଚଳରେ ୧୭୯୭ ଅନଧିକୃତ କଲୋନି ଚିହ୍ନଟ କରାଯାଇଛି, ଯେଉଁଠାରେ ନିମ୍ନ ଆୟକାରୀ ବର୍ଗର ଲୋକେ ରହୁଛନ୍ତି। ସରକାରଙ୍କ ଉପରୋକ୍ତ ନିଷ୍ପତ୍ତି ଉକ୍ତ କଲୋନି ବାସିନ୍ଦାଙ୍କ କ୍ଷେତ୍ରରେ ଲାଗୁ ହେବ। ତେବେ ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ (ଡିଡିଏ) ଚିହ୍ନଟ କରିଥିବା ସୈନିକ ଫାର୍ମ, ମହେନ୍ଦ୍ରୁ ଏନ୍‌କ୍ଲେଭ, ଅନନ୍ତରାମ ଡାଏରୀ ଭଳି ୬୯ଟି ପ୍ରଭାବଶାଳୀ କଲୋନି କ୍ଷେତ୍ରରେ ଏହା ଲାଗୁହେବନି ବୋଲି ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି।

ଧରିତ୍ରୀ ଆଳାପ

# ଟାର୍ଗେଟ୍ ଅଲିମ୍ପିକ୍ସ

୧୯୯୩ ମସିହା ମେ ୧୦ ତାରିଖ ସୁନ୍ଦରଗଡ଼ ଜିଲା ସଉନାମରା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ଅମିତ ରୋହିଦାସ। ୪ବର୍ଷ ବୟସରୁ ହକି ଖେଳିବା ପ୍ରତି ସେ ଆଗ୍ରହ ପ୍ରକାଶ କରିଥିଲେ। ପରେ ୧୦ ବର୍ଷ ବୟସରେ ପ୍ରଥମେ ଗାଁ ଟିମ୍‌ରେ ହକି ଖେଳିଥିଲେ। ୧୨ ବର୍ଷ ବୟସରେ ରାଉରକେଲା ପାନପୋସ୍ ସ୍ପୋର୍ଟ୍ସ ହଷ୍ଟେଲରେ ଟ୍ରେନିଂ ପରେ ୨୦୦୯ ମସିହାରେ ଅଣ୍ଡର୍ ୧୮ ଟିମ୍‌ରେ ଆନ୍ତର୍ଜାତୀୟ ହକି ଖେଳିବା ପାଇଁ ସିଲେକ୍ଟ ହୋଇଥିଲେ। ଯେଉଁଥିରେ କି ତାଙ୍କୁ ଷ୍ଟାର୍ ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୩ ମସିହା ଏସିଆ କପ୍‌ରେ ସିନିୟର ଖେଳାଳି ଭାବେ ସେ ଭାରତୀୟ ଦଳରେ ଖେଳିଥିଲେ।



ଅମିତ ରୋହିଦାସ

**ହକି ଖେଳିବାର ପ୍ରେରଣା କେଉଁଠୁ ପାଇଥିଲେ?**

◆ ଗାଁରେ ସମସ୍ତେ ହକି ଖେଳନ୍ତି। ହକି ଛଡ଼ା ଗାଁରେ ଆଉ କିଛି ଖେଳ ନାହିଁ। ବାପା ଗୋପାଳ ରୋହିଦାସ ଓ ଭାଇ ନିରଞ୍ଜନ ରୋହିଦାସଙ୍କଠାରୁ ମୁଁ ହକି ଖେଳିବାକୁ ପ୍ରେରଣା ପାଇଥିଲି। ୧୯୯୭ ମସିହାରେ ପ୍ରଥମେ ମୁଁ ହକି ଖେଳିବା ଆରମ୍ଭ କରିଥିଲି। ସେତେବେଳେ ମତେ ୪ବର୍ଷ ହୋଇଥିଲା।

**ପ୍ରଥମ ମ୍ୟାଚ୍‌ର ଅନୁଭୂତି କେମିତି ଥିଲା?**

◆ ୨୦୦୯ ମସିହାରେ ପ୍ରଥମେ ମୁଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲି। ମାଲେସିଆରେ ଅଣ୍ଡର୍ ୧୮ ଏସିଆ କପ୍ ଥିଲା। ସେହି ଟିମ୍‌ରେ ମୁଁ ସ୍ଥାନ ପାଇଥିଲି। ସେତେବେଳେ ମୋତେ ୧୮ ବର୍ଷ ହୋଇଥିଲା। ପାକିସ୍ତାନ ସହ ଆମର ପ୍ରଥମ ମ୍ୟାଚ୍ ଥିଲା। ଟିକେ ନର୍ଭସ ଥିଲି କିନ୍ତୁ ପରେ ସବୁ ଠିକ୍ ହୋଇଗଲା। ମ୍ୟାଚ୍‌ରେ ମୁଁ ଗୋଟିଏ ଗୋଲ୍ ଦେବା ପରେ ମୋର ଆତ୍ମବିଶ୍ୱାସ ଆସିଥିଲା। ତା'ପରେ ଦ୍ୱିତୀୟ ହାଫ୍‌ରେ ଆଉ ଗୋଟିଏ ଗୋଲ୍ ମଧ୍ୟ ଦେଇଥିଲି। ଯାହାକି ଆଗକୁ ବଢାଇବାକୁ ଭରପୂର ବିଶ୍ୱାସ ଦେଇଥିଲା।

**କେବେ ପାକିସ୍ତାନ ସହ ମୁକାବିଲାରେ ଅଂଶଗ୍ରହଣ କରିଛନ୍ତି?**

◆ ହଁ, ତା'ପରେ ପାକିସ୍ତାନ ସହ ଖେଳାଯାଇଥିବା ମ୍ୟାଚ୍‌ରେ ମୁଁ ଖେଳିବାକୁ ସୁଯୋଗ ପାଇଛି। ମ୍ୟାଚ୍‌ଟି ସୁଲତାନ ଜୋହର କୋର୍ଟରେ ଖେଳା ହୋଇଥିଲା। ଅବଶ୍ୟ ସବୁଥିରେ ମୁଁ ଗୋଲ୍ ମାରିପାରି ନାହିଁ। କିନ୍ତୁ ଭାରତ ମ୍ୟାଚ୍ ଜିତିବାରେ ସକ୍ଷମ ହୋଇଛି।

**ଖେଳ ଜୀବନର କିଛି ବିଶେଷ ମୁହୂର୍ତ୍ତ ଅଛି କି?**

◆ ମୋ ଜୀବନରେ ମୁଁ ଦୁଇଟି ଟୁର୍ଣ୍ଣାମେଣ୍ଟରୁ ବହୁତ୍ ଭଲ ଅନୁଭୂତି ସାଉଁଟିଛି। ସିନିୟର ଏସିଆ କପ୍ ଓ ଗତବର୍ଷ ହୋଇଥିବା ପୁରୁଷ ୱାର୍ଲ୍ଡ କପ୍ ହକିରେ ଖେଳିଥିବା ପ୍ରତ୍ୟେକ ମ୍ୟାଚ୍ ଆମ ପାଇଁ ସ୍ମରଣୀୟ ହୋଇ ରହିବ। ପୁରୁଷ ୱାର୍ଲ୍ଡକପ୍‌ରେ କାନାଡା ସହ ହୋଇଥିବା ମ୍ୟାଚ୍‌ରେ ମୁଁ ଦେଇଥିବା ହିଟିଂ ଗୋଲ୍ ମୋର ସବୁବେଳେ ମନେ ରହିବ।

**ନଭେମ୍ବର ୧ ଓ ୨ରେ ହେବାକୁ ଥିବା ଖେଳ ପାଇଁ କ'ଣ ପ୍ରସ୍ତୁତି ଅଛି?**

◆ ପୂର୍ବରୁ ଆମେ ସମସ୍ତ ଟିମ୍ ସହ ଖେଳିଛୁ। ସେମାନଙ୍କ ଖେଳର ତରିକା ଜାଣିଛୁ। କିନ୍ତୁ ଆମେ ଆମ ରଣନୀତିରେ ଖେଳିବୁ। ଅଲିମ୍ପିକ୍ସକୁ ଯିବା ଆମର ଟାର୍ଗେଟ୍ ରହିଛି। ସେଥିପାଇଁ ଆମେ ମୁଖ୍ୟତଃ ସମସ୍ତ ଖେଳାଳିଙ୍କ ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦେଉଛୁ। ସବୁ ଟିମ୍‌ର ଭିଡିଓଗୁଡ଼ିକୁ ଦେଖୁଛୁ ଓ ନିଜର ରଣନୀତି ପ୍ରସ୍ତୁତ କରୁଛୁ। ଯେମିତି ହେଲେ ବି ଜିତିବାର ଅଛି।

**ଭୁବନେଶ୍ୱରକୁ ସ୍ପୋର୍ଟ୍ସ କ୍ୟାପିଟାଲ୍ ସହ ସ୍ପୋର୍ଟ୍ସ ହବ୍ ପାଇଁ ପରିକଳ୍ପନା ଚାଲିଛି, ରାଜ୍ୟରେ ହକିର ଭବିଷ୍ୟତ କ'ଣ, ଏହାର ପ୍ରସାରପ୍ରଚାର କେତେ ଜରୁରୀ?**

◆ ରାଜ୍ୟରେ ହକିକୁ ସବୁବେଳେ ଅଗ୍ରାଧିକାର ଦିଆଯାଏ। ଭାରତୀୟ ଦଳରେ ବହୁ ଓଡ଼ିଆ ହକି ଖେଳାଳି ରହିଛନ୍ତି। ଯଦି ଭୁବନେଶ୍ୱରକୁ ସ୍ପୋର୍ଟ୍ସ କ୍ୟାପିଟାଲ କରାଯାଏ ତାହେଲେ ହକି ଏହାର ମୁଖ୍ୟ ପୁରୋଧା ସାଜିବ। ସୁନ୍ଦରଗଡ଼, ମୟୁରଭଞ୍ଜ ପରି ବହୁ ଜିଲାରେ ସ୍କୁଲ୍‌ରୁ ହିଁ ହକି ଖେଳିବା ପାଇଁ ଉତ୍ସାହିତ କରାଯାଉଛି। ଏବେ ତ ବିଭିନ୍ନ ଜିଲାମାନଙ୍କରେ ସ୍ପୋର୍ଟ୍ସ ହଷ୍ଟେଲ ବି ନିର୍ମାଣ ସରିଲାଣି। ହକିର ବହୁତ୍ ବଡ଼ ବଡ଼ ଇଭେଣ୍ଟ କରିସାରିଛନ୍ତି। ଯଦି ସ୍ପୋର୍ଟ୍ସ ହବ ହେବ ତା'ହେଲେ ବହୁତ ଭଲ। ଆଗକୁ ଆହୁରି ଅଧିକ ଇଭେଣ୍ଟ ହେବ। ପିଲାମାନେ ଆହୁରି ଖେଳିବା ପାଇଁ ଇଚ୍ଛା ପ୍ରକାଶ କରିବେ।

**ଫେଭରାଇଟ୍ ଖେଳାଳି କିଏ?**

◆ ମୋର ସବୁବେଳର ଫେଭ୍‌ରେଟ ହେଉଛନ୍ତି ପୂର୍ବତନ ଖେଳାଳି ଦିଲୀପ ତିର୍କୀ। ତାଙ୍କ ବ୍ୟତୀତ ବୀରେନ୍ଦ୍ର ଲାକ୍ରାଙ୍କୁ ମୁଁ ବହୁତ୍ ଫଲୋ କରେ। ତାଙ୍କ ସହ ବିଭିନ୍ନ କଥା ନେଇ ଆଲୋଚନା କରେ। କିଛି ବି ସମସ୍ୟା ଥିଲେ ତାଙ୍କ ସହ କଥା ହୁଏ।

**ଫିଟ୍‌ନେସ୍ କିପରି ରଖନ୍ତି?**

◆ ମୁଖ୍ୟତଃ ଖାଇବା ଉପରେ ନିୟନ୍ତ୍ରଣ କରିବାକୁ ପଡ଼େ। ତ'ପରେ ଟ୍ରେନର୍‌ଙ୍କ ଦ୍ୱାରା ୭ଦିନିଆ ସେଡୁ୍ୟଲ ଦିଆଯାଏ। ମୁଖ୍ୟତଃ ମସଲା ଓ ତେଲ ଖାଦ୍ୟ ଛାଡି ସିଝା ଖାଦ୍ୟ ଖାଏ। ପ୍ରାକ୍ଟିସ୍ ଏବେ ବହୁତ୍ କଷ୍ଟ ଅଛି। ସେଥିପାଇଁ ଖାଇବା, ଦୌଡ଼କୁଦ ଓ ଜିମ୍‌କୁ ଭାବିଚିନ୍ତି କରିବାକୁ ପଡ଼େ। କାହିଁକି ନା ଫିଟ୍ ନ ରହିଲେ ମ୍ୟାଚ୍‌ରେ ଖେଳିବାରେ ସମସ୍ୟା ସୃଷ୍ଟି ହୁଏ।

ସାକ୍ଷାତ: ସ୍ମିତପ୍ରଜ୍ଞ ମିଶ୍ର

# ୱେଟ୍ ଲିଫ୍ଟିଂ କରିବାକୁ ଭଲଲାଗେ



ସୁରମୟୀ ମହାପାତ୍ର

ସୁରମୟୀ ମହାପାତ୍ର। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ଜଣେ ଜଣାଶୁଣା ନାୟିକା। ରିଅଲିଟି ଶୋ 'ମୁଁ ବି ହିରୋଇନ୍ ହେବି' ସିଜନ୍-୨ର ବିଜେତା ସୁରମୟୀ ପ୍ରଥମେ 'ଭଲପାଏ ତତେ ୧୦୦ରୁ ୧୦୦' ଫିଲ୍ମ ଜରିଆରେ ଓଡ଼ିଆ ସିନେ ଜଗତରେ ପାଦ ଥାପିଥିଲେ। ଏହାପରେ ସେ ୭ଟି ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ଭଲପାଇବା ସାଉଁଟି ପାରିଛନ୍ତି। ତେବେ ବ୍ୟସ୍ତତା ଜୀବନରେ ନିଜକୁ କିଭଳି ଫିଟ୍ ରଖାଯାଇପାରିବ ସେଥିପ୍ରତି ସେ ସବୁବେଳେ ବ୍ୟାୟାମ ଉପରେ ଗୁରୁତ୍ୱ ଦିଅନ୍ତି।

## ଫିଟ୍‌ନେସ୍

ନୃତ୍ୟପ୍ରିୟ ନାୟିକା ସୁରମୟୀ ସକାଳୁ ଉଠିଲେ ପ୍ରଥମେ ମ୍ୟୁଜିକ୍ ବିଟ୍‌ରେ ଏକ୍ସରସାଇଜ୍ କରନ୍ତି। ଏହାପରେ ସେ ଲେମ୍ବୁ ଓ ମହୁ ମିଶା ଏକ କପ୍ ଉଷୁମ ପାଣି ପିଇଥାନ୍ତି। ପରେ ଦୁଇଟି କଦଳୀ ଓ ଗୋଟିଏ ସେଓ ଖାଆନ୍ତି ଓ ଜିମ୍‌କୁ ଯାଇଥାନ୍ତି। ଯଦି ଫିଲ୍ମ ଶୁଟ୍ ଚାଲିଥାଏ ତେବେ ଜିମ୍‌ରେ କାର୍ଡିଓ ଏକ୍ସରସାଇଜ୍ କରିଥାନ୍ତି। ଅନ୍ୟ ସମୟରେ ୱେଟ୍ ଲିଫ୍ଟିଂ ଏକ୍ସରସାଇଜ୍ କରିବାକୁ ପ୍ରିଫର କରନ୍ତି। ୱେଟ୍ ଲିଫ୍ଟିଂ ଏକ୍ସରସାଇଜ୍ ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ ବୋଲି ମନେ କରନ୍ତି ସୁରମୟୀ। ସେ ବ୍ରେକ୍‌ଫାଷ୍ଟରେ ବିନା ତେଲଯୁକ୍ତ ଓ ଲଞ୍ଚରେ ଘରୋଇ ଖାଦ୍ୟ ଖାଆନ୍ତି। ସନ୍ଧ୍ୟାରେ ୪ରୁ ୫ କିଲୋମିଟର ଚାଲିବାକୁ ଯାଆନ୍ତି। ଫେରିବା ପରେ ଅନ୍ୟାନ୍ୟ କାମ ସାରି ସନ୍ଧ୍ୟା ସାଢ଼େ ୭ଟା ସୁଦ୍ଧା ସେ ଡିନର କରିଥାନ୍ତି। ଦିନକୁ ଯଦିଓ ଅଧିକ ପାଣି ପିଇ ପାରନ୍ତି ନାହିଁ, ତଥାପି ବିଭିନ୍ନ ହେଲ୍‌ଦି ଡ୍ରିଙ୍କ୍ସ ପିଇଥାନ୍ତି। ଜଣେ କଳାକାର ପାଇଁ ନୁହେଁ, ସମସ୍ତଙ୍କ ପାଇଁ ଫିଟ୍‌ନେସର୍ ଗୁରୁତ୍ୱ ରହିଛି। ସେଥିପାଇଁ ସମସ୍ତେ ବିଭିନ୍ନ ପ୍ରକାର ଏକ୍ସରସାଇଜ୍ କରିବା ଉଚିତ ବୋଲି ସୁରମୟୀ କୁହନ୍ତି।

– ଅସମାପିକା ସାହୁ

ଖାଦ୍ୟ ରୁଚି



# ସୁଫିଆନା ପନିର ଟିକା

ପୁରୀ ସହରର ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟ୍‌ରେ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ଙ୍କ ରୁଚିକୁ ଦେଖି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଏ। କେତେକ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ ହେଉଥିଲେ ମଧ ସୁସ୍ୱାଦୁ ଷ୍ଟାର୍ଟର ଡିଶ୍ ମଧ ମିଳିଥାଏ। ଏହିପରି ଏକ ହୋଟେଲ ହେଉଛି ପୁରୀ ସିଟି ରୋଡ୍‌ରେ ଥିବା ମହାବୀର ସେରାଟନ୍। ଏଠାରେ ସୁଫିଆନା ପନିର ଟିକାର ବେଶ୍ ଚାହିଦା ରହିଛି। ପ୍ଲେଟ୍ ଦାମ୍ ୧୪୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ଶେଫ୍ ଦୀପ୍ତିରଞ୍ଜନ ନାୟକ କୁହନ୍ତି...

## ଆବଶ୍ୟକ ସାମଗ୍ରୀ

| | |
|---|---|
| ପନିର୍ : ୨୦୦ ଗ୍ରାମ୍ | ବଟର: ୧ ଚାମଚ |
| ପାନମଧୁରି: ୧ ଚାମଚ | ତେଲ: ୨୦ ଗ୍ରାମ୍ |
| ଗୁଜୁରାତି: ୨ ପିସ୍ | କେଶର: ୬ ପିସ୍ |
| ରସୁଣ: ୪ ପାଖୁଡା | ମରିଚ ପାଉଡର: ୨ ଗ୍ରାମ୍ |
| ଅଦା: ୫ ଗ୍ରାମ୍ | ହଳଦୀ ଗୁଣ୍ଡ: ୫ ଗ୍ରାମ୍ |
| ଲଙ୍କା: ୨ଟା | ଚାଟ୍ ମସଲା: ୫ ଗ୍ରାମ୍ |
| ଅମୁଲ କ୍ରିମ୍: ୨ ଚାମଚ | ଲେମ୍ବୁ ରସ: ୧ ଚାମଚ |
| ବେସନ: ୧ ଚାମଚ | ସ୍ୱାଦ ଅନୁଯାୟୀ ଲୁଣ |

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଅଦା, ରସୁଣ ଓ ଲଙ୍କା ଭଲ ଭାବେ ପେଷ୍ଟ କରନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ବଟର ପକାଇ ସେଥିରେ ବେସନ ଭାଜି ତାକୁ ଅଲଗା ପାତ୍ରରେ କାଢି ରଖନ୍ତୁ। ଭଜା ଯାଇଥିବା ବେସନରେ ପୂର୍ବରୁ ପ୍ରସ୍ତୁତ ପେଷ୍ଟ, ଅମୁଲ କ୍ରିମ୍, ତେଲ, ମରିଚ ପାଉଡ଼ର, ଚାଟ୍ ମସଲା, ହଳଦୀ ପାଉଡର, କେଶର, ଲେମ୍ବୁରସ, ଗୁଜୁରାତି, ପାନମଧୁରୀ ଗୁଣ୍ଡ, ପନିର ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଅଧଘଣ୍ଟା ଛାଡି ତାକୁ ତନ୍ଦୁର ଭାଟିରେ ରୋଷ୍ଟ କରିଦିଅନ୍ତୁ। ଏହାପରେ ପ୍ଲେଟ୍‌ରେ ସଜାଇ ସେଥିରେ ପୁଦିନା ଚଟଣୀ ସହିତ ପରଷି ଦିଅନ୍ତୁ।

ଶେଫ୍ ଦୀପ୍ତିରଞ୍ଜନ ନାୟକ



ରିପୋର୍ଟ: ହେମନ୍ତ ନାୟକ
ଫଟୋ: ଯଜ୍ଞେଶ୍ୱର ମହାନ୍ତି

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ଅଶ୍ୱିନ



ଅଂଶୁମାନ



ସୁବ୍ରତ



କାର୍ତ୍ତିକ



ସୋନାକ୍ଷୀ



ପ୍ରଭାତି



ସୂର୍ଯ୍ୟକାନ୍ତ



ପଙ୍କଜ



ଗଗନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



ଆମେ ଯାହା ତା'ଠାରୁ ଅଧିକ ବୋଲି ଅନ୍ୟମାନଙ୍କୁ ଜଣାଇବା ପାଇଁ ଯଦି ବ୍ୟାକୁଳତା ପ୍ରକାଶ ନ କର, ଜୀବନରେ ଆମେ ବହୁ ସମ୍ମାନର ଅଧିକାରୀ ହେବା। -ସକ୍ରେଟିସ୍



## ସଂକ୍ଷେପରେ

### ୩୦ ଗ୍ରାମ ବ୍ରାଉନସୁଗାର ଜବତ, ୪ ଗିରଫ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ):** ରାଜଧାନୀ ତଥା ଉପକଣ୍ଠରେ ବ୍ରାଉନସୁଗାର ବେପାର ଚଳାଉଥିବା ୪ଜଣଙ୍କୁ ଗିରଫ କରିଛି ଖାରବେଳନଗର ଥାନା ପୋଲିସ। ସେମାନଙ୍କ ନିକଟରୁ ପୋଲିସ ୩୦ ଗ୍ରାମ ବ୍ରାଉନସୁଗାର ସହ ୨ ବାଇକ ଓ ୧୩ ହଜାର ୪ଶହ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସତ୍ୟନଗର ହାଉସିଂବୋର୍ଡ କଲୋନୀର ଜ୍ୟୋତିରଞ୍ଜନ ଦାସ ଓରଫ ଜେଡି, ଲକ୍ଷ୍ମୀସାଗର ଥାନା କଟକରୋଡ ଅଞ୍ଚଳର ନୀତିନ ହୋଲ୍‌ଓ୍ୱାସିଆ ଓରଫ ବାବୁ, ଖୋର୍ଦ୍ଧା ଟାଉନ ଥାନାଞ୍ଚଳର ପ୍ରକାଶ ନାୟକ ଓରଫ ଇମ୍ରାନ ଓ ଜୀବନ ଦାସ ଓରଫ ବାପି। ସୂଚନା ମୁତାବକ, ଭୁବନେଶ୍ୱରର ବିଭିନ୍ନ ବସ୍ତିଠାରୁ ଆରମ୍ଭ କରି ସହର ଓ ଆଖପାଖ ଅଞ୍ଚଳରେ ବହୁ ବର୍ଷ ହେବ ବେଆଇନ ବ୍ରାଉନସୁଗାର କାରବାର ଚାଲୁଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପଦକ୍ଷେପଠାରୁ ପୋଲିସ ତତ୍ପର ହୋଇଉଠିଛି। ବିଶେଷ ସୂତ୍ରରୁ ଖବର ପାଇ ମଙ୍ଗଳବାର ରାତିରେ ଖାରବେଳନଗର ଥାନା ପୋଲିସ ଓ କ୍ୟୁଏଟି ସତ୍ୟନଗର ଫ୍ଲାଏ ଓଭର ନିକଟରେ ଚଢ଼ାଉ କରି ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ବ୍ରାଉନସୁଗାର ଖାଇବା ସହ ବେପାର କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏ ନେଇ ପୋଲିସ ୨୭୯/୧୯ରେ ଏକ ମାମଲା ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଛି।

### ଦୁଇ ଏକ୍ସପ୍ରେସରେ ଅତିରିକ୍ତ ବଗି ସଂଯୋଗ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ):** ଯାତ୍ରୀ ଭିଡ଼କୁ ନଜରରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରରୁ ଚଳାଚଳ କରୁଥିବା ୨ଟି ଏକ୍ସପ୍ରେସରେ ୬ ଅତିରିକ୍ତ ବଗି ସଂଯୋଗ କରିଛି। ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସରେ ୪ ବଗି ଲଗାଯାଇଥିବାବେଳେ ପ୍ରତି ବଗିରେ ୧୦୮ ସିଟ୍ ରହିଛି। ଫଳରେ ଏଣିକି ଏହି ଟ୍ରେନ୍‌ରେ ଅଧିକ ୪୩୨ଜଣ ଯାତ୍ରୀ ଯାତାୟାତ କରିବାର ସୁବିଧା ପାଇପାରିବେ। ସେହିପରି ଭୁବନେଶ୍ୱର-ଜୁନାଗଡ଼ ରୋଡ୍ ଏକ୍ସପ୍ରେସରେ ୨ ଅତିରିକ୍ତ ବଗି ଲଗାଯାଇଛି। ପ୍ରତି ବଗିରେ ୯୦ ସିଟ୍ ରହିଥିବାରୁ ଅତିରିକ୍ତ ୧୮୦ ଯାତ୍ରୀ ଯାତ୍ରା କରିପାରିବେ। ସୂଚନାଯୋଗ୍ୟ, ଅନ୍ୟ କେତେକ ପ୍ରମୁଖ ଟ୍ରେନ୍‌ରେ ଅତିରିକ୍ତ ବଗି ସଂଯୋଗ ପାଇଁ ଦାବି ହେଉଥିବାରୁ ଆଗାମୀ ଦିନରେ ଏନେଇ ନିଷ୍ପତ୍ତି ନିଆଯାଇପାରେ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

### କାଠଯୋଡ଼ିକୁ ଡେଇଁଥିବା ଯୁବକଙ୍କ ମୃତଦେହ ଉଦ୍ଧାର

**ନରାଜ/ବାରଙ୍ଗ,୨୩।୧୦(ଡି.ଏନ.ଏ.):** ତ୍ରିଶୁଳିଆ-କଟକ ରାସ୍ତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେତୁରୁ ମଙ୍ଗଳବାର କାଠଯୋଡ଼ିକୁ ଡେଇଁଥିବା ଯୁବକଙ୍କ ମୃତଦେହ ବୁଧବାର ସକାଳେ ଉଦ୍ଧାର ହୋଇଛି। ଦୀର୍ଘ ୧୬ଘଣ୍ଟାର ପରିଶ୍ରମ କରି ବାରଙ୍ଗ ଅଗ୍ନିଶମ ଓ ଓଡ୍ରାଫ ଟିମର ମିଳିତ ଉଦ୍ୟମରେ ଉଦ୍ଧାର ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଘଟଣା ଘଟିବା ପରେ ବାରଙ୍ଗ ଅଗ୍ନିଶମ ବିଭାଗ ପାଖରେ ବୋଟ ନ ଥିବାରୁ ସିଡିଏ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପରେ ଉଭୟ ଖୋଜିଥିବା ବେଳେ ରାତି ବଢ଼ିବା ସହ ଲାଇଟ ବ୍ୟବସ୍ଥା ନ ଥିବାରୁ ନ ପାଇ ଫେରିଆସିଥିଲେ। ବୁଧବାର ସକାଳୁ ପୁଣି ମିଳିତ ଭାବେ ଦେବବ୍ରତ ନଦୀକୁ ଡେଇଁଥିବା ୧୫୦ମିଟର ଭିତରକୁ ଯାଇ ଖୋଜାଖୋଜି ଜାରି ରଖିଥିବାବେଳେ ଦିନ ୧୦ଟାରେ ମୃତଦେହଟି ଆପେ ଆପେ ଉପରକୁ ଉଠିଆସିଥିବା ଦେଖି ଉଦ୍ଧାର କରିଥିଲେ। ପରେ ବାରଙ୍ଗ ଥାନାଧିକାରୀ ଶଶିକାନ୍ତ ରାଉତ ମୃତଦେହଟିକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ପଠାଇଛନ୍ତି। ଅପରପକ୍ଷେ ମୃତ ଦେବବ୍ରତଙ୍କ ବାପାଙ୍କ ଅଭିଯୋଗକ୍ରମେ ନଂ ୧୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ):** ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ୱାର୍ଡ ୮ ଚନ୍ଦ୍ରଶେଖରପୁର ସାଇ ମନ୍ଦିରରୁ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା କରାଯାଇଛି। ବିଧାୟକ ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ପ୍ରାୟ ୧୫ଶହରୁ ଅଧିକ ବିଜେଡି କର୍ମୀ ଏହି ପଦଯାତ୍ରାରେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଏକ ସଭାରେ ଅରୁପ ପଟ୍ଟନାୟକ, ସୁବାସ ପାତ୍ର, ଅମରେଶ ଜେନା, ଦୁର୍ଗା ସାମନ୍ତରାୟ, ବାସନ୍ତି ସିଂ, ସମରେନ୍ଦ୍ର ସାହୁ, ମୋନାଲିସା ସାହୁଙ୍କ ସହ ପୂର୍ବତନ କର୍ପୋରେଟର ସାମିଲ ଥିଲେ। ସେହିଭଳି ମଙ୍ଗଳବାର ମଧ୍ୟ ୱାର୍ଡ ୧୧ ଓ ୧୭ରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ ପଦଯାତ୍ରାରେ ମହିଳା ଏସ୍‌ଏଚ୍‌ଜି ଗ୍ରୁପ୍‌ର କର୍ମୀଙ୍କ ସହ ହଜାର ହଜାର ଦଳୀୟ କର୍ମୀ ଯୋଗ ଦେଇଥିଲେ।

## ପୁଣି ସବୁଜ ସୁନ୍ଦର ହେବ ଭୁବନେଶ୍ୱର

# ଆଲଙ୍କାରିକ ବୃକ୍ଷ ସହରର ଶୋଭା ବଢ଼ାଇବ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**



ଭୁବନେଶ୍ୱରକୁ ପୁଣି ସବୁଜ ସୁନ୍ଦର କରାଯିବ। ରାସ୍ତାକଡ଼, ଫ୍ଲାଏ ଓଭର ତଳ ଓ ସହରର ବିଭିନ୍ନ ସ୍ଥାନରେ ସୌନ୍ଦର୍ଯ୍ୟଭରା ଓ ଆଲଙ୍କାରିକ ବୃକ୍ଷ, ଲତା ଜାତୀୟ ଗଛ ଓ ଫୁଲ ନ ଥିବା ଗଛକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସ୍ଥାନିତ କରିବ। ଯାହାକି ସହରର ସବୁଜିମା ଫେରାଇବା ସହ ଭୁବନେଶ୍ୱରକୁ ଏକ ନୂଆ ରୂପ ଦେବ। ଫ୍ଲାଇ ଓଭର୍ ତଳେ ଫୁଲ ନ ଥିବା ଗଛ ଓ ରାସ୍ତା ପାର୍ଶ୍ୱରେ ଲତା ଜାତୀୟ ଗୁଳ୍ମ ଓ ଉଦ୍ଭିଦ ସହରର ଶୋଭା ବଢାଇବ। ସାରା ଭୁବନେଶ୍ୱରର ଭୂଚିତ୍ରକୁ ଏହି ପ୍ରକାର ପ୍ରାକୃତିକ ସୌନ୍ଦର୍ଯ୍ୟଭରା କରାଯିବ ବୋଲି ଏକ ବିଜ୍ଞପ୍ତିରେ ବିଡିଏ ବୁଧବାର ପ୍ରକାଶ କରିଛି।

କେବଳ ଯେ ସୌନ୍ଦର୍ଯ୍ୟ ପାଇଁ ଏହା ସହାୟକ ହେବ ତାହା ନୁହେଁ, ବରଂ ମୃତ୍ତିକାକୁ ସଂରକ୍ଷଣ କରିବାକୁ ଏବଂ ଜଙ୍ଗଲୀ ଘାସ ଇତ୍ୟାଦିକୁ ବଢ଼ିବାକୁ ନ ଦେବାରେ ଲତା ରୋପଣ ସହାୟକ ହେବ। ପ୍ରକୃତି ଅନୁଯାୟୀ ଲତାଗୁଡିକ ଶୀଘ୍ର ବଢ଼ିଥାନ୍ତି ଏବଂ ବଢ଼ିବା ପାଇଁ କମ୍ ଭୂପୃଷ୍ଠର ଆବଶ୍ୟକତା ଥାଏ। ତେଣୁ ଫୁଲ ନ ଥିବା ଗଛରେ ଏହା ମାଡିଚାଲିଲେ ଖୁବ୍ ସୁନ୍ଦର ଦେଖାଯାଇଥାଏ ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ପ୍ରାଥମିକଭାବେ ଏହି ପ୍ରକଳ୍ପ ୧୧ଟି ପାର୍କରେ କରାଯିବ, ଯେଉଁଥିରେ କି ୫ଟି ସିଟି ପାର୍କ ଏବଂ ୬ଟି କଲୋନୀ ପାର୍କ ଅନ୍ତର୍ଭୁକ୍ତ ରହିଛି। ପରେ ଅନ୍ୟ ପାର୍କକୁ ଏଭଳି କରାଯିବ। ରାସ୍ତାକଡରେ ଥିବା ଗଛରେ ଲତା ବଢ଼ିବା ପାଇଁ ଏବଂ ବିଶେଷକରି ଶୀତଋତୁରେ ବଢୁଥିବା ଲତାକୁ ଏବେ ସ୍ଥାନିତ କରିବାକୁ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବେ।

- ପର୍ଯ୍ୟଟନ ଋତୁକୁ ଲକ୍ଷ୍ୟ ରଖି ରାସ୍ତା କଡ଼ରେ ଲତା ଲାଗିବ
- ପ୍ରାଥମିକ ଭାବେ ୧୧ଟି ପାର୍କରେ ଆରମ୍ଭ କରାଯିବ

ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ଏହା ସହରର ସୌନ୍ଦର୍ଯ୍ୟକରଣ କ୍ଷମତାକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

ଉଭୟ ବିଡିଏ ଏବଂ ବିଏମ୍‌ସିର ହର୍ଟିକଲ୍‌ଚରିଷ୍ଟ ଓ ଲ୍ୟାଣ୍ଡ୍ ସ୍କେପ୍ ଏକ୍ସପର୍ଟ୍‌ମାନେ ଅନୁଧ୍ୟାନରୁ ଜାଣିଛନ୍ତି ଯେ, କେବଳ ପାର୍କ ଏବଂ ରାସ୍ତାକଡର ଝଙ୍କାଳିଆ ଗଛ ଯାହା ଫୁଲଶୂନ୍ୟ ସେଗୁଡିକୁ ପ୍ରକୃତିର ରୂପ ଦେବା ପାଇଁ ଏବଂ ସହରର ପ୍ରକୃତିକୁ ଅଧିକ ସୁନ୍ଦର ଓ ସ୍ମାର୍ଟ କରିବାପାଇଁ ଏ ପ୍ରକାରର ପଦକ୍ଷେପ ସହାୟକ ହେବ। ଦିଲ୍ଲୀ ସମେତ ଅନେକ ସ୍ଥାନରେ ଫ୍ଲାଇଓଭର ତଳେ ଥିବା ବଡବଡ ଖମ୍ବରେ, ଛକସ୍ଥାନ ଇତ୍ୟାଦିରେ ସବୁଜିମାର ଶୋଭା ଖୁବ୍ ମନୋହର। କିଛିଦିନ ତଳେ ପ୍ରଳଙ୍କରୀ ବାତ୍ୟା 'ଫନୀ' ହେତୁ ରାଜଧାନୀର ସବୁଜିମା କ୍ଷୟକ୍ଷତି ହୋଇଥିଲେ ମଧ୍ୟ ଲତାର ଶୋଭା ଖୁବ୍‌ଶୀଘ୍ର ପ୍ରାକୃତିକ ରୁଚି ଦେବ ବୋଲି ବରିଷ୍ଠ ନାଗରିକ ଏନ୍. କେ. ପଟ୍ଟନାୟକ କହିଛନ୍ତି। ଏହାର ସଫଳତାକୁ ନେଇ ଅନ୍ୟ ସହରରେ ମଧ୍ୟ ସମାନ କାର୍ଯ୍ୟ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

# ବିଚାରପତିଙ୍କ ନିଖୋଜ ପୁଅ ହାଓଡା ଷ୍ଟେଶନରୁ ଉଦ୍ଧାର

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

**ପାଠପଢ଼ାକୁ କେନ୍ଦ୍ରକରି ଘରୁ ପଳାଇଥିଲେ**

ଲକ୍ଷ୍ମୀସାଗର ଥାନା ଅଧୀନ ଜଗନ୍ନାଥ ନଗରରେ ରହୁଥିବା ବିଚାରପତି ଲକ୍ଷ୍ମୀନାରାୟଣ ରାଏ ଚୌଧୁରୀଙ୍କ ନିଖୋଜ ପୁଅ ରୁଦ୍ର ନାରାୟଣ (୧୯)ଙ୍କୁ ୫ଦିନ ପରେ ପୋଲିସ କଲିକତାର ହାଓଡା ଷ୍ଟେଶନରୁ ଉଦ୍ଧାର କରିଛି। କୋଚିଂରୁ ଫେରିବା ପରେ ପୁଅ କୁଆଡେ ନିଖୋଜ ହୋଇଯାଇଥିବା ନେଇ ବିଚାରପତି ଲକ୍ଷ୍ମୀନାରାୟଣ ଗତ ୧୮ ତାରିଖରେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ନିଖୋଜ ମାମଲା. ରୁଜୁ କରି ତଦନ୍ତ ଚଳାଇଥିଲା।

ସୂଚନା ମୁତାବକ, ଜଗନ୍ନାଥ ନଗର ଲେନ୍ ୪ରେ ସପରିବାର ରହୁଥିବା ବିଚାରପତି ଲକ୍ଷ୍ମୀନାରାୟଣ ସୁନ୍ଦରଗଡ ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ଭାବେ କାର୍ଯ୍ୟ କରନ୍ତି। ଗତ ୧୮ତାରିଖରେ ପୁଅ ସତ୍ୟନଗର ମେଡିକାଲ କୋଚିଂକୁ ଯାଇ ଘରକୁ ଆଉ ଫେରି ନ ଥିଲେ। ତାଙ୍କ ମୋବଇଲ ବନ୍ଦ ଥିବାବେଳେ ସମସ୍ତ ଖୋଜାଖୋଜି ପରେ ଶେଷରେ ଥାନାରେ ଅଭିଯୋଗ କରିଥିଲେ। ସୋମବାର ପୁରୁଣା ଷ୍ଟେଶନ ବଜାର ନିକଟରୁ ତାଙ୍କ ଆକ୍ଟିଭା ସ୍କୁଟିକୁ ପୋଲିସ ଜବତ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ ପରେ ସେ କଲିକତା ଟ୍ରେନରେ ଯାଇଥିବା ଜଣାପଡିଲା। ମଙ୍ଗଳବାର ରୁଦ୍ର ଘରକୁ ଫୋନ କରିଥିବା ପୋଲିସ ଜାଣିବା ପରେ ଉକ୍ତ ନମ୍ବରକୁ ଟ୍ରାକ କରିଥିଲା। ଫଳରେ ସେ ହାଓଡାରେ ଥିବା ଜଣାପଡିଥିଲା। ଜିଆର୍‌ପି ପୋଲିସ ସହଯୋଗରେ ଉକ୍ତ ଫଟୋକୁ ହାଓଡା ଆର୍‌ପିଏଫ ପୋଲିସକୁ ପଠାଇବା ପରେ ହାଓଡା ଜିଆରପି ପୋଲିସ ଠାବ କରିନେଇଥିଲା। ଏଥିସହ ଲକ୍ଷ୍ମୀସାଗର ପୋଲିସର ଏକ ଟିମ କଲିକତା ଯାଇ ବୁଧବାର ରୁଦ୍ର ନାରାୟଣଙ୍କୁ ସାଙ୍ଗରେ ଧରି ଭୁବନେଶ୍ୱର ଫେରିଥିଲେ। ପାଠପଢ଼ାକୁ କେନ୍ଦ୍ରକରି ସେ ଘରେ ରାଗି ପଳାଇଯାଇଥିବା ଆସିବା ପରେ ଜଣାଇଥିଲେ।

# ଚାକିରି ଦେବାକୁ କହି ୨ କୋଟି ଟଙ୍କା ଠକେଇ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

**ସଂସ୍ଥା ମାଲିକ ଗିରଫ**

ରାଜ୍ୟର ବିଭିନ୍ନ ବ୍ଲକରେ ଲୋକଙ୍କୁ ଚାକିରି ଦେବା ଆଳରେ ସଂସ୍ଥା ଖୋଲି ଠକେଇ କରିଥିବା ଅଭିଯୁକ୍ତଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କଟକ ଜିଲା ନିଆଳି ଥାନାଞ୍ଚଳର ରୋହିତ କୁମାର ରାଉତ(୪୭)। ସୂଚନା ମୁତାବକ, କୃଷକ ଉନ୍ନତି ନିମନ୍ତେ କାର୍ଯ୍ୟ କରୁଥିବା ସଞ୍ଚିତା ଓ ସମୃଦ୍ଧି ଯୋଜନାରେ ଲୋକଙ୍କୁ ନିଯୁକ୍ତି ଦେବାକୁ କହି ଅଭିଯୁକ୍ତ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ଫେରାର୍ ଥିଲା। ଗତ ୨ ବର୍ଷ ପୂର୍ବେ ସେ ଚନ୍ଦ୍ରଶେଖରପୁର ଥାନା ଅଧୀନସ୍ଥ ଶୈଳଶ୍ରୀବିହାର ଅଞ୍ଚଳରେ ସଞ୍ଚିତା ଓ ସମୃଦ୍ଧି ଯୋଜନା ନାମରେ ଅଫିସ ଖୋଲି ୧୦ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲା। ରାଜ୍ୟର ବିଭିନ୍ନ ବ୍ଲକ୍ ଅଞ୍ଚଳର ଯୁବକ, ମହିଳା, ବୃଦ୍ଧଲୋକଙ୍କୁ ମାଗଣାରେ ଲାପଟପ୍ ଦେବାକୁ କହିଥିଲା। ଏହାସହ ଏହି ଯୋଜନାରେ ବିଭିନ୍ନ ନିଯୁକ୍ତି ଦେବା ନେଇ ଖବରକାଗଜରେ ମଧ୍ୟ ପ୍ରକାଶ କରାଯାଇଥିଲା। ଏହି ଖବର ପଢ଼ି ଶହ ଶହ ଲୋକ, ଯୁବତୀଯୁବକମାନେ ଚାକିରି ପାଇବା ଆଶାରେ ୨୦-୩୦ ହଜାର ଟଙ୍କା କମ୍ପାନୀକୁ ଦେଇଥିଲେ। ପ୍ରାୟ ୨ ବର୍ଷରେ ୨ କୋଟି ଟଙ୍କା ଆଦାୟ କରିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଅଫିସ ବନ୍ଦ କରି ଫେରାର୍ ହୋଇଯାଇଥିଲା। ଏ ନେଇ ଟଙ୍କା ଦେଇଥିବା ଲୋକେ ନିରାଶ ହୋଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ୪୦୭/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ବୁଧବାର କଟକ ଜିଲା ନିଆଳି ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।




ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ ବୁଧବାର ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନରେ ହେଲ୍‌ପ ଲାଇନ ୧୮୨ ଓ ଆପତ୍ତକାଳୀନ ଚେନ ପୁଲିଂ ବିଷୟରେ ଯାତ୍ରୀଙ୍କୁ ସଚେତନତା କରାଯାଉଛି।

## ଉତ୍କଳ ବିଶ୍ୱବିଦ୍ୟାଳୟ ପାଳିବ ପ୍ଲାଟିନମ୍ ଜୁବିଲି

# ଛାତ୍ରୀଛାତ୍ରଙ୍କ ଯୋଗାଯୋଗରେ ରହିବେ ଅଧ୍ୟାପକ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

- ପ୍ରତି ୮ ପିଲା ଓ ଅଭିଭାବକଙ୍କ ପାଇଁ ଜଣେ ଅଧ୍ୟାପକ
- ପାଠ ପଢ଼ାଇବାକୁ ପୁରାତନ ପିଲାଙ୍କୁ ନିମନ୍ତ୍ରିତ କରାଯିବ

୭୫ବର୍ଷରେ ପଦାର୍ପଣ କରିଛି ଉତ୍କଳ ବିଶ୍ୱବିଦ୍ୟାଳୟ। ଆସନ୍ତା ନଭେମ୍ବର ୨୩ରୁ ୨୭ ପାଞ୍ଚଦିନ ଧରି ପ୍ଲାଟିନମ୍ ଜୁବିଲି ପାଳନ କରିବ ବିଶ୍ୱବିଦ୍ୟାଳୟ। ଜୟନ୍ତୀ ପାଳନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ରୂପରେଖ କିପରି ହେବ ଓ କେଉଁମାନଙ୍କୁ ଅତିଥିଭାବେ ଆମନ୍ତ୍ରିତ କରାଯିବ ସେନେଇ ଆଲୋଚନା ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି, ରେଜିଷ୍ଟ୍ରାର, ସମସ୍ତ ବିଭାଗର ମୁଖ୍ୟ ଉପସ୍ଥିତ ରହି ମତାମତ ଓ ପ୍ରସ୍ତାବ ରଖିଛନ୍ତି। ପୁଣିଥରେ ବୈଠକ ବସି ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

ଅନ୍ୟପକ୍ଷରେ ମନ୍ତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଶ୍ୱବିଦ୍ୟାଳୟ ପରିଚାଳନା ଓ ଶିକ୍ଷାଦାନ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ର, ଅଧ୍ୟାପକ ଏବଂ ଅଭିଭାବକଙ୍କ ମଧ୍ୟରେ କିପରି ଉତ୍ତମ ସମନ୍ୱୟ ରହିବ ସେ ନେଇ ଆଲୋଚନା ହୋଇଛି। ଆଗକୁ ପ୍ରତି ବିଭାଗର ଅଧ୍ୟାପକଙ୍କ ମଧ୍ୟରେ ଛାତ୍ରୀଛାତ୍ରଙ୍କ ତାଲିକା ବାଣ୍ଟି ଦିଆଯିବ। ୮ଜଣ ପିଲାଙ୍କ ଦାୟିତ୍ୱରେ ରହିବେ ଜଣେ ଲେଖାଏ ଅଧ୍ୟାପକ। ପିଲା ଓ ସେମାନଙ୍କ ଅଭିଭାବକଙ୍କଠାରୁ ସିଧାସଳଖ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବେ। ଏହାସହ ବିଶ୍ୱବିଦ୍ୟାଳୟରେ କରାଯାଉଥିବା ସେମିନାର ଓ ଅନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମଗୁଡ଼ିକରେ ଯେଉଁ ପିଲାମାନେ ଭାଗ ନେଉଥିବେ ସେମାନଙ୍କ ଅଭିଭାବକଙ୍କୁ ସେଠାକୁ ନିମନ୍ତ୍ରିତ ମଧ୍ୟ କରାଯିବ। ଏହାସହ ପୁରାତନ ଛାତ୍ରୀଛାତ୍ରଙ୍କ ସହ ମଧ୍ୟ ଯୋଗାଯୋଗ ରଖାଯିବ। ସେମାନେ ବିଶ୍ୱବିଦ୍ୟାଳୟ ଆସି ପିଲାଙ୍କୁ ପାଠ ପଢ଼ାଇବେ ବୋଲି ଆଲୋଚନାରେ ପ୍ରସ୍ତାବ ଦିଆଯାଇଛି।

## ରେଲୱେ ଶ୍ରମିକ ୟୁନିୟନର ଆନ୍ଦୋଳନ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ରେଲୱେର ଘରୋଇକରଣକୁ ବିରୋଧ କରି ପୂର୍ବତଟ ରେଳପଥ ଶ୍ରମିକ ୟୁନିୟନ ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ ମୁଖ୍ୟାଳୟ ରେଳ ସଦନ ସମ୍ମୁଖରେ ବୁଧବାର ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରାଯାଇଥିଲା। ସକାଳ ୧୦ଟାରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ସଂଘର କର୍ମକର୍ତ୍ତା ଧାରଣା ଦେବାପରେ ମହାପ୍ରବନ୍ଧକଙ୍କୁ ଭେଟିଥିଲେ। ଏଥିରେ ପୂର୍ବତଟ ରେଳପଥର ସମସ୍ତ ଡିଭିଜନର କର୍ମକର୍ତ୍ତା ସାମିଲ ଥିଲେ। ପରେ ସଂଘର କର୍ମକର୍ତ୍ତା ମହା ପ୍ରବନ୍ଧକ ବିଦ୍ୟା ଭୂଷଣଙ୍କୁ ଭେଟି ଏକ ଅନୁବୋଧକ ପତ୍ର ଦେଇଥିଲେ। ପୂର୍ବତଟ ରେଳପଥ ବ୍ୟତୀତ ଦେଶର ବିଭିନ୍ନ ସ୍ଥାନରେ ବୁଧବାର ଅଲ୍ ଇଣ୍ଡିଆ ରେଲୱେ ମେନ୍‌ସ ଫେଡେରେଶନ ପକ୍ଷରୁ ମଧ୍ୟ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି।

## ସିଭି ରମଣରେ ଆଇପିଆର, ପାଟେଣ୍ଟ ଫାଇଲିଂ କର୍ମଶାଳା

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ବର୍ତ୍ତମାନ ଭାରତ ବର୍ଷରେ ଷ୍ଟାର୍ଟଅପ୍ ଓ ଇନୋଭେଶନକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଆଇପିଆର (ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟି ରାଇଟ୍ସ) ଓ ପାଟେଣ୍ଟ ଫାଇଲିଂ ଜରୁରୀ ହୋଇପଡ଼ିଛି। ଏହି ପିଢ଼ିର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଆଇପିଆର୍ ଓ ପାଟେଣ୍ଟ ଫାଇଲିଂର ମହତ୍ତ୍ୱକୁ ଜାଣିବା ଦରକାର। ସିଭି ରମଣ କଲେଜରେ ଆୟୋଜିତ ଦୁଇଦିନିଆ କର୍ମଶାଳାରେ କଲେଜ ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ ଏହା କହିଛନ୍ତି। କର୍ମଶାଳାରେ ଗୁଜରାଟ ଟେକ୍ନିକାଲ ୟୁନିଭର୍ସିଟି ଇନୋଭେଶନ କାଉନ୍‌ସିଲ୍‌ର ନିର୍ଦ୍ଦେଶକ ହିରନମୟ ମହନ୍ତ, ଜିଟିୟୁ ଆଇପିଆର୍ ସେଲ୍‌ର ଆସିଷ୍ଟାଣ୍ଟ ପ୍ରଫେସର ଅମିତ ପଟେଲ, ସିଆଇଆଇର୍ ଉପନିର୍ଦ୍ଦେଶକ ଅନିଲ ପାଣ୍ଡେ ଏବଂ ପାଟେଣ୍ଟ ଓ ଟ୍ରେଡ୍‌ମାର୍କ ଆର୍ଟର୍ନି ହରପ୍ରୀତ ସିଂ ବଙ୍କେର ପ୍ରମୁଖ ଯୋଗଦେଇଥିଲେ। ପ୍ରୋଜେକ୍ଟ ଆଇଡିଆକୁ ସୁରକ୍ଷିତ ରଖିବା ନେଇ ଅତିଥିମାନେ ଆଲୋକପାତ କରିଥିଲେ। କଲେଜ ପ୍ରିନ୍ସିପାଲ ଭବେଶ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।




## ବିର୍ଲା ସ୍କୁଲ ଅଫ୍ କମର୍ସ ପକ୍ଷରୁ ଜାତୀୟ କର୍ମଶାଳା

**ଭୁବନେଶ୍ୱର,୨୩।୧୦**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ସ୍କୁଲ ଅଫ୍ କମର୍ସ ପକ୍ଷରୁ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଅର୍ଥ ବ୍ୟବସ୍ଥାରେ ରହିଥିବା ସମସ୍ୟା, ଚ୍ୟାଲେଞ୍ଜ ଏବଂ ସମ୍ଭାବନା ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ରିଲାଏନ୍ସ ରିଟେଲ ଇନସ୍ୟୁରାନ୍ସର ସିଇଓ ସଲୀଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦେଶର ଆର୍ଥିକ ସ୍ଥିତିର ବିଭିନ୍ନ ଦିଗ ଉପରେ ସେ ମତ ରଖିଥିଲେ। ନାଲ୍‌କୋ ବିତ୍ତ ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ବିଜିୟୁ କୁଳପତି ସୁଧାକର ପଣ୍ଡା, ରେଜିଷ୍ଟ୍ରାର ପ୍ରଫେସର ବି.କେ.ଦାସ, ଡିନ୍ ପ୍ରଫେସର ସାମସନ ମହାରଣା, ଡ.ଭି.ସୁମୁଗମ, ଜନକଲ୍ୟାଣ ମାଇକ୍ରୋଫାଇନାନ୍ସ ଅଧ୍ୟକ୍ଷ ଏସ୍.କେ.ମିତ୍ର, ୱାଲେଟ ଫର ୱେଲଥର ଏମ୍‌ଡି ତ୍ରିନାଥ ଲେଙ୍କା, ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କମର୍ସ ବିଭାଗ ମୁଖ୍ୟ ପ୍ରଫେସର ପ୍ରବୋଧ ହୋତା ଏଫଂ ପ୍ରଫେସର ବିମଳ ଚନ୍ଦ୍ର ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। କର୍ପୋରେଟ ଫାଇନାନ୍ସ, ବ୍ୟାଙ୍କିଙ୍ଗ ସିଷ୍ଟମ, ଉଦ୍ୟୋଗ ବିକାଶ, ସାଇବର କ୍ରାଇମ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ବିତ୍ତୀୟ ନୀତି ଭଳି ପ୍ରସଙ୍ଗ ଉପରେ ଏଠାରେ ମତ ପ୍ରକାଶ ପାଇଛି।




# ଭାଙ୍ଗିଲା ଜୟଦେବ ଟାୱାରର ବେଆଇନ ନିର୍ମାଣ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ବିଲ୍ଡିଂ ପ୍ଲାନ ନ ମାନିବାରୁ ଉଚ୍ଛେଦ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ଦିଆଯାଇଥିବା ବିଲ୍ଡିଂ ପ୍ଲାନ ଅନୁସାରେ ଗୃହ ନ କରିବାରୁ ଜୟଦେବ ବିହାରସ୍ଥିତ ଜୟଦେବ ଟାୱାରରେ ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଉଚ୍ଛେଦ କରାଯାଇଛି। ବୁଧବାର ହୋଇଥିବା ଏହି ଉଚ୍ଛେଦରେ ଟାୱାରର କିଛି ଅଂଶ ଭଙ୍ଗା ଯାଇଥିବା ବେଳେ ଗୁରୁବାର ବିଲ୍ଡିଂର ଉପର ମହଲା ଓ ପାର୍କିଂ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭଙ୍ଗାଯିବ। ବିଡିଏର ବିନା ଅନୁମତିରେ ବିଲ୍ଡିଂରେ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ହୋଇଥିବାରୁ ଏହି ଉଚ୍ଛେଦ କରାଯାଇଛି ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ବିଡିଏ ସ୍କ୍ୱାଡ ଭାଙ୍ଗିବାକୁ ଆସିଥିବା ବେଳେ ବିଲ୍ଡିଂରେ ଘର କିଣିଥିବା ଲୋକମାନେ ବେଶ୍ ଖୁସି ଥିବା ପରିଲକ୍ଷିତ ହୋଇଥିଲା। କାରଣ ଦୀର୍ଘଦିନ ହେବ ଏଠାରେ ସେମାନେ ଘର କିଣି ରହୁଥିଲେ ମଧ୍ୟ ଗାଡ଼ି ପାର୍କିଂ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। କାରଣ ୨୦୦୦ରେ ନିର୍ମାଣ ହୋଇଥିବା ଏହି ଟାୱାର ୫ ମହଲା ପର୍ଯ୍ୟନ୍ତ ଅନୁମତି ପାଇଥିବା ବେଳେ ଏହାର ମାଲିକ ସତ୍ୟଶେଖର ରଥ ବେଆଇନ ଭାବେ ଆଉ ଗୋଟିଏ ମହଲା ବଢ଼ାଇ ଦେଇଥିଲେ। ସେହିପରି ପାର୍କିଂ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ମଧ୍ୟ ଘର ନିର୍ମାଣ କରି କେତେଜଣ ଲୋକଙ୍କୁ ଭଡ଼ା ଦେଇଥିଲେ। ଯେଉଁଥିପାଇଁ ପୂର୍ବରୁ ଘର କିଣିଥିବା ଲୋକମାନେ ନିଜର ଗାଡ଼ି ପାର୍କିଂ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ହେଲେ ବୁଧବାର ଏହା ଭଙ୍ଗାଯିବା ପରେ ଏଠାରେ ରହୁଥିବା ଲୋକମାନେ ଗାଡ଼ି ପାର୍କିଂ କରିବାକୁ ସୁବିଧା ପାଇଛନ୍ତି ବୋଲି ପ୍ରକାଶ ପାଇଛି। ତେବେ ବେଆଇନ ନିର୍ମାଣ ପାଇଁ ବିଲ୍ଡରଙ୍କ ନାଁରେ କେସ୍ ହେବା ପରେ ହାଇକୋର୍ଟ ପର୍ଯ୍ୟନ୍ତ ବି ମାମଲା ଯାଇଥିଲା। ହେଲେ ସବୁଆଡୁ ମାମଲା ହାରିବା ପରେ ବିଡିଏକୁ ବିଲ୍ଡିଂର ବେଆଇନ ଅଂଶକୁ ଭାଙ୍ଗିବା ପାଇଁ ଅନୁମତି ମିଳିଥିଲା। ଏହି ଆପାର୍ଟମେଣ୍ଟଟି ବେଆଇନ୍ ଭାବେ ନିର୍ମାଣ କରାଯାଇଥିବାରୁ ଏହାକୁ ଭଙ୍ଗିବା ପାଇଁ ସମ୍ପୃକ୍ତ ମାଲିକଙ୍କୁ ପୂର୍ବରୁ ବିଡିଏ ପକ୍ଷରୁ ନୋଟିସ୍ ମଧ୍ୟ କରାଯାଇଥିଲା।

ବିଡିଏର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଏହି ବିଲ୍ଡିଂରେ ଗାଡ଼ି ପାର୍କିଂ ଏରିଆ ନାହିଁ। ଯେଉଁ ସ୍ଥାନରେ ପାର୍କିଂ କରିବା କଥା ସେଠାରେ ଘର କରି ଭଡ଼ାରେ ଲଗାଯାଇଛି। ଏହାସହ ବିଡିଏଠାରୁ ଅନୁମତି ମିଳିଥିବା ମହଲାଠାରୁ ମଧ୍ୟ ଏଠାରେ ଅଧିକ ମହଲା ବଢ଼ାଯାଇଛି। ଦୀର୍ଘଦିନ ହେବ ଏହି ବେଆଇନ୍ କୋଠାଟି ନିର୍ମାଣ ହୋଇଥିବା ବେଳେ ୨୦୦୮ ସର୍ବକ୍ଷମାରେ ନିୟମିତ କରିବାକୁ ଆବେଦନ ହୋଇଥିଲା। ମାତ୍ର ତାହା ଖାରଜ ହୋଇଥିବା ଯୋଗୁ, ହାଇକୋର୍ଟରେ ମଧ୍ୟ ମାମଲା ଚାଲିଥିଲା। ହାଇକୋର୍ଟ ମଧ୍ୟ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେବା ପରେ ବିଡିଏ ସମସ୍ତ ପ୍ରସ୍ତୁତି ଶେଷ କରିଛି ବୋଲି ସେ କହିଛନ୍ତି।



ଜୟଦେବ ଟାୱାରର ପାର୍କିଂ ସ୍ଥାନରେ ନିର୍ମାଣ ହୋଇଥିବା କୋଠାକୁ ଭଙ୍ଗାଯାଉଛି।



ଭାରତ ପକ୍ଷରୁ କୌଣସି ପ୍ରକାର ଦୁଃସାହସିକ ପଦକ୍ଷେପ ନିଆଗଲେ ନିୟନ୍ତ୍ରଣରେଖାରେ ମୁହଁତୋଡ଼ ଜବାବ ଦେବା ପାଇଁ ସେନାମୁଖ୍ୟ ଜେନେରାଲ କମାର ଜାଭେଦ ବାଜଓ୍ୱାଙ୍କୁ ନିର୍ଦ୍ଦେଶ ଦେଇଛି।

- ଇମ୍ରାନ୍ ଖାନ, ପାକିସ୍ତାନ ପ୍ରଧାନମନ୍ତ୍ରୀ



# ଧରାପଡ଼ିଲା ପାକ୍‌ର କେ୨ ଯୋଜନା

ନୂଆଦିଲ୍ଲୀ,୨୩।୧୦

- କଶ୍ମୀର ଓ ପଞ୍ଜାବରେ ଅସ୍ଥିରତା ସୃଷ୍ଟି ଉଦ୍ୟମ
- ଖଲିସ୍ତାନୀ ଆତଙ୍କବାଦୀଙ୍କୁ ପ୍ରସ୍ତୁତ କରୁଛି ଆଇଏସ୍‌ଆଇ




ଭାରତରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ପାଇଁ ପାକିସ୍ତାନ ଏକ ବଡ଼ଧରଣର ଯୋଜନା କରିଛି। ଖଲିସ୍ତାନୀ ଆତଙ୍କବାଦୀମାନଙ୍କୁ ସକ୍ରିୟ କରି କଶ୍ମୀର ଓ ପଞ୍ଜାବରେ ଆକ୍ରମଣ ପାଇଁ ପଡ଼ୋଶୀ ଦେଶର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଷଡ଼ଯନ୍ତ୍ର ରଚିଥିବା ଜଣାପଡ଼ିଛି। ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଏହି ତଥ୍ୟ ପ୍ରଘଟ କରିବା ପରେ ଦୁଇ ରାଜ୍ୟର ସୀମାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ମିଳିଥିବା ସୂଚନାନୁସାରେ ପାକିସ୍ତାନ ଖଲିସ୍ତାନୀ ଆତଙ୍କବାଦୀଙ୍କ ସହ ହାତ ମିଳାଇଛି। ଏହାସହ ଏକ ନୂଆ ଆତଙ୍କବାଦୀ ସଙ୍ଗଠନ ଗଠନ କରିଛି, ଯାହାର ନାମ ହେଉଛି କଶ୍ମୀର ଖଲିସ୍ତାନ ରେଫରେଣ୍ଡମ୍ ଫ୍ରଣ୍ଟ (କେକେଆର୍‌ଏଫ୍)। ଆଇଏସ୍‌ଆଇ ଏହି ଆତଙ୍କବାଦୀ ସଙ୍ଗଠନ ପାଇଁ ଯୁବକମାନଙ୍କୁ ନିଯୁକ୍ତି ଦେଉଛି। ଏହାସହ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଭାରତରେ ଆକ୍ରମଣ ପାଇଁ ତାଲିମ ଦେଉଛି। ପଞ୍ଜାବରେ ଉଗ୍ରବାଦକୁ ବଳ ଦେବା ଲାଗି ବାବର ଖାଲସା ଖଲିସ୍ତାନୀ ଫୋର୍ସ ଏବଂ ପାକିସ୍ତାନୀ ସେନା ଆତଙ୍କବାଦୀଙ୍କୁ ନିୟନ୍ତ୍ରଣରେଖା (ଏଲ୍‌ଓସି) ନିକଟରେ ଏକତ୍ରିତ କରିଛନ୍ତି। ଡ୍ରୋନ୍ ସାହାଯ୍ୟରେ ଅସ୍ତ୍ରଶସ୍ତ୍ର ପଠାଇବା ସକାଶେ କେ୨ (କଶ୍ମୀର ଓ ଖଲିସ୍ତାନ) ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି। ଦୁଇରାଜ୍ୟରେ ଏକକାଳୀନ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇ ଭାରତୀୟ ସେନାକୁ ଟାର୍ଗେଟ କରିବା ହେଉଛି କେ୨ ଯୋଜନାର ଉଦ୍ଦେଶ୍ୟ। ପଞ୍ଜାବ ସୀମାରେ ଅନୁପ୍ରବେଶ ପାଇଁ ଆତଙ୍କବାଦୀମାନେ ପ୍ରସ୍ତୁତ ହେଉଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମୁକାବିଲା ପାଇଁ କେନ୍ଦ୍ର ସରକାର ମଧ୍ୟ ନୂଆ ଯୋଜନା କରିଛନ୍ତି। ପଞ୍ଜାବରେ ଏକ ଜଏଣ୍ଟ କାଉଣ୍ଟର ଅପରେଶନ୍ ସେଣ୍ଟର ପ୍ରତିଷ୍ଠା କରାଯିବ। ଏହି ଟିମ୍‌ରେ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର), ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ), ଗୋଇନ୍ଦା ବ୍ୟୁରୋ (ଆଇବି) ଏବଂ ପଞ୍ଜାବ ପୋଲିସର ଅଧିକାରୀମାନେ ରହିବେ। ଯେକୌଣସି ସମୟରେ ପାକିସ୍ତାନୀ ଆତଙ୍କବାଦୀ ସୀମାରେ ଅନୁପ୍ରବେଶ କଲେ ସେମାନେ ଆଗୁଆ ସୂଚନା ପାଇ ସୁରକ୍ଷା ବଳକୁ ସଜାଗ କରାଇବେ।

## ୧୭ ଜଣିଆ କମିଟି ଗଢ଼ିଲେ ସୋନିଆ

ନୂଆଦିଲ୍ଲୀ,୨୩।୧୦(ପି.ଟି.)

### ୨୫ରେ ସମୀକ୍ଷା ବୈଠକ



ନିର୍ବାଚନ ପରବର୍ତ୍ତୀ ସ୍ଥିତି ଓ ଅନ୍ୟ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା ଲାଗି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏକ ୧୭ ଜଣିଆ କମିଟି ଗଠନ କରିଛନ୍ତି। ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇବାକୁ ଥିଲାବେଳେ ଶୁକ୍ରବାର ଉକ୍ତ କମିଟିର ପ୍ରଥମ ବୈଠକ ବସିବ। ସୋନିଆଙ୍କ ନେତୃତ୍ୱରେ ଗଠିତ ଏହି କମିଟିରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ରାହୁଲ ଗାନ୍ଧୀ, ଅହମ୍ମଦ ପଟେଲ, ଗୁଲାମ ନବୀ ଆଜାଦ, ଏ.କେ. ଆଣ୍ଟୋନି, ମଲ୍ଲିକାର୍ଜୁନ ଖାର୍ଗେ, ଆନନ୍ଦ ଶର୍ମା, ଜୟରାମ ରମେଶ, ଅମ୍ବିକା ସୋନି, କପିଲ ସିବଲ, କେ.ସି. ବେଣୁଗୋପାଳ ଓ ଅଧୀର ରଞ୍ଜନ ଚୌଧୁରୀ ସଦସ୍ୟ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ରଣଦୀପ୍ ସୁର୍ଜେଓ୍ୱାଲା, ଜ୍ୟୋତିରାଦିତ୍ୟ ସିନ୍ଧିଆ, ରାଜୀବ ସତଭ ଏବଂ ସୁସ୍ମିତା ଦେବ ଏହି କମିଟିରେ ରହିଛନ୍ତି। ତେବେ ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଏହି କମିଟିରେ ନିଆଯାଇ ନାହିଁ। ଶୁକ୍ରବାର ବୈଠକରେ ନିର୍ବାଚନ ଫଳାଫଳ ବ୍ୟତୀତ ଆସାମ ଏନ୍‌ଆର୍‌ସି ଉପରେ ମଧ୍ୟ ଆଲୋଚନା ହେବ। ଏନ୍‌ଆର୍‌ସି ଚୂଡ଼ାନ୍ତ ତାଲିକାରୁ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାଦ୍ ପଡ଼ିଛନ୍ତି। ନଭେମ୍ବର ୧୮ରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେଉଥିଲାବେଳେ ଏଥିରେ ଉଠାଯିବାକୁ ଥିବା ଆର୍ଥିକ ମାନ୍ଦାବସ୍ଥା, ନିଯୁକ୍ତି ସୁଯୋଗ ସୃଷ୍ଟି ନ ହେବା ଆଦି ବିଭିନ୍ନ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇବ। ଦେଶର ଅର୍ଥନୀତିକୁ ପରିଚାଳନା କରିବାରେ ସରକାରଙ୍କ ବିଫଳତା ଆଲୋଚନାର ମୁଖ୍ୟ ରଣନୀତି ହେବ।

## ଏନ୍‌ଡିପି ସମର୍ଥନରେ ସରକାର ଗଢ଼ିବେ ଟ୍ରୁଡୋ

ଅଟ୍ଟାଓ୍ୱା,୨୩।୧୦



କାନାଡା ନିର୍ବାଚନରେ ଶାସକ ଲିବରାଲ ପାର୍ଟିକୁ ସଂଖ୍ୟାଗରିଷ୍ଠତା ମିଳିନାହିଁ। ଏଥିଯୋଗୁ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କିପରି ସଂଖ୍ୟାଲଘୁ ସରକାର ଚଳାଇବେ ସେନେଇ ଅନେକ ପ୍ରଶ୍ନ ଉଠାଯାଉଛି। ଅନ୍ୟପକ୍ଷରେ ନ୍ୟୁ ଡେମୋକ୍ରାଟିକ୍ ପାର୍ଟି (ଏନ୍‌ଡିପି) ନେତା ଜଗମିତ୍ ସିଂ ଏଥର କିଙ୍ଗ୍ ମେକର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।

୩୩୮ ଆସନ ବିଶିଷ୍ଟ ହାଉସ୍ ଅଫ୍ କମନ୍ସ ପାଇଁ ସୋମବାର ରାତିରେ ସଂଘୀୟ ନିର୍ବାଚନ ହୋଇଥିଲା। ଏଥିରେ ଲିବରାଲ ପାର୍ଟିକୁ ୧୫୭ ଆସନରେ ସଫଳତା ମିଳିଛି। ସରକାର ଗଢ଼ିବା ପାଇଁ ମ୍ୟାଜିକ୍ ନମ୍ବର ୧୭୦ ହୋଇଥିବାରୁ ଆଉ ୧୩ ଏମ୍‌ପିଙ୍କ ସମର୍ଥନ ଦରକାର। ତେଣୁ ୨୪ ଆସନରେ ବିଜୟୀ ହୋଇଥିବା ଏନ୍‌ଡିପି ସମର୍ଥନରେ ଟ୍ରୁଡୋ ଦ୍ୱିତୀୟ ପାଳି ସରକାର ଗଢ଼ିବେ ବୋଲି କୁହାଯାଉଛି। ନିର୍ବାଚନରେ ବିରୋଧୀ କଞ୍ଜର୍ଭେଟିଭ୍ ପାର୍ଟି ୧୨୧ ଆସନ ଦଖଲ କରିଛି। ସେହିପରି ବ୍ଲକ୍ କ୍ୱେବେକୋଇସ୍‌କୁ ୩୨ ଓ ଗ୍ରୀନ୍ ପାର୍ଟିକୁ ୩ ଆସନ ମିଳିଥିବାବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ଭାରତୀୟ ବଂଶୋଦ୍ଭବ ଜଗ୍‌ମିତ କହିଛନ୍ତି, ନୂଆ ସରକାର ଗଠନ ଦିଗରେ ତାଙ୍କ ଦଳ ଗଠନମୂଳକ ଭୂମିକା ନେବ। ପ୍ରଧାନମନ୍ତ୍ରୀ ଟ୍ରୁଡୋ ଖୋଲା ମନ ଓ ହୃଦୟରେ ଜନମତକୁ ସମ୍ମାନ ଦେଇ ମେଣ୍ଟ ସରକାର ପାଇଁ ବାସ୍ତବତାକୁ ହୃଦୟଙ୍ଗମ କରନ୍ତୁ।

## ତିହାର ଜେଲ୍‌ରୁ ମୁକୁଳିଲେ ଶିବକୁମାର

ନୂଆଦିଲ୍ଲୀ,୨୩।୧୦(ପି.ଟି.)

### ମନିଲଣ୍ଡରିଂ ମାମଲାରେ ଜାମିନ



୫୦ ଦିନ ତିହାର ଜେଲ୍‌ରେ ରହିବା ପରେ ଜାମିନ୍‌ରେ ମୁକୁଳିଛନ୍ତି କର୍ଣ୍ଣାଟକର ବରିଷ୍ଠ କଂଗ୍ରେସ ନେତା ଡି.କେ. ଶିବକୁମାର। ମନିଲଣ୍ଡରିଂ ମାମଲାରେ ତାଙ୍କୁ ବୁଧବାର ଦିଲ୍ଲୀ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ କରିଥିଲା। ଜଷ୍ଟିସ୍ ସୁରେଶ କୈତ୍ ଶିବକୁମାରଙ୍କୁ ଜାମିନ ମଞ୍ଜୁର କରିବା ଅବସରରେ କହିଥିଲେ, ସେ ବିଦେଶ ପଳାଇଯିବାର କୌଣସି ପ୍ରମାଣ ତଦନ୍ତକାରୀ ସଂସ୍ଥା ଦାଖଲ କରିପାରିନାହିଁ। ଯେହେତୁ ସମସ୍ତ ଦସ୍ତାବିଜ୍ ତଦନ୍ତକାରୀ ସଂସ୍ଥା ପାଖରେ ରହିଛି, ତେଣୁ ସେ ସେଥିରେ ଜାଲିଆତି କରିପାରିବେ ନାହିଁ। ଏହାବ୍ୟତୀତ ସେ କ୍ଷମତାରେ ନ ଥିବାରୁ ସେ କିମ୍ବା ତାଙ୍କ ପରିବାର ସଦସ୍ୟ ଓ ସହଯୋଗୀ ସାକ୍ଷୀଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିପାରିବେ ନାହିଁ ବୋଲି ବିଚାରପତି କହିଥିଲେ। ତାଙ୍କୁ ୨୫ ଲକ୍ଷ ଟଙ୍କାର ବଣ୍ଡ ସମେତ ସମପରିମାଣର ଅନ୍ୟ ଦୁଇଟି ସିଓରିଟି ବଣ୍ଡ ଦାଖଲ କରି ଜାମିନରେ ଯିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାମଲା ବିଚାରାଧୀନ ଥିବାରୁ ତଳକୋର୍ଟଙ୍କ ଅନୁମତି ବିନା ସେ ଦେଶ ଛାଡ଼ି ଯାଇପାରିବେ ନାହିଁ, ଜେରା ପାଇଁ ଆବଶ୍ୟକ ପଡ଼ିଲେ ଉପସ୍ଥିତ ହେବେ ଏବଂ ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ ବୋଲି ହାଇକୋର୍ଟ ଜାମିନରେ ଛାଡ଼ିବା ନିମନ୍ତେ ସର୍ତ୍ତ ରଖିଛନ୍ତି।

ସେପ୍ଟେମ୍ବର ୩ରୁ ଇଡି ଦ୍ୱାରା ଗିରଫ ହୋଇ ତିହାର ଜେଲ୍‌ରେ ଥିବା ଶିବକୁମାର ତଳକୋର୍ଟଙ୍କ ଜାମିନ ନାମଞ୍ଜୁର ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୁଧବାର ତିହାର ଜେଲ୍ ଯାଇ ଶିବକୁମାରଙ୍କୁ ଭେଟିଥିଲେ। ଦଳ ପକ୍ଷରୁ ତାଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସୋନିଆ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ୧୦୦୦ କୋଟିର ହାୱାଲା କାରବାର

ନୂଆଦିଲ୍ଲୀ,୨୩।୧୦(ପି.ଟି.)

### ଆୟକର ବିଭାଗ ଚଢ଼ାଉ

ଦିଲ୍ଲୀରେ ଆୟକର ବିଭାଗ ପକ୍ଷରୁ ହୋଇଥିବା ଏକ ବଡ଼ଧରଣର ଚଢ଼ାଉ ବେଳେ ୧,୦୦୦ କୋଟି ଟଙ୍କା ହାୱାଲା କାରବାରର ପର୍ଦ୍ଦାଫାଶ କରାଯାଇଛି। ଇ-ଗଭର୍ନାନ୍ସ ପ୍ରକଳ୍ପ ଓ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥା ଅଲଙ୍କିତ୍ ଗ୍ରୁପ୍ ମନିଲଣ୍ଡରିଂରେ ମଧ୍ୟ ସମ୍ପୃକ୍ତ ଥିବା ଯାଞ୍ଚବେଳେ ଜଣାପଡ଼ିଛି। ବ୍ୟାପକ ଟିକସ ଠକେଇ ହୋଇଥିବା ନେଇ ଅନେକ ପ୍ରମାଣ ସମ୍ବଳିତ ଦସ୍ତାବିଜ ମିଳିଛି। ଦେଶର ଅନେକ ସହର ଓ ଦୁବାଇରେ ଏହି ସଂସ୍ଥାର ଅଫିସ ରହିଥିବା ଜଣାପଡ଼ିଛି। ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ଏହି ସଂସ୍ଥା ସ୍କାନରରେ ଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ କୁହାଯାଇଛି।


# ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

## ଘୋଷଣା

**File No. L.A-IX-012/2017/ 12262** **Dated 09.08.2019**

**No.XXXIII-07:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ମଳିପଡ଼ା**, ଥାନା-**ଚନ୍ଦକା**, ତହସିଲ-**ଭୁବନେଶ୍ୱର**, ଜିଲ୍ଲା-**ଖୋର୍ଦ୍ଧା**ରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା-ନାକାଗେଟଠାରୁ କାଟେଣି ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ (୪ଥାକିଆ) ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୯୬୨, ତା୧୨।୦୭।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ମଳିପଡ଼ା**, ଥାନା-**ଚନ୍ଦକା**, ଜିଲ୍ଲା-ଖୋର୍ଦ୍ଧାରେ କୌଣସି ବିସ୍ଥାପିତ ପରିବାର ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **http://www.khordha.nic.in** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଖୋର୍ଦ୍ଧା ତହସିଲ: ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା ଏକରରେ | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମଳିପଡ଼ା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୧୭.୩୬୦ | ୫.୩୩୧ | ଏଥି ସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଖୋର୍ଦ୍ଧା ତହସିଲ: ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୧୧।୦୮।୨୦୧୯।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଖୋର୍ଦ୍ଧା

ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା
ମୌଜା: ମଳିପଡ଼ା, ଜିଲ୍ଲା: ଖୋର୍ଦ୍ଧା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମଳିପଡ଼ା | ଗ୍ରାମାଞ୍ଚଳ | ୬୦ | ୯୫୮ | ଶାରଦ-୨ | ଏ. ୦.୧୬୦ | ଏ. ୦.୦୫୨ | କେଶବ ସେନାପତି, ପି: ମଦନ ସେନାପତି |
| | | ୩୬୪ | ୬୨୦ | ଶାରଦ-୨ | ଏ. ୨.୦୫୦ | ଏ. ୦.୨୨୫ | ଶ୍ରୀ ରାଧାକୃଷ୍ଣ ଠାକୁର ବିଜେ, ନିଜଗାଁ ମାର୍ଫତ, ବା: ହାଡୁ ମୁଦୁଲି, ପି: ରାହାସ ମୁଦୁଲି ଓଗେର |
| | | ୧୯୦ | ୯୫୭ | ଘରବାରି | ଏ. ୦.୧୪୧ | ଏ. ୦.୧୨୪ | କାନ୍ତା ସେନାପତି, ସ୍ୱା: ବଂଶୀଧର ସେନାପତି ଓଗେର |
| | | ୩୬୫/ ୩୯୧୬ | ୯୫୬/ ୧୦୩୫ | ଶାରଦ-୩ | ଏ. ୦.୩୬୫ | ଏ. ୦.୦୬୯ | ସୁବାସ ଚନ୍ଦ୍ର ବଡ଼ଜେନା ଓଗେର |
| | | ୩୬୫/ ୩୨୭୬ | ୬୨୨ | ଘରବାରି | ଏ. ୦.୦୭୫ | ଏ. ୦.୦୭୫ | ସନ୍ତୋଷ କୁମାର ନନ୍ଦ, ପି: ତ୍ରିଲୋଚନ ନନ୍ଦ |
| | | ୩୬୫/ ୪୦୯ | ୬୨୧ | ଶାରଦ-୨ | ଏ. ୦.୧୬୫ | ଏ. ୦.୦୨୧ | ମହେଶ୍ୱର ସେନାପତି, ପି: ଲୋକନାଥ ସେନାପତି |
| | | ୧୦୭ | ୬୨୪ | ଶାରଦ-୨ | ଏ. ୦.୦୬୦ | ଏ. ୦.୦୬୦ | ଦିବ୍ୟସିଂହ ମୁଦୁଲି, ନରସିଂହ ମୁଦୁଲି |
| | | ୩୬୫/ ୩୪୮୧ | ୬୨୬ | ଶାରଦ-୨ | ଏ. ୦.୨୭୫ | ଏ. ୦.୧୨୪ | କୁମୁଦିନୀ ଛୋଟରାୟ, ସ୍ୱା: ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ ଓଗେର |
| | | ୧୮୪ | ୬୦୮/ ୧୦୪୪<br>୫୯୯ | ନାଳ<br>ଶାରଦ-୨ | ଏ. ୦.୧୪୦<br>ଏ. ୦.୪୭୫ | ଏ. ୦.୦୩୪<br>ଏ. ୦.୨୦୬ | ରାଜ ରାଜେଶ୍ୱରୀ ପଟ୍ଟନାୟକ, ସ୍ୱା: ମହେନ୍ଦ୍ର ନାଥ ପଟ୍ଟନାୟକ ଓଗେର |
| | | ୩୬୫/ ୩୧୬୪ | ୫୯୮ | ଶାରଦ-୨ | ଏ. ୦.୦୫୦ | ଏ. ୦.୦୧୦ | ବୀଣାପାଣି ପଟ୍ଟନାୟକ, ସ୍ୱା: ହିମାଂଶୁ ଶେଖର ପଟ୍ଟନାୟକ |
| | | ୨୩୬ | ୬୩୩ | ଶାରଦ-୩ | ଏ. ୦.୦୨୪ | | ବିରଞ୍ଚି ନାରାୟଣ ହରିଚନ୍ଦନ, ପି: ବନ ବିହାରୀ ନରେନ୍ଦ୍ର ମହାପାତ୍ର ଓଗେର |
| | | ୩୬୫/ ୬୩୩ | ୬୩୩/ ୧୭୭୫ | ଶାରଦ-୩ | ଏ. ୦.୦୮୦ | | ସଂଗ୍ରାମ କେଶରୀ ମହାପାତ୍ର, ପି: ନାରାୟଣ ମହାପତ୍ର |
| | | ୩୬୫/ ୧୯୯୬ | ୬୩୩/ ୩୧୧୫ | ଘରବାରି | ଏ. ୦.୦୫୬ | | ଭିକାରି ଚରଣ ସାହୁ, ପି: ଗୌରାଙ୍ଗ ଚରଣ ସାହୁ |
| | | ୩୬୫/ ୨୧୬୫ | ୬୩୩/ ୩୨୭୮ | ଘରବାରି | ଏ. ୦.୦୫୧ | | ଶ୍ରୀନିବାସ କାନୁନଗୋ, ପି: ସାଧୁ ଚରଣ କାନୁନଗୋ |
| | | ୩୬୫/ ୩୪୧୩ | ୬୩୩/ ୩୪୦୬ | ଘରବାରି | ଏ. ୦.୦୬୮ | | ପଞ୍ଚାନନ ସାହୁ, ପି: ଲୋକନାଥ ସାହୁ |
| | | ୩୬୫/ ୩୪୧୫ | ୬୩୩/ ୩୪୦୭ | ଘରବାରି | ଏ. ୦.୦୨୭ | | ରଜନୀକାନ୍ତ ସାହୁ, ପି: ପ୍ରଫୁଲ୍ଲ କୁମାର ସାହୁ |
| | | ୩୬୫/ ୩୪୧୪ | ୬୩୩/ ୩୪୦୭/୩୮୪୮ | ଘରବାରି | ଏ. ୦.୦୩୯ | | ପଞ୍ଚାନନ ସାହୁ, ପି: ଲୋକନାଥ ସାହୁ |
| | | ୩୬୫/ ୩୪୧୬ | ୬୩୩/୩୯୪୭/୩୮୪୯ | ଘରବାରି | ଏ. ୦.୦୨୫ | | ରଜନୀକାନ୍ତ ସାହୁ, ପି: ପ୍ରଫୁଲ୍ଲ କୁମାର ସାହୁ |
| | | ୩୬୫/ ୩୪୯୮ | ୬୩୩/୩୯୪୭/୩୯୨୦ | ଘରବାରି | ଏ. ୦.୦୩୫<br>ଏ. ୦.୪୦୫ | ଏ. ୦.୨୧୩ | ତପନ କୁମାର ବେହେରା, ପି: ପୂର୍ଣ୍ଣଚନ୍ଦ୍ର ବେହେରା |
| | | ୩୬୫/ ୧୫୦୯ | ୬୩୪ | ଶାରଦ-୧ | ଏ. ୦.୦୨୦ | ଏ. ୦.୦୨୦ | ଉମାକାନ୍ତ ରାଉତରାୟ, ପି: ନାରାୟଣ ରାଉତରାୟ ଓଗେର |
| | | ୨୮୪ | ୫୯୭ | ଶାରଦ-୩ | ଏ ୦.୦୯୨ | | ଭିକାରି ପଟ୍ଟନାୟକ, ଦିବ୍ୟସିଂହ ପଟ୍ଟନାୟକ, ପି: ଦାମ ପଟ୍ଟନାୟକ ଓଗେର |
| | | ୩୬୫/ ୧୭୩୨ | ୫୯୭/ ୨୮୬୭ | ଘରବାରି | ଏ. ୦.୦୬୧ | | ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପି: ଅଲେଖ ଚରଣ ପଟ୍ଟନାୟକ |
| | | ୩୬୫/ ୧୭୩୩ | ୫୯୭/ ୨୮୬୮ | ଘରବାରି | ଏ. ୦.୦୬୨<br>ଏ. ୦.୨୧୫ | ଏ. ୦.୧୩୬ | ସତ୍ୟପ୍ରିୟ ପଟ୍ଟନାୟକ, ପି: ଅଲେଖ ଚରଣ ପଟ୍ଟନାୟକ |
| | | ୨୮୪ | ୫୯୬ | ଶାରଦ-୧ | ଏ. ୦.୦୪୪ | ଏ. ୦.୦୧୦ | ଭିକାରି ପଟ୍ଟନାୟକ, ଦିବ୍ୟସିଂହ ପଟ୍ଟନାୟକ, ପି: ଦାମ ପଟ୍ଟନାୟକ |
| | | ୧୨୦ | ୬୩୫ | ଶାରଦ-୩ | ଏ. ୦.୨୮୫ | ଏ. ୦.୧୭୩ | ଧୂମ ଗଜେନ୍ଦ୍ର, ସର୍ବେଶ୍ୱର ଗଜେନ୍ଦ୍ର, ସୁରଥ ଗଜେନ୍ଦ୍ର, ପି: ହଟ ଗଜେନ୍ଦ୍ର ଓଗେର |
| | | ୨୯ | ୫୯୧ | ଶାରଦ-୨ | ଏ. ୦.୧୫୭ | | ଈଶର ମୁଦୁଲି, ପି: ବନ୍ଧୁ ମୁଦୁଲି |
| | | ୩୬୫/ ୩୦୪୫ | ୫୯୧/ ୩୫୨୪ | ଶାରଦ-୨ | ଏ. ୦.୦୬୬ | | କିର୍ତ୍ତୀପ୍ରଭା ମହାନ୍ତି, ସ୍ୱା: ଦିଲ୍ଲୀପ କୁମାର ଦାସ |
| | | ୩୬୫/ ୨୧୬୫ | ୬୩୩/ ୩୨୭୮ | ଘରବାରି | ଏ. ୦.୦୫୧ | | ଶ୍ରୀନିବାସ କାନୁନଗୋ, ପି: ସାଧୁ ଚରଣ କାନୁନଗୋ |
| | | ୩୬୫/ ୩୬୫୯ | ୫୯୧/ ୪୦୦୧ | ଶାରଦ-୨ | ଏ ୦.୦୧୭<br>ଏ. ୦.୨୪୦ | ଏ ୦.୨୧୭ | ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପି: ଅଲେଖ ଚନ୍ଦ୍ର ପଟ୍ଟନାୟକ |
| | | ୩୬୫/ ୮୮୭ | ୫୮୯ | ଘରବାରି | ଏ ୦.୨୭୦ | ଏ. ୦.୦୦୬ | ଦିଲ୍ଲୀପ କୁମାର ଖଟାଇ, ପି: ରାଜନ ଖଟାଇ |
| | | ୬୫ | ୫୮୮ | ଶାରଦ-୩ | ଏ. ୦.୨୯୫ | ଏ. ୦.୦୭୨ | ଗୟାଧର ମହାପାତ୍ର, ବିନୋଦ ମହାପାତ୍ର, ଆନନ୍ଦ ମହାପାତ୍ର |
| | | ୨୬୪ | ୫୯୦ | ଶାରଦ-୨ | ଏ. ୦.୦୦୬ | | ଭ୍ରମରବର ଛୋଟରା, ପି: କୁଞ୍ଜ ବିହାରୀ ଛୋଟରା |
| ମଳିପଡ଼ା | ଗ୍ରାମାଞ୍ଚଳ | ୩୬୫/ ୧୭୯୦ | ୫୯୦/ ୨୯୨୩ | ଶାରଦ-୨ | ଏ. ୦.୦୨୪<br>ଏ. ୦.୦୩୦ | ଏ. ୦.୦୩୦ | ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ପି: ଭ୍ରମରବର ଛୋଟରାୟ |
| | | ୨୬୫ | ୬୩୬ | ଶାରଦ-୨ | ଏ ୦.୪୨୦ | ଏ. ୦.୦୩୫ | ଭ୍ରମରବର ଛୋଟରାୟ, ପି: କୁଞ୍ଜ ବିହାରୀ ଛୋଟରାୟ |
| | | ୧୮୬ | ୬୪୧ | ଶାରଦ-୨ | ଏ. ୦.୧୨୦ | | ବଂଶୀଧର ମାନସିଂହ, ମାୟାଧର ମାନସିଂହ |
| | | ୩୬୫/ ୩୯୨୧ | ୬୪୧/ ୪୫୩୭ | ଶାରଦ-୧ | ଏ. ୦.୧୨୦<br>ଏ. ୦.୬୬୦ | ଏ. ୦.୧୩୨ | ସୁବ୍ରତ କୁମାର କର, ପି: ନିରଞ୍ଜନ କର |
| | | ୨୬୪ | ୫୮୭ | ଶାରଦ-୨ | ଏ. ୦.୦୧୨ | | ଭ୍ରମରବର ଛୋଟରା, ପି: କୁଞ୍ଜ ବିହାରୀ ଛୋଟରା |
| | | ୩୬୫/ ୧୭୯୦ | ୫୮୭/ ୨୯୨୪ | ଶାରଦ-୨ | ଏ. ୦.୦୫୮<br>ଏ. ୦.୦୭୦ | ଏ. ୦.୦୫୦ | ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ପି: ଭ୍ରମରବର ଛୋଟରାୟ |
| | | ୧୮୩ | ୬୪୨ | ଶାରଦ-୨ | ଏ. ୦.୭୪୫ | ଏ. ୦.୦୮୬ | ରାଜ ରାଜେଶ୍ୱରୀ ପଟ୍ଟନାୟକ, ସ୍ୱା: ମହେନ୍ଦ୍ର ନାଥ ପଟ୍ଟନାୟକ ଓଗେର |
| | | ୩୬୫/ ୩୮୦୪ | ୫୮୬<br>୫୮୫ | ଶାରଦ-୨ | ଏ. ୦.୧୧୦<br>ଏ. ୦.୦୫୦ | ଏ. ୦.୦୫୩<br>ଏ. ୦.୦୪୧ | ଦୁର୍ଗାଚରଣ ଜେନା, ସତ୍ୟପ୍ରିୟ ଜେନା, ପି: ଉଦୟନାଥ ଜେନା ଓଗେର |
| | | ୩୪୫ | ୫୮୪ | ଶାରଦ-୨ | ଏ. ୦.୦୪୦ | | ସୁରେନ୍ଦ୍ର ଗୋଛାୟତ, ପି: ନାରାୟଣ ଗୋଛାୟତ ଓଗେର |
| | | ୩୬୫/ ୧୨୫୭ | ୫୮୪/ ୨୪୧୯ | ଘରବାରି | ଏ. ୦.୨୫୯ | | ଦୁର୍ଗାଚରଣ ଜେନା, ସତ୍ୟପ୍ରିୟ ଜେନା, ପି: ଉଦୟନାଥ ଜେନା ଓଗେର |
| | | ୩୬୫/ ୩୫୫୮ | ୫୮୪/ ୨୪୧୯/୩୯୭୭ | ଘରବାରି | ଏ. ୦.୦୬୦ | | ରବି ନାରାୟଣ ଜେନା, ପି: ସତ୍ୟପ୍ରିୟ ଜେନା |
| | | ୩୬୫/ ୩୫୫୯ | ୫୮୪/୨୪୧୯/୩୯୭୮ | ଘରବାରି | ଏ. ୦.୦୩୮ | | ଅଶ୍ୱିନୀ କୁମାର ପରିଡ଼ା, ପି: ନିରଞ୍ଜନ ପରିଡ଼ା |
| | | ୩୬୫/ ୩୭୮୪ | ୫୮୪/୨୪୧୯/୪୦୨୯ | ଘରବାରି | ଏ.୦.୦୮୦ | | ସୁଚିସ୍ମିତା ତ୍ରିପାଠୀ, ପି: ଶ୍ରୀଧର ତ୍ରିପାଠୀ |
| | | ୩୬୫/ ୩୧୧୩ | ୫୮୪/୩୫୯୧ | ଘରବାରି | ଏ. ୦.୨୧୮ | | ରମେଶ ଚନ୍ଦ୍ର ବଳିୟାରସିଂହ, ଉମେଶ ଚନ୍ଦ୍ର ବଳିୟାରସିଂହ, ପି: ଅଧିକାରୀ ବଳିୟାରସିଂହ |
| | | ୩୬୫/ ୨୭୩୮ | ୫୮୪/୩୮୩୦ | ଶାରଦ-୨ | ଏ. ୦.୧୮୦<br>ଏ. ୦.୮୭୫ | ଏ. ୦.୧୨୨ | ପ୍ରଫୁଲ୍ଲ କୁମାର ଦାସ, ପି: ଉମାଚରଣ ଦାସ |
| | | ୨୬୪ | ୬୪୩ | ଶାରଦ-୩ | ଏ. ୦.୦୨୨ | | ଭ୍ରମରବର ଛୋଟରା, ପି: କୁଞ୍ଜ ବିହାରୀ ଛୋଟରା |
| | | ୩୬୫/ ୧୭୯୦ | ୬୪୩/ ୨୯୨୬ | ଶାରଦ-୩ | ଏ. ୦.୦୮୮<br>ଏ. ୦.୧୧୦ | ଏ.୦୧୧୦ | ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ପି: ଭ୍ରମରବର ଛୋଟରାୟ |
| | | ୩୨୦ | ୬୪୪ | ଶାରଦ-୨ | ଏ. ୦.୧୮୫ | ଏ. ୦.୦୯୪ | ଲକ୍ଷ୍ମୀ ନାରାୟଣ ମହପାତ୍ର, ପି: ଗୟାଧର ମହାପାତ୍ର |
| | | ୨୬୪ | ୬୪୯ | ଶାରଦ-୩ | ଏ. ୦.୦୦୬ | | ଭ୍ରମରବର ଛୋଟରା, ପି: କୁଞ୍ଜ ବିହାରୀ ଛୋଟରା |
| | | ୩୬୫/ ୧୭୯୦ | ୬୪୯/ ୨୯୨୫ | ଶାରଦ-୩ | ଏ. ୦.୦୨୪<br>ଏ. ୦.୦୩୦ | ଏ.୦.୦୩୦ | ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ପି: ଭ୍ରମରବର ଛୋଟରାୟ |
| | | ୩୪୫ | ୬୫୦ | ଶାରଦ-୨ | ଏ. ୧.୪୯୦ | ଏ. ୦.୦୨୨ | ସୁରେନ୍ଦ୍ର ଗୋଛାୟତ, ପି: ନାରାୟଣ ଗୋଛାୟତ ଓଗେର |
| | | ୧୦ | ୬୫୧ | ଶାରଦ-୩ | ଏ. ୦.୦୨୧ | | ଅମରେନ୍ଦ୍ର ପାଇକେରା, ଅରକ୍ଷିତ ପାଇକେରା |
| | | ୩୬୫/ ୨୯୬୭ | ୬୫୧/ ୩୪୪୬ | ଶାରଦ-୩ | ଏ. ୦.୦୧୯<br>ଏ. ୦.୦୪୦ | ଏ.୦.୦୪୦ | ଭବାନୀ ପ୍ରସାଦ ମହାନ୍ତି, ପି: ଜଗଦିଶ ପ୍ରସାଦ ମହାନ୍ତି |
| | | ୧୦ | ୬୫୩ | ଶାରଦ-୨ | ଏ. ୦.୦୩୦ | ଏ. ୦.୦୩୦ | ଅମରେନ୍ଦ୍ର ପାଇକେରା, ଅରକ୍ଷିତ ପାଇକେରା |
| | | ୩୭ | ୫୮୩ | ଶାରଦ-୩ | ଏ. ୦.୩୪୯ | ଏ. ୦.୦୦୫ | ଉଦୟନାଥ ଜେନା, ପି: ଶାମ ଜେନା |
| | | ୨୩୬ | ୬୪୮ | ଶାରଦ-୨ | ଏ. ୦.୦୮୨ | ଏ. ୦.୦୪୨ | ବିରଞ୍ଚି ନାରାୟଣ ହରିଚନ୍ଦନ, ପି: ବନ ବିହାରୀ ନରେନ୍ଦ୍ର ମହାପାତ୍ର |
| | | ୪୬ | ୮୬୯ | ବଗାୟତ-୨ | ଏ. ୦.୧୦୭ | ଏ. ୦.୦୧୨ | କଳ୍ପତରୁ ଶ୍ରୀଚନ୍ଦନ, ସଚିଦାନନ୍ଦ ଶ୍ରୀଚନ୍ଦନ, କୈଳାସ ଶ୍ରୀଚନ୍ଦନ |
| | | ୧୧୬ | ୮୬୮<br>୬୫୪ | ବିଆଳି | ଏ. ୦.୦୯୦<br>ଏ. ୦.୩୭୫ | ଏ. ୦.୦୯୦<br>ଏ. ୦.୧୦୦ | ଦେବେନ୍ଦ୍ର ନାଥ ଦାଶ, ମହେନ୍ଦ୍ର ନାଥ ଦଶ, ସୁରେନ୍ଦ୍ର ନାଥ ଦାଶ |
| | | ୧୮୦ | ୮୬୬<br>୮୬୭ | ପୁରାତନ ପତିତ ବିଆଳି | ଏ. ୦.୩୧୧<br>ଏ. ୦.୦୮୩ | ଏ. ୦.୦୦୪ | ବଟକୃଷ୍ଣ ଦାସ, ପି: ସୁଦର୍ଶନ ଦାସ, ବାଞ୍ଛାନିଧି ଦାଶ |
| | | ୩୬୫/ ୭୬୪ | ୮୬୭/ ୧୧୧୦ | ଘରବାରି | ଏ. ୦.୦୩୭ | | ସରୋଜିନୀ ପଟ୍ଟନାୟକ, ସ୍ୱା: ବିଜୟ କୁମାର ପଟ୍ଟନାୟକ |
| | | ୩୬୫/ ୯୫୬ | ୮୬୭/ ୨୧୦୧ | ଘରବାରି | ଏ. ୦.୦୯୫ | | ରଶ୍ମିକାନ୍ତ ସାହୁ, ସୂର୍ଯ୍ୟକାନ୍ତ ସାହୁ, ରତିକାନ୍ତ ସାହୁ, ପି: ରଘୁନାଥ ସାହୁ |
| | | ୩୬୫/ ୨୮୯୨ | ୮୬୭/ ୩୩୮୧ | ଘରବାରି | ଏ. ୦.୦୬୫ | | ପରମାନନ୍ଦ ପ୍ରଧାନ, ପି: ଯୋଗେଶ୍ୱର ପ୍ରଧାନ |
| | | ୩୬୫/ ୨୮୯୭ | ୮୬୭/ ୩୩୮୬ | ଘରବାରି | ଏ. ୦.୦୬୦<br>ଏ. ୦.୩୪୦ | ଏ.୦.୧୮୦ | କିର୍ତ୍ତିବାଳା ଦାସ, ସ୍ୱା: ଜିତେନ୍ଦ୍ର କୁମାର ମହାନ୍ତି |
| | | ୨୧୬ | ୮୬୩ | ବଗାୟତ-୨ | ଏ. ୦.୨୦୦ | ଏ. ୦.୨୦୦ | ବିଭୁଦେନ୍ଦ୍ର ନାରାୟଣ ଦେଓ, ପି: କାମଦେବ ହରିଚନ୍ଦନ |
| | | ୪୮ | ୮୭୧ | ପୁରାତନ ପତିତ | ଏ. ୦.୭୪୧ | ଏ. ୦.୦୯୫ | କଳ୍ପତରୁ ଶ୍ରୀଚନ୍ଦନ, ଶଚିଦାନନ୍ଦ ଶ୍ରୀଚନ୍ଦନ ଓଗେର |
| | | ୩୬୫/ ୧୯୨୩ | ୮୬୧ | ଘରବାରି | ଏ. ୦.୧୮୦ | ଏ. ୦.୦୪୦ | ଦୁର୍ଗାମାଧବ ଦେଓ, ପି: ବିଭୁଧେନ୍ଦ୍ରନାରାୟଣ ଦେଓ |
| | | ୨୭୦ | ୮୬୦ | ବଗାୟତ-୨ | ଏ. ୦.୧୫୭ | | ଭ୍ରମରବର ଛୋଟରା, ପି: କୁଞ୍ଜ ବିହାରୀ ଛୋଟରା |
| | | ୩୬୫/ ୧୭୮୯ | ୮୬୦/ ୨୯୨୦ | ବଗାୟତ-୨ | ଏ. ୦.୬୨୮<br>ଏ. ୦.୭୮୫ | ଏ. ୦.୨୯୫ | ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ପି: ଭ୍ରମରବର ଛୋଟରାୟ |
| | | ୨୧୬ | ୮୬୫ | ବଗାୟତ-୨ | ଏ. ୦.୬୧୪ | ଏ. ୦.୦୧୮ | ବିଭୁଦେନ୍ଦ୍ର ନାରାୟଣ ଦେଓ, ପି: କାମଦେବ ହରିଚନ୍ଦନ |
| | | ୩୬୫/ ୧୭୮୯ | ୮୨୬/ ୧୧୨୯ | ବଗାୟତ-୨ | ଏ. ୦.୨୧୭ | ଏ. ୦.୧୭୭ | ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ପି: ଭ୍ରମରବର ଛୋଟରାୟ |
| | | ୧୦୩ | ୮୩୮ | ବଗାୟତ-୨ | ଏ. ୦.୦୦୧ | | ଦଇତାରୀ ଜେନା, ପି: ରାହାସ ଜେନା |
| | | ୩୬୫/ ୧୦୯୬ | ୮୩୮/ ୨୨୫୭ | ଘରବାରି | ଏ. ୦.୦୬୦ | | ଭାରତୀ ଜେନା, ସ୍ୱା: ସତ୍ୟପ୍ରିୟ ଜେନା |
| | | ୩୬୫/ ୧୦୯୭ | ୮୩୮/ ୨୨୫୮ | ଘରବାରି | ଏ. ୦.୦୬୦ | | ସତ୍ୟପ୍ରିୟ ଜେନା, ପି: ଉଦୟନାଥ ଜେନା |
| | | ୩୬୫/ ୧୪୪୧ | ୮୩୮/ ୨୫୯୬ | ବଗାୟତ-୨ | ଏ. ୦.୧୮୦ | | ଦୁର୍ଗାଚରଣ ଜେନା, ସତ୍ୟପ୍ରିୟ ଜେନା, ପି: ଉଦୟନାଥ ଜେନା ଓଗେର |
| | | ୩୬୫/ ୧୯୯୭ | ୮୩୮/ ୩୧୧୬ | ବଗାୟତ-୨ | ଏ. ୦.୨୮୫ | | ସେକ୍ରେଟାରୀ ଗଡ଼ମଳିପଡ଼ା ମଧ ଇଂରାଜୀ ବିଦ୍ୟାଳୟ |
| | | ୩୬୫/ ୨୨୬୭ | ୮୩୮/ ୩୩୮୫ | ବଗାୟତ-୨ | ଏ. ୦.୦୫୯<br>ଏ. ୦.୬୪୫ | ଏ. ୦.୨୮୬ | ଦୁର୍ଗାଚରଣ ଜେନା, ପି: ଉଦୟନାଥ ଜେନା |
| | | ୧୦୩ | ୮୫୯ | ବଗାୟତ-୨ | ଏ. ୦.୦୧୬ | | ଦଇତାରୀ ଜେନା, ପି: ରାହାସ ଜେନା |
| | | ୩୬୫/ ୩୦୯ | ୮୫୯/ ୧୪୬୮ | ବଗାୟତ-୨ | ଏ. ୦.୭୬୧ | | ସୁବାସ ଚନ୍ଦ୍ର ବଡ଼ଜେନା, ପି: ଦୀନବନ୍ଧୁ ବଡ଼ଜେନା |
| | | ୩୬୫/ ୧୦୦୨ | ୮୫୯/୨୧୬୨ | ଘରବାରି | ଏ. ୦.୧୯୦ | | ସବିତା ମହାନ୍ତି, ସ୍ୱା: ଅରୁଣ ମହାନ୍ତି |
| | | ୩୬୫/ ୧୯୯୭ | ୮୫୯/ ୩୧୧୭ | ବଗାୟତ-୨ | ଏ. ୦.୪୭୩<br>ଏ. ୦.୯୫୦ | ଏ. ୦.୨୨୬ | ସେକ୍ରେଟାରୀ ଗଡ଼ମଳିପଡ଼ା ମଧ ଇଂରାଜୀ ବିଦ୍ୟାଳୟ, ସା/ପୋ: ନିଜିଗାଁ |
| | | ୧୧୩ | ୮୪୧ | ବଗାୟତ-୨ | ଏ. ୦.୩୯୦ | | ଦେବେନ୍ଦ୍ର ନାଥ ଦାଶ, ମହେନ୍ଦ୍ର ନାଥ ଦାଶ, ସୁରେନ୍ଦ୍ର ନାଥ ଦାଶ |
| | | ୩୬୫/ ୩୯୮୪ | ୮୪୧/ ୪୬୮୬ | ବଗାୟତ-୨ | ଏ. ୦.୦୧୩ | | ଜନାର୍ଦ୍ଦନ ରଥ, ପି: ପରମାନନ୍ଦ ରଥ |
| | | ୩୬୫/ ୩୯୮୪ | ୮୪୧/ ୪୬୮୬ | ବଗାୟତ-୨ | ଏ. ୦.୧୩୦<br>ଏ. ୦.୫୩୩ | ଏ.୦.୩୦୭ | ଜନାର୍ଦ୍ଦନ ରଥ, ପି: ପରମାନନ୍ଦ ରଥ |
| | | ୧୭୨ | ୮୪୫ | ବଗାୟତ-୨ | ଏ. ୦.୫୩୫ | ଏ. ୦.୧୫୩ | ବଟକୃଷ୍ଣ ଦାସ, ପି: ସୁଦର୍ଶନ ଦାସ ଓଗେର |
| | | ୧୧୩ | ୮୪୨ | ବଗାୟତ-୨ | ଏ. ୦.୬୦୯ | | ଦେବେନ୍ଦ୍ର ନାଥ ଦାଶ, ମହେନ୍ଦ୍ର ନାଥ ଦାଶ, ସୁରେନ୍ଦ୍ର ନାଥ ଦାଶ |
| | | ୩୬୫/ ୨୦୬୧ | ୮୪୨/ ୩୧୭୫ | ଘରବାରି | ଏ. ୦.୦୫୪ | | ମିତ୍ରା ମହାନ୍ତି, ସ୍ୱା: ସୁଧୀର ରଞ୍ଜନ ପଟ୍ଟନାୟକ |
| | | ୩୬୫/ ୨୧୬୮ | ୮୪୨/ ୩୨୮୧ | ଘରବାରି | ଏ. ୦.୦୭୨ | | ସଞ୍ଜୟ କୁମାର ମହାପାତ୍ର, ପି: ବାସୁଦେବ ମହାପାତ୍ର |
| | | ୩୬୫/ ୩୯୮୪ | ୮୪୨/ ୪୬୮୭ | ବଗାୟତ-୨ | ଏ. ୦.୧୧୯<br>ଏ. ୦.୮୫୪ | ଏ. ୦.୧୬୬ | ଜନାର୍ଦ୍ଦନ ରଥ, ପି: ପରମାନନ୍ଦ ରଥ |
| | | ୧୧୩ | ୮୪୪ | ବଗାୟତ-୨ | ଏ. ୦.୨୬୦ | ଏ. ୦.୨୧୩ | ଦେବେନ୍ଦ୍ର ନାଥ ଦାଶ, ମହେନ୍ଦ୍ର ନାଥ ଦାଶ, ସୁରେନ୍ଦ୍ର ନାଥ ଦାଶ |

**ମୋଟ ଏ. ୫.୩୩୧ ଡିସିମିଲ**

24013/14/0009/1920

ସ୍ୱା./- ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

## ସଂକ୍ଷେପରେ

### ମାଲକାନଗିରି ସୀମାନ୍ତରେ ମାଓବାଦୀ ହିଂସା
## ଜଣଙ୍କୁ ଗୁଳିକରି ହତ୍ୟା

ମାଲକାନଗିରି,୨୩।୧୦(ସ୍ୱ.ପ୍ର.): ମାଲକାନଗିରି ଜିଲା ସୀମାନ୍ତରେ ପୁଣି ଦେଖିବାକୁ ମିଳିଛି ମାଓବାଦୀ ହିଂସା। ଆନ୍ଧ୍ର ପ୍ରଦେଶ ବିଶାଖା ଜିଲାର ଗୁଡେମ ଥାନା ଅନ୍ତର୍ଗତ କୁମକୁମପୋଡି ଗ୍ରାମର ଲମ୍ବାୟା ପିଲାଲୁଙ୍କୁ ମାଓବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ୧୦ ରୁ ୧୫ ଜଣ ସଶସ୍ତ୍ର ମାଓବାଦୀ କୁମକୁମପୋଡି ଗ୍ରାମରେ ପହଞ୍ଚି ଲମ୍ବାୟା ପିଲାଲୁଙ୍କୁ ଘରୁ ଡାକି ନେଇଥିଲେ। ଗ୍ରାମ ମୁଣ୍ଡ ରାସ୍ତାରେ ସେମାନେ ଲମ୍ବାୟାଙ୍କୁ ଗୁଳି କରି ମୁଣ୍ଡକୁ ପଥରରେ ଛେଚି ମାରି ଦେଇଥିଲେ। ପରେ ମାଓବାଦୀମାନେ ସେଠାରେ ଏକ ହାତ ଲେଖା ଚିଠି ଛାଡି ଯାଇଛନ୍ତି। ଯେଉଁଥିରେ ଉଲ୍ଲେଖ ରହିଛି ଯେ, ଆନ୍ଧ୍ର-ଓଡିଶା ବର୍ଡର ବିଶାଖା ଡିଭିଜନରେ ପୂର୍ବରୁ ଲମ୍ବାୟା ମାଓବାଦୀ ଭାବେ କାର୍ଯ୍ୟ କରୁଥିଲେ। ୨୦୧୨ରେ ସେ ମାଓବାଦୀ ସଙ୍ଗଠନ ଛାଡ଼ି ଆତ୍ମସମର୍ପଣ କରିଥିଲେ। ପରେ ମାଓବାଦୀ ସଙ୍ଗଠନ ସମ୍ପର୍କରେ ସେ ପୋଲିସକୁ ଖବର ଦେଉଥିଲେ। ଏଥିଯୋଗୁ ତାଙ୍କୁ ମୃତ୍ୟୁଦଣ୍ଡ ରେ ଦଣ୍ଡିତ କରାଯାଇଛି।

### ବୈଠକରେ ଛୁରା ମାଡ଼ ଘଟଣା
# ଅଣ୍ଡା ତରକାରି ଯୋଗୁ ଘଟିଥିଲା ହତ୍ୟାକାଣ୍ଡ

- ସାଇଣ୍ଟିଫିକ୍ ଟିମ୍‌ର ତନାଘନା
- ଛୁରି ଜବତ,ଗ୍ରାମରେ ପୋଲିସ ମୁତୟନ
- ଚିକିତ୍ସାଧୀନ ୪ ଜଣଙ୍କୁ କୋରାପୁଟ ସ୍ଥାନାନ୍ତର

କାଲିମେଲା,୨୩।୧୦(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ କଇମେଟଲା ପଞ୍ଚାୟତର ଏମପିଭି-୩୩ ଗ୍ରାମରେ ମଙ୍ଗଳବାର ରାତିରେ ଘଟିଥିବା ହତ୍ୟାକାଣ୍ଡର ପ୍ରକୃତ ରହସ୍ୟ ବୁଧବାର ପଦାକୁ ଆସିଛି। ଅଭିଯୁକ୍ତ ବିଧାନ ମିର୍ଦ୍ଧା ୨ ଜଣଙ୍କୁ ବିବାହ କରିଥିଲେ। ଦୁଇ ସଉତୁଣୀଙ୍କ ମଧ୍ୟରେ ଘଟଣା ଦିନ ଅଣ୍ଡା ତରକାରିକୁ ନେଇ ପାଟିତୁଣ୍ଡ ଲାଗିଥିଲା। ଏହି ବିବାଦ ତୁଟାଇବା ଲାଗି ଗ୍ରାମରେ ସନ୍ଧ୍ୟାରେ ନିଜ ଘରେ ବୈଠକ ବସିଥିଲା। ବୈଠକ ସମୟରେ ବଚସା ହେବାରୁ ବିଧାନ ଉତ୍କ୍ଷିପ୍ତ ହୋଇ ୬ଜଣଙ୍କୁ ଛୁରି ମାରି ଗୁରୁତର କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ୪ଜଣ ଗ୍ରାମ ସଭାପତି ସଚିନ ମିସ୍ତ୍ରି, ଅଞ୍ଜୁ ସାନା, ମନୋରଞ୍ଜନ ମଣ୍ଡଳ ଓ ସୁମିତ୍ରା ରାୟ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେମାନଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ଗ୍ରାମରେ ୫ଜଣିଆ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ସେମାନେ ଘଟଣାରେ ବ୍ୟବହୃତ ଛୁରି ଜବତ କରିବା ସହ ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ପରୀକ୍ଷା ନିରୀକ୍ଷା କରିଥିବା ଜଣାପଡିଛି।

ଅପରପକ୍ଷରେ ଅଭିଯୁକ୍ତ ବିଧାନ ଓ ତାଙ୍କ ସ୍ତ୍ରୀ କଳ୍ପନାଙ୍କୁ ଗ୍ରାମବାସୀ ମାଡ ମାରି ଗୁରୁତର କରିଛନ୍ତି। ଉଭୟେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଘଟଣାର ଗୁରୁତ୍ୱକୁ ନେଇ ଏମଭି-୩୩ ଗ୍ରାମରେ ପୋଲିସ ମୁତୟନ ହୋଇଛନ୍ତି। ମୃତ୍ୟୁବରଣ କରିଥିବା ବିଶ୍ୱନାଥ ରାୟ ଓ ମାଧୁରୀ ରାୟଙ୍କ ମୃତଦେହକୁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଛି। ଗ୍ରାମର ରଜନୀକାନ୍ତ ମଣ୍ଡଳଙ୍କ ଏତଲାକୁ ଭିତ୍ତି କରି କାଲିମେଲା ପୋଲିସ ଏହାର ତଦନ୍ତ ଜାରି ରଖିଛି।

### ଗୋଦାବରୀ ନଦୀରେ ବୋଟ୍ ବୁଡ଼ି ଘଟଣା
# ୩୮ ଦିନ ପରେ ଆଉ ୮ ମୃତଦେହ ମିଳିଲା

ମାଲକାନଗିରି,୨୩।୧୦ (ଡି.ଏନ୍.ଏ.)

ଗୋଦାବରୀ ବୋଟ୍ ବୁଡି ଘଟଣାରେ ମଙ୍ଗଳବାର ଆଉ ୮ ମୃତଦେହ ଉଦ୍ଧାର କରାଯାଇଛି। ପୂର୍ବରୁ ୩୯ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏବେ ବି ୪ଜଣଙ୍କ ମୃତଦେହ ମିଳିନାହିଁ।

ସୂଚନାଯୋଗ୍ୟ, ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ର ପ୍ରଦେଶ ପୂର୍ବ ଗୋଦାବରୀ ଜିଲା ଦେବୀପଟନମ୍ ବ୍ଲକ ଅନ୍ତର୍ଗତ କଚୁଲୁରୁ ଗ୍ରାମ ନିକଟସ୍ଥ ଗୋଦାବୀର ନଦୀରେ ଗତ ସେପ୍ଟେମ୍ବର ୧୫ରେ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବୋଟ୍ ବୁଡିଯାଇଥିଲା। ଉକ୍ତ ବୋଟରେ ୭୭ଜଣ ପର୍ଯ୍ୟଟକ ନଦୀ ଭିତରେ ଥିବା ପଠାରେ ଭୋଜି କରିବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ୨୬ଜଣଙ୍କୁ କଚୁଲୁରୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ୫୧ ଜଣ ପାଣିରେ ବୁଡି ଯାଇଥିଲେ। ଦୀର୍ଘ ଏକମାସ ଖୋଜାଖୋଜି ପରେ ଗତ ୧୫ ତାରିଖ ସୁଦ୍ଧା ୩୯ ଜଣଙ୍କ ମୃତଦେହ ମିଳିଥିଲା। ମଙ୍ଗଳବାର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ୧୦ଜଣ ଡ୍ରାଇଭର, ଇଞ୍ଜିନିୟର ଏବଂ ବୁଡାଳି ଦଳ କାର୍ଯ୍ୟରେ ଲାଗିଥିଲେ। ଅପରାହ୍ନରେ କ୍ରେନ୍ ସାହାର୍ଯ୍ୟରେ ବୁଡିଯାଇଥିବା ବୋଟ୍‌କୁ ଠାବ କରି ପାଣି ଭିତରୁ ଉଦ୍ଧାର କରାଯାଇଥିଲା। ସେଥିରୁ ଆଉ ୮ ମୃତଦେହ ମିଳିଥିଲା।

## ଆସନ୍ତା ବର୍ଷ ସରକାରୀ କର୍ମଚାରୀ ୩୫ ଦିନ ଛୁଟି ପାଇବେ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ରାଜ୍ୟ ସରକାରଙ୍କ କର୍ମଚାରୀମାନେ ଚଳିତବର୍ଷଠାରୁ ଆସନ୍ତା ବର୍ଷ ଅଧିକ ଛୁଟି ପାଇବେ। ସରକାରୀ କର୍ମଚାରୀମାନେ ୨୦୧୯ରେ ୩୨ଦିନ ଛୁଟି ପାଇଥିଲେ, ୨୦୨୦ରେ ସେମାନେ ୩୫ଟି ଛୁଟି ପାଇବେ। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଏନେଇ ବୁଧବାର ବିଜ୍ଞପ୍ତି ଜାରି କରାଯାଇଛି। ୮ଟି ଛୁଟି ରବିବାର, ଦ୍ୱିତୀୟ ଓ ଚତୁର୍ଥ ଶନିବାର ପଡୁଛି। ବାକି ୨୭ଟି ଛୁଟି ଅନ୍ୟ ବାରରେ ପଡୁଛି। ବର୍ଷତମାମ ୮ଟି ଇଚ୍ଛାଦିନ ଛୁଟି ଘୋଷଣା କରାଯାଇଛି। କର୍ମଚାରୀମାନେ ଏଥିରୁ ଗୋଟିଏ ଦିନ ଇଚ୍ଛାଦିନ ଛୁଟି ନେଇପାରିବେ। ଇଷ୍ଟର ଶନିବାର ଓ ବ୍ରହ୍ମ ସମାଜ ପ୍ରତିଷ୍ଠା ଦିବସ ଛୁଟି ରହୁଥିବା ବେଳେ ରାଜା ରାମମୋହନ ରାୟ ଜୟନ୍ତୀ ଦିନ ସାବିତ୍ରୀ ଅମାବାସ୍ୟା ଛୁଟି ରହିବ। ସେହିପରି ରାଷ୍ଟ୍ରୀୟତ, ଘରୋଇ ଓ ଗ୍ରାମୀଣ ବ୍ୟାଙ୍କଗୁଡିକ ମୋଟ ୨୨ଟି ଛୁଟି ପାଇବେ। ସେଥିରୁ ୪ଟି ଛୁଟିରବିବାର ପଡୁଛି।

### ଭିମ୍‌ସାରରେ ଡାକ୍ତର-ରୋଗୀ ସମ୍ପର୍କୀୟ ମାରପିଟ ଘଟଣା
# ବିଭାଗୀୟ ତଦନ୍ତ ଆରମ୍ଭ, ସିସିଟିଭି ଫୁଟେଜ ଜବତ

ସମ୍ବଲପୁର,୨୩।୧୦(ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରରେ ଡାକ୍ତର ସୂର୍ଯ୍ୟକାନ୍ତ ପାଢଯୋଶୀ ଓ ରୋଗୀ ଠଣସୁନ୍ଦର ବେହେରାଙ୍କ ପୁଅ ମୁକେଶ ଏବଂ ଝସକେତନ ରାଉତଙ୍କ ମାରପିଟ ଘଟଣାରେ ବୁଧବାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଭିମ୍‌ସାରରେ ୫ ଜଣିଆ କମିଟି ଗଠନ କରାଯାଇଛି। ଏହି ଟିମ୍ ତଦନ୍ତ କରି ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ପୋଲିସ ସମଲେଶ୍ୱରୀ ନର୍ସିଂହୋମ ଓ ଭିମ୍‌ସାର ପରିସରର ବିଭିନ୍ନ ସ୍ଥାନରେ ଥିବା ସିସିଟିଭିର ହାର୍ଡଡିସ୍କ ବୁଧବାର ଜବତ କରିଛି। ମେଡିକାଲରେ ଥିବା ରୋଗୀ ସମ୍ପର୍କୀୟଙ୍କ ଘଟଣା ସମ୍ପର୍କରେ ପଚାରା ଉଚୁରା କରୁଛି। ଏସ୍‌ପି କନୱର ବିଶାଲ ସିଂ ଏହି ମାମଲା ତଦନ୍ତ ଉପରେ ନଜର ରଖିଛନ୍ତି।

# ରୁଷିଆ-ଓଡ଼ିଶା ବ୍ୟବସାୟିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)


ରୁଷିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରୁଷିଆ ଓ ଓଡ଼ିଶା ମଧ୍ୟରେ ସିଧା ବାଣିଜ୍ୟିକ ସମ୍ପର୍କର ପଥ ପରିଷ୍କାର କରିବାକୁ ପଦକ୍ଷେପ ନେଇଛନ୍ତି। ରୁଷିଆ ଭ୍ଲାଡିଭୋଷ୍ଟୋକ ଏବଂ ପାରାଦୀପ ସହର ଉଭୟ ଭଲ ସହଯୋଗୀ ବନ୍ଦର ହୋଇପାରିବେ। ରୁଷିଆରୁ ଅଶୋଧିତ ତୈଳ ଏବଂ କୋକିଂ କୋଲ ଭ୍ଲାଡିଭୋଷ୍ଟୋକ ଦେଇ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ଆସିପାରିବ। ଏହାଦ୍ୱାରା ରୁଷିଆ ଏବଂ ଓଡ଼ିଶା ଭିତରେ ଉର୍ଜା ସେତୁ ସଂଯୋଗର ବିକାଶ ହୋଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ରୁଷିଆର ଡେଭଜଡା ଜାହାଜ ଶିଳ୍ପ ପରିଦର୍ଶନ କରିବା ପରେ ରୋଜନେଫଟର ସିଇଓଙ୍କ ସହ ସାକ୍ଷାତ୍ ଆଲୋଚନା ପରେ ଧର୍ମେନ୍ଦ୍ର କହିଛନ୍ତି, କୋଇଲା କ୍ଷେତ୍ରରେ ରୁଷିଆ ସହ ଦୀର୍ଘକାଳୀନ ସହଯୋଗ ଭାରତକୁ କୋକିଂ କୋଲର ସହାୟତା ଯୋଗାଇଦେବା ସହ ଦେଶର ଚାହିଦା ପୂରଣ କରିପାରିବ। ରୁଷିଆର ପୂର୍ବାଞ୍ଚଳ ଏବଂ ଆର୍କେଟିକ୍‌ର ବିକାଶ ପାଇଁ ଦାୟିତ୍ୱ ନେଇଥିବା ରୁଷିଆର ପ୍ରଥମ ଉପମନ୍ତ୍ରୀ ସର୍ଗେ ତୃସ୍‌ଭେଭ୍‌ଙ୍କ ସହ ଭାରତ ଏବଂ ରୁଷିଆ ମଧ୍ୟରେ ଉର୍ଜା କ୍ଷେତ୍ର ଉପରେ ଆଲୋଚନା କରିଛନ୍ତି। ଉଭୟ ମନ୍ତ୍ରୀ ଦୁଇଦେଶ ମଧ୍ୟରେ ଉର୍ଜା ସହଯୋଗକୁ ବୃଦ୍ଧି କରିବା ପାଇଁ ବିଶେଷ ଭାବରେ କୋକିଂ କୋଲ୍ ଏବଂ ଅନ୍ୟାନ୍ୟ ଉର୍ଜାର ସ୍ରୋତ ଉପରେ ଗୁରୁତ୍ୱାରୋପ କରିଛନ୍ତି। ରଷିଆନ ରେଳର ଉପମୁଖ୍ୟ ବାଦିମ୍ ମିଖାଲୋଭ୍‌ଙ୍କୁ ଭେଟି ଧର୍ମେନ୍ଦ୍ର କୋକିଂ କୋଲ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ ରଷିଆନ ରେଳର ଉପମୁଖ୍ୟ ସୂଚନା ଦେଇଛନ୍ତି ଯେ, ଯାତ୍ରୀଙ୍କ ଭିଡକୁ କମ୍ କରିବା ଏବଂ ବନ୍ଦର ଓ ଖଣିଜ କେନ୍ଦ୍ର ସହ ଉତ୍ତମ ସଂଯୋଗ ସ୍ଥାପନ ପାଇଁ ୨୦୨୦ ସୁଦ୍ଧା ଆବଶ୍ୟକ ଭିତ୍ତିଭୂମି ପୂରଣ କରିବ। ଭୋଷ୍ଟୋଚିନେ ଇଣ୍ଟରମୋଡାଲ କଣ୍ଟେନର ବନ୍ଦରର ବରିଷ୍ଠ ଅଧିକାରୀଙ୍କୁ ଭେଟିଛନ୍ତି। ବନ୍ଦର ସମ୍ପ୍ରସାରଣ ଏବଂ ଘରୋଇ ଇସ୍ପାତ ଉଦ୍ୟୋଗ ପାଇଁ କୋକିଂ କୋଲକୁ ସୁରକ୍ଷିତ କରିବା ପାଇଁ ବିଭିନ୍ନ ପଦ୍ଧତି ଉପରେ ଚର୍ଚ୍ଚା କରିଥିଲେ। ସେହିପରି ରୁଷିଆନ୍ ଷ୍ଟେଟ୍ ଜିଓଗ୍ରାଫିକାଲ୍ କମ୍ପାନୀ(ଆରଏସଜିକୋ)ର ଉପାଧ୍ୟକ୍ଷଙ୍କୁ ଭେଟି କୋକିଂ କୋଲ, ତୈଳ, ଗ୍ୟାସ୍ ଏବଂ ମୂଲ୍ୟବାନ ଧାତୁ ତଥା ଲିଥିୟମ କ୍ଷେତ୍ର ଉପରେ ଆଲୋଚନା କରିଛନ୍ତି। ସେହିପରି ଭାରତୀୟ ଇସ୍ପାତର ଏକ ପ୍ରତିନିଧିମଣ୍ଡଳୀ ଓ କୋଇଲା କମ୍ପାନୀ ରୁଷିଆର ବରିଷ୍ଠ ଅଧିକାରୀଙ୍କ ସହ ପୃଥକ୍ ବୈଠକ କରି ବ୍ୟବସାୟିକ ଉପରେ ଆଲୋଚନା କରିଛନ୍ତି।

# ଓଏମ୍‌ସି ଷ୍ଟାଫ୍ ବସ୍ ଉପରକୁ ତୀର ମାଡ଼

### ଜଣେ କର୍ମଚାରୀ ଗୁରୁତର
### ୪ ଘଣ୍ଟା ଅପରେଶନ ପରେ ତୀର ବାହାରିଲା

କେନ୍ଦୁଝର,୨୩। ୧୦ (ସ୍ୱ.ପ୍ର.)



କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଦୈତାରୀ ମାଇନ୍ସରୁ କର୍ମଚାରୀଙ୍କୁ ଧରି ଫେରୁଥିବା ଓଏମ୍‌ସି କମ୍ପାନୀ ବସ୍ ଉପରୁ ତୀରମାଡ଼ ହୋଇଛି। ଏଥିରେ ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ତାଙ୍କୁ କଳିଙ୍ଗନଗରସ୍ଥିତ ଟାଟା ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏପରି ଆକ୍ରମଣ ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଦୈତାରୀ ଥାନା ଅନ୍ତର୍ଗତ ଦୈତାରୀ ଓଏମ୍‌ସି ମାଇନ୍ସରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନେଇ ବସଟି ଦୈତାରୀଠାରୁ – ବଳିପର୍ବତ ଅଭିମୁଖେ ଆସୁଥିଲା। ଏହି ସମୟରେ ତାରିଣୀ ଗେଟ ନିକଟରେ ବସ୍ ଉପରକୁ କେହି ଜଣେ ତୀର ମାଡ କରିଥିଲେ। ଏଥିରେ ଯାଜପୁରର ଉତ୍ତମ ମହାନ୍ତି ନାମକ ଜଣେ କର୍ମଚାରୀ ଆହତ ହୋଇଛନ୍ତି। ସେ କେସିସି ଠିକା କମ୍ପାନୀରେ କାମ କରୁଥିବା ଜଣାପଡିଛି। ତୀରଟି ତାଙ୍କ ପେଟରେ ପଶି ରହିଥିଲା। ତୁରନ୍ତ ତାଙ୍କୁ କଳିଙ୍ଗନଗରସ୍ଥ ଟାଟା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୪ଘଣ୍ଟା ଧରି ଅପରେଶନ କରାଯାଇ ତୀରଟି ପେଟ ଭିତରୁ ବାହାର କରାଯାଇଛି। ଉକ୍ତ ବସରେ ଏକାଧିକ ତୀର ଏବେବି ଲାଗିରହିଛି। ତୀରମାଡ଼ କାରଣ ଅସ୍ପଷ୍ଟ ଥିବାବେଳେ ଏହା ୟୁନିୟନ ବିବାଦ କିମ୍ବା କିଛି ଦିନ ପୂର୍ବରୁ ହୋଇଥିବା ଜନଶୁଣାଣିକୁ ନେଇ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଉଛି। କିଛି ବର୍ଷ ପୂର୍ବରୁ ମଧ୍ୟ ଏହିଭଳି ତୀରମାଡ ଘଟିଥିବା ନଜିର ରହିଛି। ପୋଲିସ ଉକ୍ତ ଘଟଣାର ତଦନ୍ତ ଜାରି ରଖିଛି।

### ଜଙ୍ଗଲରୁ ଜାଳେଣି କାଠ ପାଇଁ ଲାଞ୍ଚ
# ଭିଜିଲାନ୍ସ ଜାଲରେ ଫରେଷ୍ଟର, ୱାଚର

ରଣପୁର,୨୩।୧୦(ସ୍ୱ.ପ୍ର.)



ଫରେଷ୍ଟର ଆଲୋକ କୁମାର ଗୁରୁ ଓ ୱାଚର ଜିତୁ ମଣ୍ଡଳ।

ଜଙ୍ଗଲରୁ ଜାଳେଣି କାଠ ଆଣିବାକୁ ଅନୁମତି ଦେବା ପାଇଁ ଲାଞ୍ଚ ନେଉଥିବାବେଳେ ନୟାଗଡ଼ ବନଖଣ୍ଡ ପଞ୍ଚରିଡା ଦର୍ପନାରାୟଣପୁର ଫରେଷ୍ଟର ଆଲୋକ କୁମାର ଗୁରୁ ଓ ୱାଚର ଜିତୁ ମଣ୍ଡଳ ବୁଧବାର ଭୁବନେଶ୍ୱର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଫରେଷ୍ଟରଙ୍କ ଘର ନୟାଗଡ଼ ଜିଲା ଫତେଗଡ଼ ଥାନା ଉଦୟପୁରରେ ବୋଲି ଜଣାପଡିଛି। ଭିଜିଲାନ୍ସ ଟିମ୍ ଉଭୟଙ୍କୁ ଗିରଫ କରି ସେମାନଙ୍କଠାରୁ ୫ ହଜାର ଟଙ୍କା ଜବତ କରିଛନ୍ତି। ସେମାନଙ୍କ ବିରୋଧରେ ଏକ ମାମଲା(ନଂ. ୪୭/୧୯) ରୁଜୁ ହୋଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ରଣପୁର ଥାନା ଖଡିଆ ଗାଁର କୁମର ମାଝି ନାମକ ଜଣେ ଗରିବ ଲୋକ ମାସର ଅଧିକାଂଶ ଦିନ ନିକଟସ୍ଥ ଜଗନ୍ନାଥ ପ୍ରସାଦ ଜଙ୍ଗଲକୁ ଯାଇ ଜାଳେଣି କାଠ ସଂଗ୍ରହ କରି ଘରକୁ ଆଣୁଥିଲେ। ତେବେ ବିନା ହାତଗୁଞ୍ଜାରେ ଜାଳେଣି କାଠ ନେବା ସମ୍ଭବ ନୁହେଁ ବୋଲି ଦର୍ପନାରାୟଣପୁର ଫରେଷ୍ଟର ଆଲୋକ କୁମାର ଗୁରୁ ଓ ୱାଚର ଜିତୁ ମଣ୍ଡଳ କହିଥିଲେ। କୁମର ଟଙ୍କା ନ ଦେବାରୁ ଜଙ୍ଗଲରୁ ଜାଳେଣି କାଠ ଆଣିବାରେ ଉଭୟ ବାଧକ ସୃଷ୍ଟି କରିଥିଲେ। ଏପରିକି ଜେଲ୍ ପଠାଇ ଦେବାକୁ ଧମକ ଦେଇଥିଲେ। ୧ମାସ ଜାଳେଣି କାଠ ନେଲେ ୫ ହଜାର ଟଙ୍କା ଦେବାକୁପଡ଼ିବ ବୋଲି ସିଧାସଳଖ କହିଥିଲେ। ବିକଳ୍ପ ନ ଥିବାରୁ ଲାଞ୍ଚ ଦେବାକୁ ହଁ କରି କୁମର ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରିଥିଲେ। ବୁଧବାର ବିଟ୍ ହାଉସ୍‌ରେ ସେ ଫରେଷ୍ଟର ଓ ୱାଚରଙ୍କୁ ଲାଞ୍ଚ ଦେଉଥିବାବେଳେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ କାବୁ କରିଥିଲେ। ଭିଜିଲାନ୍ସ ଡିଏସ୍‌ପି ଅକ୍ଷୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଆଇଆଇସି ମନୋରଞ୍ଜନ ପାଇକରାୟ, ସରିତା ତ୍ରିପାଠୀଙ୍କ ସମେତ ୮ଜଣିଆ ଦଳ ଏହି ଚଢ଼ାଉରେ ସାମିଲ ଥିଲେ।

### ରୋଗୀ ସମ୍ପର୍କୀୟଙ୍କୁ ଭିମ୍‌ସାର ଡାକ୍ତରଙ୍କ ମାଡ଼, ନିର୍ଯାତନା ଘଟଣା
# ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ପରିବାର

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ୍ ରିସର୍ଚ୍ଚ (ଭିମ୍‌ସାର)ରେ ଜଣେ ରୋଗୀ ସମ୍ପର୍କୀୟଙ୍କୁ ଡାକ୍ତରମାନେ ସଂଘବଦ୍ଧ ଆକ୍ରମଣ କରିବା ସହ ଅକଥନୀୟ ନିର୍ଯାତନା ଦେଇଥିଲେ। ଏହି ଘଟଣାକୁ ନେଇ ବୁଧବାର ୨ ପୀଡିତଙ୍କ ପରିବାର ଲୋକେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ନିବେଦନ କରିଛନ୍ତି। ପୂର୍ବାହ୍ନରେ ପୀଡିତଙ୍କ ବାପା ତଥା ଝାରସୁଗୁଡ଼ା ଜିଲା ଲଇକେରା ରେଙ୍ଗାଲବେଡ଼ା ଗ୍ରାମର ଠଣସୁନ୍ଦର ବେହେରା ଓ ତାଙ୍କ ମାଆ ଓଏଚ୍‌ଆର୍‌ସିଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ସେ ଜଣାଇଛନ୍ତି ଯେ, ଗତ ୨୦ ତାରିଖ ଦିନ ଭିମ୍‌ସାର ଡାକ୍ତରଙ୍କ ଇଙ୍ଗିତରେ କେତେଜଣ ଡାକ୍ତରୀ ଛାତ୍ର ଓ କର୍ମଚାରୀ ତାଙ୍କ ପୁଅ ମୁକେଶ ଓ ଶଳାର ପୁଅ ଝସକେତନ ରାଉତଙ୍କୁ ଲୁହାଛଡ, ପଥର ଓ ଇଟାରେ ଆକ୍ରମଣ କରିଛନ୍ତି। ଏଥିସହ ଗୋଇଠା ବିଧାମାରି ଭୟଭୀତ କରିବା ସହ ଆଣ୍ଠେଇ ମୁଣ୍ଡିଆ ମାରିବାପାଇଁ ବାଧ କରିଛନ୍ତି। ଏହାଦ୍ୱାରା ସେମାନଙ୍କର ମାନବିକ ଅଧିକାର କ୍ଷୁଣ୍ଣ ହୋଇଛି। ଏନେଇ ବୁର୍ଲା ଫାଣ୍ଡିରେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଘଟଣାର ତଦନ୍ତ ନ କରି ପୁଅ ମୁକେଶ ଓ ପୁତୁରା ଝସକେତନଙ୍କୁ ଗିରଫ କରି ଜେଲ୍ ପଠାଇ ଦେଇଛି। ଫଳରେ ଆମ ପରିବାର ମାନସିକ ସନ୍ତୁଳନ ହରାଇଛୁ। ତେଣୁ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଆମ ପରିବାରକୁ ନ୍ୟାୟ ପ୍ରଦାନ କରାଯାଉ। ନଚେତ ପରିବାରର ସମସ୍ତେ ଆତ୍ମହତ୍ୟା କରିବେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

CUTTACK MUNICIPAL CORPORATION
SHORT TENDER CALL NOTICE
No.9619 Dt.22.10.19
Cuttack Municipal Corporation invites sealed quotations from intending reputed Regd. Labour contractor / Organization having experience in the same field / Non Govt. Organization for cleaning of Baliyatra Ground (Upper & Lower) and adjacent areas.
The details can be downloaded from the official website, www.cmccuttack.gov.in. The last date of submission of tender documents is upto 3.00 P.M. dt.02.11.2019.
Sd./-
Commissioner
Cuttack Municipal Corporation

The Odisha State Co-operative Milk Producers' Federation Limited
omfed
D-2, Sahid Nagar, Bhubaneswar, Phone : 0674-2546030, 2540273, 2540417,
www.omfed.com Fax No.: 0674-2540974, Website:www.omfed.com
TENDER NOTICE FOR ENGAGEMENT OF LABOUR CONTRACTOR
Sealed Tenders are invited from Registered and experienced Labour Contractors for engagement to perform different works on Job contract basis at (1) Omfed Balasore Dairy, Januganj, Remuna, Balasore-756019 and (2) Omfed Salapada Dairy, Salapada-758020. Tender document and all other information may be downloaded from the OMFED website : www.omfed.com. Addendum / Corrigendum if any shall only be published in the Omfed website. Omfed reserves the right to cancel all or any tender at any stage without assigning any reason thereof. Managing Director

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT,
MUKHIGUDA, DIST: KALAHANDI-766026, Ph.No.7328840420,
E-mail: sgmel_uihep@ohpcltd.com
OHPC
ODISHA HYDRO POWER CORPORATION LTD.
ISO 9001-14001 18001 Certified
(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
No. UIHEP/SGM (EL.)/TW/ PSDF / 2120 (Part – VII) / 5402 / Dated 19.10.2019
NOTICE FOR OPENING OF BID DOCUMENTS FOR TENDER CALL NOTICE NO. 05/2019-20 Dtd.26.07.2019
No.CAD-499 :- Technical bids of the Tender Call Notice No. 05/2019-20 Dtd.26.07.2019 for the work - "Procurement, Erection, Testing & Commissioning of 220 KV Current Transformer" will be opened on dated 29.10.2019 at 12:00 Hrs in the office of the undersigned. The bidders are requested to attend the opening of technical bid on the date & time mentioned above.
Sd./-
Sr. General Manager (El.)
32136/11/0021/1920 UIHEP, Mukhiguda

ପୌର କାର୍ଯ୍ୟାଳୟ, ଜୟପୁର
MUNICIPAL OFFICE, JEYPORE
Letter No.4047 Date: 22.10.19
EXPRESSION OF INTEREST
Expression of interest is hereby invited from computer agencies and other appropriate agencies for providing Data Entry Operators on outsourcing basis to Jeypore Municipality to execute official data entry works by computer. The interested agency should furnish EOI in their letter head mentioning monthly charges of each DEO inclusive of all taxes and other necessary payments such as EPF, GST etc. as per approved Govt. rate./ labour rate. The EOI should reach to the undersigned by 26.10.2019 completing in all respect.
Sd./-
Executive Officer
Jeypore Municipality
Date: 22.10.19

OFFICE OF THE PRINCIPAL,
GOVT. COLLEGE OF PHYSICAL EDUCATION KULUNDI, SAMBALPUR
(Sports and Youth Department Govt. of Odisha)
E-Mail : gcpekulundi1993@gmail.com
Ph. No.(0663) 2700405, Pin : 768112
Office Order No.543 Date: 23.10.2019
TENDER CALL NOTICE
Sealed tenders are invited form authorised suppliers / Dealers and registered farms having valid TIN / VAT / OST and GST clearance certificate for supply of sports uniforms for use of the B.P.Ed students of Govt. College of Physical Education Sambalpur, Kulundi of 2019-2021 batch. The detail information will be obtained through tender paper. The tender paper will be available in the college office from 24.10.2019 to 04.11.2019 between 11 A.M. to 4 P.M. on every working day on payment of Rs.100/- (Rupees One Hundred only) each. The last date for receive tender documents is fixed on dtd.11.11.2019 by 12 noon and open on date.11.11.2019 at 2.00 PM. The undersign reserve the right to accept or reject this tender in fully or partly without assigning any reason thereof.
Sd./- Principal

ପୌର ପରିଷଦ କାର୍ଯ୍ୟାଳୟ, ଖୋରଧା
ସ୍ଥାନ/ପୋ/ଥା/ଜିଲ୍ଲା-ଖୋରଧା
ଦୂରଭାଷ: ୦୬୭୫୫-୨୨୦୬୭୪, ୦୬୭୫୫-୨୨୨୬୭୪(ଫ୍ୟାକ୍ସ)
ଇ-ମେଲ୍-khurda_municipality@yahoo.co.in
ନଂ.୪୧୮୭ ତା: ୨୨।୧୦।୨୦୧୯
ସଂଶୋଧିତ ବିଜ୍ଞାପନ
No.C-226 :- ନିଲାମ ଟେଣ୍ଡର ନୋଟିସ୍ ନଂ.୪୦୮୯ ତା.୧୭।୧୦।୨୦୧୯ର "ଖୋରଧା ପୌରାଞ୍ଚଳ ମଧ୍ୟରେ ଥିବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ମଧ୍ୟରେ ପାର୍କିଂ କରୁଥିବା ଯେକୌଣସି ଯାନବାହାନ (ଘରୋଇ ଯାନ ବ୍ୟତୀତ) (ବରୁଣେଇ ହୋଟେଲ୍ ଠାରୁ ବରୁଣେଇଙ୍କ ପୀଠ ପର୍ଯ୍ୟନ୍ତ ରାସ୍ତା ବ୍ୟତୀତ) ପାର୍କିଂ ଫି ଆଦାୟ" ନିୟମାବଳୀରେ ନିମ୍ନଲିଖିତଗୁଡ଼ିକୁ ଯୋଗକରାଯାଇ ପାଠ କରିବାକୁ ହେବ।
ପୌର ପରିଷଦ ମଧ୍ୟରେ ଥିବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌କୁ ନିମ୍ନଲିଖିତ ପ୍ରବେଶପଥ/ସ୍ଥାନଗୁଡିକରୁ ପାର୍କିଂ ଫି ଆଦାୟ କରିପାରିବେ:-
୧– ପୁରୁଣା ବରୁଣେଇ ହୋଟେଲ୍ ବାମପାର୍ଶ୍ୱ ପ୍ଲଟ୍ ନଂ.୫୭୬।
୨– ଏସ୍.ଏମ୍.ଏସ୍. କମ୍ପାନୀ ପୂର୍ବ ପାର୍ଶ୍ୱ ପ୍ଲଟ୍ ନଂ.୨୨୯୦।
୩– ସ୍ପିନିଙ୍ଗ୍ ମିଲ୍ ପୂର୍ବ ପାର୍ଶ୍ୱ ପ୍ଲଟ୍ ନଂ.୨୫୦୬ ଓ ୨୩୦୭।
୪– ଗଡ଼ଖୋର୍ଦ୍ଧା ରାସ୍ତା ପାହାଡ଼ ପାର୍ଶ୍ୱ।
୫– ରିଲିଆନ୍ସ ପେଟ୍ରୋଲ ପମ୍ପ ପୂର୍ବ ପାର୍ଶ୍ୱ।
ସ୍ୱା./- ନିର୍ବାହୀ ଅଧିକାରୀ
13082/11/0011/1920 ପୌର ପରିଷଦ, ଖୋରଧା


ଗୌରବ–ସ୍ୱପ୍ନା

# ଗୁଆହାଟୀ ଫିଲ୍ମ ଫେଷ୍ଟିଭାଲରେ 'ଅନ୍ତର୍ଧ୍ୱନୀ'

ଶାନ୍ତନୁ ଏବଂ ଶାଳିନୀ ଦୁଇ ଜଣ ସାଙ୍ଗ। ଦିନେ ହଠାତ୍ ଶାଳିନୀ ଅନ୍ତର୍ଦ୍ଧାନ ହୋଇଯାଉଛି। ତାକୁ କିପରି ଠାବ କରିବ ସେଥିପାଇଁ ଶାନ୍ତନୁ ନିଜ ଜୀବନକୁ ବାଜି ଲଗାଇ ଦେଇଛି। ତା'ପରେ କ'ଣ ଘଟୁଛି ଏବଂ ଶାଳିନୀକୁ ଶାନ୍ତନୁ ପାଉଛି କି ନାହିଁ ସେପରି ଏକ ଉତ୍କଣ୍ଠାପୂର୍ଣ୍ଣ କାହାଣୀକୁ ଆଧାରକରି ନିର୍ମିତ ହୋଇଛି କଳାତ୍ମକ ଚଳଚ୍ଚିତ୍ର 'ଅନ୍ତର୍ଧ୍ୱନୀ'। ଜଙ୍ଗଲ ଏବଂ ପ୍ରାକୃତିକ ବାତାବରଣର ଛାପ ଏଥିରେ ମଧ୍ୟ ରହିଛି। ଖାସ୍ କଥା ହେଲା, ଏହାର ୯୫ ପ୍ରତିଶତ ଶୁଟିଂ କେବଳ ଜଙ୍ଗଲରେ ହିଁ ହୋଇଛି। ପୁଣି ସମ୍ପୂର୍ଣ୍ଣ ପ୍ରାକୃତିକ ଆଲୋକରେ ଶୁଟିଂ କରାଯାଇଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ଅପୂର୍ବ କୁମାର ବୀର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ରାକେଶ ମହାନ୍ତି। ଅକ୍ଟୋବର ୩୧ରୁ ନଭେମ୍ବର ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଗୁଆହାଟୀ ଫିଲ୍ମ ଫେଷ୍ଟିଭାଲରେ ଏହା ଓପନିଂ ଫିଲ୍ମ ଭାବରେ ପ୍ରଦର୍ଶିତ ହେବା ଯୋଜନା ରହିଛି। ଏହାପୂର୍ବରୁ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଉକ୍ତ ସିନେମା ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଛି। ଆଗକୁ ବର୍ଲିନ ଫିଲ୍ମ ଫେଷ୍ଟିଭାଲ ଏବଂ ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲରେ ଫିଲ୍ମଟି ପ୍ରଦର୍ଶିତ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ୨୪ ଏଫ୍‌ପିଏସ୍ ବ୍ୟାନରରେ ନିର୍ମିତ 'ଅନ୍ତର୍ଧ୍ୱନୀ'ର ମୁଖ୍ୟ ଭୂମିକାରେ ଗୌରବ ପାଶୱାଲ ଏବଂ ସ୍ୱପ୍ନା ପତି ଅଭିନୟ କରିଛନ୍ତି।


ସାରା

## ସାରାଙ୍କ ଫରେନ୍ ଟ୍ରିପ୍

ସାରା ଅଲ୍ଲୀ ଖାଁ ଏବେ ଶ୍ରୀଲଙ୍କାରେ ଡେରା ପକାଇଛନ୍ତି। ଶୁଟିଂ ବ୍ରେକ୍ ପାଇବା ମାତ୍ରେ ସେ ମାଇଣ୍ଡ ଫ୍ରି କରିବାକୁ ସେଠାକୁ ଯାଇଛନ୍ତି। କିଛିଦିନ ସେ ବିଦେଶରେ ରହି ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବେ। ''ବର୍ତ୍ତମାନ ମୋତେ ପାଖାପାଖି ତିନିସପ୍ତାହ ବ୍ରେକ୍ ମିଳିଛି। ତେଣୁ ଏହି ସମୟ ଭିତରେ ମୁଁ ଫରେନ୍ ଟ୍ରିପ୍ ପାଇଁ ପୂର୍ବରୁ ପ୍ଲାନିଂ କରିଥିଲି। ବିଦେଶର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବି। କେବଳ ସେତିକି ନୁହେଁ, ଭବିଷ୍ୟତରେ ଏ ନେଇ ଏକ ପୁସ୍ତକ ରଚନା କରିବାକୁ ସ୍ଥିର କରିଛି'' ବୋଲି କହିଛନ୍ତି ସାରା।

**ନୂଆ ସିନେମା**

## ହୀରୋ ନଂ ଜିରୋ

ଖୁସି କ୍ରିଏସନ୍ସ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ହୀରୋ ନଂ ଜିରୋ'। ଚିତ୍ରର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ 'ପ୍ରେମ ପାଇଁ ମହାଭାରତ'ର ନିର୍ଦ୍ଦେଶକ ନିରଞ୍ଜନ ବେହେରା। ଖାସ୍ କଥା ହେଲା ଏହାର ମେଲ୍ ଲିଡ୍‌ରେ ଅଭିନୟ କରୁଥିବା ଜ୍ୟୋତି ନାୟକଙ୍କୁ ଦର୍ଶକ ଡବଲ ରୋଲ୍‌ରେ ଦେଖିବାକୁ ପାଇବେ। ନବାଗତା ଖୁସି ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେବାକୁ ଯାଉଥିବା ଉକ୍ତ ସିନେମା ସମ୍ପର୍କରେ ନିରଞ୍ଜନ କହନ୍ତି, 'ଏହାର କାହାଣୀ ସମ୍ପୂର୍ଣ୍ଣ ମୌଳିକ ଏବଂ କୌଣସି ଫିଲ୍ମରୁ କପି କରାଯାଇ ନାହିଁ। ଏଥିରେ ଲଭ୍, ଇମୋଶନ, ଆକ୍ସନ ରହିଛି। କାରଣ ମୋ ନିର୍ଦ୍ଦେଶିତ ପ୍ରଥମ ଫିଲ୍ମ 'ପ୍ରେମ ପାଇଁ ମହାଭାରତ'ର ସଫଳତା ପରେ ଏହି ଫିଲ୍ମଟି କିପରି ସବୁ ଦୃଷ୍ଟିରୁ ସରସ ସୁନ୍ଦର ହେବ ସେ ନେଇ ନିଶ୍ଚୟ ଚେଷ୍ଟା କରିବି।' ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଜ୍ୟୋତି–ଖୁସି ଯୋଡ଼ି ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ବବି ମିଶ୍ର, ଶ୍ରୀତମ ଦାସ, ବିଜୁ ବଡ଼ଜେନା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିବେ।


ଖୁସି

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରସଙ୍ଗ

ନିକଟରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ସ୍ୱଚ୍ଛତାକୁ ନେଇ ପ୍ରଯୋଜକମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରକୃତପକ୍ଷେ ବିଗତ ଦିନର ପୁରସ୍କାର ବେଳେ କଳାକାର, ଟେକ୍ନିସିଆନ, ପ୍ରଯୋଜକ, ନିର୍ଦ୍ଦେଶକମାନେ ନିଷ୍ପତ୍ତିକୁ ସ୍ୱାଗତ କରୁଥିଲେ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ପ୍ରାୟତଃ ନୀତିନିୟମକୁ ଆଧାରକରି ହୋଇଥାଏ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ୪ ବର୍ଷ ଅର୍ଥାତ୍ ୧୯୯୯ ମସିହାରୁ ୨୦୦୨ ମସିହା ପର୍ଯ୍ୟନ୍ତ ଦିଆଯାଇ ନ ଥିଲା। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ଜୁରିମାନଙ୍କର ନିଷ୍ପତ୍ତି ଗଠନମୂଳକ ହେବା ସହ ସେଥିରେ ସ୍ୱଚ୍ଛତା ରହିବା ନିହାତି ଆବଶ୍ୟକ। ଜାତୀୟ ପୁରସ୍କାରରେ ଗୋଟିଏ ବର୍ଷ ଜୁରିରେ ଥିଲେ ପରବର୍ତ୍ତୀ ୩ ବର୍ଷ ଜୁରି ସଦସ୍ୟ କରାଯାଏ ନାହିଁ। ରାଜ୍ୟରେ ଏହାର ବ୍ୟତିକ୍ରମ ୩ ବର୍ଷ ହେବ ଉପଲବ୍ଧି ହେଉଛି। ମୌଳିକ କାହାଣୀ ଉପରେ ପର୍ଯ୍ୟବସିତ ଚଳଚ୍ଚିତ୍ରକୁ ଶ୍ରେଷ୍ଠତ୍ୱ କରିବା ପାଇଁ ଉଲ୍ଲେଖ ରହିଛି। ହେଲେ ଗତ କିଛି ବର୍ଷ ହେବ ଏହି ପୁରସ୍କାର ପାଇଁ ଚୟନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ସେଥିପାଇଁ ସ୍ୱଚ୍ଛତା ଦିଗ ରେ ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟ ବିଗତ ଦିନରେ ଏହାକୁ ପ୍ରତିବାଦ କରିବା ସହ ସଂସ୍କୃତି ବିଭାଗ ପୁରସ୍କାରରେ ପରିଷ୍କାର କରୁ ବୋଲି ତାଙ୍କ ମନ୍ତବ୍ୟ ପ୍ରଦାନ କରିଥିଲେ। ସାମଗ୍ରିକ କୃତି ପାଇଁ ବରିଷ୍ଠତା ଭିତ୍ତିରେ ମର୍ଯ୍ୟାଦାଜନକ ଜୟଦେବ ପୁରସ୍କାରରେ ପୁରସ୍କୃତ ପ୍ରତିଭାମାନଙ୍କୁ ମନୋନୀତ କରାଯାଏ। ଏ କ୍ଷେତ୍ରରେ ଟାଳଟୁଳ ନୀତି ଆଦୌ ଗ୍ରହଣୀୟ ନୁହେଁ।

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ୧୯୭୩ ମସିହାରୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଦିଆହୋଇ ଆସୁଅଛି। ପୁରସ୍କାର ପାଇଥିବା ବ୍ୟକ୍ତିଙ୍କୁ ଯଦି ଠିକ୍ ନିର୍ଣ୍ଣୟ କରି ପୁରସ୍କୃତ କରାଯିବ ତାହା ପରିଷ୍କାର ଲାଗେ। ସୁପାରିସ ଜନିତ ପୁରସ୍କାର ଦୃଷ୍ଟିକଟୁ ହୋଇଥାଏ। ଜନସାଧାରଣ ଉପଲବ୍ଧି କରନ୍ତି ଯଦି ପୁରସ୍କାର ପରିଷ୍କାର ହୋଇଥିବ ତାଙ୍କ ପ୍ରତି ସ୍ୱତଃସ୍ଫୂର୍ତ୍ତ ସମ୍ମାନବୋଧ ଆସେ। ଆମେ ଯଦି ଲବିକରି ପୁରସ୍କାର ନେଉଥିବା ତାହା ଗୌଣ ପରି ଲାଗେ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ସଙ୍ଗୀତ କ୍ଷେତ୍ରରେ ସାମଗ୍ରିକ କୃତି ଥାଇ ଜୟଦେବ ପୁରସ୍କାର ଅତୀତରେ ବାଳକୃଷ୍ଣ ଦାଶ, ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କର ପୁରସ୍କାର ପାଇଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର, ବାସୁଦେବ ରଥ, ମୁସୀରଙ୍କ ଭଳି ଅଭିଜ୍ଞ ବ୍ୟକ୍ତି କେବେ ଏହି ସମ୍ମାନଜନକ ଜୟଦେବ ପୁରସ୍କାର ପାଉଛନ୍ତି ତାହା ଜାଣିବାକୁ ଆମକୁ କେବଳ ଅପେକ୍ଷା କରିବାକୁ ପଡ଼ିବ।

**–ଦିଲୀପ ହାଲି**
*ସମ୍ପାଦକ, ଓଡ଼ିଶା ସିନେକ୍ରିଟିକ ଆସୋସିଏଶନ, ବଡ଼ଗଡ଼, ଭୁବନେଶ୍ୱର,*
*ମୋ : ୯୮୬୧୦୦୯୨୫୨*

**ନାଟକ ସମୀକ୍ଷା**

## କାଳ୍ପନିକ ଦୁନିଆ




ଗାନ୍ଧୀବାଦ ଆଜି ପଥ ଭ୍ରଷ୍ଟ। ଏହାକୁ କେତେକେ ଅପବ୍ୟବହାର କରୁଛନ୍ତି। ଗାନ୍ଧୀବାଦ ଆଜି ଦୋଛକିରେ ଠିଆ ହୋଇଛି। ଏପରି ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ନାଟକ 'କାଳ୍ପନିକ ଦୁନିଆ' ନିକଟରେ ସିଏମ୍‌ବିଡି ଟ୍ରଷ୍ଟ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଇନ୍ଦ୍ରଧନୁ ନାଟକ ଉତ୍ସବରେ ମଞ୍ଚସ୍ଥ ହୋଇ ପ୍ରଶଂସିତ ହୋଇଛି। ଭୁବନେଶ୍ୱରସ୍ଥ ପ୍ରିୟଦର୍ଶିନୀ ଡ୍ୟାନ୍ସ ମ୍ୟୁଜିକ ଆଣ୍ଡ ନାଟକ ସମାଜ ପକ୍ଷରୁ ପରିବେଷିତ ଏହି ନାଟକରେ କଳାକାରଙ୍କ ଅଭିନୟ ନାଟକଟିକୁ ସଫଳ କରାଇବାରେ ଯଥେଷ୍ଟ ସହାୟକ ହୋଇଥିଲା। ନାଟକକୁ ରଚନା କରିବା ସହ ନିର୍ଦ୍ଦେଶନା ଦେଇଥିଲେ ବିଜୟ ସିଂ। ବିନୟ–ମମତା ସଙ୍ଗୀତ ଦାୟିତ୍ୱକୁ ବେଶ୍ ସୁଚାରୁ ରୂପେ ତୁଲାଇଥିଲେ। ମୃତ୍ୟୁଞ୍ଜୟ ପଣ୍ଡା (ବୁଲୁ)ଙ୍କ ବୈଷୟିକ ନିର୍ଦ୍ଦେଶନା କୌଣସି ଗୁଣରେ କମ୍ ନ ଥିଲା। ନାଟକର ବିଭିନ୍ନ ଭୂମିକାରେ ଜ୍ୟୋତି ପଣ୍ଡା, ମାନସ ମିଶ୍ର, ମମତା ମହାନ୍ତି, ସତ୍ୟ ପ୍ରକାଶ ମହାରଣା, ବବଲୁ, ସିଲୁ, ଶରତ ସମ୍ରାଟ, ଦିବ୍ୟା ଭାରତୀ, ସୁରେଶ ଏବଂ ମୃତ୍ୟୁଞ୍ଜୟ ପଣ୍ଡା ଅଭିନୟ କରିଥିଲେ। ହୃଦୟସ୍ପର୍ଶୀ ଉପସ୍ଥାପନା ଅଡିଟୋରିୟମରେ ଉପସ୍ଥିତ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବସି ନାଟକ ଦେଖିବାକୁ ଏକରକମ ବାଧ କରିଥିଲା।


ଦୀପିକା

## ପତ୍ନୀ ହେବ ଏମିତି

ସତରେ ପତ୍ନୀ ହେବ ଏମିତି। ନିକଟରେ ଦୀପିକାଙ୍କ ମୁହଁରୁ ପତିଦେବ ରଣବୀର ସିଂଙ୍କ ପ୍ରଶଂସା ଶୁଣି ଶୁଟିଂ ଚାଲିଥିବା ହିନ୍ଦୀ ସିନେମା '୮୩'ର ୟୁନିଟ୍ ସଦସ୍ୟମାନେ ଚକିତ ହୋଇଯାଇଥିଲେ। ସେଠାରେ ଉପସ୍ଥିତ କେତେଜଣ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେବା ସହ ସେ ରଣବୀରଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ସେ କହିଥିଲେ, 'ରଣବୀରଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। କାରଣ ଏବେ ମୋ ଆକ୍ଟିଂ କ୍ୟାରିୟରକୁ ମୁଁ କିପରି ଆଗେଇନେବି ସେ ନେଇ ସେ ବେଶ୍ ଯତ୍ନବାନ। ଆକ୍ଟିଂ ସମ୍ପର୍କରେ ତାଙ୍କର ପ୍ରତିଟି ଟିପ୍‌ସ୍‌କୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରୁଛି।' ଏସବୁ କଥା ଶୁଣି ସେଠାରେ ଉପସ୍ଥିତ ରଣୀବର ମୁରୁକି ମୁରୁକି ହସୁଥିବା ଦେଖିବାକୁ ମିଳିଥିଲା।

**ରିଲିଜ ଅପେକ୍ଷାରେ**

## ଫ୍ରମ୍ ମି ଟୁ ୟୁ


ଜ୍ୟୋତି–ଶ୍ରଦ୍ଧା

ଓଡ଼ିଆ ସିନେମା 'ଫ୍ରମ୍ ମି ଟୁ ୟୁ' ନଭେମ୍ବର ୧ରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମର କାହାଣୀରେ ଆକ୍ସନ, ଇମୋଶନ ଏବଂ ସସ୍‌ପେନ୍ସ ରହିଛି। ବିଶେଷଭାବରେ ବନ୍ଧୁତ୍ୱ ଉପରେ କାହାଣୀ ପର୍ଯ୍ୟବସିତ। ଚିତ୍ରର ମୁଖ୍ୟ ଭୂମିକାରେ ଜ୍ୟୋତି ଏବଂ ଅମ୍ଲାନ ଅଭିନୟ କରିଛନ୍ତି। କିନ୍ତୁ ସିନେମା ରିଲିଜ ହେବା ପୂର୍ବରୁ ଏହାର ଏକ ଗୀତ ଭାଇରାଲ ହୋଇଛି ଯାହାର ଟ୍ୟାଗ୍ ଲାଇନ୍ ରହିଛି 'ଆପଣମାନେ ଖୁସି ତ'। ଓଲିଉଡ୍‌ର ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ ଏହାର ସ୍ୱର ସଂଯୋଜନା କରିଛନ୍ତି। ଏପରି ଗୀତଟିକୁ ରଚନା କରିଛନ୍ତି ବସନ୍ତରାଜ ସାମଲ। ଏ ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ଆଶୁତୋଷ ଏବଂ ଅସୀମା ପଣ୍ଡା। 'ଆପଣମାନେ ଖୁସି ତ' ଲାଇନ୍‌ଟିକୁ ଗାଇଛନ୍ତି ବିଯୁଟିଫୁଲ ଦାସ। ଏହି ଫିଲ୍ମରେ ଜ୍ୟୋତି–ଅମ୍ଲାନଙ୍କ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି 'ମିଠା ମିଠା' ଚଳଚ୍ଚିତ୍ରରେ ଜ୍ୟୋତିଙ୍କ ନାୟିକା ସାଜିଥିବା ଶ୍ରଦ୍ଧା। ରିସ୍ତାୱେଭ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଫିଲ୍ମଟିର କାର୍ଯ୍ୟକାରୀ ପ୍ରଯୋଜନା କରିଛନ୍ତି ରାଜେଶ କୁମାର ମହାନ୍ତି। ହେମନ୍ତ କୁମାର ସାହୁ ଏହି ଫିଲ୍ମରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସହ–ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅଶ୍ୱିନୀ ଗଡ଼ନାୟକ। ଗୀତଗୁଡ଼ିକର କୋରିଓଗ୍ରାଫି କରିଛନ୍ତି ଅମିତ ନାୟକ।

**ଅପେରା ହାଲ୍‌ଚାଲ୍**

## ଅରୁଣ-ମହେଶଙ୍କ ହ୍ୟାଟ୍ରିକ

ନିର୍ଦ୍ଦେଶକ ମହେଶ ହାଜରା ଏବଂ ନାଟ୍ୟକାର ଅରୁଣ ନାୟକ ହ୍ୟାଟ୍ରିକ ମାରିଛନ୍ତି। ଗୋଟିଏ ଅପେରା ପାର୍ଟିରେ ଲଗାତର ତୃତୀୟ ଥର ପାଇଁ ସେମାନେ ଏକାଠି କାମ କରିବାକୁ ଯାଉଛନ୍ତି। ଅର୍ଥାତ୍, ଅନ୍ୟତମ ଅଗ୍ରଣୀ ଅପେରା ପାର୍ଟି ବାଘାଯତିନ ଲୋକନାଟ୍ୟର ଆସନ୍ତା ଯାତ୍ରା ସିଜନ ପାଇଁ ପ୍ରସ୍ତୁତ ହେଉଛି ନୂଆ ନାଟକ, ଯାହାର ଶୀର୍ଷକ



ରହିଛି 'ତୁ କାନ୍ଦିଲେ ମୁଁ କାନ୍ଦିବି'। ନାଟକଟିକୁ ରଚନା କରୁଛନ୍ତି ଅରୁଣ ନାୟକ ଏବଂ ନିର୍ଦ୍ଦେଶନାର ଗୁରୁ ଦାୟିତ୍ୱ ତୁଲାଇବେ ଓଲିଉଡ୍ ମେକର ଭାବରେ ପରିଚିତ ମହେଶ। ଏହାପୂର୍ବରୁ ଏହି ପାର୍ଟିର ଗତ ବର୍ଷର ନାଟକ 'ମୃତ୍ୟୁଦଣ୍ଡ' ଏବଂ ଚଳିତ ଯାତ୍ରା ସିଜନରେ ପ୍ରଶଂସା ସାଉଁଟି ଚାଲିଥିବା ନାଟକ 'ସୀତାର ଜଳୁଚି ଚିତା' ଯଥାକ୍ରମେ ରଚନା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇ ଏହି ଯୋଡ଼ି ବେଶ୍ ଚର୍ଚ୍ଚିତ ହୋଇଛନ୍ତି। ତେବେ ନୂଆ ନାଟକରେ କି ସ୍ପେଶାଲ ମସଲା ରହିଛି ତାହା ଏବେ କହିବା ଠିକ୍ ହେବନି ଏବଂ ନାଟକଟିକୁ ଦେଖିଲେ ହିଁ ଜାଣିପାରିବେ ବୋଲି କହନ୍ତି ମହେଶ। ତେବେ ଏହି ନାଟକ ଆସନ୍ତା ଯାତ୍ରା ସିଜନରେ ଅପେରାପ୍ରେମୀଙ୍କୁ କେତେ ମତୁଆଲା କରୁଛି ତାହା ଦେଖିବାକୁ ବାକି ରହିଲା।

| Dollar | Sensex | Nifty | Gold | Silver |
|---|---|---|---|---|
| $ ↓ 3 · 70.91 | ↑ 94.99 · 39,058.83 | ↑ 15.75 · 11,604.10 | ↑ ₹177 · 38,932.00 | ↑ ₹290 · 46,560.00 |

## ସଂକ୍ଷେପରେ

### ରିଲାଏନ୍ସ ଜୁଏଲ୍ସର ଅତୁଲ୍ୟ କଲେକ୍ସନ

ନୂଆଦିଲ୍ଲୀ,୨୩-୧୦: ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ନୂଆ ଅତୁଲ୍ୟ କଲେକ୍ସନ ବଜାରକୁ ଆସିଛି। ପାର୍ବଣକୁ ଧ୍ୟାନରେ ରଖି ରାଜସ୍ଥାନ ଏବଂ ମୋଗଲ ସ୍ଥାପତ୍ୟ ଆଧାରରେ ଏହି କଲେକ୍ସନଗୁଡିକ ବଜାରକୁ ଆସିଛି। ସେହିଭଳି ଦୀପାବଳି ଅବସରରେ ଗ୍ରାହକମାନେ ସୁନା ଗହଣା ଗଢାମୂଲ୍ୟ ଉପରେ ଫ୍ଲାଟ ୨୫% ରିହାତି ପାଇପାରିବେ। ହୀରା ଗହଣା ଉପରେ ୨୫% ପର୍ଯ୍ୟନ୍ତ, ସୁନା କଏନ ଗଢଣ ଉପରେ ଫ୍ଲାଟ ୨୫%, ସୁନା ଗହଣାର ଗଢାମୂଲ୍ୟ ଏବଂ ହୀରା ଗହଣା ମୂଲ୍ୟ ବାବଦ ୫ ଲକ୍ଷ ଟଙ୍କାର ଇନଭଏସରେ ଅତିରିକ୍ତ ୫% ରିହାତି ସୁବିଧା ରହିଛି। ୩୧ ଅକ୍ଟୋବର ଯାଏ ଗ୍ରାହକ ଏହି ଅଫରର ଲାଭ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ସେନ୍‌କୋ ଗୋଲ୍ଡ ପକ୍ଷରୁ ଦିୱାଲି ଅଫର

ନୂଆଦିଲ୍ଲୀ,୨୩-୧୦: ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ଦୀପାବଳି ଅଫର ଧନତେରାସ ଧନବୃଦ୍ଧି ଉତ୍ସବ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀରୁ କ୍ରୟ ଉପରେ ଗ୍ରାହକ ନିଶ୍ଚିତ ଉପହାର ଲାଭ କରିପାରିବେ। ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ସୁନା ଅଳଙ୍କାର କ୍ରୟ ଉପରେ ଗ୍ରାହକ ଏହି ଅଫରର ଲାଭ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ପାର୍ବଣକୁ ଧ୍ୟାନରେ ରଖି ଗ୍ରାହକଙ୍କୁ ସର୍ବୋତ୍କୃଷ୍ଟ ଅଫର ପ୍ରଦାନ କରାଯାଉଥିବା କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶୁଭଙ୍କର ସେନ କହିଛନ୍ତି। ପ୍ଲାଟିନମ ଅଳଙ୍କାର ଗଢା ମୂଲ୍ୟ ଉପରେ ୨୦% ରିହାତି ରହିଛି। ସୁନା, ରୁପା ଅଳଙ୍କାର ଉପରେ ଅଫର ସହ ଏସ୍‌ବିଆଇ କ୍ରେଡିଟ କାର୍ଡରେ ୫% ଅଫର ରହିଛି।

“ଚଳିତ ବର୍ଷ ଭାରତର ଅଭିବୃଦ୍ଧି ହାର ପୂର୍ବାନୁମାନ ମୁତାବକ ରହିବାକୁ ଥିବା ବେଳେ ଆସନ୍ତା ଆର୍ଥିକ ବର୍ଷ ଭାରତର ଜିଡ଼ିପି ଅଭିବୃଦ୍ଧି ୭% ଛୁଇଁବା ନେଇ ଆଶାବାଦୀ ରହିଛୁ।

– ଜୋନାଥନ ଓଷ୍ଟ୍ରି, ଉପନିର୍ଦ୍ଦେଶକ, ଆଇଏମ୍‌ଏଫ୍ ଏସିଆ ପାସିଫିକ ବିଭାଗ



“ଚାହିଦା ହ୍ରାସ ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷ ୩ ତ୍ରୈମାସରେ ହାଉସିଂ ବିକ୍ରି ଗତ ବର୍ଷ ତୁଳନାରେ ୧୬% ଅଧିକ ରହିଛି।

– ଅନୁଜ ପୁରୀ, ଅଧ୍ୟକ୍ଷ, ଆନାରକ ପ୍ରପର୍ଟି



# ମିଶିଯିବେ ବିଏସ୍‌ଏନ୍‌ଏଲ୍, ଏମ୍‌ଟିଏନ୍‌ଏଲ୍

ନୂଆଦିଲ୍ଲୀ,୨୩-୧୦

ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନଏଲର ପୁନରୁଦ୍ଧାର ଲାଗି କେନ୍ଦ୍ର କ୍ୟାବିନେଟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ବିଏସ୍‌ଏନ୍‌ଏଲ୍ ସହ ଏମ୍‌ଟିଏନ୍‌ଏଲ୍‌ର ମିଶ୍ରଣକୁ ନୀତିଗତ ମଞ୍ଜୁରୀ ମିଳିଛି। ଏହି ଦୁଇ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଲାଗି ୪ଜି ସ୍ପେକ୍ଟ୍ରମ ଆବଣ୍ଟନ କରାଯିବ। ଏହାବାଦ ସୋଭରେନ ଗ୍ୟାରେଣ୍ଟି ବଣ୍ଡ ଜରିଆରେ ଋଣ ପରିଶୋଧ, କର୍ମଚାରୀଙ୍କ ଖର୍ଚ୍ଚ କାଟ, ସମ୍ପତ୍ତି ବିନିଯୋଗ ଦ୍ୱାରା ପାଣ୍ଠି ସଂଗ୍ରହ ଆଦି ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି। କ୍ୟାବିନେଟ ନିଷ୍ପତ୍ତି ମୁତାବକ ୨ କମ୍ପାନୀକୁ ୪ଜି ସ୍ପେକ୍ଟ୍ରମ ଆବଣ୍ଟନ କରାଯିବା ଫଳରେ ଏମାନେ ବ୍ରଡବ୍ୟାଣ୍ଡ ଏବଂ ଡାଟା ସେବା ପ୍ରଦାନ କରିପାରିବେ। ଏହି ସ୍ପେକ୍ଟ୍ରମ ପାଇଁ ସରକାର ପାଣ୍ଠି ଯୋଗାଇ ଦେବେ ବୋଲି ସୂଚନା ରହିଛି। ୨ କମ୍ପାନୀଙ୍କୁ ୨୦,୧୪୦ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦିଆଯିବ। ସ୍ପେକ୍ଟ୍ରମ ମୂଲ୍ୟର ଜିଏସ୍‌ଟି ବାବଦ ଅର୍ଥ ୩,୬୭୪ କୋଟି ଟଙ୍କା ମଧ୍ୟ ସରକାର ବଜେଟରୁ ବ୍ୟୟ କରିବେ। ଏହି ସ୍ପେକ୍ଟ୍ରମ ବ୍ୟବହାର ଦ୍ୱାରା ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍ ୪ଜି ସେବା ଯୋଗାଣ ସହ ଅନ୍ୟ କମ୍ପାନୀମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଗ୍ରାମାଞ୍ଚଳରେ ଏହି ଦୁଇ କମ୍ପାନୀର ଏକ ଉନ୍ନତ ନେଟୱର୍କ ଥିବାରୁ ଦ୍ରୁତ ଡାଟା ସେବା ଯୋଗାଇ ଦେବାରେ ସେମାନେ ସଫଳ ହେବେ ବୋଲି ଆଶା କରାଯାଉଛି।

ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍ ମଧ୍ୟ ଦୀର୍ଘକାଳୀନ ବଣ୍ଡ ଜରିଆରେ ୧୫ ହଜାର କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିବେ। ଏଥିପାଇଁ ସୋଭରେନ ଗ୍ୟାରେଣ୍ଟି ଭାରତ ସରକାର ଯୋଗାଇ ଦେବେ। ଏହି ଉତ୍ସରୁ ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍ ସେମାନଙ୍କର ଋଣ ପରିଶୋଧ କରିବେ ତଥା କ୍ୟାପେକ୍ସ, ଓପେକ୍ସ ଓ ଅନ୍ୟାନ୍ୟ ଆବଶ୍ୟକତା ଆଂଶିକ ଭାବେ ପୂରଣ କରିବେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ଅତିକ୍ରମ କରିସାରିଥିବା ନିଜ କର୍ମଚାରୀଙ୍କୁ ଆକର୍ଷଣୀୟ ସ୍ୱେଚ୍ଛାକୃତ ଅବସର (ଭିଆରଏସ) ପ୍ରସ୍ତାବ ଦେବ। କେନ୍ଦ୍ର ସରକାର ବଜେଟ ଅର୍ଥରୁ ଏହି ବ୍ୟୟଭାର ବହନ କରିବେ। ଭିଆର୍‌ଏସ୍ ପାଇଁ ଅନୁଗ୍ରହ ରାଶି ୧୭,୧୬୯ କୋଟି ଟଙ୍କା ଆବଶ୍ୟକ ହେବ ବୋଲି ଜଣାପଡ଼ିଛି। ସେହିଭଳି ପେନସନ, ଗ୍ରାଚ୍ୟୁଇଟି ଓ କମ୍ୟୁଟେଶନ ଖର୍ଚ୍ଚ ସରକାର ବହନ କରିବେ। ଋଣ ପରିଶୋଧ, ବଣ୍ଡ ସର୍ଭିସିଂ, ନେଟୱର୍କ ଅପଗ୍ରେଡେସନ ଓ ସମ୍ପ୍ରସାରଣ ଏବଂ ପରିଚାଳନା ଆବଶ୍ୟକତା ପୂରଣ କରିବା ଲାଗି ବିଏସ୍‌ଏନ୍‌ଏଲ ଏବଂ ଏମ୍‌ଟିଏନଏଲ ସେମାନଙ୍କ ସମ୍ପତ୍ତି ବିନିଯୋଗ କରି ପାଣ୍ଠି ସଂଗ୍ରହ କରିବେ। ଦେଶର ଉପାନ୍ତ ଏବଂ ଗ୍ରାମାଞ୍ଚଳରେ ଥିବା ସେମାନଙ୍କ ବ୍ୟାପକ ଟେଲି କମ୍ୟୁନିକେଶନ ନେଟୱର୍କ ଜରିଆରେ ଉନ୍ନତମାନର ସେବା ଯୋଗାଇ ଦେବାରେ କମ୍ପାନୀ ସକ୍ଷମ ହେବେ ବୋଲି ଆଶା କରାଯାଉଛି। ଆସନ୍ତା ୧୨ରୁ ୧୫ ମାସ ମଧ୍ୟରେ ୪ଜି ସେବା ପାଇଁ ୬୦ ହଜାର ମୋବାଇଲ ସାଇଟ ଆରମ୍ଭ କରାଯିବ ବୋଲି ବିଏସ୍‌ଏନ୍‌ଏଲ୍ ଅଧ୍ୟକ୍ଷ ପି.କେ.ପୁରୱାର କହିଛନ୍ତି। ସେହିଭଳି ଆଗାମୀ ୨ ବର୍ଷ ମଧ୍ୟରେ ଏମ୍‌ଟିଏନ୍‌ଏଲ୍ ପରିଚାଳନାଗତ ଲାଭ ହାସଲ କରିବା ନେଇ ଆଶାବାଦୀ ରହିଥିବା ଏହାର ଏମ୍‌ଡି ସୁନୀଲ କୁମାର କହିଛନ୍ତି।

### ମିଳିଲା କ୍ୟାବିନେଟ ମଞ୍ଜୁରୀ




- ଉଭୟ କମ୍ପାନୀ ପାଇବେ ୪ଜି ସ୍ପେକ୍ଟ୍ରମ
- ୨୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ ପ୍ରସ୍ତାବ
- ୧୫ ହଜାର କୋଟି ଟଙ୍କାର ଦୀର୍ଘସ୍ଥାୟୀ ସୋଭରେନ ବଣ୍ଡ ଗ୍ୟାରେଣ୍ଟି
- କର୍ମଚାରୀଙ୍କ ପାଇଁ ସ୍ୱେଚ୍ଛାକୃତ ଅବସର ଯୋଜନା

# ଅଣ ତୈଳ କମ୍ପାନୀ ସ୍ଥାପନ କରିପାରିବେ ପେଟ୍ରୋଲ ପମ୍ପ

ନୂଆଦିଲ୍ଲୀ,୨୩-୧୦

କେନ୍ଦ୍ର ସରକାର ପେଟ୍ରୋଲ ପମ୍ପ ସ୍ଥାପନ କ୍ଷେତ୍ରରେ ରହିଥିବା ନିୟମକୁ ବୁଧବାର କୋହଳ କରିଛନ୍ତି। ନୂଆ ନିଷ୍ପତ୍ତି ମୁତାବକ ଏବେ ଅଣ ତୈଳ କମ୍ପାନୀଗୁଡ଼ିକ ଦେଶରେ ଏହି ବାଣିଜ୍ୟ କ୍ଷେତ୍ରରେ ପ୍ରବେଶ କରିପାରିବେ। ଏହା ଦ୍ୱାରା ଘରୋଇ କ୍ଷେତ୍ର ଏବଂ ବିଦେଶୀ ଫାର୍ମଗୁଡ଼ିକ ଉକ୍ତ କ୍ଷେତ୍ରରେ ବାଣିଜ୍ୟ ସ୍ଥାପନ ଦିଗରେ ମନ ବଳାଇବେ ବୋଲି ବଜାର ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ଭାବେ ଉଭା ହୋଇଥିବା ବେଳେ ଉକ୍ତ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସଂସ୍କାର ଗତ ଦୁଇ ଦଶନ୍ଧି ମଧ୍ୟରେ ସର୍ବବୃହତ ବୋଲି ଜଣାପଡ଼ିଛି। ଭାରତର ତୈଳ ବିପଣନ କ୍ଷେତ୍ରରେ ପ୍ରବେଶ କରିବାକୁ ଇଚ୍ଛୁକ ଥିବା କମ୍ପାନୀଗୁଡ଼ିକ ଲାଗି ବର୍ତ୍ତମାନ ଯାଏ ଭିନ୍ନ ନିୟମ ରହିଥିଲା।

ଏକ୍ଷେତ୍ରରେ କମ୍ପାନୀଗୁଡିକ ଲାଇସେନ୍ସ ଲାଭ କରିବା ଲାଗି ଭାରତରେ ୨,୦୦୦ କୋଟି ଟଙ୍କା ନିବେଶର ଆବଶ୍ୟକତା ପଡୁଥିଲା। ଏହି ନିବେଶ ଉଭୟ ହାଇଡ୍ରୋକାର୍ବନ ଉତ୍ତୋଳନ ଏବଂ ଉତ୍ପାଦନ, ରିଫାଇନିଂ, ପାଇପଲାଇନ, କିମ୍ବା ଏଲଏନ୍‌ଜି ଟର୍ମିନାଲ କ୍ଷେତ୍ରରେ ହେଉଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି(ସିସିଇଏ) ଏ କ୍ଷେତ୍ରରେ ନିୟମ ପରିବର୍ତ୍ତନକୁ ମଞ୍ଜୁରୀ ଦେଇଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, କମ୍ପାନୀଗୁଡ଼ିକର କାରବାର ୨୫୦ କୋଟି ଟଙ୍କା ରହିଥିଲେ ସର୍ତ୍ତମୂଳକ ଭାବେ ପେଟ୍ରୋଲ, ଡିଜେଲ ବିକ୍ରି ଲାଗି ଅନୁମତି ଦିଆଯିବ।

ଏହି କମ୍ପାନୀଗୁଡିକ ଆସନ୍ତା ୩ ବର୍ଷ ମଧ୍ୟରେ ଅନ୍ତତଃ ପକ୍ଷେ ସିଏନ୍‌ଜି, ଏଲ୍‌ଏନଜି, ଜୈବ ଇନ୍ଧନ ଏବଂ ଇ-ଯାନ ଚାର୍ଜିଂ ଭଳି ବର୍ଗରେ ଗୋଟିଏ ବିକଳ୍ପ ଇନ୍ଧନ ବିପଣନର ଫାସିଲିଟି ସ୍ଥାପନ କରିବେ। ସେହିଭଳି କୌଣସି ରିଟେଲର ସ୍ଥାପନ କରିବାକୁ ଥିବା ମୋଟ ଆଉଟଲେଟର ୫% କେବଳ ଗ୍ରାମାଞ୍ଚଳରେ ବସାଇବେ। ସରକାରଙ୍କ ନୂଆ ନିଷ୍ପତ୍ତି ଦ୍ୱାରା ଦେଶରେ ନିବେଶ ବୃଦ୍ଧି, ଅଧିକ ରିଟେଲ ଆଉଟଲେଟ ସ୍ଥାପନ, ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ଲୋକଙ୍କୁ ସେବା ଯୋଗାଣ କ୍ଷେତ୍ରରେ ସହାୟତା କରିବ ବୋଲି ଆଶା କରାଯାଉଛି। ଫ୍ରାନ୍ସର ଟୋଟାଲ ଏସ୍‌ଏ, ସାଉଦିଆରବର ଆରାମକୋ, ୟୁକେର ବିପି ପିଏଲ୍‌ସି ଏବଂ ପୁମା ଏନର୍ଜି ଭଳି କମ୍ପାନୀ ଷ୍ଟେଶନ ସ୍ଥାପନ ନେଇ ଆଗେଇ ଆସିବେ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି।



# ସଞ୍ଚୟ ଜମା ଖାତାର ଖର୍ଚ୍ଚବାଦିକୁ ଜାଣନ୍ତୁ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ମୁଁ ଆନ୍ଧ୍ର ବ୍ୟାଙ୍କ ମାଧ୍ୟମରେ ଅଗଷ୍ଟ ୨୦୧୫ଠାରୁ ଅଟଳ ପେନ୍‌ସନ ଯୋଜନାରେ ସଞ୍ଚୟ କରୁଛି। ପଞ୍ଜୀକରଣ ସମୟରେ ଝିଅ ଜନ୍ମ ତାରିଖକୁ ମନୋନୀତ ବ୍ୟକ୍ତି ବା ନୋମିନି ରଖିଥିଲି। PRAN କାର୍ଡରେ ସ୍ତ୍ରୀ ଓ ଝିଅର ନାମ ଲିପିବଦ୍ଧ ଅଛି। ଏବେ ମୋର ଦ୍ୱିତୀୟ ଝିଅ ଜନ୍ମ ତାରିଖକୁ ଦ୍ୱିତୀୟ ମନୋନୀତ ବ୍ୟକ୍ତି କରି ହେବ କି? ଯଦି ହିଁ, ଏଥିପାଇଁ କ’ଣ କରିବାକୁ ହେବ ଓ କିପରି କରାଯିବ?**

–ବିଶ୍ୱରଞ୍ଜନ ଦାସ, ଜଗନ୍ନାଥ ନଗର, ଭୁବନେଶ୍ୱର

▶ ହଁ। ଆପଣ ମନୋନୀତ ବ୍ୟକ୍ତି ପରିବର୍ତ୍ତନ କରିପାରିବେ। ଜଣେ ନାବାଳକ କିମ୍ବା ନାବାଳିକାଙ୍କୁ ମନୋନୀତ ବ୍ୟକ୍ତି ରଖିପାରିବେ। ଆପଣ ଲିଖିତ ଆବେଦନ ‘ଫର୍ମ-ଏସ୍’ ମାଧ୍ୟମରେ ଆବେଦନ କରିପାରିବେ। ଏହି ଫର୍ମ ପୂରଣ କରିବା ପରେ ଯେକୌଣସି ନୋଡାଲ୍ ଅଫିସର କିମ୍ବା ପିଓପି(ପଏଣ୍ଟ ଅଫ ସର୍ଭିସ) ଅଫିସରେ ଦାଖଲ କରିପାରିବେ। ପ୍ରାୟତଃ ସମସ୍ତ ବ୍ୟାଙ୍କ ଶାଖା, ଇକ୍ୟୁଟି ବ୍ରୋକିଙ୍ଗ କମ୍ପାନୀ ସବୁ ପିଓପି ହିସାବରେ କାମ କରନ୍ତି। ଆପଣ କାମସ୍(cams) ଅଫିସରେ ମଧ୍ୟ ଏହି ଫର୍ମ ଦାଖଲ କରିପାରିବେ। ବର୍ତ୍ତମାନ ଅନ୍‌ଲାଇନ ମାଧ୍ୟମରେ ମନୋନୀତ ବ୍ୟକ୍ତି ପରିବର୍ତ୍ତନ କରିବା ପାଇଁ ସୁବିଧା ନାହିଁ। ଆପଣଙ୍କୁ ଲିଖିତ ‘ଫର୍ମ-ଏସ୍’ର ପୂରଣ କରି ଦାଖଲ କରିବାକୁ ପଡିବ।

**ମୋ ସଞ୍ଚୟ ଜମାଖାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଅଛି। କିନ୍ତୁ ପ୍ରତି ବର୍ଷ ମୋ ଆକାଉଣ୍ଟରୁ ଡେବିଟ୍ କାର୍ଡ ଚାର୍ଜ ହିସାବରେ ଟଙ୍କା କାଟ ହେଉଛି। ଏହା କ’ଣ ଠିକ୍ କି? ସଞ୍ଚୟ ଜମାଖାତାରେ କଣ ସବୁ ଚାର୍ଜ ରହିଛି?**

–ସୁନୀତା ମିଶ୍ର, ଢେଙ୍କାନାଳ

▶ ପ୍ରାୟତଃ ଅଧିକାଂଶ ବ୍ୟକ୍ତିଙ୍କ ପାଇଁ ଏକ ସଞ୍ଚୟ ଜମାଖାତା ଆକାଉଣ୍ଟ ଖୋଲିବା ବହୁତ ସହଜ କାର୍ଯ୍ୟ। ଏହି ଆକାଉଣ୍ଟ ଖୋଲିବା ବହୁ ସହଜ ଏବଂ ଡିଜିଟାଲ ମାଧ୍ୟମରେ ହେଉଥିବାରୁ ଲୋକମାନେ କେବଳ ବାର୍ଷିକ ସୁଧହାର ମିଳିବା ଉପରେ ଧ୍ୟାନ ଦିଅନ୍ତି ଓ ସଞ୍ଚୟ ଜମାଖାତା ଖୋଲିବା ପାଇଁ ବ୍ୟାଙ୍କ ଚୟନ କରିନିଅନ୍ତି। ଗ୍ରାମାଞ୍ଚଳରେ ବାସ କରୁଥିବା ବ୍ୟକ୍ତି ବାଧ୍ୟବାଧକତାରେ ପାଖ ବ୍ୟାଙ୍କ ଶାଖାରେ ଆକାଉଣ୍ଟ ଖୋଲି ଦିଅନ୍ତି କାରଣ ଆଖପାଖରେ ଅନ୍ୟ ବ୍ୟାଙ୍କ ଶାଖା ନାହିଁ। କିନ୍ତୁ ସଞ୍ଚୟ ଜମାଖାତା ଖୋଲିବା ସମୟରେ ଚାର୍ଜ ବା ଖର୍ଚ୍ଚ ସବୁକୁ ଦୃଷ୍ଟି ଦେବା ନିହାତି ଜରୁରୀ। ପ୍ରାୟତଃ ପ୍ରତ୍ୟେକ ବ୍ୟାଙ୍କର ଖର୍ଚ୍ଚସବୁ ଅଲଗା ଅଲଗା ଥାଏ। ଆପଣଙ୍କର କିଛି ଆର୍ଥିକ ସଚେତନତା ବା ସାକ୍ଷରତା ହିଁ ଏସବୁ କ୍ଷେତ୍ରରେ ଆପଣଙ୍କୁ ସାହାଯ୍ୟ କରିବ। ସବୁ ଚାର୍ଜ ବିଷୟରେ ଜାଣିବା ନିହାତି ଜରୁରୀ। **ସଞ୍ଚୟ ଜମାଖାତାର ୬ଟି ଚାର୍ଜ ବା ଖର୍ଚ୍ଚବାଦି ମାସିକ ହାରାହାରି ବାଲାନ୍ସ ଭରଣପୋଷଣ ନ କରିବା–** ସମସ୍ତ ବ୍ୟାଙ୍କ ଆପଣଙ୍କ ସଞ୍ଚୟ ଜମାଖାତାର ବଳକା ରାଶି ଉପରେ ବାର୍ଷିକ ସୁଧହାର ପ୍ରଦାନ କରନ୍ତି। ଯଦି ଆପଣ କୌଣସି କାରଣ ବଶତଃ ସର୍ବନିମ୍ନ ବାଲାନ୍ସ ନ ରଖନ୍ତି ତେବେ ଆପଣଙ୍କୁ ଚାର୍ଜ ବା ଫାଇନ୍ ଆକାରରେ ବ୍ୟାଙ୍କ ଟଙ୍କା କାଟି ଦେବ। ଏହି ପ୍ରକାରର ଚାର୍ଜ ସାଧାରଣତଃ ୧୦୦ରୁ ୬୫୦ ଟଙ୍କା ଭିତରେ ରହିଥାଏ, ଯାହାକି ବ୍ୟାଙ୍କର ପରିଚାଳନା ବା କାର୍ଯ୍ୟ ସମ୍ବନ୍ଧୀୟ ଖର୍ଚ୍ଚ ଆପଣଙ୍କ ସଞ୍ଚୟ ଜମାଖାତାକୁ ଚାଲୁ ରଖିବା ପାଇଁ। **ଡେବିଟ୍ କାର୍ଡ ଖର୍ଚ୍ଚ–** ପ୍ରାୟତଃ ସମସ୍ତ ବ୍ୟାଙ୍କ ଡେବିଟ୍ କାର୍ଡ ଦିଅନ୍ତି ଏବଂ ଏହି କାର୍ଡ ଦେବା ପାଇଁ ଏକ ଖର୍ଚ୍ଚ ଓ ବାର୍ଷିକ ମଧ୍ୟ ରହିଥାଏ। ଏହି ଡେବିଟ୍ କାର୍ଡ ବାର୍ଷିକ ୧୦୦ରୁ ୮୦୦ ପର୍ଯ୍ୟନ୍ତ ଭିନ୍ନ କାର୍ଡ ଓ ସେବା ପାଇଁ ନିଅନ୍ତି। **ଚେକ୍ ବୁକ୍ ଖର୍ଚ୍ଚ–** ଅଧିକାଂଶ ବ୍ୟାଙ୍କ ପ୍ରତି ତ୍ରୈମାସିକ ପାଇଁ ୨୦-୨୫ଟି ଚେକ୍ ପାଇଁ କୌଣସି ଖର୍ଚ୍ଚ ନିଅନ୍ତି ନାହିଁ ବା ମୁକ୍ତରେ ପ୍ରଦାନ କରନ୍ତି। ଯଦି ଆପଣ ଏହାଠାରୁ ଅଧିକ ଅତିରିକ୍ତ ଚେକ୍ ଆବଶ୍ୟକ କରନ୍ତି ତେବେ ଆପଣଙ୍କୁ ଅତିରିକ୍ତ ୭୫ ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ଦେବାକୁ ପଡିବ। ଯଦି ଆପଣଙ୍କ ପ୍ରିମିୟମ ଆକାଉଣ୍ଟ ହୋଇଥାଏ ତେବେ ଆପଣଙ୍କ ଅଧିକ ଖର୍ଚ୍ଚ ଦେବାକୁ ପଡ଼ିବ। **ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍ ଫି–** ଆପଣ ଯଦି ଏନ୍‌ଇଏଫ୍‌ଟି, ଆଇଏମ୍‌ପିଏସ କିମ୍ବା ଆଇଟିଜିଏସ୍ ମାଧ୍ୟମରେ କିଛି ଟଙ୍କା ନେଣଦେଣ କରୁଛନ୍ତି ତେବେ ଆପଣଙ୍କୁ ଏହି ସେବା ପାଇଁ ଖର୍ଚ୍ଚ ଦେବାକୁ ପଡିବ। ଏନ୍‌ଇଏଫ୍‌ଟି (ନ୍ୟାଶନାଲ ଇଲେକ୍‌ଟ୍ରୋନିକ୍ ଫଣ୍ଡ ଟ୍ରାନସଫର) ପାଇଁ ସର୍ବନିମ୍ନ ରାଶିର ସୀମା ନ ଥାଏ କିନ୍ତୁ ଆର୍‌ଟିଜିଏସ୍ (ରିୟଲ ଟାଇମ ଗ୍ରସ୍ ସେଟଲମେଣ୍ଟ ସିଷ୍ଟମ) ପାଇଁ ସର୍ବନିମ୍ନ ୨ ଲକ୍ଷ ଟଙ୍କା ରହିଥାଏ। ଏନ୍‌ଇଏଫ୍‌ଟି କିମ୍ବା ଆର୍‌ଏମ୍‌ପିଏସ୍ ମାଧ୍ୟମରେ ଟଙ୍କା ପାଇବାକୁ ଆପଣଙ୍କୁ ୫ରୁ ୨୫ ଟଙ୍କା ଦେବାକୁ ପଡିବ ଯାହାକି ଆପଣ ପଠାଯାଇଥିବା ଟଙ୍କାର ପରିମାଣ ଉପରେ ନିର୍ଭର କରିଥାଏ। ଆଇଟିଜିଏସ୍ ମାଧ୍ୟମରେ ସାଧାରଣତଃ ୩୦ରୁ ୫୫ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ଦେବାକୁ ପଡିଥାଏ। **ନଗଦ ଟଙ୍କା କାରବାର ପାଇଁ ଖର୍ଚ୍ଚ –** ସମସ୍ତ ବ୍ୟାଙ୍କ ନଗଦ ଟଙ୍କା କାରବାର ଉପରେ ଖର୍ଚ୍ଚବାଦି ପରିବର୍ତ୍ତନ କରିଛନ୍ତି। ବର୍ତ୍ତମାନର ନିୟମ ଅନୁଯାୟୀ, ପ୍ରତି ହଜାର ଟଙ୍କା ପ୍ରତି ୫ ଟଙ୍କା ହିସାବରେ (ସର୍ବନିମ୍ନ ୧୫୦) ପ୍ରଥମ ୪ଟି ମୁକ୍ତ କାରବାର ପରେ ପ୍ରତ୍ୟେକ ମାସ ହିସାବରେ ଏହି ଖର୍ଚ୍ଚ ଦେବାକୁ ପଡିବ। **ଚେକ୍ ବାଉନସ୍ ଚାର୍ଜ–** ଯଦି ଆପଣ ଚେକ୍ ଇସ୍ୟୁ କରିଛନ୍ତି ଏବଂ ଏହା ବ୍ୟାଙ୍କରେ ଡିପୋଜିଟ୍ କଲା ପରେ ବାଉନସ୍ ନା ଚେକ୍ ଫେରିଆସିବା ହୁଏ ତେବେ ଆପଣଙ୍କୁ ଚାର୍ଜ ଦେବାକୁ ପଡ଼ିବ ଯାହାକି ୨୦୦ ରୁ ୮୦୦ ଟଙ୍କା ମଧ୍ୟରେ ଆସିଥାଏ।

ଆମର ପରାମର୍ଶ ଅତ୍ୟଧିକ ସଞ୍ଚୟ ଜମାଖାତା ଖୋଲନ୍ତୁ ନାହିଁ। ନିଜର ଆବଶ୍ୟକତାକୁ ଦୃଷ୍ଟି ଦେଇ ୧ଟି କିମ୍ବା ୨ଟି ଜମାଖାତା ଖୋଲନ୍ତୁ। ନିଜର ୧୦ଟି ୧୫ଟି ସଞ୍ଚୟ ଜମାଖାତା ଅଛି ବୋଲି ନିଜ ଉପରେ ଚାର୍ଜ କରନ୍ତୁ ନାହିଁ। ଏ ସବୁ ଚାର୍ଜ ଆପଣଙ୍କ ଧନର କ୍ଷତି ସାଧନ କରୁଛନ୍ତି।

**ମୋ ନିଜ ଘରକୁ ବୀମାଭୁକ୍ତ କରିବା ପାଇଁ ଚାହୁଁଛି। ଏହି ପଇଠ ରାଶି ଉପରେ ଆୟକର ଛାଡ ପାଇଁ ଦାବି କରିପାରିବି କି ?**

– ସଂଗ୍ରାମ ସାହୁ, ଛତ୍ରପୁର

▶ ନାହିଁ, ନିଜ ଘରକୁ ବୀମାଭୁକ୍ତ କରିବା ପାଇଁ ପ୍ରିମିୟମ ଦେୟ ରାଶି ଉପରେ ଆୟକର ଛାଡ ଦାବୀ କରିପାରିବେ ନାହିଁ।

ଆମ ଠିକଣା
ବିଜ୍‌ନେସ୍ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦

# ବିଓଆଇ ପକ୍ଷରୁ ଗ୍ରାହକ ସମ୍ପର୍କ ଋଣ ମେଳା

କେନ୍ଦୁଝର,୨୩-୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) କେନ୍ଦୁଝର ଅଞ୍ଚଳ ପକ୍ଷରୁ ସ୍ଥାନୀୟ ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ଏକ ଗ୍ରାହକ ସମ୍ପର୍କ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଡିଏମ୍ ଭକ୍ତଚରଣ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝୀ, ବ୍ୟାଙ୍କର ମହାପ୍ରବନ୍ଧକ ଅଭିଜିତ ବୋଷ ଏବଂ ଆଞ୍ଚଳିକ ପ୍ରବନ୍ଧକ ଗୁପ୍ତେରାମ ନାୟକ ଏହାକୁ ଶୁଭାରମ୍ଭ କରିଥିଲେ। ଏହା ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହ ଘରୋଇ କ୍ଷେତ୍ର ବ୍ୟାଙ୍କ, ସ୍ମଲ ସେଭିଂ ବ୍ୟାଙ୍କ, ଏନ୍‌ବିଏଫ୍‌ସି ଏବଂ ମାଇକ୍ରୋଫାଇନାନ୍ସ ସଂସ୍ଥା ଯୋଗ ଦେଇଛନ୍ତି। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଋଣ ଯୋଗାଣ ଭଳି ବିଭିନ୍ନ ପଦକ୍ଷେପ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଛି। ବ୍ୟାଙ୍କଗୁଡିକର ଋଣ ପ୍ରଦାନ କ୍ଷମତା, ଆଗ୍ରହର ପରିପ୍ରକାଶ, ଲୋକଙ୍କୁ ଋଣ ଯୋଗାଣ, ଆର୍ଥିକ ଅଭିବୃଦ୍ଧିକୁ ଧ୍ୟାନରେ ରଖି ବ୍ୟାଙ୍କ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।





ODISHA STATE CIVIL SUPPLIES CORPORATION LTD., DHENKANAL

AUCTION SALE NOTICE FOR MOBILE VAN

File No.- Estt. MV/Vii-78/2015-16/No. 3835/Date: 22.10.2019

No. CAD-495: Sealed tenders are invited for auction sale of one old Mobile Van bearing No. OR-02 L 5869 of this organisation. The up-set price of said vehicle is fixed to Rs.70,000.00 only. The last date of receipt of tender is Dt. 26.11.2019 upto 5.00 P.M. The detail tender documents with terms and conditions of the tender shall be available in the website of OSCSC Ltd., i.e. **www.oscsc.in** or can be obtained from District Manager, OSCSC Ltd., Dhenkanal.

Sd./- District Manager
OSCSC Ltd., Dhenkanal

07029/11/0001/1920

NANDANKANAN

NANDANKANAN ZOOLOGICAL PARK HAS LAUNCHED THE MOBILE APP THROUGH GOOGLE PLAY STORE FROM 24.10.2019

GOOD NEWS FOR ANIMAL LOVERS

- Now one can get entry ticket through **“Nandankanan App”**.
- Andrioid users can book entry ticket for Nandankanan Zoological Park and also avail the tickets for pindies and shed at State Botanical Garden.
- Users can get the information like visitor amenities, adoption scheme, zoo map which would act as a guide while inside the zoo.
- Apart from this one can get enriched their knowledge on various flora and fauna.
- Users can also get themselves educated through various zoo education and outreach programme.

Sd./- Deputy Director
Nandankanan Zoological Park

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: ୨୪୩୮୯/ଭୁ.ଉ.କ., ଭୁବନେଶ୍ୱର    ତା୧୫।୧୦।୨୦୧୯ରିଖ
CPDCP - 236/94

ସୂଚନା

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡିଷ୍ଟ୍ରିକ୍ଟ ସେଣ୍ଟର ବାଣିଜ୍ୟିକ ପ୍ରକଳ୍ପ, ଚନ୍ଦ୍ରଶେଖରପୁର, ପ୍ଲଟ ନଂ. ୧୪୮କୁ ଶ୍ରୀ ପ୍ରହଲ୍ଲାଦ ଚରଣ ପଣ୍ଡା, ପିତା- ସ୍ୱର୍ଗତ ଉଦୟନାଥ ପଣ୍ଡା, ସା/ପୋ.- ନହନ୍ତରା, ଭାୟା- ନିମାପଡ଼ା, ଜିଲ୍ଲା- ପୁରୀଙ୍କୁ ତା୧୨।୦୭।୧୯୯୬ରିଖରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନ ଗ୍ରାହୀ ଶ୍ରୀ ପଣ୍ଡା ତା ୨୧।୦୮।୨୦୧୪ରିଖରେ ମୃତ୍ୟୁ ବରଣ କରିଅଛନ୍ତି। ଇତି ମଧ୍ୟରେ ତାଙ୍କ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଆବେଦନ କରିଅଛନ୍ତି, ସେମାନେ ହେଲେ:

(୧) ବାସନ୍ତୀ କୁମାରୀ ପଣ୍ଡା (ସ୍ତ୍ରୀ), (୨) ବିଜୟ ପ୍ରସନ୍ନ ପଣ୍ଡା (ପୁତ୍ର), (୩) ବରଦା ପ୍ରସନ୍ନ ପଣ୍ଡା (ପୁତ୍ର), (୪) ବିମଳ ପ୍ରସନ୍ନ ପଣ୍ଡା (ପୁତ୍ର), (୫) ବିଶ୍ୱପ୍ରଭା ଶତପଥୀ (ବିବାହିତା କନ୍ୟା)।

ଉକ୍ତ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଆପତ୍ତି/ଅଭିଯୋଗ ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ କୌଣସି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ – ୨

GOVERNMENT OF ODISHA
ଓଡ଼ିଶା ସରକାର
OFFICE OF THE
ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)
POWER HOUSE SQUARE, UNIT-V, BHUBANESWAR
PH:-0674-2394873, FAX-2391255/2391014
Email: sdaorissa@nic.in, eic-epcei@nic.in

SHORT TENDER NOTICE

No. Tech-EC-582(Vol-IV)/ 3769 /
Dated, Bhubaneswar the 21st October 2019.

No. AA-14: Sealed tenders are invited from the organizations meeting the qualification requirement as per tender specification for providing services and items for the Energy Conservation Stall proposed to be organized during forthcoming Baliyatra-2019 at Cuttack, from 12.11.2019 to 19.11.2019 and other awareness programs proposed to be organized within the current financial year. The bidders should have valid PAN and GST registration for participation in the tender. The tenders will be received in sealed cover up to **2.00 PM of 06.11.2019** in the office of the undersigned by Regd. Post or hand delivered with due acknowledgement. The authority will not be responsible for postal delay for whatsoever reason thereof. The tenders shall be opened on **06.11.2019, 4.00 PM** in the presence of tenderers or their authorized representatives if any. The cost of tender document needs to be paid in shape of Demand Draft of **Rs.2,000/-** (Rupees Two thousand) only drawn in favour of **EE (P & M) -cum- DEI,** Bhubaneswar drawn on any Nationalized Bank, payable at Bhubaneswar and is to be submitted along with the bid. The tender document can be obtained from the **EE (P & M) -cum- DEI,** Office of EIC (Electricity) -cum- Principal Chief Electrical Inspector, Govt. of Odisha, Power House Square, Bhubaneswar – 751001 on payment of cost of tender document or can also be downloaded from our website: **eicelectricityodisha.nic.in** within **1.00 PM of 06.11.2019**. For further details, please contact EE (P & M) -cum- DEI, O/o EIC (E)-cum-PCEI, Unit-V, Power House Square, Bhubaneswar, Odisha or visit our website: **eicelectricityodisha.nic.in**. The undersigned reserves the right to reject the tenders without assigning any reason thereof.

04004/11/0013/1920    Sd./- EIC (E)-cum-PCEI & SDA (O).



“ସମ୍ପୂର୍ଣ୍ଣ ଟେଷ୍ଟ ସିରିଜରେ ଭାରତୀୟ ଦ୍ରୁତ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ। ବିଶେଷ କରି ଲାଇନ୍ ଓ ଲେନ୍ଥରେ ସ୍ଥିରତା ରଖିଥିଲେ ।

–ଫାଫ୍ ଡୁ ପ୍ଲେସି, ଦକ୍ଷିଣ ଆଫ୍ରିକା ଅଧିନାୟକ



“ଯଦି ତୁମେ ଘରୋଇ ଗ୍ରାଉଣ୍ଡରେ ଖେଳୁଛ, ତେବେ କିଛିମାତ୍ରାରେ ସୁବିଧାଜନକ ସ୍ଥିତିରେ ରହିବ। ମୁମ୍ବାଇ ବିପକ୍ଷ ମ୍ୟାଚ୍ ଆମ ପାଇଁ ଆଉ ଏକ ଚ୍ୟାଲେଞ୍ଜ।

–ଏଲକୋ ଷ୍ଟାଟୋରି, ଏଟିକେ ଫୁଟ୍‌ବଲ କୋଚ୍

## ସଂକ୍ଷେପରେ

### ପ୍ରଥମ ରାଉଣ୍ଡରୁ ଶ୍ରୀକାନ୍ତ, କାଶ୍ୟପଙ୍କ ବିଦାୟ

ପ୍ୟାରିସ,୨୩।୧୦ (ପି.ଟି.)- ଭାରତୀୟ ଶଟଲର କିଡାମ୍ବି ଶ୍ରୀକାନ୍ତ ଓ ପାରୁପଲ୍ଲି କାଶ୍ୟପ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ବୁଧବାର ୫୫ ମିନିଟ୍ ଧରି ଚାଲିଥିବା କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଶ୍ରୀକାନ୍ତ ୨୧-୧୫, ୭-୨୧, ୧୪-୨୧ ଗେମ୍‌ରେ ଚାଇନିଜ ତାଇପେଇର ଚୋଉ ତିଏନଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିଭଳି କାଶ୍ୟପ ହଂକଂର ଏନ୍‌ଜିକା ଲଙ୍ଗ ଅଙ୍ଗୁସଙ୍କ ଠାରୁ ୧୧-୨୧, ୯-୨୧ ଗେମ୍‌ରେ ହାରି ଯାଇଛନ୍ତି। ସମୀର ବର୍ମାଙ୍କୁ ମଧ୍ୟ ସମାନ ଫଳାଫଳର ସମ୍ମୁଖୀନ ହେବାକୁ ପଡ଼ିଛି। ତାଙ୍କୁ ୨୨-୨୦, ୧୮-୨୧, ୧୮-୨୧ ଗେମ୍‌ରେ ଜାପାନର କେଣ୍ଟା ନିଶିମୋଟୋ ପରାସ୍ତ କରିଛନ୍ତି। ଏବେ କେବଳ ଭାରତୀୟ ଶଟଲର ଭାବେ ଶୁଭଙ୍କର ଦେ ଟୁର୍ନାମେଣ୍ଟରେ ତିଷ୍ଠି ରହିଛନ୍ତି। ସେ ଦ୍ୱିତୀୟ ରାଉଣ୍ଡରେ ଇଣ୍ଡୋନେସିଆର ଶେସାର ହିରେନ ରୁଷ୍ଟାଭିଟୋଙ୍କୁ ଭେଟିବେ।

### ‘ବିଶ୍ୱ କ୍ରିକେଟର୍ସ’ ସଂଘର ସମର୍ଥନ

ଢାକା, ୨୩।୧୦ (ଏଏଫ୍‌ପି)- ବେତନ ବୃଦ୍ଧି ଓ ସୁବିଧା ସୁଯୋଗକୁ ନେଇ ବାଂଲାଦେଶ ଜାତୀୟ କ୍ରିକେଟ୍ ଖେଳାଳିଙ୍କ ଅଭୁତପୂର୍ବ ଧର୍ମଘଟକୁ ବିଶ୍ୱ କ୍ରିକେଟର୍ସ ସଂଘ ସମର୍ଥନ କରିଛି। ବାଂଲାଦେଶ ଜାତୀୟ ଦଳର କିଛି ଖେଳାଳିଙ୍କୁ ନେଇ ଗତ ସୋମବାରଠାରୁ ଏହି ଧର୍ମଘଟ ଆରମ୍ଭ ହୋଇଛି। ଫଳରେ ନଭେମ୍ବର ପ୍ରାରମ୍ଭରୁ ବାଂଲାଦେଶର ଭାରତ ଗସ୍ତ କାର୍ଯ୍ୟକ୍ରମ ଏବେ ଆଶଙ୍କା ମଧ୍ୟରେ ରହିଛି। ଦି ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ କ୍ରିକେଟର୍ସ ଆସୋସିଏଶନର କାର୍ଯ୍ୟନିର୍ବାହୀ ଅଧକ୍ଷ ଟୋନି ଇରିଶ ମଙ୍ଗଳବାର ଏକ ବିବୃତିରେ ବାଂଲାଦେଶ ଖେଳାଳିଙ୍କୁ ପ୍ରଶଂସା କରିଛନ୍ତି। ‘ଉଚିତ ପରିସ୍ଥିତିକୁ ସୁରକ୍ଷିତ କରିବା ପାଇଁ ଏକାଠି ଠିଆ ହେବା ଆବଶ୍ୟକ। ବାଂଲାଦେଶରେ ଖେଳାଳିଙ୍କୁ ଏକତ୍ର କରିବାରେ କଠିନ ପରିବେଶ ସତ୍ତ୍ୱେ ଏଭଳି ହୋଇଛି। ଏହା ସ୍ପଷ୍ଟ ଭାବେ ଦର୍ଶାଉଛି ଏକ ପ୍ରମୁଖ କ୍ରିକେଟ୍ ଦେଶ ଭାବେ ଖେଳାଳିଙ୍କୁ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରାଯାଉଛି ସେଥିରେ ପରିବର୍ତ୍ତନର ଆବଶ୍ୟକତା ରହିଛି’ ବୋଲି ଟୋନି ଏକ ବିବୃତିରେ କହିଛନ୍ତି। ଜାତୀୟ ଟେଷ୍ଟ ଓ ଟି୨୦ ଅଧିନାୟକ ଶାକିବ ଅଲ୍ ହାସାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଧର୍ମଘଟରେ ପ୍ରଥମ ଶ୍ରେଣୀ କ୍ରିକେଟର୍‌ଙ୍କ ପାଉଣାରେ ୫୦ ପ୍ରତିଶତ ବୃଦ୍ଧି, ଜାତୀୟ ଖେଳାଳିଙ୍କ ଚୁକ୍ତିରେ ବୃଦ୍ଧି, ଘରୋଇ କ୍ରିକେଟ୍‌ରେ ଅନୁଷ୍ଠିତ ୪ ଦିବସୀୟ ଓ ୫୦ ଓଭର ମ୍ୟାଚ୍‌ରେ ଫି ବୃଦ୍ଧି ଓ ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କୁ ଉନ୍ନତ ସୁବିଧା ସୁଯୋଗ ପ୍ରଦାନ ଦାବି କରାଯାଇଛି।

### ଏମ୍‌ସିସିର ଆଜୀବନ ସଦସ୍ୟ ହେଲେ ସ୍ମିଥ୍



ଲଣ୍ଡନ, ୨୩।୧୦ (ପି.ଟି.)- କ୍ରିକେଟ୍‌ର ନିୟମ ପ୍ରସ୍ତୁତକର୍ତ୍ତା ମେରିଲବୋନ କ୍ରିକେଟ୍ କ୍ଲବ (ଏମ୍‌ସିସି) ପକ୍ଷରୁ ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ ଗ୍ରେମ ସ୍ମିଥ୍‌ଙ୍କୁ ଏହାର ଆଜୀବନ ସଦସ୍ୟ ଭାବେ ମନୋନୀତ କରିଛି। ଏମ୍‌ସିସି ପକ୍ଷରୁ ଏହାର ଅଫିସିଆଲ ଟୁଇଟର୍ ଆକାଉଣ୍ଟରେ ମଙ୍ଗଳବାର ଏ ନେଇ ଘୋଷଣା କରାଯାଇଛି। ୨୦୦୨ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ବାମହାତୀ ବ୍ୟାଟ୍ସମ୍ୟାନ ସ୍ମିଥ୍ ଦକ୍ଷିଣ ଆଫ୍ରିକା ପାଇଁ ୩ଟି ଯାକ ଫର୍ମାଟ୍‌ରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ୧୯୭ ଦିନିକିଆ ମ୍ୟାଚ୍‌ରୁ ୪୮.୨ ଆଭରେଜରେ ୧୦ ଶତକ ସହ ସେ ୬,୯୮୯ ରନ୍ ସଂଗ୍ରହ କରିଥିଲେ। ସେହିଭଳି ୧୧୭ ଟେଷ୍ଟରୁ ୨୭ ଶତକ ସହ ୯,୨୬୫ ରନ ଏବଂ ୩୩ ଟି୨୦ରୁ ୯୮୨ ରନ କରିଛନ୍ତି। ମାତ୍ର ୨୨ ବର୍ଷ ବୟସରେ ଜାତୀୟ ଦଳର ନେତୃତ୍ୱ ନେଇ ସେ ଦକ୍ଷିଣ ଆଫ୍ରିକାର ସର୍ବକନିଷ୍ଠ ଅଧିନାୟକ ହେବାର ରେକର୍ଡ କରିଥିଲେ। ୨୦୦୪ରେ ସେ ଉ୍ୱିଜଡେନ କ୍ରିକେଟର୍ସ ଅଫ୍ ଦି ଇୟର ପୁରସ୍କାର ଲାଭ କରିଥିଲେ। ୨୦୦୩ରେ ଇଂଲଣ୍ଡ ଟୁର୍ ସ୍ମିଥ୍‌ଙ୍କ ପାଇଁ ବେଶ୍ ସ୍ମରଣୀୟ ରହିଥିଲା। ଏହି ଟୁର୍‌ରେ ସେ ୨ଟି ଦ୍ୱିଶତକୀୟ ଇନିଂସ ଖେଳିଥିଲେ।

# ଅଲିମ୍ପିକ୍ସ ସ୍ୱପ୍ନରେ ବିଭୋର ବିବେକ

ଭୁବନେଶ୍ୱର, ୨୩।୧୦(କ୍ରୀଡ଼ା ପ୍ରତିନିଧି)

ନଭେମ୍ବର ୧ ଓ ୨ ତାରିଖରେ ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଖେଳିବ। ମହିଳା ଦଳର ପ୍ରତିଦ୍ୱନ୍ଦ୍ୱୀ ଆମେରିକା ରହିଥିବାବେଳେ ପୁରୁଷ ଦଳ ଅପେକ୍ଷାକୃତ ଲୋ ର୍‍ୟାଙ୍କ୍‌ପ୍ରାପ୍ତ ରୁଷିଆକୁ ଭେଟିବ। ଏଥିପାଇଁ କଳିଙ୍ଗ ଷ୍ଟାଡିୟମରେ ଉଭୟ ଦଳର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ମହିଳା ଦଳର ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ଏବଂ ପୁରୁଷ ଦଳ କୋଚ୍ ଗ୍ରାହାମ ରିଡ୍ ଆଗାମୀ ମ୍ୟାଚକୁ ଦୃଷ୍ଟିରେ ରଖି ନିଜ ନିଜ ଦଳକୁ ପ୍ରସ୍ତୁତ କରୁଛନ୍ତି। ଭାରତୀୟ ପୁରୁଷ ଦଳରେ ସ୍ଥାନ ପାଇଥିବା ଯୁବ ମିଡ୍‌ଫିଲ୍ଡର ବିବେକ ସାଗର ପ୍ରସାଦ ଆଗାମୀ ମ୍ୟାଚକୁ ବ୍ୟଗ୍ରତାର ସହିତ ଅପେକ୍ଷା କରିଛନ୍ତି। ଅଲିମ୍ପିକ୍ସରେ ଖେଳିବା ତାଙ୍କର ସ୍ୱପ୍ନ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ତା’ ପୂର୍ବରୁ ରୁଷିଆ ବିପକ୍ଷ କ୍ୱାଲିଫାୟର୍ସ ଖେଳିବା ଉପରେ ସେ ଏକାଗ୍ର ରହିଛନ୍ତି ବୋଲି କହିଛନ୍ତି।

ଭାରତର ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳିଭାବେ ସିନିୟର ଦଳରେ କ୍ୟାରିୟର ଆରମ୍ଭ କରିଥିଲେ ବିବେକ। ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଜାପାନ ବିପକ୍ଷ ମ୍ୟାଚରେ ନିଜର ପ୍ରଥମ ମ୍ୟାଚ ଖେଳିବା ବେଳକୁ ତାଙ୍କୁ ୧୭ ବର୍ଷ ୧୦ ମାସ ୨୨ ଦିନ ହୋଇଥିଲା। ମଧ୍ୟପ୍ରଦେଶ ହକି ଏକାଡେମୀରୁ ଟ୍ରେନିଂପ୍ରାପ୍ତ ବିବେକ ସିନିୟର ପଦାର୍ପଣ କରିବାପରେ ୨୦୧୮ ମସିହାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ ଗେମ୍ସ, ଏଫଆଇଏଚ୍ ପୁରୁଷ ଚାମ୍ପିୟନ୍ସ ଟ୍ରଫି ଏବଂ ଯୁଥ୍ ଅଲିମ୍ପିକ୍ ଗେମ୍ସରେ ପ୍ରଭାବୀ ପ୍ରଦର୍ଶନ କରି ଆସିଛନ୍ତି। ଏବେ ମାତ୍ର ୧୯ ବର୍ଷ ହୋଇଥିବାରୁ ବିବେକଙ୍କ ପାଇଁ ଲମ୍ବା ରାସ୍ତା ପଡ଼ିଛି। ‘‘ଯୁବ ବୟସରେ ସିନିୟର ଦଳରେ ଚୟନ ହୋଇଥିବାରୁ ପ୍ରଥମେ ମୋ ପାଇଁ କିଛିଟା କଷ୍ଟ ହୋଇଥିଲା। ଜୁନିୟର ଦଳରେ ଖେଳିବା ଏବଂ ସିନିୟରରେ ଖେଳିବାର କୌଶଳରେ ଅନେକ ଭିନ୍ନତା ରହିଛି। ୨୦୧୮ରେ କୋଚ୍ ଜୋର୍ଡ ମାରିଜନେଙ୍କ ଅଧୀନରେ ମୁଁ ସିନିୟର ସ୍ତରରେ ଖେଳିବା ଆରମ୍ଭ କରିଥିଲି। ନିଜକୁ ପ୍ରଥମେ ଆଡଜଷ୍ଟ କରିଥିଲି, ମାରିଜନେ ମୋ ଆତ୍ମବିଶ୍ୱାସକୁ ବଢ଼ାଇଥିଲେ। ଆରମ୍ଭ ନିଶ୍ଚିତଭାବେ ସହଜ ନ ଥିଲା। ତେବେ ମୁଁ ନିଜକୁ ଖାପ ଖୁଆଇବା ସହ ଗତ ବର୍ଷ ଅପେକ୍ଷା ଉନ୍ନତ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ଦଳୀୟ ଖେଳାଳି ଓ କୋଚ୍‌ଙ୍କ ସହଯୋଗକ୍ରମେ ମୁଁ ଦଳୀୟ ରଣନୀତିର ଅଂଶବିଶେଷ ହୋଇ ପାରୁଛି’’ ବୋଲି ବିବେକ ପ୍ରକାଶ କରିଛନ୍ତି।

ଭାରତୀୟ ଦଳ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫ମରେ ଥିବାବେଳେ ରୁଷିଆ ୨୨ତମ ସ୍ଥାନରେ ରହିଛି। ତେବେ ପ୍ରତିଦ୍ୱନ୍ଦ୍ୱୀ ରୁଷିଆକୁ ଭାରତ ହାଲ୍‌କାଭାବେ ନେଉନାହିଁ ବୋଲି ବିବେକ ସ୍ପଷ୍ଟ କରିଛନ୍ତି। ‘‘ଆମେ ପ୍ରତିଦ୍ୱନ୍ଦ୍ୱୀର ଶକ୍ତିକୁ ଦେଖିବା ଅପେକ୍ଷା ନିଜେ କିପରି ଶତ ପ୍ରତିଶତ ପ୍ରଦର୍ଶନ ଦେଇ ପାରିବୁ ତା ଉପରେ ଫୋକସ କରୁଛୁ। ବେଲ୍‌ଜିୟମ ଟୁର୍ ଆମ ପାଇଁ ବହୁତ ଭଲ ରହିଲା। ଆମେ ବିଶ୍ୱ ଚାମ୍ପିୟନ ବେଲ୍‌ଜିୟମକୁ ହରାଇବା ସହ ସ୍ପେନ୍ ଦଳକୁ ମଧ୍ୟ ପରାସ୍ତ କରିଛୁ। ଏହି ଗସ୍ତରେ ଦଳୀୟ ପ୍ରଦର୍ଶନରେ କୋଚ୍ ଗ୍ରାହାମ ରିଡ୍ ସନ୍ତୋଷ ପ୍ରକାଶ କରିଛନ୍ତି। ରୁଷିଆ ବିପକ୍ଷ ମ୍ୟାଚରେ ମଧ୍ୟ ଆମେ ତା’ର ପୁନରାବୃତ୍ତି ଲକ୍ଷ୍ୟ ରଖିଛୁ’’ ବୋଲି ସେ କହିଛନ୍ତି।



ବିବେକ ସାଗର ପ୍ରସାଦ

ସିନିୟର ଦଳକୁ ଆସିବା ପୂର୍ବରୁ ବିବେକ ଜୁନିୟର ସ୍ତରରେ ଚମତ୍କାର ପ୍ରଦର୍ଶନ କରି ଚୟନ କର୍ତ୍ତାଙ୍କୁ ପ୍ରଭାବିତ କରିଥିଲେ। ୨୦୧୭ ସୁଲତାନ ଜୋହର କପ୍‌ରେ ତାଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ସେ ଦଳର ଅଧିନାୟକ ମଧ୍ୟ ଥିଲେ। କୌଣସି ଦଳ ସହ ଏହା ତାଙ୍କର ପ୍ରଥମ ଟୁର୍ ଥିଲା। ପ୍ରତିଯୋଗିତାରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ପାଇଥିଲେ ହେଁ ବିବେକ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଏହା ଏକ ସ୍ମରଣୀୟ ଟୁର୍ ଥିଲା, ମାତ୍ର ସ୍ୱର୍ଣ୍ଣ ପଦକ ଜିତିଥିଲେ ତାହା ଅଧିକ ସ୍ମରଣୀୟ ହୋଇ ପାରିଥାନ୍ତା। ତେବେ ଏହି ଟୁର୍ନାମେଣ୍ଟ ମୋ ପାଇଁ ଶୁଭ ସାବ୍ୟସ୍ତ ହୋଇଥିଲା ଏବଂ ମୋତେ ଏହାପରେ ସିନିୟର କ୍ୟାମ୍ପକୁ ଡାକରା ମିଳିଥିଲା। ମୋତେ ସିନିୟର ଦଳରେ ସାମିଲ କରିବା ପ୍ରକ୍ରିୟା ଏହିଠାରୁ ଆରମ୍ଭ ହୋଇଥିଲା। ହକିକୁ କ୍ୟାରିୟର କରୁଥିବା ପ୍ରତି ଖେଳାଳି ଅଲିମ୍ପିକ୍ସରେ ଖେଳିବା ସ୍ୱପ୍ନ ରଖିଥାନ୍ତି। ମୋର ମଧ୍ୟ ସେହି ସ୍ୱପ୍ନ ରହିଛି। ଆଗାମୀ ରୁଷିଆ ବିପକ୍ଷ କ୍ୱାଲିଫାୟର୍ସରେ ଶ୍ରେଷ୍ଠ ପ୍ରଦର୍ଶନ କରି ଆମେ ଅଲିମ୍ପିକ୍ସ ଖେଳିବାକୁ ଚାହୁଁ। ବ୍ୟକ୍ତିଗତଭାବେ ମୁଁ କଠିନ ପରିଶ୍ରମ କରି ନିଜକୁ ପ୍ରସ୍ତୁତ କରୁଛି ବୋଲି ବିବେକ ପ୍ରକାଶ କରିଛନ୍ତି।

ବିବେକ ଏପର୍ଯ୍ୟନ୍ତ ୫୭ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂ ଓ ବର୍ତ୍ତମାନର ସିନିୟର ଗୋଲକିପର ପି.ଆର. ଶ୍ରୀଜେଶଙ୍କ ପ୍ରଦର୍ଶନର ସକାରାତ୍ମକ ପ୍ରଭାବ ତାଙ୍କ ଉପରେ ପଡ଼ିଛି ବୋଲି କହିଛନ୍ତି। ଯୁବ ବୟସରେ ସିନିୟର କ୍ୟାମ୍ପକୁ ଡାକରା ପାଇଥିବାରୁ ମନରେ ଭୟ ରହିଥିଲା। ମାତ୍ର ସେତେବେଳେ ସର୍ଦ୍ଦାର ସିଂଙ୍କ ପରି ସିନିୟର ଖେଳାଳିମାନେ ମୋତେ ଗାଇଡ୍ କରିବା ସହ ମନୋବଳ ବଢ଼ାଇଥିଲେ। ମନପ୍ରୀତ ସିଂ ଏବଂ ଶ୍ରୀଜେଶଙ୍କ ସିନିୟର ଖେଳାଳିଙ୍କ ପରାମର୍ଶ ମୋ ପାଇଁ ବହୁ ଉପାଦେୟ ହୋଇଛି। ଏବେ ଦଳ ପାଇଁ ଘଡ଼ିସନ୍ଧି ମୁହୂର୍ତ୍ତ। ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଆମର ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରସ୍ତୁତ ବୋଲି ଚଳିତବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ପାଇଥିବା ବିବେକ କହିଛନ୍ତି।

### କ୍ରିକେଟ୍‌ରୁ ଅବସର ନେଲେ ନାୟାର



ମୁମ୍ବାଇ, ୨୩।୧୦ (ପି.ଟି.)

ମୁମ୍ବାଇ ଦଳର ଭେଟେରାନ ଅଲ୍‌ରାଉଣ୍ଡର ଅଭିଷେକ ନାୟାର ବୁଧବାର କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ୩୬ ବର୍ଷୀୟ ଏହି ବାମହାତୀ ବ୍ୟାଟ୍ସମ୍ୟାନ ଓ ଡାହାଣହାତୀ ମଧ୍ୟଗତିର ବୋଲର ଭାରତ ପକ୍ଷରୁ ମଧ୍ୟ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ। ୨୦୦୯ରେ ୱେଷ୍ଟଇଣ୍ଡିଜ ସିରିଜରେ ସେ ପଦାର୍ପଣ କରିଥିଲେ ମଧ୍ୟ ଏହାପରେ ତାଙ୍କୁ ଆଉ ଜାତୀୟ ଦଳରେ ସୁଯୋଗ ମିଳି ନ ଥିଲା। ତେବେ ଘରୋଇ କ୍ରିକେଟ୍‌ରେ ସେ ବେଶ୍ ସଫଳତା ପାଇଥିଲେ। ମୁମ୍ବାଇର ସଙ୍କଟମୋଚନ ଭାବେ ପରିଚିତ ନାୟାର ୧୦୩ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ୧୩ ଶତକ ସହାୟତାରେ ୫୭୪୯ ରନ ଓ ବୋଲିଂରେ ୧୭୩ ଉଇକେଟ୍ ଅକ୍ତିଆର କରିଛନ୍ତି। ୨୫୯ ତାଙ୍କ ଶ୍ରେଷ୍ଠ ସ୍କୋର ରହିଥିଲା। ସେହିଭଳି ସେ ୯୯ ଲିଷ୍ଟ–ଏ ଓ ୯୫ ଟି୨୦ ମ୍ୟାଚ୍‌ରେ ମୁମ୍ବାଇ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଲିଷ୍ଟ–ଏ’ରେ ୨୧୪୫ ଓ ଟି୨୦ରେ ୧୨୯୧ ରନ ସଂଗ୍ରହ କରିଥିବାବେଳେ ବୋଲିଂରେ ଯଥାକ୍ରମେ ୭୯ ଓ ୨୭ ଉଇକେଟ୍ ନେଇଛନ୍ତି। ସ୍ମରଣୀୟ କ୍ୟାରିୟରରେ ନାୟାର ବିପଦ ସମୟରେ ମୁମ୍ବାଇକୁ ଅନେକ ମ୍ୟାଚ୍‌ରେ ଉଦ୍ଧାର କରିଛନ୍ତି।

## କର୍ଣ୍ଣାଟକ–ତାମିଲନାଡୁ ଫାଇନାଲ

**ବିଜୟ ହଜାରେ ଟ୍ରଫି**

ବେଙ୍ଗାଲୁରୁ, ୨୩।୧୦ (ପି.ଟି.)

କର୍ଣ୍ଣାଟକ ଓ ତାମିଲନାଡୁ ମଧ୍ୟରେ ବିଜୟ ହଜାରେ ଟ୍ରଫି ଅଷ୍ଟାଦଶ ସଂସ୍କରଣର ଫାଇନାଲ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ବୁଧବାର ଖେଳାଯାଇଥିବା ଉଭୟ ସେମିଫାଇନାଲରେ କର୍ଣ୍ଣାଟକ ଓ ତାମିଲନାଡୁ ଯଥାକ୍ରମେ ଛତିଶଗଡ଼ ଓ ଗୁଜରାଟକୁ ପରାସ୍ତ କରି ଟ୍ରଫି ଲଢ଼େଇକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।

ପ୍ରଥମ ସେମିଫାଇନାଲରେ ଛତିଶଗଡ଼କୁ ୯ ଉଇକେଟ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରି କର୍ଣ୍ଣାଟକ ବିଜୟ ଟ୍ରଫି ଇତିହାସରେ ୪ର୍ଥ ଥର ଲାଗି ଫାଇନାଲରେ ସ୍ଥାନ ପକ୍କା କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଛତିଶଗଡ଼ ଅମନଦୀପ୍ ଖାରେ (୭୮), ସୁମିତ୍ ରୁଇକର (୪୦)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୪୯.୪ ଓଭରରେ ୨୨୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ କର୍ଣ୍ଣାଟକ ଲୋକେଶ ରାହୁଲ (ଅପରାଜିତ ୮୮ ରନ, ୧୧୧ ବଲ୍, ୬ ଚୌକା, ୧ ଛକା) ଓ ସାଥୀ ଓପନିଂ ବ୍ୟାଟ୍ସମ୍ୟାନ ଦେବଦ୍ୱତ ପାଡିକ୍କଲ (୯୨ ରନ, ୯୮ ବଲ)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ୪୦ ଓଭରରେ ଗୋଟିଏ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ମୟଙ୍କ ଅଗ୍ରୱାଲ ୪୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ।

**ଷଷ୍ଠ ଥର ପାଇଁ ଫାଇନାଲରେ ତାମିଲନାଡୁ –**

ସେହିଭଳି ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ସେମିଫାଇନାଲରେ ତାମିଲନାଡୁ ୫ ଉଇକେଟ୍‌ରେ ଗୁଜରାଟକୁ ମାତ୍ ଦେଇଛି। ଏଥିସହ ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ ତାମିଲନାଡୁ ୬ଷ୍ଠ ଥର ପାଇଁ ଏହି ସମ୍ମାନଜନକ ଟୁର୍ନାମେଣ୍ଟର ଫାଇନାଲରେ ପହଞ୍ଚିଛି। ବର୍ଷା ଯୋଗୁ ମ୍ୟାଚ୍‌କୁ ୪୦ ଓଭର ବିଶିଷ୍ଟ କରାଯାଇଥିଲା। ଗୁଜରାଟ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ୍‌ରେ ୧୭୭ ରନ କରିଥିଲା। ଜବାବରେ ତାମିଲନାଡୁ ଶାହରୁଖ ଖାଁ (୫୬*), ଦୀନେଶ କାର୍ତ୍ତିକ (୪୭)ଙ୍କ ବ୍ୟାଟିଂ ବଳରେ ୫ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

## ବିଜୟ ସହ ଗୋଆର ଅଭିଯାନ ଆରମ୍ଭ

**ଇଣ୍ଡିଆନ ସୁପର ଲିଗ୍**

ଗୋଆ,୨୩।୧୦(ପି.ଟି.)

ଚଳିତ ହିରୋ ଇଣ୍ଡିଆନ ସୁପର ଲିଗରେ ଏକ ଦମଦାର ବିଜୟ ସହିତ ଅଭିଯାନ ଆରମ୍ଭ କରିଛି ଗତ ବର୍ଷର ରନର୍ସଅପ ଏଫସି ଗୋଆ। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମଠାରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ଘରୋଇ ଦଳ ଗୋଆ ୩–୦ ଗୋଲରେ ଚେନ୍ନାଇୟିନ ଏଫସିକୁ ପରାସ୍ତ କରିଛି। ଗୋଆ ପ୍ରଥମାର୍ଦ୍ଧରେ ଗୋଟିଏ ଏବଂ ଦ୍ୱିତୀୟାର୍ଦ୍ଧରେ ଦୁଇଟି ଗୋଲ ସ୍କୋର କରିଥିଲା।

ଗୋଆ ଦଳ ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତି ଆପଣାଇ ତୃତୀୟ ମିନିଟରେ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ମର୍ଟଡା ଫଲ ବାଇସାଇକେଲ ଶଟ୍ ଜରିଆରେ କରିଥିବା ଉଦ୍ୟମ ବ୍ୟର୍ଥ ହୋଇଥିଲା। ୧୫ତମ ମିନିଟରେ ଗୋଆର ଲେନି ରଡରିଗସଙ୍କୁ ବିପଜ୍ଜନକ ଖେଳ ପାଇଁ ରେଫରି ହଳଦିଆ କାର୍ଡ ଦେଖାଇଥିଲେ। ପ୍ରଥମାର୍ଦ୍ଧରେ ଚେନ୍ନାଇୟିନ ଗୋଲରକ୍ଷକ ବିଶାଳ କାଇଥ ଦମ୍‌ଦାର ପ୍ରଦର୍ଶନ କରି ଦଳକୁ ଏକାଧିକ ବିପଦରୁ ରକ୍ଷା କରିଥିଲେ। ଚେନ୍ନାଇୟିନ ଦଳ ମଧ୍ୟ ଗୋଲ ଦେବାର ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ୩୦ତମ ମିନିଟରେ ଲେନ ଡଙ୍ଗେଲ ମ୍ୟାଚର ପ୍ରଥମ ଗୋଲ ଦେଇ ହାଫ୍ ଟାଇମ୍ ସୁଦ୍ଧା ଗୋଆକୁ ୧–୦ ରେ ଅଗ୍ରଣୀ କରାଇଥିଲେ। ଆଇଏସଏଲରେ ଏହା ଥିଲା ତାଙ୍କର ଅଷ୍ଟମ ଗୋଲ। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଗୋଆ ଦଳ ତା’ର ଆକ୍ରମଣ ଜାରି ରଖି ପ୍ରତିପକ୍ଷ ଉପରେ ପ୍ରବଳ ଚାପ ପକାଇଥିଲା। ବିଶେଷକରି ଫେରାନ କରୋମିଆନ୍ସ ଓ ଲେନ ଡଙ୍ଗେଲଙ୍କ ଯୋଡି ଚେନ୍ନାଇୟିନ ସମସ୍ୟାରେ ପକାଇଥିଲେ। ମ୍ୟାଚର ୬୨ତମ ମିନିଟରେ କରୋମିଆନ୍ସ ଗୋଆ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।

ଘରୋଇ ଦଳ ୨–୦ରେ ଅଗ୍ରଣୀ ହେବା ପରେ ମଧ୍ୟ ଆକ୍ରମଣାତ୍ମ ଖେଳ ଜାରି ରଖିଥିଲା। ମ୍ୟାଚ୍‌ର ୮୧ତମ ମିନିଟରେ କାର୍ଲସ ପେନା ଦଳ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ ଓ ଦଳକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ। ଗୋଆ ଗୋଲରକ୍ଷକ ମହମ୍ମଦ ନୱାଜ ମ୍ୟାଚର ଉଦୀୟମାନ ଖେଳାଳି ପୁରସ୍କାର ଲାଭ କରିଥିଲେ। ସେହିପରି ତାଙ୍କ ସାଥି ଖେଳାଳି ସେରିଟନ ଫର୍ନାଣ୍ଡେଜ ହିରୋ ମ୍ୟାନ ଅଫ ଦି ପୁରସ୍କାର ଲାଭ କରିଥିଲେ।



ଗୋଲ ସ୍କୋର ପରେ ଉଲ୍ଲସିତ ଗୋଆ ଦଳର ଖେଳାଳିମାନେ।

## ଇଚ୍ଛା ମୃତ୍ୟୁରେ ଜୀବନ ହାରିଲେ ପାରାଅଲିମ୍ପିକ୍ ଚାମ୍ପିୟନ

ବ୍ରୁସେଲ୍ସ,୨୩।୧୦ (ଏଏଫ୍‌ପି)

ବେଲଜିୟମ ପାରାଅଲିମ୍ପିକ୍ ଚାମ୍ପିୟନ ମାରିକେ ବରବୋର୍ଟ ମଙ୍ଗଳବାର ଇଚ୍ଛା ମୃତ୍ୟୁ ଜରିଆରେ ନିଜ ଜୀବନ ହାରିଛନ୍ତି। ବେଲଜିୟମରେ ଇଚ୍ଛା ମୃତ୍ୟୁ ଆଇନ ସଂଗତ। ୪୦ ବର୍ଷୀୟ ପୂର୍ବତନ ପାରାଆଥ୍‌ଲେଟ ୨୦୧୬ ରିଓ ଅଲିମ୍ପିକ୍ସ ପରେ ଇଚ୍ଛା ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଥିଲେ। ତାଙ୍କ ଶାରୀରିକ ସମସ୍ୟା ଅଧିକ ଖରାପ ହେଲେ ସେ ଇଚ୍ଛା ମୃତ୍ୟୁ ଗ୍ରହଣ କରିବେ ବୋଲି କହିଥିଲେ। କିନ୍ତୁ ସେତେବେଳେ ସେ କହିଥିଲେ, କ୍ରୀଡ଼ା ତାଙ୍କୁ ବଞ୍ଚିବାର ଇଚ୍ଛା ଦେଇଛି। ସେ ଡିଜେନେରେଟିଭ ନାମକ ଏକ ମାଂସପେଶୀ ରୋଗରେ ପୀଡ଼ିତ ଥିଲେ। ଏହି କାରଣରୁ ତାଙ୍କୁ ସର୍ବଦା ଯନ୍ତ୍ରଣା ସହିବାକୁ ପଡୁଥିଲା ଏବଂ ଗୋଡ଼ ପକ୍ଷାଘାତ ହୋଇଯାଇଥିଲା। ଏଥିଯୋଗୁ ସେ ଶୋଇ ପାରୁ ନ ଥିଲେ। ଏଣୁ ତାଙ୍କ ବଞ୍ଚିବା କଷ୍ଟକର ହୋଇଯାଇଥିଲା। ସେ ହ୍ୱିଲଚେୟାର ବାସ୍କେଟବଲ, ସୁଇମିଂ ଓ ଟ୍ରାୟାଥଲୋନ ଦୌଡ଼ରେ ଅଂଶଗ୍ରହଣ କରିଥିଲେ। ସେ ୨୦୧୨ ଲଣ୍ଡନ ପାରାଗେମ୍ସରେ ୧୦୦ ମିଟର ହ୍ୱିଲଚେୟାର ଦୌଡ଼ରେ ସ୍ୱର୍ଣ୍ଣ ଓ ୨୦୦ ମି. ଦୌଡ଼ରେ ରୌପ୍ୟ ଜିତିଥିଲେ। ୨୦୧୬ ରିଓ ପାରାଅଲିମ୍ପିକ୍ସରେ ୪୦୦ ମି. ଓ ୧୦୦ ମି. ଦୌଡ଼ରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାତେଇଥିଲେ। ଏହାପରେ ସେ ଦେଖିବା ଶକ୍ତି ହରାଇ ବସିଥିଲେ। ବରବୁର୍ଟ ୨୦୦୮ରେ ଇଚ୍ଛା ମୃତ୍ୟୁ ପାଇଁ କାଗଜ ପତ୍ର ହସ୍ତାକ୍ଷର କରିଥିଲେ। ଏକଦା ସେ କହିଥିଲେ, ମୋ ପାଖରେ ଇଚ୍ଛା ମୃତ୍ୟୁ କାଗଜ ପତ୍ର ନ ଥିଲେ ବାଧହୋଇ ଆତ୍ମହତ୍ୟା କରିଥାନ୍ତି।



ମାରିକେ ବରବୋର୍ଟ

### ଟପ୍–୧୦ରେ ରୋହିତ୍

ଦୁବାଇ, ୨୩।୧୦ (ପି.ଟି.)

ବିରାଟ କୋହଲି ଓ ଗୌତମ ଗମ୍ଭୀରଙ୍କ ପରେ ତୃତୀୟ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଷ୍ଟାର୍ କ୍ରିକେଟର୍ ରୋହିତ୍ ଶର୍ମା ଆଇସିସି ର୍‍ୟାଙ୍କିଙ୍ଗ୍‌ର ୩ଟି ଯାକ ଫର୍ମାଟ୍‌ରେ ଟପ୍–୧୦ରେ ପ୍ରବେଶ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ରୋହିତ୍ ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ପ୍ରଭାବ ପକାଇବାରେ ସଫଳ ହୋଇଛନ୍ତି। ତୃତୀୟ ଟେଷ୍ଟର ପ୍ରଥମ ଇନିଂସରେ ସେ ୨୧୨ ରନର ଦ୍ୱିଶତକୀୟ ଇନିଂସ ଖେଳିଥିଲେ। ଏହି ମାରାଥନ ଇନିଂସ ଯୋଗୁ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ରୋହିତ୍ ୧୨ଟି ପାହାଚ ଉପରକୁ ଉଠି ବ୍ୟାଟିଂ ତାଲିକାର ୧୦ମ ସ୍ଥାନରେ ରହିଛନ୍ତି। ‘ହିଟ୍‌ମ୍ୟାନ’ ଭାବେ ପରିଚିତ ରୋହିତ୍ ଦକ୍ଷିଣ ଆଫ୍ରିକା ସିରିଜ ପୂର୍ବରୁ ୫୪ତମ ସ୍ଥାନରେ ରହିଥିଲେ। କିନ୍ତୁ ସିରିଜରେ ସେ ୫୨୯ ରନ ସଂଗ୍ରହ କରି ୪୪ଟି ପାହାଚ ଉପରକୁ ଉଠିଛନ୍ତି। ଦିନିକିଆ ଓ ଟି୨୦ ବ୍ୟାଟିଂ ତାଲିକାରେ ରୋହିତ୍ ଯଥାକ୍ରମେ ୨ୟ ଓ ୮ମ ସ୍ଥାନରେ ରହିଛନ୍ତି। ବିରାଟ କୋହଲି ମଧ୍ୟ ପୂର୍ବରୁ ୩ଟି ଯାକ ଫର୍ମାଟ୍‌ରେ ଏକ ନମ୍ବର ସ୍ଥାନରେ ରହିଥିଲେ।

## ଉଷୁରେ ପ୍ରବୀଣଙ୍କ କୃତିତ୍ୱ

ସାଂଘାଇ, ୨୩।୧୦ (ପି.ଟି.)

ପ୍ରଥମ ଭାରତୀୟ ପୁରୁଷ ଖେଳାଳି ଭାବେ ପ୍ରବୀଣ କୁମାର ବିଶ୍ୱ ଉଷୁ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର କୀର୍ତ୍ତିମାନ କରିଛନ୍ତି। ଏଠାରେ ଚାଲିଥିବା ବିଶ୍ୱ ଉଷୁ ଚାମ୍ପିୟନଶିପ୍‌ର ୧୫ତମ ସଂସ୍କରଣ ଅବସରରେ ପ୍ରବୀଣ ପୁରୁଷ ୪୮ କିଗ୍ରା ବର୍ଗରେ ଫିଲିପାଇନ୍ସର ରସେଲ ଡିଆଜଙ୍କୁ ୨–୧ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂର୍ବରୁ ସେମିଫାଇନାଲରେ ପ୍ରବୀଣ ୨–୦ରେ ଉଜବେକିସ୍ତାନର ଖାସନ ଇକ୍ରୋମୋଭଙ୍କୁ ପରାସ୍ତ କରିଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ପୁନମ (ମହିଳା ୭୫ କିଗ୍ରା) ଓ ସାନ୍ଥୋଇ ଦେବୀ (ମହିଳା ୫୨ କିଗ୍ରା) ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ୬୦ କିଗ୍ରାରେ ବିକ୍ରାନ୍ତ ବଳିୟାନ ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଛନ୍ତି। ଏଥିପୂର୍ବରୁ ୨୦୧୭ରେ ପୂଜା କାଡିଆନ ପ୍ରଥମ ଭାରତୀୟ ଭାବେ ଉଷୁ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ମହିଳା ୭୫ କିଗ୍ରା ବିଭାଗ ଫାଇନାଲରେ ପୂଜା ରୁଷିଆର ଏଭଗେଡ଼ିଆ ଷ୍ଟେପାନୋଭାଙ୍କୁ ହରାଇଥିଲେ। ଉଷୁ ହେଉଛି ଏକ ସାମରିକ କଳା। ଯେଉଁଥିରେ କିକ୍ ବକ୍ସିଂ, କ୍ଲୋଜ ରେଞ୍ଜ ପଞ୍ଚ,ରେସ୍‌ଲିଂ, ଟାଏକୋଣ୍ଡୋ, ଥ୍ରୋ, ସୁଇପ୍ ଆଣ୍ଡ କିକ୍ କ୍ୟାଚ୍ ଏହି କ୍ରୀଡ଼ାର ଅଂଶବିଶେଷ।



କୋଚ୍‌ଙ୍କ ସହ ପ୍ରବୀଣ କୁମାର (ବାମ)



"ଅବସର ନିଷ୍ପତ୍ତି ନେଇ ମୁଁ ବହୁତ ଖୁସି ରହିଛି । ମୋ ସ୍ଥାନରେ ଖେଳିବା ପାଇଁ ବହୁତ କ୍ରିକେଟର୍ ପ୍ରସ୍ତୁତ ରହିଛନ୍ତି। ଏତେ ବର୍ଷ ଧରି ମୋତେ ଖେଳିବାର ସୁଯୋଗ ମିଳିଥିବାରୁ ଧନ୍ୟବାଦ ।

–ଅଭିଷେକ ନାୟାର, ପୂର୍ବତନ ମୁମ୍ବାଇ କ୍ରିକେଟର୍



"ଆଇସିସି ବିଶ୍ୱକପ୍ ଜିତିବା ସଫଳତା ଆମ ପାଇଁ ଅତୀତ ହୋଇଗଲାଣି। ଆଗାମୀ ଟି୨୦ ସିରିଜରେ ନ୍ୟୁଜିଲାଣ୍ଡକୁ ହରାଇବା କଷ୍ଟସାଧ ।

–କ୍ରିସ ସିଲଭରଉଡ୍, ଇଂଲଣ୍ଡ ଦଳର ନବ ନିଯୁକ୍ତ କୋଚ୍

# 'ଅଧିନାୟକ ଭଳି ନେତୃତ୍ୱ ନେବି'

ମୁମ୍ବାଇ,୨୩।୧୦(ପି.ଟି.)

ଭାରତୀୟ ଦଳର ନେତୃତ୍ୱ ନେଇ ଯେଉଁଭଳି କାର୍ଯ୍ୟ କରିଥିଲି, ଠିକ୍ ସେହିପରି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସଭାପତି ଭାବେ ଦାୟିତ୍ୱ ସମ୍ପାଦନ କରିବି ବୋଲି ଦାୟିତ୍ୱ ଗ୍ରହଣ କରିବା ପରେ ସୌରଭ ଗାଙ୍ଗୁଲି କହିଛନ୍ତି। ଅଧିନାୟକ ଥିବା ବେଳେ ଯେଉଁ ନେଭି ବ୍ଲୁ ବ୍ଲେଜର ପରିଧାନ କରୁଥିଲେ ଗାଙ୍ଗୁଲି ତାହାକୁ ପିନ୍ଧି ବୁଧବାର ବୋର୍ଡ ସଭାପତି ପଦର ଗୁରୁଦାୟିତ୍ୱ ଗ୍ରହଣ କରିଛନ୍ତି। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହ କ୍ରିକେଟକୁ ଦୁର୍ନୀତି ମୁକ୍ତ କରିବା ସହ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରୟାସ କରିବେ ବୋଲି ଗାଙ୍ଗୁଲି କହିଛନ୍ତି। ସମ୍ପୂର୍ଣ୍ଣ ସ୍ୱାଧୀନ ଭାବେ ଓ କୌଣସି ଭାବେ ପ୍ରଭାବିତ ନ ହୋଇ କାର୍ଯ୍ୟ କରିବି। ବୋର୍ଡ ପାଇଁ ଯାହା ଭଲ ହେବ ତାହା କରିବି। ଯେଉଁ ଭଳି ଭାବେ ଭାରତୀୟ ଦଳରେ ନେତୃତ୍ୱ ନେଇଥିଲି ଠିକ୍ ସେହିପରି ବୋର୍ଡ ସଭାପତି ଭାବେ କାର୍ଯ୍ୟ କରିବି। ବିଶ୍ୱସନୀୟତା ହିଁ କାର୍ଯ୍ୟଶୈଳୀର ମୁଖ୍ୟ ଆଧାର ହେବ। ବିସିସିଆଇକୁ ଆଗକୁ ନେବା ପାଇଁ ସବୁପ୍ରକାର ପ୍ରୟାସ କରିବି ବୋଲି ୧୮,୦୦୦ ଅନ୍ତର୍ଜାତୀୟ ରନରୁ ଅଧିକ ସଂଗ୍ରହ କରିଥିବା ଗାଙ୍ଗୁଲି କହିଛନ୍ତି।

ଭାରତୀୟ କ୍ରିକେଟ ଖରାପ ସମୟ ଦେଇ ଗତି କରୁଥିବା ବେଳେ ନେତୃତ୍ୱ ନେଇଥିଲି। ୬ ବର୍ଷ ଅଧିନାୟକ ଭାବେ କାର୍ଯ୍ୟ କରିବାପାରେ ଭାରତୀୟ କ୍ରିକେଟ ପୁଣିଥରେ ଟ୍ରାକକୁ ଫେରିଥିଲା। ଏବେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ବିସିସିଆଇର ଗୌରବ ଫେରାଇ ଆଣିବା ସହ ଆଗକୁ ନେବାକୁ ହେବ। ବୋର୍ଡରେ ସଂସ୍କାର ଆଣିବା ଜରୁରୀ ହୋଇପଡିଛି। ପୁଣି ରାଜ୍ୟ ଆସୋସିଏଶନଗୁଡିକୁ ବହୁ ପରିମାଣରେ ଅର୍ଥ ଦେବାକୁ ହେବ। ଫଳରେ ବହୁତ କିଛି କାର୍ଯ୍ୟ କରିବାକୁ ହେବ ବୋଲି ଗାଙ୍ଗୁଲି କହିଛନ୍ତି।



ବୁଧବାର ବିସିସିଆଇ ସଭାପତି ଦାୟିତ୍ୱ ଗ୍ରହଣ ଅବସରରେ ସୌରଭ ଗାଙ୍ଗୁଲି।

**କୋହଲି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ**

ଅଧିନାୟକ ବିରାଟ କୋହଲି ଭାରତୀୟ କ୍ରିକେଟରେ ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି। ତେଣୁ ତାଙ୍କ ସହ ଗୁରୁବାର କଥା ହେବି। ତାଙ୍କ କଥା ଶୁଣିବି। ଯଥା ସମ୍ଭବ ତାଙ୍କୁ ସମର୍ଥନ କରିବି। ସେ ଯାହା ଚାହୁଁଛନ୍ତି ତାହା କରାଯିବ ବୋଲି ଗାଙ୍ଗୁଲି କହିଛନ୍ତି। ଭାରତୀୟ କ୍ରିକେଟର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆମେ ଦାୟିତ୍ୱ ଗ୍ରହଣ କରିଛୁ। ତେଣୁ ଯଥା ସମ୍ଭବ କାର୍ଯ୍ୟକରିବୁ ବୋଲି ସେ କହିଛନ୍ତି। କୋହଲିଙ୍କ କାର୍ଯ୍ୟ ତଥା ଜୀବନକୁ କଷ୍ଟକର କରିବା ପରିବର୍ତ୍ତେ ସହଜ କରିବୁ। କୋହଲି ଭାରତକୁ ବିଶ୍ୱର ଶ୍ରେଷ୍ଠ ଦଳ ରୂପେ ପରିଣତ କରିବାକୁ ଚାହାନ୍ତି। ଗତ ୩/୪ ବର୍ଷରେ କୋହଲି ଯେଉଁଭଳି ଖେଳୁଛନ୍ତି ଓ ଦଳର ନେତୃତ୍ୱ ନେଉଛନ୍ତି ତାହା ପ୍ରଶଂସନୀୟ। କୋଚ ରବି ଶାସ୍ତ୍ରୀ ଓ ପୂରା ଟିମ୍ ମ୍ୟାନେଜମେଣ୍ଟ ସହ ବୈଠକରେ ବସି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବି। ପ୍ରଦର୍ଶନ ଉପରେ ଭାରତୀୟ କ୍ରିକେଟ ପର୍ଯ୍ୟବସିତ ହେବ। ସହମତି ଓ ଆଲୋଚନା ମାଧ୍ୟମରେ ସବୁ ନିଷ୍ପତ୍ତି ନିଆଯିବ ବୋଲି ଗାଙ୍ଗୁଲି କହିଛନ୍ତି।

**ଆଇସିସିଠାରୁ ପ୍ରାପ୍ୟ ହାସଲ କରିବୁ**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ଠାରୁ ୫ବର୍ଷରେ ଭାରତ ୩୭୨ ମିଲିୟନ ଆମେରିକୀୟ ଡଲାର ହାସଲ କରିବ। ତେଣୁ ଏହି ପ୍ରାପ୍ୟ ପାଇବାକୁ ଆମେ ପ୍ରୟାସ କରିବୁ। ଏ ନେଇ ଆଇସିସି ସହିତ ମିଳିତ ଭାବେ କାର୍ଯ୍ୟକରି ଆଗକୁ ବଢ଼ିବୁ ବୋଲି ଗାଙ୍ଗୁଲି କହିଛନ୍ତି।

**ଘରୋଇ କ୍ରିକେଟକୁ ଗୁରୁତ୍ୱ ଦିଆଯିବ**

ସେହିପରି ଘରୋଇ କ୍ରିକେଟର ଉନ୍ନତି ପାଇଁ କାର୍ଯ୍ୟ କରାଯିବ। ଘରୋଇ କ୍ରିକେଟରେ ସୁଧାର ଆସିଲେ ଆମକୁ ପ୍ରତିଭା ସମ୍ପନ୍ନ କ୍ରିକେଟର ମିଳିବେ। ଘରୋଇ କ୍ରିକେଟର ଉନ୍ନତି ନ ହେଲେ ଜାତୀୟ ଦଳର ପ୍ରଦର୍ଶନ ପ୍ରଭାବିତ ହେବ। ସମସ୍ତଙ୍କୁ ସମ୍ମାନ ଦିଆଯିବ ଓ ସମସ୍ତେ ମଧ୍ୟ ଏହା ପାଇବେ। କାହା ପ୍ରତି ଅବହେଳା କରାଯିବ ନାହିଁ ବୋଲି ଗାଙ୍ଗୁଲି ସ୍ପଷ୍ଟ କରିଛନ୍ତି।

## ୩୯ତମ ବିସିସିଆଇ ସଭାପତି

| କ୍ର.ନଂ | ସଭାପତିଙ୍କ ନାମ | କାର୍ଯ୍ୟକାଳ |
|---|---|---|
| ୧. | ଆର.ଇ. ଗ୍ରାଣ୍ଟ ଗୋଭାନ | ୧୯୨୮–୧୯୩୩ |
| ୨. | ସାର୍ ସିକନ୍ଦର ହୟାତ ଖାଁ | ୧୯୩୩–୧୯୩୫ |
| ୩. | ନୱାବ ହାମିଦୁଲା ଖାଁ | ୧୯୩୫–୧୯୩୭ |
| ୪. | ମହାରାଜା କେ. ଏସ୍. ଦିଗବିଜୟସିହ୍ନା | ୧୯୩୭–୧୯୩୮ |
| ୫. | ପି. ସୁବରାୟନ | ୧୯୩୮–୧୯୪୬ |
| ୬. | ଆନ୍ଥୋନୀ ଏସ୍. ଡି ମେଲୋ | ୧୯୪୬–୧୯୫୧ |
| ୭. | ଜେ.ସି. ମୁଖାର୍ଜୀ | ୧୯୫୧–୧୯୫୪ |
| ୮. | ମହାରାଜା କୁମାର ଅଫ୍ ବିଜୟନଗରମ | ୧୯୫୪–୧୯୫୬ |
| ୯. | ସର୍ଦ୍ଦାର ଏସ୍.ଏସ୍. ମାଜିଥିଆ | ୧୯୫୬–୧୯୫୮ |
| ୧୦. | ଆର. କେ. ପଟେଲ | ୧୯୫୮–୧୯୬୦ |
| ୧୧. | ଏମ୍.ଏ. ଚିଦାମ୍ବରମ | ୧୯୬୦–୧୯୬୩ |
| ୧୨. | ମହାରାଜ ଏଫ୍ ଗାଏକ୍ୱାଡ | ୧୯୬୩–୧୯୬୬ |
| ୧୩. | ଜେଡ୍. ଆର. ଇରାନି | ୧୯୬୬–୧୯୬୯ |
| ୧୪. | ଏ. ଏନ୍. ଘୋଷ | ୧୯୬୯–୧୯୭୨ |
| ୧୫. | ପି.ଏମ୍. ରୁଙ୍ଗଟା | ୧୯୭୨–୧୯୭୫ |
| ୧୬. | ରାମପ୍ରକାଶ ମେହେର | ୧୯୭୫–୧୯୭୭ |
| ୧୭. | ଏମ୍. ଚିନ୍ନାସ୍ୱାମୀ | ୧୯୭୭–୧୯୮୦ |
| ୧୮. | ଏସ୍.କେ. ୱାଙ୍ଖେଡେ | ୧୯୮୦–୧୯୮୨ |
| ୧୯. | ଏନ୍.କେ.ପି. ସାଲଭେ | ୧୯୮୨–୧୯୮୫ |
| ୨୦. | ଏସ୍. ଶ୍ରୀରାମନ | ୧୯୮୫–୧୯୮୮ |
| ୨୧. | ବି.ଏନ୍. ଦତ୍ତ | ୧୯୮୮–୧୯୯୦ |
| ୨୨. | ମାଧବରାଓ ସିନ୍ଧିଆ | ୧୯୯୦–୧୯୯୩ |
| ୨୩. | ଆଇ.ଏସ୍. ବିନ୍ଦ୍ରା | ୧୯୯୩–୧୯୯୬ |
| ୨୪. | ରାଜ ସିଂ ଡୁଙ୍ଗରପୁର | ୧୯୯୬–୧୯୯୯ |
| ୨୫. | ଏ.ସି. ମୁଥିଆ | ୧୯୯୯–୨୦୦୧ |
| ୨୬. | ଜଗମୋହନ ଡାଲମିଆ | ୨୦୦୧–୨୦୦୪ |
| ୨୭. | ରଣବୀର ସିଂ ମହେନ୍ଦ୍ର | ୨୦୦୪–୨୦୦୫ |
| ୨୮. | ଶରଦ ପାୱାର | ୨୦୦୫–୨୦୦୮ |
| ୨୯. | ଶଶାଙ୍କ ମନୋହର | ୨୦୦୮–୨୦୧୧ |
| ୩୦. | ଏନ୍. ଶ୍ରୀନିବାସନ | ୨୦୧୧–୨୦୧୩ |
| ୩୧. | ଜଗମୋହନ ଡାଲମିଆ (ଅନ୍ତରୀଣ) | ୨୦୧୩ |
| ୩୨. | ଏନ୍. ଶ୍ରୀନିବାସନ | ୨୦୧୩–୨୦୧୪ |
| ୩୩. | ଶିବଲାଲ ଯାଦବ(ଅନ୍ତରୀଣ) | ୨୦୧୪ |
| ୩୪. | ସୁନୀଲ ଗାଭାସ୍କର (ଆଇପିଏଲ ଅନ୍ତରୀଣ) | ୨୦୧୪ |
| ୩୫. | ଜଗମୋହନ ଡାଲମିଆ (କାର୍ଯ୍ୟକାଳରେ ମୃତ୍ୟୁ) | ୨୦୧୫ |
| ୩୬. | ଶଶାଙ୍କ ମନୋହର (ଇସ୍ତଫା) | ୨୦୧୫–୨୦୧୬ |
| ୩୭. | ଅନୁରାଗ ଠାକୁର (ବହିଷ୍କୃତ) | ୨୦୧୬–୨୦୧୭ |
| ୩୮. | ସି.କେ. ଖାନ୍ନା(ଅନ୍ତରୀଣ) | ୨୦୧୭–୨୦୧୯ |
| ୩୯. | ସୌରଭ ଗାଙ୍ଗୁଲି | ବର୍ତ୍ତମାନ |

# ଦାୟିତ୍ୱ ଗ୍ରହଣ କଲେ ସୌରଭ

ମୁମ୍ବାଇ,୨୩।୧୦(ପି.ଟି.)– ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସଭାପତି ଦାୟିତ୍ୱ ଆନୁଷ୍ଠାନିକ ଭାବେ ଗ୍ରହଣ କରିଛନ୍ତି। ବୁଧବାର ସେ ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ କୁହାଯାଉଥିବା ବିସିସିଆଇ ମଙ୍ଗ ଧରିଛନ୍ତି। ଏଥିସହିତ ଗତ ୩ ବର୍ଷଧରି ଭାରତୀୟ କ୍ରିକେଟ ପ୍ରଶାସନରେ ଚାଲିଥିବା ଅସ୍ୱାଭାବିକ ତଥା ବିବାଦୀୟ ପ୍ରକ୍ରିୟାର ଅନ୍ତ ଘଟିଛି। ୪୭ ବର୍ଷୀୟ ଗାଙ୍ଗୁଲି ଆଗାମୀ ୯ ମାସ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ବୁଧବାର ଏଠାରେ ଅନୁଷ୍ଠିତ ହୋଇଥିବା ବୋର୍ଡ ସାଧାରଣ ବୈଠକରେ ଦାୟିତ୍ୱ ନେବା ସହ ଗାଙ୍ଗୁଲି ତାଙ୍କର ଆଗାମୀ କାର୍ଯ୍ୟପନ୍ଥା ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଏଥିସହିତ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ପ୍ରଶାସକ କମିଟି (ସିଓଏ)ର ବହୁ ଚର୍ଚ୍ଚିତ ତଥା ବିବାଦୀୟ କାର୍ଯ୍ୟକାଳ ଶେଷ ହୋଇଛି।

ଗତ ସପ୍ତାହରେ ଗାଙ୍ଗୁଲି ବିସିସିଆଇର ୩୯ତମ ସଭାପତି ନିର୍ବାଚିତ ହେବା ନିଶ୍ଚିତ ହୋଇଥିଲା। ସେ ସି.କେ. ଖାନ୍ନାଙ୍କ ଉତ୍ତରାଧିକାରୀ ବିବେଚିତ ହୋଇଛନ୍ତି। ଖାନ୍ନା ୨୦୧୭ରେ ବିସିସିଆଇର ଅନ୍ତରୀଣ ସଭାପତି ଥିଲେ। ଏହି ଗୁରୁ ଦାୟିତ୍ୱ ନେବା ମୋ ପାଇଁ ଏକ ବଡ଼ ସମ୍ମାନ ବୋଲି ଗାଙ୍ଗୁଲି କହିଛନ୍ତି। ବିସିସିଆଇ ପାଇଁ ଏକ ନୂଆ ଆରମ୍ଭ। ଭାରତର ଅଧିନାୟକ ଥିବାବେଳର ବ୍ଲେଜର ପରିଧାନ କରି ଗାଙ୍ଗୁଲି ତାଙ୍କ ଏହି ନୂଆ ଇନିଂସ ଆରମ୍ଭ କରିଥିଲେ। କ୍ରିକେଟ ପ୍ରଶାସନରେ ଏବେ ସଂସ୍କାରମୂଳକ ପରିବର୍ତ୍ତନ କରିବି ଓ ଏହା ମୋ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ବୋଲି ଗାଙ୍ଗୁଲି ସ୍ୱୀକାର କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପୁଅ ଜୟ ଶାହ ମଧ୍ୟ ବୋର୍ଡ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଛନ୍ତି।

ନିଜ କାର୍ଯ୍ୟକାଳରେ ଗାଙ୍ଗୁଲି ପୂର୍ବତନ ବୋର୍ଡ ଅଧ୍ୟକ୍ଷ ତଥା ବରିଷ୍ଠ କ୍ରିକେଟ ପ୍ରଶାସକ ଏନ୍. ଶ୍ରୀନିବାସନ ଓ ପୂର୍ବତନ ସମ୍ପାଦକ ନିରଞ୍ଜନ ଶାହଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ଏହି ପୂର୍ବତନ ପ୍ରଶାସକଙ୍କ ସନ୍ତାନମାନେ ମଧ୍ୟ ବିସିସିଆଇ ସହିତ କାର୍ଯ୍ୟକରିବାକୁ ନିର୍ବାଚିତ ହୋଇଛନ୍ତି। ଉତ୍ତରାଖଣ୍ଡର ମହିମା ବର୍ମା ନୂଆ ଉପସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ପୂର୍ବତନ ବିସିସିଆଇ ଅଧ୍ୟକ୍ଷ ତଥା କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ସାନ ଭାଇ ଅରୁଣ ଧୁମାଲ କୋଷାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। କେରଳର ଜୟେଶ ଜର୍ଜ ଯୁଗ୍ମ ସମ୍ପାଦକ ପଦରେ ନିଯୁକ୍ତ ହୋଇଛନ୍ତି।

ଗାଙ୍ଗୁଲିଙ୍କ ଏହି ଯୁବ ଟିମ୍ ଆଗରେ ଏବେ ଏକାଧିକ ଚ୍ୟାଲେଞ୍ଜ ରହିଛି। ଗତ ୩ ବର୍ଷ ହେବ କୌଣସି ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଓ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇନାହିଁ। ସମ୍ପୂର୍ଣ୍ଣ ଭାବେ ନୂଆ ଓ ଯୁବ ଦଳକୁ ନେଇ କାର୍ଯ୍ୟକରିବା ପାଇଁ ଆମକୁ କଠିନ ପରିଶ୍ରମ କରିବାକୁ ହେବ ବୋଲି ଗାଙ୍ଗୁଲି କହିଛନ୍ତି। ତେଣୁ ଆମକୁ ପ୍ରଥମେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ବୁଝିବାକୁ ହେବ ଓ ସେହି ଅନୁଯାୟୀ କାର୍ଯ୍ୟ କରିବାକୁ ହେବ ବୋଲି ସେ କହିଛନ୍ତି। ଗାଙ୍ଗୁଲି ସଭାପତି ଦାୟିତ୍ୱ ନେବାର ଔପଚାରିକତା ପୂରଣ କରିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନରୁ ସୁଅ ଛୁଟିଛି। ବିସିସିଆଇ ସଭାପତି ହିସାବରେ ଗାଙ୍ଗୁଲି ଭାରତୀୟ କ୍ରିକେଟକୁ ନୂଆ ସୋପାନରେ ପହଞ୍ଚାଇବେ ବୋଲି ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ ମୁଖ୍ୟ ରଜତ ଶର୍ମା କହିଛନ୍ତି। ଏଥିପାଇଁ ସେ ଗାଙ୍ଗୁଲିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବତନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଅଧ୍ୟକ୍ଷ ରାଜୀବ ଶୁକ୍ଲା ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଭାରତର ଅଧିନାୟକ ହିସାବରେ ବେଶ୍ ସଫଳ ହୋଇଛନ୍ତି। ତେଣୁ ସେ ଭାରତୀୟ କ୍ରିକେଟ ପାଇଁ କିଛି ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିବେ ବୋଲି ଶୁକ୍ଲା କହିଛନ୍ତି। ତେବେ ଗାଙ୍ଗୁଲି ଓ ତାଙ୍କ ଟିମ୍ ପାଇଁ ଆଗକୁ ବଡ଼ ପରୀକ୍ଷା ରହିଛି।



ବିସିସିଆଇର ନବନିର୍ବାଚିତ କର୍ମକର୍ତ୍ତା: (ବାମରୁ) ଯୁଗ୍ମ ସମ୍ପାଦକ ଜୟେଶ ଜର୍ଜ, ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟ ଶାହ ଓ କୋଷାଧ୍ୟକ୍ଷ ଅରୁଣ ସିଂ ଧୁମାଲ।

# ବିସିସିଆଇ ପଦାଧିକାରୀ

ମୁମ୍ବାଇ,୨୩।୧୦ (ପି.ଟି.)

**ସଭାପତି: ସୌରଭ ଗାଙ୍ଗୁଲି**

ନବନିର୍ବାଚିତ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କର କୌଣସି ପରିଚୟ ଦେବାର ଆବଶ୍ୟକତା ନାହିଁ। ଗାଙ୍ଗୁଲି ଭଳି ଅନ୍ୟ ପଦାଧିକାରୀମାନେ ମଧ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି।

**ସମ୍ପାଦକ: ଜୟ ଶାହ**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପୁଅ ଜୟ ମାତ୍ର ୩୧ ବର୍ଷ ବୟସରେ ବିସିସିଆଇ ସମ୍ପାଦକ ପଦରେ ନିଯୁକ୍ତ ହୋଇଛନ୍ତି। ଏହି କ୍ରମରେ ସେ ସର୍ବକନିଷ୍ଠ ବ୍ୟକ୍ତି ଭାବେ ଏହି ଗୁରୁଦାୟିତ୍ୱ ସମ୍ଭାଳିଛନ୍ତି। ୨୦୦୯ ପରଠାରୁ ସେ ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ସହିତ ଜଡିତ ରହିଆସିଛନ୍ତି। ୨୦୧୩ରେ ସେ ଜିସିଏ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ।

**କୋଷାଧ୍ୟକ୍ଷ: ଅରୁଣ ସିଂ ଧୁମାଲ**

ପୂର୍ବତନ ବିସିସିଆଇ ଅଧ୍ୟକ୍ଷ ତଥା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ସାନ ଭାଇ ଅରୁଣ ସିଂ ଧୁମାଲ ବୋର୍ଡ କୋଷାଧ୍ୟକ୍ଷ ରୂପେ ନିଯୁକ୍ତି ପାଇଛନ୍ତି। ଜୟ ଶାହଙ୍କ ଭଳି ଅରୁଣ ମଧ୍ୟ ରାଜନୈତିକ ପରିବାରରୁ ଆସିଛନ୍ତି। ଠାକୁର ୨୦୧୭ ଜାନୁୟାରୀରେ ବିସିସିଆଇ ପଦରୁ ବହିଷ୍କୃତ ହୋଇଥିଲେ। ୪୪ ବର୍ଷୀୟ ଅରୁଣ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ଉପ-ସଭାପତି ଭାବେ ୨୦୧୨ରୁ ୨୦୧୫ ମଧ୍ୟରେ କାର୍ଯ୍ୟ କରିଛନ୍ତି। ସେତେବେଳେ ଠାକୁର ଏଚ୍‌ପିସିଏର ଅଧ୍ୟକ୍ଷ ଥିଲେ। ଜଷ୍ଟିସ ଆର.ଏମ୍. ଲୋଧା କମିଟି ସଂସ୍କାରମୂଳକ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ଓ ଏଚପିସିଏରେ ଏହାକୁ ଲାଗୁ କରିବା ପାଇଁ ଗଠିତ ୩ ଜଣିଆ ଆଡହକ କମିଟିର ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ ଅରୁଣ। ବିସିସିଆଇରେ ସେ ଏଚ୍‌ପିସିଏ ପାଇଁ ପ୍ରତିନିଧିତ୍ୱ କରିଛନ୍ତି।

**ଯୁଗ୍ମ ସମ୍ପାଦକ: ଜୟେଶ ଜର୍ଜ**

କ୍ରିକେଟ ପ୍ରଶାସନରେ ଜୟେଶ ଜର୍ଜଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି। କେରଳ କ୍ରିକେଟ ଆସୋସିଏଶନ (କେସିଏ) ସମ୍ପାଦକ, କୋଷାଧ୍ୟକ୍ଷ, ଯୁଗ୍ମ ସମ୍ପାଦକ ଓ ସଭାପତି ହିସାବରେ ସେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ୨୦୦୫ରୁ ସେ କେସିଏ ସହ ଜଡିତ ରହିଆସିଛନ୍ତି।

**ଉପ-ସଭାପତି: ମହିମ ବର୍ମା**

୪୫ ବର୍ଷୀୟ ମହିମ ବର୍ମା ବୋର୍ଡ ଉପସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ତାଙ୍କ ପିତା ପି.ସି. ବର୍ମା କ୍ରିକେଟ ଆସୋସିଏଶନ ଅଫ୍ ଉତ୍ତରାଖଣ୍ଡ (ସିଏୟୁ) ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି। ମହିମ ସିଏୟୁର ଯୁଗ୍ମ ସମ୍ପାଦକ ଭାବେ ଗତ ସେପ୍ଟେମ୍ବର ପର୍ଯ୍ୟନ୍ତ ୧୦ ବର୍ଷ କାର୍ଯ୍ୟ କରିଛନ୍ତି। ବିସିସିଆଇଠାରୁ ମାନ୍ୟତା ପାଇବା ପରେ ସେ ଆସୋସିଏଶନର ସମ୍ପାଦକ ନିଯୁକ୍ତ ହୋଇଥିଲେ।

## ଗାଙ୍ଗୁଲିଙ୍କୁ ଭେଟିଲେ ପଙ୍କଜ, ସଞ୍ଜୟ



ସୌରଭ ଗାଙ୍ଗୁଲିଙ୍କ ସହ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା।

କଟକ ଅଫିସ,୨୩।୧୦

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ନୂଆ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ବୁଧବାର ସୌଜନ୍ୟମୂଳକ ଭାବେ ସାକ୍ଷାତ କରିଛନ୍ତି। ସୌରଭଙ୍କୁ ଶୁଭେଚ୍ଛା ଜଣାଇବା ସହ ଦୁହେଁ ଏହି ଅବସରରେ ଓସିଏର ବିଭିନ୍ନ ସମସ୍ୟା ସମ୍ପର୍କରେ ସମ୍ୟକ ଆଲୋଚନା କରିଥିବା ଜଣାଯାଇଛି। ନଭେମ୍ବରରେ ହେବାକୁ ଥିବା ବିସିସିଆଇର ପରବର୍ତ୍ତୀ ସାଧାରଣ ପରିଷଦ ବୈଠକରେ ଏ ଦିଗରେ ବିଶେଷ ଭାବେ ଆଲୋଚନା କରାଯିବ ବୋଲି କୁହାଯାଇଛି। ଓସିଏ କାର୍ଯ୍ୟକାରୀ କମିଟିର ପୂର୍ବତନ ଅଧ୍ୟକ୍ଷ ଧୀରେନ ପଲାଇଙ୍କ ସମେତ ଅନ୍ୟ ପଦାଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।

**ବାଂଲାଦେଶ ବିପକ୍ଷ ଟି୨୦ ସିରିଜ ପାଇଁ ଦଳ ଚୟନ ଆଜି**

# ପନ୍ତ, ସାମସନଙ୍କ ଉପରେ ଫୋକସ

ମୁମ୍ବାଇ, ୨୩।୧୦(ପି.ଟି.)

ଭାରତ ଓ ବାଂଲାଦେଶ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ଦଳ ମନୋନୟନ ଗୁରୁବାର ହେବ। ଏହି ଅବସରରେ ମୁଖ୍ୟତଃ ଅଧିନାୟକ ବିରାଟ କୋହଲିଙ୍କ କାର୍ଯ୍ୟଭାର, ରିଷଭ ପନ୍ତ ଓ ସଞ୍ଜୁ ସାମସନଙ୍କ ମନୋନୟନ ଉପରେ ଚୟନକର୍ତ୍ତାଙ୍କ ଫୋକସ ରହିବ। ଟି୨୦ ସିରିଜର ପ୍ରଥମ ମ୍ୟାଚ ନଭେମ୍ବର ୩ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ରାଜକୋଟ ଓ ନାଗପୁରରେ ପରବର୍ତ୍ତୀ ୨ ମ୍ୟାଚ ଖେଳାଯିବ। ଏହାପରେ ଆଇସିସି ବିଶ୍ୱ ଚାମ୍ପିୟନଶିପ୍ ଅନ୍ତର୍ଗତ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଇନ୍ଦୋର ଓ ଫିରୋଜଶାହ କୋଟଲାରେ ଖେଳାଯିବ।

୨୦୧୮ ଅକ୍ଟୋବର ପରଠାରୁ ଭାରତ ଖେଳିଥିବା ୫୬ ଗେମ୍‌ରୁ କୋହଲି ୪୮ଟିରେ ଖେଳି ସାରିଛନ୍ତି। ତେଣୁ ଆସନ୍ତା ଟି୨୦ ସିରିଜରେ ଖେଳିବେ କିମ୍ବା ବିଶ୍ରାମ ନେବେ ସେ ସମ୍ପର୍କରେ ନିଷ୍ପତ୍ତି ନେବାପାଇଁ ଚୟନକର୍ତ୍ତାମାନେ କୋହଲିଙ୍କ ଉପରେ ଛାଡ଼ି ଦେଇଛନ୍ତି। ଚୟନ କମିଟି ବୈଠକରେ ମୁମ୍ବାଇ ଅଲରାଉଣ୍ଡର ଶିଭମ୍ ଦୁବେଙ୍କ ସାମିଲ ସମ୍ପର୍କରେ ଆଲୋଚନା ହେବା ସମ୍ଭାବନା ରହିଛି। ସେ ଅଲରାଉଣ୍ଡର ଭାବେ ଆହତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନ ନେଇପାରନ୍ତି। ବଡ଼ ଶଟ୍ ଖେଳିବାର ଦକ୍ଷତା ରଖିଥିବାରୁ ତାଙ୍କ ଚୟନ ସମ୍ଭାବନା ବଢ଼ିଛି। ସାମସନ ଅନୁଷ୍ଠିତ ବିଜୟ ହଜାରେ ଟ୍ରଫିରେ କେରଳ ପକ୍ଷରୁ ଦ୍ୱିଶତକ ହାସଲ କରିଛନ୍ତି। "ଉଭୟ ସାମସନ ଓ ପନ୍ତ ଭାରତୀୟ ଦଳରେ ସାମିଲ ହେଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସେମାନେ ସାଥିହୋଇ ଆଇପିଏଲ ଖେଳିଛନ୍ତି। ଟି୨୦ରେ ରିଷଭଙ୍କ ରେକର୍ଡ ଭଲ ନ ଥିଲେ ହେଁ ତାଙ୍କୁ ଦୀର୍ଘ କାଳୀନ ଭିତ୍ତିରେ ତାଙ୍କ ଚୟନକୁ ଗୁରୁତ୍ୱ ଦିଆ ଯାଇପାରେ। ସାମସନଙ୍କ ନିକଟରେ ମ୍ୟାଚର ମୋଡ଼ ପରିବର୍ତ୍ତନ କରିବା ଦକ୍ଷତା ରହିଛି। ଆଗକୁ ଟି୨୦ ବିଶ୍ୱକପ ଆସୁଥିବାରୁ ଚୟନକର୍ତ୍ତାମାନେ ଉପଲବ୍ଧ ବିଭିନ୍ନ ବିକଳ୍ପକୁ ଧ୍ୟାନରେ ରଖି ଦଳ ଚୟନ କରିବେ ବୋଲି ଜଣେ ବିସିସିଆଇ ଅଫିସିଆଲ ପ୍ରକାଶ କରିଛନ୍ତି।

କୋହଲି ଯଦି ଉପଲବ୍ଧ ନ ହୁଅନ୍ତି ତେବେ ସାମସନ ବ୍ୟାକ୍‌ଅପ୍ ବ୍ୟାଟ୍ସମ୍ୟାନଭାବେ ଦଳରେ ରହିପାରନ୍ତି। ମାତ୍ର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିବା ମନୀଷ ପାଣ୍ଡେ ଯଦି ସ୍ଥାନ ବଜାୟ ରଖନ୍ତି ତେବେ କାହାକୁ ମନୋନୟନ କରାଯାଉଛି ତାହା ଦେଖିବାକୁ ଉତ୍କଣ୍ଠା ରହିବ। ବିଗ୍ ହିଟିଂ ଦକ୍ଷତା ଯୋଗୁ ଶିଭମ୍ ଏବେ ବିଜୟ ଶଙ୍କରଙ୍କୁ ପଛରେ ପକାଇ ଭାରତର ଦ୍ୱିତୀୟ ପସନ୍ଦ ଅଲରାଉଣ୍ଡର ହୋଇ ଯାଇଛନ୍ତି। "ଶିଭମଙ୍କ ବୋଲିଂ ଏବେ ଅନ୍ତର୍ଜାତୀୟ ଷ୍ଟାଣ୍ଡାର୍ଡର ନୁହେଁ ବୋଲି ସମସ୍ତେ ନିଶ୍ଚିତ ସ୍ୱିକାର କରିବେ। ହାର୍ଦ୍ଦିକ ଯେପରି ପେସ୍‌ରେ ବିବିଧତା ଆଣିପାରନ୍ତି ଶିଭମ୍ ତାହା ମଧ୍ୟ କରିପାରନ୍ତି ନାହିଁ। ମାତ୍ର ସେ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ଏବଂ ବଡ଼ ଛକ୍କା ମାରିବାର ଦକ୍ଷତା ରଖିଛନ୍ତି। ଆଇପିଏଲ ଖେଳୁଥିବାବେଳେ କୋହଲି ନିଶ୍ଚିତ ଶିଭମଙ୍କ ପ୍ରଦର୍ଶନକୁ ଲକ୍ଷ୍ୟ ରଖିଥିବେ" ବୋଲି ସେ କହିଛନ୍ତି। ୫୦ ଓଭର ବିଶିଷ୍ଟ ବିଶ୍ୱକପ ପର୍ଯ୍ୟନ୍ତ ବିଜୟ ଶଙ୍କର ଭାରତର ଦ୍ୱିତୀୟ ପସନ୍ଦର ଅଲରାଉଣ୍ଡର ଥିଲେ। ମାତ୍ର ଏବେ ସେ କେବଳ ଜଣେ ଦିନିକିଆ ଖେଳାଳିଭାବେ ପରିଗଣିତ ହେଉଛନ୍ତି। ରାହୁଲ ଚହର ଓ ୱାଶିଂଟନ ସୁନ୍ଦରଙ୍କୁ ଆଉ ଏକ ସୁଯୋଗ ଦିଆଯାଇପାରେ। ତେଣୁ ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ସ୍ଥାନ ପାଇବା ସମ୍ଭାବନା କମ୍।





### ଆଇନଜୀବୀ ଆନ୍ଦୋଳନ ମାମଲା

# ପକ୍ଷଭୁକ୍ତ ହେବ ନାହିଁ ହାଇକୋର୍ଟ ବାର୍

## ଆଡ୍‌ଭୋକେଟ୍ ଶିବଶଙ୍କର ମିଶ୍ର ନିଲମ୍ବିତ

କଟକ ଅଫିସ,୨୩।୧୦

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ବିରୋଧରେ ମିଥ୍ୟା ତଥ୍ୟ ଦେଇ ସୁପ୍ରିମ୍‌କୋର୍ଟଙ୍କୁ ପଥଭ୍ରାନ୍ତ କରିବା ଅଭିଯୋଗରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ବୁଧବାର ଆଇନଜୀବୀ ଶିବଶଙ୍କର ମିଶ୍ରଙ୍କୁ ନିଲମ୍ବିତ କରିଛି। ଏପରିକି ତାଙ୍କ ବାର୍ ସଭ୍ୟ ପଦକୁ କାହିଁକି ରଦ୍ଦ କରା ନ ଯିବ ତାହାର ଉପଯୁକ୍ତ କାରଣ ଜଣାଇବା ପାଇଁ ତାଙ୍କୁ ନୋଟିସ କରାଯାଇଛି। ଆସନ୍ତା ୩୦ତାରିଖ ସୁଦ୍ଧା ମିଶ୍ର ଏ ସଂକ୍ରାନ୍ତୀୟ ଜବାବ ନ ଦେଲେ କିମ୍ବା ଉତ୍ତର ସନ୍ତୋଷଜନକ ନ ହେଲେ ନଭେମ୍ବର ୧ତାରିଖରେ ହେବାକୁ ଥିବା ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ତାଙ୍କୁ ଆସୋସିଏଶନରୁ ବହିଷ୍କାର କରାଯିବ ବୋଲି ସଭାପତି ଗୋପାଳକୃଷ୍ଣ ମହାନ୍ତି କହିଛନ୍ତି। ସେହିପରି ମିଶ୍ରଙ୍କ ବିରୋଧରେ ସଂଘ ଅବମାନନା ନେଇ ପ୍ରୋସିଡିଂ କରାଯିବାକୁ ବାର୍ ଆସୋସିଏଶନ ଆକ୍ସନ କମିଟି ସଦସ୍ୟ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେଙ୍କୁ ଦାୟିତ୍ୱ ଦିଆଯାଇଥିବା ସଭାପତି ମହାନ୍ତି ସୂଚନା ଦେଇଛନ୍ତି।

ସୁପ୍ରିମ୍‌କୋର୍ଟରେ ଚାଲିଥିବା ଏକ ମାମଲାରେ ଓଡ଼ିଶା ହାଇକୋର୍ଟରେ ଲାଗି ରହିଥିବା ଆଇନଜୀବୀଙ୍କ ଆନ୍ଦୋଳନ ପ୍ରସଙ୍ଗ ଉତ୍ଥାପନ ହୋଇଥିଲା। ଏହି ମାମଲାରେ ସୁପ୍ରିମ୍‌କୋର୍ଟ ଓଡ଼ିଶା ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କୁ ଜବାବ ରଖିବାକୁ କହିଥିଲେ। ତେବେ ମଙ୍ଗଳବାର ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଥିଲେ ଯେ, ଆଇନର ମନ୍ଦିରକୁ ଅଚଳ ହେବାକୁ ଦିଆଯିବ ନାହିଁ। ଯଦି ସ୍ଥାନୀୟ ପୋଲିସ ଦ୍ୱାରା ସୁରକ୍ଷା ବ୍ୟବସ୍ଥା ସମ୍ଭବ ନ ହୁଏ ତେବେ ଅର୍ଦ୍ଧସାମରିକ ବଳ ନିୟୋଜନ କରିବାକୁ ସୁପ୍ରିମ୍‌କୋର୍ଟ ଓଡ଼ିଶା ହାଇକୋର୍ଟଙ୍କୁ ପରାମର୍ଶ ଦେଇଥିଲେ। ଏ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ମଧ୍ୟ ନୋଟିସ ଜାରି କରିଥିଲେ। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିକୁ ନେଇ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ଆଦୌ ଭୟଭୀତ ନୁହେଁ ବୋଲି ସଭାପତି ମହାନ୍ତି କହିଛନ୍ତି। ଉକ୍ତ ମାମଲାରେ ବାର୍ ଆସୋସିଏଶନକୁ ସାମିଲ କରାଯାଇନାହିଁ। ତେଣୁ ଏଥିରେ ଆସୋସିଏଶନ ନିଜକୁ ସାମିଲ କରିବ ନାହିଁ। ହାଇକୋର୍ଟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। କୋର୍ଟ କାର୍ଯ୍ୟରେ ମଧ୍ୟ କୌଣସି ପ୍ରତିବନ୍ଧକ ସୃଷ୍ଟି କରାଯାଉନାହିଁ। ତେଣୁ ସୁପ୍ରିମକୋର୍ଟଙ୍କୁ ଯେଉଁ ତଥ୍ୟ ଦିଆଯାଇଛି ଯେ, ଏଠାରେ ଆଇନ ପରିଚାଳନା କରିବାକୁ ଇଚ୍ଛୁକ ଆଇନଜୀବୀଙ୍କୁ ବାଧା ଦିଆଯାଉଛି ତାହା ସମ୍ପୂର୍ଣ୍ଣ ଅମୂଳକ ଓ ଭିତ୍ତିହୀନ ବୋଲି ମହାନ୍ତି କହିଛନ୍ତି। ଗୁରୁବାର ସୁପ୍ରିମକୋର୍ଟରେ ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ରହିଥିବାବେଳେ ହାଇକୋର୍ଟ ତାଙ୍କ ଜବାବ ଉପସ୍ଥାପନ କରିବେ। ଏହାପରେ ବାର୍ ଆସୋସିଏଶନ ପରବର୍ତ୍ତୀ ନିଷ୍ପତ୍ତି ନେବ ବୋଲି ସଭାପତି ମହାନ୍ତି କହିଛନ୍ତି। ଏପରି କି ଆଡଭୋକେଟ ମିଶ୍ରଙ୍କ ବିରୋଧରେ ବାର୍ କାଉନସିଲ ଅଫ ଇଣ୍ଡିଆରେ ହାଇକୋର୍ଟ ବାର୍ ଆସୋସିଏଶନ ଫେରାଦ ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ମଙ୍ଗଳବାର ଓକିଲ ଆନ୍ଦୋଳନ ନେଇ ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ ହେବା ସହ କଡ଼ା ଟିପ୍ପଣୀ ଦେଇଥିଲେ।












1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଆମେ ଯାହା ତା’ଠାରୁ ଅଧିକ ବୋଲି ଅନ୍ୟମାନଙ୍କୁ ଜଣାଇବା ପାଇଁ ଯଦି ବ୍ୟାକୁଳତା ପ୍ରକାଶ ନ କର, ଜୀବନରେ ଆମେ ବହୁ ସମ୍ମାନର ଅଧିକାରୀ ହେବା। -ସକ୍ରେଟିସ୍



## ସଂକ୍ଷେପରେ

### ମା’ଓ ଦୁଇ ଶିଶୁପୁତ୍ର ନିଖୋଜ ଅଭିଯୋଗ

**ମାହାଙ୍ଗା,୨୩।୧୦(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅଧୀନ ସାହାପୁର ପଞ୍ଚାୟତ ଅରିଲୋ ଗ୍ରାମରେ ମା’ ଓ ୨ ଶିଶୁ ପୁତ୍ର ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ନଂ-୨୩/୧୯ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗ୍ରାମର ସୁରେନ୍ଦ୍ର ବେହେରା ପରିବାର ସହ ଘରେ ଶୋଇଥିବା ବେଳେ ରବିବାର ରାତିରେ ତାଙ୍କ ସ୍ତ୍ରୀ ହିରାବତୀ, ବଡ଼ପୁଅ ସରୋଜ (୧୩) ଓ ସାନପୁଅ ସୁନୀଲ(୧୧) ଘରେ ନ ଥିବା ଦେଖିବାକୁ ପାଇଥିଲେ। ସମ୍ପର୍କୀୟ ଓ ବନ୍ଧୁବାନ୍ଧବ ଘର ଖୋଜାଖୋଜି କରି ନିରାଶ ହେବାପରେ ସୁରେନ୍ଦ୍ର ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ତଦନ୍ତକାରୀ ଅଧିକାରୀ ଏଏସଆଇ ଜାକିର ହୁସେନ କହିଛନ୍ତି, ନିଖୋଜ ସମ୍ପର୍କରେ ବିଭିନ୍ନ ଥାନାକୁ ସୂଚନା ଦିଆଯିବା ସହ ତଦନ୍ତ ଜାରି ରହିଛି।

### ମଦ ଜବତ, ଜଣେ ଗିରଫ

**ସାଲେପୁର,୨୩।୧୦(ଡି.ଏନ.ଏ.):** ଚୋରାମଦ କାରବାର ଅଭିଯୋଗରେ ସାଲେପୁର ପୋଲିସ୍ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ତାଙ୍କ ନିକଟରୁ ୨୦ ବୋତଲ ଦେଶୀ ମଦ ଜବତ କରିଛି। ସେ ହେଲେ କେନ୍ଦୁପାଟଣା ପଞ୍ଚାୟତ ନଟରା ଗ୍ରାମର ସୁରେନ୍ଦ୍ର ସାମଲ। ସୁରେନ୍ଦ୍ର ଚୋରାମଦ କାରବାର କରୁଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ଏକ ମାମଲା ନଂ-୨୮୭/୧୯ ରୁଜୁ ହୋଇଛି।

### ଅବକାରୀ ଚଢ଼ାଉ, ୨ ଗିରଫ

**ମାହାଙ୍ଗା,୨୩।୧୦(ସ୍ୱ.ପ୍ର.):** କଟକ ଅବକାରୀ ମୋବାଇଲ ସ୍କାଡ୍, ନିଶ୍ଚିନ୍ତକୋଇଲି ଓ ସାଲେପୁର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ରାତିରେ ମାହାଙ୍ଗାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ସମୟରେ ଚୋରା ମଦ ଜବତ କରାଯିବା ସହ ୨ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଲଳିତଗିରି ଗ୍ରାମର ଟିମା ମଲିକ ଓ କୁସୁପୁର ଗ୍ରାମର ଲକ୍ଷ୍ମଣ ପରମାଣିକ। ଟିମାଙ୍କ ଘରୁ ୩୫ ବୋତଲ ଆସ୍କା ଫଟି ଓ ଲକ୍ଷ୍ମଣଙ୍କ ଘରୁ ୧୬ ବୋତଲ ଦେଶୀମଦ ଜବତ କରାଯାଇଛି। ଚଢାଉରେ କଟକ ଅବକାରୀ ମୋବାଇଲ ସ୍କ୍ୱାଡ୍ ଟିମ୍, ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ସବଇନ୍ସପେକ୍ଟର ଏସଏସ ରାଓ ଓ ସାଲେପୁର ଅବକାରୀ ବିଭାଗ ଏସଆଇ ସର୍ବେଶ୍ୱର ଲାକ୍ରା ସାମିଲ ହୋଇଥିଲେ।

### ପୋକ ମୁଣ୍ଡେଇ ଠାକୁରାଣୀଙ୍କ ପୀଠରୁ ଚୋରି

**ମାହାଙ୍ଗା,୨୩।୧୦(ସ୍ୱ.ପ୍ର.):** ମାହାଙ୍ଗା ଥାନା କୁମୁଡ଼ା ଜୟପୁର ଫାଣ୍ଡି ଅଧୀନ ମଧୁପୁର ଗ୍ରାମର ଗ୍ରାମଦେବତୀ ମା’ ପୋକ ମୁଣ୍ଡେଇ ଠାକୁରାଣୀଙ୍କ ପୀଠରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଏନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ୨ ସୁନା ଚିତା, ୪ ରୂପା ଆଖି, ୪ ରୂପା ପକ ଓ ପାଟି, ୧ ପିତ୍ତଳ ବାଲ୍‌ଟି, ୪ ଘଣ୍ଟ, ୨ ହାତ ଘଣ୍ଟି, ୧ ତସଲା, ୨ ଢାଲ, ୨ କଟରା, ୧ଟି ଦାନ ବାକ୍ସ କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ବୁଧବାର ସକାଳୁ ଏ ସମ୍ପର୍କରେ ଜଣାପଡିବା ପରେ ଗ୍ରାମବାସୀ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

### ମହିଳା, ଶିଶୁ ବିକାଶ ଅଧିକାରୀଙ୍କ ଛତୁଆ କେନ୍ଦ୍ର ପରିଦର୍ଶନ

**ବାଙ୍କୀ,୨୩।୧୦(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଅଧୀନ ତୁଳସୀପୁର ପଞ୍ଚାୟତର ସୁନାପାଟଣା ଗ୍ରାମରେ ଥିବା ଶାରଳା ଛତୁଆ ପ୍ରସ୍ତୁତ କେନ୍ଦ୍ରକୁ ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ନିର୍ମଳା ପଣ୍ଡା ବୁଧବାର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ତାଙ୍କ ସହିତ ସୁପରଭାଇଜର ଆରତୀ ସାମଲ, ଛିତା ହେମ୍ବ୍ରମ୍, ବନଲତା ମହାନ୍ତି, ଜ୍ୟୋତିର୍ମୟୀ ପ୍ରଧାନ, ମିଶନ ଶକ୍ତି ସଂଯୋଜିକା ଫୁଲରାଣୀ ବେହେରା, ବ୍ଲକ ପ୍ରକଳ୍ପ ସଂଯୋଜିକା ହରପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ମାସ ୨୩ରେ ଛତୁଆ ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ କରାଯାଇ ମାନ ନିରୂପଣ କରାଯିବ ବୋଲି ଶିଶୁ ବିକାଶ ଅଧିକାରୀ ପଣ୍ଡା ପ୍ରକାଶ କରିଥିଲେ। ପରିଦର୍ଶନ ସମୟରେ ପଣ୍ଡା ଗହମ, ବୁଟ, ବାଦାମ ଓ ଚିନି ମିଶ୍ରଣକୁ ତନଖି କରିଥିଲେ। ୧୬୮୦ ଗର୍ଭବତୀ, ୪୦୧୩ଜଣ ୭ମାସରୁ ୩ବର୍ଷ ପିଲା, ୫୦ଜଣ ପୁଷ୍ଟିହୀନ ଶିଶୁଙ୍କ ପାଇଁ ଛତୁଆ ପ୍ରସ୍ତୁତ କରି ନଭେମ୍ବର ୧ରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ବଣ୍ଟନ କରାଯିବ ବୋଲି ପ୍ରକଳ୍ପ ପ୍ରଯୋଜିକା ସାହୁ କହିଛନ୍ତି।

## ■ ପ୍ରଥମ ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି ବୈଠକ

# ଡିସେମ୍ବର ସୁଦ୍ଧା ୩୧୨ ରାସ୍ତା କାମ ସରିବ

**କଟକ ଅଫିସ, ୨୩।୧୦**

ଜିଲାପାଳଙ୍କ ନୂତନ ସଦଭାବନା ଗୃହରେ ବୁଧବାର ପ୍ରଥମ ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଅଧ୍ୟକ୍ଷ ତଥା ଏମ୍‌ପି ଭର୍ତ୍ତୃହରି ମହତାବ ଅଧ୍ୟକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯିବା ସହ ୩୧୨ଟି ରାସ୍ତା ନିର୍ମାଣ ଲାଗି ଲକ୍ଷ୍ୟ ରହିଥିବାବେଳେ ୨୭୩ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା। ବାକିଥିବା ୩୯ଟି ରାସ୍ତା କାମ ୨୦୧୯ ଡିସେମ୍ବର ସୁଦ୍ଧା ସାରିବା ଲାଗି ନିଷ୍ପତ୍ତି ନିଆଯାଇଛି। ପୁନଶ୍ଚ ଏହି ଯୋଜନାରେ ୨୪ଟି ରାସ୍ତାର ପରିକଳ୍ପନା କରାଯାଇ ୧୯ଟି ରାସ୍ତା କାମ ଲାଗି ଚୁକ୍ତି ସ୍ୱାକ୍ଷର ହୋଇଛି। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଶିଶୁଆ-ଜନାର୍ଦ୍ଦନପୁର ଓ ରାଇସୁଙ୍ଗୁଡ଼ାଠାରୁ ଜିଗ୍ନୀପୁର ରାସ୍ତା ମରାମତି ପାଇଁ ପ୍ରସ୍ତାବ ରଖିଥିଲେ। ସେହିପରି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ନେତଳ-ସାନମୁଣ୍ଡଳି ରାସ୍ତା ଏବଂ ଡା. ପ୍ରମୋଦ କୁମାର ମଲ୍ଲିକ ନିଆଳି ଅଞ୍ଚଳର ରାସ୍ତାର ଉନ୍ନତୀକରଣ ପାଇଁ ପ୍ରସ୍ତାବ ରଖିଥିଲେ।



ବୈଠକରେ କଟକ ଓ ଜଗତ୍‌ସିଂହପୁର ଏମ୍‌ପି, ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ।

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ୨୫ଟି ପ୍ଲାଣ୍ଟରେ ଛତୁଆ ମିଶ୍ରଣକୁ ବିଭାଗୀୟ ଅଧିକାରୀମାନେ ଯାଞ୍ଚ କରିବେ ବୋଲି ଏମ୍‌ପି ମହତାବ କହିଥିଲେ। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନାରେ ଜଳଛାୟା ମିଶନ ତରଫରୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୪୩୮.୫୮ ଲକ୍ଷ ଟଙ୍କାରୁ ବର୍ତ୍ତମାନ ସୁଦ୍ଧା ୭୧.୨୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଡମଣୀ ପ୍ରକଳ୍ପକୁ ଚଳିତ ଆର୍ଥିକ ବର୍ଷରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୨୮୮୦ ହିତାଧିକାରୀଙ୍କୁ ବୁନ୍ଦା ସିଞ୍ଚନ ପ୍ରଣାଳୀରେ ଜମିକୁ ପାଣି ଯୋଗାଣ, ଫୁଲଚାଷ, ପରିବା ଚାଷ ସୁଯୋଗ ସୃଷ୍ଟି କରାଯାଉଛି ବୋଲି କୁହାଯାଇଥିଲା। ଖରିଫ ଚାଷ ପାଇଁ ଚଳିତ ଆର୍ଥିକ ବର୍ଷରେ ୭୫ହଜାର ୯୯୦ ଋଣୀ ଚାଷୀ ଏବଂ ୬୬୭୭ ଜଣ ଅଣ ଋଣୀଚାଷୀଙ୍କୁ ବୀମାଭୁକ୍ତ କରାଯାଇଛି। ସେହିପରି ରବିଚାଷ ପାଇଁ ଧାନ, ମୁଗ, ବିରି, ଚିନାବାଦାମ, ଆଳୁ ଓ ଆଖୁ ଚାଷକୁ ବୀମାଭୁକ୍ତ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୮୫ହଜାର ୪୮୫ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦିଆଯାଇଛି।

**୧ ଲକ୍ଷ ୮୫ ହଜାର ୪୮୫ ଚାଷୀ ପାଇଛନ୍ତି ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ**

ବାଙ୍କୀ-ଡମପଡ଼ା ବ୍ଲକ ତାଳବସ୍ତର ୫ଟି ପଞ୍ଚାୟତ କୁଶପଙ୍ଗୀ, ଡମପଡ଼ା, ଗୋବିନ୍ଦପୁର, ତାଳବସ୍ତ, ତୁଳାଡପୁରରେ କୃଷି ଉଦ୍ୟୋଗ କ୍ଲଷ୍ଟରରେ ପନିପରିବା ଚାଷ ଓ ହାଟ ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କ୍ଲଷ୍ଟରରେ ୮୦୬୭ଟି ପରିବାରର ୩୫,୪୮୦ ଜଣ ଉପକୃତ ହୋଇପାରିବେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ ଆୟୋଜିତ ଏହି ବୈଠକରେ ଜଗତସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ଜିଲାପରିଷଦ ସଭାପତି ଜ୍ୟୋତିରେଖା ନାୟକ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ ଏମ୍. ଅଖତର, ସମସ୍ତ ଉପଜିଲାପାଳ, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷା ଅଧ୍ୟକ୍ଷ, ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।



ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ବୁଧବାର ବାଙ୍କୀ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଏନ୍‌ଏସି ଆହାର କେନ୍ଦ୍ରରେ ଖାଉଛନ୍ତି।

## ବିଶ୍ୱ ଧଳାବାଡ଼ି ଦିବସ ପାଳିତ

**ଆଠଗଡ଼,୨୩।୧୦(ସ୍ୱ.ପ୍ର.)**

ଧରିତ୍ରୀ ଦିବ୍ୟାଙ୍ଗ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସପ୍ତାହ ବ୍ୟାପୀ ପାଳିତ ହେଉଥିବା ବିଶ୍ୱ ଧଳାବାଡ଼ି ଦିବସ ଉଦ୍‌ଯାପିତ ହୋଇଛି। ଆଠଗଡ଼ ଉପଜିଲାପାଳଙ୍କ ବୈଠକ ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଅମୀୟ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୃଷ୍ଟିବାଧିତଙ୍କ ସ୍ୱାଭିମାନର ସହ ବଞ୍ଚିବାର ଯଥେଷ୍ଟ ଅଧିକାର ରହିଛି ବୋଲି କହିଥିଲେ। ଆଠଗଡ଼ ଥାନା ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର, ଉପଖଣ୍ଡ ସମାଜ ମଙ୍ଗଳ ଅଧିକାରୀ ଉମେଶଚନ୍ଦ୍ର ସାହୁ, ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ରାଉତ, ଜାତୀୟ ଦୃଷ୍ଟିବାଧିତ ସଂସ୍ଥାର ଉପସଭାପତି ହରେକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇ ଦୃଷ୍ଟିବାଧିତଙ୍କୁ କୌଣସି କ୍ଷେତ୍ରରେ ଉପେକ୍ଷା କରା ନ ଯିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଯୋଗ ଦେଇଥିଲେ। ସେମାନଙ୍କୁ ସହାୟତା ରାଶି ଓ ଧଳାବାଡି ପ୍ରଦାନ କରାଯାଇଥିଲା। ସମସ୍ତ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିରଠାରେ ପହଞ୍ଚି ଥିଲେ। ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡ଼ଙ୍ଗୀ, ନୀଳମଣି ନାୟକଙ୍କ ସମେତ ସ୍ୱେଚ୍ଛାସେବୀ ସଂଗଠନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ■ ବିଦ୍ୟୁତ୍ ତାର ଛିଡ଼ି ବଳଦ ମୃତ

# କ୍ଷତିପୂରଣ ଦାବିରେ ସେସୁ ଅଫିସ ଘେରାଉ



ସେସୁ ଅଫିସ ଆଗରେ ପ୍ରତିବାଦ କରୁଛନ୍ତି।

**ନରସିଂହପୁର,୨୩।୧୦(ଡି.ଏନ.ଏ.)**

ନରସିଂହପୁର ଥାନା ଅଧୀନ ନୂଆବାଲିଝରୀ ଗାଁରେ ମଙ୍ଗଳବାର ରାତିରେ ବିଦ୍ୟୁତ୍ ତାର ଛିଡ଼ି ଏକ ବଳଦ ଉପରେ ପଡ଼ିବାରୁ ତାର ମୃତ୍ୟୁ ଘଟିଛି। ଏଥିସହିତ ବଳଦର ମାଲିକ ଓ ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଏହି ଖବର ବୁଧବାର ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲ। ଫଳରେ ସେମାନେ ବିଦ୍ୟୁତ୍ ମରାମତି ସହ କ୍ଷତିପୂରଣ ଦାବିକରି ସ୍ଥାନୀୟ ସେସୁ ଅଫିସ ଘେରାଉ କରିଥିଲେ। ସେସୁ ବିଭାଗୀୟ ଯନ୍ତ୍ରୀ କ୍ଷତିପୂରଣ ପ୍ରଦାନ କରିବା ସହ ଶୀଘ୍ର ମରାମତି କରାଯିବାର ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ଧାରଣାରୁ ଓହରି ଥିଲେ।

ବଳଦଟି ଦାଣ୍ଡରେ ବନ୍ଧା ହୋଇଥିବାରୁ ବିଦ୍ୟୁତ୍ ତାର ବଳଦ ଉପରେ ଛିଡ଼ି ପଡ଼ିଥିଲ। ଫଳରେ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଥିଲା। ବଳଦ ମାଲିକ ଧନେଶ୍ୱର ବେହେରା ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଭୋରୁ ଦାଣ୍ଡକୁ ଆସି ବଳଦ ଅଚେତ ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ଫଳରେ ସେମାନେ ବଳଦ ନିକଟକୁ ଦୌଡ଼ି ଯାଇଥିଲେ। ଏହି ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଏକଥା ଗାଁ ଲୋକେ ଜାଣିବା ପରେ ଟ୍ରାନସଫର୍ମର ନିକଟକୁ ଯାଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ। ଗୁରୁତର ଦମ୍ପତିଙ୍କୁ ନିକଟସ୍ଥ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବର ପ୍ରଚାରିତ ହେବାପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବାଲିସାହି ସମିତିସଭ୍ୟ ଶକ୍ତିପ୍ରସାଦ ମିଶ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଗ୍ରାମବାସୀ କ୍ଷତିପୂରଣ ଦାବିରେ ନରସିଂହପୁରଠାରେ ଥିବା ସେସୁ ଗ୍ରିଡ ଅଫିସକୁ ଘେରାଉ କରିଥିଲେ। ଏ ସମ୍ପର୍କରେ ସମିତିସଭ୍ୟ ମିଶ୍ର କହିଛନ୍ତି, ନୂଆବାଲିଝରୀ ଗ୍ରାମରେ ୧୯୮୨ ମସିହାରୁ ପୁରୁଣା ଖୋଲା ତାରରେ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଅନେକ ସ୍ଥାନରେ ତାର ଝୁଲୁ ରହି ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଯଦି ଏସବୁର ମରାମତି କରା ନ ଯାଏ ଆଗକୁ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ଧାରଣା ପରେ ସେସୁ ବିଭାଗୀୟ ଯନ୍ତ୍ରୀ କାଶୀନାଥ ବାରିକ ତୁରନ୍ତ ୫ ହଜାର ଟଙ୍କା କ୍ଷତି ପୂରଣ ଦେବା ସହିତ ଉପରିସ୍ଥ ଅଧିକାରୀଙ୍କୁ କହି ମରାମତି କରିବେ ବୋଲି କହିଥିଲେ।

## ଗୋପାଳପୁର ଭାରପ୍ରାପ୍ତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

## ୱାର୍ଡ ସଭ୍ୟଙ୍କ ଦସ୍ତଖତ ଯାଞ୍ଚ କଲେ ଜିପିଓ

**ମାହାଙ୍ଗା,୨୩।୧୦(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତର ନାଏବ ସରପଞ୍ଚ ଝିଲ୍ଲିରାଣୀ ସାମଲ ଭାରପ୍ରାପ୍ତ ସରପଞ୍ଚଭାବେ କାର୍ଯ୍ୟ ତୁଲାଉଛନ୍ତି। ହେଲେ ସେ ମନମୁଖି କାର୍ଯ୍ୟ କରିବା ସହ ପ୍ରତି ମାସରେ ୱାର୍ଡସଭ୍ୟଙ୍କ ବୈଠକ ନ ଡକାଇବା, ପାଇଖାନା ଯୋଜନା, ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କ ନାମ ସାମିଲ ପାଇଁ ଅର୍ଥ ଆଦାୟ, କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚୟନ, ପିଠା କାର୍ଯ୍ୟକ୍ରମରେ ଅର୍ଥ ତୋଷରପାତ କରିଥିବା ନେଇ ୱାର୍ଡ ସଭ୍ୟମାନେ ଗତ ୧୫ ତାରିଖରେ ଉପଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏଥିସହିତ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବୁଧବାର ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୋଗ କରିଥିବା ୭ଜଣ ୱାର୍ଡ ସଭ୍ୟ ହରିଶ ସାମଲ, ପରମାନନ୍ଦ ସେଠୀ, ତ୍ରିନାଥ ଦାସ, ମହେନ୍ଦ୍ର ମଲିକ, ଜୟନ୍ତୀ ନାୟକ, ଉର୍ମୀଳା ପାତ୍ର ଓ ଟିକି ସାମଲ ପ୍ରମୁଖଙ୍କ ଦସ୍ତଖତ ଯାଞ୍ଚ କରାଯାଇଛି। ବ୍ଲକ୍ ଗ୍ରାମ ପଞ୍ଚାୟତ ଅଧିକାରୀ(ଜିପିଓ)ସବିତା ଜେନାଙ୍କ ନିକଟରେ ସେମାନେ ନିଜର ଦସ୍ତଖତ ଯାଞ୍ଚ କରାଇଛନ୍ତି। ଏ ସମ୍ପର୍କରେ ଜିପିଓ ଜେନାଙ୍କୁ ପଚାରିବାରୁ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଅଭିଯୋଗ କରିଥିବା ୱାର୍ଡ ସଭ୍ୟଙ୍କ ଦସ୍ତଖତ ଯାଞ୍ଚ କରାଯାଇଛି। ଏହି ରିପୋର୍ଟ ଉପଜିଲାପାଳଙ୍କୁ ପ୍ରଦାନ କରାଯିବ। ଏହାପରେ ସେ ଯାହା ନିଷ୍ପତ୍ତି ନେବେ ବୋଲି ଜିପିଓ ସୂଚନା ଦେଇଥିଲେ। ପ୍ରକାଶଯୋଗ୍ୟ, ପଞ୍ଚାୟତର ସରପଞ୍ଚ ୩ଟି ସନ୍ତାନ ଥିବା ଅଭିଯୋଗରେ ପଦ ହରାଇଥିଲେ। ଏହାପରେ ନାଏବ ସରପଞ୍ଚ ସାମଲ ଭାରପ୍ରାପ୍ତ ସରପଞ୍ଚଭାବେ କାର୍ଯ୍ୟ ତୁଲାଉଛନ୍ତି।

## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ଆଠଗଡ଼/ଟିଗିରିଆ, ୨୩।୧୦:(ସ୍ୱ.ପ୍ର./ଡି.ଏନ.ଏ.)**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ବୁଧବାର ଆଠଗଡ଼ ଏବଂ ଟିଗିରିଆ ବ୍ଲକ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ଆଠଗଡ଼ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ମନ୍ତ୍ରୀ ପୂର୍ତ୍ତବିଭାଗର ଆଠଗଡ଼ ବ୍ଲକ ଧାଇପୁର କଇଁଥ ଛକଠାରେ କନ୍ଦରପୁର ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାର ଶିଳାନ୍ୟାସ କରିଥିଲେ। ପରେ ଖୁଣ୍ଟୁଣୀ ଓ ରାହାଙ୍ଗୋଳଠାରେ ଖୁଣ୍ଟୁଣୀ-ତଳଗଡ଼ ଓ ରାହାଙ୍ଗୋଳ-ଭୋଗୁଆ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତାର ଶିଳାନ୍ୟାସ କରିଥିଲେ। ସେହିପରି ବ୍ଲକ ଅଧୀନ ଦୋରଡ଼ ପଞ୍ଚାୟତ ଚୁନୁପଦାଠାରେ ଓ ଦୋରଡ଼ - ଆଠଗଡ଼ ଏନ୍.ଏସି ଅନ୍ତର୍ଗତ କନ୍ଦୋଲକୁ ସଂଯୋଗ କରୁଥିବା ବିଜୁ ସେତୁର ଶିଳାନ୍ୟାସ କରିଥିଲେ। ଆଠଗଡ଼ ସିଟି ସ୍କୁଲଠାରେ ଏକ ପ୍ରଶିକ୍ଷଣ ପ୍ରେକ୍ଷାଳୟ ଓ ୨ଟି ଶ୍ରେଣୀକକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏନ୍‌ଏସି ଦ୍ୱାରା ନିର୍ମିତ ଏକ ଗୋଷ୍ଠୀ ଶୌଚାଳୟ କେନ୍ଦ୍ର ଉଦ୍‌ଘାଟନ କରିବା ସହିତ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ନବୀକରଣର ଉଦ୍‌ଘାଟନ କରିଥିଲେ। ସେହିପରି ଟିଗିରିଆ ବ୍ଲକର ନୂଆସଡ଼କଠାରେ ନୂଆସଡ଼କ-ହରିଡ଼ାପଶି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଓ ବିରିପୁଟଠାରେ ବିରିପୁଟ-ଭେଜିଆ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ବିନ୍ଧାଣିମା ନିକଟସ୍ଥ ଗାଇନାଳ ଉପରେ ସେତୁ ପ୍ରତିଷ୍ଠା ଓ ଗଦାଧରପୁର-ମାନପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ସ୍ୱାଇଁଙ୍କ ସମେତ କଟକ ଜିଲା ପରିଷଦ ଉପାଧ୍ୟକ୍ଷ ସୁନିଲ ପରିଡ଼ା, ଚାରବାଟିଆ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ ଗଡ଼ନାୟକ, ସହକାରୀ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାଏକ, ସହକାରୀ ଯନ୍ତ୍ରୀ ପ୍ରଭାତ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ମୁକ୍ତିକାନ୍ତ ପଣ୍ଡା, କନିଷ୍ଠ ଯନ୍ତ୍ରୀ ପବିତ୍ର ମୋହନ ପରମାଣିକ, ଟିଗିରିଆର କନିଷ୍ଠ ଯନ୍ତ୍ରୀ ସୁରେଶ ଚନ୍ଦ୍ର ମହାନ୍ତି, ଗୁରୁଡ଼ିଝାଟିଆ କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ମହାରଣା, ଟିଗିରିଆ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଉପାଧ୍ୟକ୍ଷ ଗୌରହରି ପରିଡ଼ା, ଜିଲାପରିଷଦ ବିଜୟଲକ୍ଷ୍ମୀ ଖଟୁଆ, ବିନ୍ଧାଣିମା ସରପଞ୍ଚ ଅଜିତ ରାଉତ, ସମିତିସଭ୍ୟ ବିଭୂତି ଭୂଷଣ ବେହେରା, ନାରୀନେତ୍ରୀ ପୁଷ୍ପିତା ସ୍ୱାଇଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

## ଆବାସ ଯୋଜନାର ତଦନ୍ତ ଆରମ୍ଭ

**ମାହାଙ୍ଗା,୨୩।୧୦(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଧୀନ ୬ଟି ପଞ୍ଚାୟତର କେତେଜଣ ହିତାଧିକାରୀ ଆବାସ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିଥିଲେ। ଫଳରେ ସେମାନଙ୍କ ନାମ ପଞ୍ଜୀକୃତ ହୋଇଥିଲ। ମାତ୍ର ଜିଓ ଟ୍ୟାଗିଙ୍ଗରୁ ସେମାନଙ୍କୁ ବଞ୍ଚିତ କରାଯାଇଥିଲା। ଏନେଇ ସେମାନେ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଜିଲା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଏକ ୧୨ ଜଣିଆ ଟିମ ମାହାଙ୍ଗା ବ୍ଲକରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ଟିମର ପ୍ରତ୍ୟେକ ୨ଜଣ କରି ମାହାଙ୍ଗା, ରାହାଣିଆ, ପଲ୍ଲିସାହି, ପୋଡ଼ାମରାଇ, ବରାହିପୁର, ପାଇକରାପୁର ପଞ୍ଚାୟତକୁ ୩୦ ତାରିଖ ପର୍ଯ୍ୟନ୍ତ ଗସ୍ତ କରି ତଦନ୍ତ କରିବେ ବୋଲି ସୂଚନା ମିଳିଛି।

## ■ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀସେବା ବିପର୍ଯ୍ୟସ୍ତ

# ଆବଶ୍ୟକ ଡାକ୍ତର, କର୍ମଚାରୀ ଅଭାବ

**ଆଠଗଡ଼,୨୩।୧୦(ସ୍ୱ.ପ୍ର.)**

ରାଜ୍ୟ ସରକାର ଗାନ୍ଧୀ ଜୟନ୍ତୀଠାରୁ ସମସ୍ତ ଥାନା ଓ ମେଡିକାଲରେ ‘ମୋ ସରକାର’ ଯୋଜନା ଲାଗୁ କରିଛନ୍ତି। ଏହାଦ୍ୱାରା ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯାଇ ପାରିବ ବୋଲି ସରକାର ଆଶା ପ୍ରକଟ କରିଛନ୍ତି। ମାତ୍ର ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି। ଏହି ଚିକିତ୍ସାଳୟ ଉପରେ ଆଠଗଡ଼, ଟିଗିରିଆ, ବଡ଼ମ୍ବା, ନରସିଂହପୁର ଓ ବାଙ୍କୀ ସମେତ ଢେଙ୍କାନାଳ ସଦର ବ୍ଲକର ପ୍ରାୟ ୫ ଲକ୍ଷ ଲୋକ ନିର୍ଭର କରିଥାନ୍ତି। ହେଲେ ଦୀର୍ଘଦିନ ହେବ ଏଠାରେ ଡାକ୍ତର ଓ କର୍ମଚାରୀ ଅଭାବ ରହିଥିବାରୁ ଉପରୋକ୍ତ ଅଞ୍ଚଳ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳି ପାରୁନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଆବଶ୍ୟକ ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ ହେଲେ ଉତ୍ତମ ସେବା ମିଳିପାରିବ। ତେଣୁ ଶୀଘ୍ର ରାଜ୍ୟ ସରକାର ଏସବୁ ପଦବୀ ପୂରଣ କରନ୍ତୁ ବୋଲି ଜନସାଧାରଣ ଦାବି କରିଛନ୍ତି।



**■ଶୀଘ୍ର ଖାଲି ପଦବୀ ପୂରଣ ଦାବି**
**■୨୩ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ୭**
**■୧୧ ସେବିକାଙ୍କ ଜାଗାରେ କାମ କରୁଛନ୍ତି ୪**

ସୂଚନାଯୋଗ୍ୟ, ଉପଖଣ୍ଡ ଚିକିତ୍ସାଳୟରେ ୭୨ ଶଯ୍ୟା, ୧୦ କ୍ୟାବିନ ଓ ଚକ୍ଷୁ ଚିକିତ୍ସାଳୟରେ ୧୦ ଶଯ୍ୟା ରହିଛି। କିନ୍ତୁ ଅନେକ ସମୟରେ ଏଠାରେ ୧୦୦ରୁ ଅଧିକ ରୋଗୀ ରହି ଚିକିତ୍ସିତ ହୋଇଥାନ୍ତି। ମଞ୍ଜୁରୀପ୍ରାପ୍ତ ୨୩ ଡାକ୍ତରଙ୍କ ମଧ୍ୟରୁ ମାତ୍ର ୭ଜଣ ଏବେ କାର୍ଯ୍ୟ କରୁଛନ୍ତି। ଶଲ୍ୟ, ଚକ୍ଷୁ, ଅସ୍ଥିଶଲ୍ୟ, ଦନ୍ତରୋଗ ଓ ନିଶ୍ଚେତକ ବିଶେଷଜ୍ଞ ପଦବୀ ଦୀର୍ଘଦିନ ହେବ ପୂରଣ ହୋଇନାହିଁ। ସେହିପରି ୩ଜଣ ଶିଶୁରୋଗ ବିଶେଷଜ୍ଞଙ୍କ ସ୍ଥାନରେ ମାତ୍ର ଜଣେ ବିଶେଷଜ୍ଞ ଡାକ୍ତରଖାନା ସହିତ ପୁଷ୍ଟିସାଧନ କେନ୍ଦ୍ର ଓ ନବଜାତ ଶିଶୁ ସୁରକ୍ଷା କେନ୍ଦ୍ରର କାର୍ଯ୍ୟଭାର ତୁଲାଉଛନ୍ତି। ଡାକ୍ତରଖାନା ଅଧୀକ୍ଷକ ଶିଶୁରୋଗ ବିଶେଷଜ୍ଞ ହୋଇଥିବାରୁ ପ୍ରଶାସନିକ କାର୍ଯ୍ୟସହ ଚିକିତ୍ସା ସେବା ଯୋଗାଇବାକୁ ବାଧ ହେଉଛନ୍ତି। ଦୈନିକ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଥିବା ଏହି ଡାକ୍ତରଖାନାରେ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ସେହିପରି ୧୧ ମଞ୍ଜୁରୀପ୍ରାପ୍ତ ସେବିକାଙ୍କ ସ୍ଥାନରେ ମାତ୍ର ୪ଜଣ କାର୍ଯ୍ୟରତ ଅଛନ୍ତି। ଏହାଛଡ଼ା ରଞ୍ଜନରଶ୍ମୀ ଓ ନିଦାନ ବିଭାଗରେ ମଧ ଟେକ୍ନିଶିଆନ୍ ପଦବୀ ଖାଲିପଡ଼ିଛି। ଏସମ୍ପର୍କରେ ଡାକ୍ତରଖାନା ଅଧୀକ୍ଷକ ଡା. ବିଜୟ କୁମାର ମିଶ୍ର କହିଛନ୍ତି, ଡାକ୍ତର ଓ କର୍ମଚାରୀଙ୍କ ଅଭାବ ସମ୍ପର୍କରେ ପ୍ରତି ମୁହୂର୍ତ୍ତରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। କର୍ତ୍ତୃପେକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ସମସ୍ୟା ସମାଧାନ ହେଉନି। ସରକାର ଯଦି ଏଠାରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି କରିବେ ତେବେ ‘ମୋ ସରକାର’ ଯୋଜନା ସଫଳ ହୋଇ ପାରିବ। ନଚେତ ଲୋକେ ଯେପରି ଅସୁବିଧାରେ ସମ୍ମୁଖୀନ ହେଉଥିଲେ ତାହା ବଳବତ୍ତର ରହିବ। ଏ ସମ୍ପର୍କରେ ଆଠଗଡ଼ ଉପଜିଲାପାଳ ଅମୀୟ ସାହୁ କହିଛନ୍ତି, ଡାକ୍ତରଖାନା ସମସ୍ୟା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ସମୟରେ ଅବଗତ କରାଯାଇଛି। ହେଲେ ଏପର୍ଯ୍ୟନ୍ତ ସେପଟୁ କିଛି ଉତ୍ତର ମିଳିନି। ଯାହାଫଳରେ ଡାକ୍ତରଖାନା ସମସ୍ୟା ଦିନକୁ ଦିନ ବଢ଼ିଚାଲିଛି।

## ବଡ଼ ମୁଣ୍ଡ ଶିଶୁକନ୍ୟାକୁ ସହାୟତା ଯୋଗାଇବାକୁ ବିଧାୟକଙ୍କ ତତ୍ପରତା

**ସାଲେପୁର,୨୩।୧୦(ଡି.ଏନ.ଏ.)**

ବଡ଼ମୁଣ୍ଡ ଶିଶୁ କନ୍ୟାକୁ ନେଇ ଚିନ୍ତାରେ ମା’ବାପା। ‘ଚିକିତ୍ସା ସହାୟତା ପାଇଁ ନିବେଦନ’ ଶୀର୍ଷକ ଖବର ବୁଧବାର ‘ଧରିତ୍ରୀ’ରେ ପ୍ରକାଶ ପାଇଥିଲା। ଏହି ଖବର ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନଜରକୁ ଆସିବା ପରେ ସେ ଦୁଃଖ ପ୍ରକାଶ କରିବା ସହ ସହାୟତାର ହାତ ବଢ଼ାଇବାକୁ ତତ୍ପର ହୋଇ ଉଠିଛନ୍ତି। ବିଧାୟକ ବେହେରା ଏନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମୋ ସରକାର ମାଧ୍ୟମରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଶିଶୁକନ୍ୟାକୁ ସରକାରୀ ସହାୟତା ମିଳିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଶିଶୁକନ୍ୟାର ବାପା ପବିତ୍ର ରାଉତ କହିଛନ୍ତି। ସାଲେପୁର ବ୍ଲକ୍ ଶିଶୁଆ ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ପବିତ୍ର ଓ ସସ୍ମିତାଙ୍କ ଅଢ଼େଇ ମାସର ଶିଶୁକନ୍ୟାର ମୁଣ୍ଡ ବଢ଼ିଚାଲିଛି।

**‘ଧରିତ୍ରୀ’ ପ୍ରଭାବ**



ଆମେ ଯାହା ତା'ଠାରୁ ଅଧିକ ବୋଲି ଅନ୍ୟମାନଙ୍କୁ ଜଣାଇବା ପାଇଁ ଯଦି ବ୍ୟାକୁଳତା ପ୍ରକାଶ ନ କର, ଜୀବନରେ ଆମେ ବହୁ ସମ୍ମାନର ଅଧିକାରୀ ହେବା। - ସକ୍ରେଟିସ୍



## ସଂକ୍ଷେପରେ

### ଛାତ୍ରୀଙ୍କୁ କମେଣ୍ଟ: ଦୋକାନୀ ଗିରଫ

**କଟକ ଅଫିସ, ୨୩।୧୦:** ଛାତ୍ରୀଙ୍କୁ କମେଣ୍ଟ କରିବା ଅଭିଯୋଗରେ ଲାଲବାଗ ଥାନା ପୋଲିସ ବୁଧବାର ଦୋକାନୀ ସରୋଜ ରାଣାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ବିରୋଧରେ ୨୪୩/୧୯ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ୨ଜଣ ସ୍କୁଲ ଛାତ୍ରୀ ଚାନ୍ଦିନୀଚୌକ ଅଞ୍ଚଳକୁ ଟ୍ୟୁଶନ ଯାଇଥାନ୍ତି। ସେମାନେ ଟ୍ୟୁଶନ ଯିବା ବାଟରେ ଚାନ୍ଦିନୀଚୌକ ଅଞ୍ଚଳରେ ଦେକାନ କରିଥିବା ପ୍ରଫୁଲ୍ଲ ସେମାନଙ୍କୁ ସବୁବେଳେ କମେଣ୍ଟ ମାରିବା ସହ ହଇରାଣ କରୁଥିଲେ। ବୁଧବାର ସନ୍ଧ୍ୟାରେ ଛାତ୍ରୀ ଦ୍ୱୟ ଟ୍ୟୁଶନ ସାରି ଘରକୁ ଫେରୁଥିବାବେଳେ ପ୍ରଫୁଲ୍ଲ ନିଶାଗ୍ରସ୍ତ ହୋଇ ସେମାନଙ୍କ ପିଛା କରିଥିଲେ। ଦୁହେଁ ଭୟଭୀତ ହୋଇ ଲାଲବାଗ ଥାନା ଭିତରକୁ ପଶି ଯାଇଥିଲେ। ପ୍ରଫୁଲ୍ଲ ମଧ ଥାନା ଭିତରକୁ ପଶିଥିଲେ। ପୋଲିସକୁ ଛାତ୍ରୀ ଦ୍ୱୟ ସମସ୍ତ ବିଷୟ କହିବା ପରେ ପ୍ରଫୁଲ୍ଲଙ୍କୁ ଅଟକ ରଖାଯାଇଥିଲା। ଏ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

### କରତକଳରେ ଚଢ଼ାଉ

**ଫୁଲନଖରା, ୨୩।୧୦(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ବଢେଇସାହି-ନଚ୍ଛିପୁର ଠାରେ ଚାଲିଥିବା କରତ କଳରେ ବୁଧବାର ଫୁଲନଖରା ଫରେଷ୍ଟ ଡିଭିଜନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ମେଶିନ, ଲୁହା ଟ୍ରଲି, ଶାଗୁଆନ, ଆମ୍ବ, ଚାକୁଣ୍ଡା, ଆକାଶିଆ ଓ କାଠ ଲଗ୍ ଜବତ ହୋଇଛି। ଜବତ ସାମଗ୍ରୀକୁ ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଥିବା ଜଣାପଡିଛି। ସକାଳ ୭ଟା ରେ ଫରେଷ୍ଟ ରେଞ୍ଜର ଭରତ ଘଡେଇ ଓ କେତେଜଣ ବନକର୍ମଚାରୀ କଟକ ସଦର ପୋଲିସ ସହାୟତାରେ ଏହି ଚଢ଼ାଉ ହୋଇଥିଲା।

### କାଠଯୋଡ଼ିକୁ ଡେଇଁଥିବା ଯୁବକଙ୍କ ମୃତଦେହ ଉଦ୍ଧାର

**ନରାଜ/ବାରଙ୍ଗ, ୨୩।୧୦(ଡି.ଏନ.ଏ.):** ତ୍ରିଶୁଳିଆ-କଟକ ରାସ୍ତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେତୁରୁ ମଙ୍ଗଳବାର କାଠଯୋଡ଼ିକୁ ଡେଇଁଥିବା ଯୁବକଙ୍କ ମୃତଦେହ ବୁଧବାର ଉଦ୍ଧାର ହୋଇଛି। ୧୬ଘଣ୍ଟାର ପରିଶ୍ରମ କରି ବାରଙ୍ଗ ଅଗ୍ନିଶମ ଓ ଓଡ୍ରାଫ ଟିମ ମୃତଦେହ ଉଦ୍ଧାର କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଘଟଣା ଘଟିବା ପରେ ବାରଙ୍ଗ ଅଗ୍ନିଶମ ବିଭାଗ ପାଖରେ ବୋଟ ନ ଥିବାରୁ ସିଡିଏ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପରେ ଉଭୟ ମିଳିତ ଭାବେ ଖୋଜିଥିବା ବେଳେ ଲାଇଟ ବ୍ୟବସ୍ଥା ନ ଥିବାରୁ ଫେରିଆସିଥିଲେ। ବୁଧବାର ସକାଳୁ ପୁଣି ଖୋଜାଖୋଜି ଜାରି ରଖିଥିବାବେଳେ ପୂର୍ବାହ୍ନ ୧୦ଟାରେ ମୃତଦେହ ଉପରକୁ ଉଠିଆସିଥିବା ଦେଖି ଉଦ୍ଧାର କରିଥିଲେ। ମୃତ ଦେବବ୍ରତଙ୍କ ବାପାଙ୍କ ଅଭିଯୋଗକ୍ରମେ ଅପମୃତ୍ୟୁ ମାମଲା(ନଂ. ୧୧/୧୯) ରୁଜୁ ହୋଇଛି।

### ଚାକିରି ଦେବା ଆଳରେ ୨କୋଟି ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ):** ଲୋକଙ୍କୁ ଚାକିରି ଦେବା ଆଳରେ ସଂସ୍ଥା ଖୋଲି ଠକେଇ କରିଥିବା ଅଭିଯୁକ୍ତଙ୍କୁ ଚନ୍ଦ୍ରଶେଖରପୁର ପୋଲିସ ଗିରଫ କରିଛି। ସେ ହେଲେ ନିଆଳି ଅଞ୍ଚଳର ରୋହିତ ରାଉତ। ସଞ୍ଚୟ ଓ ସମୃଦ୍ଧି ଯୋଜନାରେ ଲୋକଙ୍କୁ ନିଯୁକ୍ତି ଦେବାକୁ କହି ଅଭିଯୁକ୍ତ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ଫେରାର୍ ଥିଲା। ୨ ବର୍ଷ ପୂର୍ବେ ସେ ଚନ୍ଦ୍ରଶେଖରପୁର ଥାନା ଅଧୀନସ୍ଥ ଶୈଳଶ୍ରୀବିହାର ଅଞ୍ଚଳରେ ସଞ୍ଚୟ ଓ ସମୃଦ୍ଧି ଯୋଜନା ନାମରେ ଅଫିସ ଖୋଲି ୧୦ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲେ। ଯୋଜନାରେ ବିଭିନ୍ନ ନିଯୁକ୍ତି ଦେବା ନେଇ ଖବରକାଗଜରେ ମଧ ପ୍ରକାଶ କରାଯାଇଥିଲା। ଏହି ଖବର ପଢ଼ି ଯୁବତୀଯୁବକ ଚାକିରି ଆଶାରେ ୨୦-୩୦ ହଜାର ଟଙ୍କା କମ୍ପାନୀକୁ ଦେଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଅଫିସ ବନ୍ଦ କରି ଫେରାର୍ ହୋଇଯାଇଥିଲେ।

■ ପ୍ରଥମ ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି ବୈଠକ

# ଡିସେମ୍ବର ସୁଦ୍ଧା ୩୧୨ ରାସ୍ତା କାମ ସରିବ

**କଟକ ଅଫିସ, ୨୩।୧୦**

ଜିଲାପାଳଙ୍କ ନୂତନ ସଦଭାବନା ଗୃହରେ ବୁଧବାର ପ୍ରଥମ ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଅଧକ୍ଷ ତଥା ଏମ୍ପି ଭର୍ତ୍ତୃହରି ମହତାବ ଅଧକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯିବା ସହ ୩୧୨ଟି ରାସ୍ତା ନିର୍ମାଣ ଲାଗି ଲକ୍ଷ୍ୟ ରହିଥିବାବେଳେ ୨୭୩ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା। ବାକିଥିବା ୩୯ଟି ରାସ୍ତା କାମ ୨୦୧୯ ଡିସେମ୍ବର ସୁଦ୍ଧା ସାରିବା ଲାଗି ନିଷ୍ପତ୍ତି ନିଆଯାଇଛି। ପୁନଶ୍ଚ ଏହି ଯୋଜନାରେ ୨୪ଟି ରାସ୍ତାର ପରିକଳ୍ପନା କରାଯାଇ ୧୯ଟି ରାସ୍ତା କାମ ଲାଗି ଚୁକ୍ତି ସ୍ୱାକ୍ଷର ହୋଇଛି। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଶିଶୁଆ-ଜନାର୍ଦ୍ଦନପୁର ଓ ରାଇସୁଙ୍ଗୁଡ଼ାଠାରୁ ଜିମ୍ପୀପୁର ରାସ୍ତା ମରାମତି ପାଇଁ ପ୍ରସ୍ତାବ ରଖିଥିଲେ। ସେହିପରି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ନେତଳ-ସାନମୁଣ୍ଡଳି ରାସ୍ତା ଏବଂ ଡା. ପ୍ରମୋଦ କୁମାର ମଲ୍ଲିକ ନିଆଳି ଅଞ୍ଚଳର ରାସ୍ତାର ଉନ୍ନତୀକରଣ ପାଇଁ ପ୍ରସ୍ତାବ ରଖିଥିଲେ।



ବୈଠକରେ କଟକ ଓ ଜଗତସିଂହପୁର ଏମ୍ପି, ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ।

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ୨୫ଟି ପ୍ଲାଣ୍ଟରେ ଛତୁଆ ମିଶ୍ରଣକୁ ବିଭାଗୀୟ ଅଧିକାରୀମାନେ ଯାଞ୍ଚ କରିବେ ବୋଲି ଏମ୍ପି ମହତାବ କହିଥିଲେ। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନାରେ ଜଳଛାୟା ମିଶନ ତରଫରୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୪୩୮.୫୮ ଲକ୍ଷ ଟଙ୍କାରୁ ବର୍ତ୍ତମାନ ସୁଦ୍ଧା ୭୧.୨୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଡମଣୀ ପ୍ରକଳ୍ପକୁ ଚଳିତ ଆର୍ଥିକ ବର୍ଷରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୨୮୮୦ ହିତାଧିକାରୀଙ୍କୁ ବୁନ୍ଦା ସିଞ୍ଚନ ପ୍ରଣାଳୀରେ ଜମିକୁ ପାଣି ଯୋଗାଣ, ଫୁଲଚାଷ, ପରିବା ଚାଷ ସୁଯୋଗ ସୃଷ୍ଟି କରାଯାଉଛି ବୋଲି କୁହାଯାଇଥିଲା। ଖରିଫ ଚାଷ ପାଇଁ ଚଳିତ ଆର୍ଥିକ ବର୍ଷରେ ୭୫ହଜାର ୯୯୦ ଋଣୀ ଚାଷୀ ଏବଂ ୬୬୭୭ ଜଣ ଅଣ ଋଣୀଚାଷୀଙ୍କୁ ବୀମାଭୁକ୍ତ କରାଯାଇଛି। ସେହିପରି ରବିଚାଷ ପାଇଁ ଧାନ, ମୁଗ, ବିରି, ଚିନାବାଦାମ, ଆଳୁ ଓ ଆଖୁ ଚାଷକୁ ବୀମାଭୁକ୍ତ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ

**୧ ଲକ୍ଷ ୮୫ ହଜାର ୪୮୫ ଚାଷୀ ପାଇଛନ୍ତି ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ**

୮୫ହଜାର ୪୮୫ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦିଆଯାଇଛି। ବାଙ୍କୀ-ଡମପଡ଼ା ବ୍ଲକ ତାଳବସ୍ତର ୫ଟି ପଞ୍ଚାୟତ କୁଶପଙ୍ଗୀ, ଡମପଡ଼ା, ଗୋବିନ୍ଦପୁର, ତାଳବସ୍ତ, ତୁଳାତପୁରରେ କୃଷି ଉଦ୍ୟୋଗ କ୍ଲଷ୍ଟରରେ ପନିପରିବା ଚାଷ ଓ ହାଟ ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କ୍ଲଷ୍ଟରରେ ୮୦୬୭ଟି ପରିବାରର ୩୫,୪୮୦ ଜଣ ଉପକୃତ ହୋଇପାରିବେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ ଆୟୋଜିତ ଏହି ବୈଠକରେ ଜଗତସିଂହପୁର ଏମ୍ପି ଡା. ରାଜଶ୍ରୀ ମଲ୍ଲିକ, ଜିଲାପରିଷଦ ସଭାପତି ଜ୍ୟୋତିରେଖା ନାୟକ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ ଏମ୍. ଅଖତର, ସମସ୍ତ ଉପଜିଲାପାଳ, ବିଭିନ୍ନ ପଞ୍ଚାୟତ ସମିତିର ଅଧକ୍ଷା ଅଧକ୍ଷ, ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ସିଡ଼ିଏ ସେକ୍ଟର-୬ ସିଏମ୍‌ସି ୱାର୍ଡ ନଂ-୬ ବିଜୁ ଯୁବ ବାହିନୀ ପକ୍ଷରୁ ବୁଧବାର ସଡ଼କ ସୁରକ୍ଷା ଓ ନିୟମ ସମ୍ବନ୍ଧୀୟ ସଚେତନତା ଅଭିଯାନ।

## କଟକର ୧୬ ସ୍ଥାନରେ ହେବ ଅଟୋ ପାର୍କିଂ

**କଟକ ଅଫିସ ୨୩।୧୦**

**ନିୟମ ନ ମାନିଲେ ୧ ହଜାର ଟଙ୍କା ଜରିମାନା**

କଟକ ସହରର ୧୬ଟି ସ୍ଥାନରେ ଅଟୋ ପାର୍କିଂ ପାଇଁ କମିଶନରେଟ୍ ପୋଲିସ ସ୍ଥାନ ଚିହ୍ନଟ କରିଛି। ଟ୍ରାଫିକ ସମସ୍ୟାର ସମାଧାନ ନେଇ ପୋଲିସ ପକ୍ଷରୁ ଏହି ପାର୍କିଂ ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ପାର୍କିଂସ୍ଥଳରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଅଟୋ ରହିବ। ଏ ନେଇ ବୁଧବାର ପୋଲିସ କମିଶନରଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନରେ ଅଟୋ ପାର୍କିଂ କଲେ ଓଡ଼ିଶା ସହରାଞ୍ଚଳ ପୋଲିସ ନିୟମ ୨୦୦୩ ଧାରା ୯୬ ଅନୁଯାୟୀ ସମ୍ପୃକ୍ତ ଅଟୋ ଚାଳକଙ୍କଠାରୁ ଏକ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ଏହି ବିଜ୍ଞପ୍ତିରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି।

ସୂଚନା ଅନୁଯାୟୀ, ଲିଙ୍କରୋଡ ରେଲୱେ ବ୍ରିଜ୍ ନିକଟ ଦାମମହାରାଜ ମିଠା ଦୋକାନ ପାଖରେ ହେବାକୁ ଥିବା ପାର୍କିଂସ୍ଥଳରେ ୨୦ଟି ଅଟୋ ରହିବ। ସେହିପରି ନୂଆଛକରୁ ଏକ୍ସାଇଡ ଇନ୍‌ସ୍ୟୁରାନ୍ସ ଅଫିସ ରାସ୍ତା ପାର୍ଶ୍ୱରେ ୩୦ଟି, ପ୍ରେସ୍ ଛକରୁ ବସ ପାର୍କିଂ ଯାଏ ୬୦ଟି, ବାଦାମବାଡ଼ି ବସ୍ ପ୍ରବେଶ ପଥରୁ ସରକାରୀ ବସ୍ ପ୍ରସ୍ଥାନ ପଥ ଯାଏ ୫୦ଟି, ବାଦାମବାଡ଼ି ବେସରକାରୀ ବସ ପ୍ରସ୍ଥାନ ପଥରୁ ଜଗନ୍ନାଥ ଲେନ ପର୍ଯ୍ୟନ୍ତ ୬୦ଟି ଅଟୋ ରହିବ। ବଜ୍ରକବାଟି ବିଏସ୍‌ଏନ୍‌ଏଲ୍ ଅଫିସ ପାଚେରି କଡ଼ରେ ୩୦ଟି, କଲେଜ ଛକ ସିଡିଏ ମାର୍କେଟରୁ ପୁରୁଣା ରେଲୱେ ଡିଆଇଜି ଅଫିସ ପର୍ଯ୍ୟନ୍ତ ୫୦ଟି, ରାଣୀହାଟ ଉଚ୍ଚବିଦ୍ୟାଳୟ ଅପର ପାର୍ଶ୍ୱ ଖାଲି ସ୍ଥାନରେ ୩୦ଟି, ଦରଘାବଜାର ବିଗ୍‌ବଜାର ସାମ୍ନାରେ ୩୦ଟି, ତିନିକୋଣିଆ ବଗିଚା ନିକଟରେ ୧୫ଟି, ଜିଏସ୍ ପାର୍କ ନିକଟରେ ୨୦ଟି ଅଟୋ ପାର୍କିଂ କରିବ। ପାରଳା ମହାରାଜା ଶିଶୁ ଉଦ୍ୟାନ ନିକଟ ବସ୍‌ଷ୍ଟପ ପଛରେ ୫୦ଟି, ଓଏମ୍ପି ଷଷ୍ଠ ବାଟାଲିୟନ ପାଚେରି ନିକଟରେ ୬୦ଟି, ଓଏମ୍ପି ଷଷ୍ଠ ବାଟାଲିୟନ ପଶ୍ଚିମଦ୍ୱାର ସାମ୍ନାରୁ ବସ୍ ପ୍ରସ୍ଥାନ କରୁଥିବା ଯାଏ ୭୦ଟି, ସତୀଚୌରା ଛକ ନିକଟରୁ ଅଶ୍ୱିନ ହସପିଟାଲ ଯାଏ ୬୦ଟି, ସିଡିଏ ସେକ୍ଟର-୬ ମାର୍କେଟ କମ୍ପ୍ଲେକ୍ସ ସାମ୍ନାରେ ୪୦ଟି ଅଟୋ ପାର୍କିଂନିମନ୍ତେ ବ୍ୟବସ୍ଥା ହୋଇଛି।



କଟକ ଏସ୍‌ସିବି ମେଡ଼ିକାଲ କଲେଜ ପୁରୁଣା ଅଡ଼ିଟୋରିୟମରେ ଏସ୍‌ସିବି ମେଡ଼ିକାଲ ଛାତ୍ର ସଂସଦର ୭୧ତମ ସଂସ୍କରଣ ବାର୍ଷିକ ପତ୍ରିକା 'ସଂହିତା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**କଟକ ସଦର, ୨୩।୧୦(ଡି.ଏନ୍.ଏ.)**

କିଶୋରନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗରେ ବୁଧବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଲିଶୁକ୍ରି ଅଞ୍ଚଳର ପାର୍ଥସାରଥି ରାଉତରାୟ(୨୭)। ସୂଚନା ଅନୁଯାୟୀ, ପ୍ରାୟ ଦୁଇବର୍ଷ ହେବ ପାର୍ଥ ବିବାହର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ଅଶ୍ଳୀଳ ଫଟୋ ଉଠାଇଥିଲେ। ପାର୍ଥ ଅନ୍ୟତ୍ର ବିବାହ କରିବା ପାଇଁ ଯୋଜନା କରୁଥିବା ଯୁବତୀଜଣକ ଜାଣିବାକୁ ପାଇଥିଲେ। ଏହା ପରେ ଯୁବତୀଜଣକ ପାର୍ଥଙ୍କୁ ବିବାହ କରିବା ପାଇଁ କହିବାରୁ ସେ ଏଥିରେ ଅରାଜି ହୋଇଥିଲେ। ଏ ନେଇ ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୩୬/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

# ଅବ୍ୟବସ୍ଥାରେ ବାଦାମବାଡ଼ି ଥାନା

**କଟକ ଅଫିସ, ୨୩।୧୦**

■ ହାଜତ ବ୍ୟବସ୍ଥା ନାହିଁ ଛାତରୁ ଗଳୁଛି ପାଣି
■ ନଷ୍ଟ ହେଉଛି ମୂଲ୍ୟବାନ କାଗଜପତ୍ର

କଟକ ବାଦାମବାଡ଼ି ଥାନାରେ ରହିଛି ଅନେକ ଅବ୍ୟବସ୍ଥା। ପାର୍କିଂ ପାଇଁ ଥାନାର ନିଜସ୍ୱ ଜାଗା ନାହିଁ। ଫଳରେ କୌଣସି ଲୋକ ଅଭିଯୋଗ କରିବାକୁ ଆସିଲେ ରାସ୍ତାପାର୍ଶ୍ୱରେ ଗାଡି ପାର୍କିଂ କରିବାକୁ ପଡୁଛି। ଏପରି କି ପିସିଆର ଭ୍ୟାନ୍ ମଧ ରାସ୍ତାପାର୍ଶ୍ୱରେ ରଖାଯାଉଛି। ସେହିପରି ଥାନାରେ ବସିବା ପାଇଁ ସ୍ଥାନର ଅଭାବ ରହିଛି। ଫଳରେ ଅଭିଯୋଗ କରିବାକୁ ଆସୁଥିବା ଲୋକଙ୍କୁ ଦୀର୍ଘ ସମୟ ଧରି ଛିଡ଼ା ହେବାକୁ ପଡୁଛି। ବର୍ଷା ହେଲେ ଥାନା ଛାତରୁ ପାଣି ଗଳି ଅନେକ ମୂଲ୍ୟବାନ କାଗଜପତ୍ର ନଷ୍ଟ ହୋଇଥିବା ନଜିର ରହିଛି। ସବୁଠୁ ବଡ଼କଥା ହେଲା ଏଠାରେ ହାଜତ ବ୍ୟବସ୍ଥା ନାହିଁ। ପୋଲିସ ଗିରଫ କରୁଥିବା ଅଭିଯୁକ୍ତଙ୍କୁ ଥାନାରେ ରଖିବାରେ ସମସ୍ୟା ହେଉଛି। ଥାନାର ଏକ ଛୋଟିଆ ଜାଗାକୁ ଘେରାବନ୍ଦି କରି ହାଜତ ଭାବେ ବ୍ୟବହାର କରାଯାଉଛି। ବାଦାମବାଡ଼ି ଷ୍ଟାଣ୍ଡରୁ ଯଦି ରାତିରେ ବୃଦ୍ଧାବୃଦ୍ଧ କିମ୍ବା ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଏ ତେବେ ସେମାନଙ୍କୁ ରଖିବାକୁ ପୋଲିସ ପାଇଁ କାଠିକର ପାଠ ହୋଇଥାଏ। ଅନ୍ୟପକ୍ଷରେ ସ୍ଥାନ ଅଭାବରୁ ପୋଲିସ ପକ୍ଷରୁ ଜବତ କରାଯାଉଥିବା ବାଇକଗୁଡିକ ରାସ୍ତାପାର୍ଶ୍ୱରେ ରଖାଯାଉଛି। ଦୀର୍ଘଦିନ ଧରି ଖରା ଓ ବର୍ଷାରେ ସେଗୁଡିକ ରହିବା ଦ୍ୱାରା ନଷ୍ଟ ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, କିଛିବର୍ଷ ପୂର୍ବରୁ ଏହି ଜାଗାରେ ଏକ ଟ୍ରାଫିକ ଆଉଟ ପୋଷ୍ଟ ଥିଲା। ପରେ ଏହାକୁ ପୋଲିସ ଆଉଟପୋଷ୍ଟ କରାଯାଇଥିଲା। ଏହାପରେ ଅର୍ଥାତ ୨୦୧୦ରେ ଏହାକୁ ଥାନାରେ ପରିଣତ କରାଯାଇଥିଲା। ତେବେ ୨୦୧୦ରୁ ଏପର୍ଯ୍ୟନ୍ତ ଲୋକ ସଂଖ୍ୟା ଓ ମାମଲା ସଂଖ୍ୟା ବଢିଥିଲେ ମଧ ଥାନାରେ ଥିବା ଅବ୍ୟବସ୍ଥାରେ ସୁଧାର ଆସିପାରିନାହିଁ। ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ଅନେକ ବଡ ଅଫିସର ପରିଦର୍ଶନରେ ଆସିଥିଲେ ଏଠାକାର ଅବସ୍ଥା ଯଥା ପୂର୍ବଂ ତଥା ପର। ନିକଟରେ ଥିବା ଓଏସ୍‌ଆରଟିସି ଜମିର ୬ ହଜାର ବର୍ଗଫୁଟ ଜାଗାରେ ଥାନାର ନୂତନ ଘର ନିର୍ମାଣ ହେବ ବୋଲି ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଜମି ଯୋଗାଇ ଦିଆଯାଇନାହିଁ। ନିକଟ ଅତୀତରେ ଥାନାକୁ ଡିଜିପି ବିଜୟ କୁମାର ଶର୍ମା ଓ ଡିସିପି ଅଖିଳେଶ୍ୱର ସିଂ ପରିଦର୍ଶନରେ ଆସି ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ଉପରୋକ୍ତ ସମସ୍ୟା ସମ୍ପର୍କରେ ଅବଗତ ଅଛି। ଓଏସ୍‌ଆରଟିସି ପକ୍ଷରୁ ଜାଗା ଯୋଗାଇ ଦିଆଯାଉ ନ ଥିବାରୁ ଥାନାର ନୂତନ ଘର କାମ ଆରମ୍ଭ ହୋଇପାରୁନାହିଁ। ଏଥିରେ ପୋଲିସର କୌଣସି ଦୋଷ ନାହିଁ। ଆମକୁ ଜାଗା ମିଳିଲେ ଥାନା କାର୍ଯ୍ୟ ଆରମ୍ଭ କରିବୁ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

**କଟକ ସଦର, ୨୩।୧୦(ଡି.ଏନ୍.ଏ.)**

କଟକ ଜିଲା ବାଙ୍କୀ ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିବା ବୁଧବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ନାବାଳିକାଜଣକ ଦଶହରା ବେଳେ କଟକ ୪୨ମୌଜା ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ମଙ୍ଗଳବାର ରାତିରେ ନାବାଳିକାଜଣକ ସମ୍ପର୍କୀୟଙ୍କ ଘରେ ନ ଥିବାରୁ ତାଙ୍କ ବାପାଙ୍କୁ ଖବର ଦିଆଯାଇଥିଲା। ତାଙ୍କ ଝିଅକୁ ୪୨ମୌଜା ଅଞ୍ଚଳର ଜଣେ ବ୍ୟକ୍ତି ଅପହରଣ କରିଥିବା ନେଇ ସେ ବୁଧବାର ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କଟକ ସଦର ଥାନା ପୋଲିସ ଏକ ମାମଲା(ନଂ. ୪୭୬/୧୯)ରୁଜୁ କରି ତଦନ୍ତ ଚଳାଇଛି।

## ଋଣ କରାଇଦେବା ନାଁରେ ଠକେଇ: ମୁଖ୍ୟ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୩।୧୦**

ବ୍ୟାଙ୍କରୁ ଲୋନ କରାଇଦେବାକୁ କହି ଲୋକଙ୍କ ପାଖରୁ ଟଙ୍କା ଠକେଇ ମାମଲାରେ ମୁଖ୍ୟ ଅଭିଯୁକ୍ତ ଭାରତୀ ଚୌଧୁରୀଙ୍କୁ ବୁଧବାର ପୁରୀଘାଟ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଭାରତୀଙ୍କ ଘର ଗଞ୍ଜାମ ଜିଲାରେ ହୋଇଥିବାବେଳେ ସେ କଟକ ହରିପୁରରେ ଘର ଭଡ଼ା ନେଇ ରହୁଥିଲେ। ଋଣ କରାଇଦେବାକୁ କହି ଭାରତୀ ଲୋକଙ୍କ ନିକଟରୁ ଟଙ୍କା ନେଉଥିଲେ। ଏହାପରେ ଆଉ ଫୋନ୍ କଲ୍ ରିସିଭ କରୁ ନ ଥିଲେ । ତେବେ କିଛିଦିନ ତଳେ ଏଭଳି ଠକାମିର ଶିକାର ହୋଇ ହରିପୁରର ଜନୈକା ମହିଳା ଥାନାରେ ଅଭିଯୋଗ କରିଥିଲେ। ଋଣ ପାଇବା ଆଶାରେ ସେ ଭାରତୀ ଓ ତାଙ୍କ ସହଯୋଗୀଙ୍କୁ ୧୮ହଜାର ଟଙ୍କା ଦେଇଥିଲେ। ମାତ୍ର ଟଙ୍କା ପାଇବା ପରେ ଭାରତୀ ଆଉ ଧରାଛୁଆଁ ଦେଉ ନ ଥିଲେ। ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ପୂର୍ବରୁ ଭାରତୀଙ୍କ ସହଯୋଗୀ ବଡମ୍ବା ଅଞ୍ଚଳର ବୁଲୁଙ୍କୁ ଗିରଫ କରିଥିଲା।

## ନାହାନ୍ତି କର୍ମଚାରୀ: ଅପଚୟ ହେଉଛି ପାଣି

**କଟକ ଅଫିସ, ୨୩।୧୦**

**ସିଏମ୍‌ସିରେ ଅବ୍ୟବସ୍ଥା**

କଟକ ମହାନଗର ନିଗମ (ସିଏମ୍‌ସି)ରେ ବ୍ୟାପକ ଅନିୟମିତତା ହେଉଛି। ସିଏମ୍‌ସିର ବିକାଶ ଭବନରେ ଗୋଟିଏ ମୋଟରରେ ୧୨ଟି ଟାଙ୍କିକୁ ପାଣି ଭର୍ତ୍ତି କରାଯାଉଛି। ଯାହାଫଳରେ ବାରମ୍ବାର ପାଣିପମ୍ପ ଖରାପ ହେଉଛି। ଏହି ପାଣିପମ୍ପ ଚଳାଇବା କିମ୍ବା ଟାଙ୍କିରେ ପାଣି ଭର୍ତ୍ତି କରିବାକୁ କର୍ମଚାରୀ ନ ଥିବାରୁ ଅଯଥା ପାଣି ଅପଚୟ ହେଉଛି। ବିକାଶ ଭବନରେ ଲାଇବ୍ରେରି, ନାଇଟ ଶେଲଟର, ରାମକି ଷ୍ଟୋର, ବ୍ଲକ ଏ, ବ୍ଲକ ବି, ପ୍ରୋଜେକ୍ଟ ଅଫିସ, ଇଲେକ୍ଟ୍ରୋନିକ୍ସ ଷ୍ଟୋର ଇତ୍ୟାଦି ରହିଛି। ଏଠାରେ କାର୍ଯ୍ୟରତ ଲୋକେ ପିଇବା ପାଇଁ ଏହି ପାଣି ଉପରେ ନିର୍ଭର କରନ୍ତି। ଗୋଟିଏ ପଟେ ପାଣି ସମସ୍ୟା ଥିବାବେଳେ ଅନ୍ୟପଟେ ସିଏମସି କାର୍ଯ୍ୟାଳୟରେ ପାଣି ଅପଚୟ ହେଉଛି। ସେହିପରି ପାନୀୟଜଳରେ ଅଧିକାରୀମାନଙ୍କ ଗାଡ଼ି ସଫା କରାଯାଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ଏ ବିଷୟରେ ମୋ' ପାଖରେ ଖବର ନାହିଁ। ମୁଁ ଅନୁଧ୍ୟାନ କରି ଏହା ଉପରେ ପଦକ୍ଷେପ ନେବି। ସରକାରୀ କାର୍ଯ୍ୟାଳୟ ଭିତରେ ଗାଡ଼ି ଧୋଇବା ଠିକ ନୁହେଁ। ଏଭଳି ଘଟଣା ଯେପରି ଦ୍ୱିତୀୟଥର ନ ହେବ ସେ ଦିଗରେ ପଦକ୍ଷେପ ନିଆଯିବ।

# କଟକଣା, ବର୍ଷା ଯୋଗୁ ଚିନ୍ତାରେ ବ୍ୟବସାୟୀ

**କଟକ ଅଫିସ, ୨୩।୧୦**

ଆଲୋକର ପର୍ବ ଦୀପାବଳିକୁ ଆଉ ମାତ୍ର ୩ ଦିନ ବାକି। ଓଡ଼ିଶାର ଶିବକାଶୀ ଭାବେ ପରିଚିତ କଟକ ଜିଲା ପଦ୍ମପୁର ଅଞ୍ଚଳରେ ବାଣ ବେପାର ପାଇଁ ବ୍ୟବସାୟୀମାନେ ଷ୍ଟଲ ଖୋଲିଲେଣି। ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକେ ଓ ବ୍ୟବସାୟୀ ଏଠାରୁ ବାଣ କିଣିଥାନ୍ତି। ତେବେ ବୁଧବାରଠାରୁ ଲଘୁଚାପଜନିତ ବର୍ଷା ଆରମ୍ଭ ହୋଇଯାଇଥିବାରୁ ବ୍ୟବସାୟୀଙ୍କ ମନରେ ଚିନ୍ତା ଛାଇଯାଇଛି। ଏହି ଅଞ୍ଚଳରେ ପ୍ରାୟ କୋଟିଏ ଟଙ୍କାର ବାଣ ବ୍ୟବସାୟ ହୋଇଥାଏ। ମାତ୍ର ଚଳିତବର୍ଷ ସରକାରୀ କଟକଣା ସାଙ୍ଗକୁ ବର୍ଷା ଯୋଗୁ ବ୍ୟବସାୟ ମାନ୍ଦା ରହିବ ବୋଲି ବ୍ୟବସାୟୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ପଦ୍ମପୁର ଅଞ୍ଚଳର ମହାଜନପୁର ଓ ତ୍ରିଲୋଚନପୁରରେ ବିଭିନ୍ନ ପ୍ରକାର ବାଣ ତିଆରି କରାଯାଏ। ପୁରୁଷ ପୁରୁଷ ଧରି ଏଠାକାର ଲୋକେ ଲାଇସେନ୍ସ ପାଇ ବାଣ ତିଆରି କରିଆସୁଥିବାବେଳେ ଚଳିତବର୍ଷ କୌଣସି ବ୍ୟବସାୟୀ ଲାଇସେନ୍ସ ପାଇପାରିନାହାନ୍ତି। ସରକାରୀ ନିୟମ ପୂରଣ କରିବାରେ ବ୍ୟବସାୟୀମାନେ ବିଫଳ ହୋଇଥିବା କୁହାଯାଉଛି। କେତେକ ବ୍ୟକ୍ତି ଲୁଚାଛପାରେ ବାଣ ତିଆରି କରୁଥିବାବେଳେ କିଛିଦିନ ତଳେ ଜଗତପୁର ପୋଲିସ ଚଢ଼ାଉ କରି ପ୍ରାୟ ୫୦ଲକ୍ଷ ଟଙ୍କାର ବାଣ ଓ ଏଥିପାଇଁ ବ୍ୟବହୃତ ସାମଗ୍ରୀ ଜବତ କରିବା ସହ ୧୨ଜଣଙ୍କୁ ଗିରଫ କରିଥିଲା। ଏଥିଯୋଗୁ ବାଣ ପ୍ରସ୍ତୁତକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଗୋଟିଏ ମାସର ବାଣ ବ୍ୟବସାୟ ଏଠାକାର ପ୍ରାୟ ୩ଶହ ପରିବାରଙ୍କୁ ୬ମାସର ରୋଜଗାର ଦେଇଥାଏ। ତେବେ ଚଳିତ ବର୍ଷ ବାଣ ତିଆରି କରି ନ ପାରି ଏମାନେ ଚିନ୍ତାରେ ପଡ଼ିଛନ୍ତି। କାଁ ଭାଁ ଯଦି କେହି ବାଣ ତିଆରି କରୁଛନ୍ତି ତାହାଲେ ବଜାର ମୂଲ୍ୟଠାରୁ ୨ଗୁଣ ଅଧିକ ମୂଲ୍ୟରେ ବିକୁଛନ୍ତି। ସେହିପରି ଚାଇନା ବାଣ ଉପରେ କଟକଣା ରହିଛି। ଏହା ବାଣ ବ୍ୟବସାୟ ଉପରେ ପ୍ରଭାବ ପକାଇବ ବୋଲି କୁହାଯାଉଛି।

**ଦୀପାବଳି ଆଉ ୩ ଦିନ**

### ବର୍ଷା ଯୋଗୁ ବେପାର ଆରମ୍ଭ ହୋଇନି



ଏଥର ଷ୍ଟଲ ପାଇଁ ଲକ୍ଷ ଲକ୍ଷ ଟଙ୍କାର ବାଣ କିଣିଛୁ। ବୁଧବାରଠାରୁ ବାଣ ବିକିବାକୁ ଲକ୍ଷ୍ୟ ରଖିଥିଲୁ । ତେବେ ବର୍ଷା ଯୋଗୁ ବେପାର ଆରମ୍ଭ ହୋଇପାରିନାହିଁ। ବର୍ଷା ଆହୁରି ୩ ଦିନ ହେବ ବୋଲି କୁହାଯାଉଛି। ତେଣୁ ଚଳିତ ବର୍ଷ ବ୍ୟବସାୟ ମାନ୍ଦା ରହିବ।

– ସୁକାନ୍ତ କୁମାର ସାହୁ, ବାଣ ଦୋକାନୀ

### ସରକାରୀ ନିୟମ ପାଳନ କରିବା କଷ୍ଟକର



ପଦ୍ମପୁର ଅଞ୍ଚଳରେ ବହୁ ବ୍ୟକ୍ତି ପୁରୁଷ ପୁରୁଷ ଧରି ବାଣ ତିଆରି କରି ଆସୁଛନ୍ତି। ମୋ' ବାପା ୫୦ବର୍ଷ ଧରି ଲାଇସେନ୍ସ ପାଇ ବାଣ ତିଆରି କରି ଆସୁଥିବାବେଳେ ମୁଁ ୩୦ବର୍ଷ ହେବ ଏହି ବ୍ୟବସାୟ କରୁଛି। ଧାନ ରୁଆପୋତା ଶେଷ ହେବା ପରେ ଆମେମାନେ ବାଣ ତିଆରି କରି ଭଲ ଅର୍ଥ ରୋଜଗାର କରିଥାଉ। ତେବେ ଏ ନେଇ ରହିଥିବା ସରକାରୀ ନିୟମ ପାଳନ କରିବା କଷ୍ଟକର। ଯେଉଁଥିପାଇଁ ଚଳିତବର୍ଷ ଏଠାକାର କୌଣସି ବ୍ୟକ୍ତି ଲାଇସେନ୍ସ ପାଇପାରିନାହାନ୍ତି। ଏଥିଯୋଗୁ ପ୍ରାୟ ୩ଶହ ଶ୍ରମିକ ଜୀବିକା ହରାଇଛନ୍ତି।

– ଗଗନ ମହାନ୍ତି, ବାଣ ପ୍ରସ୍ତୁତକାରୀ

### କଟକ ସହରରେ ଖୋଲିଲା ବାଣ ଷ୍ଟଲ

କଟକ ସହରର ବିଭିନ୍ନ ସ୍ଥାନରେ ବାଣ ଷ୍ଟଲ ଖୋଲିଛି। ବିଶେଷ କରି ଚୌଧୁରୀ ବଜାର, ହରିପୁର ଅଞ୍ଚଳରେ ରିଟେଲ ଓ ହୋଲସେଲିଂ ବ୍ୟବସାୟ ଅଧିକ ହୋଇଥାଏ। ସହରର ପ୍ରତ୍ୟେକ ଗଳିକନ୍ଦିରେ ବାଣ ଦୋକାନ ଖୋଲିବା ଆରମ୍ଭ ହୋଇଛି। ଧପଧପି, ଫଟକା, ରସୁଣ, ଝର୍‌ଝରି, ହାବେଳି ଭଳି ବାଣର ଅଧିକ ଚାହିଦା ରହିଛି।

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟ: ୨ କିରାଣିଙ୍କୁ ନୋଟିସ୍

**କଟକ ଅଫିସ, ୨୩।୧୦**

ନିୟମ ଉଲ୍ଲଙ୍ଘନ କରି ସରକାରୀ କ୍ୱାର୍ଟର୍ସ ରହୁଥିବା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦୁଇଜଣ କିରାଣିଙ୍କୁ ବୁଧବାର ନୋଟିସ ଜାରି କରାଯାଇଛି। ଉଭୟ କିରାଣି ଗତ କିଛି ଦିନ ହେବ ୱେଷ୍ଟ ହଷ୍ଟେଲ ସମ୍ମୁଖ ନବନିର୍ମିତ କ୍ୱାର୍ଟର୍ସରେ ରହୁଛନ୍ତି। ଏ ସମ୍ପର୍କରେ ଦୁହେଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୌଣସି ସୂଚନା ଦେଇ ନ ଥିବା କୁଳସଚିବ ଅଶୋକ କୁମାର ଦାସ କହିଛନ୍ତି। ୩ଦିନ ମଧ୍ୟରେ ନୋଟିସ୍‌ର ଉତ୍ତର ରଖିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ସୂଚନା ଥାଉ କି, କିରାଣି ଦ୍ୱୟ ବିଶ୍ୱବିଦ୍ୟାଳୟର ନିୟମିତ କର୍ମଚାରୀ। ଏମାନଙ୍କୁ ପୂର୍ବରୁ ବିଶ୍ୱବିଦ୍ୟାଳୟ ପରିସରରେ କ୍ୱାର୍ଟର୍ସ ଦିଆଯାଇଥିଲା। ହେଲେ ତାହା ଅସୁରକ୍ଷିତ ହୋଇପଡ଼ିଥିଲା। ଫଳରେ ନବନିର୍ମିତ କ୍ୱାର୍ଟର୍ସରେ କିରାଣି ଦ୍ୱୟ ରହିଥିଲେ। ତେବେ ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ଆବଶ୍ୟକ ଥିଲା ବୋଲି କୁଳସଚିବ ଦାସ କହିଛନ୍ତି।

## ସଂକ୍ଷେପରେ

### ଚୋରା ମାଙ୍କଡା ଖଣି ଉପରେ ଚଢ଼ାଉ: ୮ଗାଡି ଜବତ

**ନିରାକାରପୁର, ୨୩।୧୦ (ଡି.ଏନ.ଏ.)-** ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲ ଅଧୀନ ରାମେଶ୍ୱର ପଞ୍ଚାୟତରେ ଥିବା ଚୋରା ମାଙ୍କଡା ପଥର ଖଣି ଦୀର୍ଘ ଦିନ ହେଲା ଚାଲି ଅସୁଛି । ବାରମ୍ବାର ଅଭିଯୋଗ ପରେ ବୁଧବାର ନିରାକାରପୁର ପୋଲିସ ଓ ଟାଙ୍ଗୀ ତହାସିଲଦାର ମିଳିତ ଭାବେ ଉକ୍ତ ଖଣି ଉପରେ ଚଢାଉ କରିଥିଲେ। ସେମାନେ ସେଠାରୁ ୨ଟି ଟ୍ରକ,ଗୋଟିଏ ଟ୍ରାକ୍ଟର,୩ଟି ୧୧୦୯ଗାଡି ,ଗୋଟିଏ ପାଓ୍ୱାର ଟିଲର ସହିତ ଗୋଟଏ ଜେସିବି ଜବତ କରାଯାଇ ଥାନାରେ ରଖାଯାଇଛି। ପ୍ରବଳ ବର୍ଷାରେ ମଧ ଖଣି ମାଫିଆ ମାନେ ପଥର କାଟୁଥିବା ଖବର ପାଇ ପୋଲିସ ଓ ତହସିଲଦାର ମିଳିତ ଭାବେ ଚଢାଉ କରିଥିଲୁ ଏବଂ ୮ ଗାଡି ଜବତ କରିଛୁ ବୋଲି ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ସୂଚନା ଦେଇଛନ୍ତି ।

### ନରସିଂହପ୍ରସାଦରେ ବେଆଇନ ଖଣିଖନନ ବନ୍ଦ କରିବାକୁ ଥାନାରେ ନିବେଦନ

**ଖୋର୍ଦ୍ଧା ଅଫିସ,୨୩।୧୦:**ଖୋର୍ଦ୍ଧା ସଦର ଥାନା ନରସିଂହପ୍ରସାଦରେ ବେଆଇନ ଖଣି ଖନନ ଚାଲିଛି। ଏହାକୁ ବନ୍ଦ କରିବାକୁ ପୁରୁଷୋତ୍ତମ ନରେନ୍ଦ୍ର ନାମକ ଜଣେ ବ୍ୟକ୍ତି ଖୋର୍ଦ୍ଧା ସଦର ଥାନାରେ ଅଭିଯୋଗ କରିଛନ୍ତି। ଜଗନ୍ନାଥ ମହାପ୍ରଭୁଙ୍କର ଖାତା ନଂ. ୩୭୭/୬, ପ୍ଲଟ ନଂ. ୭୬, ୭୭ ଓ ୨୦୫(କ), (ଖ) ଓ ୫୮୫, ୬୯୭, ୮୫୪, ୬୫୭, ୬୪୫ ପତିତ ଜମିକୁ ନରସିଂହପ୍ରସାଦ ଓ ଧଉଳିମୁହଁ ଗାଁର ୧୦ରୁ ୧୫ଜଣ ଖଣି ମାଫିଆ ଲୁଟି ଚାଲିଛନ୍ତି। ଅଭିଯୋଗ କଲେ ସୁଫଳ ମିଳୁନି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

### କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷାଙ୍କ ଆସ୍ଥା ଭୋଟ ନେଇ ଅଙ୍କକଷା

**କୃଷ୍ଣପ୍ରସାଦ,୨୩।୧୦(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧକ୍ଷାଙ୍କ ଅନାସ୍ଥା ପ୍ରସ୍ତାବର ଭାଗ୍ୟ ପରୀକ୍ଷା ଆସନ୍ତାକାଲି ହେବ। ଏହାକୁ ନେଇ ବିଭିନ୍ନ ଦଳ ମଧରେ ଆରମ୍ଭ ହୋଇଛି ଅଙ୍କକଷା। ବିଜେଡି ସମର୍ଥିତ ବ୍ଲକ ଅଧକ୍ଷା ସୌଦାମିନୀ ମାନସିଂହଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଜିଲାପାଳଙ୍କ ନିକଟରେ ଆଗତ କରିଥିଲେ ଭାଜପା ଓ ବିଜେଡିର କେତେଜଣ ଲୋକପ୍ରତିନିଧି। ଏହାକୁ ନେଇ ଉପଜିଲାପାଳ ଦସ୍ତଖତ ଯାଞ୍ଚ ପାଇଁ ବିଡିଓଙ୍କ ନିକଟକୁ ଚିଠି କରିଥିଲେ। ଚିଠି ନଂ. ୭୪୭୧ (୪୪) ଅନୁଯାୟୀ ପଞ୍ଚାୟତ ସଭାଗୃହରେ ସ୍ୱତନ୍ତ୍ର ବୈଠକ କରିବା ପାଇଁ ନିଷ୍ପତ୍ତି ହୋଇଛି। ଆବଶ୍ୟକ ହେଲେ ଗୁପ୍ତ ଭୋଟ ହେବା ଚିଠିରେ ଉଲ୍ଲେଖ ରହିଛି। ଅନାସ୍ଥା ପ୍ରସ୍ତାବ ସଭା ପୂର୍ବରୁ ବିଜେଡି ଛାଡ଼ି ସୌଦାମିନୀ ଭାଜପାରେ ଯୋଗ ଦେଇଛନ୍ତି। ତେଣୁ ସେ ନିଜ ଆସନକୁ ବଜାୟ ରଖିବା ଆଶା କରୁଥିବା ବେଳେ ବିଜେଡି ତା'ର ଗୁପ୍ତ ମନ୍ତ୍ରଣା ଆରମ୍ଭ କରିଛି। ଅନାସ୍ଥା ପ୍ରସ୍ତାବ କାଟ ଖାଇଲେ ଆଗାମୀ ଦିନରେ ପୁନର୍ବାର ବିଜେଡି ଅନାସ୍ଥା ପ୍ରସ୍ତାବ ଆଣିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

### ବର୍ଷା: ଧାନ ଫସଲ ନଷ୍ଟ

**କୃଷ୍ଣପ୍ରସାଦ,୨୩।୧୦(ଡି.ଏନ୍.ଏ.):** ବଙ୍ଗୋପସାଗର ଉପକୂଳ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଲଘୁଚାପଜନିତ ବର୍ଷାରେ ପ୍ରଭାବିତ ହୋଇଛି। ବୁଧବାର ସକାଳଠାରୁ ପ୍ରବଳ ବର୍ଷାରେ ଧାନ ଜମି ଜଳମଗ୍ନ ହେବା ସହ ଗାଁଦାଣ୍ଡରେ ପାଣି ଜମିରହିଛି। ପାଚିଲା ଧାନ ଗଛ ଜମିରେ ଭାଙ୍ଗି ପଡ଼ିରହିଛି। ପ୍ରଶାସନ ତରଫରୁ ମଙ୍ଗଳବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ସତର୍କ କରାଯାଇଥିବା ବେଳେ ୧୨ ଘଣ୍ଟା ପରେ ବର୍ଷା ଆରମ୍ଭ ହୋଇଥିଲା। ସ୍ୱଳ୍ପ ସମୟ ମଧରେ ଚାଷୀମାନେ ନିଜ ଧାନ ଜମିର ସୁରକ୍ଷା ଦେଇପାରି ନ ଥିଲେ। ସକାଳ ୯ଟାରୁ ୧୨ଟା ଓ ପୁନର୍ବାର ଅପରାହ୍ନ ୨ଟାରୁ ଖବର ଲେଖାହେବା ପର୍ଯ୍ୟନ୍ତ ବର୍ଷା ଲାଗିରହିଛି। ଚିଲିକାରେ ବେଆଇନ ଘେରି ଯୋଗୁ ରିଂ ବନ୍ଧରେ ଜଳ ନିଷ୍କାସନ ପାଇଁ ହୋଇଥିବା ବ୍ରିଜ୍‌କୁ ବହୁ ସ୍ଥାନରେ ଅବରୋଧ କରାଯାଇଛି। ଫଳରେ ଜଳ ନିଷ୍କାସନ ହୋଇ ନ ପାରି ରାମଲେଙ୍କା, କୁମାରପୁର ଗାଁ ମଧକୁ ପ୍ରବେଶ କରିଛି। ଲୋକମାନେ ଘରୁ ବାହାରିବା କଷ୍ଟକର ହୋଇପଡିଛି। ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଣି ଜମିରହି କୁନି କୁନି ପିଲାମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

■ ଖୋର୍ଦ୍ଧା ପୋଲିସ ଜିଲାରେ ଅପରେଶନ କ୍ଲିନ

# ନିଶା କାରବାରରେ ଲାଗି ପାରିଲାନି ଲଗାମ

**ଖୋର୍ଦ୍ଧା ଅଫିସ,୨୩।୧୦:**

ଖୋର୍ଦ୍ଧା ପୋଲିସ ଜିଲାରେ ବେଆଇନ ନିଶା କାରବାର ବଢ଼ି ଚାଲିଛି। ଲୋକଙ୍କ ଅଭିଯୋଗ ପରେ ପୋଲିସ ଓ ଅବକାରୀ ବିଭାଗର ପଦକ୍ଷେପ ନାହିଁ। ଦୁଇ ବିଭାଗ ଚାନ୍ଦା ମୋହ ଛାଡି ପାରୁ ନ ଥିବାରୁ ଅଭିଯୋଗ ଶୀତଳଭଣ୍ଡାରକୁ ଚାଲିଯାଉଛି ବୋଲି ଅଭିଯୋଗ ରହିଛି। ଏପରି ବିଭିନ୍ନ କାରଣକୁ ନେଇ ଖୋର୍ଦ୍ଧା ପୋଲିସ ଜିଲାର ବିଭିନ୍ନ ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଗିରଫଦାରୀ, ଏନ୍‌କାଉଣ୍ଟର, ନିଶା, ଖଣି ଓ କ୍ରଶର ଉପରେ ଚଢ଼ାଉ ପରେ ଲୋକେ ଥାନା, ଅବକାରୀ ବିଭାଗ ଓ ପ୍ରଶାସନ ଥିଲା ପରି ଅନୁଭବ କଲେ ନାହିଁ। ଧୀରେ ଧୀରେ ଲୋକ ପୋଲିସ, ଅବକାରୀ ବିଭାଗ ଓ ପ୍ରଶାସନଠାରୁ ଦୂରେଇବା ଆରମ୍ଭ କଲେ। ଲୋକଙ୍କ ପ୍ରତି ବିଶ୍ୱାସ ଫେରାଇ ଆଣିବାକୁ ଜୁଲାଇରେ ଖୋର୍ଦ୍ଧା ପୋଲିସ ଜିଲା ପକ୍ଷରୁ ଆରମ୍ଭ ହୋଇଥିଲା ଅପରେଶନ କ୍ଲିନ। ଏଥିରେ ଅଭିଯୁକ୍ତମାନଙ୍କୁ ଗିରଫ କରି ପୋଲିସ ଲୋକଙ୍କ ନିକଟତର ହେବାକୁ ଉଦ୍ୟମ କରିଥିଲା। ବେଆଇନ ଖଣି, ନିଶା କାରବାରରେ ଲଗାମ ଲଗାଇବ କହି ଚଢ଼ାଉକୁ ତ୍ୱରାନ୍ୱିତ କରାଯାଇଥିଲା। ଖୁବ୍‌ଶୀଘ୍ର ଲୋକ ଏହାର ସୁଫଳ ନେବେ ବୋଲି ଖୋର୍ଦ୍ଧା ଆଦର୍ଶ ଥାନାରେ ଜୁଲାଇରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତତ୍କାଳୀନ ଏସ୍‌ପି ଅମୂଲ୍ୟ ଦାସ ଓ ଏସ୍‌ଡିପିଓ ସୁଶୀଲ ମିଶ୍ର ସୂଚନା ଦେଇଥିଲେ। ତେବେ ଏସ୍‌ପିଙ୍କ ଅବସର ପରେ ଅପରେଶନ କ୍ଲିନ୍ ଶୀତଳଭଣ୍ଡାରକୁ ଚାଲି ଯାଇଥିଲା। କିଛିଦିନର ନୀରବତା ପରେ ପୁଣି ଏହା ଲାଗୁ ହୋଇଥିଲା। ତେବେ ଅପରେଶନ୍ କ୍ଲିନ୍‌କୁ ଟକ୍କର ଦେଇ ବ୍ରାଉନସୁଗାର ବ୍ୟବସାୟୀ କାରବାର ଚାଲୁ ରଖିଛନ୍ତି। ଖୋର୍ଦ୍ଧା ସହରରେ ବିଭିନ୍ନ ସ୍ଥାନରେ ଏବେ ବ୍ରାଉନସୁଗାର ମିଳୁଛି। ପୋଲିସ ଓ ଅବକାରୀ ବିଭାଗ ହାତ ଗଣତି କେତେଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି ବାହାବା ନେଉଛି।

■ ବଢୁଛି ବ୍ରାଉନସୁଗାର କାରବାର

■ ଛାଡି ପାରୁନାହାନ୍ତି ଚାନ୍ଦା ମୋହ

### ମଦ ଚଢ଼ାଉ ଫିକା

ଖୋର୍ଦ୍ଧା ସହରରେ ବ୍ରାଉନସୁଗାର କାରବାର ବଢ଼ିବା ପରେ ଦେଶୀ ଓ ବିଦେଶୀ ମଦ ଉପରେ ଚଢ଼ାଉ କମି ଯାଇଛି। ଖୋର୍ଦ୍ଧା ସହର ଓ ଆଖପାଖ ଅଞ୍ଚଳରେ ଥିବା ଢ଼ାବା ମଦ ବାର ପାଲଟିଛି। ହେଲେ ପୋଲିସ ଓ ଅବକାରୀ ବିଭାଗର ଚଢ଼ାଉ ନାହିଁ। ବ୍ରାଉନସୁଗାର କାରବାର ମଦ ଚଢ଼ାଉକୁ ସତେ ଯେପରି ଫିକା କରି ଦେଇଛି। ବ୍ରାଉନସୁଗାର କାରବାର ଚିନ୍ତାର କାରଣ ପାଲଟିଥିବାବେଳେ ଲୋକେ ମଦ ଉପରେ ଆଉ ଅଭିଯୋଗ କରୁନାହାନ୍ତି। ସହରରେ ଦେଶୀ ଓ ବିଦେଶୀ ମଦ ନକଲି ମିଳୁଛି। ସରକାରୀ ରେଟଠାରୁ ଦୋକାନୀ ବୋତଲ ପିଛା ଅଧିକ ଟଙ୍କା ନେଉଛନ୍ତି। ହେଲେ ବିଲ୍ ଦେଉନାହାନ୍ତି। ଦାମିକା ମଦରେ ଲୋକ ଦେଖି ରେଟ୍ ନେଉଛନ୍ତି। ଠିପି ବନ୍ଦ ମଦ ଦୋକାନ ଲେଖାଥିବାବେଳେ ଏହାର ସମ୍ମୁଖରେ ମଦ ପିଆ ଯାଉଥିବା ଅଭିଯୋଗ ହେଉଛି। ଦେଖାଯାଉ ପୋଲିସ ଓ ଅବକାରୀ ବିଭାଗ କ'ଣ ପଦକ୍ଷେପ ନେଉଛି।

## ୩୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୪ ଗିରଫ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**



ଜବତ ଟଙ୍କା ଓ ବ୍ରାଉନସୁଗାର ।

ରାଜଧାନୀ ତଥା ଉପକଣ୍ଠରେ ବ୍ରାଉନସୁଗାର ବେପାର ଚଳାଉଥିବା ୪ଜଣଙ୍କୁ ଗିରଫ କରିଛି ଖାରବେଳନଗର ଥାନା ପୋଲିସ। ସେମାନଙ୍କ ନିକଟରୁ ପୋଲିସ ୩୦ ଗ୍ରାମ ବ୍ରାଉନସୁଗାର ସହ ୨ ବାଇକ ଓ ୧୩ ହଜାର ୪ଶହ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସତ୍ୟନଗର ହାଉସିଂବୋର୍ଡ କଲୋନୀର ଜ୍ୟୋତିରଞ୍ଜନ ଦାସ ଓରଫ ଜେଡି, ଲକ୍ଷ୍ମୀସାଗର ଥାନା କଟକରୋଡ ଅଞ୍ଚଳର ନୀତିନ ହୋଲ୍‌ଓ୍ୱାସିଆ ଓରଫ ବାବୁ, ଖୋର୍ଦ୍ଧା ଟାଉନ ଥାନାଞ୍ଚଳର ପ୍ରକାଶ ନାୟକ ଓରଫ ଇମ୍ରାନ ଓ ଜୀବନ ଦାସ ଓରଫ ବାପି। ସୂଚନା ମୁତାବକ, ଭୁବନେଶ୍ୱରର ବିଭିନ୍ନ ବସ୍ତିଠାରୁ ଆରମ୍ଭ କରି ସହର ଓ ଆଖପାଖ ଅଞ୍ଚଳରେ ବହୁ ବର୍ଷ ହେବ ବେଆଇନ ବ୍ରାଉନସୁଗାର କାରବାର ଚାଲୁଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପଦକ୍ଷେପଠାରୁ ପୋଲିସ ତତ୍ପର ହୋଇଉଠିଛି। ବିଶେଷ ସୂତ୍ରରୁ ଖବର ପାଇ ମଙ୍ଗଳବାର ରାତିରେ ଖାରବେଳନଗର ଥାନା ପୋଲିସ ଓ କ୍ୟୁଏଟି ସତ୍ୟନଗର ଫ୍ଲାଏ ଓଭର ନିକଟରେ ଚଢାଉ କରି ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ବ୍ରାଉନସୁଗାର ଖାଇବା ସହ ବେପାର କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏ ନେଇ ପୋଲିସ ୨୭୯/୧୯ରେ ଏକ ମାମଲା ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଛି।

## ଶାଶୁ ଘରେ ବୋହୂଙ୍କ ମୃତ୍ୟୁ

### ବାପ ଘର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ବେଗୁନିଆ, ୨୩।୧୦ (ଡି.ଏନ.ଏ.)**

ବେଗୁନିଆ ଥାନା ଗଡମାଣିତୀର ଗାଁର ବୋହୂ ମମତା ସେଠୀଙ୍କ ମୃତ୍ୟୁକୁ ନେଇ ପୋଲିସ ହରଡଘଣାରେ ପଡିଛି। ମୃତ ମମତାଙ୍କ ବାପ ଘରପକ୍ଷରୁ ଜଣେ ସମ୍ପର୍କୀୟ ଭାଇ ହତ୍ୟା ଅଭିଯୋଗ ଉଠାଇଛନ୍ତି। ମମତା ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଥିବା ସ୍ୱାମୀ ନବକିଶୋର ବୟାନ ଦେଇଛନ୍ତି। ଏଣେ ମମତାଙ୍କ ସମ୍ପର୍କୀୟ ଭାଇ ପ୍ରସନ୍ନଙ୍କ ଅଭିଯୋଗ ମୁତାବକ ଥାନାରେ ଦଫା ୩୦୨ରେ ନଂ. ୧୭୦/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ନବକିଶୋରଙ୍କ ବୟାନକୁ ନେଇ ପୋଲିସ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ପ୍ରକାଶଥାଉ କି ନବକିଶୋର ୧୩ ବର୍ଷ ପୂର୍ବେ ନୟାଗଡ ଜିଲା ଅନ୍ତର୍ଗତ କନ୍ଧନୟାଗଡ ଗାଁର ମମତାଙ୍କୁ ବିବାହ କରିଥିଲେ। ବିବାହ ପରେ କିଛିଦିନ ଭଲରେ କଟିବା ପରେ ତାଙ୍କୁ ସ୍ୱାମୀ ନବକିଶୋର ନିର୍ଯାତନା ଦେଉଥିଲେ। ଏଥିଯୋଗୁ ପାରିବାରିକ କଳହ ଲାଗି ରହୁଥିଲା। ମଙ୍ଗଳବାର ନବକିଶୋର ମମତାଙ୍କୁ ମାରି ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ବାପ ଘର ଲୋକଙ୍କୁ ହସ୍ତାନ୍ତର କରିଛି।

## କଥାକାର ସହଦେବ ସାହୁ ପାଇଲେ ବନଫୁଲ ସମ୍ମାନ



ସହଦେବ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)-**

ରାଜ୍ୟର ଅଗ୍ରଣୀ ପ୍ରକାଶନୀ ସଂସ୍ଥା ଓ ପତ୍ରିକା 'ବନଫୁଲ' ପକ୍ଷରୁ ଚଳିତବର୍ଷ ପାଇଁ ସମ୍ମାନଜନକ 'ବନଫୁଲ ସମ୍ମାନ' ପ୍ରଦାନ କରାଯାଇଛି। ଚଳିତବର୍ଷ ପାଇଁ ଏହି ସମ୍ମାନ ପାଇଛନ୍ତି ବିଶିଷ୍ଟ କଥାକାର ତଥା ସ୍ତମ୍ଭକାର ସହଦେବ ସାହୁ। କାର୍ଯ୍ୟକ୍ରମଟି ଏକ ନିଆରା ଢଙ୍ଗରେ କଥାକାରଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। କଥାକାରଙ୍କ ଗପ ସମ୍ପର୍କରେ ପ୍ରଥମେ ସମ୍ୟକ୍ ଆଲୋଚନା ସହ ଓଡ଼ିଆ ସାହିତ୍ୟ ଉପରେ ଚର୍ଚ୍ଚା କରିଥିଲେ। ତା'ପରେ କଥାକାରଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। 'ବନଫୁଲ'ର ମୁଖ୍ୟ ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ, ସହସମ୍ପାଦକ ନିର୍ମଳ ରାଉତ, ଓଡ଼ିଶା ମିରର୍ ସମ୍ପାଦକ ଦିଲୀପ ବିଶ୍ୱାଳ ଓ ଉପସ୍ଥାପିକା ସୁଶ୍ରୀ ସୁଚେତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଲଘୁଚାପ ଜନିତ ବର୍ଷା

## ଥୋଡ ଧାନ ନଷ୍ଟ ଆଶଙ୍କାରେ ଚାଷୀ

**ନିରାକାରପୁର, ୨୩।୧୦ (ଡି.ଏନ.ଏ)**

ବୁଧବାର ଠାରୁ ଲଘୁଚାପ ଜନିତ ବର୍ଷା ଆରମ୍ଭ ହୋଇଛି। ଫଳରେ ଖୋର୍ଦ୍ଧା ଜିଲା ନିରାକାରପୁର ସମେତ ଏହାର ଆଖପାଖ ଅଞ୍ଚଳରେ ଥୋଡୁଅ ଧାନ ଫସଲ ହାନି ଆଶଙ୍କାରେ ଏବେ ଚାଷୀ ଚିନ୍ତାରେ ରହିଛନ୍ତି। ଚଳିତ ବର୍ଷ ଡେରିରେ ବର୍ଷା ଯୋଗୁଁ ଚାଷୀ ମାନେ ଚାଷ କରିବାକୁ ଘୋର ଅସୁବିଧାର ସମ୍ମୁଖିନ ହୋଇ ଚାଷ ଆରମ୍ଭ କରିଥିଲେ । ପରେ ଫନୀ ବାତ୍ୟା ଚାଷୀଙ୍କୁ ଆଉ ଏକ ଧକ୍କା ଦେଇଥିଲା । ଏହାପରେ ହାତୀ ଓ ପାତି ମାଙ୍କଡ ଫସଲ ଉଜାଡୁଥିବା ବେଳେ ଏବେ ଧାନ ପେଣ୍ଡାରେ ଥୋଡୁଅ ହେବା ବେଳକୁ ଅଦିନିଆ ଲଘୁଚାପ ଜନିତ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଏନେଇ ଚାଷୀ ଅଶୋକ କୁମାର ମହାପାତ୍ରଙ୍କୁ ପଚାରିବାରେ ମୁଁ ପ୍ରାୟ ଦୁଇ ଏକର ଧାନ ଜମି ଚାଷ କରିଛି । ବାତ୍ୟା ଯୋଗୁ ଡେରିରେ ଚାଷ ହୋଇଥିଲାବେଳେ ଏବେ ଏ ବର୍ଷା ଚାଷୀଙ୍କ ପାଇଁ ବୋଝ ଉପରେ ଲଳିତା ବିଡା ସଦୃଶ୍ୟ ହୋଇଛି । ଆମେ ଧାନ ଫସଲରେ ଯେତିକି ଟଙ୍କା ଖର୍ଚ୍ଚ କରିଛୁ ସେତିକି ପଇବୁ ନାହିଁ ବୋଲି ସେ କହିଛନ୍ତି । ଏ ସମ୍ପର୍କରେ ଚାଷୀ ସୁନିଲ କୁମାର ସୁବୁଦ୍ଧି କୁହନ୍ତି ମୁଁ ତିନି ଏକର ଚାଷ କରିଛି । ମୌସୁମୀ ଡେରିରେ ଆସିବାରୁ ଚାଷ ଡେରିରେ ଆରମ୍ଭ କରିଥିଲୁ । ତାପରେ ବାତ୍ୟା ଓ ପରେ ଜଙ୍ଗଲି ହାତୀ,ପାତି ଦାଉରୁ ମୁକୁଳି ନଥିବାବେଳେ ଏବେ ଥୋଡୁଅ ଅବସ୍ଥାରେ ଏ ବର୍ଷାରେ ପୁରା ଅଗାଡି ହୋଇଯିବ ବୋଲି ସେ ସୂଚନା ଦେଇଛନ୍ତି । ଏନେଇ ଟାଙ୍ଗୀ ବ୍ଲକ କୃଷି ଅଧିକାରୀ ବିଜୟ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଥିଲେ ଏବର୍ଷା ଯଦି ଲାଗିରହେ ତେବେ କୌଣସି କ୍ଷତି ହୋଇପାରେ। ପରେ ଏହାକୁ ତଦନ୍ତ କରି ଦେଖାଯିବ ବୋଲି ସେ କହିଥିଲେ।

■ ମହିଳା ଶିଶୁ କଲ୍ୟାଣ ମନ୍ତ୍ରୀଙ୍କ ଅଚାନକ ପରିଦର୍ଶନ

## ଅଙ୍ଗନୱାଡି କେନ୍ଦ୍ର ବୁଲିଲେ, ଛତୁଆର ମାନ ପରଖିଲେ

**ଖୋର୍ଦ୍ଧା ଅଫିସ/ଜଟଣୀ, ୨୩।୧୦(ଡି.ଏନ.ଏ.):**



ମନ୍ତ୍ରୀ ଟୁକୁନୀ ସାହୁ ଛତୁଆ ମିଶ୍ରଣ ତଦାରଖ କରୁଛନ୍ତି ।

ମହିଳା ଶିଶୁ କଲ୍ୟାଣ ମନ୍ତ୍ରୀ ଟୁକୁନି ସାହୁ ବୁଧବାର ଛତୁଆ ମିଶ୍ରଣ ଦିବସରେ ଖୋର୍ଦ୍ଧା, ଜଟଣୀ ବ୍ଲକ ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ର ଓ ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଛନ୍ତି। ଖୋର୍ଦ୍ଧାର ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ(ସିଡିପିଓ)କୁ ଯାଇ ସୁବିଧା ଅସୁବିଧା ବୁଝିଥିଲେ। ଖୋର୍ଦ୍ଧା ବ୍ଲକ ନରଣଗଡ ଅଞ୍ଚଳର କୁରୁମପଡା ମା' ଭୈରବୀ ସ୍ୱୟଂ ସହାୟିକା ଗୋଷ୍ଠୀର ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଅନୁଧ୍ୟାନ କରିଥିଲେ। ଛତୁଆର ମାନ ପରଖିବା ପାଇଁ ଚାଖିଥିଲେ। ନିକଟସ୍ଥ ହାଡପଦା ୧, କୁରୁମପଡା, ବରାଳସାହି ଅଙ୍ଗନୱାଡି କେନ୍ଦ୍ର ବୁଲିଥିଲେ। ଏଠାରେ ଜଳଖିଆରେ ଦିଆଯାଇଥିବା ସିଝା ଅଣ୍ଡା ଓ ଗଜା ମୁଗର ମାନ ପରଖି ଥିଲେ। ଶିଶୁ ବିକାଶ ଯୋଜନାର ସଫଳତା ଓ ବିଫଳତା ନେଇ ପଚାରି ବୁଝିବା ସହ ଶିଶୁଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଜଟଣୀ ବ୍ଲକର ଗୌଡ କାଠିପୁଟର କଲ୍ୟାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବାବା କପେଳେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀର ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଅନୁରୂପ ଭାବେ ବୁଲି ଦେଖିଥିଲେ। ପରେ ମନ୍ତ୍ରୀ ସାହୁ ନିରାଶ୍ରୟ ମହିଳା ରହୁଥିବା ମିଶନ ଆଶ୍ରାକୁ ଯାଇ ସେଠାରେ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

■ ଶିଶୁ ହେଲ୍ପ ଡେସ୍କରେ ତାଲା ଝୁଲିବା ଘଟଣା

## ଖୋର୍ଦ୍ଧାରୋଡ ଡିଆରଏମ୍‌ଙ୍କୁ ତଦନ୍ତ ନିର୍ଦ୍ଦେଶ

**ପୁରୀ ଅଫିସ, ୨୩।୧୦:**

ପୁରୀ ରେଲୱେ ଷ୍ଟେଶନରେ କାର୍ଯ୍ୟରତ ଶିଶୁ ହେଲ୍ପ ଡେସ୍କରେ ତାଲା ଝୁଲିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରଚାରିତ ହୋଇଥିଲା। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ରେଲୱେ ବୋର୍ଡ ନିକଟରେ ଟୁଇଟ ଯୋଗେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ଲାଗି ରେଲୱେ ବୋର୍ଡ ପୂର୍ବତଟ ରେଲୱେକୁ ନିର୍ଦ୍ଦେଶ ଦେଇଥିଲା। ବୁଧବାର ରେଲୱେ ଆଇଜି କେ.ରାଜାରାମ ଘଟଣା ତଦନ୍ତ ରିପୋର୍ଟ ଦାଖଲ ଲାଗି ଖୋର୍ଦ୍ଧାରୋଡ ଡିଆରଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖୋର୍ଦ୍ଧାରୋଡ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

ଆରପିଏଫ ଥାନା ଅଧିକାରୀ ଅନିଲ କୁମାର ସିଂ ତଦନ୍ତ ରିପୋର୍ଟ ପ୍ରଦାନ ଲାଗି ନିର୍ଦ୍ଦେଶ ଆସିଥିବା କହିଛନ୍ତି। ସିଂ କୁହନ୍ତି, ଟୁଇଟରେ ହୋଇଥିବା ଅଭିଯୋଗ ଅନୁସାରେ ଅକ୍ଟୋବର ୧୨ତାରିଖରେ ମାନବାଧିକାର କର୍ମୀ ଜୟନ୍ତ ଦାଶ ଶିଶୁ ସହାୟତା କେନ୍ଦ୍ର ତାଲା ଝୁଲୁଥିବା ନେଇ ରେଲୱେ ବୋର୍ଡରେ ଅଭିଯୋଗ କରିଥିଲେ। ସେହି ସମୟରେ ଶିଶୁ ସହାୟତା କେନ୍ଦ୍ରର କର୍ମୀମାନେ ଷ୍ଟେଶନ ପରିସରରୁ ଉଦ୍ଧାର ୩ଜଣ ନାବାଳକଙ୍କୁ ଧରି ଥାନାକୁ ଆସିଥିବା ନେଇ କେନ୍ଦ୍ର ଦାୟିତ୍ୱରେ ଥିବାକର୍ତ୍ତୃପକ୍ଷ ଗଣମାଧ୍ୟମକୁ ରିପୋର୍ଟ ପ୍ରଦାନ କରିଥିଲେ। ଏନେଇ ମାନବାଧିକାର କର୍ମୀ ଦାଶ ପ୍ରଶ୍ନ ଉଠାଇଛନ୍ତି। ଷ୍ଟେଶନ ପରିସରରେ ଲାଗିଥିବା ସିସିଟିଭି ଫୁଟେଜ୍‌ରେ ସେହି ସମୟରେ କୌଣସି ନାବାଳକଙ୍କୁ ଷ୍ଟେଶନ ପରିସରରେ ଉଦ୍ଧାର କରାଯିବ ନେଇ ଫୁଟେଜ ନାହିଁ। ସେଭଳି କୌଣସି ନାବାଳକଙ୍କୁ ଶିଶୁ ସହାୟତା କେନ୍ଦ୍ରର କର୍ମୀ ଥାନାକୁ ଆଣିନାହାନ୍ତି। ସେ କେଉଁ ଆଧାରରେ ଏଭଳି ମିଥ୍ୟା ରିପୋର୍ଟ ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି, ସେ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ଏହି ଘଟଣା କ୍ରମର ସବିଶେଷ ରିପୋର୍ଟ ଡିଆରଏମ୍ ଏବଂ ଆରପିଏଫ ଆଇଜିଙ୍କୁ ପ୍ରଦାନ କରାଯିବ। ଶିଶୁ ହେଲ୍ପ ଡେସ୍କ ରାତିରେ ବନ୍ଦ ରହୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଘଟଣା ଦିନ ଜୟନ୍ତ ପ୍ଲାଟ୍‌ଫର୍ମରେ ବୁଲିବା ସମୟରେ ପ୍ରବେଶ ପଥ ସମ୍ମୁଖ ଭାଗରେ ରହିଥିବା ଶିଶୁ ହେଲ୍ପ ଡେସ୍କରେ କେହି କର୍ମୀ ନ ଥିବା ଏବଂ ସେଥିରେ ତାଲା ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ରେଲୱେ ବୋର୍ଡକୁ ଟୁଇଟ୍ କରି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କେନ୍ଦ୍ର ଏବଂ ରାଜ୍ୟ ମହିଳା ଓ ଶିଶୁ ବିଭାଗ ନିକଟରେ ଅଭିଯୋଗ କରିବେ ବୋଲି ସେ କହିଛନ୍ତି।

## ମୃତ୍ତିକା ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଦୁଇଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)-**

ଇମେଜଠାରେ ଦୁଇଦିନ ଧରି ଖୋର୍ଦ୍ଧା ଜିଲା ନିମନ୍ତେ ମୃତ୍ତିକା ସ୍ୱାସ୍ଥ୍ୟ ଉପରେ ଏକ କର୍ମଚାରୀ ଅଧିକାରୀ ସ୍ତରୀୟ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଛି। ଏହି କର୍ମଶାଳା ରାଜ୍ୟ ସରକାରଙ୍କର ସହଯୋଗରେ ହାଇଦ୍ରାବାଦ୍‌ସ୍ଥିତ ଅର୍ଦ୍ଧଶୁଷ୍କ କ୍ରାନ୍ତୀୟ ଅଞ୍ଚଳ ନିମନ୍ତେ ଆନ୍ତର୍ଜାତୀୟ ଫସଲ ଗବେଷଣା ସଂସ୍ଥା (ଆଇସିଆରଆଇଏସ୍‌ଏଟି) ଦ୍ୱାରା ଆୟୋଜିତ ହେଉଛି। କର୍ମଶାଳାକୁ ପ୍ରଥମ ଦିନ କୃଷି ରାଜ୍ୟ ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଉଦ୍‌ଘାଟନ କରିଥିଲେ। ସେ ଅଧିକ ଫସଲ ଉତ୍ପାଦନକୁ ଅଗ୍ରାଧିକାର ଦେବା ସଙ୍ଗେ ମୃତ୍ତିକାର ସ୍ୱାସ୍ଥ୍ୟ ବଜାୟ ରଖିବା ନିମନ୍ତେ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ଡାଲି ଓ ତୈଳବୀଜ ଫସଲର ଉତ୍ପାଦିକତା ବୃଦ୍ଧି ଉପରେ ଧ୍ୟାନଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ଆଇସିଆରଆଇଏସ୍‌ଏଟି ଦ୍ୱାରା କାର୍ଯ୍ୟକାରୀ ହେଉଥିବା 'ଓଡ଼ିଶା ଭୂ ଚେତନା'ର ଆଭିମୁଖ୍ୟ ଓ କିପରି ଓଡ଼ିଶାର କୃଷକମାନଙ୍କ ନିମନ୍ତେ ଫଳପ୍ରଦ ହୋଇପାରିବ ସେ ଉପରେ ଆଲୋକପାତ କରିଥିଲେ।

ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଯୁଗ୍ମ କୃଷି ନିର୍ଦ୍ଦେଶକ ଗୁରୁପ୍ରସାଦ ତ୍ରିପାଠୀ, ଇମେଜ ନିର୍ଦ୍ଦେଶକ ବିଜୟ କୁମାର ପଟ୍ଟନାୟକ, ଖୋର୍ଦ୍ଧା ଜିଲା ମୁଖ୍ୟ କୃଷି ଅଧିକାରୀ ଭାସ୍କର ବାରିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୃତ୍ତିକା ରସାୟନବିତ୍ ସାରଦା ପ୍ରସନ୍ନ କର, ଫସଲ ସଂରକ୍ଷଣ ଅଧିକାରୀ ତୁଷାରକାନ୍ତି ତୁଙ୍ଗ, ପ୍ରଫେସର ଅଶୋକ କୁମାର ମହାପାତ୍ର ଓ ଆଇସିଆରଆଇଏସ୍‌ଏଟିର ବୈଜ୍ଞାନିକମାନେ ବିଭିନ୍ନ ବିଷୟରେ ଉପସ୍ଥାପନା କରିଥିଲେ। ପ୍ରଥମଦିନ ଖୋର୍ଦ୍ଧା ଜିଲାର କୃଷି ବିଭାଗର ସମସ୍ତ ଅଧିକାରୀ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନ ଜିଲାର ସମସ୍ତ କୃଷି କର୍ମଚାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କର୍ମଶାଳାକୁ ଆଇସିଆରଆଇଏସ୍‌ଏଟିର ଭୁବନେଶ୍ୱର ଉପଦେଷ୍ଟା ଡ. ପି. କେ. ମିଶ୍ର ପରିଚାଳନା କରିଥିଲେ।

■ ପୁଣି ସବୁଜ ସୁନ୍ଦର ହେବ ଭୁବନେଶ୍ୱର

# ଆଳଙ୍କାରିକ ବୃକ୍ଷ ଶୋଭା ବଢ଼ାଇବ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)-**



ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଲଗାଯିବାକୁ ଥିବା ଫୁଲଗଛ ।

ଭୁବନେଶ୍ୱରକୁ ପୁଣି ସବୁଜ ସୁନ୍ଦର କରାଯିବ। ରାସ୍ତାକଡ଼, ଫ୍ଲାଏ ଓଭର ତଳ ଓ ସହରର ବିଭିନ୍ନ ସ୍ଥାନରେ ସୌନ୍ଦର୍ଯ୍ୟଭରା ଓ ଆଳଙ୍କାରିକ ବୃକ୍ଷ, ଲତା ଜାତୀୟ ଗଛ ଓ ଫୁଲ ନ ଥିବା ଗଛକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସ୍ଥାନିତ କରିବ। ଯାହାକି ସହରର ସବୁଜିମା ଫେରାଇବା ସହ ଭୁବନେଶ୍ୱରକୁ ଏକ ନୂଆ ରୂପ ଦେବ। ଫ୍ଲାଇ ଓଭର୍ ତଳେ ଫୁଲ ନ ଥିବା ଗଛ ଓ ରାସ୍ତା ପାର୍ଶ୍ୱରେ ଲତା ଜାତୀୟ ଗୁଳ୍ମ ଓ ଉଦ୍ଭିଦ ସହରର ଶୋଭା ବଢାଇବ। ସାରା ଭୁବନେଶ୍ୱରର ଭୂଚିତ୍ରକୁ ଏହି ପ୍ରକାର ପ୍ରାକୃତିକ ସୌନ୍ଦର୍ଯ୍ୟଭରା କରାଯିବ ବୋଲି ଏକ ବିଜ୍ଞପ୍ତିରେ ବିଡିଏ ବୁଧବାର ପ୍ରକାଶ କରିଛି।

କେବଳ ଯେ ସୌନ୍ଦର୍ଯ୍ୟ ପାଇଁ ଏହା ସହାୟକ ହେବ ତାହା ନୁହେଁ, ବରଂ ମୃତ୍ତିକାକୁ ସଂରକ୍ଷଣ କରିବାକୁ ଏବଂ ଜଙ୍ଗଲୀ ଘାସ ଇତ୍ୟାଦିକୁ ବଢ଼ିବାକୁ ନ ଦେବାରେ ଲତା ରୋପଣ ସହାୟକ ହେବ। ପ୍ରକୃତି ଅନୁଯାୟୀ ଲତାଗୁଡିକ ଶୀଘ୍ର ବଢ଼ିଥାନ୍ତି ଏବଂ ବଢ଼ିବା ପାଇଁ କମ୍ ଭୂପୃଷ୍ଠର ଆବଶ୍ୟକତା ଥାଏ। ତେଣୁ ଫୁଲ ନ ଥିବା ଗଛରେ ଏହା ମାଡିଚାଲିଲେ ଖୁବ୍ ସୁନ୍ଦର ଦେଖାଯାଇଥାଏ ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ପ୍ରାଥମିକଭାବେ ଏହି ପ୍ରକଳ୍ପ ୧୧ଟି ପାର୍କରେ କରାଯିବ, ଯେଉଁଥିରେ କି ୫ଟି ସିଟି ପାର୍କ ଏବଂ ୬ଟି କଲୋନୀ ପାର୍କ ଅନ୍ତର୍ଭୁକ୍ତ ରହିଛି। ପରେ ଅନ୍ୟ ପାର୍କକୁ ଏଭଳି କରାଯିବ। ରାସ୍ତାକଡରେ ଥିବା ଗଛରେ ଲତା ବଢ଼ିବା ପାଇଁ ଏବଂ ବିଶେଷକରି ଶୀତଋତୁରେ ବଢୁଥିବା ଲତାକୁ ଏବେ ସ୍ଥାନିତ କରିବାକୁ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବେ। ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ଏହା ସହରର ସୌନ୍ଦର୍ଯ୍ୟକରଣ କ୍ଷମତାକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

ଉଭୟ ବିଡିଏ ଏବଂ ବିଏମ୍‌ସିର ହର୍ଟିକଲ୍ଚରିଷ୍ଟ ଓ ଲ୍ୟାଣ୍ଡ୍ ସ୍କେପ୍ ଏକ୍ସପର୍ଟ୍ ମାନେ ଅନୁଧ୍ୟାନରୁ ଜାଣିଛନ୍ତି ଯେ, କେବଳ ପାର୍କ ଏବଂ ରାସ୍ତାକଡର ଝଙ୍କାଳିଆ ଗଛ ଯାହା ଫୁଲଶୂନ୍ୟ ସେଗୁଡିକୁ ପ୍ରକୃତିର ରୂପ ଦେବା ପାଇଁ ଏବଂ ସହରର ପ୍ରକୃତିକୁ ଅଧିକ ସୁନ୍ଦର ଓ ସ୍ମାର୍ଟ୍ କରିବାପାଇଁ ଏ ପ୍ରକାରର ପଦକ୍ଷେପ ସହାୟକ ହେବ। ଦିଲ୍ଲୀ ସମେତ ଅନେକ ସ୍ଥାନରେ ଫ୍ଲାଇଓଭର ତଳେ ଥିବା ବଡବଡ ଖମ୍ବରେ, ଛକସ୍ଥାନ ଇତ୍ୟାଦିରେ ସବୁଜିମାର ଶୋଭା ଖୁବ୍ ମନୋହର। କିଛିଦିନ ତଳେ ପ୍ରଳଙ୍କରୀ ବାତ୍ୟା 'ଫନୀ' ହେତୁ ରାଜଧାନୀର ସବୁଜିମା କ୍ଷୟକ୍ଷତି ହୋଇଥିଲେ ମଧ୍ୟ ଲତାର ଶୋଭା ଖୁବ୍‌ଶୀଘ୍ର ପ୍ରାକୃତିକ ରୁଚି ଦେବ ବୋଲି ବରିଷ୍ଠ ନାଗରିକ ଏନ୍. କେ. ପଟ୍ଟନାୟକ କହିଛନ୍ତି। ଏହାର ସଫଳତାକୁ ନେଇ ଅନ୍ୟ ସହରରେ ମଧ୍ୟ ସମାନ କାର୍ଯ୍ୟ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।



ଆମେ ଯାହା ତା'ଠାରୁ ଅଧିକ ବୋଲି ଅନ୍ୟମାନଙ୍କୁ ଜଣାଇବା ପାଇଁ ଯଦି ବ୍ୟାକୁଳତା ପ୍ରକାଶ ନ କର, ଜୀବନରେ ଆମେ ବହୁ ସମ୍ମାନର ଅଧିକାରୀ ହେବା।
-ସକ୍ରେଟିସ୍

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ହେଲା ବନକଲାଗି

**ପୁରୀ ଅଫିସ, ୨୩।୧୦:** ଶ୍ରୀମନ୍ଦିରରେ ବୁଧବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ସନ୍ଧ୍ୟା ୬ଟା ୧୫ରୁ ରାତି ୯ଟା ୫୫ ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ପ୍ରାୟ ୩ଘଣ୍ଟା ୪୦ ମିନିଟ୍ ଧରି ହୋଇଥିବା ଏହି ବନକଲାଗି ନୀତି ପରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

### ବଦଳିଲେ ୧୮ କନଷ୍ଟେବଲ

**ପୁରୀ ଅଫିସ, ୨୩।୧୦:** ପୁରୀ ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ୧୮ଜଣ କନଷ୍ଟେବଲଙ୍କୁ ବଦଳି କରାଯାଇଛି। ପୁରୀ ଏସ୍‌ପି ଉମାଶଙ୍କର ଦାଶଙ୍କ ଅର୍ଡର ନଂ ୩୧୦୦/୧୯ ପ୍ରକାରେ ଏହି ବଦଳି ହୋଇଛି। ଦୁର୍ଯ୍ୟୋଧନ ଦାଶ କୃଷ୍ଣପ୍ରସାଦ ଥାନାରୁ ସମୁଦ୍ରକୂଳ ପର୍ଯ୍ୟଟନ ସେଲ, ଦେବେନ୍ଦ୍ର କୁମାର ଦାଶ ପିପିଲିରୁ ସାତପଡା ପର୍ଯ୍ୟଟନ ସେଲ, ପ୍ରଗତି କୁମାରୀ ଛାଟୋଇ କାକଟପୁରରୁ ଚନ୍ଦ୍ରଭାଗା ପର୍ଯ୍ୟଟନ ସେଲ, ପ୍ରକାଶ ଜେନା ଆରଓରୁ ସାତପଡା ଟୁରିଷ୍ଟ ସେଲ, କୃଷ୍ଣ କୁମାର ପ୍ରଧାନ ଚନ୍ଦ୍ରଭାଗା ଥାନାରୁ ଚନ୍ଦ୍ରଭାଗା ଟୁରିଷ୍ଟ ସେଲ, ବିଜୟ କୁମାର ପ୍ରଧାନ ଆରଓରୁ ସାତପଡା ଟୁରିଷ୍ଟସେଲ, ଦୁର୍ଗା ପ୍ରସାଦ ମହାନ୍ତି ଆରଓରୁ ଚନ୍ଦ୍ରଭାଗା ଟୁରିଷ୍ଟ ସେଲ, ପ୍ରଦୀପ କୁମାର ରାୟ ହାଟଡେଲାଙ୍ଗ(ଓପି)ରୁ ସାତପଡା ଟୁରିଷ୍ଟ ସେଲ, ଅନିତା ନାୟକ ଗୋପ ଥାନା, ବିଜୟଲକ୍ଷ୍ମୀ ସାହୁ ଅସ୍ତରଙ୍ଗ ଏମ୍‌ପିଏସ୍ ଓ ଗତିଶ୍ୱର ମାର୍ଥା ସମୁଦ୍ରକୂଳ ଟୁରିଷ୍ଟ ସେଲ ଜିଲା ମୁଖ୍ୟାଳୟ ଟୁରିଷ୍ଟ ସେଲକୁ ବଦଳି ହୋଇଛନ୍ତି। ସେହିପରି ଶଶିକାନ୍ତ ରାଉତ ଆରଓରୁ ଜିଲା ମୁଖ୍ୟାଳୟ ଟୁରିଷ୍ଟ ସେଲ, ସଞ୍ଜୟ ମହାନ୍ତି, ସଞ୍ଜୟ ପଟ୍ଟନାୟକ, ଆର.ଚିନ୍ନାରା, ଏସ୍.ଆର.ପୃଷ୍ଟି ପ୍ରମୁଖ ଜିଲା ଆରଓ ଏବଂ ଶଶିକାନ୍ତ ମିଶ୍ର ସମୁଦ୍ରକୂଳ ଥାନାରୁ ସମୁଦ୍ରକୂଳ ଟୁରିଷ୍ଟ ସେଲକୁ ବଦଳି ହୋଇଛନ୍ତି।

### ନିଖୋଜ ୨ ଛାତ୍ର ହାଓଡା ଷ୍ଟେଶନରୁ ଉଦ୍ଧାର

**କୋଣାର୍କ, ୨୩।୧୦(ଡି.ଏନ.ଏ):** କୋଣାର୍କ ଥାନା ଅଞ୍ଚଳର ନିଖୋଜ ହୋଇଥିବା ୨ ଛାତ୍ର ବୁଧବାର କଲିକତାର ହାଓଡା ଷ୍ଟେଶନରୁ ଉଦ୍ଧାର ହୋଇଛନ୍ତି। ସୂଚନା ମୁତାବକ, ଏହି ଥାନା ଅଧୀନ ଯନ୍ତନା ଗ୍ରାମର ବବୁଲ ମୁରୁଡି (୧୫) ଓ କୋଣାର୍କରେ ରହି ପାଠ ପଢୁଥିବା ଅସ୍ତରଙ୍ଗ ଥାନା ଅଧିନ ଇନାୟତପୁର ଅଞ୍ଚଳର ଛାତ୍ର ବିଷ୍ଣୁ ପ୍ରସାଦ ବିଶ୍ୱାଳ(୧୬) ଉଭୟ ଦଶମ ଶ୍ରେଣୀର ଛାତ୍ର। ମଙ୍ଗଳବାର ଅପରାହ୍ନ ୫ଟା ୩୦ରେ ଥାନା ନିକଟ ରେଞ୍ଜ ଅଫିସ ପାଖ କୋଚିଙ୍ଗ ସେଣ୍ଟରକୁ ଆସିଥିଲେ। ମାତ୍ର ଟ୍ୟୁଶନରୁ ଘରକୁ ରାତି ପ୍ରାୟ ୮ଟା ପର୍ଯ୍ୟନ୍ତ ନ ଫେରିବାରୁ ଦୁଇ ପରିବାର ତାଙ୍କୁ କେହି ଅପହରଣ କରି ନେଇଥିବା ଆଶଙ୍କା କରିଥିଲେ। ଏ ନେଇ ଦୁଇ ପରିବାର ପକ୍ଷରୁ ବୁଧବାର ସକାଳେ ଲିଖିତ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ନଂ.୧୧୫/୧୯ରେ ଏକ ଅପହରଣ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲେ। କିନ୍ତୁ ବୁଧବାର ହାଓଡା ଷ୍ଟେଶନରେ ଉକ୍ତ ୨ଛାତ୍ର ବୁଲୁଥିବାବେଳେ ଚାଇଲ୍ଡ ଲାଇନ ପକ୍ଷରୁ ଉଦ୍ଧାର କରି ପଚରାଉଚରା ପରେ କୋଣାର୍କ ଥାନାକୁ ଜଣାଇଥିବା ଏସ୍‌ଆଇ ଦିଲୀପ କୁମାର ବେହେରା କହିଛନ୍ତି।

### ଲଗାଣ ବର୍ଷାରେ ବ୍ରହ୍ମଗିରି ବେହାଲ

**ବ୍ରହ୍ମଗିରି, ୨୩।୧୦(ଡି.ଏନ୍.ଏ.):** ବୁଧବାର ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବ୍ରହ୍ମଗିରି ଅଞ୍ଚଳ ବେହାଲ ହୋଇପଡିଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଦିନତମାମ ବର୍ଷା ଲାଗିରହିଥିବାରୁ ଲୋକମାନେ ଘରୁ ବାହାରକୁ ବାହାରି ପାରିନାହାନ୍ତି। ଫଳରେ ବିଭିନ୍ନ ଅଫିସ ମହଲରେ ମଧ୍ୟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଅଲାରନାଥ ମନ୍ଦିର, ବ୍ରହ୍ମଗିରି ବଜାର, ବିଭିନ୍ନ ବିଦ୍ୟାଳୟ ପରିସର ଜଳମଗ୍ନ ହୋଇପଡିଛି।

## ସରିଲା ଏସ୍‌ଆଇଏ ସର୍ଭେ ଓ ବିଜ୍ଞପ୍ତି ଅବଧି

# ଅଧିକ ୧୦ ପ୍ରତିଶତ ସହାୟତା ପାଇଁ ଜିଲାପାଳଙ୍କ ପ୍ରସ୍ତାବ

**ପୁରୀ ଅଫିସ, ୨୩।୧୦**

ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଜମି ଅଧିଗ୍ରହଣ ଆରମ୍ଭ ହୋଇଛି। ସ୍ୱେଚ୍ଛାକୃତ ଭାବେ ଲୋକେ ସେମାନଙ୍କ ଜମି ହସ୍ତାନ୍ତର କରୁଛନ୍ତି। ଗତ ଦୁଇଦିନରେ ୧୧ ପରିବାର ସରକାରଙ୍କୁ ପ୍ରତ୍ୟକ୍ଷ ଜମି ବିକ୍ରି କରିଛନ୍ତି। କ୍ଷତିପୂରଣ ସହାୟତା ବାବଦରେ ପ୍ରାୟ ୧୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିସ୍ଥାପିତ ହେବାକୁ ଥିବା ଏହି ୧୧ ପରିବାରଙ୍କୁ ପ୍ରଦାନ କରାଯାଇଛି। ସବୁ ପରିବାରକୁ ସ୍ୱତନ୍ତ୍ର ପ୍ୟାକଜ ସହିତ ୧୦ ପ୍ରତିଶତ ଅଧିକ ଅର୍ଥ ଦିଆଯାଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷା ଜୋନରେ ବିଜ୍ଞପ୍ତି ପ୍ରକାଶ ପାଇବାର ମାସକ ମଧ୍ୟରେ ସରକାରଙ୍କୁ ଯେଉଁମାନେ ଜମି ବିକ୍ରି କରିବେ ସେମାନଙ୍କୁ ଶତକଡ଼ା ଅଧିକ ୧୦ ପ୍ରତିଶତ ସହାୟତା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ସେପ୍ଟେମ୍ବର ୨୪ରେ ଏହାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅକ୍ଟୋବର ୨୩ ଅର୍ଥାତ୍ ବୁଧବାର ଏହାର ଅବଧି ଶେଷ ହୋଇଛି। କିନ୍ତୁ ୧୦ ପ୍ରତିଶତ ଅଧିକ ସହାୟତା ରାଶି ନେବା ଲାଗି ପ୍ରଶାସନ ନିକଟରେ ଆବେଦନପତ୍ର ବଢିବାରେ ଲାଗିଛି। ତେଣୁ ସମ୍ପୃକ୍ତ ପରିବାରଗୁଡ଼ିକ ପ୍ରତ୍ୟକ୍ଷ ଜମି ହସ୍ତାନ୍ତର କରିବାକୁ ଆଗେଇ ଆସିଥିବାରୁ ସେମାନଙ୍କୁ ଅଧିକ ୧୦ ପ୍ରତିଶତ ସହାୟତା ଦେବା ଲାଗି ଜିଲାପାଳ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଇଛନ୍ତି। ରାଜ୍ୟ ସରକାର ନିଶ୍ଚିତ ଏଥିରେ ସହମତି ପ୍ରକାଶ କରିବେ ଏବଂ ସମ୍ପୃକ୍ତ ପରିବାରଗୁଡ଼ିକ ଏହାର ସୁଫଳ ପାଇବେ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଜମି ଅଧିଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ଚାଲିଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ (ଏସ୍‌ଆଇଏ) ସର୍ଭେ ମଧ୍ୟ ଶେଷ ହୋଇଛି। ଉପଜିଲାପାଳ ଭବତାରଣ ସାହୁ ଏବଂ ୫ ଶିକ୍ଷାନବୀସ ଆଇଏଏସ୍ ଅଧିକାରୀଙ୍କ ନେତୃତ୍ୱରେ ଗଠିତ ୫ ଟିମ୍ ଏହି ସର୍ଭେ କରୁଥିଲେ। ପ୍ରତ୍ୟେକ ଟିମ୍ ବିସ୍ଥାପିତ ହେବାକୁ ଥିବା ପରିବାରକୁ ଯାଇ ସବିଶେଷ ତଥ୍ୟ ସଂଗ୍ରହ କରିବା ସହ ସେମାନଙ୍କ ଘରର ଜମି ଏବଂ କୋଠାର ମାପଚୁପ କରିଛନ୍ତି। ସର୍ଭେ ସମୟରେ ୫ଟି ମୌଜାର ଲୋକମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ସେମାନେ ସର୍ଭେ ଟିମ୍‌କୁ ପୂର୍ଣ୍ଣ ସହଯୋଗ କରିଥିଲେ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।



ବୁଧବାର ପୁରୀରେ ଲଗାଣ ବର୍ଷା ଯୋଗୁ ବଡ଼ଦାଣ୍ଡ ଜଳମଗ୍ନ ହୋଇପଡିଛି।

## ସର୍ବୋଦୟନଗର ଲେଭଲ କ୍ରସିଂ

### ଖୋଲିଲାନି ଫାଟକ, ଲୋକେ ଅସନ୍ତୁଷ୍ଟ

**ପୁରୀ ଅଫିସ, ୨୩।୧୦**

ସର୍ବୋଦୟନଗରସ୍ଥିତ ଏନ୍‌ସିସି ବାଟାଲିୟନ ଅଫିସ ନିକଟରେ ଥିବା ଲେଭଲ କ୍ରସିଂରେ ବୁଧବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଟ୍ରେନ୍ ପାସ୍ କଲା ହେଲେ ଲେଭଲ କ୍ରସିଂର ଗୋଟିଏ ପାର୍ଶ୍ୱ ଫାଟକ ଖୋଲି ନ ଥିଲା। ଦୀର୍ଘ ସମୟ ଧରି ଅଟକି ରହିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୁରୀରେ ରେଳ ଫାଟକ ମନକୁ ପଡିଯିବା ଏପରି କି ନ ଖୋଲି କିଛି ନୂଆ କଥା ନୁହେଁ। ପୂର୍ବରୁ ସିଦ୍ଧମହାବୀର ଲେଭଲ କ୍ରସିଂରେ ମଧ୍ୟ ଏହିଭଳି ଘଟଣା ଦେଖିବାକୁ ମିଳିଥିଲା। ସକାଳେ ଏକ ଟ୍ରେନ୍ ପାସ୍ କରୁଥିବାରୁ ଫାଟକ ପକାଯାଇଥିଲା। ଟ୍ରେନ୍‌ଟି ଅତିକ୍ରମ କରିବା ପରେ ଦାୟିତ୍ୱରେ ଥିବା କର୍ମଚାରୀ ଫାଟକ ଉଠାଇଥିଲେ। ହେଲେ ଗୋଟିଏ ପାର୍ଶ୍ୱ ଫାଟକ ଏମିତି ଲକ୍ ହୋଇଯାଇଥିଲା ଯେ ଆଉ ଖୋଲି ନ ଥିଲା। ଫଳରେ ଅପରପାର୍ଶ୍ୱର ଲୋକେ ଆସି ଟ୍ରେନ୍ ଲାଇନରେ ଛିଡା ହୋଇଥିଲେ। ଫାଟକ ଦୁଇପାର୍ଶ୍ୱରେ ଗାଡ଼ିମୋଟର ଧରି ଶହ ଶହ ଲୋକେ ଅପେକ୍ଷା କରିଥିଲେ। ଏପରି କି କେତେକ ଅଭିଭାବକ ପିଲାଙ୍କୁ ସ୍କୁଲ ନେବାକୁ ତ ଆଉ କେହି ଅଫିସ ଯିବାକୁ ଅପେକ୍ଷା କରିଥିଲେ। କର୍ମଚାରୀମାନେ ବହୁ କଷ୍ଟରେ ଲକ୍ ଖୋଲିଥିଲେ।

## ■ଶିଶୁ ହେଲ୍ପ ଡେସ୍କରେ ତାଲା ଝୁଲିବା ଘଟଣା

# ଖୋର୍ଦ୍ଧାରୋଡ ଡିଆରଏମ୍‌ଙ୍କୁ ତଦନ୍ତ ନିର୍ଦ୍ଦେଶ

**ପୁରୀ ଅଫିସ, ୨୩।୧୦**

ପୁରୀ ରେଲୱେ ଷ୍ଟେଶନରେ କାର୍ଯ୍ୟରତ ଶିଶୁ ହେଲ୍ପ ଡେସ୍କରେ ତାଲା ଝୁଲିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରଚାରିତ ହୋଇଥିଲା। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ରେଲୱେ ବୋର୍ଡ ନିକଟରେ ଟୁଇଟ ଯୋଗେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ଲାଗି ରେଲୱେ ବୋର୍ଡ ପୂର୍ବତଟ ରେଲୱେକୁ ନିର୍ଦ୍ଦେଶ ଦେଇଥିଲା। ବୁଧବାର ରେଲୱେ ଆଇଜି କେ.ରାଜାରାମ ଘଟଣା ତଦନ୍ତ ରିପୋର୍ଟ ଦାଖଲ ଲାଗି ଖୋର୍ଦ୍ଧାରୋଡ ଡିଆରଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖୋର୍ଦ୍ଧାରୋଡ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

ଆରପିଏଫ ଥାନା ଅଧିକାରୀ ଅନିଲ କୁମାର ସିଂ ତଦନ୍ତ ରିପୋର୍ଟ ପ୍ରଦାନ ଲାଗି ନିର୍ଦ୍ଦେଶ ଆସିଥିବା କହିଛନ୍ତି। ସିଂ କୁହନ୍ତି, ଟୁଇଟରେ ହୋଇଥିବା ଅଭିଯୋଗ ଅନୁସାରେ ଅକ୍ଟୋବର ୧୨ତାରିଖରେ ମାନବାଧିକାର କର୍ମୀ ଜୟନ୍ତ ଦାଶ ଶିଶୁ ସହାୟତା କେନ୍ଦ୍ର ତାଲା ଝୁଲୁଥିବା ନେଇ ରେଲୱେ ବୋର୍ଡରେ ଅଭିଯୋଗ କରିଥିଲେ। ସେହି ସମୟରେ ଶିଶୁ ସହାୟତା କେନ୍ଦ୍ରର କର୍ମୀମାନେ ଷ୍ଟେଶନ ପରିସରରୁ ଉଦ୍ଧାର ୩ଜଣ ନାବାଳକଙ୍କୁ ଧରି ଥାନାକୁ ଆସିଥିବା ନେଇ କେନ୍ଦ୍ର ଦାୟିତ୍ୱରେ ଥିବାକର୍ତ୍ତୃପକ୍ଷ ଗଣମାଧ୍ୟମକୁ ରିପୋର୍ଟ ପ୍ରଦାନ କରିଥିଲେ। ଏନେଇ ମାନବାଧିକାର କର୍ମୀ ଦାଶ ପ୍ରଶ୍ନ ଉଠାଇଛନ୍ତି। ଷ୍ଟେଶନ ପରିସରରେ ଲାଗିଥିବା ସିସିଟିଭି ଫୁଟେଜ୍‌ରେ ସେହି ସମୟରେ କୌଣସି ନାବାଳକଙ୍କୁ ଷ୍ଟେଶନ ପରିସରରେ ଉଦ୍ଧାର କରାଯିବ ନେଇ ଫୁଟେଜ ନାହିଁ। ସେଭଳି କୌଣସି ନାବାଳକଙ୍କୁ ଶିଶୁ ସହାୟତା କେନ୍ଦ୍ରର କର୍ମୀ ଥାନାକୁ ଆଣିନାହାନ୍ତି। ସେ କେଉଁ ଆଧାରରେ ଏଭଳି ମିଥ୍ୟା ରିପୋର୍ଟ ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି, ସେ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ଏହି ଘଟଣା କ୍ରମର ସବିଶେଷ ରିପୋର୍ଟ ଡିଆରଏମ୍ ଏବଂ ଆରପିଏଫ ଆଇଜିଙ୍କୁ ପ୍ରଦାନ କରାଯିବ। ଶିଶୁ ହେଲ୍ପ ଡେସ୍କ ରାତିରେ ବନ୍ଦ ରହୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଘଟଣା ଦିନ ଜୟନ୍ତ ପ୍ଲାଟ୍‌ଫର୍ମରେ ବୁଲିବା ସମୟରେ ପ୍ରବେଶ ପଥ ସମ୍ମୁଖ ଭାଗରେ ରହିଥିବା ଶିଶୁ ହେଲ୍ପ ଡେସ୍କରେ କେହି କର୍ମୀ ନ ଥିବା ଏବଂ ସେଥିରେ ତାଲା ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ରେଲୱେ ବୋର୍ଡକୁ ଟୁଇଟ୍ କରି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କେନ୍ଦ୍ର ଏବଂ ରାଜ୍ୟ ମହିଳା ଓ ଶିଶୁ ବିଭାଗ ନିକଟରେ ଅଭିଯୋଗ କରିବେ ବୋଲି ସେ କହିଛନ୍ତି।

## ବ୍ଲକସ୍ତରୀୟ ପରାମର୍ଶଦାତା ଶିବିର

**ନିମାପଡ଼ା, ୨୩।୧୦(ଡି.ଏନ୍.ଏ.)**

ଓଡ଼ିଶା ଜୀବିକା ମିଶନ, ନିମାପଡ଼ା ପଞ୍ଚାୟତ ସମିତି ଓ ଓରମାସ ପକ୍ଷରୁ ସ୍ଥାନୀୟ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ ସହଯୋଗରେ ଏକ ବ୍ଲକସ୍ତରୀୟ ପରାମର୍ଶଦାତା ଶିବିର ବୁଧବାର ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଓରମାସର ଡେପୁଟି ସିଇଓ ପ୍ରାଶନ୍ତ ଦାସ, ଜିଲା ସଂଯୋଜକ ବିକାଶ ରଞ୍ଜନ ରାଉତ, ବିଡିଓ ଶ୍ରୀଧର ବିଶ୍ୱାଳ, ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ମଧୁଛନ୍ଦା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ଦୀନଦୟାଲ ଗ୍ରାମୀଣ କୌଶଳ ଯୋଜନାରେ ଯୁବତୀ ଯୁବକମାନଙ୍କୁ ବିଭିନ୍ନ ଟ୍ରେଡରେ ତାଲିମ ପ୍ରଦାନ କରାଯାଇ ଦକ୍ଷତାଭିତ୍ତିକ ନିଶ୍ଚିତ କର୍ମ ନିଯୁକ୍ତି ପ୍ରଦାନ କରାଯିବା ଏହି ଶିବିରର ମୂଳ ଉଦ୍ଦେଶ୍ୟ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

# କୋଣାର୍କରେ ଯୋଗାଣ ବିଭାଗର ଚଢ଼ାଉ

**କୋଣାର୍କ, ୨୩।୧୦(ଡି.ଏନ.ଏ)**

କୋଣାର୍କସ୍ଥିତ ମାଧିପୁର ଛକ ନିକଟରେ ଥିବା ଏକ ଗ୍ୟାସ୍ ଏଜେନ୍ସି ବିଭିନ୍ନ ସମୟରେ ଗ୍ୟାସ କଳାବଜାର କରୁଥିବା ଅଭିଯୋଗରେ ବୁଧବାର ସହକାରୀ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ମହାପାତ୍ର ଟିମ ସହ ଆସି ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଅଧିକାରୀଙ୍କ ନେତୃତ୍ୱରେ ଗୋପ ଯୋଗାଣ ନିରୀକ୍ଷକ ସସ୍ମିତା ସାହୁ, ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ଅକ୍ଷୟ କୁମାର ସେଠୀ, ନିମାପଡ଼ା ଯୋଗାଣ ନିରୀକ୍ଷକ ସୁଧାକର ଜେନା, କାକଟପୁର ଯୋଗାଣ ନିରୀକ୍ଷକ ସୁଧାକର ମଲ୍ଲିକ୍ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବାବେଳେ ଅନ୍ୟ କିଛି କାଗଜପତ୍ର ନ ଦେଇପାରିବାରୁ ଗୁରୁବାର ସୁଦ୍ଧା ଦାଖଲ କରିବାକୁ ଅଧିକାରୀଙ୍କୁ କହିଥିଲେ। ସୂଚନା ଅନୁଯାୟୀ, ଉକ୍ତ ଗ୍ୟାସ ଏଜେନ୍ସି ଗ୍ରାହକଙ୍କଠାରୁ ହୋମ୍ ଡେଲିଭରି ବାବଦକୁ ଅଧିକ ଅର୍ଥ ନେଉଥିବା ଅଭିଯୋଗ ହେଉଥିଲା। ଗ୍ରାହକ ଏଜେନ୍ସି ନିକଟକୁ ଗ୍ୟାସ୍ ପାଇଁ ଗଲେ ରସିଦ୍ ମୂଲ୍ୟଠାରୁ ୧୮ଟଙ୍କା ଛାଡ଼ ପାଇବାର ଉଲ୍ଲେଖ ଥିବାବେଳେ ଏହାକୁ ଏଜେନ୍ସି ଫେରାଉ ନ ଥିବା କେତେକ ଗ୍ରାହକ ଅଭିଯୋଗ କରିଥିଲେ। ହୋମ୍ ଡେଲିଭରି କରୁଥିବା ବ୍ୟକ୍ତିମାନେମ ମଧ୍ୟ ରସିଦ୍ ମୂଲ୍ୟଠାରୁ ୨୦ରୁ ୩୦ ଟଙ୍କା ଅଧିକ ନେଉଥିଲେ। ଏହାସହ କେତେକ ପରିବାରର ଏକାଧିକ ବ୍ୟକ୍ତିଙ୍କୁ ଗ୍ୟାସ ସଂଯୋଗ ଦେଇଥିବା ମଧ୍ୟ ଯୋଗାଣ ବିଭାଗ ନିକଟରେ ଅଭିଯୋଗ ହୋଇଛି। ସେହିଭଳି ସମ୍ପୃକ୍ତ ଗ୍ୟାସ ଏଜେନ୍ସିର ପିପିଲି-କୋଣାର୍କ ରାସ୍ତାର ଦଶବାଟିଆ ଛକରେ ଥିବା ଗୋଦାମ ଗୃହରେ ମଧ୍ୟ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ ହୋଇଥିଲା। ଏ ସମ୍ପର୍କରେ ଗୋପ ଯୋଗାଣ ଅଧିକାରୀ ସସ୍ମିତା ସାହୁ କୁହନ୍ତି, ଆମେ ଗ୍ୟାସ ଏଜେନ୍ସି ଉପରେ ଚଢାଉ କରି କେତକ କାଗଜପତ୍ର ଜବତ କରିଛୁ ଅନ୍ୟ କାଗଜ ସବୁ ଗୁରୁବାର ଦେବେ ବୋଲି ଏଜେନ୍ସି ମାଲିକ ସମୟ ମାଗିଛନ୍ତି ଏବଂ ଗୁରୁବାର ସମ୍ପୂର୍ଣ୍ଣ କାଗଜପତ୍ରର ଯାଞ୍ଚ ହେବ।

## ଗୋପବନ୍ଧୁ ଆୟୁର୍ବେଦ କଲେଜରେ ସ୍ୱର୍ଣ୍ଣପ୍ରାଶନ

**ପୁରୀ ଅଫିସ, ୨୩।୧୦**

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷରେ ୧୬ବର୍ଷରୁ କମ୍ ଶିଶୁଙ୍କୁ ନେଇ ସ୍ୱର୍ଣ୍ଣ ପ୍ରାଶନ ଓ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସୁଦର୍ଶନ ବେହେରା ଉପସ୍ଥିତ ଥିଲେ। ୧ହଜାରରୁ ଊର୍ଦ୍ଧ୍ୱ ଶିଶୁ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଡା. ସଙ୍ଗୀତା ପୃଷ୍ଟି, ଡା. ପଙ୍କଜିନୀ ପଣ୍ଡା, ଡା. ପ୍ରିୟଙ୍କା ପ୍ରିୟଦର୍ଶିନୀ ମେହେର, ଡା. ପ୍ରିୟଙ୍କା ଗିରି, ଡା. ନିରୋଜ କୁମାର ମିର୍ଦ୍ଧା, ଡା. ହେମନ୍ତ କୁମାର ପଟେଲ, ଡା. ଦୀପ୍ତିରେଖା ଦାଶ, ଡା. କମଳ କଲ୍ୟାଣ ବଘାର, ଡା. ଶିବାନୀ ପ୍ରଧାନ, ଡା. ଶତାବ୍ଦୀ ପତି, ଡା. ସ୍ୱାଗତିକା ପ୍ରଧାନ, ଡା. କିରଣବାଳା ନାୟକ, ରାଜେଶ୍ୱରୀ ମାଝି ଏବଂ ଡା. ସୁସ୍ମିତା ବିଶ୍ୱାସ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବ୍ରହ୍ମଗିରି, ୨୩।୧୦(ଡି.ଏନ୍.ଏ.)**

ବ୍ରହ୍ମଗିରି ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମଗିରି ବ୍ଲକର ୧୭୧୮ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ଅସ୍ଥିଶଲ୍ୟ, ମାନସିକ, ଚକ୍ଷୁ, ନାଶା, କର୍ଣ୍ଣ ଆଦି ବିଭାଗର ବିଶେଷଜ୍ଞଙ୍କ ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ୟୋତିପ୍ରକାଶ ସେଠୀ ଓ ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲଚନ୍ଦ୍ର ବଳିଆରସିଂହ ଶିବିରକୁ ପରିଚାଳନା କରିଥିଲେ।



ନିମାପଡ଼ା ତହସିଲ ଅଫିସ ଆଗରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଧାରଣା ଦିଆଯାଇଛି।

## ୧୭ ଦଫା ଦାବିରେ ବିକ୍ଷୋଭ

**ନିମାପଡ଼ା, ୨୩।୧୦(ଡି.ଏନ୍.ଏ.)**

ଅଖିଳ ଭାରତ କୃଷକ ସଭା, ନିମାପଡ଼ା ଆଞ୍ଚଳିକ କମିଟି ପକ୍ଷରୁ ୧୭ଦଫା ଦାବିରେ ସ୍ଥାନୀୟ ତହସିଲ ଅଫିସ ଆଗରେ ଶତାଧିକ କୃଷକ ବିକ୍ଷୋଭ କରିବା ସହ ଗଣଧାରଣା ଦେଇଥିଲେ। ଏଥିରେ କୃଷକ ନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ଦେବେନ୍ଦ୍ରନାଥ ସାହୁ, ପ୍ରଦୀପ୍ତ ମହାନ୍ତି, ସନ୍ତୋଷ ବେହେରା, ପ୍ରଫୁଲ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ଚାଷୀ ମାରଣ ନୀତିକୁ ସମାଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୧୭ଦଫା ସମ୍ବଳିତ ଦାବିପତ୍ର ତହସିଲଦାର କମଳଜିତ ଦାସଙ୍କୁ ପ୍ରଦାନ କରାଯାଇଥିଲା। ବାତ୍ୟା କ୍ଷତିଗ୍ରସ୍ତ ଧାନ ଚାଷୀଙ୍କୁ ଏକର ପ୍ରତି ୫୦ହଜାର ଟଙ୍କା କ୍ଷତିପୂରଣ, କୃଷି ଋଣ ଛାଡ଼ କରାଯିବା, ଧାନ କୁଇଣ୍ଟାଲ ପିଛା ୩ହଜାର ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯିବା, କୁଶଭଦ୍ରା ନଦୀ ଖନନ କରାଯିବା, ସମସ୍ତ ଫସଲ ବୀମା ସାର୍ବଜନୀନ କରି ବୀମା ରାଶି ସରକାର ବହନ କରି ଭାଗଚାଷୀଙ୍କ ପାଇଁ ଆଇନ ପ୍ରଣୟନ କରାଯିବା ଆଦି ଦାବି ହୋଇଛି।

## ପଦ୍ମନାଭ ଥିଲେ ଛାତ୍ର ବତ୍ସଳ ଶିକ୍ଷକ

**ପୁରୀ ଅଫିସ, ୨୩।୧୦**

ବିଶ୍ୱମ୍ଭର ବିଦ୍ୟାପୀଠର ୭୨ ବ୍ୟାଚ ସଂଘ ଆନୁକୂଲ୍ୟରେ ଶିକ୍ଷାବିତ୍ ସ୍ୱର୍ଗତ ପଦ୍ମନାଭ ଦାଶଙ୍କ ୯୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିନତୀ ରଥଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଡିଜିପି ଗୋପାଳ ଚନ୍ଦ୍ର ନନ୍ଦ ଯୋଗ ଦେଇଥିଲେ। ଅତିଥିଭାବେ ପୂର୍ବତନ ରାଷ୍ଟ୍ରଦୂତ ମଳୟ ମିଶ୍ର, ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରଧାନଶିକ୍ଷକ ସୁଶିଲ କୁମାର ବ୍ରହ୍ମା, ସୁଧାଂଶୁ ଶେଖର ତ୍ରିପାଠୀ, ନାଲକୋ ଅଧିକାରୀ ଶ୍ରୀଧର ପାତ୍ର, ବିଷ୍ଣୁ ପ୍ରସାଦ ମିଶ୍ର ଯୋଗଦେଇ ପଦ୍ମନାଭ ଜଣେ ଆଦର୍ଶ, ଛାତ୍ର ବତ୍ସଳ ଶିକ୍ଷକ ଥିଲେ ବୋଲି କହିଥିଲେ। ଆଇପିଏସ୍ ସତ୍ୟଜିତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ ଏବଂ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାଳୀପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

## ■ପୁରୀ ସହରରେ ବୁଲାକୁକୁରଙ୍କ ଦୌରାତ୍ମ୍ୟ

# ୩୫୦ କୁକୁରଙ୍କର ହେଲା ବନ୍ଧ୍ୟାକରଣ

**ପୁରୀ ଅଫିସ, ୨୩।୧୦**

ପୁରୀ ସହରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ୨୦୧୨ ପଶୁ ଗଣନା ଅନୁଯାୟୀ, ବର୍ତ୍ତମାନ ପୁରୀ ସହର ଓ ଉପକଣ୍ଠରେ ପ୍ରାୟ ୭,୦୦୦ରୁ ଊର୍ଦ୍ଧ୍ୱ ବୁଲାକୁକୁର ରହିଛନ୍ତି। ଏମାନଙ୍କ ଯୋଗୁ ଦୁର୍ଘଟଣା କୁକୁର କାମୁଡା ସଂଖ୍ୟା ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୧୦ ଦିନରେ ୩୫୦ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଯାଇଛି।

ପିପିଲିସ୍ଥିତ ଘାସ ଫାର୍ମ ପରିସରରେ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ କରାଯାଇଛି। କୋଲକାତାର ସ୍ୱେଚ୍ଛାସେବୀ ସଙ୍ଗଠନ ଏ-୧ ଆନିମଲ୍‌ସ କମ୍ ଫାଷ୍ଟ ସହାୟତାରେ ଗତ ୧୦ରୁ ୨୦ ତାରିଖ ମଧ୍ୟରେ ୨୫୦ କୁକୁରଙ୍କ ବନ୍ଧ୍ୟାକରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ୩୫୦ କୁକୁରଙ୍କ ବନ୍ଧ୍ୟାକରଣ କରାଯାଇଥିବା ସତ୍ୟବାଦୀ ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଶ୍ୱରଞ୍ଜନ ବେହେରା କହିଛନ୍ତି। ଜିଲାପାଳ ବଲୱନ୍ତ ସିଂ ଏବଂ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶଙ୍କ ପରାମର୍ଶ କ୍ରମେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସମୁଦ୍ର ବେଳାଭୂମି, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ ପ୍ରଭୃତି ଅଞ୍ଚଳରୁ କୁକୁରଙ୍କୁ ନିଆଯାଇ ସେମାନଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଥିଲା। ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରତାପ କିଶୋର ଖମାରୀ କହିଛନ୍ତି, ନିୟମିତ ଭାବେ କୁକୁରଙ୍କ ବନ୍ଧ୍ୟାକରଣ ଲାଗି ପୁରୀ ପ୍ରାଣୀ ଚିକିତ୍ସାଳୟ ପରିସରରେ ୨୦ଟି କୁକୁରଙ୍କ ରହିବା ପାଇଁ ଘର ତଥା ଅତ୍ୟାଧୁନିକ ଅସ୍ତ୍ରୋପଚାର ଗୃହ ନିର୍ମାଣ କରାଯିବ। ଏଥିପାଇଁ ପ୍ରକ୍ରିୟା ସରିଛି। ସୂଚନାଥାଉ କି, କିଛିବର୍ଷ ପୂର୍ବେ ପୁରୀ ସହର ଜଗନ୍ନାଥ କଲୋନୀରେ ବାରଣ୍ଡାରେ ଖେଳୁଥିବା ୪ ବର୍ଷ ଶିଶୁ କାହ୍ନାଙ୍କୁ ବୁଲାକୁକୁର ଦଳ ଘେରି ଝୁଣିବା ଘଟଣା ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି ଘଟଣା ପରେ ବୁଲାକୁକୁରଙ୍କୁ ନେଇ ପୁରୀ ବାସିନ୍ଦାଙ୍କ ଚିନ୍ତା ବଢିଥିଲେ ମଧ୍ୟ ଏମାନଙ୍କ ବନ୍ଧ୍ୟାକରଣ ପାଇଁ କୌଣସି ଯୋଜନା କାର୍ଯ୍ୟକାରୀ କରାଯାଉ ନ ଥିଲା।



ବୁଲା କୁକୁରର ବନ୍ଧ୍ୟାକରଣ କରାଯାଉଛି।

## ■ ରାମଚନ୍ଦ୍ରପୁର ସମବାୟ ସମିତି ସାର ଅର୍ଥ ଆତ୍ମସାତ୍ ଘଟଣା

# ହାଇକୋର୍ଟଙ୍କ ଆଦେଶକୁ ଅଣଦେଖା ଅଭିଯୋଗ

**ପୁରୀ ଅଫିସ, ୨୩।୧୦**

■ଅନ୍ଧାରରେ ୧୧ହଜାର ଚାଷୀଙ୍କ ଭାଗ୍ୟ

■ରାଜରାସ୍ତାକୁ ଓହ୍ଲାଇବାକୁ ଧମକ

ପୁରୀ ସମବାୟ ଅଧିକାରୀଙ୍କ ଅସହଯୋଗ ମନୋଭାବ ଯୋଗୁ ଜିଲାର ବ୍ରହ୍ମଗିରି ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ ସମବାୟ ସମିତିର ପ୍ରାୟ ୧୧ହଜାର ଚାଷୀଙ୍କ ଭାଗ୍ୟ ଅନ୍ଧାରକୁ ଠେଲି ହୋଇଯାଇଛି। ଅଧିକାରୀ ଜଣଙ୍କ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରୁଥିବା ନେଇ ବୁଧବାର ସମିତିର ବରିଷ୍ଠ ସଭ୍ୟ ଦୁର୍ଗା ପ୍ରସାଦ ତ୍ରିପାଠୀ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି। ଅଧିକାରୀଙ୍କ ବିରୋଧରେ ସମିତି ହାଇକୋର୍ଟ ଅବମାନନା କେସ୍ ରୁଜୁ କରାଯିବ ବୋଲି ଦୁର୍ଗା ଏଥିରେ ଉଲ୍ଲେଖ କରିଛନ୍ତି। ଡିଆରସିଏସ୍‌ଙ୍କୁ ଏଠାରୁ ବଦଳି ଲାଗି ଚକ୍ରଧର ପ୍ରଧାନ, ବାବୁଲି ପ୍ରଧାନ, ଜ୍ୟୋର୍ତିମୟୀ ପଣ୍ଡା, ରବି ନାରାୟଣ ମଲ୍ଲିକ, ପର୍ଶୁରାମ ଭଞ୍ଜ, ପର୍ଶୁରାମ ପ୍ରଧାନ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଡିଆରସିଏସ୍‌ଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଉପରୋକ୍ତ ସଦସ୍ୟମାନେ କହିଛନ୍ତି। ଏହି ଅଭିଯୋଗକୁ ଡିଆରସିଏସ୍ ପ୍ରଶାନ୍ତ କୁମାର ଦାସ ଖଣ୍ଡନ କରିବା ସହ ଘଟଣାର ତଦନ୍ତ ଜାରି ରହିଛି ବୋଲି କହିଛନ୍ତି। ଏହି ସମିତିର ସଭାପତି ସାର ବାବଦକୁ ୧ଲକ୍ଷ ୪ହଜାର ୯୧ ଟଙ୍କା ଆତ୍ମସାତ କରି ସମିତିର ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର ଏହା କରିଛନ୍ତି କହି ତାଙ୍କୁ ବେଆଇନ ଭାବେ ନିଲମ୍ବିତ କରିଥିଲେ। ଏନେଇ ସମ୍ପାଦକ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସମବାୟ ଅଧିକାରୀ ଏହି ଘଟଣାର ତଦନ୍ତ କରି ସମିତି ସଭାପତି ଅର୍ଥ ତୋଷାରପାତ କରିଥିବା ନେଇ ରିପୋର୍ଟ ପ୍ରଦାନ କରିଥିଲେ। ପରେ ହାଇକୋର୍ଟ ଏକ ଅନ୍ତରିଣ ନିର୍ଦ୍ଦେଶ ଦେଇ ବିଷ୍ଣୁଙ୍କୁ ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଥିଲେ। ତେବେ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସମବାୟ କର୍ତ୍ତୃପକ୍ଷ ଅଣଦେଖା କରିଛନ୍ତି। ଡିଆରସିଏସ୍ ଦାସଙ୍କ ନିକଟରେ ଏନେଇ ବାରମ୍ବାର ଲିଖିତ ଦାବି ସତ୍ତ୍ୱେ ସେ କୌଣସି ପଦକ୍ଷେପ ନେଉନାହାନ୍ତି। ସମିତି ସଭାପତିଙ୍କ ରାଜନୈତିକ ଚାପ ଆଗରେ ସମବାୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ବରିଷ୍ଠ ସଭ୍ୟ ଏହି ବିବୃତ୍ତିରେ ଅଭିଯୋଗ କରିଥିଲେ। ସେ ଚକ୍ରାନ୍ତ କରି ଏକ ନୂତନ ସମ୍ପାଦକଙ୍କୁ ନିଯୁକ୍ତ ଲାଗି ଯୋଜନା କରୁଛନ୍ତି ବୋଲି ଦୁର୍ଗା କହିଥିଲେ। ସମିତିର ସଭାପତି ଓ ସମ୍ପାଦକ ଅଭାବରୁ ଏହା ଅଚଳ ହୋଇପଡିଛି। ଫଳରେ ଚାଷୀମାନେ ଅସୁବିଧା ଭୋଗୁଛନ୍ତି। ଏଥିଲାଗି ଡିଆରସିଏସ୍ ଦାସ ଉତ୍ତରଦାୟୀ ବୋଲି ସେ ଅଭିଯୋଗ କରିଥିଲେ।